

ହରମନ୍‌ପ୍ରୀତଙ୍କ ସପ୍ତମ ଶତକ

▶ପୃଷ୍ଠା ୧୨ ଦେଖନ୍ତୁ...


- RNI REGD NO: 42041/83
- www.sakalaepaper.com
- /sakalanews
- /sakalanews
- www.thesakala.in

# ସକାଳ THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

◆VOLUME- 43 ◆ISSUE-29 ◆WEDNESDAY ◆23 JULY 2025 ◆PAGE-12 ◆₹ 6.00 | BHUBANESWAR | ◆ବର୍ଷ-୪୩ ◆ସଂଖ୍ୟା-୨୯ ◆ବୁଧବାର ◆୨୩ ଜୁଲାଇ ୨୦୨୫ ◆ପୃଷ୍ଠା-୧୨ ◆ଟ.୬.୦୦


## ସୁରଟ ବିମାନବନ୍ଦରରୁ ୨୮ କେଜି ସୁନା ଜବତ

### ଶରୀରରେ ଲଗାଇ ନେଉଥିଲେ ସୁନା ପେଷ୍ଟ

■ ସୁରଟ, ୨୨।୭ (ଏଜେନ୍ସି): ଗୁଜରାଟର ସୁରଟ ଅନ୍ତର୍ଜାତୀୟ ବିମାନବନ୍ଦରରେ ବଡ଼ଧରଣର ସୁନା ଚାଲାଣ ଧରାପଡ଼ିଛି । ଦୁଇ ଯାତ୍ରୀଙ୍କଠାରୁ ୨୮ କେଜି ସୁନା ଜବତ କରାଯାଇଛି । ଦୁହେଁ ପୋଷାକ ଏବଂ ଶରୀର ବେଲ୍ଟ ଭିତରେ ସୁନା ପେଷ୍ଟ ଲୁଚାଇ ଚାଲାଣ କରୁଥିଲେ । ଉଭୟେ ରବିବାର ରାତିରେ ଦୁବାଇରୁ ଆସିଥିବା ଏୟାର ଇଣ୍ଡିଆ ବିମାନ (ଆଇଏକ୍ସ-୧୭୪)ରେ ସୁରଟ ଫେରିଥିଲେ । ସନ୍ଦେହଜନକ କାର୍ଯ୍ୟକଳାପ, କଥାବାର୍ତ୍ତାର ଶୈଳୀ ଏବଂ ସୁରକ୍ଷା ଯାଞ୍ଚରୁ ବର୍ତ୍ତିବା ପ୍ରୟାସ କରି ଉଭୟେ ଧରା ପଡ଼ିଥିଲେ । ସୂଚନା ଅନୁଯାୟୀ ରାତି ପ୍ରାୟ ୧୦ଟାରେ ବିମାନ ସୁରଟ ବିମାନବନ୍ଦରରେ ଅବତରଣ କରିଥିଲା । ସିଆଇଏସଏଫ୍‌ର ଯବାନମାନେ ବିମାନବନ୍ଦରରେ ଯାଞ୍ଚ କରୁଥିଲେ । ସନ୍ଦେହଜନକ କାର୍ଯ୍ୟକଳାପ ଦେଖି ଏହି ଦୁଇ ଯାତ୍ରୀଙ୍କୁ ଯବାନ ଅଟକାଇ ଦେଇଥିଲେ । ପରେ ସୀମା ଶୁଳ୍କ ଅଧିକାରୀ ପହଞ୍ଚି ଯାଞ୍ଚ କରିଥିଲେ । ଏହି ସମୟରେ ସେମାନଙ୍କ ଠାରୁ ୨୮ କେଜି ସୁନା ଜବତ କରାଯାଇଥିଲା । ଅଭିଯୁକ୍ତଙ୍କଠାରୁ ଜବତ ସୁନାର ପରୀକ୍ଷଣ କରାଯାଇଥିଲା । ଏଥିରୁ ୨୩ କେଜି ବିଶୁଦ୍ଧ ସୁନା ବୋଲି ଜଣାପଡ଼ିଥିଲା । ସୀମା ଶୁଳ୍କ ବିଭାଗ ଉଭୟ ଯାତ୍ରୀଙ୍କୁ ଗିରଫ କରି ତଦନ୍ତ କରୁଛି । ଏହି ଚୋରା ଚାଲାଣ ପଛରେ କେଉଁ ନେଟୱର୍କ କାମ କରୁଛି ତାହା ଜାଣିବାକୁ ପ୍ରୟାସ କରାଯାଉଛି ।

## ନିଜେ ରୋଜଗାର କରି ଖାଅ: ସୁପ୍ରିମକୋର୍ଟ

### ଭରଣପୋଷଣ ପାଇଁ ୧୨ କୋଟି ଟଙ୍କା, ବିଏମ୍‌ଡବ୍ଲ୍ୟୁ କାର୍ ମାଗିଥିଲେ ମହିଳା

■ ନୂଆଦିଲ୍ଲୀ, ୨୨।୭ (ଏଜେନ୍ସି): ଏକ ଛାଡ଼ପତ୍ର ମାମଲାର ଶୁଣାଣି କରି ସୁପ୍ରିମକୋର୍ଟ କହିଛନ୍ତି, ମହିଳା ଉଚ୍ଚ ଶିକ୍ଷିତା ହୋଇଥିଲେ ଭରଣପୋଷଣ ମାଗିବା ପରିବର୍ତ୍ତେ ନିଜେ ରୋଜଗାର କରି ଖାଇବା ଉଚିତ । ଭରଣପୋଷଣ ବାବଦକୁ ସ୍ୱାମୀଙ୍କୁ ମୁମ୍ବାଇରେ ଏକ ଫ୍ଲାଟ, ୧୨ କୋଟି ଟଙ୍କା ଏବଂ ବିଏମଡବ୍ଲ୍ୟୁ କାର୍ ମାଗିଥିବା ମହିଳାଙ୍କ ମାମଲାର ବିଚାର କରି ପ୍ରଧାନ ବିଚାରପତି ଜଷ୍ଟିସ ବିଆର ଗଭାଇଙ୍କ ନେତୃତ୍ୱାଧୀନ ଖଣ୍ଡପୀଠ ଏହା କହିଛନ୍ତି । ମହିଳା ଜଣେ ଉଚ୍ଚ ଶିକ୍ଷିତା । ସେ ଏମ୍‌ବିଏ କରିଛନ୍ତି । ସେ ଆଇଟି ବିଶେଷଜ୍ଞ ମଧ୍ୟ । ସୁପ୍ରିମକୋର୍ଟ ମହିଳାଙ୍କୁ କହିଥିଲେ ଯେ ଏହି ବିବାହ କେବଳ ୧୮ ମାସ ପର୍ଯ୍ୟନ୍ତ ତିଷ୍ଠିଥିଲା । ଏବେ ଆପଣ ମାସକୁ କୋଟିଏ ଟଙ୍କା ମାଗୁଛନ୍ତି । ଜଣେ ଉଚ୍ଚ ଶିକ୍ଷିତା ହୋଇ ଆପଣ ଚାକିରି କାହିଁକି କରୁନାହାନ୍ତି? ଆପଣ କିଛି ନ ମାଗି ନିଜେ ରୋଜଗାର କରି ଖାଇବା ଉଚିତ । ଆପଣ ଜଣେ ଆଇଟି ବିଶେଷଜ୍ଞ । ଏହି ବୃତ୍ତିର ବହୁତ ଚାହିଦା ରହିଛି । ଗୋଟିଏ ଫ୍ଲାଟ ନେଇ ସନ୍ତୁଷ୍ଟ ହୋଇ ଯାଆନ୍ତୁ କିମ୍ବା ୪ କୋଟି ଟଙ୍କା ନେଇ ପୁନେ, ହାଇଦରାବାଦ, ବେଙ୍ଗାଲୁରୁର କୌଣସି ଭଲ ସ୍ଥାନରେ ଚାକିରି ଖୋଜନ୍ତୁ । ଫ୍ଲାଟ କିମ୍ବା ୪ କୋଟି ଟଙ୍କାର ପ୍ରସ୍ତାବ ଦେଇ ସୁପ୍ରିମକୋର୍ଟ ରାୟକୁ ▶ପୃଷ୍ଠା-୧୦

## ୨୪ ଘଣ୍ଟାରେ ୩ ଗଣଦୁଷ୍କର୍ମ, ଗୋଟିଏ ଯୌନ ନିର୍ଯାତନା

# ସାରା ରାଜ୍ୟରେ ଅରାଜକତା: ନବୀନ



### ଗାଁରୁ ସହର ଯାଏ ମହିଳାମାନେ ଏବେ ସବୁଠାରେ ଅସୁରକ୍ଷିତ

### ମା', ଭଉଣୀମାନଙ୍କୁ ଦେବାକୁ ପଡୁଛି ଦାୟିତ୍ୱବୋଧ ହ୍ରାସ ମୂଲ୍ୟ

### ମହିଳାଙ୍କୁ ଅସୁରକ୍ଷିତ କରିଛି ଥାନାରେ ରାଜନୈତିକ ହସ୍ତକ୍ଷେପ

■ ଭୁବନେଶ୍ୱର, ୨୨।୭ (ସମିସ): ସାରା ରାଜ୍ୟରେ ଏବେ ଅରାଜକତା । ଆଇନଶୃଙ୍ଖଳା ଧ୍ୱସ୍ତବିଧ୍ୱସ୍ତ । ନାରୀମାନେ ଅସୁରକ୍ଷିତ । ଦିନ ଦ୍ୱିପ୍ରହରେ ମହିଳାମାନେ ପଦାକୁ ଗୋଡ଼ ବାହାର କରିବାକୁ ଭୟ କରୁଛନ୍ତି । ପ୍ରତିଦିନ ରାଜ୍ୟର ବିଭିନ୍ନ କୋଣରେ ଦୁଷ୍କର୍ମ, ଗଣଦୁଷ୍କର୍ମ ପରି ଅଭାବନୀୟ ଖବର ଛାତିକୁ ଥରାଇ ଦେଉଛି । ମଙ୍ଗଳବାର ଯାଜପୁର, ଜଗତସିଂହପୁର ଓ ମାଲକାନଗିରିରେ ତିନିଟି ଗଣଦୁଷ୍କର୍ମ ଏବଂ ପୁରୀରେ ମହିଳାଙ୍କୁ ଯୌନ ନିର୍ଯାତନା ପରି ସାଂଘାତିକ ଖବର ଆସିଛି । ସାରା ରାଜ୍ୟରେ ଏହି ଖବର ଆଲୋଡ଼ନ ସୃଷ୍ଟି କରିଛି । ଲୋକମାନେ ଭୀତତ୍ରସ୍ତ ହୋଇଛନ୍ତି; ବିଭିନ୍ନ କାର୍ଯ୍ୟ ଦୃଷ୍ଟିରୁ ବାହାରକୁ ଯାଉଥିବା ପରିବାରର ଝିଅ, ବୋହୂ ଓ ମା'ମାନଙ୍କ ସୁରକ୍ଷାକୁ ନେଇ ଆଶଙ୍କା ମଧ୍ୟରେ ଗତି କରୁଛନ୍ତି । ଏହାକୁ ନେଇ ଗଭୀର କ୍ଷୋଭବ୍ୟକ୍ତ କରିଛନ୍ତି ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ବିରୋଧୀଦଳ ନେତା ନବୀନ ପଟ୍ଟନାୟକ । ରାଜ୍ୟର ସାମ୍ପ୍ରତିକ ସ୍ଥିତିକୁ ଦେଖି ସେ ମର୍ମାହତ, ଦୁଃଖିତ ଓ ଆତଙ୍କିତ ବୋଲି ସାମାଜିକ ଗଣମାଧ୍ୟମ 'ଏକ୍ସ'ରେ କହିଛନ୍ତି ।

ନବୀନ କହିଛନ୍ତି ଯେ ରାଜ୍ୟରେ ଗୋଟିଏ ଦିନରେ ୩ଟି ଗଣଦୁଷ୍କର୍ମ ଓ ଗୋଟିଏ ମହିଳା ବିରୋଧୀ ହିଂସା ଆମମାନଙ୍କୁ ଗଭୀର ଆଘାତ ଦେଇଛି । ଓଡ଼ିଶାରେ ମା'ମାନଙ୍କ ବିରୋଧରେ ଅପରାଧ ଏବେ ଭୟଙ୍କର ଭାବେ ବଢ଼ି ଚାଲିଛି । ଦିନ ହେଉ କି ରାତି, ସହରଠୁ ଆରମ୍ଭ କରି ଗାଁ, ରାସ୍ତାଘାଟ ଏବେ ମହିଳାଙ୍କ ପାଇଁ ଅସୁରକ୍ଷିତ ହୋଇପଡ଼ିଛି । ସ୍କୁଲ ଓ କଲେଜ ଯାଉଥିବା ଏପରି କି ଟ୍ୟୁସନରୁ ଫେରୁଥିବା ଝିଅମାନେ ନିଜକୁ ସୁରକ୍ଷିତ ଭାବୁନାହାନ୍ତି । ଗାଁ ଗହଳିର ସାଧାରଣ ଜାଗାରେ ବି ସେମାନଙ୍କ ପାଇଁ ପ୍ରତିଦିନ ବିପଦ ଠିଆ ହୋଇଛି । ଏପରି ବୃଦ୍ଧିପାଉଥିବା ଯୌନ ନିର୍ଯାତନା ପରି ଘଟଣା ବିପର୍ଯ୍ୟସ୍ତ ଆଇନଶୃଙ୍ଖଳାକୁ ଦର୍ଶାଉଛି । ପୁଲିସ ବ୍ୟବସ୍ଥାର ପ୍ରତି କ୍ଷେତ୍ରରେ ଯେବେ ରାଜନୈତିକ ଚାପ ବା ହସ୍ତକ୍ଷେପ ▶ପୃଷ୍ଠା-୧୦

## ବଲଙ୍ଗା ନାବାଳିକା ପୋଡ଼ି ଘଟଣା

# ଆମେ ଲଜ୍ଜିତ: ସୁପ୍ରିମକୋର୍ଟ



■ ନୂଆଦିଲ୍ଲୀ, ୨୨।୭ (ଏଜେନ୍ସି): ପୁରୀ ଜିଲ୍ଲା ବଲଙ୍ଗାରେ ନାବାଳିକାଙ୍କୁ ଜିଅନ୍ତା ଜଳାଇବା ମାମଲା ଉପରେ ଚିନ୍ତା ପ୍ରକଟ କରିଛନ୍ତି ଦେଶର ସର୍ବୋଚ୍ଚ ନ୍ୟାୟାଳୟ । ବଲଙ୍ଗା ଘଟଣାକୁ ନେଇ ଜଷ୍ଟିସ ସୂର୍ଯ୍ୟକାନ୍ତ ଏବଂ ଜଷ୍ଟିସ ଜୟମାଲ୍ୟ ବାଗଚୀଙ୍କ ଖଣ୍ଡପୀଠ 'ଆମେ ଲଜ୍ଜିତ' ବୋଲି କହିଛନ୍ତି ।

ନାରୀ ହିଂସା ସଂକ୍ରାନ୍ତ ଏକ ମାମଲାର ଶୁଣାଣି ବେଳେ ବଲଙ୍ଗା ଘଟଣାକୁ ଉଲ୍ଲେଖ କରି ସୁପ୍ରିମକୋର୍ଟ କହିଛନ୍ତି ଯେ ଏହା ଅତ୍ୟନ୍ତ ଦୁର୍ଭାଗ୍ୟଜନକ ଯେ ଏଭଳି ମାମଲା ଏବେ ବି ଘଟୁଛି । ଏହି ମାମଲାରେ ସୁପ୍ରିମକୋର୍ଟ କେନ୍ଦ୍ର ସରକାର ଓ ଅନ୍ୟ ସମ୍ବନ୍ଧିତ ପକ୍ଷଙ୍କ ଠାରୁ ଠୋସ୍ ପ୍ରସ୍ତାବ ମାଗିଛନ୍ତି । ଗ୍ରାମାଞ୍ଚଳରେ ସ୍କୁଲ ଛାତ୍ରୀ, ମହିଳା ଏବଂ ଶିଶୁଙ୍କୁ ସୁରକ୍ଷିତ ପରିବେଶ ମିଳିବା ଉଚିତ ବୋଲି କହିଛନ୍ତି । ଏମାନଙ୍କ ସଶକ୍ତୀକରଣ ଏବଂ ସୁରକ୍ଷା ପାଇଁ ଠୋସ୍ ପଦକ୍ଷେପ ନେବା ଜରୁରୀ । ବ୍ଲକସ୍ତରରେ ମହିଳାଙ୍କ ସୁରକ୍ଷା ସୁନିଶ୍ଚିତ କରିବା ଏବଂ ତୁରନ୍ତ କାର୍ଯ୍ୟାନୁଷ୍ଠାନ ପାଇଁ ସୁପ୍ରିମକୋର୍ଟ ଦୀର୍ଘକାଳୀନ ପ୍ରସ୍ତାବ ମାଗିଛନ୍ତି । ମହିଳାଙ୍କ ଲାଗି ସାରା ଦେଶରେ ସୁରକ୍ଷିତ ପରିବେଶ ପ୍ରଦାନ ନିମନ୍ତେ ମାର୍ଗଦର୍ଶିକା ଜାରି ଦାବି କରି ଏକ ମାମଲାର ବିଚାର ପ୍ରସଙ୍ଗରେ ସୁପ୍ରିମକୋର୍ଟ ଏପରି ଟିପ୍ପଣୀ ଦେଇଛନ୍ତି ।

ସରକାରଙ୍କ ଅପାରଗତା ଯୋଗୁଁ ରାଜ୍ୟରେ ନାରୀ ବିରୋଧୀ ହିଂସା ବୃଦ୍ଧି ପାଉଥିବାରୁ ଓଡ଼ିଶାକୁ ଏବେ ଜାତୀୟ ସ୍ତରରେ ନିନ୍ଦିତ ହେବାକୁ ପଡୁଛି ।

## ନାରୀ ହିଂସା ଅଣାୟତ୍ତ; ସୀମା ଟପିଲା ବର୍ବରତା

# ଦୁଷ୍କର୍ମ ଉଦ୍ୟମ ପରେ ମରଣାନ୍ତକ ଆକ୍ରମଣ



### ରକ୍ତାକ୍ତ ଅବସ୍ଥାରେ ହସ୍ପିଟାଲରେ ଭର୍ତ୍ତି

■ ଗୋପ,୨୨।୭ (ସମିସ): ସୀମା ଟପିଲା ବର୍ବରତା । ଦୁଷ୍କର୍ମ ଉଦ୍ୟମ କରି ବିଫଳ ହେବାରୁ ଜଣେ ମାନସିକ ବିକୃତ ମହିଳାଙ୍କୁ ନିସ୍ତୁକ ମାଡ଼ ମାରି ଦରମରା କରିଦେଇଛି ଦୁର୍ବୃତ୍ତ । ରାଜ୍ୟରେ ନାରୀ ନିର୍ଯାତନା, ଅତ୍ୟାଚାର, ହିଂସା ଚରମ ସୀମାରେ ପହଞ୍ଚିଥିବା ବେଳେ ଆଜି ପୁରୀ ଜିଲ୍ଲା ଗୋପ ଥାନା ଅଞ୍ଚଳରୁ ଏଭଳି ଆଉ ଏକ ସାଂଘାତିକ ଚିତ୍ର ପଦାକୁ ଆସିଛି । ମହିଳାଙ୍କୁ ଗୁରୁତର ଅବସ୍ଥାରେ ପ୍ରଥମେ ଗୋପ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା । କିନ୍ତୁ ସେଠାରେ ତାଙ୍କ ଅବସ୍ଥା ସଂକଟାପନ୍ନ ହେବାରୁ ତାଙ୍କୁ ଭୁବନେଶ୍ୱର କ୍ୟାପିଟାଲ ହସ୍ପିଟାଲ ଓ ପରେ ଏକ ଘରୋଇ ହସ୍ପିଟାଲକୁ ସ୍ଥାନାନ୍ତର କରାଯାଇଛି । ତାଙ୍କର ଗୋଡ଼ ଦୁଇଟି ଭାଙ୍ଗିଯାଇଥିବା ବେଳେ ଶରୀରର ବିଭିନ୍ନ ସ୍ଥାନରେ ଗଭୀର କ୍ଷତ ହୋଇ ରକ୍ତସ୍ରାବ ହେଉଛି ।

ସୂଚନା ମୁତାବକ, ମାନସିକ ବିକୃତ ମହିଳାଜଣଙ୍କ ବିଭିନ୍ନ ସମୟରେ ନିକଟସ୍ଥ ଛକ ବଜାରରେ ବୁଲାବୁଲି କରନ୍ତି । ମଙ୍ଗଳବାର ଗ୍ରାମର ଜଣେ ବ୍ୟକ୍ତିଙ୍କ ଘର ଦୁଆରେ ବସିଥିବା ବେଳେ ଘର ମାଲିକ ନିଶାସକ୍ତ ଅବସ୍ଥାରେ ସେଠାରେ ପହଞ୍ଚି ମହିଳାଙ୍କୁ ଟଣାଓଟରା କରି ଦୁଷ୍କର୍ମ ଉଦ୍ୟମ କରିଥିଲା । କିନ୍ତୁ ମହିଳାଜଣଙ୍କ ଏଥିରେ ବାଧା ଦେବାରୁ ପାଖରେ ପଡ଼ିଥିବା ଏକ କାଠଫାଳିଆରେ ତାଙ୍କୁ ଆକ୍ରମଣ କରିଥିଲା । ଆକ୍ରମଣରେ ମହିଳାଙ୍କ ଦୁଇଟି ଗୋଡ଼ ଭାଙ୍ଗିଯାଇଥିବା ବେଳେ ଶରୀରର ବିଭିନ୍ନ ସ୍ଥାନରେ ଗଭୀର ଆଘାତ ଲାଗିଛି । ▶ପୃଷ୍ଠା-୧୦

# ଦ୍ୱିତୀୟ ଦିନ ବି ସଂସଦ ଅଚଳ

### ବିହାର ଭୋଟର ତାଲିକା ଉପରେ ଆଲୋଚନା ଦାବି

### ସଂସଦ ବାହାରେ ବିରୋଧୀଙ୍କ ବିକ୍ଷୋଭ

■ ନୂଆଦିଲ୍ଲୀ, ୨୨।୭ (ଏଜେନ୍ସି): ସଂସଦ ମୌସୁମୀ ଅଧିବେଶନର ଦ୍ୱିତୀୟ ଦିନରେ ଉଭୟ ଗୃହ ଆଜି ମଧ୍ୟ ଅଚଳ ରହିଛି । ବିହାରରେ ସ୍ୱତନ୍ତ୍ର ଭୋଟର ତାଲିକା ସଂଶୋଧନ (ଏସଆଇଆର)କୁ ବିରୋଧ କରି ବିରୋଧୀ ଦଳ ସଂସଦ ଭିତରେ ପ୍ରବଳ ହଟ୍ଟଗୋଳ କରିଥିବା ବେଳେ ବାହାରେ ମଧ୍ୟ ବିକ୍ଷୋଭ ପ୍ରଦର୍ଶନ କରିଛନ୍ତି । ସାଂସଦମାନେ ପହଲଗାମ ଆକ୍ରମଣ, 'ଅପରେସନ ସିନ୍ଦୂର' ଭଳି ପ୍ରସଙ୍ଗରେ ପ୍ରଧାନମନ୍ତ୍ରୀଙ୍କ ଜବାବ ଏବଂ ଗୃହରେ ଚର୍ଚ୍ଚା ଦାବି କରି ଗତକାଲି ହଙ୍ଗାମା କରିଥିବା ବେଳେ ଅଜି ବିହାର ଉପରେ ତୁରନ୍ତ ଆଲୋଚନା ▶ପୃଷ୍ଠା-୧୦

## ଧନଖଡ଼ଙ୍କ ଇସ୍ତଫା ଗୃହୀତ

### ନୂଆ ଉପରାଷ୍ଟ୍ରପତିଙ୍କ ନାମକୁ ନେଇ ଚର୍ଚ୍ଚା

■ ନୂଆଦିଲ୍ଲୀ, ୨୨।୭ (ଏଜେନ୍ସି): ଜଗଦୀପ ଧନଖଡ଼ଙ୍କ ଇସ୍ତଫାକୁ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଆଜି ଗ୍ରହଣ କରିନେଇଛନ୍ତି । ଏହାସହିତ ଉପରାଷ୍ଟ୍ରପତି ପଦ ଖାଲି ପଡ଼ିଥିବାରୁ ଏହି ପଦ ଲାଗି ନିର୍ବାଚନ ପ୍ରକ୍ରିୟା ଖୁବଶୀଘ୍ର ଆରମ୍ଭ କରିବାକୁ ଯାଉଛନ୍ତି ନିର୍ବାଚନ କମିସନ । ନିଜର ପ୍ରାର୍ଥୀଙ୍କୁ ନିର୍ବାଚିତ କରାଇବା ଲାଗି ବିଜେପି ନେତୃତ୍ୱାଧୀନ ଏନ୍‌ଡିଏ ପାଖରେ ଆବଶ୍ୟକ ସଂଖ୍ୟା ରହିଛି । ତେଣୁ ଏନ୍‌ଡିଏ ପ୍ରାର୍ଥୀ ହିଁ ନୂଆ ଉପରାଷ୍ଟ୍ରପତି ହେବା ନିଶ୍ଚିତ । ତେବେ ଏହି ପଦରେ କିଏ ବସିବ, ଏହାକୁ ନେଇ କଳ୍ପନା ଜଳ୍ପନା ଆରମ୍ଭ ହୋଇଯାଇଛି । ସାମ୍ବିଧାନିକ ବ୍ୟବସ୍ଥା ଅନୁଯାୟୀ ଉପରାଷ୍ଟ୍ରପତି ପଦ ଖାଲି ▶ପୃଷ୍ଠା-୧୦

# ଆଇଏଏସ୍‌ସ୍ତରରେ ବଡ଼ ଧରଣର ଅଦଳବଦଳ

### ହେମନ୍ତ ଶର୍ମାଙ୍କୁ ସୂଚନା ଓ ଲୋକ ସମ୍ପର୍କ ବିଭାଗ ଦାୟିତ୍ୱ

### ରୁପାରୋଶନ ସାହୁ ରାଜ୍ୟପାଳଙ୍କ ପ୍ରମୁଖ ସଚିବ ନିଯୁକ୍ତ

### ଚଞ୍ଚଳ ରାଣା ଭୁବନେଶ୍ୱର ମହାନଗର ନିଗମ କମିଶନର

### ବଦଳିଲେ ୩ ଆର୍‌ଡିସି, ୧୬ ଜିଲ୍ଲାରେ ନୂଆ ଜିଲ୍ଲାପାଳ

■ ଭୁବନେଶ୍ୱର, ୨୨।୭ (ସମିସ): ମଙ୍ଗଳବାର ରାଜ୍ୟ ସରକାର ଆଇଏଏସ୍‌ସ୍ତରରେ ଏକ ବଡ଼ଧରଣର ଅଦଳବଦଳ କରିଛନ୍ତି । ଶିଳ୍ପ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ହେମନ୍ତ ଶର୍ମାଙ୍କୁ ସୂଚନା ଓ ଲୋକସମ୍ପର୍କ ବିଭାଗର ଅତିରିକ୍ତ ମୁଖ୍ୟ ସଚିବ ଦାୟିତ୍ୱ ପ୍ରଦାନ କରିଛନ୍ତି । ସେହିପରି ଓଡ଼ିଆ ଭାଷା ସାହିତ୍ୟ ସଂସ୍କୃତି ବିଭାଗର ପ୍ରମୁଖ ସଚିବ ସଞ୍ଜୀବ କୁମାର ମିଶ୍ରଙ୍କୁ ଅର୍ଥ ବିଭାଗର ପ୍ରମୁଖ ସଚିବ ରୂପେ ଅବସ୍ଥାପିତ କରାଯାଇଛି । ଦକ୍ଷିଣାଞ୍ଚଳ ରାଜସ୍ୱ କମିଶନର ରୁପାରୋଶନ ସାହୁଙ୍କୁ ରାଜ୍ୟପାଳଙ୍କ ପ୍ରମୁଖ ସଚିବ ରୂପେ ନିଯୁକ୍ତି ମିଳିଛି । ସାଧାରଣ ପ୍ରଶାସନ ବିଭାଗର ବିଜ୍ଞପ୍ତି ଅନୁସାରେ ରାଜ୍ୟପାଳଙ୍କ ସଚିବ ଏନ୍‌ବିଏସ୍ ରାଜପୁତ ସାଧାରଣ ଉଦ୍ୟୋଗ ବିଭାଗର ସ୍ଥାୟୀ ପ୍ରମୁଖ ସଚିବ ଭାବେ ନିଯୁକ୍ତି ପାଇଛନ୍ତି । କ୍ରୀଡ଼ା ଓ ଯୁବ ସେବା ବିଭାଗର ପ୍ରମୁଖ ସଚିବ ଭାବେ କାର୍ଯ୍ୟରତ ଭାସ୍କରଜ୍ୟୋତି ଶର୍ମାଙ୍କୁ ଅବକାରୀ ବିଭାଗର ପ୍ରମୁଖ ସଚିବ, ସ୍କୁଲ୍ ଓ ଗଣଶିକ୍ଷା ବିଭାଗର ଅତିରିକ୍ତ ସଚିବ ସଂଗ୍ରାମ କେଶରୀ ମହାପାତ୍ରଙ୍କୁ ଦକ୍ଷିଣାଞ୍ଚଳ ଆର୍‌ଡିସି, ଉତ୍ତରାଞ୍ଚଳ ଆର୍‌ଡିସି ସଚିନ ରାମଚନ୍ଦ୍ର ଯାଦବଙ୍କୁ କ୍ରୀଡ଼ା ଓ ଯୁବ ସେବା ବିଭାଗର କମିଶନର ତଥା ସଚିବ ଭାବରେ ଅବସ୍ଥାପିତ ହୋଇଛନ୍ତି । କେନ୍ଦ୍ରାଞ୍ଚଳ ଆର୍‌ଡିସି ବି ପରମେଶ୍ୱରନଙ୍କୁ ଏସଟି ଏସ୍‌ସି ବିଭାଗର ସଚିବ, ହସ୍ତତନ୍ତ ଓ ହସ୍ତଶିଳ୍ପ ବିଭାଗର କାର୍ଯ୍ୟରତ ଗୁହାପୁନମ ତାପସ କୁମାରଙ୍କୁ କେନ୍ଦ୍ରାଞ୍ଚଳ ଆର୍‌ଡିସି ରୂପେ ବଦଳି କରାଯାଇଛି । ଶିଳ୍ପ ବିଭାଗ ସ୍ୱତନ୍ତ୍ର ସଚିବ ଭୂପେନ୍ଦ୍ର ସିଂ ପୁନିଆଙ୍କୁ ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ବିଭାଗର କମିଶନର ତଥା ସଚିବ ଭାବେ ବଦଳି କରାଯାଇଛି । ସେ ପୂର୍ବପରି ଇପିକଲ୍‌ର ପରିଚାଳନା ନିର୍ଦ୍ଦେଶକ ଦାୟିତ୍ୱ ତୁଲାଇବେ । ▶ପୃଷ୍ଠା-୧୦




## ବିଶ୍ୱ ଦରବାରରେ ପୁଣି ଚମକିବ ଡଙ୍ଗରିଆଙ୍କ 'କାପଡ଼ାଗୁନ୍ଦା'

# ନିୟମଗିରି ସାଲ୍ କଳାକୃତିକୁ ମିଳିବ ନୂଆ ପରିଚୟ





ବିଷମ କଟକ,୨୨।୭ (ସମିସ)

ପୁଣି ଚମକିବ ନିୟମଗିରିର କପଡାଗୁନ୍ଦା। ନୂଆ ଡିଜାଇନ ସହ ବଜାରକୁ ଆସିବ ବିରଳ ଜନଜାତି ଡାଙ୍ଗରିଆଙ୍କ କପଡ଼ାଗୁନ୍ଦା କଳାକୃତି। ଶହ ଶହ ବର୍ଷ ଧରି ବିଷମ କଟକ ବ୍ଲକ ଅନ୍ତର୍ଗତ ନିୟମଗିରି କୁର୍ଲି ପଞ୍ଚାୟତରେ ବସବାସ କରୁଥିବା ଡାଙ୍ଗରିଆ କନ୍ଧ ସମ୍ପ୍ରଦାୟର ମହିଳା ମାନେ ଏହି ସାଲ୍‌କୁ ବୁଣିଆନ୍ତି। ବିଭିନ୍ନ ଜାନିଯାତ୍ରା ସମେତ ଶୁଭ କାର୍ଯ୍ୟରେ ଏହି ସାଲ୍‌କୁ ବ୍ୟବହାର କରାଯାଇଥାଏ। ଏହି କପଡାଗୁନ୍ଦାର ଚାହିଦା ବେଶ ରହିଥିବାରୁ ବୁଣାକାର ମାନଙ୍କୁ ରଜଗାରକ୍ଷମ କରିବା ପାଇଁ ଜିଲ୍ଲା ପ୍ରଶାସନ ଅଣ୍ଟା ଭିଡିଛି। ଡଙ୍ଗରିଆଙ୍କ ହାତବୁଣା ସୋଲ୍ ବା କପଡାଗୁନ୍ଦାର ପ୍ରଚାର ପ୍ରସାର ତଥା ମାର୍କେଟ ବ୍ୟବସ୍ଥା ପାଇଁ ପୁଣି ଉଦ୍ୟମ ଆରମ୍ଭ ହୋଇଛି। ବିରଳ ହସ୍ତଶିଳ୍ପ କଳାକୃତି ମଧ୍ୟରେ ଡଙ୍ଗରିଆଙ୍କ ଦ୍ୱାରା ଉତ୍ପାଦିତ ସାଲ୍‌ର ଚାହିଦା ବିଶ୍ୱ ଦରବାର ରେ ରହିଛି। ସାଲ୍‌ର

### ୩୦ ଡଙ୍ଗରିଆ ମହିଳାଙ୍କୁ ଦିଆଯାଉଛି ପ୍ରଶିକ୍ଷଣ

ଆକର୍ଷଣୀୟ ଡିଜାଇନ୍ ସାଙ୍ଗକୁ ଡଙ୍ଗରିଆଙ୍କ କଳା, ସଂସ୍କୃତି ଓ ଐତିହ୍ୟର କଥା କହୁଥିବାରୁ ଆମ ରାଜ୍ୟ ସମେତ ଦେଶ, ବିଦେଶରେ ଏହାର ବେଶ ଚାହିଦା ରହିଛି। ଏଥିପାଇଁ ଡଙ୍ଗରିଆ ବୁଣାକାର ମାନଙ୍କୁ ଅଧିକରୁ ଅଧିକ କୁଶଳି କରି ସେମାନଙ୍କୁ ସ୍ୱାବଲମ୍ବୀ କରିବା ପାଇଁ ଆଦି ଶିଳ୍ପୀ ଯୋଜନାରେ ତାଲିମ ଆରମ୍ଭ କରାଯାଇଛି। ଗତବର୍ଷ ଏହି ଡଙ୍ଗରିଆ ସାଲ୍ ଜିଆଇ ଟ୍ୟାଗ୍ ମାନ୍ୟତା ପାଇଛି। ବର୍ତ୍ତମାନ ରାଜ୍ୟ ସରକାର ଏହି କାପଡାଗୁନ୍ଦା ସାଲ୍‌କୁ ନୂଆ ରୂପ ଦେବା ସହ ଏହି ଡଙ୍ଗରିଆଙ୍କ ହସ୍ତଶିଳ୍ପ ଡିଜାଇନ୍‌କୁ ଟାଇ, ଉତ୍ତରୀୟ, ଦୁପଟା, କେରି ବ୍ୟାଗ, ଝୁଲା ବ୍ୟାଗ୍ (କାନ୍ଧ), ମୋବାଇଲ୍ କଭର, ଫୋଲଡର୍ କଭର, ଟି ପଏ କଭର ସମେତ ବିଭିନ୍ନ ସାମଗ୍ରୀରେ ଡଙ୍ଗରିଆ କଳାକୃତିର ଝଲକକୁ ଦେଖାଇବାକୁ ଚାହୁଁଛନ୍ତି। ହସ୍ତଶିଳ୍ପ ବିଭାଗ ଓ ଡଙ୍ଗରିଆ କନ୍ଧ ଉନ୍ନୟନ ସଂସ୍ଥାର ଉଦ୍ୟମରେ ଆଦିବାସୀ ଉନ୍ନୟନ ସମବାୟ ନିଗମ ଲିମିଟେଡ, ରାୟଗଡା ଶାଖାଦ୍ୱାରା ଚାଟିକୋଣା ଡଙ୍ଗରିଆ କନ୍ଧ ଉନ୍ନୟନ ସଂସ୍ଥାର ପ୍ରଶିକ୍ଷଣ କେନ୍ଦ୍ରରେ ୩୦ ଜଣ ଡଙ୍ଗରିଆ ମହିଳା ମାନଙ୍କୁ ପ୍ରଶିକ୍ଷଣ ପ୍ରଦାନ କରାଯାଉଛି। ଏହି ପ୍ରଶିକ୍ଷଣ ଶିବିରରେ ଡଙ୍ଗରିଆ ମହିଳା ମାନଙ୍କୁ କାପଡାଗୁନ୍ଦା ସାଲ ବୁଣା କାରୁକାର୍ଯ୍ୟକୁ କିପରି ଅଧିକାରୁ ଅଧିକ ସୂକ୍ଷ୍ମ କରିପାରିବେ ସେ ନେଇ ପ୍ରଶିକ୍ଷଣ ଦିଆଯାଉଛି। ଏହି ଡିଜାଇନ୍‌କୁ ମୋବାଇଲ କଭର, ଝୁଲାବ୍ୟାଗ, ଉତ୍ତରୀୟ, ଦୁପଟ୍ଟା, ଚୁନିରିରେ ସ୍ଥାନୀତ କରାଯାଇପାରିବ ସେ ନେଇ ପ୍ରଶିକ୍ଷଣ ଦିଆଯିବା ସହ ପ୍ରସ୍ତୁତି ମଧ୍ୟ ଚାଲିଛି। କାପଡାଗୁନ୍ଦା ସାଲ୍ , ଏବେ ଆନ୍ତର୍ଜାତିକ ବଜାରରେ ୫ହଜାରରୁ ଅଧିକା ଟଙ୍କାରେ ବିକ୍ରି ହେଉଛି। ଥରେ ଯିଏ ଏହି ସାଲ ସଂସ୍ପର୍ଶରେ ଆସିଛି ସେ କଳାକୃତିକୁ ଦେଖି ଡଙ୍ଗରିଆଙ୍କୁ ବେଶ୍ ପ୍ରଶଂସା କରିଛନ୍ତି। ରାଜ୍ୟ ତଥା ଦେଶର ବିଭିନ୍ନ ସ୍ଥାନରେ ଆୟୋଜିତ ସ୍ୱତନ୍ତ୍ର ଉତ୍ସବରେ ଡଙ୍ଗରିଆ ସାଲ୍ ଆକର୍ଷଣ ସାଜିବା ପରଠୁ ଡଙ୍ଗରିଆଙ୍କ ହସ୍ତଶିଳ୍ପ ଡିଜାଇନ୍ ଦ୍ୱାରା ବିଭିନ୍ନ ସାମଗ୍ରୀ ତିଆରି କରିବାକୁ ରାଜ୍ୟ ସରକାର ମହିଳା ମାନଙ୍କୁ ପ୍ରଶିକ୍ଷଣା ଦେବା ଆରମ୍ଭ କରିଛନ୍ତି। ପ୍ରଥମ ପର୍ଯ୍ୟାୟରେ କୁର୍ଲି ଗ୍ରାମ ପଞ୍ଚାୟତର ୩୦ ମହିଳାଙ୍କୁ ୬ ମାସ ପ୍ରଶିକ୍ଷଣ ପ୍ରଦାନ କାର୍ଯ୍ୟକ୍ରମ ଆରମ୍ଭ କରାଯାଇଛି। ଏହି ପ୍ରଶିକ୍ଷଣ କାର୍ଯ୍ୟକ୍ରମକୁ ପ୍ରକଳ୍ପ ନିର୍ଦ୍ଦେଶକ ଚନ୍ଦ୍ରକାନ୍ତ ମାଝି ରାୟଗଡା ଉଦ୍‌ଘାଟନ କରିଥିଲେ। ପ୍ରଶିକ୍ଷକ ଭାବେ ସ୍କାର୍ଫ ଡିଜାଇନର ଲିପ୍‌ସା ହେମ୍ରମ୍ବ ଡଙ୍ଗରିଆ ମହିଳାମାନଙ୍କୁ ପ୍ରଶିକ୍ଷଣ ଦେଉଛନ୍ତି। ପ୍ରଶିକ୍ଷଣ ଦିବସରେ ମହିଳା ମାମନଙ୍କୁ ୩୦୦ଟଙ୍କାର ପ୍ରତ୍ସାହନ ରାଶି ପ୍ରଦାନ କରାଯାଉଛି। ମହିଳା ମାନେ ପ୍ରଶିକ୍ଷଣ ପାଇବା ପରେ ସେମାନେ ନିଜ ନିଜ ଅଞ୍ଚଳର ମହିଳା ଏବଂ ଝିଅ ମାନଙ୍କୁ ଏହି କଳାକୃତି ବୁଣିବାର ପ୍ରଶିକ୍ଷଣ ମଧ୍ୟ ଦେବେ। ଯାହା ଫଳରେ ଆଦିମ ଜନଜାତି ଡଙ୍ଗରିଙ୍କ ଆର୍ଥିକ ସ୍ଥିତ ସୁଦୃଢ ହେବା ସହ ସେମାନଙ୍କୁ ଦ୍ୱାରା ପ୍ରସ୍ତୁତ ସାମଗ୍ରୀ ସବୁ ଖୋଲା ବଜାରରେ ଉପଲବ୍ଧ ହୋଇପାରିବ। ଏହି ପ୍ରଶିକ୍ଷଣ କାର୍ଯ୍ୟକ୍ରମରେ ସୂର୍ଯ୍ୟନାରାୟଣ ପାଢି ଏବଂ ରମେଶ ଚନ୍ଦ୍ର ନାଲା ସହଯୋଗ କରୁଛନ୍ତି।

**● ଆଧାର ହୋଇପାରୁନି**

## ସରକାରୀ ସୁବିଧାରୁ ବଞ୍ଚିତ ଦିବ୍ୟାଙ୍ଗ ରବିସିଂ



ଉମରକୋଟ,୨୨।୭ (ସମିସ): ଜଣେ ଦିବ୍ୟାଙ୍ଗ ବାଳକର ଆଧାର କାର୍ଡ ହୋଇ ପାରୁନଥିବାରୁ ତାକୁ ଭତ୍ତାରୁ ବଞ୍ଚିତ କରାଯାଇଛି। ଏପରିକି ଦିବ୍ୟାଙ୍ଗ ବାଳକର ପିତାଙ୍କ ଆଧାର କାର୍ଡରେ ବୟସ କମ ଥିବାରୁ ସେ ବୃଦ୍ଧ ଭତ୍ତାରୁ ମଧ୍ୟ ବଞ୍ଚିତ ରହିଛନ୍ତି। ନବରଙ୍ଗପୁର ଜିଲ୍ଲା ଉମରକୋଟ ବ୍ଲକ ଅନ୍ତର୍ଗତ ବକୋଦା ପଞ୍ଚାୟତ ଅଧୀନରେ ଥିବା ସରାଗୁଡା ଗ୍ରାମରେ ରହୁଥିବା ଲଛନ ଭତ୍ରାଙ୍କ ପରିବାରରୁ ଏଭଳି ଅଭିଯୋଗ ଆସିଛି। ଲଛନଙ୍କ ୯ ବର୍ଷର ପୁଅ ରବିସିଂ ଭତ୍ରା ଜନ୍ମରୁ ବିକଳାଙ୍ଗ। ସେ ନା ଦେଖିପାରୁଛନ୍ତି, ନା କହିପାରୁଛନ୍ତି, ନା ଶୁଣି ପାରୁଛନ୍ତି, ନା ଚାଲି ପାରୁଛନ୍ତି। ସେ ଜନ୍ମ ହେବାର ତିନି ମାସ ପରେ ମା' ଯଶୋଦା ଭତ୍ରାଙ୍କ ସ୍ୱର୍ଗବାସ ହୋଇଥିଲା। ତାଙ୍କର ଦୁଇ ଭଉଣୀ ସନେଇ ଭତ୍ରା ୮ମ ଶ୍ରେଣୀରୁ ପାଠପଢା ଛାଡି ସାନ ଭାଇ ରବିସିଂର ଦେଖାରେଖା କରୁଛନ୍ତି। ବଡ଼ ଭାଇ କୁଲି ମଜୁରୀ କରି ଯାହା ଆଣନ୍ତି, ସେଥିରେ ତାଙ୍କ ପରିବାର ଚଳେ। ସେପଟେ ରବିସିଂର ଆଧାର କାର୍ଡ ନଥିବାରୁ ସେ ସମସ୍ତ ସରକାରୀ ଯୋଜନାରୁ ବଞ୍ଚିତ ଅଛନ୍ତି। ସ୍ଥାନୀୟ ସରପଞ୍ଚଙ୍କୁ ପଚାରିବାରୁ ସେ ଚେଷ୍ଟା କରୁଛନ୍ତି ବୋଲି କହିଛନ୍ତି । ବିଡ଼ିଓ ମନୋଜ କୁମାର ମେହେର ରବିସିଂଙ୍କ ପାଇଁ ବିକଳ୍ପ ବ୍ୟବସ୍ଥା କରାଯିବ ବୋଲି ପ୍ରତିଶୃତି ଦେଇଛନ୍ତି। ଦିବ୍ୟାଙ୍ଗ ରବିସିଂକୁ କେବେ ସରକାରୀ ସହାୟତା ମିଳୁଛି ତାହା ଦେଖିବାକୁ ଲୋକେ ଚାହିଁ ରହିଛନ୍ତି।

## ଶକ୍ତିଶ୍ରୀ ଯୋଜନାକୁ ନେଇ ସଚେତନତା

ସୁନାବେଢ଼ା ,୨୨।୭ (ସମିସ): ହାଲ ସହରାଞ୍ଚର ସ୍ଥିତ ଏରୋନଟିକ୍ସ ମହାବିଦ୍ୟାଳୟରେ ଓଡ଼ିଶା ସରକାରଙ୍କର ଶକ୍ତିଶ୍ରୀ ଯୋଜନାକୁ ନେଇ ସୋମବାର ଦିନ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମ ମହାବିଦ୍ୟାଳୟର ଅଧ୍ୟକ୍ଷା ଡକ୍ଟର ଅନସୂୟା ନନ୍ଦଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଥିଲା। ରାଜ୍ୟରେ ବୃଦ୍ଧି ପାଉଥିବା ନାରୀ ନିର୍ଯାତନାକୁ ରୋକିବା ନିମନ୍ତେ ସରକାରଙ୍କ ଶକ୍ତିଶ୍ରୀ ଯୋଜନାର ଆଭିମୁଖ୍ୟ ଓ ଉଦ୍ଦେଶ୍ୟ ସମ୍ପର୍କରେ ଛାତ୍ରଛାତ୍ରୀଙ୍କୁ ସଚେତନ କରଯାଇଥିଲା। ମହାବିଦ୍ୟାଳୟ ସ୍ତରରେ ଯଦି କୌଣସି ମହିଳାଙ୍କୁ ଅସଦାଚରଣ କରାଯାଏ, ତାହେଲେ ଶକ୍ତିଶ୍ରୀ ଯୋଜନା ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ହେବା ସହ ଆବଶ୍ୟକସ୍ଥଳେ ଆଇନଗତ କାର୍ଯ୍ୟାନୁଷ୍ଠାନ ନିମନ୍ତେ ସୁପାରିଶ କରାଯିବ। ଅଧ୍ୟାପକ ଓ ଅଧ୍ୟାପିକାମାନେ ଉପସ୍ଥିତ ରହି ଶକ୍ତିଶ୍ରୀ ଯୋଜନା ଓ ଅଭ୍ୟନ୍ତରୀଣ ଅଭିଯୋଗ ସମିତିର ଉପଯୋଗ ଓ କାର୍ଯ୍ୟ ପ୍ରକ୍ରିୟା ସମ୍ପର୍କରେ ପରାମର୍ଶ ଦେଇଥିଲେ। ମହିଳା ହେଲ୍ପ ଲାଇନ୍ ନମ୍ବରକୁ ମହାବିଦ୍ୟାଳୟର ପ୍ରମୁଖ ସ୍ଥାନରେ ପ୍ରଦର୍ଶନ କରି ଆଇସିସିକୁ ଆଗାମୀ ଦିନରେ ସୁଦୃଢ଼ କରିବା ନିମନ୍ତେ ଅଧ୍ୟକ୍ଷା ସମସ୍ତ ବିଭାଗର ଅଧିକାରୀଙ୍କ ସହିତ ପରାମର୍ଶ କରିଥିଲେ। ଏହି କାର୍ଯ୍ୟକ୍ରମରେ ମହାବିଦ୍ୟାଳୟର ସମସ୍ତ ଅଧ୍ୟାପକ, ଅଧ୍ୟାପିକା, କର୍ମଚାରୀଙ୍କ ସଙ୍ଗେ ଛାତ୍ରଛାତ୍ରୀ ଉପସ୍ଥିତ ଥିଲେ।

**● ଦଶମ ବୋର୍ଡ ପରୀକ୍ଷା ପ୍ରମାଣପତ୍ରରେ ତ୍ରୁଟି**

## ପାଠପଢ଼ାରୁ ବଞ୍ଚିତ ଗୋପାଳ ଖରା



ବାଲଡ଼ା,୨୨।୭ (ସମିସ): ଦଶମ ବୋର୍ଡ ପରୀକ୍ଷା ପ୍ରମାଣପତ୍ରରେ ସାମାନ୍ୟ ତ୍ରୁଟି ଜଣେ ଛାତ୍ରଙ୍କ ପାଇଁ ଅସୁବିଧା ସୃଷ୍ଟି କରିଛି। ଗରିବ, ଆଦିବାସୀ, ମେଧାବୀ ଓ ଉଚ୍ଚଶିକ୍ଷା ପାଇଁ ଆଗ୍ରହୀ ଥିବା ଛାତ୍ରଙ୍କ ଭବିଷ୍ୟତ ଗଠନରେ ବାଧକ ହୋଇଛି। ବୋର୍ଡ ପ୍ରଦତ୍ତ ପ୍ରମାଣପତ୍ରରେ ଏଭଳି ତ୍ରୁଟି କେମିତି ହେଲା ତାହା ଅଭିଭାବକଙ୍କୁ ଆନ୍ଦୋଳିତ କରିଛି। ଏଭଳି ଘଟଣା କୋରାପୁଟ ଜିଲ୍ଲା ନନ୍ଦପୁର ବ୍ଲକ ପାଡୁଆ ପଞ୍ଚାୟତର ଦଶମ ଶ୍ରେଣୀ ପାସ କରିଥିବା ଛାତ୍ର ଗୋପାଳ ଖରାଙ୍କ କ୍ଷେତ୍ରରେ ଦେଖିବାକୁ ମିଳିଛି। ସୂଚନା ମୁତାବକ ଛାତ୍ର ଗୋପାଳ ଖରା ନନ୍ଦପୁର ବ୍ଲକ ଚାଟୁଆ ଉଚ୍ଚ ବିଦ୍ୟାଳୟରୁ ଚଳିତ ବର୍ଷ ଦଶମ ଶ୍ରେଣୀ ପରୀକ୍ଷାରେ ୩୧୬ ଅଙ୍କ ରଖି ପାସ କରିଥିଲେ। ଫଳାଫଳକୁ ନେଇ ଗତରକଣ୍ଡା

### ତଦନ୍ତ ପରେ କାର୍ଯ୍ୟାନୁଷ୍ଠାନ ଦାବି

ଗ୍ରାମବାସୀଙ୍କ ସମେତ ମାତା ଅନିତା ଖରା ପିତା ରଘୁନାଥ ଖରା ଉତ୍ସାହିତ ଥିଲେ। ଉଚ୍ଚ ଶିକ୍ଷା ନିମନ୍ତେ କୌଣସି ସରକାରୀ ବିଦ୍ୟାଳୟରେ ପଢ଼ାଇ ପୁଅକୁ ଭଲ ମଣିଷ ଭାବେ ଗଢିବାର ସ୍ୱପ୍ନ ଦେଖିଥିଲେ। କିନ୍ତୁ ନାମ ଲେଖାଇବାକୁ ଅନଲାଇନ ଆବେଦନ କରିବାକୁ ଚେଷ୍ଟା କରିବା ବେଳେ ପୋର୍ଟାଲ୍ ଛାତ୍ରଙ୍କ ବୋର୍ଡ ସାର୍ଟିଫିକେଟ ଗ୍ରହଣ ନକରିବାରୁ ପରିବାରର ଖୁସିର ଫସର ଫାଟି ଯାଇଥିଲା। ବୁଝିବାରେ ବୋର୍ଡ ପ୍ରଦତ୍ତ ଦଶମ ପ୍ରମାଣପତ୍ରର ନାମରେ ଗୋପାଳରେ ଥିବା ଇଂରାଜୀ "ଓ" ଅକ୍ଷର ବଦଳରେ "୦" (ଶୂନ) ସଂଖ୍ୟା ଥିବାରୁ ସାର୍ଟିଫିକେଟ କ୍ରମାଙ୍କ ସହ ନାମ ମେଳ ଖାଉନଥିବା ଜଣା ପଡିଥିଲା। ପରିବାର ଲୋକେ ସଙ୍ଗେ ସଙ୍ଗେ ଚାଟୁଆ ଉଚ୍ଚ ବିଦ୍ୟାଳୟ ଯାଇ ପ୍ରଧାନ ଶିକ୍ଷୟିତ୍ରୀ ଟି ଜଗଦୀଶ୍ୱେରୀଙ୍କୁ ଭେଟି ଏଭଳି ତ୍ରୁଟି କିପରି ହେଲା ବୋଲି ପ୍ରଶ୍ନ କରିଥିଲେ। ପ୍ରଧାନ ଶିକ୍ଷୟିତ୍ରୀ ସଙ୍ଗେ ସଙ୍ଗେ କଟକ ମାଧ୍ୟମିକ ଶିକ୍ଷା ପରିଷଦର ବୋର୍ଡ ଅଫିସ ଓ ଜୟପୁର ଜୋନାଲ ଅଫିସ୍ ସହ ଯୋଗାଯୋଗ କରିଥିଲେ। ତ୍ରୁଟି ସଂଶୋଧନ କରିବାକୁ ଅନୁରୋଧ କରିଥିଲେ। ବୋର୍ଡ ତରଫରୁ ସଂଶୋଧନ ପାଇଁ ନିର୍ଦ୍ଦିଷ୍ଟ ତାରିଖ ଘୋଷଣା ହେବ ବୋଲି କୁହାଯିବାରେ ଚାଟୁଆ ଉଚ୍ଚ ବିଦ୍ୟାଳୟ ପ୍ରଧାନ ଶିକ୍ଷୟିତ୍ରୀ ଟି ଜଗଦୀସ୍ୱେରୀ ଜୁଲାଇ ୧ ରୁ ୮ ମଧ୍ୟରେ ତ୍ରୁଟି ସଂଶୋଧନ ଲାଗି ଆବେଦନ କରିବାକୁ ତାରିଖ ଘୋଷଣା ପରେ ବିଦ୍ୟାଳୟ ତରଫରୁ ଜୁଲାଇ ୧ ତାରିଖ ଦିନ ଗୋପାଳଙ୍କ ପ୍ରମାଣ ପତ୍ରରେ ଥିବା ତ୍ରୁଟି ସଂଶୋଧନ ଲାଗି ଆବେଦନ କରାଯାଇ ଥିବା ସୂଚନା ଦେଇଛନ୍ତି। କିନ୍ତୁ ଏଭଳି ତ୍ରୁଟି କାହିଁକି, କେମିତି ଓ କାହା ଦ୍ୱାରା ହେଲା ତାହାର ତଦନ୍ତ ବୋର୍ଡ କର୍ତ୍ତୃପକ୍ଷ ଓ ରାଜ୍ୟ ଶିକ୍ଷାବିଭାଗ ତରଫରୁ କରାଯାଉ ବୋଲି ପିତା ରଘୁନାଥଙ୍କ ସମେତ ବ୍ଲକ ଅଞ୍ଚଳର ଶିକ୍ଷାବିତ୍ ଅନୁରୋଧ କରିଛନ୍ତି।

## ଜଳ ଭଣ୍ଡାରରେ ଭାସି ଯାଇଥିବା ବ୍ୟକ୍ତିଙ୍କ ମୃତଦେହ ଉଦ୍ଧାର

ଚିତ୍ରକୋଣ୍ଡା,୨୨।୭ (ସମିସ): ମାଲକାନଗିରି ଜିଲ୍ଲା ବାଲିମେଳା ଜଳ ଭଣ୍ଡାରରେ ଗତକାଲି ଭାସିଯାଇ ନିଖୋଜ ହୋଇଥିବା ବ୍ୟକ୍ତିର ମୃତଦେହ ଉଦ୍ଧାର ହୋଇଛି। ସୂଚନା ଅନୁଯାୟୀ କୋରୁକୋଣ୍ଡା ବ୍ଲକ ନାକାମାମୁଡି ପଞ୍ଚାୟତ ନାଟିଂଝୋଲା ଘାଟରେ ପ୍ରାୟ ୧୦ରୁ ୧୨ ଜଣ ବ୍ୟକ୍ତି ଜାଲ ଫିଙ୍ଗି ମାଛ ଧରୁଥିଲେ। ଏହି ସମୟରେ ଗଙ୍ଗାପଡା ଗାଁର ଲଖନ ମାଝୀ ଜଲ ଫିଙ୍ଗିବା ବେଳେ ଭିଡି ହୋଇ ଗଭୀର ଜଳ ମଧ୍ୟକୁ ଖସି ଯାଇଥିଲେ। ଏହାପରେ ସେ ନିଖୋଜ ହୋଇଯାଇଥିଲେ। ଦମକଳ ଏବଂ ଓଡ୍ରାଫ ବାହିନୀ ସେଠାରେ ପହଞ୍ଚି ତାଙ୍କର ଉଦ୍ଧାର ପାଇଁ ପ୍ରୟାସ ଜାରି ରଖିଥିଲେ। ଆଜି ନିଖୋଜ ଲଖନଙ୍କ ମର ଶରୀରକୁ ଓଡ୍ରାଫ ଟିମ ଜବତ କରିଛି।

## ଗୁଡ଼ାରୀ ସ୍ନାତକ ମହାବିଦ୍ୟାଳୟରେ ସ୍ୱାଗତ ସମ୍ବର୍ଦ୍ଧନା



ଗୁଡ଼ାରୀ,୨୨।୭ (ସମିସ); ସ୍ଥାନୀୟ ସ୍ନାତକ ମହବିଦ୍ୟାଳୟରେ ନବାଗତ ଛାତ୍ରଛାତ୍ରୀଙ୍କୁ ଶେଷ ବର୍ଷ ଛାତ୍ରଛାତ୍ରୀମାନଙ୍କୁ ଦ୍ୱିତୀୟବର୍ଷ ଛାତ୍ରଛାତ୍ରୀ ମାନେ ସ୍ୱାଗତ ସମ୍ବର୍ଦ୍ଧନା ଜଣାଇଥିଲେ। ଅଧ୍ୟକ୍ଷ ଅମୂଲ୍ୟ କୃଷ୍ଣପ୍ରଧାନ ସଭାପତିତ୍ୱ କରିଥିଲେ। ଅଧ୍ୟକ୍ଷା ଶ୍ରୀ ପ୍ରଧାନ ତଥା ସମସ୍ତ ଅଧ୍ୟାପକମାନେ ମହାବିଦ୍ୟାଳୟର ନୀତି ଆଦର୍ଶମାନି ଶୃଙ୍ଖଳିତ ଭାବେ ପାଠ୍ୟ ପଢ଼ିବା ସହ ନିୟମିତ ଉପସ୍ଥିତି ରହିବା ପାଇଁ ପରାମର୍ଶ ଦେଇ ଥିଲେ। ଏହି କାର୍ଯ୍ୟକ୍ରମରେ ରାଜନୀତି ବିଜ୍ଞାନର ଅଧ୍ୟାପକ ଶ୍ରୀ ପି.ଲାବଣ୍ୟ ଉପସ୍ଥିତ ଥିବାବେଳେ ଇତିହାସ ଏବଂ ଇଂରାଜୀ ଅଧ୍ୟାପକ ସୁରେଶ ମହାଙ୍କୁଡ, ପି.ଶେସଗିରି ସହ ମହାବିଦ୍ୟାଳୟର ସମସ୍ତ କର୍ମଚାରୀ ଉପସ୍ଥିତ ଥିବା ଦେଖିବାକୁ ମିଳିଛି।

**● ନିମ୍ନମାନର କୋଠା ନିର୍ମାଣ କାର୍ଯ୍ୟକୁ ବନ୍ଦ କରିଥିଲା ପ୍ରଶାସନ**

## କାହା ଇଙ୍ଗିତରେ ଆରମ୍ଭ କଲେ ଠିକାଦାର ?



କୋରୁକୋଣ୍ଡା,୨୨।୭ (ସମିସ): ଚଳିତ ବର୍ଷ ମାର୍ଚ୍ଚ ମାସରେ ନିର୍ମାଣ ହେଉଥିବା ବନ ସୁରକ୍ଷା ସମିତି ଗୃହ ନିର୍ମାଣ କାର୍ଯ୍ୟ ନିମ୍ନମାନର ହେଉଥିବା ନେଇ ଗଣମାଧ୍ୟମରେ ଚଳିତ ମାର୍ଚ୍ଚ ମାସ ୧୯ ତାରିଖରେ ଖବର ପ୍ରକାଶ ପାଇଥିଲା। ଖବର ପ୍ରକାଶ ପରେ ବିଭାଗୀୟ କନିଷ୍ଠ ଯନ୍ତ୍ରୀ, ସହକାରୀ ଯନ୍ତ୍ରୀ ଏବଂ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଅନୁଧାନ କରିଥିଲେ। ଉକ୍ତ କାର୍ଯ୍ୟ ନିମ୍ନମାନର ହେଉଥିବା କଥାକୁ ମାନିବା ସହିତ କାର୍ଯ୍ୟ ବନ୍ଦ କରିବାକୁ ନିର୍ଦ୍ଦେଶ ଦେବା ସହ ସ୍ଥାନ ପରିବର୍ତ୍ତନ କରି ପୁନର୍ବାର ନିର୍ମାଣ କରିବାକୁ ଠିକାଦାରଙ୍କୁ ଅନୁମତି ଦେଇଥିବା କହିଥିଲେ ବିଭାଗୀୟ କନିଷ୍ଠ ଯନ୍ତ୍ରୀ ରୂପକ ସିଂ ସାମାନ୍ତରାୟ। ତତ୍‌ସହିତ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଅମୂଲ୍ୟ କୁମାର ସାହୁ ଉକ୍ତ କାମ ନିମ୍ନମାନର ହେଉଥିବା କଥାକୁ ସ୍ୱୀକାର କରିବା ସହ କାର୍ଯ୍ୟ ବନ୍ଦ କରିବାକୁ ମଧ୍ୟ ନିର୍ଦ୍ଦେଶ ଦେଇଥିଲେ। ପୁଣି ସେହି ଅଧୁରା କାମକୁ ପୁନର୍ବାର ସେହିସ୍ଥାନରେ ଆରମ୍ଭ କରିଥିବା ଦେଖିବାକୁ ମିଳିଛି। ଏପରି ଠିକାଦାରଙ୍କ ନିଜ ମନ ମୁତାବକ କାର୍ଯ୍ୟ ଦେଖିବାକୁ ମିଳିଛି ମାଲକାନଗିରି ଜିଲ୍ଲା କୋରୁକୋଣ୍ଡା ବ୍ଲକ କାମୱାଡା ଗ୍ରାମ ପଞ୍ଚାୟତର ତେନ୍ତୁଲୀଗୁଡା ଗ୍ରାମରେ। ସୂଚନା ଥାଉକି କୋରୁକୋଣ୍ଡା ବ୍ଲକ ଅଧୀନ କାମୱାଡା ଗ୍ରାମ ପଞ୍ଚାୟତ ଅଧୀନ ତେନ୍ତୁଳିଗୁଡା ଗ୍ରାମଠାରେ ୨୦୨୩-୨୪ ଆର୍ଥିକ ବର୍ଷରେ ୮ ଲକ୍ଷ ୫୦ ହଜାର ଟଙ୍କା ବ୍ୟୟ ଅଟକଳରେ ବନ ସୁରକ୍ଷା ସମିତି ଗୃହ ନିର୍ମାଣ କାର୍ଯ୍ୟ ଗତ ମାର୍ଚ୍ଚ ମାସରେ ଆରମ୍ଭ କରାଯାଇଥିଲା। ହେଲେ ଗ୍ରାମବାସୀଙ୍କ କହିବା ଅନୁଯାୟୀ ଉକ୍ତ କାର୍ଯ୍ୟଟି ବହୁ ନିମ୍ନ ମାନର ହେଉଥିଲା, ପିଲର ନଦେଇ ସିଧା ଫାଉଣ୍ଡେସନ ପକାଯାଉଥିଲା। ଏନେଇ ଖବର ପ୍ରକାଶ ପରେ ବିଭାଗୀୟ ଅଧିକାରୀ ମାନେ ଉକ୍ତ କାମକୁ ବନ୍ଦ କରି ସ୍ଥାନ ପରିବର୍ତ୍ତନ କରି ପୁନଃ ନିର୍ମାଣ କାର୍ଯ୍ୟ ଆରମ୍ଭ କରିବାକୁ ନିର୍ଦ୍ଦେଶ ଦେଇଥିଲେ ସୁଦ୍ଧା ଠିକାଦାର ନିଜ ମନ ମୁତାବକ ପୁଣି ସେହି ଅଧୁରା କାର୍ଯ୍ୟକୁ ସମ୍ପୂର୍ଣ୍ଣ କରିବାରେ ବର୍ତ୍ତମାନ ଲାଗି ପଡିଛି। ଏଥିସହ ଉକ୍ତ କୋଠା ନିର୍ମାଣ ଗାନ୍ଥୁ ଇଟା ଯାହାକି ପଥର ଗୁଣ୍ଡ ସିମେଣ୍ଟ ମିଶା ସ୍ଥାନୀୟ ଶ୍ରମିକଙ୍କ ମାଧ୍ୟମରେ ହେଉଥିବା ଇଟା ନିର୍ମାଣ ଯାହାକି ବର୍ତ୍ତମାନ ବହୁ ଇଟା ଭାଙ୍ଗିଯାଉଥିବାର ମଧ୍ୟ ଦେଖିବାକୁ ମିଳିଛି। ଏହାକୁ ନେଇ ଆମେ ବିଭାଗୀୟ ଯନ୍ତ୍ରୀ ଶ୍ରୀ ସାମନ୍ତରାୟଙ୍କୁ ଆଜି ପଚାରିବାରୁ ସେ କହିଥିଲେ,ଉକ୍ତ କାମକୁ ସେହି ସ୍ଥାନରେ ନକରି ସ୍ଥାନ ପରିବର୍ତ୍ତନ କରିବା ସହିତ କାର୍ଯ୍ୟ ଆରମ୍ଭ ପୂର୍ବରୁ ତାଙ୍କୁ ଅବଗତ କରାଇବାକୁ କହିଥିଲେ। ହେଲେ ବର୍ତ୍ତମାନ କିନ୍ତୁ ବିନା ଅବଗତରେ ଠିକାଦାର ନିଜ ମନ ମୁତାବକ କାର୍ଯ୍ୟ ଆରମ୍ଭ କରିଥିବା ଯନ୍ତ୍ରୀ କହିଛନ୍ତି। ଏନେଇ ପୁନଃ ସହକାରୀ ଯନ୍ତ୍ରୀ ଶ୍ରୀ ସ୍ୱାଇଁଙ୍କୁ ଆଜି ପଚାରିବାରୁ ସେ କହିଥିଲେ କି ଫାଉଣ୍ଡେସନ ପ୍ରଥମେ ମେଟାଲରେ ବେଡ଼ ପଡିବା କଥା। ତାପରେ ପିଲାର କଲମ କରି ନିର୍ମାଣ କାମ ଆରମ୍ଭ କରିବା କଥା। କିନ୍ତୁ ଏସବୁ ଯଦି ହୋଇନି ତେବେ କିଛି ଅସୁବିଧା ନାହିଁ। ତେଣୁ ଠିକାଦାର କାମ ଆରମ୍ଭ କରିଥିବ ଏବଂ କାହିଁକି କାମ ହୋଇପାରୁନି ବୋଲି ସେ ଓଲଟି ଗଣମାଧ୍ୟମକୁ ପ୍ରଶ୍ନ କରିବା ସହ ଯେମିତି ସେମିତି ହେଉ ପଛେ କାମଟି ଶେଷ ହେଇଯାଉ ବୋଲି କହିଥିଲେ। ଏହାକୁ ନେଇ ଆମେ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଶ୍ରୀ ସାହୁଙ୍କ ଦୃଷ୍ଟି ଆକର୍ଷଣ କରିବାରୁ ସେ ଉକ୍ତ କାମକୁ ବନ୍ଦ କରିବା ନିମନ୍ତେ ପୂର୍ବ ସମୟରେ ନିର୍ଦ୍ଦେଶ ଦେଇଥିଲେ। କିନ୍ତୁ କାହିଁକି ଆରମ୍ଭ ହେଲା ଆଉ କିଏ କାମ କରିବାକୁ ଅନୁମତି ପ୍ରଦାନ କଲେ, ତାର ଅନୁଧାନ କରି ସେ ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବେ ବୋଲି ସୂଚନା ଦେଇଥିଲେ।

## କଂଗ୍ରେସ ବିରୋଧରେ ବିଜେପିର ବିକ୍ଷୋଭ

ଗୁଣପୁର,୨୨।୭ (ସମିସ) : ରାୟଗଡ଼ା ଜିଲ୍ଲା ଗୁଣପୁର ନୂତନ ବସଷ୍ଟାଣ୍ଡ ଠାରେ ଗୁଣୁପୁର ବିଜେପି କାର୍ଯ୍ୟକର୍ତ୍ତା ମାନଙ୍କ ପକ୍ଷରୁ କଂଗ୍ରେସ ବିରୋଧରେ ବିକ୍ଷୋଭ କରାଯାଇଥିଲା । କଂଗ୍ରେସର ଛାତ୍ର ସଙ୍ଗଠନ ରାଜ୍ୟ ସଭାପତି ଉଦିତ୍ ପ୍ରଧାନ ହୋଟେଲ୍‌ରେ ଛାତ୍ରୀଙ୍କୁ କୋଲ୍‌ଡ୍ରିଙ୍କ୍ସରେ ନିଶା ଦେଇ ଦୁଷ୍କର୍ମ କରିବା ଓ ମାନସିକ ନିର୍ଯାତନା ଦେବା ପ୍ରତିବାଦରେ ଭାଜପା ପକ୍ଷରୁ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି। ଏହାକୁ ନେଇ ଭାଜପା ପକ୍ଷରୁ ରାହୁଲ ଗାନ୍ଧି, ପିସିସି ସଭାପତି ଭକ୍ତ ଦାସ ଏବଂ ଉଦିତ ପ୍ରଧାନଙ୍କ କୁଶ ପୁତ୍ତଳିକା ଦାହ କରାଯାଇଥିଲା। ଗୁଣୁପୁର ବିଜେପିର ଯୁବ ମୋର୍ଚ୍ଚା ସଭାପତି ମୁଖି ଦିବାକରଙ୍କ ନେତୃତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ଯୁବ ନେତା କୀର୍ତ୍ତି କୁମାର ପଣ୍ଡା, ଶ୍ରଦ୍ଧା ପଣ୍ଡା, ଜିଲ୍ଲା ଉପସଭାପତି ଉଦୟ ପାଢୀ , ପ୍ରମୋଦ ସାହୁ, ପ୍ରଦୀପ କୁମାର ପାଢ଼ୀ, ଜୋନାଲି ଶବର, ଅମିତ ଷଡ଼ଙ୍ଗୀ, ସାଇ ପ୍ରଥମ, ଜଗଦୀଶ ପଣ୍ଡା, ରୋହନ, ସନ୍ତୋଷ ପଣ୍ଡା, ଭାର୍ଗବ, ଜଗନ୍ନାଥ ନିମାଲାପୁରୀ, ଦିଲୀପ ନାଗବଂଶୀ, କିରଣ ପାଣିଗ୍ରାହୀ, ଋତୁରାଜ ଶବର, ଅଭିଷେକ ସାହୁ ପ୍ରମୁଖ ଯୋଗଦେଇ ବିକ୍ଷୋଭ ପ୍ରଦର୍ଶନ କରିଥିଲେ।

## ସାପକାମୁଡ଼ାରେ ନାବାଳକ ମୃତ

କାଲିମେଲା,୨୨।୭ (ସମିସ): ସାପ କାମୁଡାରେ ଗଲା ୧୭ ବର୍ଷର ନାବାଳକର ଜୀବନ । ମାଲକାନଗିରି ଜିଲ୍ଲା କାଲିମେଲା ବ୍ଲକ ଅନ୍ତର୍ଗତ କାଲିମେଲା କଲୋନୀ ଗ୍ରାମରେ ଘଟିଛି ଏଭଳି ଦୁଃଖଦ ଘଟଣା। ସୂଚନା ମୁତାବକ ଗ୍ରାମର ଜଗା କବାସୀଙ୍କ ପୁଅ ରାମା କବାସୀ ସୋମବାର ରାତିରେ ପରିବାର ସଦସ୍ୟଙ୍କ ସହ ଘରେ ଶୋଇଥିବା ବେଳେ ଏଭଳି ଘଟଣା ଘଟିଛି। ତେବେ ସକାଳେ ପୁଅର ଦେହ ଅବସ୍ଥା ଗୁରୁତର ହେବାରୁ ତାଙ୍କୁ ଚିକିତ୍ସା ନିମନ୍ତେ କାଲିମେଲା ମେଡ଼ିକାଲକୁ ଅଣାଯାଇଥିଲା। ହେଲା ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ପରେ ମୃତଦେହ ବ୍ୟବଚ୍ଛେଦ କରି ପରିବାର ସଦସ୍ୟଙ୍କୁ ହସ୍ତାନ୍ତର କରାଯାଇଥିଲା। ପରିବାରକୁ ସରକାରୀ ସହାୟତା ପ୍ରଦାନ ପାଇଁ ସାଧାରଣରେ ଦାବି ହୋଇଛି ।

## ଆମ ପୁଲିସ୍ ସଚେତନତା କାର୍ଯ୍ୟକ୍ରମ

ବିଷମ କଟକ,୨୨।୭ (ସମିସ): ରାୟଗଡ଼ା ଜିଲ୍ଲା ବିଷମ କଟକ ଥାନା ପରିସରରେ ଆମ ପୁଲିସ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ବିଷମ କଟକ ଥାନା ଅଧିକାରୀ ସୂର୍ଯ୍ୟଚନ୍ଦ୍ର ପାଢୀ କାର୍ଯ୍ୟକ୍ରମରେ ଅଧ୍ୟକ୍ଷତା କରିଥିଲେ। ଏ ଅବସରରେ ବିଷମ କଟକ ଥାନା ଅଞ୍ଚଳରେ ଆଇନ ଶୃଙ୍ଖଳା ସ୍ଥିତି ଉପରେ ବିଭିନ୍ନ ଆଲୋଚନା କରାଯିବା ସହ ଅଞ୍ଚଳବାସୀଙ୍କ ବିଭିନ୍ନ ସମସ୍ୟା ଉପରେ ଆଲୋକପାତ କରାଯାଇଥିଲା। ନାବାଳକମାନେ ଗାଡି ଚଳାଇବା, ମଦ୍ୟପାନ କରି ବେପରୁଆ ଭାବେ ଗାଡି ଚଳାଇବା, ସ୍କୁଲ ଏବଂ କଲେଜ ଯିବା ଆସିବା ସମୟରେ ରୋଡ୍‌ରୋମିୟ ମାନଙ୍କ ଉତ୍ପାତ, ରାସ୍ତାରେ ଗାଈ ମାଲିକ ମାନେ ଗାଡି ଛାଡିଦେଉଥିବା ,ବିଭିନ୍ନ ସମୟରେ ଚୋରି ହେଉଥିବା ସଂକ୍ରାନ୍ତରେ ଥାନା ଅଧିକାରୀଙ୍କ ଦୃଷ୍ଟି ଗୋଚର କରିଥିଲେ ସ୍ଥାନୀୟ ଲୋକେ। ବିଷମ କଟକ ଅଞ୍ଚଳରେ ସୁରକ୍ଷା ବ୍ୟବସ୍ଥାକୁ ଟିକେ କଡାକଡି କରି ସ୍ଥାନ ସ୍ଥାନରେ ପୁଲିସ୍ କର୍ମଚାରୀ ନିୟୋଜିତ କରିବା ଏବଂ ସିସି କ୍ୟାମେରା ସଂଯୋଗ କରିବାକୁ ପ୍ରସ୍ତାବ ଦେଇଥିଲେ ଲୋକେ। ଆମ ପୁଲିସ୍ କାର୍ଯ୍ୟକ୍ରମରେ ବିଷମ କଟକ ବ୍ଲକ ଉପାଧ୍ୟକ୍ଷ ଦେବୀ ପ୍ରସାଦ ପଟ୍ଟନାୟକ,



ସ୍ଥାନୀୟ ସରପଞ୍ଚ ନମିତା କୁଳସିକାଙ୍କ ସମେତ ଡ୍ରାଇଭର ସଂଘର ସଦସ୍ୟ, ବରିଷ୍ଠ ନାଗରିକ ଏବଂ ବିଷମ କଟକ ଅଞ୍ଚଳର ଭଦ୍ରବ୍ୟକ୍ତି ମାନେ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମରେ ପୁଲିସ୍ ବିଭାଗ ତରଫରୁ ଏସ୍.ଆଇ ସାରିକା ସେଠ୍, ଏସ୍.ଆଇ ପୂର୍ଣ୍ଣଚନ୍ଦ୍ର ତ୍ରିପାଠୀ, ଏଏସ୍.ଆଇ. ପ୍ରୀତିରଂଜନ ବାରିକ ଉପସ୍ଥିତ ରହି ଲୋକଙ୍କ ପ୍ରସ୍ତାବ ସବୁକ ଲିପିବଦ୍ଧ କରିଥିଲେ।

### ଦେଶୀ ପାଚିଲା କଦଳୀର ଚାହିଦା

# କଦଳୀ ବିକି ରୋଜଗାରକ୍ଷମ ଦୁର୍ଗାପାଡୁ ଗାଁ ମହିଳା

ରାୟଗଡ଼ା,୨୨।୭ (ସମିସ):

ରାୟଗଡ଼ା ଏକ ଉପାନ୍ତ ଆଦିବାସୀ ଅଧ୍ୟୁଷିତ ଜିଲ୍ଲା ହୋଇଥିବା ବେଳେ ଏଠାକାର ଆଦିବାସୀ ମହିଳାମାନେ ଜଙ୍ଗଲ ଜାତ ବିଭିନ୍ନ ଲଘୁଜାତ ଦ୍ରବ୍ୟ ସଂଗ୍ରହ କରି ତାହାକୁ ବଜାରରେ ବିକି ଦୁଇ ପଇସା ରୋଜଗାର କରୁଛନ୍ତି। ଜିଲ୍ଲାର ସଦର ବ୍ଲକ୍ ଦୁର୍ଗାପାଡୁ, ମୀରାବାଲି ଆଦି ପଞ୍ଚାୟତର ଅନେକ ଆଦିବାସୀ ମହିଳା ଦେଶୀ ପାଚିଲା କଦଳୀ ବିକି ରୋଜଗାରକ୍ଷମ ହୋଇପାରୁଛନ୍ତି। ଏହି ପଞ୍ଚାୟତର ମହିଳାମାନେ ମାତ୍ର ଘର କାମରେ ସୀମିତ ନ ରହି ନିଜ ହାତରେ ଜୀବିକା ନିର୍ବାହ କରିବାରେ ମଧ୍ୟ ସମର୍ଥ ହୋଇପାରିଛନ୍ତି। ଦେଶୀ ପାଚିଲା କଦଳୀ ବିକି ନିଜ ଘରର ଖର୍ଚ୍ଚ ବହନ କରିପାରୁଛନ୍ତି ଏବଂ ଅନ୍ୟ ମହିଳାମାନଙ୍କୁ ମଧ୍ୟ ଏଭଳି ବିକ୍ରି



କରିବାକୁ ଉତ୍ସାହିତ କରୁଛନ୍ତି। କଦଳୀ ଏକ ଲାଭକାରୀ ଫସଲ ହୋଇଥିବାରୁ ଏହାର ଚାଷ ଓ ବିକ୍ରୟ ଦ୍ୱାରା ଅନେକ ଗ୍ରାମୀଣ ମହିଳା ନିଜ ଗୋଡରେ ଠିଆ ହେବାରେ ସକ୍ଷମ ହୋଇଛନ୍ତି। ଫଳରେ ଏଭଳି ଉଦ୍ୟମ ଗାଁ ଅର୍ଥନୀତିକୁ ଶକ୍ତିଶାଳୀ କରିପାରୁଛି। ୩୨୬ ନମ୍ବର ଜାତୀୟ ରାଜପଥ ରାୟଗଡ଼ା ସହରର ପୁରୁଣା ଗେଟ୍ ଛକ ଠାରୁ କପିଳାସ ଛକ ରାସ୍ତା କଡରେ ସକାଳୁ ସକାଳୁ କଦଳୀ,ଲେମ୍ବୁ, ଲାଉ, ପିଜୁଳି, ସୀତାଫଳ, ଫୁଲ, ପଣସ ଆଦି ବିକିବାକୁ ଆସୁଛନ୍ତି। ଦୁର୍ଗାପାଡୁ ଗ୍ରାମର ସସ୍ମିତା ମାଣ୍ଡାଙ୍ଗି, ପୁଆଲା ନୁକି, ପ୍ରମିଳା ପୁଆଲା, ସନ୍ଧ୍ୟାରାଣୀ ପୁଆଲା ଭଳି ଅନେକ ଆଦିବାସୀ ମହିଳା ନିଜ ଘର ବାଡିରେ ଲଗାଯାଇଥିବା କଦଳୀ ଗଛରୁ ପାଚିଲା କଦଳୀ ଆଣି ସହରରେ ବିକ୍ରି କରି ଦୁଇ ପଇସା ରୋଜଗାର କରୁଥିବା ଦେଖିବାକୁ ମିଳିଛି। କଦଳୀ ଗଛ ଗୁଡିକରେ କୌଣସି ପ୍ରକାର ରସାୟନିକ ସାର ନ ଦେଇ ଜୈବିକ ପଦ୍ଧତିରେ ଗଛରେ ପାଚୁଥିବା ସୁଆଦିଆ କଦଳୀ ଆଣି ବିକ୍ରି କରୁଥିବାରୁ ଗ୍ରାହକଙ୍କ ମଧ୍ୟରେ ଏହାର ବେଶ ଚାହିଦା ରହିଛି ବୋଲି ସୁସ୍ମିତା ମାଣ୍ଡାଙ୍ଗି କହିଛନ୍ତି। ପ୍ରତ୍ୟେକ ଦିନ ଭୋରରେ ଅଟୋ ଯୋଗେ ଗାଁର କିଛି ମହିଳା ସାଥି ହୋଇ କଦଳୀ ଆଣୁଥିବା ସେ କହିଛନ୍ତି। ଯଦି ପ୍ରଶାସନ ସ୍ତରରେ ଏହାର ବଜାରୀକରଣ ପାଇଁ ପ୍ରୟାସ କରାଯାଏ ତେବେ ସେମାନେ ଅଟୋ ଭଡା ତଥା ଅନ୍ୟାନ୍ୟ ଖର୍ଚ୍ଚାନ୍ତ ଦେବାକୁ ପଡି ନ ଥାନ୍ତା ବୋଲି କହିଛନ୍ତି। ବର୍ଷର ୩ରୁ ୪ମାସ ମଧ୍ୟରେ କଦଳୀ ପାଚୁ ଥିବାରୁ ବର୍ଷଯାକ କଦଳୀ ବ୍ୟବସାୟରୁ ଲାଭ ପାଇପାରୁଛନ୍ତି ବୋଲି ସେମାନେ କହିଛନ୍ତି।

# ୭ଟି ମାମଲାରେ ୧୫ ଅଭିଯୁକ୍ତ ଗିରଫ

ଜୟପୁର,୨୨।୭(ସମିସ): ଚୋରି, ଲୁଟ, ଦାଦାବଟି ଆଦାୟଭଳି ମାମଲାର ପର୍ଦାଫାସ କରିଛି ଜୟପୁର ଟାଉନ ପୁଲିସ। ଏନେଇ ୭ଟି ମାମଲାରେ ୧୫ଜଣ ଅଭିଯୁକ୍ତଙ୍କୁ ଗିରଫ କରାଯାଇଥିବା ଏକ ସାମ୍ବାଦିକ ସମ୍ମିଳନୀରେ ପୁଲିସ ପକ୍ଷରୁ କୁହାଯାଇଛି। ଟାଉନଥାନା ପରିସରରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ କୋରାପୁଟ ଏସପି ରୋହିତ ବର୍ମା ଉପସ୍ଥିତ ରହି ଏହି ସୂଚନା ଦେଇଥିଲେ। ସୂଚନା ଅନୁଯାୟୀ ଗତ ମାର୍ଚ୍ଚ ମାସ ୨ ତାରିଖରେ ଏମଜି ରୋଡର ସାଇକ୍ରାଷ୍ଟା ହୋଟେଲ ନିକଟସ୍ଥ ସେଲୁନ ଦୋକାନରୁ ଚୋରି ହୋଇଥିଲା। ଏନେଇ ଏକ ମାମଲା ରୁଜୁ ହୋଇଥିଲା। ଏହି ମାମଲାରେ ଜଣେ ଅଭିଯୁକ୍ତକୁ ଗିରଫ କରିଛି ଟାଉନ ପୁଲିସ। ଗିରଫ ଅଭିଯୁକ୍ତ ଜଣକ ହେଲା ଗୋପବନ୍ଧୁ ନଗରର ପଦ୍ମନ ମାଛ(୨୩)। ସେହିପରି ଗତ ଜୁଲାଇ ୧୬ ତାରିଖ ରାତ୍ରରେ ଅମ୍ବିକା ହୋଟେଲ ନିକଟରେ ଜଣେ ଅଜଣା ଦୁର୍ବୃତ୍ତ ମାଡ଼ ମାରି ୪୦ ହଜାର ଟଙ୍କା, ୩ଟି ଏଟିଏମ କାର୍ଡ, ଡ୍ରାଇଭିଂ ଲାଇସେନ୍ସ ଲୁଟ ହୋଇଥିବା ନେଇ ଅଭିଯୋଗ ହୋଇଥିଲା। ପୁଲିସ ଏହି ମାମଲାରେ ୨ଜଣ ଅଭିଯୁକ୍ତ ଗୋପବନ୍ଧୁ ନଗର ଅଞ୍ଚଳର ସନ୍ତୋଷ ଆଚାର୍ଯ୍ୟ(୨୧), ବାବଲ ପୂଜାରୀ(୧୯)କୁ ଗିରଫ କରିଛି। ସେମାନଙ୍କ ଠାରୁ ୧୦ ହଜାର ଟଙ୍କା ଜବତ କରାଯାଇଛି। ସେହିପରି ମାର୍ଚ୍ଚ ୮ ତାରିଖ ଗୋଟିଏ ଦୋକାନରୁ ୨ଟି ମ୍ୟୁଜିକ୍ ସିଷ୍ଟମ, ୪ଟି ସ୍ପିକର, ୧୬ ହଜାର ଟଙ୍କା ଚୋରି ହୋଇଥିବା ନେଇ ଅଭିଯୋଗ ହୋଇଥିଲା। ଏହି ମାମଲାରେ ହାଟପଦା ଅଞ୍ଚଳର ଅଭିଯୁକ୍ତ ରାଜୁ ଏଲିଅସ ମୋଟୁ ମାଝୀ(୨୩) କୁ ଗିରଫ କରାଯାଇଛି। ସେହିପରି ଜୁଲାଇ ୨୦ ତାରିଖରେ ୨ଜଣ ଅଜଣା ଦୁର୍ବୃତ୍ତ ପାରାବେଡା ସ୍ଥିତି ଏସବିଆଇ ଏଟିଏମକୁ ଲୁଟୁଥିବା ନେଇ ଏକ ମାମଲା ରୁଜୁ ହୋଇଥିଲା। ଫେବିକୁଇକ୍ ଲଗାଇ ଟଙ୍କା ଲୁଟୁଥିବା ସିସିଟିଭି ଫୁଟେଜ୍ ଆଧାରରେ ଟାଉନ ପୁଲିସ ୨ଜଣଙ୍କୁ ଗିରଫ କରିଛି। ସେମାନେ ହେଲେ ହରିୟାଣା ରାଜ୍ୟର ରସିଦ(୨୯) ମୋହିନ(୨୯) କୁ ଗିରଫ କରିଛି। ଗିରଫ ଅଭିଯୁକ୍ତଙ୍କ ଠାରୁ ୩ ହଜାର ଟଙ୍କା, ଫେବିକୁଇକ୍ ଆଇରନ ପ୍ଲେଟ୍‌କୁ ଜବତ କରିଛି। ଜୟପୁର ସହରର ଖ୍ରୀଷ୍ଟିଆନ ପେଟା ବିଜୁରାଜ ନଗର, ନୂଆସାହି ଏବଂ ଡିଆଇସି କଲୋନୀ ମଧ୍ୟରେ ଗୋଷ୍ଠୀ ସଂଘର୍ଷ ମାମଲାରେ ୫ଜଣ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରାଯାଇଛି। ଅଭିଯୁକ୍ତ ମାନେ ହେଲେ ବିଜୁ ରାଜ ନଗରର ହିପ୍ରମ ନାଗ(୧୯), ପିୟୁସ ଖିଲ(୧୯), ଗୋପବନ୍ଧୁ ନଗରର ଅଙ୍ଗନ ସାଗର(୨୦), ନୂଆସାହିର ସନ୍ତୋଷ କରିମ(୨୦), ନୂଆସାହି ୪ର୍ଥ ଲାଇନ୍‌ର ପିଣ୍ଟୁ ହିଆଲ(୨୧)। ସେହିପରି ଜୁଲାଇ ୨୨ ତାରିଖରେ ପୁଲିସ ପାଟ୍ରୋଲିଂ କରୁଥିବା ସମୟରେ ପୁରୁଣାଗଡ ଛକରେ ଦାଦା ବଟି ଆଦାୟ କରୁଥିବା ସୂଚନା ପାଇ ୪ଜଣଙ୍କୁ ଗିରଫ କରି ଏକ ମାମଲା ରୁଜୁ କରିଥିଲା। ସେମାନେ ହେଲେ ମୋଟୁ ମାଝୀ(୨୩), ଚିଲିଗୁଡାର ଆକାଶ ହରିଜନ(୨୦. ଗୋପବନ୍ଧୁ ନଗରର ମହେଶ ସାଗର(୨୯) ଓ ରବିନ୍ଦ୍ର ବାଘ। ଗିରଫ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯାଇଥିବା ଜୟପୁର ଟାଉନ ପୁଲିସ ପକ୍ଷରୁ ସୂଚନା ଦିଆଯାଇଛି। ଏହି ସାମ୍ବାଦିକ ସମ୍ମିଳନୀର ଏସଡିପିଓ ପାର୍ଥ କଶ୍ୟପ, ଟାଉନଥାନା ଅଧିକାରୀ ଉଲ୍ଲାସ ରାଉତ ଓ ସଦରଥାନା ଅଧିକାରୀ ସଚ୍ଚିନ୍ଦ୍ର ପ୍ରଧାନ ଉପସ୍ଥିତ ଥିଲେ।



## ୧୦ କେଜି ଓଜନର ବୋମା ଜବତ

ମାଲକାନଗିରି,୨୨।୭(ସମିସ): ମାଲକାନଗିରି ଜିଲ୍ଲା ସୀମାନ୍ତ ଛତିଶଗଡର ଚିନ୍ତାଲନାର ପୁଲିସ ଷ୍ଟେସନ ଅଞ୍ଚଳର ଲାଖାପାଲ ଜଙ୍ଗଲରେ ଏକ ସର୍ଚ୍ଚ ଅପରେସନ୍ ସମୟରେ ସୁରକ୍ଷା ବାହିନୀ ୧୦ କିଲୋ ଓଜନର ଏକ ଆଇଇଡି ଜବତ କରିଛି। ସିଆରପିଏଫର ୭୪ତମ ବାଟାଲିୟନର ସୈନିକମାନେ ଅପରେସନ୍ ମନସୁନ୍ ଅନ୍ତର୍ଗତ ସର୍ଚ୍ଚ ପାଇଁ ବାହାରିଥିଲେ। ସେମାନେ ଏହି ବିସ୍ଫୋରକକୁ ସନ୍ଦେହଜନକ ଅବସ୍ଥାରେ ଦେଖିଥିଲେ। ସୈନିକମାନେ ତୁରନ୍ତ ବୋମା ନିଷ୍କ୍ରିୟକାରୀ ଦଳକୁ ସତର୍କ କରାଇ ଦେଇଥିଲେ ଏବଂ ଆଇଇଡିକୁ ସୁରକ୍ଷିତ ଭାବରେ ନିଷ୍କ୍ରିୟ କରାଯାଇଥିଲା।

## ପିଏମ୍‌ଶ୍ରୀ କେନ୍ଦ୍ରୀୟ ବିଦ୍ୟାଳୟର ପରିଚାଳନା ସମିତି ବୈଠକ



ମାଲକାନଗିରି,୨୨।୭ (ସମିସ): ଆଜି ସକାଳ ୧୦ଟାରେ କେନ୍ଦ୍ରୀୟ ବିଦ୍ୟାଳୟ ମାଲକାନଗିରି ପରିଚାଳନା ସମିତିର ଗୁରୁତ୍ୱପୂର୍ଣ୍ଣ ବୈଠକ ବିଦ୍ୟାଳୟ ଅଧକ୍ଷ ଡ଼ କୈଳାଶ ମୀନାଙ୍କ କକ୍ଷରେ ଅନୁଷ୍ଠିତ ହୋଇଥିଲା। ଏହି ବୈଠକରେ ଜିଲ୍ଲାପାଳ ଆଶିଷ ଈଶ୍ୱର ପାଟିଲ ଅଧ୍ୟକ୍ଷତା କରିଥିଲେ। ବୈଠକରେ ପି ଏମ ଶ୍ରୀ କେନ୍ଦ୍ରୀୟ ବିଦ୍ୟାଳୟର ଅଧ୍ୟକ୍ଷ ଡ.କୈଳାଶ ମୀନା, ଜିଲ୍ଲା ଶିକ୍ଷା ଅଧିକାରୀ ଚିତ୍ତରଞ୍ଜନ ପାଣିଗ୍ରାହୀ, ଅଧ୍ୟାପକ ଡ. ରଞ୍ଜନ ସ୍ୱାଇଁ, ମହିଳା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଅଧକ୍ଷ ଦୁସ୍ମନ୍ତ ଜେନା, ପ୍ରାଥମିକ ଶିକ୍ଷକ ବିନେଶ କୁମାର ବୈଠକରେ ଉପସ୍ଥିତ ଥିଲେ। ଏହି ବୈଠକକୁ ବିଦ୍ୟାଳୟର ଇଂରାଜୀ ଅଧ୍ୟାପକ ଅମିତ ଦାସ, କାର୍ଯ୍ୟ ଅନୁଭବ ଶିକ୍ଷକ ଶ୍ରି. ଅଶୋକ କୁମାର ଏବଂ କଳା ଶିକ୍ଷକ ଆଦିତ୍ୟ କୁମାର ପରିଚାଳନା କରିଥିଲେ।

## ଆରମ୍ଭ ହେଲା ଅଲଟ୍ରାସାଉଣ୍ଡ ସେବା

ବୈପାରିଗୁଡ଼ା, ୨୨।୭ (ସମିସ): ବୈପାରିଗୁଡା ବ୍ଲକର ମେଡ଼ିକାଲରେ ଅଲଟ୍ରାସାଉଣ୍ଡ ସୁବିଧା ନଥିବାରୁ ଗର୍ଭବତୀ ମହିଳାଙ୍କୁ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେବାକୁ ପଡୁଥିଲା।



ବୈପାରିଗୁଡାର ଲୋକେ ଅଲଟ୍ରାସାଉଣ୍ଡ ପରୀକ୍ଷା କରିବା ପାଇଁ ଜୟପୁର କିମ୍ବା କୋରାପୁଟ ଉପରେ ନିର୍ଭର କରୁଥିଲେ। କିନ୍ତୁ ସେ ସମସ୍ୟା ଆଉ ଏବେ ରହିବ ନାହିଁ। ବୈପାରିଗୁଡ଼ା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ବର୍ତ୍ତମାନ ଗର୍ଭବତୀ ମହିଳାଙ୍କୁ ବିନା ଖର୍ଚ୍ଚରେ ଅଲଟ୍ରାସାଉଣ୍ଡର ସୁବିଧା ମିଳିବ। ଗତକାଲି ବୈପାରିଗୁଡ଼ା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଅଲଟ୍ରାସାଉଣ୍ଡ ମେସିନ ପହଞ୍ଚିବା ପରେ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ବାସବଦତ୍ତ ନାୟକ ମେସିନର ଉଦ୍‌ଘାଟନ କରିଛନ୍ତି। ପ୍ରଥମ ଥର ପାଇଁ ବୈପାରିଗୁଡ଼ା ମେଡ଼ିକାଲରେ ୨୯ ଜଣ ଗର୍ଭବତୀ ମହିଳାଙ୍କ ପରୀକ୍ଷା କରାଯାଇଥିଲା। ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରର ଅଧିକାରୀ ଡ଼ଃ ନାୟକଙ୍କ କହିବା ଅନୁଯାୟୀ, କେଉଁ ସେକ୍ଟରର କେଉଁ ଦିନ ଅଲଟ୍ରାସାଉଣ୍ଡ ପରୀକ୍ଷା କରାଯିବ ତାହା ପୂର୍ବରୁ ଆଶା କର୍ମୀ, ଅଙ୍ଗନୱାଡି କର୍ମୀ ଏବଂ ସ୍ୱାସ୍ଥ୍ୟ କର୍ମୀ ମାନଙ୍କୁ ଜଣାଇ ଦିଆଯିବ। ସପ୍ତାହର ପ୍ରତି ସୋମବାର ଏବଂ ଗୁରୁବାର ଦିନ ଅଲଟ୍ରାସାଉଣ୍ଡ ପରୀକ୍ଷା କରିବା ପାଇଁ ଦିନ ଧାର୍ଯ୍ୟ କରାଯାଇଛି।

## ସୁରେନ୍ଦ୍ର ସାଏ ଦିବ୍ୟଦୃଷ୍ଟି ଚକ୍ଷୁ ପରୀକ୍ଷା ଶିବିର ଉଦ୍‌ଘାଟିତ



କୋରାପୁଟ,୨୨।୭(ସମିସ): ସ୍ଥାନୀୟ ଏକ୍ସବୋର୍ଡ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଠାରେ ସୁରେନ୍ଦ୍ର ସାଏ ଦିବ୍ୟ ଦୃଷ୍ଟି ଯୋଜନା ଅନ୍ତର୍ଭତ ଚକ୍ଷୁ ପରୀକ୍ଷା ଶିବିର ବ୍ଲକ ଶିକ୍ଷା କାର୍ଯ୍ୟାଳୟର ଅନ୍ତନିବେଶି ଶିକ୍ଷା ବିଭାଗ ଓ ଜିଲ୍ଲା ସ୍ୱାସ୍ଥ୍ୟ ବିଭାଗ ଚକ୍ଷୁ ଉପ ବିଭାଗର ମିଳିତ ଆନୁକୂଲ୍ୟରେ ଅନୁଷ୍ଠିତ ହୋଇଯାଇଛି। ଏହା ତିନିଦିନ ଧରି ବ୍ଲକସ୍ତରରେ ଚାଲିବାକୁ ଥିବା ବେଳେ ଏଥିରେ କୋରାପୁଟ ଶିକ୍ଷା ବ୍ଲକ ଅନ୍ତର୍ଗତ ୧୬ଟି କ୍ଲଷ୍ଟରର ପଚାଶରୁ ଅଧିକ ବିଦ୍ୟାଳୟରୁ ପ୍ରାୟ ଚାରିଶହ ପିଲା ଏହି ଚକ୍ଷୁ ଶିବିରରେ ଯୋଗଦେଇ ଚକ୍ଷୁ ପରୀକ୍ଷା କରିବେ ବୋଲି ସୂଚନା ମିଳିଛି। ଏଥିରେ ଚକ୍ଷୁ ବିଭାଗ ତରଫରୁ ମୁକ୍ତିକାନ୍ତ ଜେନା ଏବଂ ବିଜୟ କୁମାର ଆଚାର୍ଯ୍ୟ ପିଲାମାନଙ୍କର ଚକ୍ଷୁ ପରୀକ୍ଷା କରିବା ସହ କିଛି ପରାମର୍ଶ ଦେଇଥିଲେ। କୋରାପୁଟ ବ୍ଲକ୍ ଶିକ୍ଷା ଅଧିକାରୀ ଦାୟିତ୍ୱରେ ଥିବା ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ଜଗନ୍ନାଥ ଭତ୍ରାଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଏହି ଶିବିରରେ କୋରାପୁଟ ବ୍ଲକ୍‌ର ଭାରପ୍ରାପ୍ତ ସହାୟକ ଶିକ୍ଷା ଅଧିକାରୀ ସଂଯୁକ୍ତା କଅଁରଙ୍କ ସମେତ ସିଆରସିସି ହର ପ୍ରସାଦ ମିଶ୍ର, ସୁବୋଧ ମାଝୀ, ତ୍ରିଲୋକେଶ ପଣ୍ଡା ,ଜ୍ୟୋତି ପାଢ଼ୀ ଏବଂ ମନୋଜ ଦାସ, ସୁଜିତ ପୋଲେଇ, ଧନୁଜୟ ନାୟକ ଓ ଜଗବନ୍ଧୁ ଯାନୀ ସହଯୋଗ କରିଥିବା ବେଳେ ଭାରପ୍ରାପ୍ତ ବିଆରପି ପ୍ରଦୀପ କୁମାର ପକ୍ଷତ୍ର କାଯ୍ୟକ୍ରମକୁ ସଂଯୋଜନା କରିଥିଲେ।

## ବିଦ୍ୟୁତ୍ ଆଘାତରେ ବିଦ୍ୟୁତ୍ କର୍ମଚାରୀଙ୍କ ମୃତ୍ୟୁ

ଡାବୁଗାଁ, ୨୨।୭ (ସମିସ): ନବରଙ୍ଗପୁର ଜିଲ୍ଲା ଡାବୁଗାଁ ବ୍ଲକର ଘୋଡାଖୁଣ୍ଟା ପଞ୍ଚାୟତ ଅଧୀନ ମୁଣ୍ଡାଗୁଡା ଛକ ନିକଟରେ ଏକ ଜମି ଭିତରେ ବିଦ୍ୟୁତ ଆଘାତରେ ଜଣେ ବିଦ୍ୟୁତ କର୍ମଚାରୀଙ୍କର ମଙ୍ଗଳବାର ମୃତ୍ୟୁ ଘଟିଛି । ଡାବୁଗାଁ ବ୍ଲକ ଅଧୀନ ବୋରିଗାଁ ଗ୍ରାମର ରାମା ଭତ୍ରା (୩୬) ଡାବୁଗାଁ ବିଦ୍ୟୁତ ବିଭାଗରେ ଟାଟା କମ୍ପାନୀ ଅଧୀନରେ କାର୍ଯ୍ୟ କରୁଥିଲେ। ମଙ୍ଗଳବାର ସକାଳେ ଅନ୍ୟ ଜଣେ ବିଦ୍ୟୁତ କର୍ମଚାରୀ ଧନସିଂ ଭତ୍ରା ଫୋନ କରି ରାମା ଭତ୍ରାଙ୍କୁ କାର୍ଯ୍ୟ କରିବାକୁ ଡାକିଥିଲେ। ପୂର୍ବାହ୍ନ ୧୦ଟାରେ ରାମା ଯାଇ ମୁଣ୍ଡାଗୁଡା ଛକ ନିକଟରେ ଏକ ଜମି ଭିତରେ ଥିବା ଏକ ବିଦ୍ୟୁତ ଖୁଣ୍ଟରେ ଚଢି କାମ କରୁଥିବା ବେଳେ ହଠାତ୍ ବିଦ୍ୟୁତ ଆସି ଯିବାରୁ ସେ ଆଘାତ ପାଇ ଖୁଣ୍ଟ ଉପରୁ ତଳକୁ ଖସି ପଡିଥିଲେ। ଫଳରେ ଘଟଣାସ୍ଥଳରେ ହିଁ ତାଙ୍କର ମୃତ୍ୟୁ ଘଟିଥିଲା। ଖବରପାଇ ଡାବୁଗାଁ ଥାନା ଏଏସଆଇ ଗୋପାଳକୃଷ୍ଣ ହାଲୱା ଘଟଣାସ୍ଥଳରେ ପହଞ୍ଚି ରାମାଙ୍କ ମୃତଦେହକୁ ଡାବୁଗାଁ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ପଠାଇଥିଲେ। ଅପରାହ୍ନରେ ମୃତକର ସ୍ତ୍ରୀ କମଳଦେଇ ଭତ୍ରା ଡାବୁଗାଁ ଥାନାରେ ଏତଲା ଦେଇଥିଲେ। ଉକ୍ତ ଏତଲା କୁ ଭିତ୍ତି କରି ଥାନା ଏଏସଆଇ ଚନ୍ଦ୍ରଶେଖର ହଜାରୀ ଡାକ୍ତରଖାନାରେ ପହଞ୍ଚି ଶବ ଜବତ କରି ପାଞ୍ଚନାମା କରିଥିଲେ। ବୁଧବାର ଶବ ବ୍ୟବଚ୍ଛେଦ କରାଯିବ ବୋଲି ପୋଲିସ ସୂତ୍ରରୁ ସୂଚନା ମିଳିଛି ।ଏନେଇ ଥାନା କେସ ନଂ ୨୧/୨୫ ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରାଯାଇଛି ।

## ନିରାପତ୍ତା ଓ ସୁରକ୍ଷା ସପ୍ତାହ ପାଳିତ

କୋଷାଗୁମୁଡା,୨୨।୭(ସମିସ): ମଙ୍ଗଳବାର ଦିନ କୋଷାଗୁମୁଡା ସଦର ମହକୁମା ସ୍ଥିତ ସରକାରୀ ଉଚ୍ଚ ବିଦ୍ୟାଳୟଠାରେ ବିଦ୍ୟାଳୟର ପ୍ରଧାନଶିକ୍ଷକ ପବିତ୍ର ହାଲଦାରଙ୍କ ତତ୍ତ୍ୱାବଧାନରେ ବିଦ୍ୟାଳୟ ନିରାପତ୍ତା ଓ ସୁରକ୍ଷା ସପ୍ତାହ ପାଳିତ ହୋଇଯାଇଛି। ଏହି ଅବସରରେ କୋଷାଗୁମୁଡା ଅଗ୍ନିଶମ ବାହିନୀ ଦ୍ୱାରା ଅଗ୍ନି ନିର୍ବାପନ ଓ ଅଗ୍ନି ବିପନ୍ନଙ୍କୁ ସହାୟତା ଉଦେଶ୍ୟରେ ବିଭିନ୍ନ କୌଶଳ ପ୍ରଦର୍ଶନ କରାଯାଇଛି। ଏହା ବ୍ୟତୀତ ବିଜୁଳି ଘଡଘଡି, ଜଳରେ ବୁଡିଯିବା ତଥା ରୋଷେଇ ଗ୍ୟାସ ଜନିତ ଦୁର୍ଘଟଣାରୁ ନିଜକୁ କିପରି ରକ୍ଷା ପାଇବା ଆଦି କୌଶଳ ମଧ୍ୟ ଅତି ସୁନ୍ଦର ଭାବରେ ପ୍ରଦର୍ଶନ କରିଥିଲେ। ବିଦ୍ୟାଳୟର ଜୁନିଅର ରେଡକ୍ରସ, ଭାରତ ସ୍କାଉଟ ଓ ଗାଇଡ୍, ଇକୋ କ୍ଲବ ଓ ଶକ୍ତି କ୍ଲବର ସମସ୍ତ ଛାତ୍ରଛାତ୍ରୀ ବିଭିନ୍ନ ଆତ୍ମରକ୍ଷା କୌଶଳ ଶିଖିଥିଲେ। ଯାହା ସେମାନଙ୍କ ଦୈନନ୍ଦିନ ଜୀବନରେ ପ୍ରୟୋଗ କରିପାରିବେ। କାର୍ଯ୍ୟକ୍ରମ ଶେଷରେ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବିଦ୍ୟାଳୟର ଶିକ୍ଷକ ନଳିନୀକାନ୍ତ ପାତ୍ର, ବିଶ୍ୱେଶ୍ୱର ସାହୁ, ଅଭୟକୁମାର ସାମଲ, ନୀଳାମ୍ବର ତ୍ରିପାଠୀ, ଲୋକନାଥ ଭତ୍ରା, ଗୀତାଞ୍ଜଳି ଚଲାଣ, ସୁଜାତା ପାତ୍ର, ନୂତନ କୁମାର ନାୟକ, କର୍ମଚାରୀ ତପନ କୁମାର ଖୋସଲା, ବିନାୟକ ପ୍ରହରାଜ ଓ ଯଶରାଜ କୁମାର ପରିଡା ଉପସ୍ଥିତ ଥିଲେ।

## ଭାଲୁ ଆକ୍ରମଣରେ ଯୁବକ ଗୁରୁତର

ମାଲକାନଗିରି/ମାଥିଲି, ୨୨।୭(ସମିସ): ମାଲକାନଗିରି ଜିଲ୍ଲା ମାଥିଲି ଥାନା ଅନ୍ତର୍ଗତ ବୁରୁଡିଗୁଡା ଗ୍ରାମର ଚୈତନ୍ୟ ବୁରୁଡ଼ି ଶୌଚ ପାଇଁ ନିକଟରେ ଥିବା ଜଙ୍ଗଲକୁ ଯାଇଥିଲେ। ଏହି ସମୟରେ ପଛପଟୁ ଆସି ଏକ ଭାଲୁ ଆକ୍ରମଣ କରିଥିବା ବେଳେ ବହୁ କଷ୍ଟରେ ସେଠାରୁ ଖସି ଆସିଲେ ଚୈତନ୍ୟ। ଚ÷ତନ୍ୟ ଗାଁ ନିକଟରେ ଆସି ଅଚେତ ଅବସ୍ଥାରେ ପଡିଥିବା ବେଳେ କିଛି ଗ୍ରାମବାସୀ ଦେଖି ତାଙ୍କୁ ଉଦ୍ଧାର କରି ମାଥିଲି ସ୍ୱାସ୍ଥ୍ୟକେନ୍ଦ୍ର ଭର୍ତ୍ତି କରିଛନ୍ତି। ଭାଲୁ ଆକ୍ରମଣ ଫଳରେ ଚୈତନ୍ୟଙ୍କ ଆଖିରେ ଗଭୀର ଆଘାତ ଲାଗିଥିବା ଜଣାପଡିଛି।

● ଜମିରେ ବିଦ୍ୟୁତ୍ ତାର ସ୍ୱର୍ଶରେ ମୃତ୍ୟୁ ଘଟଣା

## ଅଭିଯୁକ୍ତକୁ ୨ବର୍ଷ ସଶ୍ରମ କାରାଦଣ୍ଡ

ଜୟପୁର,୨୨।୭(ସମିସ): ଜୟପୁର ଜିଲ୍ଲା କୋର୍ଟ ପକ୍ଷରୁ ଗତ ୨୦୧୭ ମସିହାରେ ଜମିରେ ବେଆଇନ ଭାବେ ବିଦ୍ୟୁତ ତାର ସଂଯୋଗ କାରଣରୁ ି ଜଣକର ମୃତ୍ୟୁ ହୋଇଥବା ମାମଲାର ଆଜି ବିଚାର ହୋଇଛି। ଜିଲ୍ଲା ଦୌରା ଜଜ୍ ପ୍ରଦୀପ କୁମାର ମହନ୍ତ ଅଭିଯୁକ୍ତଙ୍କୁ ଦୋଷୀ ସାବ୍ୟସ୍ତ ସହ ୨ବର୍ଷ ସଶ୍ରମ କାରାଦଣ୍ଡରେ ଦଣ୍ଡିତ କରିବା ସହ ୧୫ ହଜାର ଟଙ୍କା ଜୋରିମାନା ଆଦାୟ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଜରିମାନା ଅନାଦେୟ ଅଧିକ ଏକ ବର୍ଷ ୩ ମାସ ଜେଲ୍ ଦଣ୍ଡରେ ଦଣ୍ଡିତ ହେବେ। ଗତ ୨୦୧୭ ମସିହାରେ ଦିଗାପୁର ଗ୍ରାମର ପୀତ ଦଳେଇ ଓ ବୁଦ୍ରା ଖିଲ ଦୁଇଜଣ ନିଜ ଜମିର ତାରବାଡରେ ବେଆଇନ ବିଦ୍ୟୁତ ସଂଯୋଗ କରିଥିଲେ। ନୂଆପୁଟ ଗ୍ରାମର ମନ ପରଜା ପୁସପୁନି ଯାତ୍ରା ନିମନ୍ତେ ଜମିକୁ ଯିବା ସମୟରେ ବିଦ୍ୟୁତ ତାର ସ୍ୱର୍ଶରେ ଆସି ତାଙ୍କର ମୃତ୍ୟୁ ହୋଇଥିଲା। ଏନେଇ ଜୟପୁର ସଦରଥାନାରେ ଏକ ମାମଲା ରୁଜୁ ହୋଇଥିଲା। ସଦର ପୁଲିସ ଉଭୟ ପୀତଦଳେଇ ଓ ବୁଦୁରା ଖିଲକୁ କୋର୍ଟ ଚାଲାଣ କରିଥିଲା। ଆଜି ଜିଲ୍ଲା ଜଜ ୮ଜଣଙ୍କ ସାକ୍ଷ ପ୍ରମାଣକୁ ଭିତ୍ତିକରି ଅଭିଯୁକ୍ତ ପୀତ ଦଳେଇକୁ ୩୦୪ ଆଇନ ଅନୁଯାୟୀ ୨ବର୍ଷ ସଶ୍ରମ କାରାଦଣ୍ଡରେ ଦଣ୍ଡିତ କରିବା ସହ ୧୦ ହଜାର ଟଙ୍କା ଜରିମାନା ଅନାଦେୟ ହେଲେ ୧ ବର୍ଷ ଜେଲ ଦଣ୍ଡ ଅଧିକ ଭୋଗିବା ଓ ୧୩୫ ଧାରା ଅନୁସାରେ ୫ ହଜାର ଟଙ୍କା ଜରିମାନା ଓ ଅନାଦେୟ ୬ମାସ ଜେଲ ଦଣ୍ଡରେ ଦଣ୍ଡିତ କରିଛନ୍ତି। ସରାକାରଙ୍କ ପକ୍ଷରୁ କ୍ୟାଡର ପବ୍ଲିକ ପ୍ରସିକ୍ୟୁଟର ମହେନ୍ଦ୍ର କୁମାର ନାଗ ପରିଚାଳନା କରିଥିଲେ। ପ୍ରକାଶ ଯେ, ଅନ୍ୟତମ ଅଭିଯୁକ୍ତ ବୁଦ୍ରାର ମୃତ୍ୟୁ ହୋଇଯାଇଛି।

## ଶିକ୍ଷକ ସଂଘର ଅଭିଯୋଗ ଉପରେ ତଦନ୍ତ

ନନ୍ଦପୁର,୨୨।୭ (ସମିସ): ବଦଳି ଖବର ପାଇ ଜଣେ ଶିକ୍ଷକଙ୍କୁ ପକ୍ଷଘାତ ହେବା ସଙ୍ଗୀନ ଅଭିଯୋଗ ସାଧାରଣରେ ଚର୍ଚ୍ଚାର ବିଷୟ ହୋଇଥିବା ବେଳେ ଏହି ଘଟଣା ନେଇ ମଙ୍ଗଳବାର ଜିଲ୍ଲା ଅତିରିକ୍ତ ଶିକ୍ଷାଧିକାରୀ ଚମେଲି ମଞ୍ଜୁନ୍ଦାର ନନ୍ଦପୁର ବ୍ଲକ ଶିକ୍ଷାଧିକାରୀଙ୍କ କାର୍ଯ୍ୟଳୟ ପହଞ୍ଚି ଅଭିଯୋଗର ତଦନ୍ତ କରିଛନ୍ତି। ଏହା ପୂର୍ବରୁ ଏହି ଅଭିଯୋଗ ନେଇ ବ୍ୟକ୍ତିଗତ ଭାବେ ଜିଲ୍ଲା ଶିକ୍ଷାଧିକାରୀ ନନ୍ଦପୁର ଅତିରିକ୍ତ ଶ୍ରୀ ମାଝୀଙ୍କୁ କାରଣ ଦର୍ଶାଅ ନୋଟିସ କରିଥିବାବେଳେ ମଙ୍ଗଳବାର ଜିଲ୍ଲା ଅତିରିକ୍ତ ଶିକ୍ଷାଧିକାରୀ ଶ୍ରୀମତି ମଞ୍ଜୁନ୍ଦାର ନନ୍ଦପୁର ବ୍ଲକରେ ପହଞ୍ଚି ଅଭିଯୋଗ ଉପରେ ତଦନ୍ତ କରିଛନ୍ତି। ସେ ବ୍ଲକ ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟଳୟରେ ପହଞ୍ଚି ବ୍ଲକ ଶିକ୍ଷାଧିକାରୀ ଭବାନୀ ନନ୍ଦନ ପଟ୍ଟନାୟକ, ଏବିଓ ମାମଜାତ ଗମାଙ୍ଗ, ଗୁରୁନାଥ ମାଝୀଙ୍କ ସମେତ ସମସ୍ତ ସିଆରସିସି ମାନଙ୍କୁ ନେଇ ଏକ ଆଲୋଚନା କରିଥିଲେ। ଅଭିଯୋଗ ଆଣିଥିବା ଶିକ୍ଷକ ଶିକ୍ଷୟିତ୍ରୀ ମାନଙ୍କୁ ଗୋଟି ଗୋଟି କରି କକ୍ଷକୁ ଡାକି ଘଟଣା ସମ୍ପର୍କରେ ପଚାରିଥିଲେ। ସେ ଜିଲ୍ଲା ଶିକ୍ଷା ଅଧିକାରୀଙ୍କୁ ଏ ନେଇ ରିପୋର୍ଟ ଦେବେ ବୋଲି ଗଣମାଧ୍ୟମ ପ୍ରତିନିଧିଙ୍କୁ କହିଛନ୍ତି।

## ଦୁଇ ବର୍ଷ ପରେ ରୋଗୀ କଲ୍ୟାଣ ସମିତି ବୈଠକ

ପୋଡ଼ାଗଡ,୨୨।୭(ସମିସ): କୋରାପୁଟ ଜିଲ୍ଲା ଦଶମନ୍ତପୁର ବ୍ଲକ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଠାରେ ଦୀର୍ଘ ଦୁଇ ବର୍ଷ ପରେ ରୋଗୀ କଲ୍ୟାଣ ସମିତି ବୈଠକ ଭାରପ୍ରାପ୍ତ ଚିକିତ୍ସା ଅଧିକାରୀ ଦୀପକ କୁମାର ଶାମଲଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ଲକ୍ଷ୍ମୀପୂର ବିଧାୟକ ପବିତ୍ର ସାଉଁତା ଯୋଗ ଦେଇଥିବା ବେଳେ ବିଡ଼ିଓ, ସିଡିପିଓ, ପାନୀୟ ଜଳ ବିଭାଗର କନିଷ୍ଠ ଯନ୍ତ୍ରୀ ଭଳି କିଛି ଅଧିକାରୀ ଯୋଗ ଦେଇ ନ ଥିଲେ। ବୈଠକର ନିୟମକୁ ବେଖାତିର କରି ତରବରିଆ ଭାବେ କରାଯାଇଥିବା ଅଭିଯୋଗ ହୋଇଛି, ପ୍ରତି ଛଅ ମାସରେ ଥରେ ଏହି ବୈଠକ ହେବା ପାଇଁ ନିୟମ ରହିଥିଲେ ମଧ୍ୟ କେଉଁ କାରଣରୁ ଦୁଇ ବର୍ଷ ଧରି ଏହି ବୈଠକ କରାଗଲା ନାହିଁ ତାହା ମଧ୍ୟ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ବର୍ତ୍ତମାନ ମଧ୍ୟ ଅନେକ ଗୁରୁତ୍ୱ ପୂର୍ଣ୍ଣ ବିଷୟ ଆଲୋଚନା ହୋଇ ନ ଥିବା ସୂଚନା ମିଳିଛି। ଲକ୍ଷ୍ମୀପୂର ନିର୍ବାଚନ ମଣ୍ଡଳୀର ଆୟତନରେ ଓ ଜନସଂଖ୍ୟାରେ ବଡ଼ ବ୍ଲକ ଭାବେ ଦଶମନ୍ତପୁର ପରିଚିତ। ଏହି ବ୍ଲକ ଠାରେ ଦୀର୍ଘ ବର୍ଷ ଧରି ଶବବାହକ ଯାନ ନିମନ୍ତେ ଦାବି ହୋଇ ଆସୁଥିବା ବେଳେ କାହାର ମଧ୍ୟ ଏଥିପ୍ରତି ଦୃଷ୍ଟି ପଡୁ ନଥିବା ଅଭିଯୋଗ ହେଉଛି। ଅନେକ ସମୟରେ ଖଟିଆରେ ରୋଗୀ ବୁହା ହୋଇ ଆସୁଥିବା ନଜରକୁ ଆସି ଥିବା ଦେଖା ଦେଇଛି। ଅନେକ ଅଞ୍ଚଳ ରେ ୧୦୮ ଗାଡି ଯାଇପାରୁ ନାହିଁ, ଅନେକ ସ୍ୱାସ୍ଥ୍ୟ କର୍ମଚାରୀ ନିଜ କର୍ତ୍ତବ୍ୟ ସ୍ଥଳରେ ନ ରହି ଦୂର ଦୂରାନ୍ତରୁ ଯାତାୟତ କରୁଥିବା ଦେଖିବାକୁ ମିଳୁଛି। ଯାଦ୍ୱାରା ସ୍ୱାସ୍ଥ୍ୟସେବାରେ ବ୍ୟାଘାତ ଘଟୁଥିବା ଅଭିଯୋଗ ହେଉଛି। ମନ୍ଥର ଗତିରେ କାମ ଯୋଗୁଁ ନୂତନ ଭାବେ ନିର୍ମାଣଧୀନ ସ୍ୱାସ୍ଥ୍ୟକେନ୍ଦ୍ରର ସମାପନ ନେଇ ଆଶଙ୍କା ଦେଖାଦେଇଛି। ପୂର୍ବରୁ ଅନେକ ଥର ଝାଡାବାନ୍ତି, ମ୍ୟାଲେରିଆ ଓ ଅନ୍ତ୍ରାକ୍ସ ପରି ରୋଗରେ ବ୍ଲକରେ ଶହ ଶହ ଲୋକଙ୍କ ମୃତ୍ୟୁ ଘଟିଥିବା ନଜରକୁ ଆସିଛି। ବିଶେଷ କରି ବର୍ଷା ଦିନ ରେ ଦୁର୍ଗମ ଅଞ୍ଚଳ ମାନଙ୍କରେ ସ୍ୱାସ୍ଥ୍ୟକେନ୍ଦ୍ରକୁ ଆସି ନ ପାରି ମୃତ୍ୟୁ ଘଟୁଥିବା ଦେଖିବାକୁ ମିଳିଛି। ସେହିପରି ଭ୍ରମ୍ୟମାଣ ସ୍ୱାସ୍ଥ୍ୟ ସେବା ମଧ୍ୟ ଠିକ୍‌ରେ ହେଉ ନଥିବା ଦେଖା ଦେଇଛି। ତେଣୁ ପ୍ରଶାସନ ସ୍ୱାସ୍ଥ୍ୟ କ୍ଷେତ୍ରରେ ସ୍ୱତନ୍ତ୍ର ଦୃଷ୍ଟି ଦେଇ ବିହିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ଦାବି ଦେଉଛି।

**ଅନେକ ଅଧିକାରୀ ଅନୁପସ୍ଥିତ**

## ଭାର ଉତ୍ତୋଳନକାରୀଙ୍କୁ ସମ୍ବର୍ଦ୍ଧନା



ଗୁଣୁପୁର,୨୨।୭(ସମିସ): କୋଲକାତାର ମେଦିନାପୁରଠାରେ ଆୟୋଜିତ ଜାତୀୟସ୍ତରୀୟ ଭାରଉତ୍ତୋଳନ ପ୍ରତିଯୋଗିତାରେ ଗୁଣୁପୁରର ହାଡିଆ ଶବର ବ୍ରୋଞ୍ଜ ପଦକ ହାସଲ କରିଛନ୍ତି। ଏହି ଅବସରରେ ଗୁଣୁପୁର ବିଜେପି ତରଫରୁ ତାଙ୍କୁ ସମ୍ବର୍ଦ୍ଧିତ କରାଯାଇଛି। ପିଙ୍କି ହୁଇକା ୫୩ କିଲୋ ସିନିୟରରେ ସ୍ୱର୍ଣ୍ଣ, ଆଦି ଶବର ସିନିଅରରେ ୮୫ କିଲୋରେ କାଂସ୍ୟ ଓ ଦୋରା କଣ୍ଡାଗିରି ୯୪ କିଲୋ ସିନିଅରରେ ରୌପ୍ୟ, ଏକ୍ସାଟେଡ୍‌ରେ ବିତେନ୍ଦ୍ର ଶବର ୯୪ କିଲୋ ସିନିଅରରେ ସ୍ୱର୍ଣ୍ଣ ପଦକ ହାସଲ କରିଛନ୍ତି। ଏହି ପ୍ରତିଯୋଗୀମାନେ ନେପାଳରେ ହେବାକୁ ଥିବା ଏସିଆ କପ ପ୍ରତିଯୋଗିତାରେ ଭାଗ ନେବା ସକାଶେ ମନୋନୀତ ହୋଇଛନ୍ତି।

# ରେଳବାଇ ଜମି ଅଧିଗ୍ରହଣକୁ ନେଇ ତ୍ରିପାକ୍ଷିକ ବୈଠକ

ରାୟଗଡ଼ା,୨୨।୭(ସମିସ): ପୂର୍ବତଟ ରେଳବାଇ ପକ୍ଷରୁ ରାୟଗଡ଼ା-କୋରାପୁଟ କେଆର ଦ୍ୱିତୀୟ ଲାଇନ ପାଇଁ ଜମି ଅଧିଗ୍ରହଣ ପ୍ରକ୍ରିୟା ଜାରି ରହିଥିବା ବେଳେ ରାୟଗଡ଼ାଜିଲ୍ଲା ସଦର ବ୍ଲକ କାର୍ଲାକଣା ଗ୍ରାମପଞ୍ଚାୟତ ଅଧିନସ୍ଥ ଅଙ୍ଗୁରୁ ଗ୍ରାମବାସୀଙ୍କ ପକ୍ଷରୁ ଜମି ଅଧିଗ୍ରହଣକୁ ନେଇ ଦୀର୍ଘ ଦିନରୁ ବିରୋଧ ହୋଇ ଆସୁଛି। ପୂର୍ବରୁ ରେଳବାଇ ଅଧିକ ଜାଗା ଅଧିଗ୍ରହଣ କରି ନେଇଥିବା ବେଳେ ବର୍ତ୍ତମାନ ମଧ୍ୟ ଲୋକଙ୍କ ଜମିରେ ଜବରଦଖଲ କରୁଥିବା ଗ୍ରାମବାସୀମାନେ ଅଭିଯୋଗ କରି ଆସୁଛନ୍ତି। ତେବେ ରେଳବାଇ ପକ୍ଷରୁ କରାଯାଇଥିବା ଜମି ଅଧିଗ୍ରହଣର ସମସ୍ତ ଦସ୍ତାବିଜକୁ ଆଧାର କରି ଏଯାଁଏ ତିନି ଥର ଜମି ସୀମା ନିର୍ଦ୍ଧାରଣ କରାଯାଇଥିବା ବେଳେ ଗ୍ରାମବାସୀଙ୍କ ଦାବି ପ୍ରକାରେ ଆସନ୍ତା ତିନିରୁ ଚାରି ଦିନ ମଧ୍ୟରେ ପୁନଃ ସୀମା ନିର୍ଦ୍ଧାରଣ କରାଯିବ ବୋଲି ରାୟଗଡ଼ା ତହସିଲଦାର ଶ୍ରୀମତି ପ୍ରିୟଦର୍ଶନୀ ସ୍ୱାଇଁ ପ୍ରକାଶ କରିଛନ୍ତି। ଆଜି ରାୟଗଡ଼ା ଉପଜିଲ୍ଲାପାଳ ରମେଶ ଜେନାଙ୍କ



ଅଧ୍ୟକ୍ଷତାରେ ରାୟଗଡ଼ା ତହସିଲଦାର, ଅଙ୍ଗୁରୁ ଗ୍ରାମବାସୀ, ରେଳବାଇ ଅଧିକାରୀ, ସ୍ୱତନ୍ତ୍ର ଜମି ଅଧିଗ୍ରହଣକାରୀ ଅଧିକାରୀ, ସ୍ଥାନୀୟ ଚାନ୍ଦିଲି ଥାନା ପୋଲିସ ଆରକ୍ଷୀ ନିରୀକ୍ଷକ ଏବ ଅନ୍ୟାନ୍ୟ ବିଭାଗୀୟ ଅଧିକାରୀଙ୍କ ଉପସ୍ଥିତିରେ ଏକ ତ୍ରିପାକ୍ଷିକ ବୈଠକ ଅନୁଷ୍ଠିତ ହୋଇଥିଲା। ଗ୍ରାମବାସୀମାନେ ପୂର୍ବରୁ ରେଳବାଇ ଦ୍ୱାରା ଜମି ଅଧିଗ୍ରହଣ ସମୟରେ ରେଳବାଇ ପକ୍ଷରୁ ଚାକିରି ଦେବା, ଗାଁକୁ ଭଲ ରାସ୍ତା, ପିଲାଙ୍କ ପାଠପଢା ଭଳି ବିଭିନ୍ନ ପ୍ରତିଶୃତି ଦିଆଯାଇଥିଲା। କିନ୍ତୁ ତାହାକୁ ପୂରଣ କରାଯାଇନାହିଁ ବୋଲି ଅଭିଯୋଗ କରିଛନ୍ତି। ଜମି ଅଧିଗ୍ରହଣ ବେଳେ ଗ୍ରାମବାସୀଙ୍କ ଅଧିକ ଜମିକୁ ରେଳବାଇ ଜବରଦଖଲ କରି ନେଇଛି ବୋଲି ଅଭିଯୋଗ କରିଥିଲେ।

**➤ ରେଳବାଇ ନେଇଯାଇଛି ଅଧିକ ଜାଗା : ଅଙ୍ଗୁରୁ ଗ୍ରାମବାସୀ**
**➤ ପୁଣି ହେବ ଜମି ସୀମା ନିର୍ଦ୍ଧାରଣ : ତହସିଲଦାର**

ତେବେ ୧୯୮୮ ମସିହାରେ ରେଳବାଇ ପକ୍ଷରୁ ଆବଶ୍ୟକ ଜମି ଅଧିଗ୍ରହଣ କରାଯାଇ ଉକ୍ତ ସମୟରେ ଜମିର ବିକ୍ରି ମୂଲ୍ୟ ପ୍ରକାରେ କ୍ଷତିପୂରଣ ଦିଆଯାଇଥିଲା ଏବଂ ରେଳବାଇ ତାହାର ଜମିରେ କାମ ଆରମ୍ଭ କରିଥିଲା। ବର୍ତ୍ତମାନ ମଧ୍ୟ ରେଳବାଇ ତାହାର ଜାଗାରେ ନୂତନ ପ୍ରକଳ୍ପ ପାଇଁ କାମ କରିବାକୁ ଯାଉଥିବା ବେଳେ ଗ୍ରାମବାସୀଙ୍କ ଅଭିଯୋଗକୁ ନେଇ ପୂର୍ବରୁ ୩ ଥର ସୀମା ନିର୍ଦ୍ଧାରଣ କରାଯାଇଛି ଏବଂ ପୁନଃ ସୀମା ନିର୍ଦ୍ଧାରଣ କରାଯିବ ବୋଲି ତହସିଲଦାର ପ୍ରକାଶ କରିଛନ୍ତି। ଏଥିସହ ଗ୍ରାମବାସୀଙ୍କ ଜମିରେ ରେଳବାଇ ଉମ୍ପିଂ କରୁଥିବା ଗ୍ରାମବାସୀ ଅଭିଯୋଗ କରିଥିଲେ। ବୈଠକରେ ଅଙ୍ଗରୁ ଗ୍ରାମର ମନୋଜ ପେଦେଂଟି, ନରସିଂହ ପେଦେଂଟି, ମାଗୁ ପେଦେଂଟି, ସର୍ବେଶ ପେଦେଂଟି, ଗୋପିନାଥ ପେଦେଂଟି, ଶ୍ରୀପତି ପେଦେଂଟି, ଶଙ୍କର ବିଡିକାଙ୍କ ସମେତ ଲବ, ପ୍ରକାଶ, ଉତନା, କାମେଶ୍ୱର ରାଓ, ବଳ, ଚନ୍ଦ୍ରଦାସ ପେଦେଂଟିଙ୍କ ସମେତ ଗ୍ରାମର ବହୁ ଲୋକ ଉପସ୍ଥିତ ଥିଲେ।

## ରାୟଗଡ଼ା ବିଧାୟକ ପଢ଼ିଲେ ଗଣିତ ପାଠ!

ରାୟଗଡ଼ା,୨୨।୭(ସମିସ): ରାୟଗଡ଼ା ବିଧାୟକ କାଡ୍ରକା ଅପଲାସ୍ୱାମୀ ଆଜି ଓଡିଶା ଆନ୍ଧ୍ର ସୀମାନ୍ତ ଗାଁ କେରେଡା ସ୍ଥିତ ସରକାରୀ ଉଚ୍ଚ ଏସଏସଡି ବିଦ୍ୟାଳୟକୁ ଯାଇ ଗଣିତ ପାଠ ପଢିଛନ୍ତି। ଶ୍ରେଣୀ ଗୃହରେ ୨୫ ମିନିଟ ଧରି ଛାତ୍ରଛାତ୍ରୀ ଗହଣରେ ବସି ଗଣିତ ପାଠର ସରଳରେଖା ଉପରେ ପିଲାମାନଙ୍କ ସହ ପାଠ ପଢିଛନ୍ତି। ସୀମାନ୍ତ ଗାଁ ସ୍କୁଲ ମାନଙ୍କର ଶିକ୍ଷା ବ୍ୟବସ୍ଥା କିଭଳି ରହିଛି ତାହା ପରଖିବା ପାଇଁ ବିଧାୟକ କାଡ୍ରାକା ଆପଲାସ୍ୱାମି ଏହି ଅଚାନକ ଗସ୍ତ କରିଥିଲେ। ରାୟଗଡା ସହର ଠାରୁ ୨୭ କିଲୋମିଟର ଦୂରରେ ଥିବା ଏହି ବିଦ୍ୟାଳୟ ସ୍ଥିତି ପରଖିଥିଲେ। ଆଜି ସକାଳେ ବିଧାୟକ ସିଧାସଳଖ ଯାଇ ୧୦ମ ଶ୍ରେଣୀ ଗୃହରେ ପହଞ୍ଚି ଥିଲେ। ଆଉ ଦଶମ ଶ୍ରେଣୀର ପିଲାମାନଙ୍କୁ କିଭଳି ଶିକ୍ଷା ଦାନ ଚାଲିଛି ସେ ବିଷୟରେ ନିଜେ ଛାତ୍ରୀଛାତ୍ରଙ୍କ ସହ ପଛଧାଡିର ବେଞ୍ଚ ଉପରେ ବସି ୨୫ ମିନିଟ ଧରି ଶୁଣି ଥିଲେ। ଶ୍ରେଣୀରେ ଶିକ୍ଷକ ରାଧାକାନ୍ତ ପାଣିଗ୍ରାହୀ ଶିକ୍ଷା ଦାନ କରୁଥିଲେ। ଶିକ୍ଷକ ଆଗକୁ ଆସି ବସିବା ପାଇଁ କହିଥିଲେ ମଧ ସେ ପଛ



ଧାଡିରେ ବସି ଶିକ୍ଷା ଦାନକୁ ଏହି ଆଦିବାସୀ ଅଧ୍ୟୁଷିତ ଜିଲ୍ଲା ର ପିଲାମାନେ କିଭଳି ଗ୍ରହଣ କରୁଛନ୍ତି ତାହା ଅନୁଧ୍ୟାନ କରିଥିଲେ। ସରଳରେଖା ଉପରେ ଶିକ୍ଷକ ଅତି ଉତ୍ତମ ଢଙ୍ଗରେ ପଢାଉଥିବା ନିଜେ ବିଧାୟକ ଅନୁଭବ କରିଥିବା କହିଛନ୍ତି। ବିଡମ୍ବନା ବିଷୟ ଯେଉଁ ଶିକ୍ଷକ ଗଣିତ ପଢାଉଥିଲେ ସେ ଓଡ଼ିଆ ମାତୃଭାଷା ଶିକ୍ଷକ । ଯେହେତୁ ବିଜ୍ଞାନ ଶିକ୍ଷକ ନଥିବାରୁ ବାଧ ହୋଇ ଗଣିତ ପାଠ ପଢାଉଥିଲେ। ପରେ ପ୍ରଧାନ ଶିକ୍ଷକଙ୍କ କାର୍ଯ୍ୟାଳୟରେ ବସି ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ମାନଙ୍କ ସହ ବିଧାୟକ ଆଲୋଚନା କରିଥିଲେ। ସ୍କୁଲରେ ଶିକ୍ଷକ ମାନେ ଲେସନ ପ୍ଲାନ କରୁନଥିବା ସେ ଅନୁଧ୍ୟାନ କରିଛନ୍ତି। ଅର୍ଥାତ ପୂର୍ବ ପ୍ରସ୍ତୁତି ପ୍ରଣାଳୀ ପ୍ରତ୍ୟେକ ମାସରେ କେଉଁ କେଉଁ ବିଷୟରେ ପାଠପଢା ଯିବ ଏହା ନିର୍ଦ୍ଧାରିତ ହୋଇଥାଏ। ଏହି ଲେସନ ପ୍ଲାନରେ ସୁଧାର ଆଣିବା ପାଇଁ ପ୍ରଧାନ ଶିକ୍ଷକ ବିଭୀଷଣ ଚିତୁଆନଙ୍କୁ ପରାମର୍ଶ ଦେଇଥିଲେ। ପ୍ରବେଶ ପୁସ୍ତିକା ନିୟମ ପାଳନ କରିବାକୁ ପରାମର୍ଶ ଦେଇଥିଲେ। ବିଦ୍ୟାଳୟରେ ଛାତ୍ରୀ ୧୮୦ ଜଣ, ଛାତ୍ର ୧୮୫ ଜଣ ରହିଥିବା ବେଳେ ସେହି ଅନୁପାତରେ ବିଦ୍ୟାଳୟରେ ୫ଜଣ ଅତିରିକ୍ତ ଶିକ୍ଷକଙ୍କ ଅଭାବ ରହିଛି। ପିଲାଙ୍କ ସହ ଆଲୋଚନା ବେଳେ ଶିକ୍ଷକ ଅଭାବ କଥା ମଧ୍ୟ ଛାତ୍ରଛାତ୍ରୀ କହିଛନ୍ତି। ଅପରପକ୍ଷରେ ୩୬୫ ଜଣ ଛାତ୍ରଛାତ୍ରୀ ଥିବା ବେଳେ ବର୍ତ୍ତମାନ ଶୌଚାଳୟ ମରାମତି କାର୍ଯ୍ୟ ଚାଲୁଛି। ସ୍କୁଲର ଛୁଟି ପୂର୍ବରୁ ମରାମତି କାର୍ଯ୍ୟ ସମ୍ପୂର୍ଣ୍ଣ ହେବାର ଥିଲା କାହିଁକି ବର୍ତ୍ତମାନ ସୁଦ୍ଧା ସମ୍ପୂର୍ଣ୍ଣ ହୋଇନାହିଁ। ଏହା ତ୍ୱରାନ୍ୱିତ କରିବା ପାଇଁ ବିଧାୟକ ପରାମର୍ଶ ଦେଇଛନ୍ତି। ଏହା ସହିତ ଏକ ମାସ ହେଲା ବ୍ଲକ ମଙ୍ଗଳ ଅଧିକାରୀ ପରିଦର୍ଶନ କରିନଥିବା ପରିଦର୍ଶନ ପୁସ୍ତିକା ପ୍ରମାଣିତ କରୁଛି। ଏହି ସମସ୍ତ ସ୍ଥିତି ସମ୍ପର୍କରେ ଜିଲ୍ଲା ପ୍ରଶାସନ ଏବଂ ମଙ୍ଗଳ ବିଭାଗ ସହିତ ଆଲୋଚନା କରି ସୁଧାର ଆଣିବାର ବ୍ୟବସ୍ଥା ପାଇଁ ପରାମର୍ଶ ଦେବେ ବିଧାୟକ ଶ୍ରୀ କାଡ୍ରକା।

## ପିକଅପ୍ ଜବତ; ୧୬ ଗୋରୁ ଉଦ୍ଧାର

ଖୋର୍ଦ୍ଧା,୨୨।୭(ସମିସ): ୧୬ନଂ ଜାତୀୟ ରାଜପଥର ଗଡ଼ଖୋର୍ଦ୍ଧା ଛକ ନିକଟରୁ ପୁଲିସ ଏକ ଗୋରୁ ବୋଝେଇ ପିକଅପ ଭ୍ୟାନ୍‌କୁ ଜବତ କରିଛି। ଗାଡ଼ିରୁ ପୁଲିସ ଦୟନୀୟଭାବେ ବନ୍ଧା ହୋଇଥିବା ୧୬ ଗୋରୁଙ୍କୁ ଉଦ୍ଧାର କରିଛି। ଘଟଣାସ୍ଥଳରୁ ଗାଡ଼ି ଚାଳକ ଓ ଗୋରୁ ମାଫିଆ ଖସି ଯାଇଥିବାବେଳେ ଗାଡିଟି ତୋଟାପଡା ଦିଗରୁ ବେଣାପଞ୍ଜୁରୀ ଅଭିମୁଖେ ଯାଉଥିବା ପୁଲିସ ଜାଣିବାକୁ ପାଇଛି। ଗାଡ଼ିକୁ ଜବତ କରି ପୁଲିସ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ ଚଳାଇଛି। ଉଦ୍ଧାର ସମସ୍ତ ଗୋରୁଙ୍କୁ ପୁଲିସ ସିଜୁଆ ଗୋସାଳାରେ ଛାଡ଼ିଥିବା ଜଣାଯାଇଛି।

## ଗାଡ଼ି ଧକ୍କାରେ ଜଣେ ମୃତ

ବାଲୁଗାଁ,୨୨।୭(ସମିସ):୧୬ ନମ୍ବର ଜାତୀୟ ରାଜପଥର ପ୍ରାଣଦେଇପୁର ଧାନ ମିଲ୍ ନିକଟ ରାସ୍ତା କଡ଼ରୁ ମଙ୍ଗଳବାର ସକାଳେ ଜଣେ ଅଚିହ୍ନା ବ୍ୟକ୍ତିଙ୍କ ମୃତ୍ୟୁଦେହ ଉଦ୍ଧାର କରିଛି ବାଲୁଗାଁ ପୁଲିସ। ବ୍ୟକ୍ତି ଜଣକ ଧଳା ରଙ୍ଗର ଚେକ୍ ସାର୍ଟ ଓ ଧୂସର ରଙ୍ଗର ଟ୍ରାକ୍‌ପ୍ୟାଣ୍ଟ ପିନ୍ଧିଥିବା ସହ ତାଙ୍କ ବୟସ ପ୍ରାୟ ୫୦ ବର୍ଷ ହେବ ବୋଲି ଅନୁମାନ କରାଯାଉଛି। ସୋମବାର ବିଳମ୍ବିତ ରାତ୍ରରେ ଉକ୍ତ ବ୍ୟକ୍ତିଙ୍କୁ କୌଣସି ଏକ ଅଜଣା ଗାଡ଼ି ଧକ୍କା ଦେଇ ଫେରାର ହୋଇ ଯାଇଥିବା ଅନୁମାନ କରାଯାଉଥିବା ବେଳେ ଦୁର୍ଘଟଣା ଘଟାଇଥିବା ଗାଡି ସମ୍ପର୍କରେ କିଛି ଜଣା ପଡ଼ିନାହିଁ। ଖବର ପାଇ ବାଲୁଗାଁ ଥାନା ଅଧିକାରୀ ଜୟପ୍ରକାଶ ପରିଡ଼ାଙ୍କ ନିର୍ଦ୍ଦେଶକ୍ରମେ ସୌମ୍ୟକାନ୍ତ ପାଣିଗ୍ରାହୀ ପୁଲିସ ଟିମ ସହ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରି ବାଲୁଗାଁ ଡାକ୍ତରଖାନାରେ ଭର୍ତ୍ତି କରିଥିବାବେଳେ ଡାକ୍ତର ତାଙ୍କୁ ମୃତ ଘୋଷଣା କରି ବ୍ୟବଚ୍ଛେଦ ନିମନ୍ତେ ପଠାଇ ତଦନ୍ତ ଜାରି ରଖିଛନ୍ତି।

### ଚାଷୀ ମୁହଁରେ ହସ ଫୁଟାଉଛି ବର୍ଷା

# ଅଣ୍ଟା ଭିଡ଼ିଲେଣି ଅଣଜଳସେଚିତ ଜମିର କୃଷକ

ଖୋର୍ଦ୍ଧା,୨୨।୭(ସମିସ)



ସଅଳ ଆସିଲା ପୁଣି ଫେରିଗଲା ମୌସୁମୀ। ମୌସୁମୀ ଫେରିବା ଦେଖି ଚାଷୀ ମନରେ ଛନକା ପଶିଥିଲା। ମାତ୍ର ପଛକୁ ପଛ ଲଘୁଚାପ ବର୍ଷା ଯୋଗୁ ଜିଲ୍ଲାରେ କୃଷିକାର୍ଯ୍ୟ ବେଶ ଉତ୍ସାହର ସହ ଆଗେଇ ଚାଲିଛି। ଚାଷ ହୋଇପାରି ନ ଥିବା ଅଣଜଳସେଚିତ ଜମି ଗୁଡ଼ିକର ଚାଷୀଙ୍କ ମନରେ ଲଘୁଚାପ ବର୍ଷା ଆନନ୍ଦ ଆଣିଛି। ଯଦିଓ ଦିନବେଳେ ଗୁଳୁଗୁଳି ଗରମ ହେଉଛି, ତଥାପି ଅପରାହ୍ନ ବେଳକୁ କଳାମେଘ ବାଦଲ ଘୋଟାଇ ମାଡ଼ି ଆସୁଛି ବର୍ଷା। ଅସରାଏ ଦୁଇ ଅସରାଏ ଅନର୍ଗଳ ବର୍ଷୁଛି। ଆଉ ମଝିରେ ମଝିରେ ମେଘୁଆ ଖରା ମଧ୍ୟ ହେଉଛି। ପ୍ରକୃତିର ଏଭଳି ପ୍ରେମ ଦେଖି ଚାଷୀକୂଳ ମଧ୍ୟରେ ହସ ଫୁଟିଛି। ଚାଷ ଲାଗି ସେମାନେ ଆଗଭର ହେଲାଣି। ଯଦିଓ ନାଳ ଅଞ୍ଚଳ ବିଲ ଏବଂ ଜଳସେଚିତ ଜମିଗୁଡିକରେ ରୁଆପୋତା କାର୍ଯ୍ୟ ଚାଲିଛି, ତଥାପି ଅଣଜଳସେଚିତ ଜମିର ଚାଷୀ ବର୍ଷା ହେବାରେ ବିହନ ବୁଣାକାର୍ଯ୍ୟ କରିବାକୁ ଆଗଭର ହୋଇଛି। ବର୍ଷାକୁ ନେଇ ଚାଷୀଙ୍କ ମଧ୍ୟରେ ଚାଷପାଇଁ ଉତ୍ସାହ ଉଦ୍ଦିପନା ଦେଖିବାକୁ ମିଳିଛି। ଗତବର୍ଷ ପ୍ରଥମେ ସ୍ୱଳ୍ପ ବୃଷ୍ଟି ବିହନ ବୁଣା କାର୍ଯ୍ୟ ବାଧାପ୍ରାପ୍ତ ହୋଇଥିବାବେଳେ ପରେ ଧାନ ଅମଳ ସମୟରେ ଲଗାଣବର୍ଷା ଯୋଗୁ ଚାଷୀ ପାଇଁ ସମସ୍ୟା ସୃଷ୍ଟି ହୋଇଥିଲା।

କଥାରେ ଅଛି ଚାଷ ତରତର ବଣିଜ ମଠ। ଚଳିତ ବର୍ଷ ଯଦିଓ ବିଳମ୍ବ ହୋଇଛି ତଥାପି ଧାନ ବୁଣା ପାଇଁ ଏବେ ମଧ୍ୟ ସମୟ ରହିଛି ବୋଲି ଚାଷୀ ଜାମିନିକାନ୍ତ ସୁବୁଦ୍ଧି ପ୍ରକାଶ କରିଛନ୍ତି। ଏବେ ବି ବହୁ ଚାଷୀ ଘରେ ଧାନ ଗଜା କରି ବିଲରେ ଛାଟୁଥିବାବେଳେ ଆଉ କିଛି ତଳି ରୋଉଛନ୍ତି।

ଚାଷୀ ଜିତେନ୍ଦ୍ର ସ୍ୱାଇଁଙ୍କ କହିବା କଥା ସାଧାରଣତଃ ପବିତ୍ର ଅକ୍ଷୟ ତୃତୀୟାରେ ଚାଷୀକୂଳ ପାରମ୍ପରିକ ରୀତିନୀତି ଅନୁଯାୟୀ ଭୂମିପୂଜନ ସହ ବିଲରେ ହଳ କରିଥାନ୍ତି। ସେହିଦିନ ଠାରୁ ଚାଷକାର୍ଯ୍ୟ ଆରମ୍ଭ ହୋଇଥାଏ। ବିଲରେ ଧାନ ବୁଣିବା ପରେ ଚାଷୀ ମୌସୁମୀକୁ ଚାହିଁ ବସିଥାଏ। ବର୍ଷା ଆରମ୍ଭ ହେଲେ ଜୁନ ଶେଷ ଏବଂ ଜୁଲାଇ ପହିଲାରୁ ତଳିବୁଣା ଆରମ୍ଭ କରନ୍ତି। ଚଳିତବର୍ଷ ଚାଷ ପାଇଁ ଜୁଲାଇର ଠିକ ସମୟରେ ବର୍ଷା ହୋଇଛି। ଫଳରେ ଅଣଜଳସେଚିତ ଜମିଗୁଡିକ ମଧ୍ୟ ପାଣି ଲାଗି ଚାଷ ହୋଇପାରିବ। ଜିଲ୍ଲା କୃଷି ବିଭାଗ ସୂଚନା ଅନୁସାରେ ଦୟା, ମଲାଗୁଣୀ, ରଣା ଭଳ ନଦୀ ଦ୍ୱାରା ୧୬୧୯୩.୪୭ ହେକ୍ଟର ଚାଷଜମିକୁ ଜଳସେଚନ ବ୍ୟବସ୍ଥା ରହିଛି। କେନାଲ ଦ୍ୱାରା ୬୫୫୯.୧୮ ହେକ୍ଟର ଜମି ଜଳସେଚନ ହେଉଥିବାବେଳେ ସରକାର ଉଠାଜଳସେଚନ ପ୍ରକଳ୍ପରେ ପ୍ରାୟ ୬୯୭୦.୦୮ହେକ୍ଟର, କ୍ଷୁଦ୍ର ଜଳସେଚନ ପ୍ରକଳ୍ପ ଦ୍ୱାରା ୧୦୯୮୯.୯ହେକ୍ଟର ଚାଷଜମିକୁ ଜଳମାଡୁଛି।

ସେହିପରି ନଳକୂପ ଜରିଆରେ ୨୧୯ହେକ୍ଟର ଏବଂ ଅନ୍ୟାନ୍ୟ ଜଳଉତ୍ସରୁ ପ୍ରାୟ ୨୩୬୭.୬୧ହେକ୍ଟର ଚାଷଜମି ଉପରେ ନିର୍ଭର କରୁଥିବା କୃଷକ ଉପକୃତ ହେଉଛନ୍ତି। ଜିଲ୍ଲାବ୍ୟାପି ପାଖାପାଖି ୪୩୨୯୯.୨୪ ହେକ୍ଟର ଚାଷକୁ ଜଳସେଚନ ସୁବିଧା କରାଯାଇଥିବା ଜଣାଯାଇଛି।

ସୂଚନା ଅନୁସାରେ, ବାଲିପାଟଣା ବ୍ଲକରେ ସର୍ବାଧିକ ୯୩୭୬.୨୬ହେକ୍ଟର ଜମି ଜଳସେଚିତ ହୋଇଥିବାବେଳେ ଖୋର୍ଦ୍ଧା ବ୍ଲକରେ ସର୍ବନିମ୍ନ ୧୮୩୧ହେକ୍ଟର ଜମି ଜଳସେଚିତ ରହିଛି। ଚିଲିକା ବ୍ଲକ୍ ରେ ୨୩୩୫.୧୫ହେକ୍ଟର ଜମି ଜଳସେଚିତ ହୋଇଥିବାବେଳେ ବେଗୁନିଆ ବ୍ଲକ୍ ରେ ୨୯୮୨ହେକ୍ଟର, ବୋଲଗଡ଼ରେ ୪୧୦୪ହେକ୍ଟର, ଟାଙ୍ଗି ବ୍ଲକ୍‌ରେ ୨୮୫୮ ହେକ୍ଟର, ବାଣପୁର ବ୍ଲକ୍ ରେ ୭୪୪୭.୧୮ ହେକ୍ଟର, ଭୁବନେଶ୍ୱର ବ୍ଲକ୍ ରେ ୨୩୪୧.୫୬ହେକ୍ଟର, ଜଟଣୀ ବ୍ଲକ୍‌ରେ ୨୦୭୩.୪୦ହେକ୍ଟର ଓ ବାଲିଅନ୍ତା ବ୍ଲକ୍ ରେ ୭୯୫୦.୫୮ହେକ୍ଟର ଜଳସେଚିତ ଚାଷ ଜମି ରହିଛି। ଜିଲ୍ଲାର ଅବଶିଷ୍ଟ ଜମିର ଚାଷୀ ଜଳସେଚନରୁ ବଂଚିତ ଥିବାବେଳେ ସେମାନଙ୍କ ନିମନ୍ତେ ଚାଷପାଇଁ ବର୍ଷା ଜଳ ହିଁ ଏକମାତ୍ର ଭରସା। ତେବେ ଲଘୁଚାପ ବର୍ଷା ଏହି ଜମିର ଚାଷୀଙ୍କ ମନରେ ହସର ଲହରୀ ଖେଳାଇଥିବା ଜଣାଯାଇଛି। ପ୍ରକାଶ ଥାଉକି, ଜିଲ୍ଲାର ୧ଲକ୍ଷ ୨୦ହଜାର ୧୫୦ହେକ୍ଟର ଚାଷ ଜମିରୁ ଚଳିତ ଖରିଫ ଋତୁରେ ୧ଲକ୍ଷ ୩ହଜାର ୦୫୪ହେକ୍ଟର ଜମିରେ ଧାନ ଫସଲ କରିବା ପାଇଁ କୃଷି ବିଭାଗ ଲକ୍ଷ୍ୟ ରଖିଛି। ଅବଶିଷ୍ଟ ଜମିରେ ଅଣଧାନ ଚାଷ କରିବାକୁ ବିଭାଗ ଲକ୍ଷ୍ୟ ରଖିଛି।

## ଷ୍ଟେସନ୍‌ରୁ ମୋବାଇଲ୍ ଲୁଟ୍ ଘଟଣାରେ ଅଭିଯୁକ୍ତ ଗିରଫ

● ୫ ମୋବାଇଲ୍ ଜବତ

ଜଟଣୀ,୨୨।୭(ସମିସ): ଖୋର୍ଦ୍ଧାରୋଡ୍ ରେଳଷ୍ଟେସନ୍ ଅଞ୍ଚଳରୁ ଜଣେ ମୋବାଇଲ୍ ଲୁଟେରାକୁ ଗିରଫ କରିଛି ଜିଆର୍‌ପି ପୁଲିସ। ତାଙ୍କ ନିକଟରୁ ୫ଟି ଚୋରା ମୋବାଇଲ୍ ଫୋନ୍ ଜବତ କରିଛି। ଗିରଫ ଅଭିଯୁକ୍ତ ହେଲେ ଖୋର୍ଦ୍ଧା ଟାଉନ୍ ଥାନା ଅନ୍ତର୍ଗତ ସୂର୍ଯ୍ୟନଗରର ବାବୁଲା ବାରିକ ଓରଫ୍ ପ୍ରଫୁଲ(୩୫)। ସୂଚନାଯୋଗ୍ୟ ଯେ, ଗିରଫ ଅଭିଯୁକ୍ତ ଖୋର୍ଦ୍ଧାରୋଡ୍ ରେଳ ଷ୍ଟେସନ୍ ଅଞ୍ଚଳରୁ ବିଭିନ୍ନ ଯାତ୍ରୀଙ୍କଠାରୁ ମୋବାଇଲ୍ ଲୁଟ୍ କରି ଆସୁଥିଲା।



ସୋମବାର ଅଭିଯୁକ୍ତ ଜଣଙ୍କ ପ୍ଲାଟଫର୍ମର ଶେଷଆଡ଼କୁ ଲୁଟ୍ ମୋବାଇଲ୍‌କୁ ସବୁକୁ ବିକ୍ରି କରିବା ପାଇଁ ଜଣେ ଗ୍ରାହକକୁ ଅପେକ୍ଷା କରିଥିଲା। ବିଶେଷ ସୂତ୍ରରୁ ପୁଲିସ ଖବରପାଇ ଘଟଣାସ୍ଥଳରେ ଅତର୍କିତ ଚଢ଼ଉ କରିଥିଲା। ସେଠାରୁ ଅଭିଯୁକ୍ତକୁ କାବୁ କରିଥିବାବେଳେ ଗ୍ରାହକ ଜଣଙ୍କ ଖସି ପଳାଇଥିଲା। ଯାଞ୍ଚ ବେଳେ ୫ଟି ମୋବାଇଲ୍ ଫୋନ୍ ଜବତ କରିଥିଲା ପୁଲିସ। ଏ ନେଇ ଥାନାରେ ଏକ ମାମଲା ରୁଜୁ କରି ଅଭିଯୁକ୍ତକୁ ଗିରଫ ପରେ କୋର୍ଟ ଚାଲାଣ କରିଛି ପୁଲିସ।

## କାମ ଚାଲିଥିବା ବେଳେ ଭୁଶୁଡ଼ିଲା ବ୍ରିଜ୍



ବାଲୁଗାଁ,୨୨।୭ (ସମିସ) : ୧୬ ନମ୍ବର ଜାତୀୟ ରାଜପଥର ଗଞ୍ଜାମ ଜିଲ୍ଲା ଓ ଖୋର୍ଦ୍ଧା ଜିଲ୍ଲା ସୀମାସ୍ଥିତ ତଥା ନାଭାଲ ଛକର ଅନତୀଦୂର ଜରିଶଙ୍ଖ ପୁରାତନ ବ୍ରିଜ କାମ ଚାଲିଥିବା ବେଳେ ସୋମବାର ଉକ୍ତ ବ୍ରିଜଟି ଭୁଶୁଡି ପଡ଼ିଥିଲା। ତେବେ କୌଣସି କ୍ଷୟକ୍ଷତି ହୋଇ ନ ଥିବା ସୂଚନା ମିଳିଛି। ସୋମବାର ଉକ୍ତ ଜରି ଶଙ୍ଖ ପୁରାତନ ବ୍ରିଜକୁ ଏକ ପ୍ରୋକଲିନ ସାହାଯ୍ୟରେ ଭଙ୍ଗା ଯାଉଥିବା ସମୟରେ ଅସାବଧାନତା ବଶତଃ ପ୍ରୋକଲିନଟି ବ୍ରିଜକୁ ଜୋରରେ ଆଘାତ କରିବାରେ ବ୍ରିଜର ଅଧା ଅଂଶ ଭୁଶୁଡ଼ି ପଡ଼ିବା ସହ ଉକ୍ତ ପ୍ରୋକଲିନଟି ମଧ୍ୟ ସେଥିରେ ଫସି ରହିଥିଲା। ପରବର୍ତ୍ତି ସମୟରେ ପ୍ରୋକଲିନକୁ ସେଠାରୁ କଢାଯାଇଥିଲା।

## ବାଲିପାଟପୁରରେ ସ୍ୱାସ୍ଥ୍ୟ ସଚେତନତା ଶିବିର



ଭୂଷଣ୍ଡପୁର,୨୨।୭(ସମିସ): ଟାଙ୍ଗୀ ବ୍ଲକର ଚିଲିକା ସଂନିକଟ ବାଲିପାଟପୁର ପଞ୍ଚାୟତ କାର୍ଯ୍ୟାଳୟଠାରେ ଆଜି ଏକ ସ୍ୱାସ୍ଥ୍ୟ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି। ଶିବିରକୁ ବାଲିପାଟପୁର ସରପଞ୍ଚ ଭାବିବେହେରା, ଭୂଷଣ୍ଡପୁର ସରପଞ୍ଚ ସୌରଭଦାସମହାପାତ୍ର, ପଞ୍ଚାୟତ କାର୍ଯ୍ୟ ନିର୍ବାହୀ ଅଧିକାରୀ ଅମୁଲ୍ୟ କୁମାର ଭୋଇ ଏବଂ ବାଲିପାଟପୁର ନୂତନ ସ୍ୱାସ୍ଥ୍ୟକେନ୍ଦ୍ରର ଡା. ପୌରୋହିତ୍ୟ କରିଥିବାବେଳେ ଅଙ୍ଗନବାଡି କର୍ମଚାରୀ ଏବଂ ଆଶା ର ସମସ୍ତ କର୍ମୀ ଅଂଶଗ୍ରହଣ କରିଥିଲେ। ଜନସାଧାରଣଙ୍କୁ ବିଭିନ୍ନ ସଂକ୍ରାମକ ରୋଗରୁ ରକ୍ଷା ନିମନ୍ତେ ପୋଖରୀ, କୂଅ ପରିଷ୍କାର କରିବା ସହିତ ରାସ୍ତା ଉପରୁ ଅଳିଆ ସଫା କରିବାକୁ ପରାମର୍ଶ ଦିଆଯାଇଥିଲା।

## ବାରମ୍ବାର ଭାଙ୍ଗୁଛି ରେଳଫାଟକ; ଲୋକେ ହନ୍ତସନ୍ତ

ନିରାକାରପୁର,୨୨।୭(ସମିସ): ଦୈନନ୍ଦିନ ହଜାର ହଜାର ସଂଖ୍ୟାରେ ଗାଡିମଟର ଅତିକ୍ରମ କରୁଥିବା ଖୋର୍ଦ୍ଧା ଜିଲ୍ଲା ନୂଆ ଜଗନ୍ନାଥ ସଡ଼କର ନିରାକାରପୁର ସ୍ଥିତରେଳ ଫାଟକ ଆଉ ସମ୍ଭାଳୁନି। ବାରମ୍ବାର ଗେଟ ବନ୍ଦ ହେଉଥିବାରୁ ଏହା ଆପେ ଭାଙ୍ଗି ପଡ଼ିଥିବା ଲକ୍ଷ୍ୟ କରାଯାଉଛି। ବହୁ ସଂଖ୍ୟାରେ ଟ୍ରେନ୍ ଯାତାୟାତ କରିଥିବାରୁ ପ୍ରତି ୫ ମିନିଟରେ ଏହି ରେଳ ଫାଟକ ବନ୍ଦ କରିବାକୁ ପଡୁଛି। ଏହାର ରକ୍ଷଣାବେକ୍ଷଣ ପାଇଁ କିଛି ରେଳ ବିଭାଗ କର୍ମଚାରୀ ବି ନିୟୋଜିତ ହୋଇ ରହିଛନ୍ତି। ତଥାପି ମଙ୍ଗଳବାର ସକାଳ ୧୦ ଟା ସମୟରେ ଭାଙ୍ଗି ପଡ଼ିଥିବାରୁ ବହୁ ସମୟ ଯାତ୍ରୀ ମାନେ ଗେଟର ଉଭୟ ପାର୍ଶ୍ୱର୍ରେ ଛିଡା ହୋଇ ରହିଥିଲେ। ପରେ କର୍ମଚାରୀମାନେ ପୁରୁଣା ଗେଟକୁ ବାହାର କରି ମରାମତି କରିବା ପରେ ଚଳାଚଳ ସ୍ୱାଭାବିକ ହୋଇଥିଲା।



## ଛିଡ଼ିଲା ବିଦ୍ୟୁତ୍ ତାର

# ୮ ଗାଈ ମୃତ, ଗାଇଆଳ ଆହତ

ଯାଁଳା/ଜଟଣୀ, ୨୨।୭(ସମିସ): ମଙ୍ଗଳବାର ବିଳମ୍ବିତ ରାତିରେ ରାଜଧାନୀ ଉପକଣ୍ଠ ତଳଖେତା ଛକ ରାଧାଚରଣପୁରରେ ଏକ ଟ୍ରାନ୍ସଫର୍ମର ଜଳିବା ସହ ବିଦ୍ୟୁତ୍ ତାର ଛିଡ଼ି ୮ଟି ଗୋରୁଙ୍କ ମୃତ୍ୟୁ ହୋଇଥିବା ବେଳେ ଜଣେ ଗୋପାଳକ ଆହତ ହୋଇଛନ୍ତି। ଆହତ ଗୋପାଳକ ଜଣକ ହେଲେ ରାଧାଚରଣପୁରରେ ରହୁଥିବା ସାଖିଗୋପାଳ ଅଞ୍ଚଳର ଗୋଲଖି ବେହେରା।



ମିଳିଥିବା ସୂଚନା ଅନୁସାରେ ମଙ୍ଗଳବାର ରାତି ପ୍ରାୟ ୧୦ଟା ବେଳେ ତଳଖେତା ଛକ ଠାରେ ଥିବା ଏକ ବିଦ୍ୟୁତ୍ ଖୁଣ୍ଟରୁ ହଠାତ୍ ନିଆଁ ବାହାରିବା ସହ ନିକଟରେ ଥିବା ଏକ ଟ୍ରନ୍ସଫର୍ମର ପର୍ଯ୍ୟନ୍ତ ଜଳି ଯାଇଥିଲା ଓ ପ୍ରବଳ ଶବ୍ଦ ମଧ୍ୟ କରିଥିଲା। ଟ୍ରନ୍ସଫର୍ମର ନିକଟରେ ଥିବା ଏକ ଖୋଲା ପଡ଼ିଆରେ ଦାସିଆ ବେହେରା ନାମକ ଜଣେ ଗୋପାଳକଙ୍କ ପ୍ରାୟ ୭୦ ରୁ ଉର୍ଦ୍ଧ୍ୱ ଗାଈ ଠିଆ ହୋଇଥିଲେ। ବିଦ୍ୟୁତ ତାର ଜଳିବା ସହ ଶବ୍ଦ ଶୁଣି ଗାଈଗୁଡିକ ମଧ୍ୟ ଦୌଡି ଥିଲେ। ସେହି ସମୟରେ ବିଦ୍ୟୁତ୍ ତାର ଛିଣ୍ଡିଯିବାରୁ କରେଣ୍ଟ ଲାଗି ୮ଟି ଗାଈ ଟଳି ପଡ଼ିଥିଲେ। ଗାଈଗୁଡିକ ଏଣେ ତେଣେ ଦୌଡିବା ଦେଖି ଗୋଳକ ଗାଈଙ୍କୁ ଅଟକାଇବାକୁ ଚେଷ୍ଟା କଲା ବେଳେ ସେ ମଧ୍ୟ କରେଣ୍ଟ ଲାଗି ଆହତ ହୋଇଥିଲେ। ସ୍ଥାନୀୟ ଅଞ୍ଚଳର ଲୋକେ ପହଞ୍ଚି ମୃତ ଗାଈକୁ ଉଦ୍ଧାର କରିବା ସହ ଆହତ ଗୋପାଳକଙ୍କୁ ଉଦ୍ଧାର କରି ଡାକ୍ତରଖାନା ନେଇଛନ୍ତି। ବିଳମ୍ବିତ ରାତିରେ ବିଦ୍ୟୁତ ବିଭାଗର କର୍ମଚାରୀମାନେ ପହଞ୍ଚି ବିଦ୍ୟୁତ ସଂଯୋଗ କାଟିବା ସହ ବିଦ୍ୟୁତ ମରାମତିରେ ଲାଗିଛନ୍ତି। ଏବେ ବି ଅନେକ ଅଞ୍ଚଳର ଅନ୍ଧାରରେ ରହିଛି।

## ଆହତ ଷଣ୍ଢର ଚିକିତ୍ସା ଦାବି



ବେଗୁନିଆ,୨୨।୭(ସମିସ): ବେଗୁନିଆ ବ୍ଲକ୍ ଅଧୀନ ସିମୋର ଗ୍ରାମ ଉପର ସାହିର ଭୀମସେନ ବେହେରା ଏକ ଆହତ ହୋଇଥିବା ବୁଲାଷଣ୍ଢକୁ ରଖି ଚିକିତ୍ସା କରୁଛନ୍ତି। ଆବଶ୍ୟକତା ଅନୁଯାଇ ଔଷଧ ବ୍ୟବହାର କରିବାକୁ ପଡୁଥିବାରୁ ପ୍ରଶାସନିକ ସ୍ତରରେ ଦୃଷ୍ଟି ଦେବାକୁ ସାଧାରଣରେ ଦାବି ହେଉଛି। ଏହି ଘଟଣା ସମ୍ପର୍କରେ ବ୍ଲକ ପ୍ରାଣୀଧନ ଚିକିତ୍ସାଧିକାରୀ ଡ଼ ପ୍ରୀତିଶ ରଥଙ୍କୁ ପଚାରିବାରେ ଘଟଣା ସମ୍ପର୍କରେ ଅବଗତ ଅଛନ୍ତି, ବୁଧବାର ଷଣ୍ଢଟିକୁ ଆବଶ୍ୟକୀୟ ଔଷଧ ପତ୍ର ଦେଇ ଚିକିତ୍ସା କରାଯିବ ବୋଲି କହିଛନ୍ତି।

## ନାବାଳିକାକୁ ପୋଡ଼ିଦେବା ଘଟଣା

# ଅତିରିକ୍ତ ଏସ୍‌ପି ଓ ଡିଏସ୍‌ପିଙ୍କ ସହ ଆଲୋଚନା କଲା କଂଗ୍ରେସ

ବଳଙ୍ଗା,୨୨।୭(ସମିସ)

ନାବାଳିକାକୁ ନିଆଁ ଲଗାଇ ଦେଇଥିବା ଘଟଣାରେ କଂଗ୍ରେସ ପକ୍ଷରୁ ପୀଡ଼ିତାର ଘର , ଘଟଣାସ୍ଥଳରେ ପହଞ୍ଚି ସ୍ଥିତି ଅନୁଧ୍ୟାନ କରିବା ସହ ବଳଙ୍ଗା ଥାନାରେ ପହଞ୍ଚି ଅତିରିକ୍ତ ଏସପି ସଚିନ ପଟେଲ ଓ ପିପିଲି ଡିଏସପି ଦେବାଶିଷ ମିଶ୍ରଙ୍କ ସହିତ ଆଲୋଚନା କରିଥିଲେ। ଘଟଣା ଘଟିବାର ଚାରି ଦିନ ବିତିଯାଇଥିଲେ ମଧ୍ୟ କଣ ପାଇଁ ଆସାମୀ ଚିହ୍ନଟ ହୋଇ ପାରିଲାନି, ତଦନ୍ତର ଦିଗ କେତେବାଟ ଅଗ୍ରସର କରିଛି ଭଳି ବିଭିନ୍ନ ପ୍ରଶ୍ନ ପଚାରି ଥିଲେ ଶ୍ରୀକାନ୍ତ ଜେନା। ପରେ ପୀଡ଼ିତାର ଘରେ ପହଞ୍ଚି ପୀଡ଼ିତାର ମାଆଙ୍କୁ ସାନ୍ତ୍ୱନା ଦେଇଥିଲେ। ଏହି ଅବସରରେ ପୂର୍ବତନ ପିସିସି ସଭାପତି ପ୍ରସାଦ ହରିଚନ୍ଦନ, ପୂର୍ବତନ କେନ୍ଦ୍ରମନ୍ତ୍ରୀ ଶ୍ରୀକାନ୍ତ ଜେନା, ପୂର୍ବତନ ସାଂସଦ ଅନନ୍ତ ନାରାୟଣ ସେଠୀ, ମହିଳାନେତ୍ରୀ ନିରୂପମା ପାତ୍ର, ବନ୍ଦିତା ପରିଡ଼ା, ରାଜେଶ ମିଶ୍ର, ଜ୍ୟୋତି ମହାନ୍ତି ଓ ନିମାପଡ଼ା ବ୍ଲକର ସଂଯୋଜକ କାଳନ୍ଦୀ ବାରିକ, ବିରଞ୍ଚି ପ୍ରମୁଖ ଉପସ୍ଥିତ ଥିଲେ।

## ପରିବହନ ବିଭାଗର ଚଢ଼ଉ

# ୨ ଲକ୍ଷ ୭୧ ହଜାର ୫ ଶହ ଜରିମାନା

ଟାଙ୍ଗୀ,୨୨।୭(ସମିସ)

ବିଭିନ୍ନ ବିଦ୍ୟାଳୟ ଯଥା ସରକାରୀ ହେଉ କି ଘରୋଇ ଛାତ୍ରଛାତ୍ରୀମାନଙ୍କୁ ପରିବହନ କରିବା ପାଇଁ ସ୍ୱତନ୍ତ୍ର ମାର୍ଗଦର୍ଶିକା ରହିଛି। ହେଲେ ଟାଙ୍ଗୀ, ଚାନ୍ଦପୁର, କନ୍ଧନୟାଗଡ, ଚଣ୍ଡେଶ୍ୱର, କାଳୁପଡାଘାଟ, ଭୂଷଣ୍ଡପୁର, କୁହୁଡି, ସୋରଣ, ଗଇନଡ଼ା, ହାଟବରଡ଼ି ସମେତ ବିଭିନ୍ନ ଅଞ୍ଚଳରେ ଛତୁ ଫୁଟିବା ଭଳି ଘରୋଇ ବିଦ୍ୟାଳୟ ଏପରିକି ଆଦର୍ଶ ବିଦ୍ୟାଳୟ ଗୁଡିକରେ ମଧ୍ୟ ସରକାରଙ୍କ ନିତିନିୟମକୁ ଭ୍ରୁକ୍ଷେପ କରିବା ତ ଦୂରର କଥା ଛାତ୍ରଛାତ୍ରୀଙ୍କ ଜୀବନ ସହିତ ଖେଳଖେଳା ଯାଉଥିବା ସମ୍ପର୍କରେ ଖୋର୍ଦ୍ଧା ସହକାରୀ ଆଞ୍ଚଳିକ ପରିବହନ ଅଧିକାରୀଙ୍କ ଦୃଷ୍ଟି ଆକର୍ଷଣ କରାଯାଇଥିଲା। ଖୋର୍ଦ୍ଧା ଅତିରିକ୍ତ ଆଞ୍ଚଳିକ ପରିବହନ ଅଧିକାରୀ ଅରବିନ୍ଦ ନାୟକଙ୍କ ନିର୍ଦ୍ଦେଶ କ୍ରମେ ଟ୍ରାଫିକ ସବ୍‌ଇନ୍ସପେକ୍ଟର ତୃପ୍ତିରେଖା ଜେନା ସଦଳବଳ ଚଢ଼ଉ କରି ୪୨ଟି ଭେଇକିଲ ଚେକ୍ ରିପୋର୍ଟ(ଭିସିଆର) କରି ୨ ଲକ୍ଷ ୭୧ ହଜାର ୫ ଶହଟଙ୍କା ଜରିମାନା କରିଥିବା ଜଣାପଡ଼ିଛି। ସୂଚନା ଥାଉକି କୌଣସି ବିଦ୍ୟାଳୟର ଛାତ୍ରଛାତ୍ରୀଙ୍କୁ ପରିବହନ କରିବା ପାଇଁ ଗାଡ଼ିର ରଙ୍ଗ ହଳଦିଆ, ସେ ଗାଡ଼ିର ଫିଟନେସ, ପାଞ୍ଚବର୍ଷିଆ ପରମିଟ, ଇନସ୍ୟୁରାନ୍ସ, ପ୍ରଦୂଷଣ ପ୍ରମାଣପତ୍ର, ଜିପିଆରଏସ, ଭେହିକିଲ ଟ୍ରାକିଂ ଡିଭାଇସ୍ ଏପରିକି ସେହି ଗାଡିରେ ଛାତ୍ରଛାତ୍ରୀଙ୍କ ସ୍କୁଲ ବ୍ୟାଗ୍ ରଖିବା ପାଇଁ ରାକ, ସ୍ୱତନ୍ତ୍ର ଆଟେଣ୍ଡାଣ୍ଟ, ଯଦି କେବେଳ ଛାତ୍ରୀ ଯାଉଥିବେ ତେବେ ଜଣେ ମହିଳା ଆଟେଣ୍ଡାଣ୍ଟ ରଖିବା ବାଧ୍ୟତାମୂଳକ ରହିଛି। ଏ ଅଞ୍ଚଳରେ ଛତୁ ଫୁଟିବା ଭଳି ବିଦ୍ୟାଳୟ ଗୁଡ଼ିକରେ ଦୂର୍ଭାଗ୍ୟଜନକ ଭାବେ ଛାତ୍ରଛାତ୍ରୀ ମାନଙ୍କୁ ବିଭିନ୍ନ ବିଦ୍ୟାଳୟକୁ ପରିବହନ କରୁଥିବା ଦେଖିବାକୁ ଅଭିଯୋଗ ପରେ ବିଭାଗୀୟ ଅଧିକାରୀ ଚଢ଼ଉ କରିଥିଲେ। ଏହି ଚଢ଼ଉ ଜାରି ରହିବ ବୋଲି ଅତିରିକ୍ତ ଆଞ୍ଚଳିକ ପରିବହନ ଅଧିକାରୀ ଶ୍ରୀ ନାୟକ ଓ ଟିଏସ୍‌ଆଇ ତୃପ୍ତିରେଖା ଜେନା ସୂଚନା ଦେଇଛନ୍ତି।

## ଦେଶୀମଦ ଜବତ, ଦୁଇ ଗିରଫ

ବାଲୁଗାଁ,୨୨।୭ (ସମିସ): ବାଣପୁର ବାଲୁଗାଁ ଅଞ୍ଚଳରେ ବେଆଇନ ଭାବେ ବ୍ୟାପକ ପରିମାଣରେ ନିଶା କାରବାର ହେଉଥିବା ନେଇ ଅଭିଯୋଗ ହୋଇଆସୁଛି। ଏପରିସ୍ଥଳରେ ଟାଙ୍ଗୀ ରେଞ୍ଜ ଅବକାରୀ ଅଧିକାରୀ ରାଧାକାନ୍ତ ଭୋଇଙ୍କ ଓ ବାଲୁଗାଁ ଅବକାରୀ ଅଧିକାରୀ ସୁଜିତ କୁମାର ମୁଦୁଲିଙ୍କ ନେତୃତ୍ୱରେ ଅବକାରୀ ଟିମ ମଙ୍ଗଳବାର ପୂର୍ବାହ୍ନରେ ଚଢ଼ଉ କରି ୬୫ ଲିଟର ମଦସମେତ ଦୁଇଟି ବାଇକ୍ ଜବତକରି ଦୁଇଜଣ ଅଭିଯୁକ୍ତଙ୍କୁ ଗିରଫ କରିଛି ବିଭାଗ। ଟାଙ୍ଗୀ ଥାନା ଅଧୀନ ଗୋଡ଼ିସାହି ଗ୍ରାମ ରାସ୍ତାରେ ଚଢ଼ଉ କରି ଏକ ବାଇକରେ ବେଆଇନ ଭାବେ ଚୋରା ମଦ ଚାଲାଣ କରୁଥିବା ଚାନ୍ଦପୁର ଥାନା ଅଧୀନ କଦମ୍ବଝୋଲା ଗ୍ରାମର ଅନାମ ନାୟକ (୨୭) କୁ ଗିରଫ କରି ତାଙ୍କ ନିକଟରୁ ୨୫ ଲିଟର ଆସ୍କାଫର୍ଟି ମଦ ସହ ବାଇକ୍ ଜବତ କରିଛି। ସେହିପରି ଟାଙ୍ଗୀ ଥାନା ଅଧୀନ ମଧୁମଙ୍ଗଳ ପଡିଆ ରାସ୍ତାରେ ଏକ ବାଇକ୍‌ରେ ମଦ ନେଇ ଯାଉଥିବା ଚାନ୍ଦପୁର ଥାନା କେରେଣ୍ଡାଟାଙ୍ଗୀ ଗ୍ରାମର ବିଭୁତିଭୂଷଣ ପ୍ରଧାନ (୩୨) କୁ ଗିରଫ କରି ତା ନିକଟରୁ ୪୦ ଲିଟର ଦେଶୀ ମଦ ସହ ବାଇକ୍ ଜବତ କରିବାରେ ସଫଳ ହୋଇଛି ଅବକାରୀ ବିଭାଗ। ଏ ସଂକ୍ରାନ୍ତରେ ବିଭାଗ ପକ୍ଷରୁ ଦୁଇଟି ପୃଥକ ମାମଲା ରୁଜୁକରି ଗିରଫ ଅଭିଯକ୍ତ ଦ୍ୱୟଙ୍କୁ କୋର୍ଟ ଚାଲାଣ କରିଯାଇଥିବା ବାଲୁଗାଁ ଅବକାରୀ ବିଭାଗ ପକ୍ଷରୁ ସୂଚନା ମିଳିଛି। ଉକ୍ତ ଚଢ଼ଉରେ ଅବକାରୀ ବିଭାଗର ରାମଚନ୍ଦ୍ର ଜେନା, ମୀନକେତନ ମାହାଲିକ, ରଞ୍ଜିତ ପଟେଲ, ସୁନିତା ମହାରଣା ଓ ସସ୍ମିତା ସେଠୀ ପ୍ରମୁଖ ସାମିଲ ଥିଲେ।



## ୨୦୦୬ ମୁମ୍ବାଇ ଟ୍ରେନ ବିସ୍ଫୋରଣ ମାମଲା
# ସୁପ୍ରିମକୋର୍ଟ ଗଲେ ମହାରାଷ୍ଟ୍ର ସରକାର

ମୁମ୍ବାଇ, ୨୨।୭ (ଏଜେନ୍ସି): ମୁମ୍ବାଇ ସିରିଏଲ ଟ୍ରେନ ବିସ୍ଫୋରଣ (୨୦୦୬) ଉପରେ ହାଇକୋର୍ଟଙ୍କ ରାୟକୁ ବିରୋଧ କରି ମହାରାଷ୍ଟ୍ର ସରକାର ସୁପ୍ରିମକୋର୍ଟ ଯାଇଛନ୍ତି। ମହାରାଷ୍ଟ୍ର ସରକାରଙ୍କ ପକ୍ଷରୁ ସଲିସିଟର ଜେନେରାଲ ତୁଷାର ମେହେଟା ତୁରନ୍ତ ଶୁଣାଣି ପାଇଁ ସୁ ଆବେଦନ କରିଥିଲେ। ତେବେ ୨୪ ତାରିଖରେଏହିମାମଲାରଶୁଣାଣିହେବବୋଲିକୋର୍ଟକହିଥିଲେ।

ଉଲ୍ଲେଖଥାଉ କି, ୨୦୦୬ ଜୁଲାଇ ୧୧ରେ ମୁମ୍ବଇର ୱେଷ୍ଟେର୍ଣ୍ଣ ସବ ଅର୍ବାନ ଟ୍ରେନ୍‌ର ୭ଟି ବଗିରେ କ୍ରମାଗତ ବିସ୍ଫୋରଣ ହୋଇଥିଲା। ଏଥିରେ ୧୮୯ ଯାତ୍ରୀ ମୃତ୍ୟୁବରଣ କରିଥିଲେ ଓ ୮୨୪ ଜଣ ଆହତ ହୋଇଥିଲେ। ଫାର୍ଷ୍ଟକ୍ଲାସ କୋଚ୍ ଗୁଡିକରେ ହିଁ ସବୁ ବିସ୍ଫୋରଣ ହୋଇଥିଲା। ସନ୍ଧ୍ୟା ୬.୨୪ରୁ ୬.୩୫ ମିନିଟ୍ ମଧ୍ୟରେ ଗୋଟିଏ ପରେ ଗୋଟିଏ ବିସ୍ଫୋରଣ ହୋଇଥିଲା। ଲୋକାଲ ଟ୍ରେନ୍‌ର ଫାର୍ଷ୍ଟକ୍ଲାସ ବଗିରେ ଗୁଡିକରେ ଏହି ବିସ୍ଫୋରଣ କରାଯାଇଥିଲା। ଖାର, ବାନ୍ଦ୍ରା, ଜାଗେଶ୍ୱରୀ, ମହିମ, ବୋରିବାଲି, ମାଟୁଙ୍ଗା ଓ ମୀରା- ଭାୟାନ୍ଦର ରେଳ ଷ୍ଟେସନ ନିକଟ୍‌ରେ ଏହି ସବୁ ବିସ୍ଫେରୋଣ ହୋଇଥିଲା। ଟ୍ରେନ୍‌ରେ ଲଗା ଯାଇଥିବା ବମ୍‌ରେ ଆରଡିଏକ୍ସ, ଆମୋନିୟମ ନାଇଟ୍ରେଟ୍, ଫୁଏଲ ତେଲ ଓ ଲୁହା କଣ୍ଟାର ବ୍ୟବହାର ହୋଇଥିଲା। ୭ଟି ପ୍ରେସର କୁକରରେ ରଖାଯାଇ ବମ୍‌ଗୁଡିକ ଟାଇମର ଦ୍ୱାରା ଉଡାଇ ଦିଆଯାଇଥିଲା। ଆତଙ୍କବାଦୀ ସଂଗଠନ ଲସ୍କର-ଇ-ତୋଇବାର ଆଜମ ଚିମା ପାକିସ୍ତାନସ୍ଥିତ ନିଜ ବାହବଲପୁର ଘରୁ ସିମି ଓ ଲସ୍କରର ଦୁଇଟି ଗ୍ରୁପ୍ ସହ ମିସି ଷଡ଼ଯନ୍ତ୍ର କରି ଏହି ବିସ୍ଫୋରଣ ଘଟାଇଥିଲା ବୋଲି ପୁଲିସ ତା'ର ଅଭିଯୋଗ ପତ୍ରରେ ଉଲ୍ଲେଖ କରିଥିଲା। ଏଥିପାଇଁ ବାହବଲପୁରରୁ ୫୦ଜଣ ଯୁବକଙ୍କୁ ଭାରତ ପଠାଯାଇଥିଲା। ୧୨ଜଣ ଅଭିଯୁକ୍ତଙ୍କ ମଧ୍ୟରୁ ଜଣେ ମୃତ୍ୟୁବରଣ କରିଛନ୍ତି। ଏବେ ହାଇକୋର୍ଟଙ୍କ ଏହି ରାୟକୁ ସୁପ୍ରିମକୋର୍ଟରେ ଚ୍ୟାଲେଞ୍ଜ କରାଯାଇ ପାରିବ ବୋଲି କୁହାଯାଇଛି। ୨୦୦୬ରେ ୧୩ ଜଣ ଅଭିଯୁକ୍ତଙ୍କୁ ଗିରଫ କରାଯାଇଥିଲା। ୯ ବର୍ଷ କେସ୍ ଚାଲିବା ପରେ ସ୍ୱେଶାଲ କୋର୍ଟ ୨୦୧୫ ସେପ୍ଟେମ୍ବର ୧୧ରେ ରାୟ ଦେଇଥିଲେ। ୧୩ ଜଣଙ୍କ ମଧ୍ୟରୁ ୫ ଜଣଙ୍କୁ ଫାଶୀଦଣ୍ଡରେ ଦଣ୍ଡିତ କରାଯାଇଥିବା ବେଳେ ୭ଜଣଙ୍କୁ ଆଜୀବନ କରାଦଣ୍ଡରେ ଦଣ୍ଡିତ କରାଯାଇଥିଲା। ଜଣେ ଅଭିଯୁକ୍ତଙ୍କୁ କୋର୍ଟ ମୁକ୍ତ କରିଥିଲେ। ଏହାପରେ ୨୦୧୬ରେ ସବୁ ଅଭିଯୁକ୍ତ ବମ୍ବେ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ୯ ବର୍ଷ କେସ ଚାଲିବା ପରେ ହାଇକୋର୍ଟ ସୋମବାର ସମସ୍ତଙ୍କୁ ଖଲାସ କରି ଦେଇଥିଲେ।

# ୩୮ ଦିନ ପରେ ଭାରତ ଛାଡ଼ିଲା ବ୍ରିଟିଶ ଲଢୁଆ ବିମାନ

ତିରୁଅନନ୍ତପୁରମ, ୨୨।୭ (ଏଜେନ୍ସି): ଦୀର୍ଘ ୩୮ ଦିନ ପରେ ତିରୁଅନନ୍ତପୁରମ ଅନ୍ତର୍ଜାତୀୟ ବିମାନବନ୍ଦରରେ ଛିଡ଼ା ହୋଇଥିବା ବ୍ରିଟିଶ ଲଢୁଆ ବିମାନ ଏଫ୍-୩୫ବି ମଙ୍ଗଳବାର ଉଡ଼ାଣ କରିଛି। ହାଇଡ୍ରୋଲିକ୍ ଫେଲ୍ ହୋଇ ଯାଇଥିବା ଯୋଗୁଁ ଏହି ବିମାନ ଉଡ଼ି ପାରୁ ନ ଥିଲା। ଏହାକୁ ଠିକ୍ କରିବା ପାଇଁ ୨୫ ଇଞ୍ଜିନିୟରଙ୍କ ଟିମ୍ ଗତ ୬ ତାରିଖରେ ବ୍ରିଟେନରୁ ଭାରତ ଆସିଥିଲା। ଏଠାରେ ଏତେ ଦିନ ରହିଥିବାରୁ ବ୍ରିଟେନକୁ ୯ ଲକ୍ଷରୁ ଅଧିକ ଟଙ୍କା ଭଡ଼ା ଦେବାକୁ ପଡିଛି। ଏହି ଲଢୁଆ ଷ୍ଟିଲ୍‌ଥ ବିମାନ ବ୍ରିଟେନ ଅଭିମୁଖେ ଯାତ୍ରା ଆରମ୍ଭ କରିଦେଇଛି। ସୂଚନା ଅନୁଯାୟୀ ଜୁନ୍ ୧୪ ତାରିଖ ରାତିରେ ସାମୁଦ୍ରିକ ସମରାଭ୍ୟାସ ପାଇଁ ଏହା ଆରବ ସାଗରରୁ ନିୟମିତ ଉଡ଼ାଣ ଆରମ୍ଭ କରିଥିଲା। ଏହା ଖରାପ ପାଣିପାଗ ଏବଂ କମ୍ ଇନ୍ଧନ ଯୋଗୁଁ ତିରୁଅନନ୍ତପୁରମ ବିମାନବନ୍ଦରରେ ଜରୁରୀ ଅବତରଣ କରିଥିଲା। ମାତ୍ର ଅବତରଣ ପରେ ଏହି ଲଢୁଆ ବିମାନରେ ଯାନ୍ତ୍ରିକ ତ୍ରୁଟି ଦେଖା ଯାଇଥିଲା। ଏଥିଯୋଗୁଁ ଏହା ଫେରି ପାରି ନ ଥିଲା। ୯୧୮ କୋଟି ଟଙ୍କାର ପଞ୍ଚମ ପିଢିର ଏହି ବିମାନ ବ୍ରିଟେନ ରୟାଲ ନେଭିର ଏଚ୍‌ଏମଏସ ପ୍ରିନ୍ସ ଅଫ୍ ୱେଲ୍ସ କ୍ୟାରିୟର ଷ୍ଟ୍ରାଇକ ଗ୍ରୁପ୍‌ର ଅଂଶବିଶେଷ। ଏହି ବିମାନର ମରାମତି ଏବଂ ରକଭରି ପ୍ରକ୍ରିୟାରେ ସହଯୋଗ କରିଥିବାରୁ ଭାରତକୁ ବ୍ରିଟିଶ ଉଚ୍ଚାୟୁକ୍ତ ଧନ୍ୟବାଦ ଦେଇଛନ୍ତି।

# ଗୋଲ୍ଡେନ ଡୋମ୍ ପ୍ରକଳ୍ପରୁ ମସ୍କଙ୍କୁ ହଟାଇପାରନ୍ତି ଟ୍ରମ୍ପ

ୱାଶିଂଟନ, ୨୨।୭ (ଏଜେନ୍ସି): ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ କୋଟିପତି ଏଲନ ମସ୍କଙ୍କ କମ୍ପାନୀ ସ୍ପେସଏକ୍ସକୁ ନିଜ ଡ୍ରିମ୍ ଗୋଲଡେନ ଡୋମ ପ୍ରୋଜେକ୍ଟରୁ ବାହାର କରିପାରନ୍ତି। ଏହା ଏକ କ୍ଷେପଣାସ୍ତ୍ର ପ୍ରତିରକ୍ଷା ପ୍ରଣାଳୀ। ଆମେରିକାକୁ ବିଦେଶୀ ବାୟୁଆକ୍ରମଣରୁ ରକ୍ଷା କରିବା ପାଇଁ ଏହାକୁ ନିର୍ମାଣ କରାଯିବାର ଥିଲା। ରିପୋର୍ଟ ଅନୁଯାୟୀ, ଟ୍ରମ୍ପ ପ୍ରଶାସନ ଏହି ଗୁରୁତ୍ୱପୂର୍ଣ୍ଣ ୧୭୫ ବିଲିୟନ ଡଲାରର ପ୍ରକଳ୍ପ ପାଇଁ ନୂତନ ବିକଳ୍ପ ଖୋଜିବା ଆରମ୍ଭ କରିଛି। ସ୍ପେସଏକ୍ସ ବଦଳରେ, ଜେଫ ବେଜୋସଙ୍କ କମ୍ପାନୀ ଆମାଜନର ପ୍ରୋଜେକ୍ଟ କୁଇପରକୁ ସୁଯୋଗ ମିଳିପାରେ। ଏହା ବ୍ୟତୀତ, ଅନେକ ବଡ଼ ପ୍ରତିରକ୍ଷା କମ୍ପାନୀ ମଧ୍ୟ ଦୌଡ଼ରେ ଅଛନ୍ତି।ଗତ ଦୁଇ ମାସ ଧରି ଟ୍ରମ୍ପ ଏବଂ ମସ୍କଙ୍କ ମଧ୍ୟରେ ବିବାଦ ଏହି ପରିବର୍ତ୍ତନ ପଛରେ କାରଣ ବୋଲି ବିଶ୍ୱାସ କରାଯାଉଛି।

# ଟଙ୍କା ଆଦାୟ ପାଇଁ ଆପରାଧିକ ମାମଲା ଲଗାଇବା ଆଇନର ଅପବ୍ୟବହାର

ନୂଆଦିଲ୍ଲୀ, ୨୨।୭ (ଏଜେନ୍ସି): ଟଙ୍କା ଆଦାୟ ପାଇଁ ଆପରାଧିକ ମାମଲା ରୁଜୁ କରିବା ଦ୍ୱାରା ଆଇନର ଅପବ୍ୟବହାର ହେଉଛି ବୋଲି ସୁପ୍ରିମକୋର୍ଟ କହିଛନ୍ତି। କାରଣ ଏହା ଏକ ଦେୱାନୀ ମାମଲା। ଏ ନେଇ ଦିଆଯାଇଥିବା ପୂର୍ବ ରାୟକୁ ଉଲ୍ଲଙ୍ଘନ କରି ମାମଲା ଚଳାଇବାକୁ ଅନୁମତି ଦେବା ନେଇ ହାଇକୋର୍ଟଙ୍କ ନିଷ୍ପତ୍ତି ଉପରେ ସୁପ୍ରିମକୋର୍ଟ ଅସନ୍ତୋଷ ପ୍ରକାଶ କରିଛନ୍ତି। ବଲିଉଡ ଚଳଚ୍ଚିତ୍ର ନିର୍ମାତା ଶୈଳେଶ କୁମାର ସିଂହ ବିରୋଧରେ ଏକ ପ୍ରଡକ୍ସନ ହାଉସ ଦ୍ୱାରା ରୁଜୁ ଆପରାଧିକ ମାମଲାକୁ ଖାରଜ କରି ସର୍ବୋଚ୍ଚ ନ୍ୟାୟାଳୟ ଏହି ଟିପ୍ପଣୀ ଦେଇଛନ୍ତି। ହାଇକୋର୍ଟଙ୍କୁ ସମାଲୋଚନା କରି ଜଷ୍ଟିସ ଜେବି ପାରଦିୱାଲା ଏବଂ ଆର ମହାଦେବନଙ୍କ ଖଣ୍ଡପୀଠ କହିଛନ୍ତି ଯେ ଏଭଳି ମାମଲାରେ ଆଉ କେତେ ଥର ହାଇକୋର୍ଟମାନଙ୍କୁ ପରାମର୍ଶ ଦିଆଯିବ। ଏତଲା ପଢିଲେ ଏହା କୌଣସି ଆପରାଧିକ ମାମଲା ନୁହେଁ ବୋଲି ଜଣାପଡୁଛି।

# ଭାରତୀୟ ସେନାକୁ ମିଳିଲା ତିନି ଆପାଚେ ହେଲିକପ୍ଟର



ନୂଆଦିଲ୍ଲୀ, ୨୨।୭ (ଏଜେନ୍ସି): ପ୍ରଥମ ପର୍ଯ୍ୟାୟରେ ଆମେରିକା ଭାରତକୁ ତିନୋଟି ଆପାଚେ ହେଲିକପ୍ଟର (ଏଏଚ-୬୪ଇ) ପ୍ରଦାନ କରିଛି। ସେନା ପକ୍ଷରୁ ମଙ୍ଗଳବାର ଏହି ସୂଚନା ଦିଆଯାଇଛି। ଆମେରିକାର ଏଣ୍ଟନୋଭ ଟ୍ରାନ୍ସପୋର୍ଟ ବିମାନରେ ଏହି ହେଲିକପ୍ଟରକୁ ଗାଜିଆବାଦର ହିଣ୍ଡନ ଏୟାରବେସ୍‌କୁ ଅଣାଯାଇଛି। ସେନା ପକ୍ଷରୁ ଦିଆଯାଇଥିବା ସୂଚନା ଅନୁଯାୟୀ ଚୁକ୍ତିଆଧାରରେ ୬ଟି ହେଲିକପ୍ଟର ଆସିବ। ଏଥିରୁ ତିନୋଟି ମିଳି ସାରିଛି। ଏହି ହେଲିକପ୍ଟରରେ ବାଲି ଭଳି ରଙ୍ଗ ଦିଆଯାଇଛି। ମରୁଭୂମି ଅଞ୍ଚଳରେ ଏହା ଲୁଚିବାରେ ସହାୟକ ହେବ। ଏହି ହେଲିକପ୍ଟର୍ସ ଦ୍ୱାରା ସେନାର ଆକ୍ରମଣ ଏବଂ ଅପରେସନାଲ କ୍ଷମତା ବୃଦ୍ଧି ପାଇବ। ଏଗୁଡିକୁ ପାକିସ୍ତାନକୁ ଲାଗିଥିବା ପଶ୍ଚିମ ସୀମାର ଯୋଧପୁରରେ ମୁତୟନ କରାଯିବ। ପ୍ରଥମ ଥର ପାଇଁ ସ୍ଥଳସେନାକୁ ଏହି ହେଲିକପ୍ଟର ମିଳିଛି। ଏହା ବିଶ୍ୱର ସବୁଠାରୁ ଉନ୍ନତ ହେଲିକପ୍ଟର। ପୂର୍ବରୁ ବାୟୁସେନା ପାଖରେ ୨୨ ଆପାଚେ ହେଲିକପ୍ଟର ରହିଛି। ଏହାର ଦୁଇଟି ସ୍କ୍ୱାଡ୍ରନ ଚୀନ୍ ଏବଂ ପାକିସ୍ତାନ ସୀମାରେ ମୁତୟନ। ୨୦୨୦ରେ ଆମେରିକା ୨୦ଟି ଆପାଚେ ହେଲିକପ୍ଟର ପ୍ରଦାନ କରିଥିଲା।

# ସେପ୍ଟେମ୍ବରରେ ଅବସର ନେବ ମିଗ୍-୨୧ ଲଢୁଆ ବିମାନ



ନୂଆଦିଲ୍ଲୀ, ୨୨।୭ (ଏଜେନ୍ସି): ଭାରତୀୟ ବାୟୁସେନାରେ ୬୨ ବର୍ଷ ପର୍ଯ୍ୟନ୍ତ ସେବା ଦେଇଥିବା ମିଗ୍-୨୧ ଲଢୁଆ ବିମାନକୁ ସେପ୍ଟେମ୍ବର ୧୯ରେ ସେବାରୁ ଅବସର ଦିଆଯିବ। ଚଣ୍ଡିଗଡ଼ ଏୟାରବେସ୍‌ରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। ଏହା ପରେ ଆନୁଷ୍ଠାନିକ ଭାବେ ବିମାନର ସେବାକୁ ବନ୍ଦ କରିଦିଆଯିବ। ୧୯୬୩ରେ ମିଗ୍-୨୧ ଜେଟ୍ ଭାରତୀୟ ବାୟୁସେନାରେ ସାମିଲ ହୋଇଥିଲା। ଏହା ଭାରତର ପ୍ରଥମ ସୁପରସୋନିକ ଜେଟ୍ ଥିଲା। ଅର୍ଥାତ୍ ଏହା ଧ୍ୱନିଠାରୁ ଅଧିକ ବେଗ (ସେକେଣ୍ଡ ପିଛା ୩୩୨ ମିଟର) ରେ ଗତି କରିପାରୁ ଥିଲା। ଏହି ବିମାନର ଶେଷ ଦୁଇଟି ସ୍କ୍ୱାଡ୍ରନ (୩୬ ମିଗ୍-୨୧) ରାଜସ୍ଥାନ ବିକାନେରର ନାଲ ଏୟାରବେସରେ ମୁତୟନ। ଏହାକୁ ନମ୍ବର ୩ ସ୍କ୍ୱାଡ୍ରନ କୋବରା ଏବଂ ନମ୍ବର ୨୩ ସ୍କ୍ୱାଡ୍ରନ ପାନ୍ଥର୍ସ ମଧ୍ୟ କୁହାଯାଏ।

ମିଗ୍-୨୧ ୧୯୬୫ର ଭାରତ-ପାକିସ୍ତାନ ଯୁଦ୍ଧ, ୧୯୭୧ର ବାଂଲାଦେଶ ମୁକ୍ତି ସଂଗ୍ରାମ, ୧୯୯୯ର କାରଗିଲ ଯୁଦ୍ଧରେ ସାମିଲ ହୋଇଥିଲା। ଏହା ୨୦୧୯ ବାଲାକୋଟ ଏୟାର ଷ୍ଟ୍ରାଇକରେ ମଧ୍ୟ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥିଲା। ଏବେ ତେଜସ ଏମକେ୧ଏ ଏହାର ସ୍ଥାନ ନେବ। ପ୍ରତିରକ୍ଷା ମନ୍ତ୍ରାଳୟର ସୂଚନା ଅନୁଯାୟୀ ୪୦୦ରୁ ଅଧିକ ମିଗ-୨୧ ବିମାନ ଦୁର୍ଘଟଣାଗ୍ରସ୍ତ ହୋଇଛି। ଏଥିରେ ୨୦୦ରୁ ଅଧିକ ପାଇଲଟଙ୍କ ଜୀବନ ମଧ୍ୟ ଯାଇଛି। ଏଥିପାଇଁ ଏହି ବିମାନକୁ 'ଉଡ଼ନ୍ତା କଫିନ' ତଥା 'ୱିଡୋ ମେକର' ମଧ୍ୟ କୁହାଯାଏ। ଭାରତ ୯୦୦ଟି ମିଗ୍-୨୧ ବିମାନ କ୍ରୟ କରିଥିଲା। ଏଥିରୁ ହିନ୍ଦୁସ୍ତାନ ଏରୋନଟିକ୍ସ ଲିମିଟେଡ ୬୬୦ଟି ବିମାନକୁ ଦେଶରେ ନିର୍ମାଣ କରିଥିଲା।

# ବିହାରରେ ବାଦପଡ଼ିଲେ ୫୨ ଲକ୍ଷ ଭୋଟର

## ସତ୍ୟପାଠରେ ସୁପ୍ରିମକୋର୍ଟଙ୍କୁ ଜଣାଇଲେ ନିର୍ବାଚନ କମିଶନ
## ଆଧାର କାର୍ଡ, ରାସନ କାର୍ଡ, ଭୋଟର କାର୍ଡକୁ ବୈଧ ପ୍ରମଣାପତ୍ର ଧରାଯିବନି

ନୂଆଦିଲ୍ଲୀ, ୨୨।୭ (ଏଜେନ୍ସି): ନିର୍ବାଚନ ପୂର୍ବରୁ ବିହାରରେ ଭୋଟର ତାଲିକା ଯାଞ୍ଚ ପ୍ରକ୍ରିୟା ଜାରି ରହିଛି। ଏହାକୁ ନେଇ ବିରୋଧୀ ସଡ଼କଠାରୁ ସଂସଦ ପର୍ଯ୍ୟନ୍ତ ହଙ୍ଗାମା କରୁଛନ୍ତି। ଏପରି ସମୟରେ ନିର୍ବାଚନ କମିଶନ (ଇସି)ଙ୍କ ପକ୍ଷରୁ ବଡ଼ ସୂଚନା ଦିଆଯାଇଛି। ୫୨ ଲକ୍ଷ ଭୋଟରଙ୍କୁ ତାଲିକାରୁ ବାଦ୍ ଦିଆଯାଇଛି। ୧୮ ଲକ୍ଷ ଭୋଟର ପ୍ରାଣ ହରାଇଥିବାବେଳେ ୨୬ ଲକ୍ଷ ଭୋଟର ଅନ୍ୟ ବିଭିନ୍ନ ନିର୍ବାଚନ କ୍ଷେତ୍ରକୁ ପଳାଇଛନ୍ତି। ସେହିପରି ୭ ଲକ୍ଷ ଭୋଟର ଦୁଇଟି ସ୍ଥାନରେ ପଞ୍ଜିକୃତ କରିଛନ୍ତି। ଏମାନଙ୍କୁ ବାଦ୍ ଦେଇ ଅନ୍ୟ ଯୋଗ୍ୟ ଭୋଟର ଅଗଷ୍ଟ ୧ ତାରିଖରେ ଜାରି ହେବାକୁ ଥିବା ଚିଠା ନିର୍ବାଚନୀ ତାଲିକାରେ ସାମିଲ କରାଯିବ ବୋଲି ଇସିଙ୍କ ପକ୍ଷରୁ ସୁନିଶ୍ଚିତ କରାଯାଇଛି।

ଭୋଟରଙ୍କୁ ବାଦ ଦେବାକୁ ନେଇ ବିରୋଧୀଙ୍କ ଚିନ୍ତା ପ୍ରକଟ କରିଛନ୍ତି। ଏହାକୁ ନେଇ ବଡ଼ ବିବାଦ ସୃଷ୍ଟି ହୋଇଛି ଏବଂ ମାମଲା ମଧ୍ୟ କୋର୍ଟରେ ପହଞ୍ଚିଛି। ଏହାକୁ ନେଇ ଇସି ଆଶ୍ୱାସନା ଦେଇଛନ୍ତି ଯେ ତାଲିକାରେ ପରିବର୍ତ୍ତନ କରିବା ପାଇଁ ଲୋକଙ୍କୁ ଯଥେଷ୍ଟ ସମୟ ଦିଆଯିବ। ତାଲିକା ଉପରେ ଆପତ୍ତି ଜଣାଇବା ପାଇଁ ଅଗଷ୍ଟ ୧ରୁ ସେପ୍ଟେମ୍ବର ୧ ପର୍ଯ୍ୟନ୍ତ ସମୟ ଦିଆଯିବ। ଏହି ସମୟରେ ନାମ ସାମିଲ କିମ୍ବା ବାଦ ସହିତ ସଂଶୋଧନ କରିପାରିବେ। ବିନା ପ୍ରମାଣପତ୍ରରେ ଫର୍ମ ଦାଖଲ କରିଥିବା ଲୋକଙ୍କୁ ମଧ୍ୟ ତାଲିକାରେ ସାମିଲ କରାଯିବ। ଯଦି କୌଣସି ଭୋଟର ଗଣନା ଫର୍ମ ଦାଖଲ କରିନାହାନ୍ତି ତେବେ ସେମାନେ ଆବେଦନ ଦାଖଲ କରି ସ୍ୱଘୋଷଣା ପୂର୍ବରୁ ତାଲିକାରେ ସାମିଲ ହୋଇପାରିବେ। ଏହି ସବୁ ପ୍ରକ୍ରିୟା ସରିବା ପରେ ସେପ୍ଟେମ୍ବର ୩୦ରେ ଚୂଡ଼ାନ୍ତ ତାଲିକା ପ୍ରକାଶ କରାଯିବ। ଏହା ପରେ ବି ନାମାଙ୍କନ ଦାଖଲ ପର୍ଯ୍ୟନ୍ତ ନୂଆ ଭୋଟର ତାଲିକାରେ ସାମିଲ ହେବା ପାଇଁ ଆବେଦନ କରିପାରିବେ।

ଇସିଙ୍କ ପକ୍ଷରୁ ଜାରି ବିବୃତ୍ତିରେ କୁହାଯାଇଛି ଯେ ବିହାରର ସମସ୍ତ ୧୨ଟି ପ୍ରମୁଖ ରାଜନୈତିକ ଦଳର ଜିଲ୍ଲା ସଭାପତିମାନଙ୍କ ଦ୍ୱାରା ନିଯୁକ୍ତ ପ୍ରାୟ ୧ ଲକ୍ଷ ବିଏଲଓ, ୪ ଲକ୍ଷ ସ୍ୱେଚ୍ଛାସେବୀ ଏବଂ ୧.୫ ଲକ୍ଷ ବିଏଲଏ ଏପର୍ଯ୍ୟନ୍ତ ଗଣନା ଫର୍ମ (ଇଏଉ) ଦାଖଲ କରି ନଥିବା ଲୋକଙ୍କୁ ଖୋଜିବାରେ ଲାଗିଛନ୍ତି। ସେହିପରି ଏସଆଇଆରକୁ ବିରୋଧୀ ବିରୋଧ କରୁଥିବାବେଳେ ଇସି ଏହାକୁ ସାମ୍ବିଧାନିକ କର୍ତ୍ତବ୍ୟ କହିଛନ୍ତି। ମାମଲା ବିଚାରାଧୀନ ଥିବାବେଳେ ସମ୍ବିଧାନର ଧାରା ୩୨୪ ଅନୁଯାୟୀ ପ୍ରଦତ୍ତ କ୍ଷମତାକୁ ବ୍ୟବହାର କରି ସମଗ୍ର ପ୍ରକ୍ରିୟା ଏକ ସ୍ଥିର ଏବଂ କ୍ଷେତ୍ରାଧିକାର ଭିତରେ ପରିଚାଳିତ ହେଉଛି ବୋଲି ଇସି ଯୁକ୍ତି ବାଢିଛନ୍ତି।

ଅନ୍ୟପଟେ ଏସଆଇଆରକୁ ନେଇ ଇସି ସୋମବାର ସୁପ୍ରିମକୋର୍ଟରେ ସତ୍ୟପାଠ ଦାଖଲ କରିଛନ୍ତି। ଏସଆଇଆରରେ ସାମିଲ ହେବା ପାଇଁ ଆଧାର କାର୍ଡ, ଭୋଟର ପରିଚୟପତ୍ର ଏବଂ ରାସନ କାର୍ଡକୁ ବୈଧ ପ୍ରମାଣପତ୍ର ଭାବରେ ବିବେଚନା କରିବାକୁ ସୁପ୍ରିମକୋର୍ଟ ଦେଇଥିବା ପ୍ରସ୍ତାବରେ ଇସି ଅସହମତି ପ୍ରକାଶ କରିଛନ୍ତି। ଏଗୁଡ଼ିକ ଉପରେ ନିର୍ଭର କରାଯାଇପାରିବ ନାହିଁ ବୋଲି କହିଛନ୍ତି। ଆଧାର କେବଳ ଏକ ପରିଚୟ ପ୍ରମାଣପତ୍ର। ଦେଶରେ ବହୁ ସଂଖ୍ୟକ ନକଲି ରାସନ କାର୍ଡ ରହିଛି। ପୂର୍ବରୁ ଥିବା ଭୋଟର କାର୍ଡ ଉପରେ ନିର୍ଭର କରିବା ଦ୍ୱାରା ଏହି ସ୍ୱତନ୍ତ୍ର ଅଭିଯାନ ନିରର୍ଥକ ହୋଇଯିବ ବୋଲି କହିଛନ୍ତି। ଭୋଟର ତାଲିକାର ସାମିଲ ହୋଇ ନଥିବାରୁ କୌଣସି ବ୍ୟକ୍ତିଙ୍କ ନାଗରିକତା ସମାପ୍ତ ହେବ ନାହିଁ ବୋଲି ଇସି ସ୍ପଷ୍ଟ କରିଛନ୍ତି। ଏହି ପ୍ରକ୍ରିୟାରେ କୌଣସି ଆଇନ ଏବଂ ଭୋଟରଙ୍କ ମୌଳିକ ଅଧିକାରର ଉଲ୍ଲଂଘନ ହୋଇନାହିଁ। ଭୋଟର ତାଲିକାରେ ଯାଞ୍ଚ ବାତିଲ କରିବା ଏବଂ ନଭେମ୍ବର ବିଧାନସଭା ନିର୍ବାଚନ କରିବା ପାଇଁ ୧୧ଟି ବିରୋଧୀ ଦଳ, ଏନଜିଓ ଏବଂ ବିହାରର କିଛି ବାସିନ୍ଦାଙ୍କ ଦ୍ୱାରା ଦାୟର ଆବେଦନକୁ ଖାରଜ କରିବାକୁ କୋର୍ଟଙ୍କୁ ଅନୁରୋଧ କରିଛନ୍ତି।

## ସିବିଆଇକୁ ସୁପ୍ରିମକୋର୍ଟଙ୍କ ଭର୍ତ୍ସନା
# କୋର୍ଟ ଆସିବାକୁ ବି ସାହସ ନାହିଁ

ନୂଆଦିଲ୍ଲୀ, ୨୨।୭ (ଏଜେନ୍ସି): ସୁପ୍ରିମକୋର୍ଟ ମଙ୍ଗଳବାର କେନ୍ଦ୍ରୀୟ ଯାଞ୍ଚ ଏଜେନ୍ସି ସିବିଆଇକୁ ତୀବ୍ର ଭର୍ତ୍ସନା କରିଛନ୍ତି। ଇଣ୍ଡିଆ ବୁଲ୍ସ ଫାଇନାନ୍ସ ଲିମିଟେଡ (ଆଇଏଚଏଫଏଲ) ବିରୋଧୀ ମାମଲାରେ ନୋଟିସ ଜାରି କରିବା ସତ୍ତ୍ୱେ ହାଜର ନ ହେବାକୁ ନେଇ ସର୍ବୋଚ୍ଚ ନ୍ୟାୟାଳୟ କଠୋର ଆଭିମୁଖ୍ୟ ଗ୍ରହଣ କରିଛନ୍ତି। ଏଭଳି ଆଚରଣ ଗ୍ରହଣଯୋଗ୍ୟ ନୁହେଁ ବୋଲି କହିଛନ୍ତି। ସୁପ୍ରିମକୋର୍ଟ ନୋଟିସ କରିଛନ୍ତି ମାନେ ହାଜର ହେବାକୁ ପଡ଼ିବ। ହାଜର ହୋଇପାରିବୁ ନାହିଁ ବୋଲି ସିବିଆଇ କେମିତି କହିପାରିବ ବୋଲି ଜଷ୍ଟିସ ସୂର୍ଯ୍ୟକାନ୍ତଙ୍କ ନେତୃତ୍ୱାଧୀନ ଖଣ୍ଡପୀଠ କହିଛନ୍ତି। ଆଇଏଚଏଫଏଲ ତଥା ସମ୍ମାନ କ୍ୟାପିଟାଲ ଲିମିଟେଡର ପ୍ରମୋଟରଙ୍କ ଦ୍ୱାରା ହୋଇଥିବା ଅର୍ଥ ହେରଫେର ମାମଲାର ଏସଆଇଟି ତଦନ୍ତ ଦାବିକୁ ପୂର୍ବରୁ ଦିଲ୍ଲୀ ହାଇକୋର୍ଟ ଖାରଜ କରି ଦେଇଥିଲେ। ଏହା ବିରୋଧରେ ଆବେଦନକାରୀ ସୁପ୍ରିମକୋର୍ଟ ଯାଇଥିଲେ। ଏବେ ଖଣ୍ଡପୀଠ ଶୁଣାଣି କରି ଉପରୋକ୍ତ ଟିପ୍ପଣୀ ଦେଇଛନ୍ତି।

ଆବେଦନକାରୀଙ୍କ ପକ୍ଷରୁ ଓକିଲ ପ୍ରଶାନ୍ତ ଭୂଷଣ କହିଥିଲେ ଯେ କୌଣସି ଅପରାଧ ହୋଇ ନ ଥିବାରୁ କାର୍ଯ୍ୟାନୁଷ୍ଠାନ ନେବାକୁ ଇଡି ମନା କରିଦେଇଥିଲା। ତେଣୁ ପରେ ମାମଲା ରୁଜୁ ପାଇଁ ସିବିଆଇକୁ ନିବେଦନ କରାଯାଇଥିଲା। ଏହା ଉପରେ ଜଷ୍ଟିସ ସୂର୍ଯ୍ୟକାନ୍ତ କହିଥିଲେ ଯେ ଏହି ମାମଲା ଟଙ୍କା ହେରଫେର ସମ୍ବନ୍ଧିତ। ତେଣୁ ସିବିଆଇକୁ ଯାଞ୍ଚ କରି ରିପୋର୍ଟ ଦାଖଲ କରିବାକୁ କହିଥିଲେ। ସିବିଆଇକୁ ନୋଟିସ ଜାରି କରାଯାଇଥିବା ଦେଖି କୋର୍ଟ ପ୍ରଶ୍ନ କରିଥିଲେ ଯେ କୋର୍ଟ ଆସିବାକୁ ବି ସିବିଆଇର ସାହସ ନାହିଁ କି? ସୂଚନା ପାଇଁ ଅତିରିକ୍ତ ସଲିସିଟର ଜେନେରାଲ (ଏଏସଜି) ସପ୍ତାହେ ସମୟ ମାଗିବାରୁ କୋର୍ଟ ଅନୁମତି ଦେଇଥିଲେ। କାର୍ଯ୍ୟାନୁଷ୍ଠାନ ପାଇଁ ଅଭିଯୋଗକାରୀଙ୍କ ଆବଶ୍ୟକତା ନାହିଁ ବୋଲି କୋର୍ଟ ମନେ ପକାଇ ଦେଇଥିଲେ। ଆଉ କ'ଣ ସୂଚନା ଦରକାର ବୋଲି ପଚାରି ଥିଲେ। ରେକର୍ଡ ପୂର୍ବରୁ ସିବିଆଇ ପାଖରେ ଅଛି ବୋଲି କହିଥିଲେ। ୩୦ ତାରିଖରେ ଏହି ମାମଲାର ପରବର୍ତ୍ତୀ ଶୁଣାଣି ହେବ।




ସଂସଦ ଭବନ ବାହାରେ ବିକ୍ଷୋଭ କରୁଛନ୍ତି ବିରୋଧୀ

# କଂଗ୍ରେସ ଆବେଦନକୁ ଖାରଜ କଲେ ଟ୍ରିବ୍ୟୁନାଲ

## ୧୯୯ କୋଟିର ଚାନ୍ଦା ଉପରେ ଟିକସ ମାମଲା

ନୂଆଦିଲ୍ଲୀ, ୨୨।୭ (ଏଜେନ୍ସି): କଂଗ୍ରେସ ଦଳକୁ ବଡ଼ ଝଟ୍‌କା ଲାଗିଛି। କଂଗ୍ରେସକୁ ମିଳିଥିବା ୧୯୯ କୋଟିର ଚାନ୍ଦାର ଉପରେ ଟିକସ ଆଶ୍ୱସ୍ତି ପାଇଁ କରାଯାଇଥିବା ଆବେଦନକୁ ଇନ୍‌କମ୍ ଟ୍ୟାକ୍ସ ଅପିଲ ଟ୍ରିବ୍ୟୁନାଲ (ଆଇଟିଏଟି) ମଙ୍ଗଳବାର ଖାରଜ କରିଦେଇଛନ୍ତି। ଆୟକର ରିଟର୍ଣ୍ଣ ବିଳମ୍ବରେ ଦାଖଲ କରିବା ଏବଂ ନଗଦ ଦାନର ସୀମା ଉଲ୍ଲଙ୍ଘନକୁ ଟ୍ରିବ୍ୟୁନାଲ କାରଣ ଦର୍ଶାଇଛନ୍ତି। ଦୁଇ ସଦସ୍ୟ ବିଶିଷ୍ଟ ଖଣ୍ଡପୀଠ ରାୟ ଦେଇଛନ୍ତି ଯେ ୨୦୧୯ ଫେବୃଆରୀ ୨ ରେ ଦାଖଲ କଂଗ୍ରେସର ଟିକସ ରିଟର୍ଣ୍ଣ ଦାଖଲ କରିଥିଲା। କିନ୍ତୁ ନିର୍ଦ୍ଧାରିତ ତାରିଖ ମଧ୍ୟରେ ଏହା କରାଯାଇ ନ ଥିବାରୁ ଟିକସ ଛାଡ଼ କରାଯାଇପାରିବ ନାହିଁ। ଟ୍ରିବ୍ୟୁନାଲ୍ ଟିକସ ଅଧିକାରୀଙ୍କ ନିଷ୍ପତ୍ତିକୁ ସମର୍ଥନ କରିଛନ୍ତି ଏବଂ କହିଛନ୍ତି ଯେ ଦଳକୁ ଦାନ ଟଙ୍କା ଉପରେ ମଧ୍ୟ ଟିକସ ଦେବାକୁ ପଡିବ।

ସୂଚନା ଅନୁଯାୟୀ କଂଗ୍ରେସ ଫେବୃଆରୀ ୨, ୨୦୧୯ ରେ ଧାରା ୧୩୯(୧) ଅନୁଯାୟୀ ୨୦୧୮-୧୯ ଆର୍ଥିକ ବର୍ଷ ପାଇଁ ଆୟକର ରିଟର୍ଣ୍ଣ ଦାଖଲ କରିଥିଲା। ଟିକସ ଦାଖଲ କରିବାର ଶେଷ ତାରିଖ ଡିସେମ୍ବର ୩୧, ୨୦୧୮ ଥିଲା। ପ୍ରାପ୍ତ ଦାନରେ ଧାରା ୧୩ଏ ଅନୁଯାୟୀ ୧୯୯.୧୫ କୋଟି ଟଙ୍କା ଆଶ୍ୱସ୍ତି ଦାବି କରିବା ପରେ କଂଗ୍ରେସ ଟିକସ ରିଟର୍ଣ୍ଣରେ ନିଜର ଆୟକୁ ଶୂନ୍ୟ ଘୋଷଣା କରିଥିଲା।

# ୩୦୦ ନଦୀବନ୍ଧ ଭାଙ୍ଗିଦେଲା ଚୀନ୍

## ବନ୍ଦ କରିଦେଲା ୩୪୨ ଶକ୍ତିକେନ୍ଦ୍ର
## ୨୦୨୩ ସୁଦ୍ଧା ୨୧୧୯ ବନ୍ଧ ଭାଙ୍ଗିଲାଣି ଆମେରିକା

ବେଜିଂ, ୨୨।୭ (ଏଜେନ୍ସି): ଭାରତ ନଦୀ ବନ୍ଧ ନିର୍ମାଣକୁ ଗୁରୁତ୍ୱ ଦେଉଛି। ମାତ୍ର ପଡ଼ୋଶୀ ରାଷ୍ଟ୍ର ଚୀନ୍ ଏଭଳି ଏକ ପଦକ୍ଷେପ ନେଇଛି ଯାହାକୁ ନେଇ ସାରା ବିଶ୍ୱରେ ଚର୍ଚ୍ଚା ଜୋର୍ ଧରିଛି। ଏହି କମ୍ୟୁନିଷ୍ଟ ଦେଶ ଏକ ଅପ୍ରତ୍ୟାଶିତ ପଦକ୍ଷେପ ନେଇ ୩୦୦ ନଦୀ ବନ୍ଧ ଭାଙ୍ଗି ଦେଇଛି। ମେଗା ଡ୍ୟାମ୍ ନିର୍ମାଣ ଲାଗି ପରିଚିତ ବେଜିଂର ଏହି ପଦକ୍ଷେପ ସଭିଙ୍କୁ ଆଶ୍ଚର୍ଯ୍ୟ କରିଦେଇଛି। କେବଳ ସେତିକି ନୁହେଁ, ୩୫୦ ଜଳ ବିଦ୍ୟୁତ କେନ୍ଦ୍ରକୁ ମଧ୍ୟ ଡିକମିସନ ଅର୍ଥାତ୍ ବନ୍ଦ କରିଦେଇଛି। ପରିବେଶ ଏବଂ ଜୈବ ବିବିଧତାକୁ ନେଇ ଚିନ୍ତା ପ୍ରକାଶ ପାଇବା ପରେ ଚୀନ୍ ଏହି ପଦକ୍ଷେପ ନେଇଛି। ଚୀନ୍ ଯେଉଁ ବନ୍ଧ ଭାଙ୍ଗିଛି ତାହା ଉପର ୟାଙ୍ଗଜେ ନଦୀର ମୁଖ୍ୟ ସହାୟକ 'ଲୋହିତ ନଦୀ'ରେ ନିର୍ମାଣ ହୋଇଥିଲା। ଏହାକୁ 'ଚିସୁଇ ହେ' ନଦୀ ମଧ୍ୟ କୁହାଯାଏ।

ୟାଙ୍ଗଜେ ନଦୀକୁ ଚୀନ୍‌ରେ ଚାଙ୍ଗ ଜିଆଙ୍ଗ କୁହାଯାଏ। ଏହା ଏସିଆର ଦୀର୍ଘତମ ଏବଂ ବିଶ୍ୱର ତୃତୀୟ ଦୀର୍ଘତମ ନଦୀ। ଏହା ୬,୩୦୦ କିମି ଯାଏଁ ବ୍ୟାପିଛି। ଏହି ନଦୀ ଚୀନ୍‌ର ଅର୍ଥ ବ୍ୟବସ୍ଥା, ସଂସ୍କୃତି ଏବଂ ଇତିହାସରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଛି।ଏହା କୃଷି, ବ୍ୟବସାୟ ଏବଂ ଜଳ ବିଦ୍ୟୁତ ଉତ୍ପାଦନର କେନ୍ଦ୍ର ଏବଂ ଜୈବ ବିବିଧତା ପାଇଁ ମଧ୍ୟ ମହତ୍ତ୍ୱପୂର୍ଣ୍ଣ। ଏଠାରେ ବିରଳ ପ୍ରଜାତିର ଜୀବ ଅଛନ୍ତି। କିନ୍ତୁ ଏହି ନଦୀକୁ ଜୀବନ ଦେଉଥିବା ସହାୟକ ନଦୀ ଉପରେ ନିର୍ମିତ ଡ୍ୟାମ୍ ଏବଂ ଜଳ ବିଦ୍ୟୁତ କେନ୍ଦ୍ର ପରିସଂସ୍ଥା ଉପରେ ଗୁରୁତର ପ୍ରଭାବ ପକାଇ ଥିଲା। ସିନ୍‌ହୁଆ ରିପୋର୍ଟ ଅନୁଯାୟୀ ୨୦୨୪ ଡିସେମ୍ବର ଶେଷ ସୁଦ୍ଧା ଲୋହିତ ନଦୀ ଉପରେ ଥିବା ୩୫୭ରୁ ୩୦୦ ଡ୍ୟାମ୍‌କୁ ଧ୍ୱଂସ କରିଦିଆଯାଇଥିଲା। ସେହିପରି ୩୭୩ କ୍ଷୁଦ୍ର ଜଳ ବିଦ୍ୟୁତ କେନ୍ଦ୍ରରୁ ୩୪୨ଟିକୁ ବନ୍ଦ କରିଦିଆଯାଇଛି। ଏହାର ସକରାତ୍ମକ ପ୍ରଭାବ ମଧ୍ୟ ପଡ଼ିଥିଲା। ଏଥିପାଇଁ ଅନେକ ବିଲୁପ୍ତ ପ୍ରାୟ ମାଛ ପ୍ରଜାତି ନିଜ ପ୍ରାକୃତିକ ପ୍ରଜନନ ଚକ୍ର ଫେରି ପାଇବାରେ ସକ୍ଷମ ହୋଇଥିଲେ। ଗତ କିଛି ଦଶନ୍ଧି ହେଲା ବନ୍ଧ ଏବଂ ଜଳ ବିଦ୍ୟୁତ କେନ୍ଦ୍ର ଦ୍ୱାରା ଜଳ ପ୍ରବାହକୁ ଅଟକା ଯାଇଥିଲା। ଏହା ଦ୍ୱାର ନିମ୍ନ ଅବବାହିକାରେ



ଜଳ ସୀମିତ ହୋଇ ଯାଇଥିଲା। ଆଉ କିଛି ସ୍ଥାନରେ ପାଣି ସମ୍ପୂର୍ଣ୍ଣ ଶୁଖି ଯାଉଥିଲା। ଜଳଚର ପ୍ରାଣୀଙ୍କ ଉପରେ ଏହାର ଗଭୀର ପ୍ରଭାବ ପଡ଼ିଥିଲା। ମାଛ ସମେତ ଅନ୍ୟ ଜଳଚର ପ୍ରାଣୀଙ୍କ ବାସସ୍ଥଳ ଲୋପ ପାଇ ଯାଇଥିଲା। ଡ୍ୟାମ ନିର୍ମାଣ ଯୋଗୁଁ ପ୍ରଜନନ ପାଇଁ ନଦୀରେ ଦୀର୍ଘ ପଥ ଯାଉଥିବା ମାଛ ଗୁଡିକର ରାସ୍ତା ଅବରୋଧ ହୋଇ ଯାଇଥିଲା। ମାତ୍ର ୨୦୨୦ରୁ ଆରମ୍ଭ ହୋଇଥିବା ସୁଧାର କାର୍ଯ୍ୟ ଯୋଗୁଁ ୟାଙ୍ଗଜେ ନଦୀର ପରିଚୟ ପାଲଟି ଥିବା ଷ୍ଟର୍ଜନ ସମେତ ଅନ୍ୟ ଜୀବଙ୍କୁ ନୂଆ ଜୀବନ ମିଳିଥିଲା।

ଆମେରିକା ମଧ୍ୟ ଏହି ମାମଲାରେ ପଛରେ ନାହିଁ। ଏହି ଦେଶରେ ୨୧୧୯ଟି ଡ୍ୟାମ୍‌କୁ ଧ୍ୱଂସ କରିଦେଇଛି। ୧୯୧୨ରୁ ୨୦୨୩ ମଧ୍ୟରେ ଏହି କାର୍ଯ୍ୟ ହୋଇଛି। ପରିସଂସ୍ଥା ଉପରେ ପଡୁଥିବା ଖରାପ ପ୍ରଭାବ ପାଇଁ ଆମେରିକା ଏହି ପଦକ୍ଷେପ ନେଇଛି। ବୋମା ଦ୍ୱାରା ଡ୍ୟାମ ଧ୍ୱଂସ ନ କରି ଏଗୁଡିକୁ ଡିସ୍‌ମେଣ୍ଟାଲିଂ କରିଦିଆଯାଇଛି। ପ୍ରାକୃତିକ ଜଳଧାରା, ମାଛ ସ୍ଥାନାନ୍ତର, ନଦୀ ନବୀକରଣ ପ୍ରକଳ୍ପ, ଜଳର ମାନ ବୃଦ୍ଧି ଏବଂ ଜୈବ ବିବିଧତାର ସୁରକ୍ଷା ପାଇଁ ଏହି ପଦକ୍ଷେପ ନିଆଯାଇଛି।



# ଭୁବନେଶ୍ୱର ସିଟି

ଲମ୍ବିଛି ଠକେଇ ରାକେଟ୍

# ବୀମା ପାଇଁ ମିଛ ଦୁର୍ଘଟଣା

ଭୁବନେଶ୍ୱର, ୨୨।୭ (ସମିସ)

ରାଜଧାନୀ ସମେତ ରାଜ୍ୟରେ ଅନେକ ଜିଲ୍ଲାକୁ ଲମ୍ବିଛି ମିଛ ଦୁର୍ଘଟଣା ଜନିତ ରାକେଟ। ଗାଡି ଦୁର୍ଘଟଣା ନହୋଇ ମିଛ ଦୁର୍ଘଟଣା ଜନିତ (ଏମ୍‌ଏସି) ମାମଲା ରୁଜୁ କରାଯାଇ ଇନ୍ସୁରାନ୍ସ ଟଙ୍କାକୁ ହଡ଼ପ କରାଯାଉଛି। ଗାଡି ଦୁର୍ଘଟଣାଗ୍ରସ୍ତ ହୋଇ ନ ଥିଲେ ମଧ୍ୟ ଜାଲ୍ କାଗଜପତ୍ରରେ ଦୁର୍ଘଟଣା ହୋଇଥିବା ଦର୍ଶାଉଛନ୍ତି। ଏହି ଠକମାନଙ୍କୁ ସହଯୋଗ କରୁଛନ୍ତି ସ୍ଥାନୀୟ ଥାନାର କିଛି କର୍ମଚାରୀ। ଫଳରେ ଦଲାଲମାନେ ଥାନାରୁ ମିଛ ଅଭିଯୋଗ

- ଗାଡ଼ି ଦୁର୍ଘଟଣା ନ ହୋଇ ଜାଲ୍ ଦସ୍ତାବିଜ୍‌ରେ ଦୁର୍ଘଟଣା
- ରାଜଧାନୀରେ କାମ କରୁଛନ୍ତି ମାଲମାଲ ଦଲାଲ
- ଜଣେ ବ୍ୟକ୍ତି ଏକାଧିକ ଦୁର୍ଘଟଣା ଘଟାଉଥିବା ଦର୍ଶାଉଛନ୍ତି
- ପୁଲିସ ସହ ସାଲିସ କରି ଲୁଟୁଛନ୍ତି ଟଙ୍କା



ଆଧାରରେ ଏତଲା କରୁଛନ୍ତି। ଏହା ଦ୍ୱାରା ସେମାନେ ବୀମା ଟଙ୍କାକୁ ହରିଲୁଟ୍ କରି ନେଉଛନ୍ତି। ନିକଟରେ କେଉଁଝର ଜିଲ୍ଲାରୁ ଏଭଳି ଜାଲିଆତି ଧରାପଡ଼ିବା ପରେ ଏବେ ପୁଣି ୧୫ଜିଲ୍ଲାରେ ଏଭଳି ଜାଲିଆତି ହୋଇଥିବା ପଦାକୁ ଆସୁଛି। ଯାଜପୁର, ଭଦ୍ରକ, କଟକ, କେନ୍ଦ୍ରାପଡ଼ା, ଜଗତସିଂହପୁର, ପୁରୀ ଏବଂ ନୟାଗଡ଼ରେ ଏଭଳି ଜାଲିଆତି ହୋଇଥିବା ଜଣାପଡ଼ିଛି। ନିକଟରେ ମାମଲା ସିବିଆଇ ନେଇଥିଲେ ମଧ୍ୟ କିଛିବି ସୁଫଳ ମିଳିନି। ଫଳରେ ଏହି ରାକେଟ ଭୁବନେଶ୍ୱର ସମେତ ରାଜ୍ୟର ବିଭିନ୍ନ ଜିଲ୍ଲାରେ ସକ୍ରିୟ ହୋଇ ଉଠିଛନ୍ତି। କିଭଳି ଭାବେ ଏହି ଠକେଇ ହେଉଛି ସେନେଇ ଏକାଧିକ ଇନ୍ସୁରାନ୍ସ କମ୍ପାନୀ ସହ ପୁଲିସ ଆଲୋଚନା କରୁଛି। ପୂର୍ବରୁ ଏଭଳି ଠକେଇକୁ ରୋକିବା ପାଇଁ ଏକାଧିକ କାର୍ଯ୍ୟକ୍ରମମାନ ହାତକୁ ନିଆଯାଇଥିଲା। ହେଲେ ଯେଉଁ କଥାକୁ ସେହି କଥା। ଏହାର ମୁଖ୍ୟ କାରଣ ହେଲେ ଏଭଳି ଜାଲିଆତି ପଛରେ ପୁଲିସର ହାତ ରହୁଛି। ପୁଲିସ ଜାଣିଶୁଣି ଦଲାଲ ସହ ହାତ କରି ମିଛ ଦୁର୍ଘଟଣା ମାମଲା ରୁଜୁ କରି ଇନ୍ସ୍ୟୁରାନ୍ସ ଟଙ୍କା ଲୁଟୁଛନ୍ତି। ପୂର୍ବରୁ ମିଛ ଦୁର୍ଘଟଣା ଜନିତ ମାମଲା କରାଯାଇ କେଉଁଝର ଜିଲ୍ଲାରେ ୫ କୋଟିରୁ ଊର୍ଦ୍ଧ୍ୱ ଟଙ୍କା ଠକି ନିଆଯାଇଥିବା ଜଣାପଡ଼ିଥିଲା। ଆଇସିଆଇସିଆଇ ଲମ୍ବାର୍ଡ ଜେନେରାଲ ଇନ୍ସ୍ୟୁରାନ୍ସ ସଂସ୍ଥା ଏନେଇ ପ୍ରଥମେ ହାଇକୋର୍ଟରେ ଏକ ପିଟିସନ କରିଥିଲେ। କୋର୍ଟ ଏହି ପିଟିସନ୍‌କୁ ଗୁରୁତର ସହ ନେଇ ଦସ୍ତାବିଜ୍ ଯାଞ୍ଚ କରିବା ପରେ ଏଭଳି ଜାଲିଆତି ହୋଇଥିବା ଜାଣିବାକୁ ପାଇଥିଲେ। ଏହାପରେ ବର୍ଷ ଗତ ଜୁଲାଇ ୩ତାରିଖରେ କୋର୍ଟ ମାମଲା ରୁଜୁ କରି ତଦନ୍ତ କରିବାକୁ ସିବିଆଇକୁ ନିର୍ଦ୍ଦେଶ ଦେଇଥିଲେ। ସିବିଆଇ କୋର୍ଟ ନିର୍ଦ୍ଦେଶ ପାଇବା ପରେ ଏନେଇ ଏକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା। କିନ୍ତୁ କିଛିବି ଫାଇଦା ହେଲା ନାହିଁ। ଠକ ଟଙ୍କା ନେଇଇ ରାଜ୍ୟ ପାର ହୋଇଗଲେ।

କେଉଁଝର ଜିଲ୍ଲାର ବିଭିନ୍ନ ଥାନାରେ ୩୩ ଏମ୍‌ଏସି (ଦୁର୍ଘଟଣା ଜନିତ ମାମଲା)ରେ ୩୦ଟି ଏତଲା କରାଯାଇ ୫କୋଟି ଟଙ୍କା ଇନ୍ସୁରାନ୍ସ ସଂସ୍ଥାକୁ ଠକିଛନ୍ତି। ତେଣୁ ଏହି ଠକେଇରେ ପୁଲିସ ସାମିଲ୍ ଥିବାରୁ ତଦନ୍ତ ସଠିକ୍ ଭାବେ ହେବ ନାହିଁ ବୋଲି କୋର୍ଟ ହୃଦବୋଧ କଲେ। ତେଣୁ ନିରପେକ୍ଷ ତଦନ୍ତ ପାଇଁ କୋର୍ଟ ସିବିଆଇକୁ ଦେଇଛନ୍ତି। କେଉଁଝର ଜିଲ୍ଲାରେ ହୋଇଥିବା ୫ଟି ଏତଲା ସିବିଆଇ ହାତକୁ ନେଇଛି। କେଉଁଝର ଟାଉନ୍ ଥାନା କେସ୍ ନଂ-୧୨୨/୧୫, କେଉଁଝର ଟାଉନ୍ ଥାନା କେସ୍ ନଂ-୨୯୦/୨୦୧୫, ବରିଆ ଥାନା କେସ୍ ନଂ-୯/୨୦୧୬, କେଉଁଝର ସଦର ଥାନା କେସ୍ ନଂ-୭୭/୨୦୧୬ ଏବଂ କେଉଁଝର ଟାଉନ୍ ଥାନା କେସ୍ ନଂ-୧୪୫/୨୦୧୬ ମାମଲାରେ ଜାଲିଆତି ହୋଇଥିବାରୁ ଏହି ୫ଟି ମାମଲା ସିବିଆଇ ତଦନ୍ତ କରିବ। ଏହି ମାମଲାରେ ସ୍ଥାନୀୟ ଥାନା ପୁଲିସ କୋର୍ଟରେ ଚାର୍ଜସିଟ୍ ଦାଖଲ କରି ଦେଇଛି। ୪ଟି ମାମଲାରେ ଅଭିଯୁକ୍ତ ଡୁମୁରିନାଳିର କେଶବଚନ୍ଦ୍ର ମହନ୍ତ ନାମରେ ଚାର୍ଜସିଟ୍ ହୋଇଛି। କିନ୍ତୁ ଅନ୍ୟ ଏକ ମାମଲାରେ କେଶବଚନ୍ଦ୍ର ଏବଂ ଗୋପିନାଥ ଡୁମୁରୀ ଅଭିଯୁକ୍ତ ଅଛନ୍ତି। ବଡ଼ ଆଶ୍ଚର୍ଯ୍ୟର କଥା କେଶବଚନ୍ଦ୍ର ୫ଟି ମାମଲାରେ ଅଭିଯୁକ୍ତ ରହିଛନ୍ତି। ଜଣେ ବ୍ୟକ୍ତି କିଭଳି ୫ଥର ଦୁର୍ଘଟଣା ଘଟାଇଲେ ତାହା ଆଶ୍ଚର୍ଯ୍ୟ କରିଛି। ଏହି ୫ଟି ଦୁର୍ଘଟଣାରେ ମଧ୍ୟ ଇନ୍ସୁରାନ୍ସ ଟଙ୍କା ଅଭିଯୁକ୍ତମାନେ ଉଠାଇ ନେଇଛନ୍ତି।

ଛିଡ଼ିଲା ବିଦ୍ୟୁତ୍ ତାର

## ୮ ଗାଈ ମୃତ, ଗାଈଆଳ ଆହତ



ଯାଁଳା, ୨୨।୭ (ସମିସ): ମଙ୍ଗଳବାର ବିଳମ୍ବିତ ରାତିରେ ରାଜଧାନୀ ଉପକଣ୍ଠ ତଳଖେତା ଛକ ରାଧାଚରଣପୁରରେ ଏକ ଟ୍ରାନ୍ସଫର୍ମର ଜଳିବା ସହ ବିଦ୍ୟୁତ୍ ତାର ଛିଡ଼ି ୮ ଟି ଗୋରୁଙ୍କ ମୃତ୍ୟୁ ହୋଇଥିବା ବେଳେ ଜଣେ ଗୋପାଳକ ଆହତ ହୋଇଛନ୍ତି। ଆହତ ଗୋପାଳକ ଜଣକ ହେଲେ ରାଧାଚରଣପୁରରେ ରହୁଥିବା ସାଖିଗୋପାଳ ଅଞ୍ଚଳର ଗୋଲଖି ବେହେରା।

ମିଳିଥିବା ସୂଚନା ଅନୁସାରେ ମଙ୍ଗଳବାର ରାତି ପ୍ରାୟ ୧୦ଟା ବେଳେ ତଳଖେତା ଛକ ଠାରେ ଥିବା ଏକ ବିଦ୍ୟୁତ୍ ଖୁଣ୍ଟରୁ ହଠାତ୍ ନିଆଁ ବାହାରିବା ସହ ନିକଟରେ ଥିବା ଏକ ଟ୍ରାନ୍ସଫର୍ମର ପର୍ଯ୍ୟନ୍ତ ଜଳି ଯାଇଥିଲା ଓ ପ୍ରବଳ ଶବ୍ଦ ମଧ୍ୟ କରିଥିଲା। ଟ୍ରାନ୍ସଫର୍ମର ନିକଟରେ ଥିବା ଏକ ଖୋଲା ପଡ଼ିଆରେ ଦାସିଆ ବେହେରା ନାମକ ଜଣେ ଗୋପାଳକଙ୍କ ପ୍ରାୟ ୭୦ ରୁ ଊର୍ଦ୍ଧ୍ୱ ଗାଈ ଠିଆ ହୋଇଥିଲେ। ବିଦ୍ୟୁତ ତାର ଜଳିବା ସହ ଶବ୍ଦ ଶୁଣି ଗାଈଗୁଡିକ ମଧ୍ୟ ଦୌଡି ଥିଲେ। ସେହି ସମୟରେ ବିଦ୍ୟୁତ୍ ତାର ଛିଣ୍ଡିଯିବାରୁ କରେଣ୍ଟ ଲାଗି ୮ ଟି ଗାଈ ଟଳି ପଡ଼ିଥିଲେ। ଗାଈଗୁଡିକ ଏଣେ ତେଣେ ଦୌଡିବା ଦେଖି ଗୋଲକ ଗାଈଙ୍କୁ ଅଟକାଇବାକୁ ଚେଷ୍ଟା କଲା ବେଳେ ସେ ମଧ୍ୟ କରେଣ୍ଟ ଲାଗି ଆହତ ହୋଇଥିଲେ। ସ୍ଥାନୀୟ ଅଞ୍ଚଳର ଲୋକେ ପହଞ୍ଚି ମୃତ ଗାଈକୁ ଉଦ୍ଧାର କରିବା ସହ ଆହତ ଗୋପାଳକଙ୍କୁ ଉଦ୍ଧାର କରି ଡାକ୍ତରଖାନା ନେଇଛନ୍ତି। ବିଳମ୍ବିତ ରାତିରେ ବିଦ୍ୟୁତ ବିଭାଗର କର୍ମଚାରୀମାନେ ପହଞ୍ଚି ବିଦ୍ୟୁତ ସଂଯୋଗ କାଟିବା ସହ ବିଦ୍ୟୁତ ମରାମତିରେ ଲାଗିଛନ୍ତି। ଏବେ ବି ଅନେକ ଅଞ୍ଚଳର ଅନ୍ଧାରରେ ରହିଛି।

ବସ୍ତିର ମହିଳାଙ୍କ ପରିବେଶ ଚିନ୍ତା

# ତୁଳସୀ, ବେଲକାଠି ଓ ଧାନରେ ରାକ୍ଷୀ

ଭୁବନେଶ୍ୱର, ୨୨।୭ (ସମିସ)

ଆଗୁକୁ ରାକ୍ଷୀ ପୂର୍ଣ୍ଣିମା ଥିବାରୁ ବଜାରରେ ଏବେ ରାକ୍ଷୀର ପସରା ଦେଖିବାକୁ ମିଳୁଛି। ସେହିପରି ବିଭିନ୍ନ ଅନୁଷ୍ଠାନ, ପରିବେଶପ୍ରେମୀ ମଧ୍ୟ ପରିବେଶ ଅନୁକୂଳ ରାକ୍ଷୀର ପ୍ରସ୍ତୁତି ଆରମ୍ଭ କଲେଣି। କିଏ ବେଲ ଓ ତୁଳସୀକୁ କାଠିକୁ ନେଇ ରାକ୍ଷୀ ପ୍ରସ୍ତୁତ କରୁଛନ୍ତି ତ ଆଉ କିଏ ଧାନ ଆଉ ବିଭିନ୍ନ ମଞ୍ଜିକୁ ନେଇ ରାକ୍ଷୀ ତିଆରି କରୁଛନ୍ତି।

ସେହିପରି ପଥରବନ୍ଧ ବସ୍ତିର ୧୪ରୁ ୨୫ ଜଣ ମହିଳା ମଧ୍ୟ ପରିବେଶ ଅନୁକୂଳ ରାକ୍ଷୀ ପ୍ରସ୍ତୁତିରେ ଲାଗିଛନ୍ତି। ଏହି ମହିଳାମାନଙ୍କୁ ପ୍ରିୟଦର୍ଶନୀ ଦାସ ପ୍ରଶିକ୍ଷଣ ଦେଇ ରାକ୍ଷୀ ପ୍ରସ୍ତୁତ କରିବାରେ ସାହାଯ୍ୟ କରୁଛନ୍ତି। ବସ୍ତିର ଏହି ମହିଳା ମାନେ ବିଭିନ୍ନ ପ୍ରକାରର ପରିବେଶ ଅନୁକୂଳ ଜିନିଷ ତଥା - ରୁଦ୍ରାକ୍ଷ, ବୟାଜନ୍ତୀ ମଞ୍ଜି, ତୁଳସୀ କାଠି ଏବଂ ବେଲ କାଠିରେ ପ୍ରସ୍ତୁତ କରୁଛନ୍ତି। ଯାହାର ମୂଲ୍ୟ ୫୦ ରୁ ୧୫୦ ଟଙ୍କା ମଧ୍ୟରେ ରହିଛି। ଏ ନେଇ ପ୍ରିୟଦର୍ଶନୀ କୁହନ୍ତି ପ୍ରତିବର୍ଷ ବିଭିନ୍ନ ବସ୍ତିର ମହିଳାମାନଙ୍କୁ ନେଇ ଏପରି କାର୍ଯ୍ୟକ୍ରମ ହୋଇଥାଏ। ଚଳିତ ବର୍ଷ ପଥରବନ୍ଧ ବସ୍ତିର ମହିଳା ଯେଉଁମାନେ ରୋଜଗାର ମାଧ୍ୟମ ଖୋଜୁଥିଲେ ଏବଂ ଆଉ କିଛି ନିଜ ପଢ଼ାଖର୍ଚ୍ଚ ଉଠାଇବାକୁ ଚାହୁଁଥିଲେ, ସେମାନଙ୍କୁ ନେଇ ଏହି ରାକ୍ଷୀ



ଦାମ୍ ରହିଛି ୫୦ରୁ ୧୫୦ ଟଙ୍କା



ପ୍ରସ୍ତୁତ କରାଯାଉଛି। ସେମାନେ ନିଜେ ରାକ୍ଷୀ ତିଆରି କରି ବଜାରରେ ମଧ୍ୟ ବିକ୍ରି ପାଇଁ ପଠାଉଛନ୍ତି। ଚଳିତ ବର୍ଷ ଯେଉଁ କାଠି ଏବଂ ମଞ୍ଜିର କୌଣସି ଆଧାତ୍ମିକ ସାମଞ୍ଜସ୍ୟ ରହିଛି କେବଳ ସେସବୁକୁ ନେଇ ହିଁ ପରିବେଶ ଅନୁକୂଳ ରାକ୍ଷୀ ପ୍ରସ୍ତୁତ କରାଯାଉଛି। ଫଳରେ ଏହା ଲୋକଙ୍କ ମାନସିକ ଶାନ୍ତି ଏବଂ ପରବର୍ତ୍ତୀ ସମୟରେ ନିଜ ପାଖରେ ମଧ୍ୟ ରଖିପାରିବା ଉଦ୍ଦେଶ୍ୟ ନେଇ ଏହା ପ୍ରସ୍ତୁତ କରାଯାଉଛି। ଏଥିପାଇଁ ସେ ବୈଜୟନ୍ତୀ ମଞ୍ଜିକୁ ଜଗତସିଂପୁରରେ ନିଜ ଗାଁରୁ ଏବଂ ତୁଳସୀ କାଠିକୁ ନିଜ ପଡ଼ୋଶୀ ଏବଂ ଆଖପାଖ ଅଞ୍ଚଳରୁ ସଂଗ୍ରହ କରିଥାନ୍ତି। ସମୟଠୁ ଶୀଘ୍ର ଅର୍ଡର ଆସୁଥିବାରୁ ଏହି ରାକ୍ଷୀ ପ୍ରସ୍ତୁତି କାର୍ଯ୍ୟକ୍ରମ ଚଳିତ ବର୍ଷ ରଜ ପରଠାରୁ ହିଁ ଆରମ୍ଭ ହୋଇଥିଲା।

# 'ରାଜଭୋଗ'ରେ ରାଜତନ୍ତ୍ରର କୁତ୍ସିତ ପରମ୍ପରା



ଭୁବନେଶ୍ୱର, ୨୨।୭ (ସମିସ): ପ୍ରାଚୀନ କାଳରୁ, ଆମେ ନିଜେ ଭୋଗ କରିବା ପୂର୍ବରୁ ଭଗବାନଙ୍କୁ କିଛି ଅର୍ପଣ କରିବା ଆମର ପ୍ରଥା ପରମ୍ପରା ଥିଲା। ଯେତେବେଳେ ରାଜା / ମହାରାଜାମାନେ ଶାସନ କରିବା ଆରମ୍ଭ କଲେ, ରାଜାମାନେ ନିଜକୁ ପରମେଶ୍ୱରଙ୍କ ଭବିଷ୍ୟବ୍ୟକ୍ତା ଭାବରେ ଘୋଷଣା କଲେ ଏବଂ ସେମାନଙ୍କର ପ୍ରଜାଙ୍କୁ ଶାସନ କରିବା ଛଳରେ ରାଜତ୍ୱର ଏହି ଦିବ୍ୟ ତତ୍ତ୍ୱରେ ବିଶ୍ୱାସ କରାଇଲେ। ରାଜାଙ୍କ ଇଚ୍ଛା ହିଁ ଆଇନ ଥିଲା। ଧୀରେ ଧୀରେ, ପ୍ରଥମେ ପରମେଶ୍ୱରଙ୍କୁ ଖାଦ୍ୟ (ଭୋଗ) ପ୍ରଦାନ କରିବା ପରିବର୍ତ୍ତେ, ଲୋକମାନେ ରାଜାଙ୍କୁ ଖାଦ୍ୟ (ଭୋଗ) ପ୍ରଦାନ କରିବା ଆରମ୍ଭ କଲେ। ଏହି ବିଶ୍ୱାସ ଏବଂ ପ୍ରତିଷ୍ଠିତ ପ୍ରଥା ହିଁ ପରବର୍ତ୍ତୀ ସମୟରେ ଶାସକ ବର୍ଗର ବିଳାସ ବ୍ୟସନପୂର୍ଣ୍ଣ ଜୀବନ ଶୈଳୀକୁ ପ୍ରମାଣିତ କରେ। ପୂର୍ବରୁ, ଲୋକମାନେ ଉତ୍ସାହର ସହିତ ରାଜାଙ୍କୁ ଖାଦ୍ୟ (ଭୋଗ) ପ୍ରଦାନ କରୁଥିଲେ। କିନ୍ତୁ ପରେ ଏହି ପ୍ରଥା ବାଧ୍ୟତାମୂଳକ ହୋଇ କୁତ୍ସିତ ରୂପ ଧାରଣ କଲା। ଶେଷରେ ଖାଦ୍ୟ ବା ଭୋଗ ଆକାରରେ ରାଜାଙ୍କୁ ନାରୀମାନଙ୍କୁ ଭେଟି ଦିଆଗଲା। ଏହି ପରମ୍ପରାକୁ ଆହ୍ୱାନ କରି, ରାଜା ଏବଂ ରାଜା କର୍ମଚାରୀମାନେ ପ୍ରଜାମାନଙ୍କୁ ନିର୍ଯାତନା ଏବଂ ଶୋଷଣ କରିବା ଆରମ୍ଭ କଲେ। ଏହି ପରି ଏକ ବିଷୟ କୁ ନେଇ 'ରାଜଭୋଗ' କାହାଣୀର ସୃଷ୍ଟି। କାହାଣୀଟି ଗଢି ଉଠିଛି ଏକ ଛୋଟ ଗଡ଼ଜାତ ଗାଁ ରେ ଯାହାର ନାଁ ନେଉଳ ଗଡିଆ। ସେଇ ଗାଁରେ ନିରୀହ ଝିଅଟିଏ କଇଁ ବସବାସ କରୁଛି। ଯିଏ ଭଲ ପାଉଛି ସେଇ ଗାଁର ଗୋଟିଏ ପୁଅକୁ, ଯାହାର ନାଁ ଚନ୍ଦନ। କଇଁ କିନ୍ତୁ ଏ ପ୍ରଥାକୁ ବିରୋଧ କରିଛି ଏବଂ ରାଜ ଉଆସକୁ ଯିବା ପାଇଁ ମନା କରିଛି। ଶେଷରେ କଇଁକୁ ଭଲ ପାଉଥିବା ଚନ୍ଦନ ନିଜ ପ୍ରେମିକା ପାଇଁ ଏହି କୁତ୍ସିତ ପ୍ରଥାର ଅନ୍ତ ଘଟେଇଛି। ଏମିତି କିଛି କାହାଣୀକୁ ନେଇ 'ସମ୍ରାଟ ସିଏ କଳାର ପୂଜାରୀ' ପକ୍ଷରୁ ନାଟକ 'ରାଜଭୋଗ' ମଙ୍ଗଳବାର ରବୀନ୍ଦ୍ର ମଣ୍ଡପରେ ମଞ୍ଚସ୍ଥ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ଅତିଥି ଭାବେ ନାଟ୍ୟକାର ପଞ୍ଚାନନ ଦାସ, ନାଟ୍ୟକାର, ଧୀର ମଲ୍ଲିକ, ନାଟ୍ୟକର ଦେବଦତ୍ତ ପତି, ନାଟ୍ୟକାର ମିହିର ମେହେର ପ୍ରମୁଖ ଯୋଗ ଦେଇଥିଲେ। ଶରତ ସମ୍ରାଟ ନାଟକର ନିର୍ଦ୍ଦେଶକ ରହିଥିବା ବେଳେ ଭଜକୃଷ୍ଣ ମହାନ୍ତି ସଂଯୋଜନା କରିଥିଲେ।

## ମନ୍ତ୍ରୀଙ୍କ ଘରକୁ ଅଣ୍ଡା ଫୋପାଡ଼ି ଗିରଫ ହୋଇଥିବା ଛାତ୍ରନେତା ଜେଲ୍‌ରୁ ମୁକୁଳିଲେ



ଭୁବନେଶ୍ୱର, ୨୨।୭ (ସମିସ): ଉଚ୍ଚ ଶିକ୍ଷାମନ୍ତ୍ରୀଙ୍କ ବାସଭବନକୁ ଅଣ୍ଡା ମାଡ଼ କରି ଗିରଫ ପୂର୍ବତନ ଛାତ୍ର କଂଗ୍ରେସ ଉପସଭାପତି ଆଦିତ୍ୟ ପ୍ରୀତମ ଦାସ, ଛାତ୍ର କଂଗ୍ରେସ ଉପସଭାପତି ସୌମ୍ୟରଞ୍ଜନ ଜେନା, ସାଧାରଣ ସମ୍ପାଦକ ସୁଭଙ୍କର ସେଠୀ, ଛାତ୍ର ନେତା ବଳରାମ ସାହୁ ଝାରପଡ଼ା ଜେଲରୁ ଆଜି ମୁକୁଳିଛନ୍ତି। ଖୋର୍ଦ୍ଧା ଜିଲ୍ଲା କଂଗ୍ରେସ ସଂଯୋଜକ ଏବଂ କଂଗ୍ରେସ ନେତା ନିରଞ୍ଜନ ନାୟକ ପ୍ରମୁଖ ଉକ୍ତ ଛାତ୍ର ନେତାଙ୍କୁ ପୁଷ୍ପଗୁଚ୍ଛ ଦେଇ ସ୍ୱାଗତ କରିବା ସହ ସେମାନଙ୍କୁ ଏକ ବିରାଟ ଶୋଭାଯାତ୍ରାରେ କଂଗ୍ରେସ ଭବନ ନେଇଥିଲେ। ସେଠାରେ ପିସିସି ସଭାପତି ଭକ୍ତ ଚରଣ ଦାସ ସେମାନଙ୍କୁ ସ୍ୱାଗତ କରିବା ସହ ସେମାନଙ୍କ ଗିରଫଦାରୀକୁ ନିନ୍ଦା କରିଥିଲେ। ଯେଉଁ ପର୍ଯ୍ୟନ୍ତ ସୌମ୍ୟାଶ୍ରୀକୁ ନ୍ୟାୟ ନ ମିଳିଛି ସେ ପର୍ଯ୍ୟନ୍ତ ଲଢେଇ ଜାରି ରହିବ ବୋଲି ଶ୍ରୀ ଦାସ ଚେତେଇ ଦେଇଥିଲେ। ଉଲ୍ଲେଖ ଯୋଗ୍ୟ ବାଲେଶ୍ୱର ଫକୀର ମୋହନ କଲେଜର ଆତ୍ମାହୁତି ଦେଇ ମୃତ୍ୟୁବରଣ କରିଥିବା ଛାତ୍ରୀକୁ ନ୍ୟାୟ ଦେବା ଦାବିରେ ଉଚ୍ଚ ଶିକ୍ଷାମନ୍ତ୍ରୀଙ୍କ ସରକାରୀ ବାସଭବନକୁ ଗତ ୧୬ ତାରିଖ ଦିନ ଛାତ୍ର କଂଗ୍ରେସ କର୍ମୀମାନେ ଘେରାଉ କରିଥିବାବେଳେ ତାଙ୍କ ବାସଭବନକୁ ଅଣ୍ଡାମାଡ଼ କରିଥିଲେ। ପରବର୍ତ୍ତୀ ସମୟରେ ପୁଲିସ ସେମାନଙ୍କୁ ଗିରଫ କରି ଜେଲ୍ ପଠାଇଥିଲା।

ଅବ୍ୟବସ୍ଥିତ ରାଜପଥ ସର୍ଭିସ ରୋଡ୍

# ସଞ୍ଜ ହେଲେ ଭିଡ଼ ସାଙ୍ଗକୁ ବଢୁଛି ସମସ୍ୟା

ଭୁବନେଶ୍ୱର, ୨୨।୭ (ସମିସ): ଭୁବନେଶ୍ୱର ସହର ଦେଇ ଯାଇଥିବା ୧୬ ନମ୍ବର ଜାତୀୟ ରାଜପଥ କଡ଼ରେ ଥିବା ବିଭିନ୍ନ ଛକ ଓ ବଜାରରେ ଟ୍ରାଫିକ୍ ବ୍ୟବସ୍ଥା ଅଣାୟତ ହୋଇପଡୁଛି। ବିଶେଷକରି ରାଜପଥ କଡ଼ ସର୍ଭିସ ରୋଡ୍‌କୁ ଅନେକ ମାଡ଼ି ବସିବାରୁ ଯାତାୟତରେ ସମସ୍ୟା ଉପୁଜୁଛି ଏବଂ ତାହା ଦୁର୍ଘଟଣାର କାରଣ ପାଲଟୁଛି। ସଞ୍ଜ ହେଲେ ରାଜପଥ କଡ଼ ଅଞ୍ଚଳରେ ଗୋଟାଏ ପରେ ଗୋଟାଏ ଦୁର୍ଘଟଣା ଘଟିବା ସହ ଯାତାୟତ ଦୁର୍ବିସହ ହୋଇପଡୁଛି।

କୋଲକାତାରୁ ଚେନ୍ନେଇ ଯାଇଥିବା ୧୬ ନମ୍ବର ଜାତୀୟ ରାଜପଥର ଯାଁଳାଠାରୁ ଆରମ୍ଭ କରି ପଳାଶୁଣି, ହାଇଟେକ୍ ଛକ ପର୍ଯ୍ୟନ୍ତ ଅଧିକାଂଶ ଅଞ୍ଚଳରେ ଭିଡ଼ ଦିନ ସାରା ଲାଗି ରହୁଛି। ବିଶେଷକରି ସଞ୍ଜ ହେଲେ ଏହିଛକଗୁଡ଼ିକରେ ଅହେତୁକ ସଂଖ୍ୟକ ଯାନବାହାନ ଦେଖିବାକୁ ମିଳୁଛି। ଯାହା ରାଜପଥକୁ ଜାମ୍ କରି ଦେଉଛି। ଯାଁଳାଠାରୁ ଆରମ୍ଭ କରି ଗୋହିରା, ତମାଣ୍ଡୋ, ପାତ୍ରପଡ଼ା, ଆଇଗିଣିଆ, ଡୁମୁଡୁମା, ଖଣ୍ଡଗିରି, ଫାୟାର ଷ୍ଟେସନ, ସିଆରପି, ଜୟଦେବ ବିହାର, ଆଚାର୍ଯ୍ୟବିହାର, ବାଣୀବିହାରଠାରୁ ଆରମ୍ଭ କରି ରସୁଲଗଡ଼ ଏବଂ ହଂସପାଳ ଛକରେ ସଞ୍ଜ ହେଲେ ଯାନବାହନ ଭିଡ଼ ଲାଗି ରହୁଛି। ସରକାରୀ କାର୍ଯ୍ୟଦିବସଗୁଡ଼ିକରେ ଅଧିକ ଭିଡ଼ ପରିଲକ୍ଷିତ ହେଉଛି। ବିଳମ୍ବିତ ରାତି ପର୍ଯ୍ୟନ୍ତ ଏହିସବୁ ଅଞ୍ଚଳରେ ଯାନବାହାନ ଅଣାୟତ ହୋଇପଡୁଥିବାରୁ ଜରୁରିକାଳୀନ ସେବା ଯୋଗାଉଥିବା ଯାନବାହାନ ମଧ୍ୟ ଯାତାୟତ କରିବା କାଠିକର ପାଠ ହୋଇପଡୁଛି। ବିଶେଷକରି ଅଗ୍ନିଶମ ବିଭାଗ ଗାଡ଼ିଠାରୁ ଆରମ୍ଭ କରି ଆମ୍ବୁଲାନ୍ସ ଠିକ୍ ସମୟରେ ପହଞ୍ଚିପାରୁ ନାହିଁ। ଏମିତି କି କୌଣସି ଭିଆଇପିଙ୍କ ଗସ୍ତ କାର୍ଯ୍ୟକ୍ରମ ହେଉ ଅବା ରାସ୍ତା କେଉଁଠି ଦୁର୍ଘଟଣା ଘଟିଲେ ଏହି ରାସ୍ତାରେ ସମସ୍ୟା ଦ୍ୱିଗୁଣିତ



ହୋଇଯାଉଛି। ଲୋକଙ୍କୁ ଘଣ୍ଟାଘଣ୍ଟା ଧରି ଏହି ରାସ୍ତାରେ ଅପେକ୍ଷା କରିବାକୁ ପଡୁଛି। ଗୋଟିଏ ଛକରୁ ଅନ୍ୟଏକ ଛକକୁ ଯିବାପାଇଁ ଅଧଘଣ୍ଟାରୁ ଅଧିକ ସମୟ ଲାଗୁଛି।

ସେହିଭଳି ଦଶହରା ଭଳି କୌଣସି ଉତ୍ସବ ସମୟ ଆସିଲେ ଦିନରାତି ଏହି ରାସ୍ତାଗୁଡ଼ିକରେ ସମସ୍ୟା ବଢ଼ି ଯାଉଛି। ରାଜପଥ ଉପରେ ଥିବା ସିଆରପି ବାଣୀବିହାର ରସୁଲଗଡ଼ ଛକରେ ଅଣାୟତ ପରିସ୍ଥିତିରେ ଲୋକେ ତ୍ରାହି ତ୍ରାହି ଡାକୁଛନ୍ତି। ବିଶେଷକରି ରାଜପଥ କଡ଼ରେ ଥିବା ଗ୍ରାମାଞ୍ଚଳ ଲୋକେ କୌଣସି ଜରୁରିକାଳୀନ ସେବା ପାଇବାରେ ବିଳମ୍ବ ହେଉଛି। ଏମିତି କି ମେଡିକାଲ ମାମଲାରେ ରାଜପଥ କଡ଼ ଏବଂ ଏହାର ଆଖପାଖ ଅଞ୍ଚଳବାସୀ ରାଜପଥକୁ ଆସିବାରେ ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ଅନେକ ଗ୍ରାମବାସୀଙ୍କ କହିବାନୁଯାୟୀ ରାଜପଥଠାରୁ ସର୍ଭିସ ରୋଡ୍‌ଗୁଡ଼ିକରେ ଅଧିକ ଭିଡ଼ ହେଉଥିବାରୁ ରାସ୍ତା ଦୁର୍ଘଟଣା ଘଟୁଛି। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି ରାଜପଥ ଭଳି ସର୍ଭିସ ରୋଡ୍‌ର ସୁରକ୍ଷାକୁ ରାଜପଥ କର୍ତ୍ତୃପକ୍ଷ ଧ୍ୟାନ ଦେଉ ନାହାନ୍ତି। ବିଶେଷକରି ସର୍ଭିସ ରୋଡ୍ ମରାମତି ଏବଂ ଆଲୋକୀକରଣକୁ ଜାତୀୟ ରାଜପଥ କର୍ତ୍ତୃପକ୍ଷ ଦୃଷ୍ଟି ଦେଉ ନାହିଁ। କେଉଁଠାରେ ବଡ଼ବଡ଼ ଖାଲ ହୋଇଯାଇଛି ତ ଆଉ କେଉଁଠି ପୂରା ଅନ୍ଧାର। ଅଧିକାଂଶ ସର୍ଭିସ ରୋଡ୍ ଅନ୍ଧାର ରହିଛି। ଅନେକ କ୍ଷେତ୍ରରେ ସର୍ଭିସ ରୋଡ୍‌କୁ ମାଡ଼ି ଦୋକାନବଜାରଠାରୁ ଆରମ୍ଭ କରି ବିଭିନ୍ନ ବ୍ୟବସାୟ

- ଅସୁରକ୍ଷିତ ହୋଇପଡୁଛନ୍ତି ରାଜପଥକଡ଼ ଅଞ୍ଚଳବାସୀ
- ମାଲମାଲ ଖାଲ ସାଙ୍ଗକୁ କିଟିକିଟି ଅନ୍ଧାର

ପ୍ରତିଷ୍ଠାନ ଗଢ଼ି ଉଠୁଛି। ଏମିତି କି ଅନେକ ବଡ଼ବଡ଼ ସୋରୁମ୍ ଏବଂ ରେସ୍ତୋରାଁର ପାର୍କିଂ ପାଇଁ ରାଜପଥ ସର୍ଭିସ ରୋଡ୍‌କୁ ବ୍ୟବହାର କରାଯାଉଛି। ଫଳରେ ଯାତାୟାତ ସମସ୍ୟା ଉପୁଜୁଛି। ଏମିତି କି ଦୁର୍ଘଟଣା ଘଟିଲେ ଦୁର୍ଘଟଣାରେ ଆହତ ଏବଂ ମୃତକଙ୍କୁ ଉଦ୍ଧାର କରିବା ମଧ୍ୟ କାଠିକର ପାଠ ହୋଇପଡୁଛି। ତେବେ ଅଭିଯୋଗ ଅନୁଯାୟୀ ଅନେକ ଛକରେ ସର୍ଭିସ ରୋଡ୍‌ରୁ ରାଜପଥକୁ ସଂଯୋଗ କରୁଥିବା ଅଞ୍ଚଳରେ ନିୟନ୍ତ୍ରଣ ପାଇଁ କୌଣସି ଟ୍ରାଫିକ୍ କର୍ମଚାରୀ କିମ୍ବା ବ୍ୟବସ୍ଥା ନ ଥିବାରୁ ସେସବୁ ଅଞ୍ଚରେ ଅଧିକାଂଶ ଦୁର୍ଘଟଣା ଘଟୁଛି।

ଜୁଇରୁ ପୁଲିସ ଶବ ଜବତ କରିବା ଘଟଣା

# କାଠଫାଳିଆ ମାଡ଼ରେ ସ୍ତ୍ରୀର ମୃତ୍ୟୁ; ସ୍ୱାମୀ ଗିରଫ

ପାଲଲହଡ଼ା, ୨୨।୭ (ସମିସ)

ଅନୁଗୋଳ ଜିଲ୍ଲା ପାଲଲହଡ଼ା ଥାନା ଅଧୀନ ସଇଡ଼ା ଗ୍ରାମରେ ଗତକାଲି ଜଣେ ମହିଳାଙ୍କ ମୃତଦେହ ସଂସ୍କାର ପାଇଁ ଗାଁ ଶ୍ମଶାନରେ ରଖାଯାଇଥିବା ବେଳେ ପୁଲିସ ଜୁଇରୁ ମୃତଦେହ ଜବତ କରିବା ଘଟଣା ଭିନ୍ନ ମୋଡ଼ନେଇଛି। ରାସ୍ତାରେ ଖସିପଡ଼ି ନୁହେଁ ବରଂ ସ୍ୱାମୀର କାଠଫାଳିଆ ମାଡ଼ରେ ସ୍ତ୍ରୀ ଗୁରୁତର ହେବାପରେ ଚିକିତ୍ସାଧୀନ ଅବସ୍ଥାରେ ମୃତ୍ୟୁ ଘଟିଥିବା ଜଣାପଡ଼ିଛି। ଗତକାଲିଠାରୁ ଥାନାରେ ଅଟକ ଥିବା ଅଭିଯୁକ୍ତ ସ୍ୱାମୀ ଚରଣ ପୂର୍ତ୍ତି (୪୦)କୁ ପୁଲିସ ଗିରଫ କରିବା ସହ କୋର୍ଟଚାଲାଣ କରିଛି। ସୂଚନା ଅନୁସାରେ ରବିବାର ସଇଡା ଗାଁ ବିଜୁ ସାହିର ଚରଣ ଆଜବେଷ୍ଟସ କିଣିବା ପାଇଁ ବଜାରକୁ ଯାଇ ମଧ୍ୟାହ୍ନରେ ଘରକୁ ଫେରିବା ପରେ ସ୍ତ୍ରୀ ଶୁକ୍ରୁମୁନି ପୂର୍ତ୍ତିକୁ ଘରେ ନପାଇବାରୁ ଗାଁରେ ବହୁ ଖୋଜାଖୋଜି କରିଥିଲେ। ପରେ ସଇଡ଼ା ଗାଁ ପାଣ୍ଡୁସାହିର ରାଜାବାନରା ଘର ପିଣ୍ଡାରେ ଶୁକ୍ରୁମୁନି ବସିଥିବା ଦେଖି ଚରଣ ରାଗିଯାଇ କାହିଁକି ସବୁଦିନେ ମଦପିଇ ଇଆଡ଼େ ସିଆଡ଼େ ବୁଲୁଛୁ ବୋଲି ସ୍ତ୍ରୀକୁ କହିଥିଲେ। ଶୁକ୍ରୁମୁନି ରାଗିଯାଇ ପ୍ରଥମେ ସ୍ୱାମୀକୁ ଗାଳିଗୁଲଜ କରିଥିଲା। ଏଥିରେ ଚରଣ ହଠାତ ରାଗିଯାଇ ପାଖରେ ପଡ଼ିଥିବା ଏକ କାଠଫାଳରେ ତାଙ୍କୁ ବାଡ଼େଇବାରୁ ସେ ଗୁରୁତର ହୋଇଥିଲେ। ତାଙ୍କୁ ପାଲଲହଡା ମେଡିକାଲରେ ଚିକିତ୍ସା ପାଇଁ ଚରଣ ଭର୍ତ୍ତି କରିବା ପରେ ସେହିଦିନ ଅର୍ଥାତ ୨୦ ତାରିଖ ରାତିରେ ଚିକିତ୍ସାଧୀନ ଅବସ୍ଥାରେ ଶୁକ୍ରମୁନିଙ୍କର ମୃତ୍ୟୁ ଘଟିଥିଲା। ସେଠାରୁ ମୃତଦେହ ଗାଁକୁ ନେଇ ସଂସ୍କାର କରିବା ପାଇଁ ଜୁଇରେ ରଖାଯାଇଥିବା ବେଳେ ପାଲଲହଡା ପୁଲିସ ଅଭିଯୋଗ ପାଇ ମୃତଦେହ ଜବତ କରି ପାଲଲହଡାକୁ ଆଣି ଶବ ବ୍ୟବଚ୍ଛେଦ କରିଥିଲା। ସଇଡା ସରପଞ୍ଚଙ୍କ ଏତଲା ଆଧାରରେ ପାଲଲହଡା ପୁଲିସ ଘଟଣାର ତଦନ୍ତ କରିବାରୁ ମୃତ୍ୟୁର ପ୍ରକୃତ କାରଣ ଜଣାପଡ଼ିଥିଲା। ରାସ୍ତାରେ ଖସିପଡ଼ି ନୁହେଁ ବରଂ ଚରଣଙ୍କ ଖଟବାହି ମାଡ଼ରେ ଶୁକ୍ରମୁନି ଗୁରୁତର ହେବାପରେ ଚିକିତ୍ସାଧୀନ ଅବସ୍ଥାରେ ମୃତ୍ୟୁ ହୋଇଥିବା ଜଣାପଡ଼ିଛି। ଚରଣକୁ ଗିରଫ ପରେ କୋର୍ଟଚାଲାଣ କରାଯାଇଥିବା ବେଳେ ପୁଲିସ ଅଧିକ ତଦନ୍ତ ଜାରି ରହିଥିବା ଜଣାପଡ଼ିଛି।

## ଭଉଣୀକୁ ହତ୍ୟା ଅଭିଯୋଗରେ ଭାଇ ଗିରଫ

ବଇଣ୍ଡା, ୨୨।୭ (ସମିସ): ଅନୁଗୋଳ ଜିଲ୍ଲା ହଣ୍ଡପା ଥାନା ସୋଲଣ୍ଡା ଗ୍ରାମରେ ସୋମବାର ଭଉଣୀ କଳ୍ପନା ସାହୁଙ୍କୁ ତାଙ୍କ ଭାଇ ଗୟାଧର ପ୍ରଧାନ ଟାଙ୍ଗିଆରେ ହାଣି ହତ୍ୟା କରିଛନ୍ତି। ଜମିବାଡ଼ି ସମସ୍ୟାକୁ କେନ୍ଦ୍ରକରି ଟାଙ୍ଗିଆରେ ହାଣି ହତ୍ୟା କରିବା ପରେ ଫେରାର ହୋଇଯାଇଥିବା ବେଳେ ନିକଟରେ ଥିବା ଏକ ଜଙ୍ଗଲରୁ ତାଙ୍କୁ ମଙ୍ଗଳବାର ପୁଲିସ ଗିରଫ କରିଛି। କଳ୍ପନାଙ୍କର ବାପା ଲୋକନାଥ ପ୍ରଧାନଙ୍କର ଅଭିଯୋଗ କ୍ରମେ ହଣ୍ଡପା ପୁଲିସ ମାମଲା ରୁଜୁ କରିଛି। ଗୟାଧରକୁ ଆଠମଲ୍ଲିକ କୋର୍ଟକୁ ଚାଲାଣ କରାଯାଇଛି। ପୁଲିସ କହିବା ଅନୁଯାୟୀ ଗୟାଧର ମଦ୍ୟପାନ କରି ଜମିବାଡ଼ିକୁ କେନ୍ଦ୍ରକରି ଟାଙ୍ଗିଆରେ କଳ୍ପନାଙ୍କୁ ହାଣି ହତ୍ୟା କରିଥିଲା।

## ଓଏଭି ଛାତ୍ରଛାତ୍ରୀଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା



କିଶୋରନଗର, ୨୨।୭ (ସମିସ): ଆଠମଲ୍ଲିକ ଉପଖଣ୍ଡ ଠାକୁରଗଡ଼ ଶ୍ରେଗୋପାଳ ହଷ୍ଟେଲ ପକ୍ଷରୁ ଓଡ଼ିଶା ଆଦର୍ଶ ବିଦ୍ୟାଳୟର ନୂତନ ଛାତ୍ରଛାତ୍ରୀଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଦିଆଯାଇଛି। ନୂତନ ଛାତ୍ରଛାତ୍ରୀ ଅତିଥିମାନଙ୍କ ଗ୍ରହଣରେ କେକ୍ କାଟି ଖୁସି ମନାଇଥିଲେ ଏବଂ ଓଏଭିର ଅଷ୍ଟମ ନବମ ଛାତ୍ରଛାତ୍ରୀ ବାର୍ଷିକ ପରୀକ୍ଷାରେ ଭଲ ମାର୍କ ରଖିଥିବାରୁ ପୁରସ୍କୃତ ହୋଇଥିଲେ। ସାଂସ୍କୃତିକ କାର୍ଯ୍ୟକ୍ରମ ଛାତ୍ରଛାତ୍ରୀଙ୍କ ଦ୍ୱାରା ନୃତ୍ୟ ସଙ୍ଗୀତ ପରିବେଷଣ ହୋଇଥିଲା। ମୁଖ୍ୟଅତିଥି ଭାବେ ଠାକୁରଗଡ଼ ସରପଞ୍ଚ ଚାରୁଲତା ମିଶ୍ର ଏବଂ ସମ୍ମାନିତ ଅତିଥିଭାବେ ଅବସରପ୍ରାପ୍ତ ଶିକ୍ଷକ ଦିବାକର ପ୍ରଧାନ, ପ୍ରାଣବନ୍ଧୁ ନାୟକ, ମୁଖ୍ୟବକ୍ତା ଭାବେ ଶିକ୍ଷକ ଡ. ଚିଦାନନ୍ଦ ଦେହୁରୀ ଯୋଗଦେଇଥିଲେ। କାର୍ଯ୍ୟକ୍ରମ ଶ୍ରୀଗୋପାଳ ହଷ୍ଟେଲର ଚେୟାରମ୍ୟାନ ସୁଜିତ କୁମାର ବେହେରାଙ୍କ ନେତୃତ୍ୱରେ ଓ ହଷ୍ଟେଲର ସମସ୍ତ ଷ୍ଟାଫ ଏବଂ ଛାତ୍ରଛାତ୍ରୀଙ୍କ ସହଯୋଗରେ ପାଳିତ ହୋଇଛି।

## ଗାଁରେ ବୁଲୁଛି ଆହତ ଦନ୍ତାହାତୀ; ଚିକିତ୍ସା କରୁଛି ବନବିଭାଗ

ଛେଣ୍ଡିପଦା, ୨୨।୭ (ସମିସ): ରାଜ୍ୟ ପ୍ରଥମ ରେଡିଓକଲାର ଲାଗିଥିଲା ଦନ୍ତାହାତୀ ଗଜେନ୍ଦ୍ର ଏବେ ପୁଣି ଆହତ। ୧୦ଦିନ ହେବ ଅନୁଗୋଳ ଜିଲ୍ଲା ଛେଣ୍ଡିପଦା ବନାଞ୍ଚଳ ପିପଲବାହଲ ଗାଁ ନିକଟରେ ବୁଲୁଛି ଆହତ ଗଜେନ୍ଦ୍ର। ହାତୀର ବାମକାନ ପଛରୁ ସଂକ୍ରମଣ ହୋଇଥିବା ବେଳେ ଆହତ ଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଆହତ ଗଜେନ୍ଦ୍ରକୁ ଦେଖିବାକୁ ସ୍ଥାନୀୟ ଜନସାଧାରଣଙ୍କର ଭିଡ଼ ଦେଖିବାକୁ ମିଳିଛି। ଏନେଇ ବନ ବିଭାଗ ପକ୍ଷରୁ ଆହତ ଦନ୍ତାହାତୀ ଗଜେନ୍ଦ୍ରକୁ ଚିକିତ୍ସା ପାଇଁ ପ୍ରାଣୀ ଚିକିତ୍ସା ବିଭାଗ ଘଟଣାସ୍ଥଳରେ ପହଁଚି ଚିକିତ୍ସା ଆରମ୍ଭ କରିଛି। ଆହତ ହାତୀର ଚିକିତ୍ସା ପାଇଁ ପ୍ରାଣୀ ଚିକିତ୍ସକମାନେ ହାତୀକୁ ୪ଟି ଆଣ୍ଟିବାୟୋଟିକ ଦେଇ ଚିକିତ୍ସା ଚଳାଇଛନ୍ତି।

## ଗର୍ଭବତୀ ସ୍ତ୍ରୀକୁ ଛାଡ଼ି ସ୍ୱାମୀ ଫେରାର

■ ଥାନାରେ ଅଭିଯୋଗ

ବଇଣ୍ଡା, ୨୨।୭ (ସମିସ): ଅନୁଗୋଳ ଜିଲ୍ଲା ହଣ୍ଡପା ଥାନା ଇଛାପୁର ଗ୍ରାମର ନରେଶ ବେହେରା ତାଙ୍କର ଗର୍ଭବତୀ ପତ୍ନୀ ଜୟନ୍ତୀ ସିଂଙ୍କୁ ରେଢାଖୋଲ ମେଡିକାଲରେ ଛାଡି କେଉଁଆଡ଼େ ଫେରାର ହୋଇଯାଇଥିବା ଥାନାରେ ଅଭିଯୋଗ ହୋଇଛି। ଜୟନ୍ତୀଙ୍କ ଅଭିଯୋଗକୁ ଭିତ୍ତିକରି ପୁଲିସ ମାମଲା ରୁଜୁ କରିଛି। ପୁଲିସ କହିଛି ଯେ ନରେଶ ଝାରସୁଗୁଡା ଅଞ୍ଚଳର ଏକ ହୋଟେଲରେ ମିସ୍ତ୍ରୀ ଭାବରେ କାମ କରୁଥିଲେ। ଜୟନ୍ତୀ ମଧ୍ୟ ସେଠାରେ କାମ କରୁଥିଲେ। ଉଭୟଙ୍କ ମଧ୍ୟରେ ପ୍ରେମ ସମ୍ପର୍କ ଗଢି ଉଠିଥିଲା। ଫଳରେ ଉଭୟେ ଏକ ମନ୍ଦିରରେ ବିବାହ କରିଥିଲେ। ସେ ବର୍ତ୍ତମାନ ୫ ମାସର ଗର୍ଭବତୀ ଥିବା ବେଳେ ରେଢାଖୋଲ ମେଡିକାଲକୁ ତାଙ୍କର ସ୍ୱାସ୍ଥ୍ୟ ପରୀକ୍ଷା କରିବା ପାଇଁ ନରେଶ ଆଣିଥିଲେ। ସେଠାରେ ଜୟନ୍ତୀଙ୍କୁ ଛାଡି ନରେଶ ତାଙ୍କ ପାଖରୁ ୫ହଜାର ଟଙ୍କା ସହ ଏଟିଏମ କାର୍ଡ ନେଇ ଫେରାର ହୋଇଯାଇଛନ୍ତି। ନରେଶଙ୍କୁ ଘରେ ନ ପାଇବା ପରେ ଜୟନ୍ତୀ ଥାନାରେ ଅଭିଯୋଗ କରିଛନ୍ତି।

## ଏମ୍‌ସିଏଲ୍ କର୍ମଚାରୀଙ୍କ ଝୁଲନ୍ତା ଶବ ଉଦ୍ଧାର

କଣିହାଁ, ୨୨।୭ (ସମିସ): ଅନୁଗୋଳ ଜିଲ୍ଲା କଣିହାଁ ଥାନା ବଡତ୍ରିବିଡା ପଞ୍ଚାୟତ ଅଧୀନ ଛେଳିଆ ଗ୍ରାମର ସୁନିଲ କୁମାର ପ୍ରଧାନ (୩୨) ନାମକ ଜଣେ ଏମସିଏଲ କର୍ମଚାରୀଙ୍କ ଝୁଲନ୍ତା ଶବ ଗ୍ରାମ ନିକଟସ୍ଥ ଜଙ୍ଗଲ ପାଖରେ ଥିବା ମହୁଲଗଛରୁ ଉଦ୍ଧାର କରାଯାଇଛି। ସୁନିଲଙ୍କ ବାପା ନୟନ ପ୍ରଧାନଙ୍କ ଅଭିଯୋଗ କ୍ରମେ କଣିହାଁ ପୁଲିସ ଅପମୃତ୍ୟୁ ମାମାଲା ରୁଜୁ କରି ଶବ ବ୍ୟବଛେଦ ପାଇଁ ତାଳଚେର ଉପଖଣ୍ଡ ଚିକିତ୍ସାଳୟକୁ ପଠାଇ ତଦନ୍ତ ଚଳାଇଛି। ସୁନିଲ ଏମସିଏଲ ଲିଙ୍ଗରାଜ କୋଇଲା ଖଣିରେ ଜଣେ ସ୍ଥାୟୀ କର୍ମଚାରୀ ଥିଲେ। ସୋମବାର ସକାଳେ ଡ୍ୟୁଟି କରିବାକୁ ଯାଇ ଆଉ ଘରକୁ ଫେରିନଥିଲେ। ପରିବାର ଲୋକେ ବହୁ ଖୋଜା ଖୋଜି ପରେ ମଙ୍ଗଳବାର ସକାଳ ୬ଟା ବେଳେ ସୁନିଲର ଶବ ଏକ ମହୁଲ ଗଛରେ ବେକରେ ଗାମୁଛା ବନ୍ଧାଥାଇ ଝୁଲୁଥିବା ଦେଖି ପରିବାର ଲୋକେ କଣିହାଁ ପୁଲିସକୁ ଖବର ଦେଇଥିଲେ।

## କ୍ରୀଡ଼ା ସଂସଦର ସାଧାରଣ ପରିଷଦ ବୈଠକ

ଅନୁଗୋଳ, ୨୨।୭ (ସମିସ): ଅନୁଗୋଳ ଜିଲ୍ଲା କାର୍ଯ୍ୟାଳୟ ପରିସରରେ ଜିଲ୍ଲା କ୍ରୀଡ଼ା ସଂସଦର ସାଧାରଣ ପରିଷଦ ବୈଠକ ଆୟୋଜିତ ହୋଇଯାଇଛି। ଜିଲ୍ଲାପାଳ ଅବ୍ଦାଲ୍ ଏମ ଅଖତାରଙ୍କ ପୌରୋହିତ୍ୟରେ ଆୟୋଜିତ ବୈଠକରେ ଅତିରିକ୍ତ ଜିଲ୍ଲାପାଳ ପ୍ରତାପ ପ୍ରିତୀମୟ, କ୍ରୀଡା ସଂସଦ ସମ୍ପାଦକ ଡା ଗୌର ଗୋବିନ୍ଦ ସାମନ୍ତ, ସବୁ ବ୍ଲକ କ୍ରୀଡା ସଂସଦ ସମ୍ପାଦକ, ସଦସ୍ୟଙ୍କ ସମେତ ଆଇନଜୀବୀ ପ୍ରଦୀପ ଦେବତା ପ୍ରମୁଖ ଉପସ୍ଥିତ ଥିଲେ। ବୈଠକରେ ପୂର୍ବ ବର୍ଷର ଆୟବ୍ୟୟ ଗୃହୀତ ହୋଇଥିଲା। ଜିଲ୍ଲାରେ କ୍ରୀଡ଼ାର ଉନ୍ନତି ପାଇଁ ୨୩ ଲକ୍ଷ ଟଙ୍କାର ବଜେଟ୍ ଗୃହୀତ ହୋଇଥିଲା। ଅନୁଗୋଳରେ ଏକ ଫୁଟବଲ୍ ଏକାଡେମୀ ଗଠନ କରାଯିବା ସହ ବାର୍ଷିକ କ୍ରୀଡ଼ା କ୍ୟାଲେଣ୍ଡର ସ୍ଥିର କରାଯାଇଥିଲା। ସେହିପରି ଆଗାମୀ ବର୍ଷରୁ ଅନୁଗୋଳରେ କିଭଳି ସାହାଣୀ କପ୍ ଆୟୋଜିତ ହେବ ସେଥିନେଇ ବିଭିନ୍ନ ପ୍ରସଙ୍ଗରେ ସଦସ୍ୟ ମାନେ ଆଲୋଚନା କରିଥିଲେ।

## ପାଣିଘେରରେ କାଣ୍ଡସର ପଞ୍ଚାୟତ କାର୍ଯ୍ୟାଳୟ



ଅନୁଗୋଳ, ୨୨।୭ (ସମିସ): ଜଳବନ୍ଦୀ ଅନୁଗୋଳ ଜିଲ୍ଲା ବଅଁରପାଳ ବ୍ଲକ ଅନ୍ତର୍ଗତ କାଣ୍ଡସର ପଞ୍ଚାୟତ କାର୍ଯ୍ୟାଳୟ। ବର୍ଷାଦିନ ହେତୁ ଗ୍ରାମର ଡ୍ରେନ୍‌ଗୁଡ଼ିକ ସଫା ନହେବା କାରଣରୁ ଅଳିଆ ଆବର୍ଜନା, ପାଇଖାନା ମଇଳା ପାଣି ଆସି ପଞ୍ଚାୟତ ସାମନାରେ ଜମା ହେଉଛି। ଫଳରେ ପାଣି ଯିବାରେ ଅସୁବିଧା ହେଉଛି। ଏହି ବାଟଦେଇ ସରପଞ୍ଚ, ସମିତି ସଭ୍ୟା ଓ ପଞ୍ଚାୟତ କର୍ମଚାରୀମାନେ ଯିବାଆସିବା କରୁଛନ୍ତି। କିନ୍ତୁ

● ଗାଁ ଲୋକ ଅଣନିଶ୍ୱାସୀ

କେହି ଜଳ ନିଷ୍କାସନ ବ୍ୟବସ୍ଥା କରୁନାହାନ୍ତି ବୋଲି ଅଭିଯୋଗ ହେଉଛି। ବର୍ଷା ଦିନ ପୂର୍ବରୁ ଡ୍ରେନଗୁଡ଼ିକ ସଫା କରାଯାଇ ନଥିବାରୁ ଏହି ସମସ୍ୟା ଦେଖାଦେଇଥିବା ଗ୍ରାମବାସୀ ଅଭିଯୋଗ କରୁଛନ୍ତି। ବ୍ଲକ ଉନ୍ନୟନ ଅଧିକାରୀ ତୁରନ୍ତ ଦୃଷ୍ଟି ଦେଇ ଜଳ ନିଷ୍କାସନ ବ୍ୟବସ୍ଥା କରାଇବାକୁ ବୁଦ୍ଧିଜୀବୀ ଦାବି କରିଛନ୍ତି।

## ଟ୍ରାନ୍ସଫର୍ମର ସ୍ଥାନାନ୍ତର ପାଇଁ ଜିଲ୍ଲାପାଳଙ୍କୁ ଦାବିପତ୍ର

ଅନୁଗୋଳ, ୨୨।୭ (ସମିସ): ଅନୁଗୋଳ ଜିଲ୍ଲା ଆଠମଲ୍ଲିକ ବ୍ଲକ ଠାକୁରଗଡ଼ ଥାନା ଗୁଣ୍ଡୁରୀଖଲି ଗ୍ରାମ ବିଦ୍ୟାଳୟ ନିକଟରେ ଥିବା ଟ୍ରାନ୍ସଫର୍ମରକୁ ନେଇ ଗ୍ରାମରେ ଅସନ୍ତୋଷ ଦେଖାଦେଇଛି। ବିପଦପୂର୍ଣ୍ଣ ଅବସ୍ଥାରେ ଏହି ଟ୍ରାନ୍ସଫର୍ମର ଥିବା ବେଳେ ଏହାକୁ ଅନ୍ୟତ୍ର ସ୍ଥାନାନ୍ତର କରିବା ପାଇଁ ବହୁବାର ଅଞ୍ଚଳବାସୀ ଅଭିଯୋଗ କଲେ ମଧ୍ୟ କୌଣସି ସୁଫଳ ମିଳୁ ନଥିବା ଯୋଗୁଁ ଗ୍ରାମବାସୀ ସୋମବାର ଅନୁଗୋଳ ଜିଲ୍ଲାପାଳଙ୍କୁ ଅଭିଯୋଗପତ୍ର ମାଧ୍ୟମରେ ଅବଗତ କରାଇଛନ୍ତି। ଅଞ୍ଚଳବାସୀଙ୍କ କହିବା ଅନୁଯାୟୀ, ଏହି ଟ୍ରାନ୍ସଫର୍ମରଟି ଗ୍ରାମ ମଝିରେ ରହିଛି। ଯାହା କି ବିପଦପୂର୍ଣ୍ଣ ଅବସ୍ଥାରେ ରହିଛି। ଟ୍ରାନ୍ସଫର୍ମର ନିକଟରେ ଗ୍ରାମର ବିଦ୍ୟାଳୟ ଥିବା ବେଳେ ପ୍ରତ୍ୟେକ ଦିନ ଶହ ଶହ ଛାତ୍ରଛାତ୍ରୀ ବିଦ୍ୟାଳୟକୁ ପାଠପଢ଼ିବା ପାଇଁ ବିପଦପୂର୍ଣ୍ଣ ଅବସ୍ଥାରେ ଯିବାଆସିବା କରୁଛନ୍ତି। ଏପରିକି କିଛିଦିନ ତଳେ କିଶୋରନଗର ବ୍ଲକ ଧଡରପାଳ ପଞ୍ଚାୟତର ଏକ ବିଦ୍ୟାଳୟ ନିକଟରେ ଟ୍ରାନ୍ସଫର୍ମର ସଂସ୍ପର୍ଶରେ ଆସି ଜଣେ ୪ ବର୍ଷର ଶିଶୁର ମୃତ୍ୟୁ ଘଟିଥିଲା। ଫଳରେ ଏହି ଟ୍ରାନ୍ସଫର୍ମରକୁ ଶୀଘ୍ର ସ୍ଥାନାନ୍ତର କରିବା ପାଇଁ ଅଞ୍ଚଳବାସୀ ଦାବି କରିଛନ୍ତି। ନଚେତ ଆଗାମୀ ଦିନରେ ବିଦ୍ୟାଳୟଙ୍କୁ ଛାତ୍ରଛାତ୍ରୀଙ୍କୁ ନ ଛାଡ଼ିବା ପାଇଁ ଅଞ୍ଚଳବାସୀ ନିଷ୍ପତ୍ତି ନେଇଛନ୍ତି।

## ଭିକାରି ବେଶରେ ଆସି କଳାକନା ବୁଲାଇଲେ

ବଅଁରପାଳ, ୨୨।୭ (ସମିସ): ମହୀଧରପୁର ଓ ଏହାର ଆଖାପାଖ ଅଞ୍ଚଳରେ ଦିନକୁ ଦିନ ଚୋରି ବଢୁଥିବା ନେଇ ଅଭିଯୋଗ ହେଉଛି। ପୁଲିସର ଅବହେଳା ପାଇଁ ଏହିପରି ଘଟଣା ଘଟୁଥିବା ସ୍ଥାନୀୟ ଲୋକେ ଅଭିଯୋଗ କରିଛନ୍ତି। ଯାହାଫଳରେ ଲୋକେ ନିଜକୁ ଅସୁରକ୍ଷିତ ମନେ କଲେଣି। ଲୋକେ ବାଡ଼ି କାମ କରୁଥିବା ବେଳେ ଚୋର ଘରେ ପଶି ସୁନାଗହଣା ଲୁଟି ନେଲେଣି। ସେହିପରି ରାତିରେ ଗୋଟିଏ ଘରେ ଶୋଇଥିବା ବେଳେ ଅନ୍ୟ ଘରୁ ଚୋରି ହେଲାଣି। ପୁଲିସର ଚୋରଙ୍କ ଉପରେ ନଜର ନ ଥିବାରୁ ଏହିପରି ଘଟଣା ଘଟୁଥିବା ଅଭିଯୋଗ ହୋଇଛି। ସେହିପରି ଏବେ ଚୋରମାନେ ବିଭିନ୍ନ ବେଶରେ ଆସି ଚୋରି କରୁଛନ୍ତି। ଭିକ ମାଗିବା ବେଶରେ ମହିଳା ଚୋରମାନେ ଲୋକଙ୍କ ଘରେ ପଶି ଲୁଟ୍ ତରାଜ କରୁଛନ୍ତି। ସୋମବାର ଦିନ ଦ୍ୱିପ୍ରହରରେ ମହୀଧରପୁର ପେଟ୍ରୋଲ ପମ୍ପ ନିକଟ ଅଭିରାମ ସାହୁଙ୍କ ଘରୁ ୩ ଭରି ସୁନା ଓ ୨୦ ହଜାର ଟଙ୍କା ଲୁଟିଛନ୍ତି। ଚୋରିର ସମସ୍ତ ଦୃଶ୍ୟ ଅଭିରାମଙ୍କ ଘର ସମ୍ମୁଖରେ ଥିବା ସଫିମଲ୍‌ର ସିସିଟିଭି କ୍ୟାମେରାରେ କଏଦ ହୋଇଛି। ଯେଉଁମାନେ ଚୋରି କରିଛନ୍ତି ସେମାନେ ପୂର୍ବରୁ ଦୁଇଥର ଭିକ ମାଗିବା ପାଇଁ ତାଙ୍କ ଘରକୁ ଆସିଛନ୍ତି। ପରିବାର ସଦସ୍ୟଙ୍କ ଗତିବିଧି ଲକ୍ଷ୍ୟ କରିଛନ୍ତି। ଏହାସହ ତୃତୀୟ ଥର ଆସି ଚୋରି କରିଛନ୍ତି।

## ବନ ବିଭାଗ ପକ୍ଷରୁ ଚାରାରୋପଣ




ଅନୁଗୋଳ, ୨୨।୭ (ସମିସ): ଜିଲ୍ଲାରେ ସବୁଜିମା ବୃଦ୍ଧି କରିବା, ପ୍ରଦୂଷଣ ହ୍ରାସ କରିବା ସାଙ୍ଗକୁ ବିଗିଡି ଯାଉଥିବା ଜୈବ ବିବିଧତାକୁ ସଜାଡ଼ିବା ପାଇଁ ଅନୁଗୋଳ ଫରେଷ୍ଟ ଡିଭିଜନ ପକ୍ଷରୁ ବ୍ୟାପକ ଚାରାରୋପଣ କାର୍ଯ୍ୟକ୍ରମ ହାତକୁ ନିଆଯାଇଛି। 'ସବୁଜ ଅନୁଗୋଳ' ନାମକ ଯୋଜନା ମାଧ୍ୟମରେ ଜଙ୍ଗଲର ଅଭିବୃଦ୍ଧି, ପତିତ ଜମିର ସୁରକ୍ଷା ଏବଂ ଜୈବ ବିବିଧତାର ସୁରକ୍ଷା ନିମନ୍ତେ ଅନୁଗୋଳ, ବନ୍ତଳା, ଛେଣ୍ଡିପଦା, ଜରପଡ଼ା, କଣିହାଁ, ତାଳଚେର ଆଦି ଅଞ୍ଚଳରେ ୮ ଲକ୍ଷରୁ ଅଧିକ ଚାରାରୋପଣ କରାଯିବାର ଲକ୍ଷ୍ୟ ଧାର୍ଯ୍ୟ କରାଯାଇଛି। ଶାଳ, ମହୁଆ, ନିମ, ଅର୍ଜୁନ, ବାଉଁଶ ଏବଂ ଅନ୍ୟାନ୍ୟ ଫଳ ଗଛ ଲଗାଯିବ ବୋଲି ବନ ବିଭାଗ ପ୍ରକାଶ କରିଛି। ଜିଲ୍ଲାର ବିଭିନ୍ନ ବନ ସୁରକ୍ଷା ସମିତି ଓ ଇକୋ କ୍ଲବ୍‌ର ସହାୟତାରେ ଏହି ବ୍ୟାପକ ବନୀକରଣ କାର୍ଯ୍ୟକ୍ରମକୁ ସମ୍ପୂର୍ଣ୍ଣ କରାଯିବ। ସବୁଜ ଅନୁଗୋଳ ଯୋଜନା ଦ୍ୱାରା ଗଛ ଲଗାଇ କେବଳ ସବୁଜିମା ବୃଦ୍ଧି କରାଯିବ ତାହା ନୁହଁ ଜଙ୍ଗଲ ପରିଚାଳନା ଓ ସୁରକ୍ଷା ନେଇ ଜନସାଧାରଣଙ୍କ ମନରେ ଯେଉଁ ମାନସିକତା ଓ ସାମୂହିକ ପ୍ରତିବଦ୍ଧତା ସୃଷ୍ଟି ହେବ ତାହା ଭବିଷ୍ୟତରେ ପ୍ରଦୂଷଣକୁ ରୋକିବାରେ ନୂଆ ଧାରା ସୃଷ୍ଟି କରିବ ବୋଲି ଆଶା କରାଯାଉଛି।

■ କ୍ରେଡିଟ୍ କାର୍ଡ ଋଣ ଟଙ୍କା ମାଗିବାରୁ ତୁମୁଳକାଣ୍ଡ

## ବ୍ୟାଙ୍କ କର୍ମଚାରୀଙ୍କୁ ନିସ୍ତୁକ ମାଡ଼, ମ୍ୟାନେଜର ଆହତ



ବଅଁରପାଳ, ୨୨।୭ (ସମିସ): ବଅଁରପାଳ ବ୍ଲକ ତୁଳସୀପାଳ ଗ୍ରାମକୁ ଆସିଆଇସିଆଇ ବ୍ୟାଙ୍କ କର୍ମଚାରୀମାନେ କ୍ରେଡିଟ କାର୍ଡ ଟଙ୍କା ମାଗିବାକୁ ଆସିଥିବା ବେଳେ ସେମାନଙ୍କ ଉପରେ ଆକ୍ରମଣ ସହ ନିସ୍ତୁକ ମାଡ଼ ମରାଯାଇଥିବା ଥାନାରେ ଅଭିଯୋଗ ହୋଇଛି। ସେହି ଗ୍ରାମର ନିର୍ମଳ ବିଶ୍ୱାଳଙ୍କ ପୁଅ ବିନମୟ ବିଶ୍ୱାଳ ଉକ୍ତ ବ୍ୟାଙ୍କର କ୍ରେଡିଟ୍ କାର୍ଡ ମଧ୍ୟରେ ୩ ଲକ୍ଷ ୭୫ ହଜାର ଟଙ୍କା ଋଣ କରିଥିଲେ। ଟଙ୍କା ମାଗିବାକୁ ରାଉରକେଲା ସିଭିଲ ଟାଉନ୍ ସିପ୍‌ରୁ ବ୍ୟାଙ୍କ ଅଧିକାରୀ ରମାକାନ୍ତ ରଥଙ୍କ ସହ ପ୍ରମୋଦ କୁମାର ସାହୁ, ଦିବ୍ୟଜ୍ୟୋତି ସାମଲ ଓ ସନ୍ତୋଷ କୁମାର ବେହେରା ୨୧ ତାରିଖରୁ ଗ୍ରାମକୁ ଆସି ବିନମୟଙ୍କୁ ଟଙ୍କା ମାଗିଥିଲେ। ଏନେଇ ଉଭୟ ମଧ୍ୟରେ ବଚସା ହେବାରୁ ନିର୍ମଳ ଓ ବିନମୟ ବ୍ୟାଙ୍କ ଅଧିକାରୀଙ୍କୁ ଗାଳିଗୁଲଜ କରିବା ସହ ଟଙ୍କା ମାଗିଲେ ଜୀବନରୁ ମାରିଦେବୁ କହି ଠେଙ୍ଗାରେ ବ୍ୟାଙ୍କ ଅଧିକାରୀଙ୍କୁ ନିସ୍ତୁକ ମାଡ଼ ମାରିଥିଲେ। ବ୍ୟାଙ୍କ ଅଧିକାରୀ ରମାକାନ୍ତ ରଥ ଆହାତ ହୋଇ ବଅଁରପାଳ ଡାକ୍ତରଖାନାରେ ଚିକିତ୍ସା ହୋଇଥିଲେ। ଏନେଇ ବଅଁରପାଳ ଥାନାରେ ଅଭିଯୋଗ ହେବାପରେ ମାମଲା ରୁଜୁ ହୋଇ ତଦନ୍ତ ଚଳାଇଥିବା ଥାନା ସୂତ୍ରରୁ ପ୍ରକାଶ।

## ଉତ୍ତରାଞ୍ଚଳ ରାଜସ୍ୱ ଆୟୁକ୍ତଙ୍କ ଜିଲ୍ଲା ଗସ୍ତ

ଅନୁଗୋଳ, ୨୨।୭ (ସମିସ): ଉତ୍ତରାଞ୍ଚଳ ରାଜସ୍ୱ ଆୟୁକ୍ତ ସଚ୍ଚିନ୍ ରାମଚନ୍ଦ୍ର ଯାଦବ ଆଜି ଏକ ଦିନିକିଆ ଅନୁଗୋଳ ଗସ୍ତରେ ଆସି ସ୍ଥାନୀୟ ଜିଲ୍ଲା କାର୍ଯ୍ୟାଳୟ କୋର୍ଟ ରୁମ୍‌ରେ ରାଜସ୍ୱ ମାମଲାର ଶୁଣାଣି (କ୍ୟାମ୍ପ କୋର୍ଟ) କରିଛନ୍ତି। ସେ ମୋଟ ୩୩ ଗୋଟି ରାଜସ୍ୱ ମାମଲା ଶୁଣାଣି କରି ୧୨ଟି ମାମଲାର ଫଇସଲା କରିଥିଲେ। ଶିବିରରେ ଆଇନଜୀବୀ, ଆବେଦନକାରୀ, ଜିଲ୍ଲାସ୍ତରୀୟ ରାଜସ୍ୱ ଅଧିକାରୀ ଓ ସମ୍ବଲପୁର ରାଜସ୍ୱ ଆୟୁକ୍ତଙ୍କ କାର୍ଯ୍ୟାଳୟର ଅଧିକାରୀ ମାନେ ଉପସ୍ଥିତ ଥିଲେ।

## ଅଞ୍ଚଳର ସ୍ୱାସ୍ଥ୍ୟ ସମସ୍ୟା ସମାଧାନ ପାଇଁ କେନ୍ଦ୍ର ଶିକ୍ଷାମନ୍ତ୍ରୀଙ୍କୁ ପୂର୍ବତନ ମନ୍ତ୍ରୀଙ୍କ ଦାବି



କିଶୋରନଗର, ୨୨।୭ (ସମିସ): କେନ୍ଦ୍ର ଶିକ୍ଷାମନ୍ତ୍ରୀ ତଥା ସମ୍ବଲପୁର ସାଂସଦଙ୍କ ନୂଆଦିଲ୍ଲୀ ସ୍ଥିତ ବାସଭବନରେ ଆଜି ସାକ୍ଷାତ କରି ଆଠମଲ୍ଲିକର ବିଭିନ୍ନ ପ୍ରସଙ୍ଗରେ ଆଲୋଚନା କରିଛନ୍ତି ପୂର୍ବତନ ମନ୍ତ୍ରୀ ସଞ୍ଜୀବ ସାହୁ। ବିଶେଷକରି ସ୍ୱାସ୍ଥ୍ୟ କ୍ଷେତ୍ରରେ ରହିଥିବା ସମସ୍ୟା ସମ୍ପର୍କରେ ସମ୍ବଲପୁର ସାଂସଦ ତଥା କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କୁ ଦିଲ୍ଲୀରେ ତାଙ୍କର ସରକାରୀ ବାସଭବନରେ ଭେଟି ଆଲୋଚନା କରିଛନ୍ତି ପୂର୍ବତନମନ୍ତ୍ରୀ ଶ୍ରୀ ସାହୁ। ଆଠମଲ୍ଲିକ ଉପଖଣ୍ଡ ଡାକ୍ତରଖାନା ସମେତ ମାଧପୁର, ପତାକା, ଠାକୁରଗଡ଼, ପାଇକସାହି, କିଶୋରନଗର, ହଣ୍ଡପା, ବଇଣ୍ଡା, ଅଙ୍ଗପଡ଼ା, ପୁରୁଣାଗଡ଼, ଜଗନ୍ନାଥପୁର, ପୁରୁଣାକୋଟ, ଟାଇଁସି ଆଦି ସମସ୍ତ ଉପ ସ୍ୱାସ୍ଥ୍ୟକେନ୍ଦ୍ର, ପ୍ରାଥମିକ ଓ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରଗୁଡ଼ିକରେ ଚିକିତ୍ସା ବ୍ୟବସ୍ଥା ଏବଂ ଖାଲି ଥିବା ପଦ ସମ୍ପର୍କରେ ଅବଗତ କରିଛନ୍ତି। ଆଗାମୀ ଦିନରେ ଆଠମଲ୍ଲିକ ବିଧାନସଭା କ୍ଷେତ୍ରର ସ୍ୱାସ୍ଥ୍ୟ ବ୍ୟବସ୍ଥାକୁ ତ୍ୱରାନ୍ୱିତ କରି ସଫଳ କରିବେ ବୋଲି କେନ୍ଦ୍ର ଶିକ୍ଷା ମନ୍ତ୍ରୀ ପ୍ରତିଶ୍ରୁତି ଦେଇଛନ୍ତି।

## ଏମ୍‌ସିଏଲ୍ ସିଏମ୍‌ଡିଙ୍କ ସହିତ ପୂର୍ବତନ ସାଂସଦଙ୍କ ଆଲୋଚନା

ତାଳଚେରସଦର, ୨୨।୭ (ସମିସ)



ତାଳଚେରରେ ଦେଖାଦେଇଥିବା ରାସ୍ତାଘାଟ ଜନିତ ସମସ୍ୟା ବିଶେଷ କରି ଗୋଡ଼ିବନ୍ଧରୁ ବଅଁରପାଳ ପର୍ଯ୍ୟନ୍ତ ଜାତୀୟ ରାଜପଥ ୧୪୯ ନମ୍ବର ରାସ୍ତାର ଅବସ୍ଥା ଶୋଚନୀୟ ଥିବାରୁ କୋଇଲା ପରିବହନ କ୍ଷେତ୍ରରେ ବାଧା ଉପୁଜିବା ସହ ସାଧାରଣ ଯାନବାହାନ ତଥା ବାଟୋଇଙ୍କୁ ମଧ୍ୟ ହଇରାଣ ହେବାକୁ ପଡୁଛି। ତେଣୁ କେନ୍ଦ୍ର ସରକାରଙ୍କ ଜାତୀୟ ରାଜପଥ ବିଭାଗ ଓ କୋଇଲା ଖଣି କର୍ତ୍ତୃପକ୍ଷ ଏଥିପ୍ରତି ଧ୍ୟାନ ଦେବା ଆବଶ୍ୟକ ବୋଲି ସମ୍ବଲପୁରରେ ଏମସିଏଲସିଏମଡି ଅନନ୍ତ ଉଦ୍ଧବ କାଉଏଲ୍‌ଙ୍କୁ ଢେଙ୍କାନାଳର ପୂର୍ବତନ ସାଂସଦ ତଥା ତାଳଚେର ସ୍ୱୟଂଶାସିତ ମହାବିଦ୍ୟାଳୟ ଛାତ୍ର ପରିଷଦର କାର୍ଯ୍ୟକାରୀ ସଭାପତି ମହେଶ ସାହୁ ଭେଟି ଆଲୋଚନା କରିଛନ୍ତି। ଏହାସହିତ ତାଳଚେର କଲେଜର ୧୦୦୦ ସିଟ୍ ସଂଖ୍ୟା ବିଶିଷ୍ଟ ଏକ ଅଡିଟୋରିୟମ ହଲ୍ ନିର୍ମାଣ ପାଇଁ ପୂର୍ବରୁ କୋଇଲା ଖଣି କର୍ତ୍ତୃପକ୍ଷଙ୍କୁ ଶ୍ରୀ ସାହୁ ସାଂସଦ ଥିବାବେଳେ ଏମସିଏଲ ପକ୍ଷରୁ ହୋଇଥିବା ନିଷ୍ପତ୍ତି କାହିଁକି ହୋଇପାରି ନାହିଁ ବୋଲି ଶ୍ରୀ କାଉଏଲେଙ୍କୁ ଅବଗତ କରାଇଥିଲେ। ଏଥିସହ ସେଥିପ୍ରତି ଦୃଷ୍ଟିଦେବାକୁ ଏମସିଏଲ ସିଏମଡିଙ୍କୁ କହିବା ସହ ଏହାକୁ କିପରି ଆସନ୍ତା ଅଗଷ୍ଟ ମାସ ପ୍ରଥମ ସପ୍ତାହରେ ଶୁଭ ଓ ଭୂମି ପୂଜନ କାର୍ଯ୍ୟକ୍ରମ କରାଯିବ ସେଥିପ୍ରତି ଧ୍ୟାନ ଦେବାକୁ ସିଏମଡିଙ୍କୁ କହିଥିଲେ। ଉଭୟଙ୍କ ମଧ୍ୟରେ ସନ୍ତୋଷଜନକ ଆଲୋଚନା ହୋଇଥିବା ପ୍ରାକ୍ତନ ସାଂସଦ ଶ୍ରୀ ସାହୁ ପ୍ରେସ ବିବୃତିରେ ପ୍ରକାଶ କରିଛନ୍ତି। ଏହି ଅବସରରେ ସିଏମଡି ଶ୍ରୀ ସାହୁଙ୍କୁ ଉତ୍ତରୀୟ ଦେଇ ସମ୍ବର୍ଦ୍ଧିତ କରିଥିଲେ।

# ବେକକଟା ଅବସ୍ଥାରେ ଯୁବକ ଉଦ୍ଧାର

କେନ୍ଦ୍ରାପଡ଼ା, ୨୨।୭ (ସମିସ): ଚଣ୍ଡିଖୋଲ-ପାରାଦୀପ ୫୩ ନମ୍ବର ଜାତୀୟ ରାଜପଥର ହଜାରୀ ସେତୁ ଉପରୁ ବେକକଟା ଅବସ୍ଥାରେ ଜଣେ ଯୁବକଙ୍କୁ ଉଦ୍ଧାର କରାଯାଇଛି। ତାଙ୍କୁ ପ୍ରଥମେ କେନ୍ଦ୍ରାପଡ଼ା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ତାଙ୍କ ଅବସ୍ଥା ଗୁରୁତର ହେବାରୁ କଟକ ବଡ଼ ମେଡିକାଲ ସ୍ଥାନାନ୍ତର କରାଯାଇଛି। ସୂଚନା ମୁତାବକ, ଯୁବକ ସେତୁ ଉପରେ ଗୁରୁତର ଆହତ ଅବସ୍ଥାରେ ପଡିଥିବାବେଳେ ମାର୍ଶାଘାଇ ପୁଲିସ ଉଦ୍ଧାର କରି ତାଙ୍କୁ କେନ୍ଦ୍ରାପଡା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଥିଲା। ଯୁବକଙ୍କ ବେକରେ ଗଭୀର ଆଘାତ ଲାଗିଥିବାବେଳେ ଗାଲରେ ମଧ୍ୟ କ୍ଷତ ଚିହ୍ନ ରହିଛି। ରକ୍ତ ଜୁଡୁବୁଡୁ ଅବସ୍ଥାରେ କେତେଜଣ ଦୁର୍ବୃତ୍ତ ତାଙ୍କୁ ଜାତୀୟ ରାଜପଥରେ ଫୋପାଡି ଦେଇଥିଲେ। ଯୁବକଙ୍କ ଘର ଜଗତସିଂହପୁର ଜିଲ୍ଲା କୁଜଙ୍ଗ ଅଞ୍ଚଳରେ। ତାଙ୍କ ନାମ ସତ୍ୟଜିତ ଷଡ଼ଙ୍ଗୀ (୩୯) ବୋଲି ଜଣାପଡିଛି। ପୁଲିସର ପ୍ରାଥମିକ ତଦନ୍ତରୁ ଏହା ଏକ ପ୍ରେମଜନିତ ହତ୍ୟା ଉଦ୍ୟମ ବୋଲି ଜଣାପଡିଛି। ଗୁରୁତର ଆହତ ସତ୍ୟଜିତଙ୍କ ପରିବାରକୁ ପଚରାଉଚରା ପରେ ପ୍ରକୃତ ଘଟଣା ଜଣାପଡ଼ିବ ବୋଲି ପୁଲିସ ସୂଚନା ଦେଇଛି।



● ପେଣ୍ଠପାଳ ସମବାୟ ସମିତିରେ ଠକେଇ

# ୨୦୨୨ର ବୀମା ଟଙ୍କା ପାଇନାହାନ୍ତି ୩ ପଞ୍ଚାୟତର ଚାଷୀ

ପଟ୍ଟାମୁଣ୍ଡାଇ/ଦାଣ୍ଡିସାହି,୨୨।୭ (ସମିସ): ପଟ୍ଟାମୁଣ୍ଡାଇ ଧୋୟାଞ୍ଚଳ ଅନ୍ତର୍ଗତ ପେଣ୍ଠପାଳ ସମବାୟ ସମିତି ନାଁରେ ଆସିଛି ସଙ୍ଗୀନ ଅଭିଯୋଗ। ୨୦୨୨ ମସିହାରେ ଖରିଫ ଧାନଚାଷ ପାଇଁ ଋଣ ନେଇ ଇନସ୍ୟୁରାନ୍ସ ଟଙ୍କା ପୈଠ କରିଥିଲେ ଚାଷୀ। ଏଚଡିଏଫସି ବୀମା କମ୍ପାନୀରେ ପୈଠ କରାଯାଇଥିଲା ଇନସ୍ୟୁରାନ୍ସ ଟଙ୍କା। ୨୦୨୨ ମସିହାର କୃଷି ବିଭାଗ ରିପୋର୍ଟ ଅନୁସାରେ ଅଳପୁଆ, ତରଡିପାଳ ଓ ପେଣ୍ଠପାଳ ପଞ୍ଚାୟତର ଚାଷୀ ଇନସ୍ୟୁରାନ୍ସ ଟଙ୍କା ପାଇବା ପାଇଁ ଯୋଗ୍ୟ ବୋଲି ଘୋଷଣା କରାଯାଇଥିଲା। କିନ୍ତୁ ପେଣ୍ଠପାଳ ସମବାୟ ସମିତିରୁ ଋଣ ନେଇ ଇନସ୍ୟୁରାନ୍ସ ଟଙ୍କା ପୈଠ କରିଥିବା ଚାଷୀ ବୀମା ଟଙ୍କାରୁ ବଞ୍ଚିତ ହୋଇଛନ୍ତି।



ଉକ୍ତ ଘଟଣା ବିଷୟରେ ପଟ୍ଟାମୁଣ୍ଡାଇ ସମବାୟ ସମିତି ବ୍ୟାଙ୍କରେ ପଚାରିବାରୁ ବ୍ୟାଙ୍କ ଶାଖା ପରିଚାଳକ ତାଙ୍କ ପାଖରେ ଖବର ନାହିଁ ଓ ସେ ଏହି ବିଷୟରେ ଜାଣିନାହାନ୍ତି ବୋଲି କହିଛନ୍ତି। ତେଣୁ ଏହି ତିନି ପଞ୍ଚାୟତର ଚାଷୀଙ୍କୁ ନ୍ୟାୟ ପ୍ରଦାନ କରିବା ପାଇଁ କେନ୍ଦ୍ରାପଡ଼ା ଜିଲ୍ଲାପାଳଙ୍କ ଦୃଷ୍ଟି ଆକର୍ଷଣ କରାଯାଇଛି। ଚାଷୀଙ୍କୁ ସହାୟତା ପ୍ରଦାନ ନିମନ୍ତେ ତରଡ଼ିପାଳ ସରପଞ୍ଚ ଦେବବ୍ରତ ନାୟକ, ଅଳପୁଆ ପୂର୍ବତନ ସରପଞ୍ଚ ରମେଶ ଦାସ, କୃଷକ ନେତା ଭରତ ଚନ୍ଦ୍ର ଦାଶ, ଗୁରୁଚରଣ ଶର୍ମା, ନୃସିଂହ ବିଶ୍ୱାଳ, ବସନ୍ତ ବିଶ୍ୱାଳ ନିରାକାର ବିଶ୍ୱାଳ, ଦେବେନ୍ଦ୍ର ବିଶ୍ୱାଳ, ଦେବବ୍ରତ ଶର୍ମା, ଅଜିତ ଶର୍ମା, ଦୀପକ ବିଶ୍ୱାଳ ପ୍ରମୁଖ ଦାବି କରିଛନ୍ତି।

ଚଣ୍ଡିଖୋଲ-ପାରାଦୀପ ଜାତୀୟ ରାଜପଥ ଠିକାଦାରଙ୍କ ମନମାନୀ

# ଜାତୀୟ ରାଜପଥ ଅତିକ୍ରମ କରିଥିବା ସମସ୍ତ ନାଳର ମୁହଁ ବନ୍ଦ

ଡେରାବିଶ,୨୨।୭ (ସମିସ):

ଚଣ୍ଡିଖୋଲ-ପାରାଦୀପ ଜାତୀୟ ରାଜପଥ ସମ୍ପ୍ରସାରଣ କରୁଥିବା ଠିକାଦାରଙ୍କ ମନମାନୀ ଯୋଗୁଁ ଏବେ ଡେରାବିଶ ବ୍ଲକ ଅଞ୍ଚଳର ଶହ ଶହ ହେକ୍ଟର ଚାଷଜମି କେନାଲ୍ ଜଳରୁ ବଞ୍ଚିତ ହେବା ସହିତ ଶହ ଶହ ହେକ୍ଟର ଚାଷ ଜମି ଜଳମଗ୍ନ ହୋଇ ବ୍ୟାପକ ଫସଲ ହାନୀ ଘଟିବ। ଠିକାଦାର ଜାତୀୟ ରାଜପଥ ଅତିକ୍ରମ କରିଥିବା ସମସ୍ତ ନାଳ ମୁହଁ ବନ୍ଦ କରିଦେଇଥିବାରୁ ଜଳସେଚନ ବାଧାପ୍ରାପ୍ତ ହୋଇଛି। ଏଥିପ୍ରତି ବିଭାଗୀୟ ଅଧିକାରୀ ଦୃଷ୍ଟି ଦେବାକୁ ସାଧାରଣରେ ଦାବି ହେଉଛି।

ସୂଚନା ମୁତାବକ, କେନ୍ଦ୍ରାପଡ଼ା କେନାଲରୁ ବାହାରିଥିବା ୮ ନଂ ଶାଖ କେନାଲ୍, ୧୧ନଂ ଶାଖା କେନାଲ ୧୩ ନଂ ଶାଖା କେନାଲ୍ ଡେରାବିଶ ବ୍ଲକ ଅନ୍ତର୍ଗତ ପଞ୍ଚୁପାଣ୍ଡବଠାରୁ ଦୁହୁରିଆ ମଧ୍ୟରେ ଜାତୀୟ ରାଜପଥକୁ ଅତିକ୍ରମ କରିଛି। ଡେରାବିଶ ବ୍ଲକ୍ ଅଞ୍ଚଳର ସମସ୍ତ ଚାଷୀ କେନାଲ ପାଣି ଉପରେ ନିର୍ଭର କରି ସେମାନଙ୍କର ଚାଷ କାର୍ଯ୍ୟ କରିଥା'ନ୍ତି। ଏବେ ଚାଷୀ ବର୍ଷା ପାଣିରେ ସେମାନଙ୍କ ତଳି ପ୍ରସ୍ତୁତି କରିସାରିଲେଣି। ତଳି ଏବେ କ୍ଷେତରେ ରୋଇବା ଉପଯୋଗୀ ହୋଇଗଲାଣି। ଚାଷୀ କେବଳ



## ପ୍ରଭାବିତ ହେଉଛି ଜଳସେଚନ

ଅପେକ୍ଷା କରିଥିଲା କେନାଲ ପାଣିକୁ। କେନାଲ ପାଣି ଆସି ବିଲରେ ପଶିଲେ ସେ ତା'ର ଜମି ଓର୍ଦ୍ଧା ଓ କାଦୁଅ କରି ଧାନ ରୋଇବ। ହେଲେ ଚାଷୀ ଧାନ ରୋଇବ କ'ଣ ଏବେ ଜାତୀୟ ରାଜପଥ ନିର୍ମାଣ କରୁଥିବା ଠିକାଦର ସମସ୍ତ କେନାଲକୁ ରାଜପଥ ନିର୍ମାଣ ଆଳରେ ଅବରୋଧ କରି ରଖିଛି। ଜାତୀୟ ରାଜପଥକୁ ଅତିକ୍ରମ କରିଥିବା ସମସ୍ତ କେନାଲ ମୁହଁରେ ସେ ମାଟି ପକାଇ ପାଣି ଯିବା ବାଟକୁ ଅବରୋଧ କରିଛି। ଏବେ ଦୁଇଦିନ ହେବ କେନ୍ଦ୍ରାପଡ଼ା ମୁଖ୍ୟ କେନାଲ୍‌ରେ ପାଣି ଆସିଛି। ଜଳସେଚନ ବିଭାଗ ପକ୍ଷରୁ ସମସ୍ତ କେନାଲକୁ ସଫେଇ କାର୍ଯ୍ୟ କରାଯାଇ ଶାଖା ନାଳରେ ପାଣି ମଧ୍ୟ ଛଡ଼ାଗଲାଣି। ଏବେ ଅଞ୍ଚଳର ଚାଷୀ ଏହି ବନ୍ଦ କେନାଲକୁ ଦେଖି ଏବେ ମୁଣ୍ଡରେ ହାତ ଦେଇ ବସିଛନ୍ତି। ଠିକାଦାର ଜଣକ ଖରାଦିନେ ଜାତୀୟ ରାଜପଥକୁ ଅତିକ୍ରମ କରିଥିବା କେନାଲ୍ ଉପରେ ପୋଲ ନିର୍ମାଣ କାର୍ଯ୍ୟ କଲାନାହିଁ। ଏବେ ଠିକ ଚାଷୀଙ୍କ ରୁଆ ବେଉଷଣ ସମୟରେ ଆରମ୍ଭ କରିଛି ନିର୍ମାଣ କାର୍ଯ୍ୟ। ଚାଷୀ ଏବେ ସାଧାରଣତଃ ଅଧିକ ଅମଳକ୍ଷମ ହାଇଲିଙ୍ଗ ଧାନ ଚାଷ କରୁଛନ୍ତି। ଏହି ଧାନର ତଳି ଏକ ନିର୍ଦ୍ଦିଷ୍ଟ ସମୟ ମଧ୍ୟରେ ରୁଆପୋତା ଓ ବେଉଷଣ କାର୍ଯ୍ୟ ନ କଲେ ତାହା ଭଲ ଅମଳ ଦେବ ନାହିଁ। ଫଳରେ ଚାଷୀ ଘୋର କ୍ଷତିର ସମ୍ମୁଖୀନ ହେବା ସହ ଗୁରୁତର ଆର୍ଥିକ ସଙ୍କଟ ଦେଇ ଗତି କରିବ। ଏଥିସହ ଅଞ୍ଚଳର ବରିଷ୍ଠ ଚାଷୀ ବିଧୁଭୂଷଣ ମହାପାତ୍ର କହିଛନ୍ତି, କେନାଲ୍ ଓ ଡ୍ରେନେଜକଟ୍ ମୁହଁ ବନ୍ଦ ରହିଥିବାରୁ ସାମାନ୍ୟ ଲଘୁଚାପ ବର୍ଷାରେ ବହୁ ଚାଷୀଙ୍କ ତଳି ପାଣିରେ ବୁଡ଼ିଯାଉଛି। ଏଥିସହିତ ଜାତୀୟ ରାଜପଥ ସେପଟେ ଥିବା ସମସ୍ତ ଚାଷଜମି ଏବେ କେନାଲ୍ ଜଳସେଚନରୁ ବଂଚିତ ରହିବ। ଫଳରେ ଡେରାବିଶ ବ୍ଲକ୍ ଅଞ୍ଚଳର ବହୁ ଚାଷୀ ଚଳିତ ବର୍ଷ ଧାନ ଚାଷରୁ ବଞ୍ଚିତ ହେବେ। ଏଥିପାଇଁ କେନ୍ଦ୍ରାପଡ଼ା ଜିଲ୍ଲାପାଳ ତୁରନ୍ତ ଦୃଷ୍ଟି ଦେଇ କେନାଲ ଅବରୋଧ ମୁକ୍ତ କରିବା ପାଇଁ ଶ୍ରୀ ମହାପାତ୍ରଙ୍କ ସମେତ ବରିଷ୍ଠ ଆଇନଜୀବୀ ପ୍ରଦୀପ ଦାଶ ଓ ଅଞ୍ଚଳର ଚାଷୀ ଦାବି କରିଛନ୍ତି। ନଚେତ ଚଳିତ ବର୍ଷ ଡେରାବିଶ ବ୍ଲକ୍‌ର ଚାଷୀଙ୍କ ଧାନ ଚାଷରେ ହେଉଥିବା ସମସ୍ତ କ୍ଷତିକୁ ଜାତୀୟ ରାଜପଥ କର୍ତ୍ତୃପକ୍ଷ ଭରଣା କରନ୍ତୁ ବୋଲି ଶ୍ରୀ ମହାପାତ୍ର କହିଛନ୍ତି।

ଅଙ୍ଗନବାଡିକୁ ମେଡିସିନ କିଟ୍ସ ଓ ଖେଳନା ବଦଳରେ ବ୍ଲୁଟୁଥ୍ ଦେବା ପ୍ରସଙ୍ଗ

# କାର୍ଯ୍ୟାନୁଷ୍ଠାନ ଶୂନ୍, ବ୍ୟବହାର ପୂର୍ବରୁ ବ୍ଲୁଟୁଥ୍ ଅଚଳ

ରାଜକନିକା, ୨୨।୭ (ସମିସ):

ରାଜକନିକା ବ୍ଲକ ଅନ୍ତର୍ଗତ ମହିଳା ଓ ଶିଶୁ ବିକାଶ କାର୍ଯ୍ୟାଳୟ ପକ୍ଷରୁ ଅଙ୍ଗନବାଡ଼ି କେନ୍ଦ୍ରକୁ ମେଡିସିନ କିଟ୍ସ, ଖେଳନା ବଦଳରେ ବ୍ଲୁଟୁଥ୍ ଓ ରାକ୍ ପ୍ରଦାନ କରାଯାଇଛି। ଏଭଳି ଅଭିଯୋଗ ହେବା ପରେ ବି କୌଣସି କାର୍ଯ୍ୟାନୁଷ୍ଠାନ ହୋଇନାହିଁ। ତେବେ ମିଳିଥିବା ବ୍ଲୁଟୁଥ୍ ବ୍ୟବହାର ପୂର୍ବରୁ ଅକାମୀ ହୋଇଯାଇଛି। ଏ ନେଇ ସିଡିପିଓ ନିରବଦ୍ରଷ୍ଟା ସାଜିଛନ୍ତି। ଏହି ଘଟଣାର ଭିଜିଲାନ୍ସ ତଦନ୍ତ ଦାବି କରାଯାଇଛି।

ସୂଚନା ମୁତାବକ, ୨୦୨୪-୨୫ ଆର୍ଥିକ ବର୍ଷ ନିମନ୍ତେ ରାଜକନିକା ବ୍ଲକର ସମସ୍ତ ୨୧୫ଟି ଅଙ୍ଗନବାଡି କେନ୍ଦ୍ରକୁ ପିଲାଙ୍କ ପାଇଁ ଖେଳନା ଓ ମେଡିସିନ କିଟ୍ସ ଦେବାର ବ୍ୟବସ୍ଥା ରହିଛି। କିନ୍ତୁ କାର୍ଯ୍ୟାଳୟର ସୁପରଭାଇଜରଙ୍କ ଇଚ୍ଛା ଅନୁସାରେ ଖେଳନା ଓ ମେଡିସିନ କିଟ୍ସ ବଦଳରେ ଶସ୍ତା ରାକ୍ ସହିତ ଲୋକାଲ କମ୍ପାନୀର ଶସ୍ତା ବ୍ଲୁଟୁଥ୍ ଦିଆଯାଇଛି। ଏହାକୁ ନେଇ ବିବାଦ ଦେଖାଦେଇଛି। ଏ ସମ୍ପର୍କରେ ସିଡିପିଓ ଜାଣି ନ ଥିବା ସଫେଇ ଦେଉଥିବାବେଳେ ସୁପରଭାଇଜର ସପ୍ଲାୟରଙ୍କ ସହ ସଲାସୁତୁରା ହୋଇ

## ସିଡିପିଓ ନିରବଦ୍ରଷ୍ଟା, ଭିଜିଲାନ୍ସ ତଦନ୍ତ ଦାବି

ଏଭଳି ବ୍ୟବସ୍ଥାକୁ ବ୍ୟବସ୍ଥିତ କରିଥିବା ବିଶ୍ୱସ୍ତ ସୂତ୍ରରୁ ଜଣାପଡିଛି। ସପ୍ଲାୟରଙ୍କ ମାଧ୍ୟମରେ ସୁପରଭାଇଜର ସମସ୍ତ ସେକ୍ଟରରୁ ଟଙ୍କା ଆଦାୟ କରିଥିବା ଜଣାପଡିଛି। ପୂର୍ବତନ ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ ଅସନ୍ତୋଷ ପ୍ରକାଶ କରି ପିଲାଙ୍କ ନିମନ୍ତେ ଆସୁଥିବା ଜିନିଷ ବଦଳରେ ଅନ୍ୟକୌଣସି ଜିନିଷ ଦିଆଯାଇପାରିବନାହିଁ ବୋଲି ମତ ରଖିଥିଲେ। ଏହାର ବ୍ୟତିକ୍ରମ ରାଜକନିକା ସିଡିପିଓ କାର୍ଯ୍ୟାଳୟ ପକ୍ଷରୁ କରାଯାଇଛି। ଯାହାକୁ ନେଇ ବିବାଦ ଦେଖାଦେଇଛି। ଖୋଦ୍ ସିଡିପିଓ ଏ ସମ୍ପର୍କରେ ଜାଣିନାହାନ୍ତି କହିବା ପ୍ରହସନ ବୋଲି ମନେ ହେଉଛି।

ସବୁଠୁ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି, ବ୍ଲୁଟୁଥ୍ ଦେବାର ବିବାଦ ଥମି ନ ଥିବାବେଳେ ଅଙ୍ଗନବାଡି କେନ୍ଦ୍ରରେ ଏହାର ଅକାମୀ ହେବା ଖବର ନାମ ଗୋପନ ରଖି କେତେକ କର୍ମୀ କହିଛନ୍ତି। ବ୍ଲୁଟୁଥ୍ କେଉଁଠି କାମ କରୁନାହିଁ ତ କେଉଁଠି ବ୍ୟାଟେରି ପାଞ୍ଚ ମିନିଟରେ ସରିଯାଉଛି। ଏମିତିକି ବହୁ ସେକ୍ଟର ସୁପରଭାଇଜର ବ୍ଲୁଟୁଥ୍ ଅକାମୀ ଜାଣି ବି ବାହାରେ ପ୍ରକାଶ କରୁନାହାନ୍ତି। କୌଣସି କର୍ମୀ ଯେମିତି ଏ ଖବର କାହାକୁ ନ କୁହନ୍ତି, ସେନେଇ ମଧ୍ୟ ଚାପ ପକାଉଥିବା ଅଭିଯୋଗ ହେଉଛି। ଏଭଳି ବିବାଦୀୟ ପ୍ରସଙ୍ଗ ଏବେ ସମଗ୍ର ବ୍ଲକ୍‌ରେ ଚର୍ଚ୍ଚା ହେଉଥିବାବେଳେ ଏହା ଉପରେ ଭିଜିଲାନ୍ସ ତଦନ୍ତ ଦାବି ହେଉଛି।

■ ଚାଳ ଛପର ଘରକୁ ପାଲ ଭରସା

# ରଞ୍ଜନଙ୍କୁ କେବେ ମିଳିବ ଆବାସ

ଡେରାବିଶ,୨୨।୭ (ସମିସ): ସରକାର ଗ୍ରାମାଞ୍ଚଳରେ ଚାଳ ଘରେ ରହୁଥିବା ସମସ୍ତ ହିତାଧିକାରୀଙ୍କୁ ଅନ୍ତ୍ୟୋଦୟ ଆବାସ ଯୋଜନାରେ ପକ୍କାଗୃହ ଯୋଗାଇ ଦେବେ। ଏଥିପାଇଁ ବ୍ଲକ ଓ ପଞ୍ଚାୟତ ସ୍ତରର ସରକାରୀ କର୍ମଚାରୀ ଗାଁକୁ ଗାଁ, ଘରକୁ ଘର ଯାଇ ସର୍ଭେ କରୁଛନ୍ତି। ଯେପରି କୌଣସି ବି ଜଣେ ଯୋଗ୍ୟ ହିତାଧିକାରୀ ଏହି ଯୋଜନାରୁ ବାଦ ପଡ଼ିବେନି। ତେବେ ଏହାର ବ୍ୟତିକ୍ରମ ଦେଖିବାକୁ ମିଳିଛି ଡେରାବିଶ ବ୍ଲକ୍ କୁଶିଆପାଳ ପଞ୍ଚାୟତ କୁଶିଆପାଳ ଗ୍ରାମର ରଞ୍ଜନ କୁମାର ସାହୁଙ୍କ କ୍ଷେତ୍ରରେ। ଏକ ତିନି ବଖୁରିଆ ଚାଳ ଛପର ଘରେ ରୁହନ୍ତି ରଞ୍ଜନ, ତାଙ୍କ ସ୍ତ୍ରୀ ଉର୍ମିଳା, ଗୋଟିଏ ପୁଅ ଓ ଗୋଟିଏ ଝିଅ ସହିତ। ରଞ୍ଜନ ଗ୍ରାମରେ ଚାଷ କରିବା ସହିତ ପରର ମୂଲଲାଗି ନିଜ ପରିବାରର ଭରଣପୋଷଣ କରନ୍ତି। ଏପଟେ ସେ ଯାହା ରୋଜଗାର କରନ୍ତି ତାଙ୍କ ଚାରିପ୍ରାଣୀ କୁଟୁମ୍ବକୁ ଦାନା ଦେବା ପାଇଁ ସମସ୍ତ ଟଙ୍କା ଖର୍ଚ୍ଚ ହୋଇଯାଇଥାଏ। ଅର୍ଥ ଅଭାବରୁ ସେ ତାଙ୍କ ଚଳଘର ଛପର କରିପାରୁନାହାନ୍ତି। ଏପରି ସ୍ଥିତିରେ ଚଳିତ ଲଘୁଚାପ ବର୍ଷାରେ ତାଙ୍କ ଚାଳଛପର ଘର କଣା ହୋଇ କାନ୍ଥ ଉପରେ ପାଣି ଗଳିବାରେ ଲାଗିଛି। ବାଧ ହୋଇ ସେ ଧାର କରି ପାଲ ଦୁଇଖଣ୍ଡ କିଣି ଚାଳ ଉପରେ ପକାଇ କାନ୍ଥକୁ ରକ୍ଷା କରିଛନ୍ତି। ତେବେ ପାଣିପାଗ ବିଭାଗର ସତର୍କ ସୂଚନା ଆସନ୍ତା ୨୩ ତାରିଖରୁ ଲଘୁଚାପ ବର୍ଷ ପ୍ରବଳ ବର୍ଷିବ ବୋଲି ଶୁଣି ସେ ଓ ତାଙ୍କ ପରିବାର ବିଚଳିତ ହୋଇପଡ଼ିଛନ୍ତି। ଯଦି ଲଘୁଚାପ ବର୍ଷା ଓ ପବନ ଅଧିକ ହୁଏ ତେବେ ତାଙ୍କ ଚାଳଘର ଉପରେ ପଡ଼ିଥିବା ପାଲ ଖଣ୍ଡକ ମଧ୍ୟ ଉଡ଼ିଯିବ। ରଞ୍ଜନ ଓ ତାଙ୍କ ସ୍ତ୍ରୀ ଉର୍ମିଳା ଏ ଲଘୁଚାପ ବର୍ଷାରେ ତାଙ୍କ କୁନିକୁନି



ଛୁଆ ଦୁଇଟିଙ୍କୁ ଧରି କେଉଁଠି ମୁଣ୍ଡ ଗୁଞ୍ଜିବେ ବୋଲି ଚିନ୍ତାରେ ପଡ଼ିଛନ୍ତି। ତେବେ ରଞ୍ଜନ ଅନ୍‌ଲାଇନ୍‌ରେ ତାଙ୍କୁ ଆବାସ ଯୋଜନାରେ ପକ୍କାଘର ଖଣ୍ଡେ ଯୋଗାଇ ଦେବା ପାଇଁ ଆବେଦନ କରିଥିଲେ। ହେଲେ ପଦ୍ମ ଘୁଞ୍ଚି ଘୁଞ୍ଚି ଗଲା ଭଳି ତାଙ୍କ ଆବେଦନ କେବଳ ଅନ୍‌ଲାଇନ୍‌ରେ ହିଁ ରହିଛି। ନାଁ ତାଙ୍କ ଘରକୁ କେହି ସର୍ଭେ କରିବାକୁ ଯାଉଛନ୍ତି, ନା ତାଙ୍କୁ ଆବାସ ଯୋଜନାର କାର୍ଯ୍ୟାଦେଶ ମିଳୁଛି। ଏ ନେଇ ସେ ବାରମ୍ବାର ପଞ୍ଚାୟତଠାରୁ ବ୍ଲକ୍ ପ୍ରଶାସନ ଯାଏ ଦୌଡ଼ି ଦୌଡ଼ି ତାଙ୍କ ଚପଲ ଘୋରି ହୋଇଗଲାଣି ସିନା ଫଳ ଶୂନ୍। ତେଣୁ ତୁରନ୍ତ ଚାଳଛପର ଘରେ ରହୁଥିବା ରଞ୍ଜନଙ୍କ ପରିବାରକୁ ଆବାସ ଯୋଜନାରେ ସାମିଲ କରି ପକ୍କାଗୃହ ଖଣ୍ଡିଏ ଯୋଗାଇ ଦେବାକୁ ଅଞ୍ଚଳବାସୀ ଦାବି କରିଛନ୍ତି।

ପଟ୍ଟାମୁଣ୍ଡାଇ-ରାଜନଗର ୧୮ କିମି. ବାଇପାସ ରାସ୍ତା ଶୋଚନୀୟ

# ପଟ୍ଟାମୁଣ୍ଡାଇ ଓ ରାଜନଗରର ୪୮ ପଞ୍ଚାୟତବାସୀଙ୍କ ଯାତାୟାତରେ ସମସ୍ୟା

ପଟ୍ଟାମୁଣ୍ଡାଇ/ମାଳିପୁର,୨୨।୭ (ସମିସ): ପଟ୍ଟାମୁଣ୍ଡାଇ-ରାଜନଗର ବାଇପାସ ତଳ ରାସ୍ତା ଅବସ୍ଥା ଶୋଚନୀୟ ହୋଇପଡ଼ିଲାଣି। ପୂର୍ତ୍ତ ବିଭାଗ ଅଧୀନରେ ଥିବା ୧୮ କିମି ରାସ୍ତା ଖାଲଖମାରେ ପରିଣତ ହୋଇ ମରଣଯନ୍ତା ପାଲଟିଛି। ଏହି ରାସ୍ତା ଉପରେ ପଟ୍ଟାମୁଣ୍ଡାଇ ବ୍ଲକର ୧୯ଟି ପଞ୍ଚାୟତ ଓ ରାଜନଗର ବ୍ଲକର ୨୯ଟି ପଞ୍ଚାୟତର ୨ ଲକ୍ଷରୁ ଊର୍ଦ୍ଧ୍ୱ ଲୋକ ସିଧାସଳଖ ଭାବେ ଦୈନିକ ନିର୍ଭରଶୀଳ। ଏହା ମଧ୍ୟ ଭିତରକନିକା ଅଭୟାରଣ୍ୟକୁ ଅନ୍ୟତମ ମୁଖ୍ୟ ସଂଯୋଗୀକରଣ ରାସ୍ତା। ଭିତରକନିକାକୁ ଆସୁଥିବା ପର୍ଯ୍ୟଟକ ଏହି ରାସ୍ତା ଉପରେ ପ୍ରାୟତଃ ନିର୍ଭରଶୀଳ। ଏହି ରାସ୍ତା ଦେଇ ରାଜନଗରରୁ ପଟ୍ଟାମୁଣ୍ଡାଇ, କେନ୍ଦ୍ରାପଡ଼ା, କଟକ, ଭୁବନେଶ୍ୱର, ରାଜ୍ୟ ଓ ରାଜ୍ୟ ବାହାରର ବିଭିନ୍ନ ସ୍ଥାନକୁ ଯାତ୍ରୀବାହୀ ବସ୍ ଚଳାଚଳ କରୁଛି। ସମୁଦ୍ର ଗ୍ରାସରୁ ଲୋକଙ୍କୁ ସୁରକ୍ଷା ଦେବାକୁ ଓ ଭିତରକନିକା ଅଭୟାରଣ୍ୟ ଅଞ୍ଚଳରେ କାର୍ଯ୍ୟକାରୀ ହେଉଥିବା ବିଭିନ୍ନ ରାଜ୍ୟ ଓ ଜାତୀୟ ସ୍ତରର ପ୍ରକଳ୍ପର ନିର୍ମାଣ ପାଇଁ ନିର୍ମାଣ ସାମଗ୍ରୀ ବହନ କରିଆସୁଥିବା ଶହ ଶହ ସଂଖ୍ୟାର ଭାରୀଯାନ ମଧ୍ୟ ଦୈନିକ ଯାତାୟାତ କରିଥା'ନ୍ତି। ଏହି ରାସ୍ତା ଦେଇ ପଟ୍ଟାମୁଣ୍ଡାଇ ଓ ରାଜନଗର ଅଞ୍ଚଳରେ ଥିବା ବିଭିନ୍ନ ବିଦ୍ୟାଳୟ ଓ ମହାବିଦ୍ୟାଳୟର ଶହଶହ ଛାତ୍ରଛାତ୍ରୀଙ୍କ ଏହା ହେଉଛି ଯାତାୟାତର ଏକମାତ୍ର ରାସ୍ତା। ଏହି ରାସ୍ତା ପାଶ୍ୱର୍ରେ ପଟ୍ଟାମୁଣ୍ଡାଇ ଗ୍ରାମାଞ୍ଚଳ ଥାନା, ଆଦର୍ଶ ବିଦ୍ୟାଳୟ ଓ ଅନ୍ୟାନ୍ୟ ସରକାରୀ ଅଫିସ ରହିଛି। ବାସ୍ତବରେ ଅଞ୍ଚଳବାସୀଙ୍କ ପାଇଁ ଏହି ରାସ୍ତା ଗୁରୁତ୍ୱପୂର୍ଣ୍ଣ ହୋଇଥିବାବେଳେ ଏହାର ମରାମତି କିମ୍ବା ନିର୍ମାଣ କରାଯାଉ ନ ଥିବାରୁ ଅସନ୍ତୋଷ ସୃଷ୍ଟି ହୋଇଛି। ଏହି ରାସ୍ତା କେତେକାଂଶ ମରାମତି କରାଯାଇଥିଲେ ହେଁ ଠାଏ ଠାଏ ପିଚୁ ଉଠିଯିବା ସହିତ ବଡ ବଡ଼ ଗର୍ତ୍ତ ସୃଷ୍ଟି ହୋଇ ଗାଡି ଚାଳକଙ୍କ ପାଇଁ ମରଣଯନ୍ତା ପାଲଟିଛି। ଗତ ଏକବର୍ଷ ମଧ୍ୟରେ ଶତାଧିକ ଦୁର୍ଘଟଣା ଘଟିଥିବାବେଳେ ୧୦ରୁ ଊର୍ଦ୍ଧ୍ୱ ଲୋକଙ୍କ ଜୀବନ ଯାଇଛି। ଏହି ରାସ୍ତାର ଆଶୁ ମରାମତି ଓ ପୁନଃ ନିର୍ମାଣ ପାଇଁ ସାଧାରଣରେ ଦାବି ହେଉଛି।



# ଧର୍ମପ୍ରାଣ ମହିଳାଙ୍କ ପରଲୋକ

କୁଜଙ୍ଗ,୨୨।୭ (ସମିସ): କୁଜଙ୍ଗ ବ୍ଲକ୍ ସମାଗୋଳ ଗ୍ରାମର ସ୍ୱର୍ଗତ ଶତ୍ରୁଘ୍ନ ମହାନ୍ତିଙ୍କ ପତ୍ନୀ ସୁଲୋଚନା ଦେବୀଙ୍କ ୯୭ ବଷର୍ ବୟସରେ ପରଲୋକ ହୋଇଯାଇଛି। ଧର୍ମପ୍ରାଣ ସୁଲୋଚନା ଦେବୀ ଜଣେ ପରୋପକାରୀ ଓ ସେବା ପରାୟଣା ମହିଳା ରୂପେ ଅଞ୍ଚଳରେ ପରିଚିତ ଥିଲେ। ତାଙ୍କ ପରଲୋକରେ ସ୍ଥାନୀୟ ଅଞ୍ଚଳରେ ଶୋକ ପ୍ରକାଶ ପାଇଛି। ପୁରୀ ସ୍ୱର୍ଗଦ୍ୱାରରେ ତାଙ୍କ ଶେଷକୃତ୍ୟ ସମ୍ପନ୍ନ ହୋଇଥିବାବେଳେ ଶତାଧିକ ଶୁଭେଚ୍ଛୁ, ଗ୍ରାମବାସୀ, ମୁରବି ଓ ପରିବାର ସଦସ୍ୟଙ୍କ ଉପସ୍ଥିତ ଥିଲେ। ଜ୍ୟେଷ୍ଠ ପୁତ୍ର ପଣ୍ଡିତ ଅଭିରାମ ମହାନ୍ତି ମୁଖାଗ୍ନି ଦେଇଥିଲେ। ମୃତ୍ୟୁଶଯ୍ୟା ନିକଟରେ କନିଷ୍ଠ ପୁତ୍ର ବିଚିତ୍ରାନନ୍ଦ ମହାନ୍ତି, କନ୍ୟା ଗୀତା, ଜ୍ୱାଇଁ ସୁରେନ୍ଦ୍ର, ନାତୁଣୀ ଜ୍ୱାଇଁ ମାନସଙ୍କ ସହିତ ପରିବାର ଓ ବନ୍ଧୁବର୍ଗ ଉପସ୍ଥିତ ଥିଲେ।



# ମହାବୀର ଯୁବକ ସଂଘର ଗଣେଶ ପୂଜା ପ୍ରସ୍ତୁତି



କୁଜଙ୍ଗ,୨୨।୭ (ସମିସ): କୁଜଙ୍ଗ ବ୍ଲକ୍ ସାଇଲୋ ପଞ୍ଚାୟତ ବାଲିଆପଡ଼ାର ମହାବୀର ଯୁବକ ସଂଘ ପକ୍ଷରୁ ବିଘ୍ନ ବିନାଶକ ଗଜାନନଙ୍କ ପୂଜା ଓ ସାଂସ୍କୃତିକ କାର୍ଯ୍ୟକ୍ରମ ପାଇଁ ବ୍ୟାପକ ପ୍ରସ୍ତୁତି ଆରମ୍ଭ ହୋଇଛି। ଏବର୍ଷ ପୂଜାକୁ ଅଧିକ ଶୃଙ୍ଖଳିତ ଓ ପ୍ରଦୂଷଣରହିତ କରିବା ପାଇଁ ସ୍ୱତନ୍ତ୍ର ଧ୍ୟାନ ଦିଆଯାଇଛି। ପରିବେଶ ସୁରକ୍ଷା ଓ ସଂସ୍କୃତିର ସୁରକ୍ଷା ସହ ମନୋରଞ୍ଜନ କାର୍ଯ୍ୟକ୍ରମକୁ ମଧ୍ୟ ପ୍ରାଧାନ୍ୟ ଦିଆଯାଇଛି। ପୂଜା କମିଟି ସଭାପତି ପ୍ରଭୁପ୍ରସାଦ ସୂତାରଙ୍କ ପୌରୋହିତ୍ୟରେ ଏହି ପ୍ରସ୍ତୁତି କରାଯାଇଛି। ଏଥିରେ ଏସ୍ ସରୋଜ କୁମାର, ଚନ୍ଦନ ସ୍ୱାଇଁ, ବିଶ୍ୱରଞ୍ଜନ କୁଅଁର, ବବୁଲୁ ସୂତାର, ବିକାଶ ମଲିକ, ଚନ୍ଦନ ପ୍ରସାଦ, ଆଶିଷ ସୂତାର, କାହ୍ନା ସୂତାର, ସାଇ ମଲିକ, ମୁକେଶ ମଲିକ, ତୁତୁଲ ସ୍ୱାଇଁ, ବିଦୁର ମଲିକ, ସରଥି ପ୍ରସାଦ କୁଅଁର ଓ ସୋନୁ ସୂତାର ପ୍ରମୁଖଙ୍କ ସହ ଗ୍ରାମର ବହୁ ଯୁବକ ଓ ପୂଜା କମିଟି ସମସ୍ତ ସଦସ୍ୟ ଭାଗନେଇଥିଲେ।

କେନ୍ଦୁପାଟଣା ସେକ୍ସନ ଓ ଛତା ଡିଭିଜନର ଅବହେଳା

# ସଦାନନ୍ଦପୁରରୁ ପଞ୍ଚୁପାଣ୍ଡବ ଛକ କେନାଲ ସଫାରେ ବିଳମ୍ବ

ପଞ୍ଚୁପାଣ୍ଡବ,୨୨।୭ (ସମିସ):

ଡେରାବିଶ ବ୍ଲକ୍ ଅନ୍ତର୍ଗତ ପଟ୍ଟାମୁଣ୍ଡାଇ ୮ନଂ (କ) ସଦାନନ୍ଦପୁରଠାରୁ ପଞ୍ଚୁପାଣ୍ଡବ ଛକ ପର୍ଯ୍ୟନ୍ତ କେନାଲ ସଫା ହୋଇ ନ ଥିବା ଅଭିଯୋଗ ହୋଇଛି। ବିଭିନ୍ନ କେନାଲ ସଫା ହେଉଥିବାବେଳେ ଏ କେନାଲଟି କେବେ ସଫା ହେବ, ଚାଷୀ ପ୍ରଶ୍ନ କରିଛନ୍ତି। ଏହି କେନାଲଟି ଛତା ଡିଭିଜନରେ କିଛି ଅଂଶ ଥିବାବେଳେ ଅଧିକାଂଶ ଅଚ୍ଛୁତିପୁର କେନ୍ଦୁପାଟଣା ସେକ୍ସନରେ ଯାଉଥିବା ଜଣାପଡ଼ିଛି। ଏବେ ସବୁ କେନାଲରେ ପାଣି ଆସୁଥିବାବେଳେ ଏ କେନାଲରେ ପାଣି କେବେ ଛଡ଼ା ହେବ, ସେ ନେଇ ଚିନ୍ତାରେ ଶହ ଶହ ଚାଷୀ। ଏହି କେନାଲରେ କେତେକ ଜାଗାରେ ଅଡିଆ ଆବର୍ଜନା ପଡ଼ି ରହିଥିବାବେଳେ କେତେକ ଲୋକେ କେନାଲ ଭିତରେ ମାଟି ପକାଇ ଯାତାୟାତ କରୁଥିବା ଦେଖିବାକୁ ମିଳୁଛି। କେନାଲ ଭିତରେ ବିଭିନ୍ନ ଗଛଲତାରେ ଭର୍ତ୍ତି ହୋଇଥିବା ଦେଖିବାକୁ ମିଳୁଛି। ଚଳିତବର୍ଷ ଅନିୟମିତ ବୃଷ୍ଟିପାତ ଯୋଗୁଁ ଡେରାବିଶ ବ୍ଲକ ଅଞ୍ଚଳରେ ଚାଷ କାର୍ଯ୍ୟ ଧିମେଇ ଯାଇଥିବା ଦେଖିବାକୁ ମିଳୁଛି। ପ୍ରାୟ ସପ୍ତାହେ ହେବ ଆକାଶ ମେଘାଚ୍ଛନ୍ନ ରହୁଥିଲେ ବି ବର୍ଷା ହେଉନାହିଁ। ଏଥିସହ ଟାଣ ଖରା କାରଣରୁ ଚାଷୀ ହଳ କରି ରୁଆ ବେଉଷଣ କରିଥିବା ଜମି ଶିଖିବାକୁ ଲାଗିଲାଣି। କେତେକ ଖାଲୁଆ ସ୍ଥାନରେ ଚାଷଜମିରେ ପାଣି ଥିଲେ ମଧ୍ୟ ଡ଼ିପ ଓ ମଧ୍ୟମ କିସମ ଜମି ଶୁଖିଲା ପଡ଼ିଛି। କେତେକ ଜାଗାରେ ଧାନତଳି ଗଜା ମରୁଡି ହେଉଥିବାବେଳେ କିଛି ରୁଆ ଧାନ ଜମି ଶୁଖିଲା ପଡ଼ିଥିବା ଅଭିଯୋଗ ହେଉଛି। ଫଳରେ ଚାଷକାର୍ଯ୍ୟ ବ୍ୟାହତ ହେଉଥିବାରୁ ଚାଷୀମାନେ ହତାଶ ହୋଇ ପଡିଥିବା ଚିନ୍ତାରେ ପଡ଼ିଛନ୍ତି। ଏମିତିକି ଛତା ଡିଭିଜନରେ ଥିବା ବହୁ କାଡ଼ା ନାଳ ସଫା ହୋଇ ନ ଥିବା ଅଭିଯୋଗ ହେଉଛି। ପାଣି ଆସିବା ପରେ ଠିକା ନେଇଥିବା ଠିକାଦାର ର ଠ କାମ କରି ସରକାରୀ ଅର୍ଥ ହଡ଼ପ କରିବା ପାଇଁ ମସୁଧା କରୁଥିବା ଅଭିଯୋଗ ହେଉଛି। ତୁରନ୍ତ ଦୁଇ ସେକ୍ସନର ଅଧିକାରୀ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିବା ସହ କେନାଲ ସଫା କରିବା ପାଇଁ ଅଞ୍ଚଳବାସୀ ଦାବି କରିଛନ୍ତି।



ଗଣଯୋଗାଯୋଗ କାର୍ଯ୍ୟକ୍ରମ

# ଆର୍‌ଏସ୍‌ପିକୁ ସର୍ବନିମ୍ନ ମୂଲ୍ୟର ଇସ୍ପାତ ନିର୍ମାତାରେ ପରିଗଣିତ ପାଇଁ ଆହ୍ୱାନ

ରାଉରକେଲା,୨୨।୭ (ସମିସ):



୨୦୨୯ ମସିହା ସୁଦ୍ଧା ରାଉରକେଲା ଇସ୍ପାତ କାରଖାନାକୁ ସର୍ବନିମ୍ନ ମୂଲ୍ୟର ଇସ୍ପାତ ନିର୍ମାତା ଭାବେ ପରିଗଣିତ କରିବା ପାଇଁ ସମ୍ମିଳିତ ପ୍ରୟାସ କରିବାକୁ ଆରଏସ୍‌ପି ପକ୍ଷରୁ ଆୟୋଜିତ ଗଣଯୋଗାଯୋଗ କାର୍ଯ୍ୟକ୍ରମରେ ଆର୍‌ଏସ୍‌ପି ଡିଆଇସି ଆଲୋକ ବର୍ମା ଆହ୍ୱାନ ଦେଇଛନ୍ତି। ଆରଏସ୍‌ପିର ଗୋପବନ୍ଧୁ ଅଡିଟୋରିୟମ ଠାରେ ମଙ୍ଗଳବାର ଆୟୋଜିତ ୮୭୫ ତମ ଗଣଯୋଗାଯୋଗ କାର୍ଯ୍ୟକ୍ରମରେ ଆରଏସ୍‌ପି ସାମୂହିକଙ୍କୁ ଉଦ୍‌ବୋଧନ ଦେଇ ଡିଆଇସି କହିଥିଲେ, ସୁରକ୍ଷା ସହିତ କୌଣସି ସାଲିସ କରାଯାଇପାରିବ ନାହିଁ ଏବଂ ପ୍ରତ୍ୟେକ କାର୍ଯ୍ୟ ପଦ୍ଧତିରେ ସୁରକ୍ଷାକୁ ସର୍ବୋଚ୍ଚ ପ୍ରାଥମିକତା ନିଶ୍ଚିତ ରୂପେ ପ୍ରଦାନ କରାଯିବା ଅତ୍ୟାବଶ୍ୟକ ଅଟେ। ଆରଏସ୍‌ପିର କର୍ମଚାରୀମାନେ ହେଉଛନ୍ତି ଇସ୍ପାତ ନିର୍ମାତା, ଯେଉଁମାନେ ରାଷ୍ଟ୍ରନିର୍ମାଣରେ ଯୋଗଦାନ ଦେଉଛନ୍ତି ବୋଲି ଡିଆଇସି କହିଥିଲେ। ଏଥିସହ କର୍ମଚାରୀମାନଙ୍କୁ କୋକ୍ ହାର, କଞ୍ଚାମାଲ ମୂଲ୍ୟ, କ୍ରୟ ମୂଲ୍ୟ ଆହୁରି ହ୍ରାସ କରିବା ତଥା କୋକ୍-ହଟ୍ ମେଟାଲ୍ ଅନୁପାତକୁ ଆହୁରି ଉନ୍ନତ କରିବା ପାଇଁ ଯଥାସମ୍ଭବ ପ୍ରୟାସ କରିବାକୁ ସେ ପରାମର୍ଶ ଦେଇଥିଲେ। ଶ୍ରୀ ବର୍ମା ଏହି ଅବସରରେ ଆର୍‌ଏସ୍‌ପି ପୋର୍ଟାଲରେ ଏମ୍‌ଏମ୍ ଡ୍ୟାସବୋର୍ଡର ମଧ୍ୟ ଉଦ୍‌ଘାଟନ କରିଥିଲେ। ଏହି କାର୍ଯ୍ୟକ୍ରମରେ ମାନବ ସମ୍ବଳ ବିଭାଗର ନିର୍ବାହୀ ନିର୍ଦ୍ଦେଶକ ତରୁଣ ମିଶ୍ର ଉତ୍କୃଷ୍ଟ ପ୍ରଥମ ତ୍ରୟୋମାସିକ ପ୍ରଦର୍ଶନ ପାଇଁ ଆର୍‌ଏସ୍‌ପି ସାମୂହିକଙ୍କୁ ଅଭିନନ୍ଦନ ଜଣାଇବା ସହ ଟାଉନସିପରେ ସୁବିଧାଗୁଡ଼ିକୁ ଆହୁରି ଉନ୍ନତ କରିବା ପାଇଁ କାରଖାନା ଦ୍ୱାରା ନିଆଯାଇଥିବା ପଦକ୍ଷେପଗୁଡ଼ିକ ଉପରେ ଆଲୋକପାତ କରିଥିଲେ। ସୁରକ୍ଷାର ମହତ୍ତ୍ୱ ଉପରେ ଆଲୋକପାତ କରି କାର୍ଯ୍ୟ ବିଭାଗର ନିର୍ବାହୀ ନିର୍ଦ୍ଦେଶକ ଶ୍ରୀ ବିଶ୍ୱରଞ୍ଜନ ପଲାଇ ସପ୍ ଫ୍ଲୋରରେ ସମସ୍ତ ସୁରକ୍ଷା ପ୍ରୋଟୋକଲର ଅନୁପାଳନ ସହକାରେ ନିଜର ତଥା ଅନ୍ୟମାନଙ୍କର ସୁରକ୍ଷା ସୁନିଶ୍ଚିତ କରିବା ନିମନ୍ତେ କର୍ମଚାରୀଙ୍କୁ ପରାମର୍ଶ ଦେଇଥିଲେ।ସାମଗ୍ରୀ ପରିଚାଳନା ବିଭାଗର ନିର୍ବାହୀ ନିର୍ଦ୍ଦେଶକ ଶ୍ରୀ ଅନିଲ କୁମାର ସାମଗ୍ରୀ ପରିଚାଳନା ବିଭାଗ ଉପରେ ଏକ ସାମଗ୍ରିକ ଉପସ୍ଥାପନା ପ୍ରସ୍ତୁତ କରିଥିଲେ। ଖଣି ବିଭାଗର ନିର୍ବାହୀ ନିର୍ଦ୍ଦେଶକ ଶ୍ରୀ ଏମ୍‌ପି ସିଂହ ଓଡିଶା ଗ୍ରୁପ ଅଫ୍ ମାଇନ୍ସ ଦ୍ୱାରା ସାମଗ୍ରିକ ପ୍ରୟାସ ମାଧ୍ୟମରେ ଲୁହାପଥର ଉତ୍ପାଦନରେ ଲୌହ ଉପାଦାନ ପରିମାଣରେ ଉନ୍ନତି ଆଣିବା ପାଇଁ କରାଯାଇଥିବା ପ୍ରୟାସ ଉପରେ କହିଥିଲେ। ଭାରତ ସରକାରଙ୍କ ୨୦୩୦ ସୁଦ୍ଧା ୧୦୦ ନିୟୁତ ଟନ ଇସ୍ପାତ ଉତ୍ପାଦନ ଲକ୍ଷ୍ୟକୁ ଦୃଷ୍ଟିରେ ରଖି ଆବଶ୍ୟକୀୟ ଚାହିଦା ପୂରଣ ପାଇଁ ଓଜିଓଏମ ନିରନ୍ତର ପ୍ରୟାସ କରୁଥିବା ସେ ଉଲ୍ଲେଖ କରିଥିଲେ। ଏହି ଅଧିବେଶନରେ ଚିକିତ୍ସା ଓ ସ୍ୱାସ୍ଥ୍ୟ ସେବା ବିଭାଗର ସିଏମଓ ଇନ-ଚାର୍ଜ ଡକ୍ଟର ଜୟନ୍ତ କୁମାର ଆଚାର୍ଯ୍ୟଙ୍କ ସମେତ କାରଖାନାର ବହୁ ସିଜିଏମ ଏବଂ ବିଭାଗୀୟ ମୁଖ୍ୟ ଓ ଖଣି ସମେତ ବିଭିନ୍ନ ବିଭାଗରୁ ପ୍ରାୟ ୫୦୦ ଜଣ କର୍ମଚାରୀ ଯୋଗ ଦେଇଥିଲେ। ଡିଆଇସି ଶ୍ରୀ ବର୍ମା ୨୦୨୪-୨୫ ଆର୍ଥିକ ବର୍ଷର କ୍ୱାଟର-୩ ଓ କ୍ୱାଟର-୪ ଅବଧି ପାଇଁ ଆରଏମ୍‌ଏଚ୍‌ପି ଓ ଏଚ୍‌ଏସ୍‌ଏମ୍-୨ ବିଭାଗକୁ ବ୍ୟୟ ନିପୁଣତା ଚାମ୍ପିଅନ୍ ପୁରସ୍କାର ପ୍ରଦାନ କରିଥିଲେ। ପରେ ମତବିନିମୟ ଅଧିବେଶନରେ କାରଖାନାର ଉତ୍ପାଦନ, ଉତ୍ପାଦକତା, ରକ୍ଷଣାବେକ୍ଷଣ, ସୁରକ୍ଷା, ଜ୍ଞାନରେ ଉନ୍ନତି, ସ୍ୱାସ୍ଥ୍ୟ ଏବଂ ସହର ସେବା ସମ୍ବନ୍ଧରେ କର୍ମଚାରୀମାନେ ମତାମତ ଦେଇଥିଲେ। ମତବିନିମୟ ଅଧିବେଶନରେ ଦିଆଯାଇଥିବା ପରାମର୍ଶର ଗୁଣବତ୍ତା ଉପରେ ଖୁସି ବ୍ୟକ୍ତ କରି ଡିଆଇସି ଶ୍ରୀ ବର୍ମା ୩ ଜଣ କର୍ମଚାରୀଙ୍କୁ "ଶ୍ରେଷ୍ଠ ପ୍ରସ୍ତାବଦାତା' ପୁରସ୍କାର ପ୍ରଦାନ କରିଥିଲେ। ଗତ ତିନି ମାସ ମଧ୍ୟରେ ଆର୍‌ଏସ୍‌ପିର ବିଭିନ୍ନ ପ୍ରୟାସ, ଲକ୍ଷ୍ୟ, ସଫଳତା ଏବଂ ନୂତନ ସୁରକ୍ଷାର କାର୍ଯ୍ୟଦକ୍ଷତା ଉପରେ ଏକ ଭିଡିଓ ପ୍ରଦର୍ଶିତ ହୋଇଥିଲା। ଲୋକସମ୍ପର୍କ ବିଭାଗ ଦ୍ୱାରା ନିର୍ମିତ 'ଇସ୍ପାତ ଯାତ୍ରା' ଉପରେ ଏକ ଭିଡିଓ ପ୍ରଦର୍ଶିତ ହୋଇଥିଲା। ଏହି କାର୍ଯ୍ୟକ୍ରମକୁ ଏଚ୍‌ଆରଏଲ୍ ଆଣ୍ଡ ଡି ବିଭାଗର ଆଡମିନ ଆସୋସିଏଟ ସତ୍ୟବତୀ ବେହେରା ସଂଯୋଜନା କରିଥିଲେ।

## ସାମୂହିକ ଔଷଧ ସେବନ କାର୍ଯ୍ୟକ୍ରମର ଦ୍ୱିତୀୟ ସମନ୍ୱୟ ବୈଠକ



ରାଉରକେଲା,୨୨।୭ (ସମିସ): ଜିଲ୍ଲାରେ ଫାଇଲେରିଆ ନିରାକରଣ ନିମନ୍ତେ ଆସନ୍ତା ଅଗଷ୍ଟ ୧୦ ରୁ ୧୯ ତାରିଖ ପର୍ଯ୍ୟନ୍ତ ହେବାକୁ ଥିବା ସାମୁହିକ ଔଷଧ ସେବନ କାର୍ଯ୍ୟକ୍ରମ ନିମନ୍ତେ ଆଜି ସ୍ଥାନୀୟ ସଦ୍‌ଭାବନା ଭବନଠାରେ ଜିଲ୍ଲାପାଳ ମନୋଜ ମହାଜନଙ୍କ ଅଧ୍ୟକ୍ଷତାରେ ଦ୍ୱିତୀୟ ସମନ୍ୱୟ କମିଟି ବୈଠକ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲାରେ ଏହି ଫାଇଲେରିଆ ନିରାକରଣ ଅଭିଯାନକୁ ସଫଳ କରିବାକୁ ସମସ୍ତ ବିଭାଗ ଗୁଡ଼ିକ ପୂର୍ଣ୍ଣ ସହଯୋଗ କରିବା ସହ ଏଥି ନିମନ୍ତେ ଆବଶ୍ୟକୀୟ ପଦକ୍ଷେପ ଗ୍ରହଣ କରିବାକୁ ଜିଲ୍ଲାପାଳ ଶ୍ରୀ ମହାଜନ ନିର୍ଦ୍ଦେଶ ଦେଇଥିଲେ। ନିୟମିତ ଏହି ସଂକ୍ରାନ୍ତୀୟ ସମୀକ୍ଷା କରିବାକୁ କହିଥିଲେ। ଏଥିସହ ପ୍ରତିଷେଧକ ବଟିକା ସେବନ କରି ଫାଇଲେରିଆ ନିରାକରଣ ଅଭିଯାନକୁ ସଫଳ କରିବା ଉପରେ ଗୁରୁତ୍ୱାରୋପ କରିଥିଲେ। ଏହି ଔଷଧ ସେବନ ନିମନ୍ତେ ବ୍ୟାପକ ଜନସଚେତନତା ସୃଷ୍ଟି କରାଯିବା ଉପରେ ଆଲୋଚନା କରାଯାଇଥିଲା। ସମସ୍ତ କାର୍ଯ୍ୟାଳୟ, ବିଦ୍ୟାଳୟ, ହଷ୍ଟେଲ, ଶିଳ୍ପାଞ୍ଚଳ, ଗ୍ରାମାଞ୍ଚଳମାନଙ୍କରେ ସମସ୍ତଙ୍କୁ ଯେଭଳି ଏହି ଔଷଧ ସେବନ କରାଯିବ ତାହା ବୈଠକରେ ଆଲୋଚନା କରାଯାଇଥିଲା। ସେହିପରି ଜନପ୍ରତିନିଧି, ପଞ୍ଚାୟତିରାଜ ଅନୁଷ୍ଠାନର ସଭ୍ୟ, ଏନ୍‌ଜିଓ, ଅଙ୍ଗନବାଡ଼ି କର୍ମୀ, ଗ୍ରାମସ୍ତରୀୟ ଫେଡରେସନମାନଙ୍କୁ ମଧ୍ୟ ଏହି ଅଭିଯାନରେ ସାମିଲ କରାଯିବାକୁ ବୈଠକରେ ସୂଚାଯାଇଥିଲା। ଏଥିରେ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ସୁରଞ୍ଜନ ସାହୁ, ଡା. ସୁରେଶ ଚନ୍ଦ୍ର ମହାନ୍ତି, ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ଡ. ଶିବାଶିଷ ମହାରଣା, ଜିଲ୍ଲା ଜନସ୍ୱାସ୍ଥ୍ୟ ଅଧିକାରୀ ଡା. ଭକ୍ତମୋହନ ସ୍ୱାଇଁ, ଏଡିପିଏଚଓ(ଭିବିଡି) ଡା. ଶ୍ୟାମବନ୍ଧୁ ରଥ, ଜୋନାଲ ସଂଯୋଜକ, ଡବ୍ଲୁଏଚ୍‌ଓ, ବିଶ୍ୱମ୍ବର ବେହେରା ଡିପିଏମ୍‌ଏନ୍‌ଏଚ୍‌ଏମ୍, ସ୍ୱାସ୍ଥ୍ୟ ବିଭାଗର ଅନ୍ୟାନ୍ୟ ଅଧିକାରୀ ଏବଂ ଅନ୍ୟାନ୍ୟ ବିଭାଗୀୟ ଅଧିକାରୀମାନେ ଉପସ୍ଥିତ ଥିଲେ।

## ବସ୍ ଧକ୍କାରେ ଛାତ୍ର ଗୁରୁତର; ପ୍ରତିବାଦରେ ଗ୍ରାମବାସୀଙ୍କ ରାସ୍ତାରୋକ



ରାଉରକେଲା,୨୨।୭ (ସମିସ): ସ୍ଥାନୀୟ ବ୍ରାହ୍ମଣୀ ତରଙ୍ଗ ଥାନା ଦାଣ୍ଡିଆପାଲି ଛକ ନିକଟ ୧୪୩ ନମ୍ବର ଜାତୀୟ ରାଜପଥରେ ବସ୍ ଧକ୍କାରେ ଜଣେ ସ୍କୁଲ ଛାତ୍ର ଗୁରୁତର ହୋଇଛନ୍ତି। ଏହି ଘଟଣାକୁ ନେଇ ଆଜି ଘଟଣା ସ୍ଥଳରେ ଉତ୍ତେଜନା ପ୍ରକାଶ ପାଇଛି। ପରିବାର ସମେତ ସ୍ଥାନୀୟ ଲୋକେ ଟ୍ରାଫିକ ବ୍ୟବସ୍ଥାରେ ସୁଧାର ଅଣିବାକୁ ଦାବି କରି ରାସ୍ତାରୋକ କରିଥିଲେ। ସୂଚନା ମୁତାବକ, ବ୍ରାହ୍ମଣୀ ତରଙ୍ଗ ଥାନା ଅନ୍ତର୍ଗତ ଦାଣ୍ଡିଆପାଲି ଅଞ୍ଚଳର ଅନୁଜ ପ୍ରସାଦ (୧୪) ନାମକ ଜଣେ ନବମ ଶ୍ରେଣୀର ଛାତ୍ର କୁଆଁରମୁଣ୍ଡା ସାଇ ଭେଲି ସ୍କୁଲରୁ ପାଠପଢ଼ା ସାରି ମଙ୍ଗଳବାର ଅପରାହ୍ନ ପ୍ରାୟ ସାଢେ ୨ଟା ବେଳେ ବସ୍ ଯୋଗେ ଦାଣ୍ଡିଆପାଲି ଛକଠାରେ ପହଞ୍ଚିଥିଲେ। ବସ୍‌ରୁ ଓହ୍ଲାଇ ରାସ୍ତା ପାରି ହୋଇ ଘରକୁ ଯାଉଥିବା ବେଳେ ବଡ଼ଗାଁରୁ ରାଉରକେଲାକୁ ଆସୁଥିବା ଜଗଦମ୍ବା ନାମକ ଘରୋଇ ବସ୍ ତାଙ୍କୁ ଧକ୍କା ଦେଇଥିଲା। ଫଳରେ ସେ ଗୁରୁତର ହୋଇଥିଲେ। ସ୍ଥାନୀୟ ଲୋକେ ତାଙ୍କୁ ଉଦ୍ଧାର କରି ଡାକ୍ତରଖାନାକୁ ପଠାଇଥିଲେ। ପରେ ବସ୍‌କୁ ଅଟକାଇ ଭଙ୍ଗାରୁଜା କରିଥିଲେ। ଖବର ପାଇ ପରିବାର ଲୋକେ ମଧ୍ୟ ପହଞ୍ଚି ରାସ୍ତା ଅବରୋଧ କରିଥିଲେ। ତେବେ ଘଟଣା ସ୍ଥଳରୁ ବସ୍ ଚାଳକ ଗାଡ଼ି ଛାଡ଼ି ଫେରାର ହୋଇଯାଇଥିଲେ। ରାସ୍ତା ଅବରୋଧ ଯୋଗୁଁ ଟ୍ରାଫିକ ସମସ୍ୟା ଉପୁଜିଥିଲା। ଉକ୍ତ ଛକଠାରେ ହମ୍ପସ ନିର୍ମାଣ ଓ ଟ୍ରାଫିକ ପୁଲିସ ନିୟୋଜିତ କରିବା ଦାବି କରିଥିଲେ। ପୁଲିସ ଘଟଣା ସ୍ଥଳରେ ପହଞ୍ଚି ବୁଝାସୁଝା କରିବା ପରେ ମାମଲା ଶାନ୍ତ ପଡିଥିଲା।

## କେନ୍ଦ୍ରିକଳା ସଂରକ୍ଷିତ ଜଙ୍ଗଲକୁ ଫେରିଲା ଦନ୍ତା

ବଣାଇଁ,୨୨।୭ (ସମିସ): ଦୀର୍ଘଦିନର ବ୍ୟବଧାନ ପରେ ବଣାଇଁ ରେଞ୍ଜ ଅନ୍ତର୍ଗତ କେନ୍ଦ୍ରିକଳା ସଂରକ୍ଷିତ ଜଙ୍ଗଲକୁ ଫେରିଛି ଦନ୍ତା। ଗତକାଲି ରାତିରେ କୁଳିପୋଷ ରେଞ୍ଜରୁ ନଦୀ ପାରି ହୋଇ ବଣାଇଁ ରେଞ୍ଜକୁ ଆସିଥିବା ଜଣାପଡିଛି। ରାତିରେ ଖାଦ୍ୟ ଅନ୍ୱେଷଣରେ ବାହାରକୁ ବାହାରି ପୁଣି ଭୋର୍



ସମୟରେ ଜଙ୍ଗଲ ଭିତରକୁ ଫେରିଯାଉଛି। ଦନ୍ତା ଫେରିବା ଯୋଗୁଁ ପୁଣି ବଣାଇଁ ଉପକଣ୍ଠରେ ଭୟର ବାତାବରଣ ଖେଳିଯାଇଛି। ଧରଣୀଧର ପାଲି, ତଳିତା ଗୋଗୁଆ, ବାଉଁରକେଳା, କେନାଭେଟା, ଗୋବିନ୍ଦପୁର, ଦରେଇକଳା, କେନ୍ଦ୍ରିକଳା ଆଦି ଅଞ୍ଚଳର ଲୋକମାନେ ରାତି ହେଲେ ଘରୁ ବାହାରିବାକୁ ଭୟ କରୁଥିବା ଜଣାପଡିଛି। ବିଶେଷକରି ରାତିରେ ଦନ୍ତା ପାଇଁ ବଣାଇଁ ଦରେଇକଳା ରାସ୍ତା ଏକପ୍ରକାର ବନ୍ଦ ହେବା ଅବସ୍ଥାରେ ରହୁଛି। ଲୋକେ ଏକାଠି ହୋଇ ସତର୍କତାର ସହ ଯା'ଆସ କରୁଥିବା ଦେଖିବାକୁ ମିଳିଛି। ବନ ବିଭାଗ ପକ୍ଷରୁ ଲୋକଙ୍କୁ ସୂଚନା ଦେବାସହ ଦନ୍ତାକୁ ଦୂର ଜଙ୍ଗଲକୁ ଘଉଡାଇବା ପାଇଁ ସମସ୍ତ ପ୍ରକାରର ଉଦ୍ୟମ କରାଯାଉଛି।

## ଯୌନ ଉତ୍ପୀଡନ ସୁରକ୍ଷା ସଚେତନତା କାର୍ଯ୍ୟକ୍ରମ

ବଣାଇଁ,୨୨।୭ (ସମିସ): ବଣାଇଁ ତାଲୁକ ଆଇନ ସହାୟତା ସମିତି ପକ୍ଷରୁ ରାଜାମୁଣ୍ଡା ମିଶରପାଲି ସ୍ଥିତ ଯୋଗମାୟା ମହିଳା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ପରିସରରେ ଯୌନ ନିର୍ଯାତନା ସମ୍ବନ୍ଧିତ ସୁରକ୍ଷା ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ବଣାଇଁ ତାଲୁକ ଆଇନ ସେବା ସମିତିର ଅଧ୍ୟକ୍ଷ ତଥା ଅତିରିକ୍ତ ଜିଲ୍ଲା ଦୌରାଜଜ୍ ଆଶୁତୋଷ ଦାସ ଯୋଗଦେଇ ବିଭିନ୍ନ ସ୍ଥାନରେ ମହିଳାଙ୍କ ଉପରେ ହେଉଥିବା ଯୌନ ନିର୍ଯାତନା ଓ ଏହାର ପ୍ରତିରୋଧ ସମ୍ବନ୍ଧରେ ସଚେତନତା କରିବା ସହ ଯୌନ ନିର୍ଯାତନା ଅଧିନିୟମ ଉପରେ ଆଲୋକପାତ କରିଥିଲେ। ସମ୍ମାନିତ ଅତିଥି ଭାବେ ବଣାଇ ସବ୍ ଜଜ୍ ରଞ୍ଜନ କୁମାର ପ୍ରଧାନ, କୋଇଡା ଜେଏମ୍‌ଏଫସି ଶୁଭଲକ୍ଷ୍ମୀ ପ୍ରିୟଦର୍ଶିନୀ ଯୋଗଦେଇ ପୋକ୍ସୋ ଅଧିନିୟମ ଅନୁଯାୟୀ ପ୍ରତ୍ୟେକ ସରକାରୀ ଓ ବେସରକାରୀ ନିଯୁକ୍ତିଦାତା ନିଜ ଅନୁଷ୍ଠାନରେ ଆଭ୍ୟନ୍ତରୀଣ ଅଭିଯୋଗ କମିଟି ଗଠନ କରିବାର ଆଇନଗତ ଆବଶ୍ୟକତା ରହିଛି ବୋଲି କହିଥିଲେ। ବଣାଇଁ ସହକାରୀ ଗୋଷ୍ଠୀ ଶିକ୍ଷା ଅଧିକାରୀ ବାବୁରାମ ମାହାନ୍ତ, ଲହୁଣୀପଡ଼ା ସହକାରୀ ଶ୍ରମ ଅଧିକାରୀ ସ୍ୱପ୍ନ ବିକାଶ ସାମଲ, ଯୋଗମାୟା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଅଧ୍ୟକ୍ଷା ଝରଣା ପ୍ରଧାନ, ବିଦ୍ୟାଳୟର ସଭାପତି ସୁଦାମ ଚରଣ ତ୍ରିପାଠୀ, ରିଟେନର ଦିନେଶ କୁମାର ଦାସ, କୋର୍ଟ କର୍ମଚାରୀ ବ୍ରିଜେଶ କୁମାର ସାହୁ ଏବଂ ଅନ୍ତର୍ଯ୍ୟାମୀ ପାତ୍ର କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।



## ମ୍ୟୁନିସିପାଲ ମହାବିଦ୍ୟାଳୟରେ ଆଲୋଚନାଚକ୍ର



ରାଉରକେଲା,୨୨।୭ (ସମିସ): ସ୍ଥାନୀୟ ମ୍ୟୁନିସିପାଲ ମହାବିଦ୍ୟାଳୟରେ ପୋକ୍ସୋ ଉପରେ ଏକ ଆଲୋଚନା ଚକ୍ର ଅନୁଷ୍ଠିତ ହୋଇଥିଲା। ଏଥିରେ ୫୦୦ରୁ ଅଧିକ କଲେଜ ଛାତ୍ରୀ ଅଂଶ ଗ୍ରହଣ କରିଥିଲେ। ଏହି ଆଲୋଚନାଚକ୍ରରେ ରାଉରକେଲା ଆଇନ ମହାବିଦ୍ୟାଳୟର ସହକାରୀ ପ୍ରଫେସର ଡ. ସମ୍ପାଦିକା ମହାନ୍ତି ଯୋଗ ଦେଇ ପୋକ୍ସୋ ଉପରେ ପ୍ରଶ୍ନୋତ୍ତର କାର୍ଯ୍ୟକ୍ରମ ମାଧ୍ୟମରେ ଏକ ବିସ୍ତୃତ ଉପସ୍ଥାପନ କରିଥିଲେ। ଏହି କାର୍ଯ୍ୟକ୍ରମରେ ଅନ୍ୟତମ ଅତିଥି ଭାବେ ସ୍ୱେଚ୍ଛାସେବୀ ସଦସ୍ୟା ମଞ୍ଜୁରାଣୀ ମେହେର ଉପସ୍ଥିତ ରହି ତାଙ୍କର ବକ୍ତବ୍ୟରେ ସମସ୍ତ ଛାତ୍ରୀମାନଙ୍କୁ ସବୁ ପ୍ରକାର ଅସୁବିଧାକୁ ସାମ୍ନା କରିବାକୁ ଉପଦେଶ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ମହାବିଦ୍ୟାଳୟର ସମସ୍ତ ଆଭ୍ୟନ୍ତରୀଣ ଅଭିଯୋଗ କମିଟି(ଆଇସିସି)ର ସଭ୍ୟମାନେ ଉପସ୍ଥିତ ରହି ପରିଚାଳନାରେ ସହଯୋଗ କରିଥିଲେ। ଭାରପ୍ରାପ୍ତ ଅଧ୍ୟକ୍ଷା ବିଜୟଲକ୍ଷ୍ମୀ ଦେଓ ଅତିଥିଙ୍କୁ ସ୍ୱାଗତ କରିବା ସହ ଅତିଥି ପରିଚୟ ପ୍ରଦାନ କରିଥିଲେ। ଅଧ୍ୟାପିକା ଚନ୍ଦ୍ରଲେଖା ପଣ୍ଡା ମଞ୍ଚ ପରିଚାଳନା କରିଥିଲେ। ଆଇସିସି ସଦସ୍ୟା ଡ. ଦିବ୍ୟାକାନ୍ତି ବିଲୁଙ୍ଗ ଧନ୍ୟବାଦ ଅର୍ପଣ କରିଥିଲେ। ମହାବିଦ୍ୟାଳୟର ସମସ୍ତ କର୍ମଚାରୀ ଉପସ୍ଥିତ ଥିଲେ।

## ବଣାଇଁ ଉପଖଣ୍ଡ ସାମ୍ବାଦିକ ସଂଘର ବାର୍ଷିକ ଉତ୍ସବ



ବଣାଇଁ,୨୨।୭ (ସମିସ): ବଣାଇଁ ସହର ସ୍ଥିତ ଆଇଟିଡିଏ ସଭାଗୃହଠାରେ ଉପଖଣ୍ଡ ସାମ୍ବାଦିକ ସଂଘର ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ସଂଘର ସଭାପତି ରଞ୍ଜିତ ଚୈଧୁରୀଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ବଣାଇଁ ଉପଖଣ୍ଡ ପୁଲିସ ଅଧିକାରୀ ରାମଚନ୍ଦ୍ର ବିଶ୍ୱାଳ ଯୋଗଦେଇ ଗଣତନ୍ତ୍ରର ଚତୁର୍ଥସ୍ତମ୍ଭ ସାମ୍ବାଦିକମାନେ ସତ୍ୟ ଓ ନୀରପେକ୍ଷ ଖବର ପରିବେଷଣ କରିବା ଉପରେ ଗୁରୁତ୍ୱ ଦେବାକୁ କହିଥିଲେ। ଉପଦେଷ୍ଟା ତପନ କୁମାର ଦଣ୍ଡିଆ ସ୍ୱାଗତ ଭାଷଣ ସହ ମଞ୍ଚ ପରିଚାଳନା କରିଥିଲେ। ସମ୍ପାଦକ ଅବିନାଶ ଶର୍ମା ସଂଘର ବାର୍ଷିକ ବିବରଣୀ ପଠନ କରିବା ସହ ସଂଘର ଆଭିମୁଖ୍ୟ ବିଷୟରେ ଆଲୋକପାତ କରିଥିଲେ। କୋଷାଧ୍ୟକ୍ଷ ସତ୍ୟନାରାୟଣ ମିଶ୍ର, ସହ ସମ୍ପାଦକ ରାକେଶ ମାହାନ୍ତି, ସୁନିଲ କୁମାର ପଣ୍ଡା ପ୍ରମୁଖ ସାମ୍ବାଦିକଙ୍କ ବିଭିନ୍ନ ସମସ୍ୟାର ସମାଧାନ ଓ ଆଗାମୀ ଦିନରେ ସଂଘର କାର୍ଯ୍ୟକ୍ରମ ସଂପର୍କରେ ଅବଗତ କରାଇଥିଲେ। ଏହି କାର୍ଯ୍ୟକ୍ରମରେ ସଂଘର ସଦସ୍ୟ, ମଦନ ପାତ୍ର, ଚିନ୍ମୟ ତ୍ରିପାଠୀ, ଲୋକନାଥ ସାମଲ, ରାଜେନ୍ଦ୍ର ପ୍ରଧାନ, ଗଣେଶ ଆପଟ, ହେମନ୍ତ କୁମାର ପାତ୍ର, ସୂରଜ ପ୍ରତାପ ମହାନ୍ତି, ଗିରେନ୍ଦ୍ର ସାହୁ, ପ୍ରଦୀପ ଜୀତ, ଦୁର୍ଗାମାଧବ ବେହେରା ପ୍ରମୁଖ ଉପସ୍ଥିତ ରହିଥିଲେ। ପ୍ରଦୀପ ଜୀତ ଧନ୍ୟବାଦ ଅର୍ପଣ କରିଥିଲେ।

## ଯୋଗାଣ ବିଭାଗର ଚଢ଼ଉ: ୭ ସିଲିଣ୍ଡର ଜବତ

ବଣାଇଁ, ୨୨।୭ (ସମିସ): ଆଜି ବଣାଇଁ ଉପଖଣ୍ଡ ଯୋଗାଣ ବିଭାଗ ଏନ୍‌ଫୋର୍ସମେଣ୍ଟ ଟିମ୍ ପକ୍ଷରୁ ଉପଖଣ୍ଡର ବିଭିନ୍ନ ହୋଟେଲ ଓ ଢ଼ାବା ଗୁଡ଼ିକରେ ଅଚାନକ ଚଢ଼ଉ କରି ୭ଟି ଘରୋଇ ଗ୍ୟାସ ସିଲିଣ୍ଡର ଜବତ କରାଯାଇଛି। ସୂଚନାନୁଯାୟୀ, ଦୀର୍ଘ ଦିନ ହେବ ଘରୋଇ ଗ୍ୟାସ ସିଲିଣ୍ଡରକୁ ବିଭିନ୍ନ ସ୍ଥାନରେ ବ୍ୟବସାୟିକ କାର୍ଯ୍ୟରେ ବ୍ୟବହାର କରାଯାଉଥିବା ଅଭିଯୋଗ ହୋଇ ଆସୁଥିଲା। ଆଜି ଚଢ଼ଉ ସମୟରେ ଦରେଇକଳା ଛକ ନିକଟରେ ଥିବା ହୋଟେଲ ତ୍ରୀଦେବ ଇନ୍‌ରୁ ୨ ଗୋଟି ଏବଂ ରାଜାମୁଣ୍ଡା ବାଇପାସ୍ ଗୋଲେଇ ଛକ ନିକଟରେ ଥିବା ହୋଟେଲ ଶ୍ରୀହରି ଠାରୁ ୫ ଗୋଟି ଗ୍ୟାସ ସିଲିଣ୍ଡର ଜବତ କରିଥିବା ଯୋଗାଣ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି। ସେମାନେ କେଉଁଠୁ ଏହି ଗ୍ୟାସ ସିଲିଣ୍ଡର ଆଣିଥିଲେ ସେ ସଂକ୍ରାନ୍ତ କାଗଜପତ୍ର ଦେଖାଇ ପାରିନଥିଲେ ବୋଲି ବିଭାଗ ପକ୍ଷରୁ କୁହାଯାଇଛି। ଏହି ଚଢ଼ଉରେ ଉପଖଣ୍ଡ ଯୋଗାଣ ଅଧିକାରୀ ମନୋଜ କୁମାର ରଥ, ଗୁରୁଣ୍ଡିଆ ନିରୀକ୍ଷକ ଉର୍ମିଳା ନାୟକ, ଲହୁଣୀପଡ଼ା ନିରିକ୍ଷକ ଶ୍ୟାମ ମାଝି, ବଣାଇଁ ନିରିକ୍ଷକ ବିଷ୍ଣୁ ଚରଣ ପ୍ରଧାନ ସାମିଲ ହୋଇଥିଲେ।

ସିଆଇଏସ୍‌ସିଇ ଆଞ୍ଚଳିକ ହକି ପ୍ରତିଯୋଗିତା

## ରାଉରକେଲା ଜୋନ୍ ଚାମ୍ପିଅନ୍

ରାଉରକେଲା,୨୨।୭ (ସମିସ): ସେଲ ରାଉରକେଲା ଇସ୍ପାତ କାରଖାନାର ସେକ୍ଟର- ୨୦ ଇସ୍ପାତ ଇଂରାଜୀ ମାଧ୍ୟମ ବିଦ୍ୟାଳୟ ଆନୁକୂଲ୍ୟରେ ବିଜୁ ପଟ୍ଟନାୟକ ହକି ଷ୍ଟାଡିୟମଠାରେ ଜୁଲାଇ ୨୨ ତାରିଖରେ ଆୟୋଜିତ କାଉନସିଲ ଫର୍ ଦି ଇଣ୍ଡିଆନ୍ ସ୍କୁଲ ସାର୍ଟିଫିକେଟ୍ ଏକ୍ସାମିନେସନ୍ (ସିଆଇଏସସିଇ) ଆଞ୍ଚଳିକ ହକି ପ୍ରତିଯୋଗିତାରେ ରାଉରକେଲା ଜୋନ୍ ଚାମ୍ପିଅନ୍ ହୋଇଛି। ଏହି ପ୍ରତିଯୋଗିତାରେ ରାଉରକେଲା ଜୋନ୍ ଝାରସୁଗୁଡା ଜୋନ୍‌କୁ ୧୦-୦ ଗୋଲରେ ପରାସ୍ତ କରି ଟାଇଟଲ୍ ହାସଲ କରିଛି। ଏହି ଟୁର୍ଣ୍ଣାମେଣ୍ଟକୁ ଆର୍‌ଏସ୍‌ପି ସହର ସେବା ଓ ସିଏସ୍‌ଆର୍ ବିଭାଗର ସିଜିଏମ୍ ଟି.ଜି କାନେକର ମୁଖ୍ୟଅତିଥି ଭାବରେ ଯୋଗ ଦେଇ ଉଦ୍‌ଘାଟନ କରିଥିଲେ। ସେ ଖେଳାଳିମାନଙ୍କୁ ପଡ଼ିଆ ଭିତରେ ଏବଂ ବାହାରେ ଶୃଙ୍ଖଳା ଏବଂ ଦଳଗତ ମନୋଭାବର ମୂଲ୍ୟବୋଧକୁ ବଜାୟ ରଖିବାକୁ କହିଥିଲେ। ସହର ସେବା ଶିକ୍ଷା ଓ ଗ୍ରନ୍ଥାଗାର ବିଭାଗର ଜିଏମ୍ ଡ. ନିବେଦିତା ରୟ ଉଦ୍‌ଯାପନୀ ଉତ୍ସବରେ ଯୋଗ ଦେଇ ବିଜେତା ଏବଂ ରନର୍ସ-ଅପ୍ ଦଳଙ୍କୁ ପୁରସ୍କାର ବଣ୍ଟନ କରିଥିଲେ। ଏହି କାର୍ଯ୍ୟକ୍ରମରେ ସେଣ୍ଟ ପଲ୍ ସ୍କୁଲର ପ୍ରିନ୍ସିପାଲ୍ ଫାଦର ଜୋସେଫ୍ ଏବଂ ଡେପୁଟି ମ୍ୟାନେଜର (କ୍ରୀଡ଼ା) ରଘୁନନ୍ଦନ ପାଢ଼ୀ ମଞ୍ଚାସୀନ ଥିଲେ। ଇସ୍ପାତ ଇଂରାଜୀ ମାଧ୍ୟମ ବିଦ୍ୟାଳୟ ସେକ୍ଟର-୨୦ର ଅଧ୍ୟକ୍ଷା ଡ. ସୁଶ୍ରୀତା ଦାସ ସ୍ୱାଗତ ଅଭିଭାଷଣ ପ୍ରଦାନ କରିଥିଲେ। ଇସ୍ପାତ ଇଂରାଜୀ ମାଧ୍ୟମ ବିଦ୍ୟାଳୟ, ସେକ୍ଟର - ୨୦ ଏହି କାର୍ଯ୍ୟକ୍ରମର ଆୟୋଜନ କରିଥିଲେ। ରାଜୁ କାନ୍ତ ସାଇନି, ଅବତାର କୁମାର ଦ୍ୱିବେଦୀ, ଅନିଲ କୁଲୁ ଏବଂ ଇନୋସେଣ୍ଟ ମୁଣ୍ଡା ଟୁର୍ଣ୍ଣାମେଣ୍ଟକୁ ପରିଚାଳନା କରିଥିଲେ। ଉଲ୍ଲେଖଯୋଗ୍ୟ, ଓଡ଼ିଶାରେ ରହିଥିବା ୮ଟି ଜୋନ୍‌ରୁ ପ୍ରତିଭାବାନ ଖେଳାଳିମାନେ ସିଆଇଏସସିଇ ଆଞ୍ଚଳିକ ପ୍ରତିଯୋଗିତାରେ ଅଂଶଗ୍ରହଣ କରି ସେମାନଙ୍କର ଦକ୍ଷତା ଏବଂ କ୍ରୀଡା ମନୋଭାବ ପ୍ରଦର୍ଶନ କରିଥିଲେ। ଆଇଇଏମଏସ ସେକ୍ଟର-୨୦ର ରସାୟନ ବିଜ୍ଞାନ ଶିକ୍ଷକ ମନୀଷ ବଡାଇକ୍ ସମାପନୀ ଉତ୍ସବ ସଂଯୋଜନା କରିଥିଲେ।




## ଶିକ୍ଷିତ ବେରୋଜଗାର ଯୁବକଙ୍କ ପାଇଁ ନିଯୁକ୍ତି ଶିବିର

ରାଉରକେଲା,୨୨।୭ (ସମିସ): ସୁନ୍ଦରଗଡ଼ ଜିଲ୍ଲା ନିୟୋଜନ କାର୍ଯ୍ୟାଳୟ ଏବଂ ଏସଆଇଏସ୍ କଟକ ପକ୍ଷରୁ ସୁନ୍ଦରଗଡ ଜିଲ୍ଲାର ଶିକ୍ଷିତ ଯୁବକମାନଙ୍କୁ ରୋଜଗାର ଉପଲବ୍ଧ କରାଇବା ନିମନ୍ତେ ସୁରକ୍ଷା କ୍ଷେତ୍ରରେ ନିଯୁକ୍ତି ପାଇଁ ଆଜି ଠାରୁ ସମସ୍ତ ବ୍ଲକ୍ କାର୍ଯ୍ୟାଳୟଠାରେ ଚୟନ ଓ ପଞ୍ଜୀକରଣ ଶିବିର ଆରମ୍ଭ ହୋଇଯାଇଛି। ଏହା ଆସନ୍ତା ଅଗଷ୍ଟ ୧୧ ତାରିଖ ପର୍ଯ୍ୟନ୍ତ ଚାଲିବ। ଉକ୍ତ ଚୟନ ଶିବିର ୨୩ ଜୁଲାଇର ଲାଠିକଟା ବ୍ଲକ୍ କାର୍ଯ୍ୟାଳୟରେ ହେବ। ସେହିପରି ୨୪ ଜୁଲାଇରେ ଗୁରୁଣ୍ଡିଆ ବ୍ଲକ୍ ଅଫିସ, ୨୫ ଜୁଲାଇରେ ବିଶ୍ରା ବ୍ଲକ୍ ଅଫିସ୍, ୨୮ ଜୁଲାଇରେ କୋଇଡା ବ୍ଲକ୍ ଅଫିସ୍, ୨୯ ଜୁଲାଇ କୁଆଁରମୁଣ୍ଡା ବ୍ଲକ୍ ଅଫିସ, ୩୦ରେ ନୂଆଗାଁ ବ୍ଲକ୍, ୩୧ରେ ରାଜଗାଙ୍ଗପୁର ବ୍ଲକ୍ ଅଫିସ, ୧ ଅଗଷ୍ଟରେ ବଡଗାଁ ବ୍ଲକ୍ ଅଫିସ, ୨ ଅଗଷ୍ଟରେ କୁତ୍ରା ବ୍ଲକ୍ ଅଫିସ୍, ୪ ତାରିଖରେ ବାଲିଶଙ୍କରା ବ୍ଲକ୍ ଅଫିସ୍ , ୫ ରେ ସବଡେଗା ବ୍ଲକ ଅଫିସ୍ , ୬ ଅଗଷ୍ଟରେ ହେମଗିର ବ୍ଲକ୍ ଅଫିସ୍, ୭ ରେ ଟାଙ୍ଗରପାଲି ବ୍ଲକ୍ ଅଫିସ, ୮ ରେ ଲେଫ୍ରିପଡ଼ା ବ୍ଲକ ଅଫିସ, ୧୧ ଅଗଷ୍ଟରେ ସୁନ୍ଦରଗଡ଼ ସଦର ବ୍ଲକ୍ ଅଫିସଠାରେ ଅନୁଷ୍ଠିତ ହେବ ବୋଲି ସୂଚନା ମିଳିଛି। ଏଥି ନିମନ୍ତେ ପାର୍ଥୀମାନଙ୍କର ବୟସ ୧୯ ରୁ ୪୦ ବୟସ ଓ ଶିକ୍ଷାଗତ ଯୋଗ୍ୟତା ଦଶମ ପାସ, ଶାରୀରିକ ସୁସ୍ଥ ହୋଇଥିବା ଆବଶ୍ୟକ। ଚୟନ ପ୍ରାର୍ଥମାନଙ୍କୁ କଟକ ଚୌଦ୍ୱାରରେ ଏସଆଇଏସ ଲିଃ ତରଫରୁ ଏକ ମାସ ପ୍ରଶିକ୍ଷଣ ଓ ପ୍ରାଥମିକ ଚିକିତ୍ସା ଆଦି ସମ୍ପର୍କରେ ତାଲିମ ଦିଆଯିବା ସହ ସଫଳ ପ୍ରଶିକ୍ଷଣ ପରେ ଯୋଗ୍ୟ ପ୍ରାର୍ଥୀଙ୍କୁ ସ୍ଥାୟୀ ନିଯୁକ୍ତିରେ ରାଜ୍ୟ ଓ ଦେଶର ବିଭିନ୍ନ ଜଣାଶୁଣା ସଂସ୍ଥା ଯଥା ଶିଳ୍ପକ୍ଷେତ୍ର, ବ୍ୟାଙ୍କିଙ୍ଗ କ୍ଷେତ୍ର, କର୍ପୋରେଟ, ହସ୍ପିଟାଲ୍ ଆଦି କ୍ଷେତ୍ରରେ ରୋଜଗାର ପାଇଁ ବ୍ୟବସ୍ଥା ରହିଛି। ଏଥିସହିତ ଇପିଏଫ, ଇଏସ୍‌ଆଇ, ଗ୍ରାଚ୍ୟୁଇଟି, ବୋନସ ଓ ସ୍ୱାସ୍ଥ୍ୟ ବୀମା, ବାର୍ଷିକ ବେତନ ବୃଦ୍ଧି, ପ୍ରମୋସନ , ଇତ୍ୟାଦିର ସୁବିଧା ସୁଯୋଗ ରହିଛି ବୋଲି ସୂଚନା ମିଳିଛି।

କଲଚୁରାଲ ଏକାଡେମୀ ପକ୍ଷରୁ ପତ୍ରପତ୍ରିକା ଦିବସ

## 'ସମ୍ପ୍ରତି ପୁଞ୍ଜିବାଦଙ୍କ କବଳରେ ଗଣମାଧ୍ୟମ'

ରାଉରକେଲା,୨୨।୭ (ସମିସ):



ସହରର ଅନ୍ୟତମ ସାହିତ୍ୟ ଅନୁଷ୍ଠାନ କଲଚୁରାଲ ଏକାଡେମୀ ତରଫରୁ କର୍ମବୀର ଗୌରୀଶଙ୍କର ଜୟନ୍ତୀ ଉପଲକ୍ଷେ ୩୪ତମ ପତ୍ରପତ୍ରିକା ଦିବସ ଓ ଅନୁଷ୍ଠାନର ପ୍ରତିଷ୍ଠାତା ସଦସ୍ୟ ସ୍ୱର୍ଗତ ରଜନୀକାନ୍ତ ଦାସଙ୍କ ସ୍ମୃତି ଦିବସ ପାଳିତ ହୋଇଯାଇଛି। ଏକାଡେମୀର ସଭାପତି ପଶୁପତିନାଥ ଚାଟାର୍ଜୀଙ୍କ ସଭାପତିତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟବକ୍ତା ଭାବେ ଭୁବନେଶ୍ୱର ରମାଦେବୀ ମହିଳା ବିଶ୍ୱବିଦ୍ୟାଳୟର ରାଜନୀତି ବିଜ୍ଞାନର ପ୍ରାକ୍ତନ ବିଭାଗୀୟ ମୁଖ୍ୟ ଡ. ମାନସ ବେହେରା ଯୋଗଦେଇ ଆଲୋଚ୍ୟ ବିଷୟ 'ଭୂରାଜନୀତିର ଗୋଲକଧନ୍ଦାରେ ଗଣମାଧ୍ୟମ' ସମ୍ପର୍କରେ ନିଜସ୍ୱ ମତ ରଖିଥିଲେ। ଡ. ବେହେରା ତାଙ୍କ ବକ୍ତବ୍ୟରେ କହିଥିଲେ, ସମ୍ପ୍ରତି ପୁଞ୍ଜିବାଦଙ୍କ କବଳରେ ଗଣମାଧ୍ୟମ ରହିଥିବା ବେଳେ ବିଶ୍ଳେଷଣ କରିବା ପ୍ରକ୍ରିୟାକୁ ଗଣମାଧ୍ୟମ ହତ୍ୟା କରୁଛି। ଗଣମାଧ୍ୟମର ଚରିତ୍ରରେ ଅନେକ ପରିବର୍ତ୍ତନ ହୋଇଛି। ଏହାସହ ମିଡିଆର ଭୂମିକା, ନୂଆ ଗଣମାଧ୍ୟମର ନୂଆ ଭୂମିକା, ଖବରର ପ୍ରକାଶନର ପୂର୍ବ ପ୍ରସ୍ତୁତି, ସାହିତ୍ୟରେ ମଧ୍ୟ ଏଭଳି ବ୍ୟବସ୍ଥା ଦେଖିବାକୁ ମିଳୁଛି ବୋଲି କହି ଗଣମାଧ୍ୟମର ଗଣତ୍ରିକରଣ ସମ୍ପର୍କରେ ବିସ୍ତୃତ ଆଲୋଚନା କରିଥିଲେ। ମୁଖ୍ୟଅତିଥି ଭାବେ ଆର୍‌ଏସ୍‌ପିର ମୁଖ୍ୟ ମହାପ୍ରବନ୍ଧକ ବିଜୟ କୁମାର ଯୋଯୋ ଯୋଗ ଦେଇ କର୍ମବୀର ଗୌରୀଶଙ୍କର ଜଣେ ଦୂରଦୃଷ୍ଟି ସମ୍ପନ୍ନ ଓ ସଂସ୍କାରିତ ବ୍ୟକ୍ତି ଥିଲେ ବୋଲି ଅବହିତ କରିବା ସହ ସତ୍ୟ, ଉତ୍ତରଦାୟିତ୍ୱ, ପ୍ରତିବଦ୍ଧତାକୁ ସାମ୍ବାଦିକମାନେ ଆଗକୁ ନେବାପାଇଁ ଆହ୍ୱାନ ଦେଇଥିଲେ। ଅନ୍ୟତମ ଅତିଥି ନବପତ୍ରର ସମ୍ପାଦକ ଡ. ପ୍ରଭାତ କୁମାର ମଲ୍ଲିକ ଏକାଡେମୀର ଆଭିମୁଖ୍ୟ ଓ ଆଲୋଚ୍ୟ ବିଷୟ ସମ୍ପର୍କରେ ବକ୍ତବ୍ୟ ରଖଥିଲେ। ସାଧାରଣ ସଂପାଦକ କାଶୀନାଥ ପାତ୍ରଙ୍କ ସଂଯୋଜନା ଆୟୋଜିତ ଏହି କାର୍ଯ୍ୟକ୍ରମରେ ସାହିତ୍ୟ ସମ୍ପାଦକ ନଗେନ ଦାସ ଧନ୍ୟବାଦ ଅର୍ପଣ କରିଥିଲେ। ଏହି କାର୍ଯ୍ୟକ୍ରମରେ ଏକାଡେମୀର ବହୁ ସଦସ୍ୟଙ୍କ ସହ ବହୁ ସଂଖ୍ୟାରେ ସାହିତ୍ୟିକ, କବି, ସାମାଜିକ କର୍ମୀମାନେ ଯୋଗ ଦେଇଥିଲେ।

# ପୀଡ଼ିତାଙ୍କୁ ଅସଦାଚରଣ, ହତ୍ୟା ଧମକ; ଅଭିଯୁକ୍ତ ଗିରଫ

● ପୂର୍ବରୁ ଦୁଷ୍କର୍ମ ମାମଲାରେ ଗିରଫ ହୋଇଥିଲା ଅଭିଯୁକ୍ତ ସୁଶାନ୍ତ

ବ୍ରହ୍ମପୁର,୨୨।୭(ସମିସ): ଜଣେ ନାବାଳିକାଙ୍କୁ ଦୁଷ୍କର୍ମ ଅଭିଯୋଗରେ ବୈଦ୍ୟନାଥପୁର ଥାନା ପୁଲିସ ଜଣେ ଅଭିଯୁକ୍ତକୁ ଗିରଫ କରି କୋର୍ଟଚାଲାଣ କରିଛି। ସେ ହେଲେ କେ. ନୂଆଗାଁ ଥାନା ଅନ୍ତର୍ଗତ ସହଦେବ ଟିକରପଡା ଗ୍ରାମର ସୁଶାନ୍ତ ମହାରଣା(୨୪)। ଗତ ମାର୍ଚ୍ଚ ୩୧ରେ ସୁଶାନ୍ତ ଗିରଫ ହୋଇ ଜେଲ୍ ଯାଇଥିଲା। ଜାମିନରେ ଆସି ପୁଣି ସମ୍ପୃକ୍ତ ପୀଡ଼ିତାଙ୍କୁ ପିଛା କରି ରାସ୍ତାରେ ଚକୋଲେଟ୍ ଦେଇ ଅସଦାଚରଣ କରିବା ଏବଂ ନଗ୍ନ ଫଟୋ ଦେଖାଇ ଭିଡିଓ ଭାଇରାଲ୍ କରିବାର ଧମକଦେବା ଭଳି ଅଭିଯୋଗରେ ବୈଦ୍ୟନାଥପୁର ଥାନା ପୁଲିସ ମଙ୍ଗଳବାର ପୁଣି ଅଭିଯୁକ୍ତ ସୁଶାନ୍ତକୁ ଗିରଫ କରି କୋର୍ଟଚାଲାଣ କରିଥିବା ବ୍ରହ୍ମପୁର ଏସ୍‌ପି ସୂଚନା ଦେଇଛନ୍ତି। ଅଭିଯୁକ୍ତ ସୁଶାନ୍ତ ବଢ଼େଇ କାମ କରୁଥିବା ଜଣାପଡିଛି।



ସୂଚନାଯୋଗ୍ୟ ଯେ, ବୈଦ୍ୟନାଥପୁର ଥାନା ଇଲାକାର ୧୪ବର୍ଷିୟା ନାବାଳିକାଙ୍କୁ ସହଦେବ ଟିକରପଡାର ଅଭିଯୁକ୍ତ ସୁଶାନ୍ତ ମହାରଣା ଗତ ମାର୍ଚ୍ଚରେ ଅପହରଣ କରିବା ଅଭିଯୋଗରେ ଗିରଫ ହୋଇ ଜେଲ ଯାଇଥିଲା। ପରେ ମାତ୍ର ୪ମାସର ରହଣୀ ପରେ ସେ ଜାମିନରେ ମୁକୁଳିଥିଲା। ପୀଡ଼ିତା ନାବାଳିକା ଜଣକ ସ୍କୁଲରୁ ଫେରିବାବେଳେ ତାଙ୍କୁ ଅଟକାଇ ହଇରାଣ କରିବାରୁ ନାବାଳିକା ଜଣକ ବାପାଙ୍କୁ ଜଣାଇବା ପରେ ଏନେଇ ଗତ ୨୧ତାରିଖରେ ନାବାଳିକାଙ୍କ ବାପା ଥାନାରେ ଲିଖିତ ଅଭିଯୋଗ କରିଥିଲେ। ପୁଲିସ ଏକ ମାମଲା ରୁଜୁ କରି ଅଭିଯୁକ୍ତ ସୁଶାନ୍ତକୁ ସହଦେବ ଟିକରପଡ଼ାରୁ ଗିରଫ କରିଥିବା ବ୍ରହ୍ମପୁର ଏସ୍‌ପି ଡ଼ା ସର୍ବଣା ବିବେକ ଏମ୍ ସୂଚନା ଦେଇଛନ୍ତି।

● ନାରୀ ଓ ଦଳିତଙ୍କ ଉପରେ ବଢ଼ୁଛି ନିର୍ଯାତନା

# ପ୍ରତିବାଦରେ ସିପିଆଇଏମ୍‌ଏଲ୍‌ର ବିକ୍ଷୋଭ



ବ୍ରହ୍ମପୁର,୨୨।୭(ସମିସ): ପୁରୁଣା ବସଷ୍ଟାଣ୍ଡରେ ସିପିଆଇ(ଏମ୍‌ଏଲ୍) ପକ୍ଷରୁ ନାରୀ ଓ ଦଳିତଙ୍କ ପ୍ରତି ହେଉଥିବା ନିର୍ଯାତନାକୁ ବିରୋଧ କରି ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ଡବଲ ଇଞ୍ଜିନ ସରକାରରରେ ରାଜ୍ୟରେ ଅପ୍ରତ୍ୟାଶିତ ଭାବେ ନାରୀ ଓ ଦଳିତଙ୍କ ଉପରେ ନିର୍ଯାତନା ଏବଂ ସଂଖ୍ୟାଲଘୁ ଉପରେ ଆକ୍ରମଣ କ୍ଷୀପ୍ରଗତିରେ ବୃଦ୍ଧି ପାଉଥିବା ଏଠାରେ କୁହାଯାଇଛି। ନିକଟରେ ହୋଇଥିବା ସମସ୍ତ ଗଣଦୁଷ୍କର୍ମ, ଆତ୍ମାହୂତି ଓ ଦୁଷ୍କର୍ମ ମାମଲା ସହ ରାଜ୍ୟରେ ଚୋରି, ଡକାୟତି, ହତ୍ୟା, ନାରୀ ଓ ଦଳିତ ନିର୍ଯାତନା, ସାଇବର ଠକେଇ ଭଳି ଘଟଣା ଦିନକୁ ବଢ଼ିବାରେ ଲାଗିଛି। ରାଜ୍ୟର ଆଇନ ଶୃଙ୍ଖଳା ବିପର୍ଯ୍ୟସ୍ତ ଏବଂ ଗୁଣ୍ଡାରାଜ ଚାଲିଥିବା ଦାବି କରାଯାଇଛି। ବିକ୍ଷୋଭରେ ସିପିଆଇ(ଏମ୍‌ଏଲ୍) ରେଡଷ୍ଟାର ଜିଲ୍ଲା ସମ୍ପାଦକ ଶଙ୍କର ଇନକିଲାବ, ଜିଲ୍ଲା କମିଟି ସଦସ୍ୟା ପି. ପାର୍ବତୀ, ରୋହିତ ନାହକ, ପିଙ୍କି ନାହକ, ଜୟନ୍ତୀ ନାହକ ଓ ରୁନୁ ନାହକ ପ୍ରମୁଖ ଉପସ୍ଥିତ ଥିଲେ।

# ସୌମ୍ୟାଶ୍ରୀଙ୍କ ସ୍ମୃତିରେ ନିରବ ଶୋଭାଯାତ୍ରା




ବ୍ରହ୍ମପୁର,୨୨।୭(ସମିସ): ଏମକେସିଜି ମେଡିକାଲ ମୁଖ୍ୟ ଫାଟକ ସମ୍ମୁଖରେ ସୁରଭୀ ପ୍ରଗତିଶୀଳ ଅନୁଷ୍ଠାନ ପକ୍ଷରୁ ଶ୍ରଦ୍ଧାଞ୍ଜଳି ଅର୍ପଣ ସହ ନୀରବ ଶୋଭାଯାତ୍ରା ଅନୁଷ୍ଠିତ ହୋଇଛି। ବାଲେଶ୍ୱର ଏଫଏମ୍ କଲେଜ ଦିବଂଗତ ଛାତ୍ରୀ ସୌମ୍ୟାଶ୍ରୀଙ୍କ ସ୍ମୃତି ଉଦ୍ଦେଶ୍ୟରେ ଉଷାରାଣୀ ପଟ୍ଟନାୟକଙ୍କ ନେତୃତ୍ୱରେ ଏହି କାର୍ଯ୍ୟକ୍ରମ ହୋଇଥିଲା। ମୃତ ଛାତ୍ରୀଙ୍କ ଅମର ଆତ୍ମାର ସଦଗତି କାମନା ଲାଗି ଦୁଇ ମିନିଟ ନୀରବ ପ୍ରାର୍ଥନା କରାଯାଇଥିଲା। ଏହା ସହ ତୁରନ୍ତ ଦୋଷୀଙ୍କ ବିରୁଦ୍ଧରେ କଡ଼ା ଆଇନଗତ ପଦକ୍ଷେପ ନିଆଯିବାକୁ ଦାବି ହୋଇଥିଲା। କାର୍ଯ୍ୟକ୍ରମରେ ରିନା ନାୟକ, ଅହଲ୍ୟା ପଟ୍ଟନାୟକ, ସସ୍ମିତା ପଟ୍ଟନାୟକଙ୍କ ସମେତ ବହୁ ସଦସ୍ୟ ଉପସ୍ଥିତ ଥିଲେ।

ବ୍ରହ୍ମପୁର ମହାନଗର ନିଗମ ସାଧାରଣ ବୈଠକ

# କମିଛି ସରକାରୀ ଅନୁଦାନ, ବଢୁଛି ସମସ୍ୟା

ବ୍ରହ୍ମପୁର,୨୨।୭(ସମିସ)

ବ୍ରହ୍ମପୁର ମହାନଗର ନିଗମ(ବିଇଏମସି)ର ସାଧାରଣ ବୈଠକ ଅନୁଷ୍ଠିତ ହୋଇଯାଇଛି। ସରକାରୀ ଅନୁଦାନ କମୁଥିବାରୁ ସମସ୍ୟା ବୃଦ୍ଧି ପାଉଥିବା ନେଇ ଜନ ପ୍ରତିନିଧିମାନେ ଉଦବେଗ ପ୍ରକାଶ କରିଛନ୍ତି। ପାଣ୍ଠି ଅଭାବରୁ ଅନେକ ଉନ୍ନୟନ ମୂଳକ କାର୍ଯ୍ୟ ଠପ ହୋଇଛି। ବର୍ଷକ ପୂର୍ବରୁ ଟେଣ୍ଡର ହେଲେ ସୁଦ୍ଧା କାର୍ଯ୍ୟାଦେଶ ଦିଆଯାଇପାରୁନି। ଫଳରେ ବିଭିନ୍ନ ୱାର୍ଡ଼ ନାନାଦି ସମସ୍ୟାରେ ଜର୍ଜରିତ ହେଉଥିବା ଏଠାରେ କୁହାଯାଇଛି। ବୈଠକରେ ମେୟର ସଂଘମିତ୍ରା ଦଳେଇ ଅଧ୍ୟକ୍ଷତା କରି ଦାୟିତ୍ୱବୋଧ ହୋଇ ବିଇଏମ୍‌ସି କାମ କରିଛି। ସମସ୍ୟାକୁ ସମାଧାନ କରିବାକୁ ପ୍ରୟାସ ଜାରି ରଖିଛି ବୋଲି କହିଥିଲେ। ବିଇଏମ୍‌ସି କମିଶନର ପ୍ରଥମେଶ ଅରବିନ୍ଦ ରାଜସିଁକେ ମଧ୍ୟ ସମସ୍ତଙ୍କୁ ବୈଠକକୁ ସ୍ୱାଗତ କରିବା ସହ ପ୍ରତ୍ୟେକ ଜନ ପ୍ରତିନିଧି ମତ ରଖିବେ, ସେମାନଙ୍କ ସମସ୍ୟା କହିବେ ଓ ଆଲୋଚନା ମାଧ୍ୟମରେ ସମାଧାନର ବାଟ ଖୋଜିବା ବୋଲି କହିଥିଲେ। ବିଇଏମ୍‌ସି ସାଧାରଣ ବୈଠକରେ ବିଭିନ୍ନ ପ୍ରସଙ୍ଗ ଉପରେ ଆଲୋଚନା କରାଯାଇଥିଲା। ବିଶେଷ କରି ସହର ଉନ୍ନତିକରଣ ସମ୍ପର୍କରେ କର୍ପୋରେଟରମାନେ ମତବ୍ୟକ୍ତ କରିଥିଲେ। ଅନେକ ପ୍ରକଳ୍ପ କାମ ଟେଣ୍ଡର ହୋଇ ଅଟକି ରହିବା ଦୁର୍ଭାଗ୍ୟଜନକ ବୋଲି କହିଥିଲେ। ଏହାର ଉତ୍ତରରେ ମେୟର କହିଥିଲେ ଯେ, ସରକାରଙ୍କ ପକ୍ଷରୁ ବିଇଏମସିକୁ ୧୫୦କୋଟି ଟଙ୍କାର ଅନୁଦାନ ଆସିଛି। ଫଳରେ ସମସ୍ୟା ଗୁଡ଼ିକ ବଢିବାରେ ଲାଗିଛି। ଏଥିସହିତ ଟିକସ ମଧ୍ୟ ସଠିକ ଭାବେ ସଂଗ୍ରହ ହେଉନି। ଯାହା ଏହି ସମସ୍ୟାକୁ ଦ୍ୱିଗୁଣିତ କରିଛି। ସରକାରୀ ଯାଗା ଜବରଦଖଲରେ ରହିଛି। ଏଥିଯୋଗୁଁ ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟ କରିବା ଲାଗି ଜାଗା ମିଳୁନି। ଜବରଦଖଲ



● ଲୋକେ ସମାଲୋଚନା କଲେଣି, ବିଇଏମ୍‌ସି ବଞ୍ଚିଛି ନା ମରିଛି?
● ସରକାରୀ ଜାଗା ଜବରଦଖଲ ମୁକ୍ତ କରିବାକୁ କର୍ପୋରେଟରଙ୍କ ଶାଣିତ ସ୍ୱର

ମୁକ୍ତ କଲେ ଅନେକ ପ୍ରକଳ୍ପ ହୋଇପାରିବ ବୋଲି କର୍ପୋରେଟର ପ୍ରଶାନ୍ତ ପଟ୍ଟନାୟକ ବିଇଏମସିର ଦୃଷ୍ଟି ଆକର୍ଷଣ କରିଥିଲେ। ସେ କହିଥିଲେ ଯେ, ବିଇଏମସିର ଅନେଗ ଜାଗା ବର୍ଷ ବର୍ଷ ଧରି ଜବରଦଖଲରେ ରହିଛି। କୁକୁରଙ୍କ ପ୍ରାଦୁର୍ଭାବ ବଢିଛି। ବନ୍ଧ୍ୟାକରଣ କାର୍ଯ୍ୟକ୍ରମର ନା ଗନ୍ଧ ନାହିଁ। ରାସ୍ତାରେ ମାଳ ମାଳ ଗାଈ ନିଇତି ବୁଲୁଛନ୍ତି। ଷ୍ଟାଣ୍ଡିଂ କମିଟି ପ୍ରସ୍ତାବ କାର୍ଯ୍ୟକାରୀ ହେଉନି। ସାଧାରଣ ଲୋକ ସମାଲୋଚନା କଲେଣି ବିଇଏମସି ବଞ୍ଚିଛି ନା ମରିଛି। ଏଣୁ ସହରବାସୀଙ୍କୁ ସୁରକ୍ଷା ଦେବା ସହ ଜବରଦଖଲ ହଟାଓ ବୋଲି ସେ ଦାବି କରିଥିଲେ। ତାଙ୍କ ପ୍ରଶ୍ନର ଉତ୍ତରରେ ବିଇଏମସି କମିଶନର କହିଥିଲେ ଯେ, ବିଏଇମସି ପକ୍ଷରୁ ୬ଟି ଏନଫୋର୍ସମେଣ୍ଟ ଟିମ ଗଠିତ ହୋଇଛି। ଏନେଇ ତିନୋଟି ଜୋନ ଗଠିତ ହୋଇଛି। ଏହାର ନେତୃତ୍ୱ ତିନିଜଣ ଆସିଷ୍ଟାଣ୍ଟ କମିଶନର ନେବେ। ନିଗମ ପାଖରେ ଦୁଇଟି ଗାଡ଼ି ରହିଥିବା ବେଳେ ଆଉ ଗୋଟିଏ ଗାଡ଼ି କିଣାଯିବ। ସବୁ ଜୋନରେ ଗାଡ଼ି ବୁଲିବ। ସେହିଭଳି ହୁଗୁଳାପଟ୍ଟା ଓ ଗୋଷାଣୀନୂଆଗାଁରେ ଗୋଶାଳା ନିର୍ମାଣ କାମ ଚାଲିଛି। ଯୁଦ୍ଧକାଳୀନ ଭିତ୍ତିରେ ଏହାକୁ ସମାପନ ଲାଗି ଉଦ୍ୟମ କରାଯାଉଛି। ଗୋଶାଳା ନିର୍ମାଣ ପରେ ନୀତି ଧରପଗଡ଼ ସହ ଜରିମାନା ପଡ଼ିବ ବୋଲି ସେ କହିଥିଲେ। ସେହିଭଳି ପରିମଳ ଉପଚାର କେନ୍ଦ୍ର ଠିକଠାକ୍ ଚାଲିନଥିବା ନେଇ ବୈଠକରେ ଉଦ୍‌ବେଗ ପ୍ରକାଶ ପାଇଥିବା ସହ ଶୀତଳାପଲ୍ଲୀ ୱେଷ୍ଟେଜ ପ୍ଲାଣ୍ଟକୁ ସହରରୁ ସଂଗୃହୀତ ଅଳିଆ ଯାଉନଥିବା କୁହାଯାଇଛି। ଏନେଇ କଡ଼ାକଡ଼ି ପଦକ୍ଷେପ ନ ନେଲେ ଆଗାମୀ ଦିନରେ ସମସ୍ୟା ଜଟିଳ ହେବ ବୋଲି ଜନ ପ୍ରତିନିଧିମାନେ ମତବ୍ୟକ୍ତ କରିଛନ୍ତି। ବୈଠକ ନେଇ ସୂଚନା ଉଚିତ ସମୟରେ ମିଳୁନଥିବା ନେଇ କର୍ପୋରେଟର ଶ୍ୱେତରେଖା ତ୍ରିପାଠୀ ଅଭିଯୋଗ କରିବା ସହ ବିଭିନ୍ନ ଉନ୍ନୟନ ମୂଳକ କାର୍ଯ୍ୟ ସମ୍ପର୍କରେ ବାରମ୍ବାର ଦୃଷ୍ଟି ଆକର୍ଷଣ କରାଯାଉଥିଲେ ହେଁ ସମାଧାନ ହେଉନଥିବା ସେ କହିଥିଲେ। ଅନୁରୂପ ଭାବେ ବିଳମ୍ବରେ ଭତ୍ତା ମିଳୁଥିବା ନେଇ ବିଇଏମ୍‌ସିକୁ ବାରମ୍ବାର ଦୃଷ୍ଟି ଆକର୍ଷଣ କରାଯାଉଥିଲେ ହେଁ କେହି ସମସ୍ୟା ବୁଝୁନଥିବା କର୍ପୋରେଟର ପ୍ରଦୀପ ଶତପଥୀ ଅଭିଯୋଗ କରିଥିବା ବେଳେ ଭତ୍ତା ପ୍ରଦାନ ସମୟରେ ଅନେକ ଅନିୟମିତା ହେଉଥିବା କର୍ପୋରେଟରମାନେ ଅଭିଯୋଗ ଆଣିଥିଲେ। ଏନେଇ ବ୍ୟାଙ୍କକୁ କାରଣ ଦର୍ଶାଅ ନୋଟିସ ହେବା ସହ ଆଲୋଚନା କରାଯିବ ବୋଲି କମିଶନର କହିଥିଲେ। ରାଜସ୍ୱ ଆଦାୟ ବାଟବଣା ହେବା ସହ ଟ୍ୟାକ୍ସ କଲେକ୍ଟର ଅଭାବ ନେଇ ବୈଠକରେ ଉଦବେଗ ପ୍ରକାଶ ପାଇଥିଲା। ବୈଠକରେ ପ୍ରସ୍ତାବିତ ଅନେକ ପ୍ରସଙ୍ଗ ଉପରେ ଆଲୋଚନା କରାଯାଇଥିବା ବେଳେ ଏହାର ସମାଧାନ ଲାଗି ମତାମତ ପ୍ରକାଶ ପାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ବିଇଏମସି ଡେ଼ପୁଟି ମେୟର ଇଂ. ବିବେକ ରେଡ୍ଡୀ, ଡେ଼ପୁଟି କମିଶନର କଲ୍ୟାଣି ସଂଘମିତ୍ରା, ଆଶୀର୍ବାଦ ପରିଡ଼ା, ବ୍ରହ୍ମପୁର ବିଧାୟକଙ୍କ ପ୍ରତିନିଧି ଅଶୋକ କୁମାର ଶୁକ୍ଳ, ସାଂସଦଙ୍କ ପ୍ରତିନିଧି ବାଳକୃଷ୍ଣ ସାମନ୍ତରା, ମନ୍ତ୍ରୀ ତଥା ଗୋପାଳପୁର ବିଧାୟକଙ୍କ ପ୍ରତିନିଧି ଶିବ ଶଙ୍କର ନାୟକଙ୍କ ସମେତ ବହୁ କର୍ପୋରେଟର ଓ ବିଭିନ୍ନ ବିଭାଗୀୟ ଅଧିକାରୀ ଉପସ୍ଥିତ ଥିଲେ।

# ବଢୁଛି ଦୁଷ୍କର୍ମ ମାମଲା; ବିଚାରପତି ନଥିବାରୁ କୋର୍ଟ କାର୍ଯ୍ୟ ବାଧାପ୍ରାପ୍ତ

ବ୍ରହ୍ମପୁର,୨୨।୭(ସମିସ)

ଦିନକୁ ଦିନ ବଢ଼ିବାରେ ଲାଗିଛି ଦୁଷ୍କର୍ମ ଓ ଗଣଦୁଷ୍କର୍ମ ଭଳି ସଙ୍ଗୀନ ତଥା ସମ୍ବେଦନଶୀଳ ମାମଲା ସଂଖ୍ୟା। ସରକାରଙ୍କ ପକ୍ଷରୁ ଏଭଳି ମାମଲାର

■ ବିଚାରଣା ନହୋଇ ପଡ଼ିରହିଛି ଶହ ଶହ ମାମଲା
■ ନିରାଶ ହେଉଛନ୍ତି ବିଚାରାଧୀନ କଏଦୀ, ମହକିଲ ଓ ଓକିଲ
■ ବିଚାରପତି ନିଯୁକ୍ତି ପାଇଁ ବିଭିନ୍ନ ମହଲରେ ଦାବି

ତ୍ୱରିତ ଫଇସଲା କରି ଦୋଷୀଙ୍କ ବିରୁଦ୍ଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନେଇ ଦିଆଯାଉଛି ଦମ୍ଭୋକ୍ତି। ତେବେ ପ୍ରକୃତରେ ଏହା କେବଳ ବାହାସ୍ଫୋଟ ଛଡ଼ା ଆଉ କିଛି ନୁହେଁ। ବ୍ରହ୍ମପୁରରେ ଥିବା ଅନୁପଜାରୀ ବା ଆଡହକ ଅତିରିକ୍ତ ଜିଲ୍ଲା ଦୌରା ଜଜ୍ (ଏଫ୍. ଟି.ଏସ. ସି) ପୋକ୍‌ସୋ ଆକ୍ଟ କୋର୍ଟର ବିଚାରପତି ପଦବୀ ପ୍ରାୟ ଏକମାସ ଧରି ଖାଲି ପଡ଼ିଛି। ଗତ ଜୁନ୍ ୨୫ରେ ବିଚାରପତି ଶ୍ରୀ ଗଣେଶ୍ୱର ପତି ନିଜର ସ୍ୱାସ୍ଥ୍ୟଗତ କାରଣ ଦର୍ଶାଇ ଇସ୍ତଫା ଦେଇଥିଲେ।

ମିଳିଥିବା ସୂଚନା ପ୍ରକାରେ, ଏହି ସ୍ୱତନ୍ତ୍ର କୋର୍ଟରେ ୨୦୧୪ମସିହାରୁ ବର୍ତ୍ତମାନ ସୁଦ୍ଧା ମୋଟ ପ୍ରାୟ ୨୬୦ରୁ ଉଦ୍ଧ୍ୱର୍ ମାମଲା ରହିଛି। ସେଥିମଧ୍ୟରୁ ୨ଶହରୁ ଅଧିକ କେବଳ ନାବାଳିକା ଅସଦାଚରଣ ଓ ଦୁଷ୍କର୍ମ ଭଳି ମାମଲା ରହିଥିବା ବେଳେ ଅବଶିଷ୍ଟ ଅର୍ଥାତ୍ ୪୦ରୁ ଅଧିକ ଦୁଷ୍କର୍ମ ମାମଲା ଥିବା ଜଣାପଡିଛି। ସବୁଠାରୁ ବଡ଼କଥା ହେଲା ୨୦୨୦ରୁ ୨୦୨୫ମସିହା ମଧ୍ୟରେ ଅର୍ଥାତ୍ ଗତ ୫ବର୍ଷ ମଧ୍ୟରେ କେବଳ ଏହି କୋର୍ଟରେ ମୋଟ ପ୍ରାୟ ୧୭୦ରୁ ଅଧିକ ମାମଲା ରହିଛି। ଏହି କୋର୍ଟରେ ବିଚାରଣା ହେଉଥିବା ବିଭିନ୍ନ ମାମଲାର ୫୦ରୁ ଅଧିକ ବିଚାରାଧିନ କଏଦୀ ଜେଲରୁ ନିର୍ଦ୍ଧାରିତ ସମୟରେ କୋର୍ଟରେ ହାଜର ହୋଇଥାନ୍ତି। ତେବେ ବର୍ତ୍ତମାନ ଏହି ଅଦାଲତରେ ବିଚାରପତିଙ୍କ ଅଭାବ ଯୋଗୁ ମାମଲା ଗୁଡ଼ିକର ବିଚାରଣା ନହୋଇପାରି ପଡ଼ି ରହିଛି। ଯଦ୍ୱାରା ଉଭୟ ଓକିଲ ଓ ମହକିଲ ସମସ୍ତଙ୍କୁ ନିରାଶ ହେବାକୁ ପଡୁଛି। ରାଜ୍ୟରେ ଏପରିକି ଗଞ୍ଜାମ ଜିଲ୍ଲାରେ ଦିନକୁ ଦିନ ଦୁଷ୍କର୍ମ ଓ ଗଣଦୁଷ୍କର୍ମ ଭଳି ମାମଲା ବଢ଼ି ଚାଲିଥିବା ବେଳେ ଏଭଳି ସ୍ୱତନ୍ତ୍ର ତଥା ଗୁରୁତ୍ୱପୂର୍ଣ୍ଣ କୋର୍ଟରେ ବିଚାରପତିଙ୍କ ଅଭାବ ନିଶ୍ଚିତ ଭାବେ କୋର୍ଟ କାର୍ଯ୍ୟରେ ବାଧା ସୃଷ୍ଟି କରୁଛି। ଏଣୁ ତୁରନ୍ତ ଏହି ପଦବୀ ପୂରଣ କରିବାକୁ ଦାବି କରିଛନ୍ତି ଗଞ୍ଜାମ ଓକିଲ ସଂଘର ସଭାପତି ମନୋଜ କୁମାର ପଟ୍ଟନାୟକ ଓ ଆସିକା ଓକିଲ ସଂଘର ପୂର୍ବତନ ସମ୍ପାଦକ ରାମ ପ୍ରସାଦ ମିଶ୍ର। ଯେତେଶୀଘ୍ର ବିଚାରପତିଙ୍କ ନିଯୁକ୍ତି ଦିଗରେ ରାଜ୍ୟ ସରକାର ପଦକ୍ଷେପ ଗ୍ରହଣ କରିବେ କୋର୍ଟ କାର୍ଯ୍ୟ ସ୍ୱାଭାବିକ ହେବା ସହିତ ଓକିଲ ଓ ମହକିଲ ସମସ୍ତେ ଉପକୃତ ହୋଇପାରିବେ।

# ସାହାଣୀ କପ୍ ଫୁଟବଲ୍; ଆଜି କ୍ୱାର୍ଟର ଫାଇନାଲ୍ ମ୍ୟାଚ୍

ବ୍ରହ୍ମପୁର,୨୨।୭(ସମିସ): ଗଞ୍ଜାମ ଜିଲ୍ଲା ଫୁଟବଲ୍ ସଂଘ ଆନୁକୂଲ୍ୟରେ ସ୍ଥାନୀୟ ମହାତ୍ମା ଗାନ୍ଧୀ ଷ୍ଟାଡିୟମରେ ଆୟୋଜିତ ୬୪ତମ ପୁରୁଷ ବରିଷ୍ଠ ବର୍ଗ ଫୁଟବଲ ଚାମ୍ପିଅନ୍‌ସିପ 'ସାହାଣୀ କପ୍'-୨୦୨୫ର କ୍ୱାର୍ଟର ଫାଇନାଲ ମ୍ୟାଚ ବୁଧବାର ଅନୁଷ୍ଠିତ ହେବ। ବ୍ରହ୍ମପୁର ଜୋନର କ୍ୱାର୍ଟର ଫାଇନାଲ ମ୍ୟାଚ୍‌କୁ 'ଗ୍ରୁପ୍-ଏ'ରୁ ଭୁବନେଶ୍ୱର ଓ 'ଗ୍ରୁପ୍-ବି'ରୁ କୋରାପୁଟ




ଉନ୍ନୀତ ହୋଇଛନ୍ତି। ସର୍ବାଧିକ ୯ପଏଣ୍ଟ ହାସଲ କରି ଭୁବନେଶ୍ୱର ଓ କୋରାପୁଟ ଟୁର୍ଣ୍ଣାମେଣ୍ଟର କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଥିବା ଗଞ୍ଜାମ ଜିଲ୍ଲା କ୍ରୀଡ଼ା ସଂଘର ସାଧାରଣ ସମ୍ପାଦକ ଜେ. କାମେଶ୍ୱର ରାଓ ସୂଚନା ଦେଇଛନ୍ତି। ବୁଧବାର ଅପରାହ୍ନ ୪ଟାରେ ସ୍ଥାନୀୟ ମହାତ୍ମା ଗାନ୍ଧୀ ଷ୍ଟାଡିୟମ୍‌ରେ ଏହି ମ୍ୟାଚ୍ ହେବ। ସେହିଭଳି ଦୁଇଟି ସେମିଫାଇନାଲ ମଧ୍ୟରୁ ଗୋଟିଏ ବ୍ରହ୍ମପୁରରେ ଅନୁଷ୍ଠିତ ହେବ ବୋଲି ଜଣାପଡିଛି। ତେବେ ଟୁର୍ଣ୍ଣାମେଣ୍ଟରେ ଖେଳାଯିବାକୁ ଥିବା ଦୁଇଟି ଫାଇନାଲ୍ ମ୍ୟାଚ ମଧ୍ୟରୁ ଗୋଟିଏ ବୌଦ୍ଧରେ ଏବଂ ଅନ୍ୟଟି କେନ୍ଦୁଝରରେ ଖେଳାଯିବାକୁ ସ୍ଥିର ହୋଇଥିବା ଜଣାପଡିଛି। ଉଭୟ ମ୍ୟାଚରେ ଅଧିକ ଗୋଲ ସ୍କୋର କରିଥିବା ଦଳକୁ ଚାମ୍ପିଅନ ଘୋଷଣା କରାଯିବ।

# ନୀଳକଣ୍ଠନଗର ସରସ୍ୱତୀ ଡିଗ୍ରୀ ବିଦ୍ୟା ମନ୍ଦିରରେ ସମ୍ବର୍ଦ୍ଧନା ସଭା

ବ୍ରହ୍ମପୁର,୨୨।୭(ସମିସ)

ସରସ୍ୱତୀ ଡିଗ୍ରୀ ବିଦ୍ୟା ମନ୍ଦିର, ନୀଳକଣ୍ଠନଗର ପ୍ରାଙ୍ଗଣରେ ଯୁକ୍ତ ତିନି ପ୍ରଥମବର୍ଷ ଛାତ୍ରଛାତ୍ରୀମାନଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଛି। ଏହି ଉତ୍ସବରେ ମୁଖ୍ୟଅତିଥି ଭାବେ ମହାରାଜା କୃଷ୍ଣଚନ୍ଦ୍ର ଗଜପତି ଭେଷଜ ମହାବିଦ୍ୟାଳୟର ରେଜିଷ୍ଟ୍ରାର୍ ସଂଗ୍ରାମ ଶେଖର ପଣ୍ଡା ଉପସ୍ଥିତ ରହି ଭବିଷ୍ୟତ ନିର୍ମାଣ ପାଇଁ ଛାତ୍ରଛାତ୍ରୀମାନେ ନିଜକୁ କିପରି ପ୍ରସ୍ତୁତ କରିବେ ସେ ସମ୍ପର୍କରେ ମତବ୍ୟକ୍ତ କରି ଶିକ୍ଷା, ଦୀକ୍ଷା ଏବଂ ସଂସ୍କାର ସମ୍ପର୍କରେ ଆଲୋକପାତ କରିଥିଲେ। ଏହି ଅବସରରେ ପରିଚାଳନା ସମିତିର ସମ୍ପାଦକ ନାରାୟଣ ପଣ୍ଡା ଉଦ୍‌ବୋଧନ ଦେଇ ଛାତ୍ରଛାତ୍ରୀମାନଙ୍କ ପାଇଁ ପ୍ରେରଣାଦାୟୀ ଉପଦେଶ ଦେବା ସହିତ ଉତ୍ସାହିତ କରିଥିଲେ। କାର୍ଯ୍ୟକ୍ରମକୁ ମହାବିଦ୍ୟାଳୟର ଅଧ୍ୟକ୍ଷ ଡ. ସୁବ୍ରତ କୁମାର ପାଣିଗ୍ରାହୀ ପରିଚାଳନା କରିବା ସହିତ ଅତିଥିମାନଙ୍କର ପରିଚୟ ପ୍ରଦାନ କରିଥିଲେ। ମହାବିଦ୍ୟାଳୟର ଡିନ୍ ଡ. ବିବେକାନନ୍ଦ ପଣ୍ଡା ନବାଗତ ସମସ୍ତ ଛାତ୍ରଛାତ୍ରୀମାନଙ୍କୁ ବିଦ୍ୟାଳୟର ଶୃଙ୍ଖଳା, ନିୟମ, ଶିକ୍ଷା ପଦ୍ଧତି, ସଂସ୍କାର, ପରୀକ୍ଷା ପଦ୍ଧତି, ସମୟାନୁବର୍ତ୍ତିତା ଏବଂ ବିଦ୍ୟାଳୟରେ ଅନୁଷ୍ଠିତ ହେଉଥିବା ବିଭିନ୍ନ କାର୍ଯ୍ୟକ୍ରମ ସମ୍ପର୍କରେ ସମ୍ୟକ୍ ଭାବେ ଅବଗତ କରାଇଥିଲେ। ଏ ଅବସରରେ ମହାବିଦ୍ୟାଳୟର +୩ ତୃତୀୟ ବର୍ଷ ଛାତ୍ରୀମାନଙ୍କ ଦ୍ୱାରା ପ୍ରାରମ୍ଭିକ ସ୍ୱାଗତ ସଂଗୀତ ପରିବେଷଣ କରାଯାଇଥିଲା। +୩ ଦ୍ୱିତୀୟ ଏବଂ ତୃତୀୟ ବର୍ଷର ଛାତ୍ରଛାତ୍ରୀମାନେ ପ୍ରଥମ ବର୍ଷର ଛାତ୍ରଛାତ୍ରୀମାନଙ୍କୁ ସ୍ୱାଗତ କରିବା ସହ ଅନୁଷ୍ଠାନର ନୀତି ନିୟମ ସମ୍ପର୍କରେ ନବାଗତ ମାନଙ୍କୁ ଅବଗତ କରାଇଥିଲେ। ପରିଚାଳନା ସମିତିର ଯୁଗ୍ମ ସମ୍ପାଦକ ନୀଳକଣ୍ଠ ସାହୁ, କୋଷାଧ୍ୟକ୍ଷ ସୋମନାଥ ନନ୍ଦ, ପରିଚାଳନା ସମିତିର ପରାମର୍ଶଦାତା ହରେକୃଷ୍ଣ ପାଢ଼ୀ, ଭେଙ୍କେଟ୍ ରାଓ, ପ୍ରାଧ୍ୟାପକ ରାଜେନ୍ଦ୍ର କୁମାର ଡାକୁଆ, ଶୈକ୍ଷିକ ପରାମର୍ଶଦାତା ଉମାଧବ ମହାନ୍ତି ଏବଂ ଉଚ୍ଚ ବିଦ୍ୟାଳୟର ଅଧ୍ୟକ୍ଷ ଏସ୍.ମୋହନ ରାଓ ମଞ୍ଚାସୀନ ଥିଲେ। ଶେଷରେ ମହାବିଦ୍ୟାଳୟର ଉପାଧ୍ୟକ୍ଷ ଡ. ଚିତରଞ୍ଜନ ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ।




ଯୁକ୍ତତିନି ପ୍ରଥମବର୍ଷ ଛାତ୍ରଛାତ୍ରୀମାନଙ୍କୁ ଜଣାଇଲେ ସ୍ୱାଗତ

# ସଂସ୍କୃତ ଶିକ୍ଷୟିତ୍ରୀଙ୍କୁ ଅସଦାଚରଣ; ଯୁବକ ଗିରଫ

ବ୍ରହ୍ମପୁର,୨୨।୭(ସମିସ)

ଜଣେ ସଂସ୍କୃତ ଶିକ୍ଷୟିତ୍ରୀଙ୍କୁ ଅସଦାଚରଣ ଅଭିଯୋଗରେ ବୈଦ୍ୟନାଥପୁର ଥାନା ପୁଲିସ ଜଣେ ଯୁବକକୁ ଗିରଫ କରି କୋର୍ଟଚାଲାଣ କରିଛି। ଗିରଫ ଯୁବକ ଜଣକ ହେଲେ ହିଞ୍ଜିଳିକାଟୁ ସନ୍ତୋଷପୁର ଗ୍ରାମର ଜୀବନ ମିଶ୍ର (୨୯)। ପୁଲିସ ଶିକ୍ଷୟିତ୍ରୀ ଓ ଯୁବକଙ୍କ ମୋବାଇଲ ସହ ଅନ୍ୟାନ୍ୟ ସାମଗ୍ରୀ ଜବତ କରିଛି। ଏହାର ପରୀକ୍ଷା ପାଇଁ ଭୁବନେଶ୍ୱର ରସୁଲଗଡ ସ୍ଥିତ ଏସ୍‌ଏଫ୍‌ଏସ୍‌ଏଲ୍‌କୁ ପଠାଯିବ। ସୂଚନାଯୋଗ୍ୟ ଯେ, ଗଞ୍ଜାମର ଜଣେ ୨୭ବର୍ଷୀୟ ଯୁବତୀ ଏକ ଘରୋଇ



ସ୍କୁଲରେ ଚୁକ୍ତିଭିତ୍ତିକ ସଂସ୍କୃତ ଶିକ୍ଷୟିତ୍ରୀ ଭାବେ ଚାକିରି କରନ୍ତି। ସେଠାରେ ଯୋଗ ଦେବା ସହିତ ରହିବାକୁ ଏକ ହଷ୍ଟେଲ ଖୋଜୁଥିଲେ। ଏ ସମ୍ପର୍କରେ ଯୁବତୀ ଜଣକ ପ୍ରାୟ ଏକବର୍ଷ ପୂର୍ବେ ଇନଷ୍ଟାଗ୍ରାମ ଜରିଆରେ ପରିଚିତ ହୋଇଥିବା ଜୀବନ ମିଶ୍ର ନାମକ ପୁରୁଷ ବନ୍ଧୁଙ୍କୁ କହିଥିଲେ। ଜୀବନ ରାଜବରେ ଆୟୁଷ ଆସିଷ୍ଟାଣ୍ଟ ଭାବେ କାମ କରେ। ଉଭୟଙ୍କ ମଧ୍ୟରେ ସମ୍ପର୍କ ନିବିଡ଼ ସହ ନିୟମିତ ଭାବେ ଫୋନ ଜରିଆରେ ଯୋଗାଯୋଗରେ ରହିଆସୁଥିଲେ। ହଷ୍ଟେଲ ଯିବା ପୂର୍ବରୁ ଆବଶ୍ୟକ ସାମଗ୍ରୀ କିଣିବାକୁ ବ୍ରହ୍ମପୁର ଯିବେ ବୋଲି ଯୁବତୀ ଜଣକ ଜୀବନକୁ କହିଥିଲେ। ପରେ ଗତ ୧୩ତାରିଖରେ ଜୀବନ ନିଜ ସ୍କୁଟିରେ ଭାଟକୁମରଡା ଠାରୁ ଯୁବତୀଙ୍କୁ ବ୍ରହ୍ମପୁର ବଡବଜାର ଆଣି ମାର୍କେଟିଂ କରାଇଥିଲେ। ପରେ ଜୀବନ ସମ୍ପୃକ୍ତ ଯୁବତୀଙ୍କୁ ଅଶୋକନଗରରେ ରହୁଥିବା ନିଜ ମାଉସୀଙ୍କ ଘରକୁ ନେଇଥିଲା। ସେଠାରେ ଜୀବନ ସମ୍ପୃକ୍ତ ଯୁବତୀଙ୍କୁ ଅସଦାଚରଣ କରିବା ସହ ଦୁଷ୍କର୍ମ ଉଦ୍ୟମ କରିଥିବା ଅଭିଯୋଗ ହୋଇଛି। ଯୁବତୀ ଜଣକ ଏହାର ପ୍ରତିବାଦ କରିଥିଲେ। ଘଟଣାକୁ ନେଇ ଉଭୟଙ୍କ ମଧ୍ୟରେ ଯୁକ୍ତିତର୍କ ବେଳେ ଜୀବନ ଯୁବତୀଙ୍କୁ ବିବାହର ପ୍ରତିଶ୍ରୁତି ଦେଇ ପରେ ପ୍ରତାରଣା କରିଥିବା ଅଭିଯୋଗ ହୋଇଛି। ପରେ ଜୀବନ ଯୁବତୀଙ୍କୁ ନେଇ ଭାଟକୁମରଡା ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ସେଠାରୁ ତାଙ୍କୁ ଏମକେସିଜି ମେଡିକାଲକୁ ସ୍ଥାନାନ୍ତର କରାଯାଇଥିଲା। ଯୁବତୀ ଜଣକ ଡାକ୍ତରଖାନାରୁ ଡିସଚାର୍ଜ ହୋଇ ହଷ୍ଟେଲକୁ ଯାଇଥିଲେ। ତେବେ ବିବାହର ପ୍ରତିଶ୍ରୁତି ଦେଇ ସମ୍ପର୍କ ସ୍ଥାପନ କରିବା ପରେ ପ୍ରତାରଣା କରିଥିବା ନେଇ ଯୁବତୀ ଜଣକ ବୈଦ୍ୟନାଥପୁର ଥାନାରେ ଗତ ୨୧ତାରିଖରେ ଅଭିଯୋଗ କରିଥିଲେ। ଅଭିଯୋଗ ପାଇ ପୁଲିସ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ କରି ଅଭିଯୁକ୍ତ ଜୀବନକୁ ଗିରଫ କରି ମଙ୍ଗଳବାର କୋର୍ଟଚାଲାଣ କରିଛି।

# ଇନରହ୍ୱିଲ୍ କ୍ଲବ୍ ବ୍ରହ୍ମପୁର ଇଷ୍ଟର ଅଧିଷ୍ଠାନ ଉତ୍ସବ




ବ୍ରହ୍ମପୁର,୨୨।୭(ସମିସ): ଧର୍ମନଗର ସ୍ଥିତ ରୋଟାରୀ କ୍ଲବ ପରିସରରେ ଇନର ହୁଇଲ୍ କ୍ଲବ୍ ଅଫ ବ୍ରହ୍ମପୁର ଇଷ୍ଟ ପକ୍ଷରୁ ଅଧିଷ୍ଠାନ ଉତ୍ସବ ପାଳିତ ହୋଇଛି। ମୁଖ୍ୟ ଅତିଥି ଭାବେ ପୂର୍ବତନ ଜିଲ୍ଲା ଅଧ୍ୟକ୍ଷିକା ଟି. ଚିରଞ୍ଜିବି ଯୋଗ ଦେଇଥିବା ବେଳେ କ୍ଲବର ପୂର୍ବତନ ସଭାନେତ୍ରୀ ଏମ. ବାଣୀଶ୍ରୀ ଓ ପୂର୍ବତନ ସମ୍ପାଦିକା ମମତା ପଣ୍ଡା ମଞ୍ଚାସିନ ଥିଲେ। କାର୍ଯ୍ୟକ୍ରମରେ ନୂତନ ସଭାନେତ୍ରୀ ଅନ୍ନପୂର୍ଣ୍ଣା ବେହେରା ଓ ନୂତନ ସମ୍ପାଦିକା ସସ୍ମିତା ଚୌଧୁରୀଙ୍କୁ ଦାୟିତ୍ୱ ହସ୍ତାନ୍ତର କରିଥିଲେ। ନୂତନ କ୍ଲବ୍‌ର ସମସ୍ତ କର୍ମକର୍ତ୍ତାଙ୍କୁ ନେଇ ଶପଥ ପାଠ କରାଯାଇଥିଲା। କ୍ଲବ୍ ପକ୍ଷରୁ ଶ୍ରବଣ ଯନ୍ତ୍ର ପ୍ରଦାନ ସହ ଏକ ସ୍ମରଣିକା ଉନ୍ମୋଚନ କରାଯାଇଥିଲା।

ସକାଳ THE SAKALA
ବୁଧବାର
୨୩ ଜୁଲାଇ, ୨୦୨୫

www.sakalaepaper.com

● ପ୍ୟାରିସରେ ଅନ୍ତର୍ଜାତୀୟ ଇତିହାସ ଅଲମ୍ପିଆଡ

## ସ୍ୱର୍ଣ୍ଣ ଜିତିଲେ ଧର୍ମଗଡ଼ର ଇଶାନ ପାତ୍ର

ଧର୍ମଗଡ଼,୨୨।୭(ସମିସ): ସମ୍ପ୍ରତି ପ୍ୟାରିସରେ ଅନୁଷ୍ଠିତ ହୋଇଥିବା ଅନ୍ତର୍ଜାତୀୟ ଇତିହାସ ଅଲମ୍ପିଆଡରେ ସ୍ୱର୍ଣ୍ଣ ପଦକ ଜିତିଛନ୍ତି ଧର୍ମଗଡ ବ୍ଲକ୍ ଅନ୍ତର୍ଗତ ଗମ୍ଭାରୀଗୁଡାର ଇଶାନ ପାତ୍ର। ତାଙ୍କର ସଫଳତାରେ ଅଞ୍ଚଳରେ ଖୁସି ପ୍ରକାଶ ପାଇଛି।ଲିଙ୍ଗରାଜ ପାତ୍ର ଏବଂ ମୈତ୍ରେୟୀ ବେହେରାଙ୍କ ପୁଅ ଇଶାନ ପାତ୍ର, ପ୍ୟାରିସରେ ଅନୁଷ୍ଠିତ-୨୦୨୫ଅନ୍ତର୍ଜାତୀୟ ଇତିହାସ ଅଲିମ୍ପିଆଡରେ ସ୍ୱର୍ଣ୍ଣ ପଦକ ଜିତିଛନ୍ତି। କଳାହାଣ୍ଡି ଜିଲ୍ଲାର ଧର୍ମଗଡ଼ ସହର ନିକଟସ୍ଥ ଗମ୍ଭାରିଗୁଡ଼ାରୁ ଆସିଥିବା




ଇଶାନ ବର୍ତ୍ତମାନ ଜାପାନ ଦେଶ ପାଇଁ ପ୍ରତିନିଧିତ୍ୱ କରୁଛନ୍ତି। ଯେଉଁ ଠାରେ ସେ ଅଧ୍ୟୟନ କରୁଛନ୍ତି। ସେ ପୂର୍ବରୁ ଜାପାନରେ ଜାତୀୟସ୍ତରୀୟ ଇତିହାସ ଅଲିମ୍ପିଆଡରେ ଶୀର୍ଷ ସ୍ଥାନ ଅଧିକାର କରିଥିଲେ ଏବଂ ଗତ ବର୍ଷ ଥାଇଲ୍ୟାଣ୍ଡରେ ଏସୀୟ ଇତିହାସ ଅଲିମ୍ପିଆଡରେ ଅଂଶଗ୍ରହଣ କରିବା ପାଇଁ ମନୋନୀତ ହୋଇଥିଲେ। ଯେଉଁଠାରେ ସେ ସ୍ୱର୍ଣ୍ଣ ପଦକ ଜିତିଥିଲେ-ପ୍ୟାରିସରେ ଅନ୍ତର୍ଜାତୀୟ ଇଭେଣ୍ଟରେ ତାଙ୍କର ଚୟନ ପାଇଁ ପଥ ପ୍ରଶସ୍ତ କରିଥିଲେ। ଯଦିଓ ସେ ଜାପାନର ପ୍ରତିନିଧି ଭାବରେ ଅଂଶଗ୍ରହଣ କରିଥିଲେ ଇଶାନଙ୍କ ଉଲ୍ଲେଖନୀୟ ସଫଳତା ପରିବାର, ବନ୍ଧୁ, କଳାହାଣ୍ଡି ଏବଂ ଓଡ଼ିଶା ପାଇଁ ଗର୍ବ ଅଟେ।

## ନୂତନ ଉପଖଣ୍ଡ ପୁଲିସ ଅଧିକାରୀଙ୍କ ଯୋଗଦାନ



ଧର୍ମଗଡ଼,୨୨।୭(ସମିସ): କଳାହାଣ୍ଡି ଜିଲ୍ଲା ଧର୍ମଗଡ ଉପଖଣ୍ଡ ପୋଲିସ ଅଧିକାରୀଙ୍କ କାର୍ଯ୍ୟାଳୟରେ ସୋମବାର ନୂତନ ଉପଖଣ୍ଡ ପୁଲିସ ଅଧିକାରୀ ଭାବରେ ଦୋଳମଣି ଭୋଇ ଯୋଗ ଦେଇଛନ୍ତି। ପୂର୍ବରୁ ସେ କେଉଁଝରରେ ଉପଖଣ୍ଡ ପୁଲିସ ଅଧିକାରୀ ରହିଥିଲେ। ପୂର୍ବତନ ଉପଖଣ୍ଡ ପୁଲିସ ଅଧିକାରୀ ମନୋଜ କୁମାର ବେହେରାଙ୍କ ଅନ୍ୟତ୍ର ବଦଳି ହୋଇଥିବା ବେଳେ ଦୀର୍ଘ ଦିନ ଧରି ଏହି ପଦବୀ ଖାଲି ପଡିଥିଲା। ନୂତନ ଉପଖଣ୍ଡ ପୁଲିସ ଅଧିକାରୀ ଶ୍ରୀ ଭୋଇ ଯୋଗ ଦେବା ପରେ ଧର୍ମଗଡ ଥାନା ଅଧିକାରୀ ପ୍ରଶାନ୍ତ କୋଲାହରସ, ଏଆଇ ସନ୍ତୋଷ କୁମାର ସେଠୀ, ଏଏସଆଇ ସନ୍ତୋଷ ସିର୍କା, ପ୍ରବୀଣ କୁମାର ରଥ, ବୀରେନ୍ଦ୍ର ପଣ୍ଡା ପୁଷ୍ପଗୁଚ୍ଛ ଦେଇ ସ୍ୱାଗତ ଜଣାଇଥିଲେ।

### ରୋଗୀ କଲ୍ୟାଣ ସମିତି ବୈଠକ

# ଡାକ୍ତରଙ୍କ ଡ୍ୟୁଟିକୁ ନେଇ ଅସନ୍ତୋଷ

ଧର୍ମଗଡ଼,୨୨।୭(ସମିସ)



ଧର୍ମଗଡ ଉପଖଣ୍ଡ ଚିକିତ୍ସାଳୟରେ ଆଜି ରୋଗୀ କଲ୍ୟାଣ ସମିତି ବୈଠକ ଅନୁଷ୍ଠିତ ହୋଇଯାଇଛି। ରୋଗୀ କଲ୍ୟାଣ ସମିତି ଅଧ୍ୟକ୍ଷ ତଥା ଧର୍ମଗଡ ବିଧାୟକ ସୁଧିର ରଞ୍ଜନ ପଟ୍ଟଯୋଶୀଙ୍କ ସଭାପତିତ୍ୱରେ ବୈଠକ ଅନୁଷ୍ଠିତ ହୋଇଥିଲା। ବୈଠକରେ ଧର୍ମଗଡ ଉପଜିଲ୍ଲାପାଳ ଅଜୟ ତିର୍କି,ବୈଠକର ଆବାହକ ତଥା ଉପଖଣ୍ଡ ଚିକିତ୍ସାଧିକାରୀ ଡା.ସଦାନନ୍ଦ ପାଣିଗ୍ରାହୀ, ରୋଗୀ କଲ୍ୟାଣ ସମିତି ସଦସ୍ୟ ବିଷ୍ଣୁ ପ୍ରସାଦ ଅଗ୍ରୱାଲ, ଇଙ୍ଗିତ କୁମାର ପଣ୍ଡା,ବିଡ଼ିଓ ସଦାଶିବ ନାୟକ, ବ୍ଲକ୍ ଅଧକ୍ଷା ବବିତା ପଟ୍ଟଯୋଶୀ, ଏନଏସି ଅଧକ୍ଷ ଅଶୋକ ମହାନ୍ତିଙ୍କ ସମେତ ଅନ୍ୟମାନେ ଉପସ୍ଥିତ ଥିଲେ।

ଡାକ୍ତରଖାନାର ବିଭିନ୍ନ ସମସ୍ୟା, ଅଭାବ ଅସୁବିଧା ସମ୍ପର୍କ ରେ ଉପଖଣ୍ଡ ଚିକିତ୍ସାଧିକାରୀ ସମିତି କୁ ଅବଗତ କରାଇଥିଲେ। ଗୋଟିଏ ଶବବ୍ୟବଚ୍ଛେଦ ଗୃହ ନିର୍ମାଣ,ଚିକିତ୍ସାଳୟର ବାଉଣ୍ଡରୀ ୱାଲ ନିର୍ମାଣ, ଡ୍ରେନଜ ବ୍ୟବସ୍ଥା, ଶବବାହାକ ଗାଡ଼ିର ବ୍ୟବସ୍ଥା ସହ ଚିକିତ୍ସାଳୟ ହତାରେ ଦଲାଲ ରାଜକୁ ହଟାଇବା ସହ ସୁରକ୍ଷା ବ୍ୟବସ୍ଥା ଉପରେ ଆଲୋଚନା ହୋଇଥିଲା। ଖୁବଶୀଘ୍ର ଏକ ଶବ ବାହକ ଗାଡ଼ି ଯୋଗାଇ ଦିଆଯିବ ବୋଲି ବିଧାୟକ ପ୍ରତିଶ୍ରୁତି ଦେଇଥିଲେ। ତେବେ ଡାକ୍ତରମାନେ ହସ୍ପିଟାଲ ରେ ରୋଗୀଙ୍କୁ ଚିକିତ୍ସା କରିବା ପରିବର୍ତ୍ତେ ବାହାରେ ନିଜେ ସମ୍ପୃକ୍ତ ଥିବା କ୍ଲିନିକକୁ ରୋଗୀଙ୍କୁ ପଠାଇ ଚିକିତ୍ସା କରୁଥିବା ଅଭିଯୋଗ କରିଥିଲେ ସଦସ୍ୟ ବିଷ୍ଣୁ ପ୍ରସାଦ ଅଗ୍ରୱାଲ ଏଥି ସହ ବିଶେଷଜ୍ଞ ଡାକ୍ତରମାନେ ଓପିଡି ସମୟରେ ନିଜ ନିଜ ଚାମ୍ବରରେ ବସୁ ନ ଥିବାରୁ ରୋଗୀମାନେ ହଇରାଣ ହେଉ ଥିବା ଶ୍ରୀ ଅଗ୍ରୱାଲ ଅସନ୍ତୋଷ ପ୍ରକାଶ କରିଥିଲେ। ସକାଳ ଓପିଡି ସମୟରେ ବିଶେଷଜ୍ଞ ଡାକ୍ତରମାନେ ଚାମ୍ବରରେ ବସିବା ନେଇ ସୁନିଶ୍ଚିତ କରିବା ପାଇଁ ସେ ଉପଖଣ୍ଡ ଚିକିତ୍ସାଧିକାରୀଙ୍କୁ ଅନୁରୋଧ କରିଥିଲେ। ହସ୍ପିଟାଲ ମେନେଜର ସୋମେଶ୍ୱର ନାଏକ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ଯୌନ ଉତ୍ପୀଡ଼ନ ରୋକିବା ପାଇଁ ସଚେତନତା

କେସିଙ୍ଗା,୨୨।୭(ସମିସ):ତାଲୁକ ଆଇନ ସେବା ସମିତି କେସିଙ୍ଗା ପକ୍ଷରୁ କସୁପଡ଼ା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ପରିସରରେ ଆଇନ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି।ଏଥିରେ ମୁଖ୍ୟଅତିଥି ଭାବରେ ପ୍ରଥମ ଶ୍ରେଣୀ ବିଚାର ବିଭାଗୀୟ ବିଚାରପତି ତଥା ଅଧ୍ୟକ୍ଷା ତାଲୁକ ଆଇନ ସେବା ସମିତି କେସିଙ୍ଗା ଦୀପ୍ତା ସେଠୀ ଯୋଗ ଦେଇ ଉପସ୍ଥିତ ଛାତ୍ର ଛାତ୍ରୀମାନଙ୍କୁ କର୍ମ କ୍ଷେତ୍ରରେ ମହିଳାମାନଙ୍କ ଉପରେ ହେଉଥିବା ଯୌନ ଉତ୍ପୀଡନକୁ ରୋକିବା ତଥା ତତ୍ ସଂଲଗ୍ନ ବିଭିନ୍ନ ଆଇନ ଏବଂ ଆଦିବାସୀ ଜାତି ଓ ଜନଜାତି ଲୋକଙ୍କ ଉପରେ ହେଉଥିବା ଅତ୍ୟାଚାର ବିଷୟ ଉପରେ ଆଲୋଚନା କରିଥିଲେ।ଏଥିରେ ବରିଷ୍ଠ ଆଇନଜୀବି ସୌମ୍ୟରଞ୍ଜନ ମିଶ୍ର,ସୁକାନ୍ତ କୁମାର ପଧାନ, ହରିପ୍ରସାଦ ତାଣ୍ଡି, ସୌରରଶ୍ମି ନନ୍ଦ ପ୍ରମୁଖଙ୍କ ସମେତ ବିଦ୍ୟାଳୟର ଅଧ୍ୟକ୍ଷ ରମେଶ ଚନ୍ଦ୍ର ନାଏକ, କେସିଙ୍ଗା ଆଦର୍ଶ ଥାନାର ଏଏସଆଇ ଶାନ୍ତିଲତା ବାରିକ, ପାରାଲିଗାଲ ସ୍ୱେଚ୍ଛାସେବୀ ସନ୍ତୋଷ ଦଣ୍ଡସେନା ଏବଂ ବିଦ୍ୟାଳୟ କର୍ମଚାରୀ ଓ ଅଦାଲତ କର୍ମଚାରୀ ଉପସ୍ଥିତ ଥିଲେ।

## ନଙ୍ଗଲବୋର୍ଡ ଗ୍ରାମରେ ଝାଡ଼ାବାନ୍ତି ୧୬ ଆକ୍ରାନ୍ତ,୬ ଗୁରୁତର



ସିନାପାଲି,୨୨।୭(ସମିସ):ନୂଆପଡ଼ା ଜିଲ୍ଲା ସିନାପାଲି ବ୍ଲକ୍ ବଣପାହାଡ଼ ଘେରା ଉପାନ୍ତ ନଙ୍ଗଲବୋର୍ଡ ଗ୍ରାମରେ ଝାଡ଼ାବାନ୍ତି ୧୬ ଜଣ ଆକ୍ରାନ୍ତ ହୋଇ ଥିବା ବେଳେ ୬ ଜଣଙ୍କୁ ଗୁରୁତର ଅବସ୍ଥାରେ ସିନାପାଲି ଗୋଷ୍ଠି ସ୍ୱାସ୍ଥ୍ୟ କେନ୍ଦ୍ରରେ ଚିକିତ୍ସା ଚାଲିଛି। ଗୁରୁତର ବ୍ୟକ୍ତି ହେଲେ ବିଶି ମାଝି (୩୦), ଉଗ୍ରେସନ ମାଝି (୩୩), ବନିତା ମାଝି (୨୭), ମାଧୁରୀ ମାଝି (୫୦), ଗନସି ମାଝି (୪୫), ଦେବକୀ ମାଝି (୩୦) ବୋଲି ଜଣା ପଡିଛି। ଏଠାରେ ସୂଚନା ଯୋଗ୍ୟ ଯେ, ସିନାପାଲି ସଦର ମହକୁମା ଠାରୁ ଦୀର୍ଘ ୩୦ କିଲୋମିଟର ଦୂରରେ ଅବସ୍ଥିତ ଏହି ଗ୍ରାମରେ ଗତ ତିନିଦିନ ଧରି ଝାଡ଼ାବାନ୍ତି ବ୍ୟାପି ଥିବା ବେଳେ ସ୍ଥାନୀୟ ଗ୍ରାମର ଆଶା କର୍ମୀ ସିନାପାଲି ଗୋଷ୍ଠି ସ୍ୱାସ୍ଥ୍ୟ କେନ୍ଦ୍ରକୁ ଜଣାଇବା ପରେ ଆମ୍ବୁଲାନ୍ସ ଯୋଗେ ସିନାପାଲି ଗୋଷ୍ଠି ସ୍ୱାସ୍ଥ୍ୟ କେନ୍ଦ୍ରକୁ ଅଣାଯାଇ ଚିକିତ୍ସା ଚାଲିଥିବା ବେଳେ ଆସନ୍ତାକାଲି ଏକ ସ୍ୱତନ୍ତ୍ର ଟିମ୍ ଗାଁକୁ ଯାଇ ଅଧିକ ତଦନ୍ତ କରିବା ସହ ଆବଶ୍ୟକ ଚିକିତ୍ସା ସୁବିଧା ଯୋଗାଇ ଦେବାକୁ ଗୋଷ୍ଠି ସ୍ୱାସ୍ଥ୍ୟ କେନ୍ଦ୍ର ଅଧିକାରୀ ଡ. ଶ୍ରୀମାନ ସାହୁ କହିଛନ୍ତି।

## ସହକାରୀ ଉଦ୍ୟାନ କୃଷି ନିର୍ଦ୍ଦେଶକଙ୍କ କାର୍ଯ୍ୟାଳୟ ଉଦ୍‌ଘାଟିତ



ଧର୍ମଗଡ଼,୨୨।୭(ସମିସ): ଧର୍ମଗଡ ଠାରେ ସହକାରୀ ଉଦ୍ୟାନ କୃଷି ନିର୍ଦ୍ଦେଶକଙ୍କ ନୂତନ କାର୍ଯ୍ୟାଳୟ ଉଦ୍‌ଘାଟିତ ହୋଇଯାଇଛି। ଧର୍ମଗଡ ବିଧାୟକ ସୁଧୀର ରଞ୍ଜନ ପଟ୍ଟଯୋଷୀ ମୁଖ୍ୟଅତିଥି ଭାବେ ଯୋଗଦେଇ ନୂତନ କାର୍ଯ୍ୟାଳୟ ଉଦ୍‌ଘାଟନ କରିଥିଲେ। ଭାରପ୍ରାପ୍ତ ଉପଜିଲ୍ଲାପାଳ ଅଜୟ କୁମାର ତିର୍କୀ, କଳାହାଣ୍ଡି ଉଦ୍ୟାନ କୃଷି ଉପନିର୍ଦ୍ଦେଶକ ବିଷ୍ଣୁ ପ୍ରସାଦ ସିଂ,ଧର୍ମଗଡ ବ୍ଲକ୍ ଅଧକ୍ଷା ବବିତା ପଟ୍ଟଯୋଷୀ,ଏନ୍‌ଏସି ଅଧକ୍ଷ ଅଶୋକ କୁମାର ମହାନ୍ତି, ସହକାରୀ ଉଦ୍ୟାନ କୃଷି ନିର୍ଦ୍ଦେଶକ ମଳୟ କୁମାର ସିଂ,ସହକାରୀ କୃଷି ଯନ୍ତ୍ରୀ ଉପ ନିର୍ଦ୍ଦେଶକ ମନୋଜ କୁମାର ହୋତା ପ୍ରମୁଖ ଉପସ୍ଥିତ ଥିଲେ।ଏହି ଅବସରରେ 'ମା ପାଇଁ ଗଛ ଟିଏ' ଅଭିଯାନର ଅନ୍ତର୍ଗତ ବୃକ୍ଷରୋପଣ କାର୍ଯ୍ୟକ୍ରମ ହୋଇଥଲା।

### ଆଶଙ୍କାରେ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ

## ଧାନ କିଣାବେଳେ ପଞ୍ଜୀକରଣ ପ୍ରକ୍ରିୟାରେ ସାମିଲ ଦାବି



ନୂଆପଡା,୨୨।୭(ସମିସ):ଧାନକିଣାରେ ମହିଳା ସ୍ୱୟଂସହାୟକ ଦଳର ମହିଳାମାନଙ୍କୁ ନିୟୋଜିତ କରି ତତ୍କାଳୀନ ସରକାର ସ୍ୱାବଲମ୍ବୀ କରିବାକୁ ଉଦ୍ୟମ ଆରମ୍ଭ କରିଥିଲେ। ଏଥିରେ ମହିଳାମାନେ ସଫଳ ମଧ ହୋଇଥିଲେ। ଦ୍ୱି ପଇସା ରୋଜଗାର କରିବାର ରାସ୍ତା ଫିଟିଥିଲା। ହେଲେ ଏଥର ଆଗକୁ ଏଥିରୁ ବାଦ ପଡିବା ଆଶଙ୍କା ମହିଳାମାନଙ୍କୁ ବ୍ୟଥିତ କରୁଛି। ଏଥିପାଇଁ ସ୍ୱୟଂସହାୟକ ଦଳର ମହିଳାମାନେ ନୂଆପଡା ଆସି ଜିଲ୍ଲାପାଳଙ୍କୁ ଭେଟି ଦାବିପତ୍ର ପ୍ରଦାନ କରିଛନ୍ତି। ଆଗକୁ ଖରିଫ ଧାନକିଣାବେଳେ ଚାଷୀଙ୍କ ଧାନକିଣା ତଥ୍ୟ ପଞ୍ଜୀକରଣ ଦାୟୀତ୍ୱ ପ୍ରକ୍ରିୟାରେ ପରିବର୍ତ୍ତନ କରାଯାଇଥିବାରୁ ଆଶା ଆଶଙ୍କାରେ ନୂଆପଡା ଆସି ଜିଲ୍ଲାପାଳଙ୍କୁ ଦାବିପତ୍ର ପ୍ରଦାନ କରିଛନ୍ତି। ଆଜିକୁ ଛଅ ବର୍ଷ ଧରି ସ୍ୱୟଂ ସହାୟକ ଦଳର ମହିଳାମାନେ ଧାନକିଣା କାରବାରରେ ସାମିଲ ରହିଆସିଛନ୍ତି। ଏଥିରୁ ବେଶ ଦୁଇ ପଇସା ମଧ ରୋଜଗାର କରୁଥିଲେ। ଏଥିପାଇଁ ଚାଷ ସମୟରେ ଚାଷୀଙ୍କ ପଞ୍ଜୀକରଣ ପକ୍ରିୟା ମଧ ପରିଚାଳନା କରୁଥିଲେ। ହେଲେ ଏଥର କୁଆଡେ ଏଥିରୁ ସେମାନଙ୍କୁ ବାଦ ଦିଆଯାଇ ଏସବୁ ପ୍ୟାକ୍ସ ଦ୍?ାରା କରାଯାଉଛି। ଏଥିରେ ସ୍ୱୟଂ ସହାୟକ ଦଳ ଗୁଡିକୁ ସେମାନଙ୍କୁ ଆଗାମୀ ଦିନରେ ଧାନକିଣାରେ ବାଦ ଦିଆଯିବାର ଏକ ଚକ୍ରାନ୍ତ ଚାଲିଥିବା ନେଇ ଆଶଙ୍କାରେ ରହିଛନ୍ତି ୍ଝ ତେବେ ଏହାକୁ ନେଇ ବ୍ରାହ୍ମଣୀଗୁଡା ଏସଏଚ୍‌ଜି ସଭାପତି କସ୍ତୁରୀ ଗଂଜାରା, ସଂପାଦକ ସିଙ୍ଗଝର ମାଁ ତୁଳସୀ ଏସଏଚ୍‌ଜି ସଭାପତି ଲୋଚନି ନାଗ, ପ୍ରମିଳା ପ୍ରଧାନ, ଡୋଙ୍ଗରୀପାଲିରୁ ପଦନା ମାଝୀ, କାମପୁରରୁ ସେଫ ସୁଷମା ବେଗ, ସିନାପାଲିରୁ ଚାସନ୍ତି ମାଝୀ, କର୍ଲାକୋଟରୁ ଜମୁନା ଚେହେରା,ସାନମହେଶ୍?ରରୁ ଚମ୍ପାବତୀ, ବୁଡାପଡାରୁ ଦଶମତି ମାଝୀ ପ୍ରମୁଖ ନୂଆପଡା ଆସି ଜିଲ୍ଲାପାଳଙ୍କୁ ଭେଟିଦାବିପତ୍ର ପ୍ରଦାନ କରିଛନ୍ତି। ଏକ ଦାବିପତ୍ର ପ୍ରଦାନ କରିବା ସହ ସେମାନଙ୍କୁ ଧାନକିଣା ପାଇଁ ଚାଷୀ ପଞ୍ଜୀକରଣରେ ସାମିଲ କରିବାକୁ ଦାବି କରିଥିଲେ। ନୂତନ ନିୟମ ଅନୁସାରେ ପ୍ୟାକ୍ସକୁ ପଞ୍ଜୀକରଣ ଦାୟିତ୍ୱ ଦିଆଯାଇଛି। ଏଥିରେ ଆଗକୁ ବିଚାର କରାଯିବ ବୋଲି କହିଛନ୍ତି। ସୂଚନା ଯୋଗ୍ୟ ଯେ ଗତ ଖରିଫ ଋତୁରେ ଏସଏଚଜି ମାନଙ୍କ ଦ୍ୱାରା ଧାନକିଣା ଯାଇଥିଲେ ମଧ ସେମାନଙ୍କୁ ପ୍ରାପ୍ୟ ପ୍ରଦାନ କରାଯାଇନଥିବା ଅଭିଯୋଗ ହୋଇଛି।

ଏହା ମଧ ତୁରନ୍ତ ପ୍ରଦାନ କରିବାକୁ ମହିଳାମାନେ କହିଛନ୍ତି। ଏହି ଅବସରରେ ଜିଲ୍ଲା ବିଜେଡି ସଭାପତି ଅବନୀ ରଞ୍ଜନ ଯୋଷୀ ମହିଳାମାନଙ୍କୁ ଭେଟି ସେମାନଙ୍କ ଅଭିଯୋଗ ଉପରେ ଆଲୋଚନା କରିଥିଲେ।

■ ଭୂତ ଉଠାଇ ନେଉଛି ଭତ୍ତା ଟଙ୍କା ଘଟଣା

## ଖବର ପ୍ରକାଶନ ପରେ ହିତାଧିକାରୀ ନିକଟରେ ପହଞ୍ଚିଲା ଟଙ୍କା

ସିନାପାଲି,୨୨।୭(ସମିସ):ନୂଆପଡ଼ା ଜିଲ୍ଲା ସିନାପାଲି ବ୍ଲକ୍ କୁସୁମଯୋର ପଞ୍ଚାୟତ ବ୍ରାହ୍ମଣୀଗୁଡା ଗ୍ରାମର ମିଥିଳା ମାଝି ବୃଦ୍ଧାଙ୍କ ଭତ୍ତା ଟଙ୍କା ହଡ଼ପ ଘଟଣାକୁ ନେଇ ସକାଳ ଖବର କାଗଜରେ ପ୍ରକାଶ ପାଇବା ପରେ ପ୍ରଶାସନ ତରଫରୁ ତତ୍ପରତା ପ୍ରକାଶ ପାଇଛି। ମଙ୍ଗଳବାର ପୂର୍ବାହ୍ନରେ ନୂଆପଡ଼ା ଜିଲ୍ଲାପାଳ ମଧୁସୂଦନ ଦାସଙ୍କ ନିର୍ଦ୍ଦେଶକ୍ରମେ ସଂପୃକ୍ତ ହିତାଧିକାରୀ ପାଖକୁ ଯାଇ ତାଙ୍କର ତିନି ମାସର ୩୪୦୦ ଟଙ୍କା ପ୍ରଦାନ କରାଯାଇଥିବା ଜଣାପଡିଛି। ସିନାପାଲି ବ୍ଲକ୍ ସମାଜ ମଙ୍ଗଳ ଅଧିକାରୀ ହରେକୃଷ୍ଣ ନାଏକ,ପ୍ରୋଗ୍ରାମ ଆସିଷ୍ଟାଣ୍ଟ ଦୁଷ୍ମନ୍ତ ନାଗ, ପିଇଓ ବିସମ୍ବର ମାଝି, ସ୍ଥାନୀୟ ୱାର୍ଡ ସଭ୍ୟ ସୁକାଚନ ମାଝି ସମେତ ଗ୍ରାମର ଲୋକଙ୍କ ଉପସ୍ଥିତି ରେ ଭତ୍ତା ଟଙ୍କା ପ୍ରଦାନ କରାଯାଇଥିବା ସମାଜ ମଙ୍ଗଳ ଅଧିକାରୀ



ପ୍ରକାଶ କରିଛନ୍ତି। ପ୍ରକାଶ ଯେ, ଭତ୍ତା ଟଙ୍କା ପ୍ରଦାନ ଦାୟିତ୍ୱ ସଂପୃକ୍ତ ପିଇଓ ମାନଙ୍କ ହାତରେ ନ୍ୟସ୍ତ ରହିବା କଥା ହେଲେ ବିଭିନ୍ନ ସ୍ଥାନ ରେ ସରପଞ୍ଚ ଏପରିକି ପଞ୍ଚାୟତ ପିଅନ ଦାୟିତ୍ୱ ନିର୍ବାହ କରୁଛନ୍ତି। ଯାହା ଫଳରେ ଏଭଳି ଅବ୍ୟବସ୍ଥା ହେଉଥିବା ବେଳେ ଏଥି ପ୍ରତି ପ୍ରଶାସନିକ ଅଧିକାରୀ ମାନଙ୍କ ତାଗିଦ ନ ହେଲେ ଅବ୍ୟବସ୍ଥା ସାଙ୍ଗକୁ ଦୁର୍ନୀତି ହେବାର ଆଶଙ୍କା ରହିଛି। କିଛି ସ୍ଥାନରେ ହିତାଧିକାରୀ ମୃତ୍ୟୁବରଣ ପରେ ମଧ ଉପରିସ୍ଥ ଅଧିକାରୀଙ୍କୁ ଜଣାଉ ନ ଥିବାର ମାସାଧିକକାଳ ତାଙ୍କ ନାମରେ ଭତ୍ତା ଟଙ୍କା ଉଠାଣ ହେଉଥିବା ବେଳେ ତାଙ୍କ ସ୍ଥାନରେ ଅପେକ୍ଷା ରେ ଥିବା ଯୋଗ୍ୟ ହିତାଧିକାରୀ ଭତ୍ତା ପାଇବାରୁ ବଞ୍ଚିତ ହେଉଥିବା ଅଭିଯୋଗ ହେଉଛି।ପ୍ରଶାସନ ଏ ଦିଗରେ ଦୃଷ୍ଟି ଦେଇ ଆବଶ୍ୟକ ପଦକ୍ଷେପ ନେବାକୁ ଦାବି ହେଉଛି।

## 'ଆମ କୁନି ପିଲା' କାର୍ଯ୍ୟକ୍ରମ ପାଇଁ ଅଙ୍ଗନବାଡ଼ି କର୍ମୀଙ୍କ ତାଲିମ ଶିବିର

ଭବାନୀପାଟଣା,୨୨।୭(ସମିସ):ପ୍ରାକ ପ୍ରାଥମିକ ଶିକ୍ଷା ପାଇଁ ସଂପ୍ରତି ସହର ଠାରୁ ଗ୍ରାମାଞ୍ଚଳର ଶିଶୁମାନେ ପ୍ରାୟତଃ ଅଙ୍ଗନବାଡ଼ିର ସାହାଯ୍ୟ ନେଇଥାଆନ୍ତି। ଉପଯୁକ୍ତ ସମୟରେ ବିଭିନ୍ନ ଶିଶୁରୋଗ ପାଇଁ ପ୍ରତିଷେଧକ ଟୀକା ନେବା, ଓଜନ ଓ ଉଚ୍ଚତାର ମାପ ରଖିବା, ପୁଷ୍ଟିକର ରନ୍ଧା ଅବା ଶୁଖିଲା ଖାଦ୍ୟ ପିଲାମାନଙ୍କୁ ଦେବା, ପାଠ ପଢାଇବା ଓ କୌଣସି ରୋଗହେଲେ ପ୍ରାଥମିକ ଚିକିତ୍ସା ଦେବାପରେ ଡାକ୍ତରଙ୍କୁ ଦେଖାବା ଭଳି ବହୁ କାମ ଅଙ୍ଗନବାଡ଼ି କର୍ମୀ ଉତ୍ସାହର ସହିତ କରି କେବଳ ସହର ନୁହେଁ ଗ୍ରାମାଞ୍ଚଳର ତୃଣମୂଳସ୍ତରରେ ଜନ ସାଧାରଣଙ୍କ ପ୍ରିୟ ହୋଇପାରିଛନ୍ତି। ଏବେ କିନ୍ତୁ କଅଁଳ ବୟସର (ଜନ୍ମରୁ ତିନିବର୍ଷ ପର୍ଯ୍ୟନ୍ତ) ପିଲାଙ୍କ ପାଇଁ ଯେଉଁମାନେକି ବାପା ମାଆଙ୍କ ସହ ଘରେ ରହୁଛନ୍ତି ସେମାନଙ୍କ ପାଇଁ 'ଆମ କୁନିପିଲା' ନାମକ ନୂତନ କାର୍ଯ୍ୟକ୍ରମ ହାତକୁ ଶିଶୁ ବିକାଶ ବିଭାଗ।ଏହି କ୍ରମରେ ଜନ୍ମରୁ ଛଅ ମାସ ପର୍ଯ୍ୟନ୍ତ, ସାତ ମାସରୁ ଏକବର୍ଷ ପର୍ଯ୍ୟନ୍ତ,୧ ବର୍ଷରୁ ଦୁଇବର୍ଷ ଓ ୨ ବର୍ଷରୁ ୩ ବର୍ଷ ପର୍ଯ୍ୟନ୍ତ ଶିଶୁଙ୍କୁ ଅଙ୍ଗନବାଡି କର୍ମୀମାନେ କିଭଳି ପିଲାମାନଙ୍କ ଘରେ ଶିଶୁ ଓ ତାଙ୍କ ଅଭିଭାବକମାନଙ୍କୁ ଉପଯୁକ୍ତ ଶିକ୍ଷା



ଦେଇପାରିବେ ସେ ସମ୍ପର୍କରେ ଏକ ଦିବସୀୟ ତାଲିମ ଶିବିର ଅନୁଷ୍ଠିତ ହୋଇଥିଲା। ଡିଏସ୍ ଡବ୍ଲ୍ୟୁ ଓ,କଳାହାଣ୍ଡି ମୁଜିବେନ୍ ସାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ସ୍ଥାନୀୟ ବ୍ଲକ ପରିସରରେ ଏହି ତାଲିମ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା ଓ ଏଥିରେ ପ୍ରକଳ୍ପ ସମନ୍ୱିତ ଶିଶୁ ବିକାଶ ଭବାନୀପାଟଣା (ଗ୍ରାମାଞ୍ଚଳ)ର ସିଡିପିଓ ନିୟତିବାଳା ସୋରେନ୍ ଅଧ୍ୟକ୍ଷତା କରିଥିଲେ।ଏହି ତାଲିମ ଶିବିରରେ ବ୍ଲକ ଅଞ୍ଚଳର ବିଭିନ୍ନ ସେକ୍ଟରରୁ ୧୩୦ ଜଣ ଅଙ୍ଗନବାଡ଼ି କର୍ମୀ ଅଂଶ ଗ୍ରହଣ କରିଥିବା ଦେଖିବାକୁ ମିଳିଥିଲା।ସୁପରଭାଇଜର ଗୌରୀ ମୁଣ୍ଡା ପ୍ରଶିକ୍ଷକ ଭାବେ ଯୋଗଦେଇ କର୍ମୀଙ୍କୁ ଆଦ୍ୟ ଶୈଶବରୁ ୩ବର୍ଷ ପର୍ଯ୍ୟନ୍ତ ପିଲାଙ୍କୁ ବିଭିନ୍ନ ପ୍ରକାର ଝୁମକା, ରଙ୍ଗୀନ ବଲ,ନରମ କନାର କଣ୍ଢେଇ, ଚିତ୍ର ଆଲବମ,ତିନି ଚକିଆ ଗାଡି, ନଡିଆ ପତ୍ର ଓ ତାଳପତ୍ରରେ ତିଆରି ପେଁକାଳୀ,ନଡିଆକତା ଓ ଝୋଟରେ ତିଆରି କଣ୍ଢେଇ,ବିଭିନ୍ନ ପ୍ଲାଷ୍ଟିକ ବୋତଲ ଦେଇ ଗାଡି,ଦିଆସିଲି ଖୋଳରେ ରେଳଗାଡି ଆକୃତି,ଗଣନା ପାଇଁ ଠିପି, ମାଟିଗୋଲି,ପ୍ଲାଷ୍ଟିକ ଫୁଲଫଳର ନାଆଁ କହିବା ଆଦି ତାଲିମ ଦେଇଥିଲେ। ପିତାମାତା ତଥା ପରିବାର ସଦସ୍ୟଙ୍କ ଦ୍ୱାରା ଶିଶୁର ସୁଖଦ ଲାଳନ ପାଳନ,ତିନି ବର୍ଷ ପର୍ଯ୍ୟନ୍ତ ଶିଶୁଙ୍କ ସମ୍ପୂର୍ଣ୍ଣ ବିକାଶ ଓ ଶିଶୁ ପାଇଁ ଭବିଷ୍ୟତରେ ଯେପରି କୌଣସି ବିପଦ ନ ରହିବ ସେଥିପାଇଁ ଶିଶୁଙ୍କ ସାମୂହିକ ବିକାଶ ଦିଗରେ ଏହା ଏକ ଯୁଗାନ୍ତକାରୀ ପଦକ୍ଷେପ ବୋଲି ଆଲୋଚନା ହେଉଛି।

# ଜିଲ୍ଲାପାଳଙ୍କ ମୋହର ବାଜିଲେ ହେବ ପ୍ରକାଶନ

### ଚାଲିଛି ପ୍ରାଥମିକ ଶିକ୍ଷକ ବଦଳି

### ବଦଳି ଉପରେ ନେତାଙ୍କ ମୁଣ୍ଡ ବ୍ୟଥା ବଢୁଛି

ନୂଆପଡା,୨୨।୭(ସମିସ)

ନୂଆପଡା ଜିଲ୍ଲାରେ ପ୍ରାଥମିକ ଏବଂ ଉଚ୍ଚପ୍ରାଥମିକ ଶିକ୍ଷାରମାନ ବୃଦ୍ଧି ସହ ଶିକ୍ଷକ, ଶିକ୍ଷାୟତନର ମାନକୁ ଦୃଷ୍ଟିରେ ରଖି ନୂଆପଡା ଜିଲ୍ଲାପାଳ ମଧୁସୂଦନ ଦାଶ ଶିକ୍ଷା ବିଭାଗରେ ବୈପ୍ଳବିକ ପରିବର୍ତ୍ତନର ଚିନ୍ତା କରି ରାଜ୍ୟ ସରକାରଙ୍କ ଶିକ୍ଷକ ବଦଳି( ସମାନୁପାତିକରଣ) ନୀତିକୁ କାର୍ଯ୍ୟକାରୀ କରିବାକୁ ଅଣ୍ଟା ଭିଡିଥିବା ବେଳେ ଜିଲ୍ଲାଶିକ୍ଷାବିଭାଗ ସହ ବ୍ଲକ୍ ଶିକ୍ଷାଧିକାରୀମାନେ ଆଜିକୁ ସପ୍ତାହେ ହେବ କସରତ କରୁଛନ୍ତି। ପ୍ରଥମ ଥର ପାଇଁ ଏକ ନିର୍ଦ୍ଦିଷ୍ଟ ବିଦ୍ୟାଳୟରେ ଦଶ ବର୍ଷ ରହିଥିବା ଶିକ୍ଷକମାନଙ୍କୁ ଅନ୍ୟତ୍ର ବଦଳି କରାଯିବାକୁ ନିୟମରେ ରଖାଯାଇଥିବାରୁ ଜିଲ୍ଲାରେ ସର୍ବାଧିକ ସଂଖ୍ୟକ ଶିକ୍ଷଜଙ୍କ ବଦଳି ହେବା ନିଶ୍ଚିତ ହୋଇଛି ଯାହାକି ଏକ ଇତିହାସ ସୃଷ୍ଟି କରିବ। ଏଥିରେ ସ୍ୱଚ୍ଛତା ଆଣିବାକୁ ଜିଲ୍ଲାପାଳ ଅହରହ ବୈଠକ କରୁଛନ୍ତି। ହେଲେ ଜିଲ୍ଲାପାଳ ଡାଳେ ଡାଳେ ଗଲେ ତଳିଆ ଅସାଧୁ କର୍ମଚାରୀମାନେ ପତ୍ରେ ପତ୍ରେ ଯାଉଛନ୍ତି। ତାଲିକା ପ୍ରସ୍ତୁତି ବେଳେ ସମସ୍ତ ତଥ୍ୟକୁ ଗମ୍ଭୀରତାର ସହ ବିଚାର କରି ଗୁପ୍ତ ରଖିବାର ପ୍ରୟାସ କରାଯାଉଥିଲେ ହେଁ କର୍ମଚାରୀମାନେ କେଉଁଠି ନା କେଉଁଠି ପ୍ରକାଶ କରିଦେଉଥିବାରୁ ବର୍ତମାନ ଦାଣ୍ଡରୁ ଗଡି ବଜାରେ ଚର୍ଚ୍ଚାର ବିଷୟ ହୋଇଛି। କୁଆଡେ ସମସ୍ତ ପ୍ରସ୍ତୁତି ସରିଛି ଏବଂ ଏପରିକି ଜିଲ୍ଲାପାଳଙ୍କ ମୋହର ଅପେକ୍ଷାରେ ରହିଥିବାବେଳେ ଏହି ତାଲିକା ଉପରେ ସମସ୍ତଙ୍କ ନଜର ରହିଛି। ସୂଚନା ଯୋଗ୍ୟ ଯେ ରାଜ୍ୟ ସରକାରଙ୍କ ନିୟମ ଅନୁସାରେ ଜାତୀୟ ଶିକ୍ଷାନୀତିକୁ ଅଗ୍ରାଧିକାର ଦେଇ ଶିକ୍ଷକ ସମାନୁପାତିକରଣ କରିବା ସହ ଯେ କୌଣସି ଶିକ୍ଷକ ଏକ ନିର୍ଦ୍ଦିଷ୍ଟ ବିଦ୍ୟାଳୟରେ ଦଶ ବର୍ଷରୁ ଅଧିକ ସମୟ ଧରି ଶିକ୍ଷକତା କରୁଥିଲେ ତାଙ୍କୁ ଅନ୍ୟତ୍ର ବଦଳି କରାଯିବା କଥା। ଏହାକୁ ବିଗତ ଦିନମାନଙ୍କରେ ଜିଲ୍ଲା ଶିକ୍ଷା ବିଭାଗକୁ ଗୁରୁତ୍ୱ ଦେଇନଥିଲା। ଅନ୍ୟପଟେ ଜିଲ୍ଲାରେ ଶିକ୍ଷାର ଗୁଣାରକ ମାନ ପ୍ରଭାବିତ ହେଉଥିଲା। ଏହାକୁ ଏବର ଜିଲ୍ଲାପାଳ ମଧୁସୂଦନ ଦାଶ ଏଥିରେ ସ୍ୱଚ୍ଛତା ଆଣିବାକୁ ବଦଳି ପ୍ରକ୍ରିୟା ହାତକୁନେଇଛନ୍ତି। ଏଥିରେ ସ୍ୱଚ୍ଛତା ଆଣିବାକୁ ଅତିରିକ୍ତ ଜିଲ୍ଲାପାଳଙ୍କ ଦାୟୀତ୍ୱରେ ସମସ୍ତ ବ୍ଲକ ଶିକ୍ଷାଧିକାରୀ, ଜିଲ୍ଲାଶିକ୍ଷାଧିକାରୀଙ୍କୁ ନେଇ ମାରାଥନ ବୈଠକ ଚାଲିଛି। ଚୂଡାନ୍ତ ପର୍ଯ୍ୟାୟରେ ପହଞ୍ଚିଛି । ମିଳିଥିବା ତଥ୍ୟମୁତାବକ ଜିଲ୍ଲାରେ ମୋଟ ୮୯୮ଟି ପ୍ରାଥମିକ ଏବଂ ଉଚ୍ଚପ୍ରାଥମିକ ବିଦ୍ୟାଳୟ ରହିଛି। ଏଥିରେ ମୋଟ ୪୧୦୦ଶିକ୍ଷକ ଶିକ୍ଷୟିତ୍ରୀ ଶିକ୍ଷାଦାନ କରୁଛନ୍ତି। ହେଲେ ଏଥର ପ୍ରଥମ କରି ସର୍ବାଧିକ ୧୭୦୦ରୁ ଉର୍ଦ୍ଧ୍ୱ ସଂଖ୍ୟକ ଶିକ୍ଷକଙ୍କ ବଦଳି ହେଉଥିବା ଏକ ନିର୍ଭର ଯୋଗ୍ୟ ସୂତ୍ରରୁ ପ୍ରକାଶ। ହେଲେ ତାଲିକା ପ୍ରକାଶରେ ବିଳମ୍ବ ହେଉଥିବାରୁ କଙ୍କଡାକୁ ଗୋଳି ପାଣି ଭଳି ଏହା ଅସାଧୁ କର୍ମଚାରୀଙ୍କୁ ସୁହାଉଛି। ଏହି ପ୍ରକ୍ରିୟାରେ ସାମିଲ ଥିବା କିଛି ତଳିଆ କର୍ମଚାରୀ ତାଲିକା ପ୍ରଘଟ କରୁଥିବାରୁ ସାଧାରଣରେ ତୁମ୍ବିତୋଫାନ ହେବାକୁ ବସିଛି। ଉଦାହରଣ ଭାବେ କୋମନା ବ୍ଲକ ଅନ୍ତର୍ଗତ ମେଣ୍ଢାଟାଲ ଉଚ୍ଚପ୍ରାଥମିକ ବିଦ୍ୟାଳୟର ପ୍ରଧାନଶିକ୍ଷକଙ୍କ ବଦଳି ହୋଇଥିବା ଖବର ଜାଣି ଗ୍ରାମବାସୀ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟକୁ ଆସିଥିଲେ। ତାକୁ ବାତିଲ କରାଯିବାକୁ ଦାବି କରିଥିଲେ। ଏହିଭଳି ବଦଳି ହୋଇଥିବା ଶିକ୍ଷକମାନଙ୍କ ବଦଳି ତାଲିକା ଧରି କିଛି କର୍ମଚାରୀ ଟଙ୍କା ଅସୁଲିର ମାଧ୍ୟମ କରିଥିବା କୁହାଯାଉଛି। ଅନ୍ୟପଟେ ଦଳୀୟ ନେତାମାନେ ମଧ ସେମାନଙ୍କର ତାଲିକା ଉଚ୍ଚବାଚ କରିବାରେ ଅଣ୍ଟା ଭିଡିଥିବା ଚର୍ଚ୍ଚା ହେଉଛି। ଏଭଳି ସ୍ଥିତିରେ ତାଲିକା ପ୍ରକାଶନରେ ଯେତିକି ବିଳମ୍ବ ହେଉଛି ଅସାଧୁ କର୍ମଚାରୀ ମାନେ ବଦଳି ବାତିଲ ହୋଇଗଲା ବୋଲି ଶିକ୍ଷକ ମାନଙ୍କୁ ଭ୍ରମିତ କରୁଛନ୍ତି।ଏହା ଉପରେ ଜିଲ୍ଲାପାଳଙ୍କୁ ପଚାରିବାରେ ସମସ୍ତ ପ୍ରସ୍ତୁତି ଚୂଡାନ୍ତ ହୋଇଛି। ଖୁବ ଶିଘ୍ର ତାଲିକା ପ୍ରକାଶିତ ହେବ ବୋଲି କହିଛନ୍ତି।

## ପୀଡ଼ିତା ପରିବାରକୁ ଭେଟିଲା କଂଗ୍ରେସ ଓ ବିଜେପି ଦଳ



କୋକସରା,୨୨।୭(ସମିସ): କୋକସରା ବ୍ଲକ୍ ଆମପାଣି ଥାନା ଅଞ୍ଚଳର ଜଣେ ନାବାଳିକାକୁ ଦୁଷ୍କର୍ମ ହୋଇଥିବା ନେଇ ଅଭିଯୋଗ ହୋଇଛି। ଅଭିଯୁକ୍ତ ଯୁବକ ନକୁଳ ବେହେରା(୨୨)ଙ୍କୁ ପୁଲିସ ଗିରଫ କରି କୋର୍ଟ ଚାଲାଣ କରିଛି। ଏହି ସମ୍ବେଦନଶୀଳ ଘଟଣାକୁ ନେଇ ମଙ୍ଗଳବାର କଂଗ୍ରେସ ଓ ବିଜେପି ଉଭୟ ଦଳର ପ୍ରତିନିଧି ଦଳ ଗାଁକୁ ଯାଇ ନାବାଳିକା ପୀଡିତା ଓ ତାଙ୍କ ପରିବାର ଲୋକଙ୍କୁ ସାକ୍ଷାତ କରିଛନ୍ତି। କଂଗ୍ରେସର ୫ ଜଣିଆ ମହିଳା ପ୍ରତିନିଧି ଦଳରେ ସାଂସଦ ପ୍ରାର୍ଥୀନି ଦ୍ରୌପଦୀ ମାଝୀଙ୍କ ଅଧକ୍ଷତାରେ ଜ୍ୟୋସ୍ନାମୟୀ ବଗର୍ତ୍ତୀ, ମାଣିକ୍ୟ ସୁନା, ମନ୍ଦାକିନୀ ବାଣୁଆ, ପ୍ରଗତି ନାଏକ ପ୍ରମୁଖ ସାମିଲ ହୋଇଥିଲେ। ଏହି ଟିମ୍ ପୀଡ଼ିତା ଓ ତାଙ୍କ ପରିବାର ସହିତ ଆଲୋଚନା କରି ତଥ୍ୟ ସଂଗ୍ରହ କରିଛନ୍ତି। ଏହା ସହିତ ଆବଶ୍ୟକୀୟ ପଦକ୍ଷେପ ଗ୍ରହଣ କରିବା ପାଇଁ ଜିଲ୍ଲା କଂଗ୍ରେସ କମିଟିକୁ ଏକ ବିସ୍ତୃତ ସୂଚନା ଦେବା ସହିତ ଦୋଷୀଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ଦାବି କରିବା ନେଇ ସୂଚନା ଦେଇଛନ୍ତି। ଏହି ୫ ଜଣିଆ ପ୍ରତିନିଧି ଦଳ ଗସ୍ତ ସମୟରେ ସ୍ଥାନୀୟ ବ୍ଲକ୍ କଂଗ୍ରେସ ସଭାପତି ଲିଙ୍ଗରାଜ ବେହେରା, ତ୍ରିଭୁବନ ନାଏକ, ଅରୁଣ ମାଝୀ, ହରିଶ୍ଚନ୍ଦ୍ର ନାଏକ, ବେନୁପାଣି ଦୁର୍ଗା, ଟିକିଚନ୍ଦ୍ର ଧଙ୍ଗ?ମାଝୀ, ଅଜୟ ପଣ୍ଡା, ମନୋରଞ୍ଜନ ବଣୁଆ ପ୍ରମୁଖ ସାମିଲ ହୋଇଥିଲେ। ସେହିପରି ବିଜେପି ପକ୍ଷରୁ ମଧ ଏକ ପ୍ରତିନିଧି ଦଳ ପୀଡ଼ିତାଙ୍କ ଗାଁକୁ ଯାଇ ତାଙ୍କ ପରିବାର ଲୋକଙ୍କୁ ସାକ୍ଷାତ କରିଛନ୍ତି। ଘଟଣା ପ୍ରତି ରାଜ୍ୟ ସରକାର ପୀଡିତା ପରିବାର ପ୍ରତି ସହାନୁଭୂତି ପ୍ରକାଶ କରିଛନ୍ତି।

**ବାଡ଼ ଖାଉଛି ଫସଲ**

# ରେଞ୍ଜ ଅଫିସ୍ ନା ଫର୍ଣ୍ଣିଚର୍ ଫ୍ୟାକ୍ଟ୍ରି

ନୟାଗଡ଼, ୨୨।୭ (ସମିସ)

ନୟାଗଡ଼ ବନବିଭାଗ ଜଙ୍ଗଲ ସୁରକ୍ଷା ବଦଳରେ ଜଙ୍ଗଲ ଲୁଟ କରୁଛି। ବନ କର୍ମଚାରୀମାନେ ନିଜ ସ୍ୱାର୍ଥ ସାଧନକୁ ବିଶେଷ ଗୁରୁତ୍ୱ ଦେଉଛନ୍ତି। ବନୀକରଣ ନାଁରେ ସରକାରୀ ଅର୍ଥକୁ ଅପବ୍ୟୟ କରୁଥିବା ବେଳେ ଏବେ ବନ କର୍ମଚାରୀ କାର୍ଯ୍ୟାଳୟରେ କାଠ ଫର୍ଣ୍ଣିଚର କାର୍ଯ୍ୟ କରି

- **୪ ମାସ ହେଲା ଚାଲିଛି କାଠ କାମ**
- **ପୂରଣ ହେଉଛି ବଡ଼ ଅଧିକାରୀଙ୍କ ସଉକ**

ବଡ଼ ଅଧିକାରୀଙ୍କ ସଉକ ପୂରଣ କରୁଥିବା ଅଭିଯୋଗ ହେଉଛି। ନୟାଗଡ଼ ବନଖଣ୍ଡ ଅଧୀନସ୍ଥ ନୟାଗଡ଼ ବନାଞ୍ଚଳ କାର୍ଯ୍ୟାଳୟରେ ଦୀର୍ଘଦିନ ଧରି ଫର୍ଣ୍ଣିଚର କାମ ଚାଲୁଥିବା ଅଭିଯୋଗ ହୋଇ ଆସୁଥିଲା। ଯାହା ଆଜି ଗଣମାଧ୍ୟମ ସାମ୍ନାକୁ ଆସିଛି। ନୟାଗଡ଼ ବନଖଣ୍ଡ ଅଧିକାରୀଙ୍କ ପୁରୁଣା କ୍ୱାର୍ଟର ତଥା ନୂତନ ଭାବେ ନିର୍ମାଣ କରାଯାଇଥିବା ବନାଞ୍ଚଳ କାର୍ଯ୍ୟାଳୟ ପଛ ପାଖରେ କିଛି କାଠମିସ୍ତ୍ରିଙ୍କୁ ଧରି ଏଭଳି କାରନାମା ଚାଲିଥିବା ଦେଖାଯାଇଛି।





ନୟାଗଡ଼ ରେଞ୍ଜର ଅଶୋକ କୁମାର ବିଶ୍ୱାଳଙ୍କ ପ୍ରତ୍ୟେକ୍ଷ ତତ୍ତ୍ୱାବଧାନରେ ଏହି କାଠ କାମ ଚାଲିଥିବା ଦେଖିବାକୁ ମିଳିଛି। ଦୀର୍ଘଦିନ ଧରି ଏଠାରେ କାର୍ଯ୍ୟ ଚାଲୁଥିବା ପାରିପାର୍ଶ୍ୱିକ ଅବସ୍ଥାରୁ ଦେଖାଯାଇଛି। କବାଟ, ଝରକା, ଡାଇନିଂ ସେଟ୍, ବକ୍ସ ଖଟ ପ୍ରଭୃତି ନିର୍ମାଣ କରାଯାଉଥିବା ଦେଖିବାକୁ ମିଳିଛି। ଏହା ବ୍ୟତିତ ଦୁଇଟି ସଟର ରୁମ ତଥା ପୁରୁଣା ଗ୍ୟାରେଜ୍ ଘରେ ବ୍ୟାପକ ପରିମାଣର କାଠ ପଟା ମହଜୁଦ ରଖାଯାଇଥିବା ଦେଖାଯାଇଛି। ସ୍ଥାନୀୟ ଲୋକଙ୍କ କହିବାନୁସାରେ ଦୀର୍ଘ ୪ ମାସ ହେଲା ଏଠାରେ କାଠ ଆସବାବ ପତ୍ର ନିର୍ମାଣ କରାଯାଉଛି। ଏହି ଆସବାବ ପତ୍ରକୁ ବନବିଭାଗ ବରିଷ୍ଠ ଅଧିକାରୀଙ୍କ ଘରକୁ ପଠାଯାଉଛି। ଦାମୀ କାଠରେ ଖଟ ଏବଂ ଡାଇନିଂ ସେଟ୍ ନିର୍ମାଣ କରି କିଛି ବନକର୍ମଚାରୀ ବିକ୍ରି କରୁଥିବା ମଧ୍ୟ ଅଭିଯୋଗ ଆସିଛି। ଆଜି ହଠାତ୍ ଗଣମାଧ୍ୟମ ପ୍ରତିନିଧିମାନେ ବନାଞ୍ଚଳ କାର୍ଯ୍ୟାଳୟରେ ପହଞ୍ଚିବା ପରେ ବନାଞ୍ଚଳ ଅଧିକାରୀ ହଡ଼ବଡ଼େଇ ଯାଇଥିଲେ। ଏ ସବୁ ବନବିଭାଗ ବଙ୍ଗଳା ଏବଂ କ୍ୱାର୍ଟର ପାଇଁ ନିର୍ମାଣ କରାଯାଉଥିବା ଗଣମାଧ୍ୟମକୁ ସୂଚନା ଦେଇଥିଲେ। ଏଥିପାଇଁ ବନଖଣ୍ଡ ଅଧିକାରୀଙ୍କଠାରୁ ଅନୁମତି ଅଣା ଯାଇଥିବା ବେଳେ ରୟାଲିଟ୍ ମଧ୍ୟ ଡିପୋଜିଟ୍ ହୋଇଥିବା କହିଥିଲେ। ବିଭିନ୍ନ ୟୁଡି କେସରେ ଜବତ ହୋଇଥିବା କାଠରେ ବନବିଭାଗ ପାଇଁ ଆବଶ୍ୟକ ଆସବାବପତ୍ର ନିର୍ମାଣ ହେଉଥିବା କହିଥିଲେ। ଏଠାରେ ପ୍ରକାଶ ଯୋଗ୍ୟ ନୟାଗଡ଼ ବନାଞ୍ଚଳ ଅଧିକାରୀଙ୍କ ପାଇଁ ନିର୍ମାଣ କରାଯାଉଥିବା କ୍ୱାର୍ଟରରେ ସମସ୍ତ କବାଟ, ଝରକା ଲାଗି ସାରିଥିବା ଦେଖିବାକୁ ମିଳିଛି। ତଥାପି ଆହୁରି କବାଟ ଝରକା ନିର୍ମାଣ କରାଯିବା, ବିଳାସପୂର୍ଣ୍ଣ ଖଟ ଓ ଡାଇନିଂ ସେଟ୍ ନିର୍ମାଣ କରାଯିବା ଘଟଣାକୁ ଆହୁରି ସମ୍ବେଦନଶୀଳ କରୁଛି। ବନବିଭାଗ ବରିଷ୍ଠ ଅଧିକାରୀ ଏହି ଘଟଣାର ଛାନଭିନ୍ କରିବା ଆବଶ୍ୟକ ବୋଲି ମତ ପ୍ରକାଶ ପାଇଛି।

## ଯୌନ ନିର୍ଯାତନାକୁ ବିରୋଧ ପାଇଁ ଶପଥ

ଭାପୁର, ୨୨।୭ (ସମିସ): ସମାଜର ପ୍ରତ୍ୟେକ ସ୍ତରରେ ନାରୀ ସୁରକ୍ଷା ବିଶେଷ କରି ଉଚ୍ଚ ଶିକ୍ଷିତାଙ୍କ କ୍ଷେତ୍ରରେ ଯୌନ ନିର୍ଯାତନା ବୃଦ୍ଧି ପାଇଛି। ବିଦ୍ୟାଳୟ ଓ ମହାବିଦ୍ୟାଳୟରେ ଅଧ୍ୟୟନ କରୁଥିବା ଛାତ୍ରୀମାନେ ଏହାର ଶିକାର ଅଧିକ ହେଉଛନ୍ତି। ଏହାର ନିରାକରଣ ପାଇଁ ଯୁବ ସମାଜ ସଚେତନତା ହେବାର ଆବଶ୍ୟକତା ରହିଛି। ମଙ୍ଗଳବାର ଦିନ ନୟାଗଡ଼ ଜିଲ୍ଲା ଭାପୁର ବ୍ଲକ ଟିକିରିପଡ଼ା ସ୍ଥିତ ବାଲୁଙ୍କେଶ୍ୱର ଦେବ ଆଞ୍ଚଳିକ ଡିଗ୍ରୀ କଲେଜରେ ଅଧାପକଙ୍କ ତରଫରୁ ଛାତ୍ରଛାତ୍ରୀଙ୍କୁ ନେଇ ଏକ ସଚେତନତା ଶିବିର ଆୟୋଜିତ ହୋଇ ସମସ୍ତ ଛାତ୍ରଛାତ୍ରୀ ଯୌନ ନିର୍ଯ୍ୟାତନାକୁ ବିରୋଧ କରିବା ଓ ଅନ୍ୟଙ୍କୁ ସଚେତନତା କରାଇବା ପାଇଁ ଶପଥ ପାଠ କରିଥିଲେ। ମହାବିଦ୍ୟାଳୟର ଅଧକ୍ଷ ପୂର୍ଣ୍ଣଚନ୍ଦ୍ର ସାହୁଙ୍କ ପୌରୋହିତରେ ଆୟୋଜିତ ଏହି ସଚେତନତା କାର୍ଯ୍ୟକ୍ରମରେ ମହାବିଦ୍ୟାଳୟର ୧୫୦ ଛାତ୍ରଛାତ୍ରୀ ଅଂଶ ଗ୍ରହଣ କରିଥିଲେ। ଅଧାପକ ପ୍ରସନ୍ନ କୁମାର ମହାରଣା ସମସ୍ତ ଛାତ୍ରଛାତ୍ରୀଙ୍କୁ ଶପଥ ପାଠ କରାଇଥିଲେ। ଛାତ୍ରଛାତ୍ରୀମାନେ ଶପଥ ପାଠ କରି ଯୌନ ନିର୍ଯ୍ୟାତନା ଭଳି କୁତ୍ସିତ କାର୍ଯ୍ୟକୁ ବିରୋଧ କରିବା ସହ ଅନ୍ୟମାନଙ୍କୁ ମଧ୍ୟ ଏ ନେଇ ସଚେତନତା କରାଇବେ ବୋଲି ଶପଥ କରିଥିଲେ। ସମାଜକୁ ଏପରି ଏକ ସୁନ୍ଦର ବାର୍ତ୍ତା ପ୍ରଦାନ କରୁଥିବା କାର୍ଯ୍ୟକ୍ରମରେ ଅଧାପକ ସତ୍ୟସୁନ୍ଦର ଦାଶ, ଲକ୍ଷ୍ମୀଧର ଜେନା, ଦାଶରଥି ରାଉତ, ପ୍ରକାଶ କୁମାର ସାହୁ, ମାୟାଧର ରାଉତରାୟ, ଜ୍ୟୋତି ପ୍ରକାଶ ସୁବୁଦ୍ଧି, ବିଜୟ ଲକ୍ଷ୍ମୀ ମଙ୍ଗରାଜ, ସଂଘମିତ୍ରା ଆଚାର୍ଯ୍ୟ ଓ ଲକ୍ଷ୍ମୀଧର ରାଉତ ଉପସ୍ଥିତ ଥିଲେ।

**■ ପାଇପ୍ ଲାଇନ୍ ବିଛାଇବା ବେଳେ ଅଘଟଣ**

## ଦବିଗଲା ନୟାଗଡ଼ ଗୋଲେଇ ଛକ




ନୟାଗଡ଼, ୨୨।୭ (ସମିସ): ନୟାଗଡ଼ ଜିଲ୍ଲା ଓଡ଼ଗାଁ ବ୍ଲକକୁ ପାନୀୟ ଜଳ ଯୋଗାଣ ପାଇଁ ମେଗା ପାନୀୟ ଜଳ ପ୍ରକଳ୍ପ ବ୍ୟବସ୍ଥା କାର୍ଯ୍ୟକାରୀ ହେଉଛି। ଏଥିପାଇଁ ବହୁ ବିରୋଧ ସତ୍ତ୍ୱେ ନୟାଗଡ଼ ସହର ଦେଇ ପାଇପ ଲାଇନ ବିଛାଇବା କାର୍ଯ୍ୟ କରାଯାଉଛି। ଠିକା ସଂସ୍ଥା ନୟାଗଡ଼ ଗୋଲେଇ ଛକରେ ଚ୍ୟାମ୍ବର ନିର୍ମାଣ କରିବା ସହ ଭୂତଳ ପାଇପ ଲାଇନ ବିଛାଇବା କାର୍ଯ୍ୟ କରୁଛି। ଆଜି ନିର୍ମାଣାଧୀନ ଚ୍ୟାମ୍ବରଠାରୁ ଗୋଲେଇ ଛକ ଦେଇ ଭୂତଳ ପାଇପ ଲାଇନ ବିଛାଇବା କାର୍ଯ୍ୟ କରାଯାଉଥିବା ବେଳେ ଗୋଲେଇ ଛକ ରାସ୍ତା ଦବି ଯାଇଛି। ୪ ଫୁଟ ଖାଲ ହେବା ସହ ମାଟି ଦବି ଯିବାରୁ ଉକ୍ତ ରାସ୍ତାରେ ଗାଡ଼ି ମୋଟର ଚଳାଚଳ ବନ୍ଦ କରାଯାଇଛି। ଟ୍ରାଫିକକୁ ଏକ ପାଖିଆ କରାଯାଇଥିବା ବେଳେ ଏହି ଅଘଟଣରେ କାହାର କୌଣସି କ୍ଷୟକ୍ଷତି ହୋଇନାହିଁ। ଦୁଇ ବର୍ଷ ତଳେ ଜାତୀୟ ରାଜପଥ ବିଭାଗ ଦ୍ୱାରା ୨ କୋଟି ଟଙ୍କା ବ୍ୟୟ କରାଯାଇ ନୟାଗଡ଼ ମୁଖ୍ୟ ଟ୍ରାଫିକ ଛକକୁ ଗୋଲେଇ ଛକରେ ପରିଣତ କରାଯାଇଥିଲା। ଏହି କାର୍ଯ୍ୟ ନୟାଗଡ଼କୁ ଏକ ନୂତନ ସୌନ୍ଦର୍ଯ୍ୟ ଦେଇଥିଲା। ଗୋଲେଇ ଛକ ଦେଇ ପାଇପ ଲାଇନ ବିଛାଇବା ଦ୍ୱାରା ମାଟି ଦବି ଯାଇଛି। ଏହି ପାଇପ୍ ଲାଇନ ଦ୍ୱାରା ଭବିଷ୍ୟତରେ ମଧ୍ୟ ଅଘଟଣ ଆଶଙ୍କା କରାଯାଉଛି।

## ଗୋଚର ଜମି ଜବର ଦଖଲ ଅଭିଯୋଗ

ନୟାଗଡ଼, ୨୨।୭ (ସମିସ): ନୟାଗଡ଼ ଜିଲ୍ଲା ଭାପୁର ବ୍ଲକ ୧୯ ନମ୍ବର ଜୋନ ଜିଲ୍ଲା ପରିଷଦ ସଭ୍ୟଙ୍କ ଘର ଏକ ଗୋଚର ଜମିରେ ନିର୍ମିତ ହୋଇଥିବା ଆଜି ଭାପୁର ତହସିଲଦାରଙ୍କ ନିକଟରେ ଅଭିଯୋଗ ହୋଇଛି। ଏନେଇ ତଦନ୍ତ କରାଯିବ ବୋଲି ପ୍ରଶାସନିକ ଅଧିକାରୀ କହିଛନ୍ତି। ଭାପୁର ପଞ୍ଚାୟତ ଭାପୁର ଗ୍ରାମରେ ୧୯ ନମ୍ବର ଜିଲ୍ଲା ପରିଷଦ ସଭ୍ୟ ସୁଶାନ୍ତ କୁମାର ସାହୁଙ୍କ ବାପା ତ୍ରିନାଥ ସାହୁ ଏକ ଘର ବହୁ ବର୍ଷ ତଳେ ନିର୍ମାଣ କରିଛନ୍ତି। ଏହା ଏକ ଗୋଚର କିସମ ଜମି ବୋଲି ଗ୍ରାମବାସୀମାନେ ଅଭିଯୋଗ କରିଛନ୍ତି। ମଙ୍ଗଳବାର ଗ୍ରାମର ଜନୈକ ବ୍ୟକ୍ତି ସୁଦର୍ଶନ ଦେହୁରୀ ଭାପୁର ଅତିରିକ୍ତ ତହସିଲଦାର ରାଜାରାମ ଛତ୍ରିଆଙ୍କ ନିକଟରେ ଏନେଇ ଲିଖିତ ଅଭିଯୋଗ କରିଛନ୍ତି।

## ଅଙ୍ଗଦାନ କରିଥିବା ଯୁବକଙ୍କ ବିୟୋଗରେ ସ୍ମୃତିସଭା

କଣ୍ଟିଲୋ, ୨୨।୭ (ସମିସ): କଣ୍ଟିଲୋ ଗ୍ରାମପଞ୍ଚାୟତ ପକ୍ଷରୁ ଫକୀର ଅତବୁଦ୍ଧି ପାଟଣା ଗ୍ରାମର ଅଙ୍ଗଦାନ କରିଥିବା ମୃତକ ଯୁବକ ସୌମ୍ୟରଞ୍ଜନ ବେହେରାଙ୍କ ବିୟୋଗରେ ଏକ ସ୍ମୃତିସଭା ସ୍ଥାନୀୟ ବାତ୍ୟା ଆଶ୍ରୟସ୍ଥଳ ପରିସରରେ ଅନୁଷ୍ଠିତ ହୋଇଯାଇଛି। ସରପଞ୍ଚ ଶ୍ରୀୟାରାଣୀ ବେହେରାଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ସଭାରେ ସ୍ଥାନୀୟ ଜିଲ୍ଲା ପରିଷଦ ସଭ୍ୟା ଉଜ୍ଜଳ ମହାରଣା, ଖଳିସାହି ଜୋନ ଜିଲ୍ଲାପରିଷଦ ସଭ୍ୟା ରାମେଶ୍ୱର ଶତପଥି, ସାମ୍ବାଦିକ ପ୍ରଭାକର ଶିରୋମଣୀ, କଣ୍ଟିଲୋ ଫାଣ୍ଡି ଅଧିକାରୀ ସ୍ୱାଗତ ଦାସ ପ୍ରମୁଖ ମଞ୍ଚାସୀନ ଅତିଥି ଗଣ ଯୋଗଦେଇ ସ୍ୱର୍ଗତ ସୌମ୍ୟଙ୍କ ସୁଗୁଣା ବଳୀ ସମ୍ପର୍କରେ ଆଲୋକପାତ କରିଥିଲେ। ମୃତ୍ୟୁ ପରେ ପରିବାର ଲୋକେ ତାଙ୍କ ଅଙ୍ଗଦାନ କରି ଉଦାହରଣ ପାଲଟିଛନ୍ତି ବୋଲି ମତବ୍ୟକ୍ତ କରିଥିଲେ। ମୃତକ ଯୁବକ ମାଛ ବ୍ୟବସାୟ ଭାବେ ଜଣା ଶୁଣାଥିଲେ। ଗତ ୮ ଦିନ ପୂର୍ବେ ସେ ହଠାତ ଖସି ପଡ଼ିଥିଲେ। ତାଙ୍କ ମସ୍ତିଷ୍କରେ ଗଭୀର ଆଘାତ ଲାଗିଥିଲା। ତାଙ୍କୁ ଭୁବନେଶ୍ୱର କିମ୍ସ ହସ୍ପିଟାଲରେ ଭର୍ତ୍ତି କରାଯାଇ ଚିକିତ୍ସା ହେଉଥିବା ସମୟରେ ବ୍ରେନ ଡେଡ ହୋଇଯାଇଥିଲା। ତାଙ୍କ ଅକାଳ ବିୟୋଗ ପରେ ତାଙ୍କ ଭାଇ, ଭଉଣୀ ଓ ସମ୍ପର୍କୀୟଙ୍କ ନିଷ୍ପତି କ୍ରମେ କିଡ୍‌ନୀ, ଲିଭର ଆଦି ଗୁରୁତ୍ୱପୂର୍ଣ୍ଣ ଅଙ୍ଗଦାନ କରାଯାଇଥିଲା। ପରିବାର ଏହି ନିଷ୍ପତି ଅନ୍ୟକୁ ନୂତନ ଜୀବନ ପ୍ରଦାନ କରିଛି ଓ ଅନ୍ୟଙ୍କ ପାଇଁ ଉଦାହରଣ ବୋଲି ମତବ୍ୟକ୍ତ କରିଥିଲେ।

**ଅନୁନ୍ନତ ଗଣିଆ ବ୍ଲକ**

## ୨ ବର୍ଷରେ ବଦଳିଲେଣି ୪ ବିଡିଓ

ଗଣିଆ, ୨୨।୭ (ସମିସ): ଆଦିବାସୀ ଅଧ୍ୟୁଷିତ ତଥା ବଣଜଙ୍ଗଲ ଘେରା ଅଞ୍ଚଳ ଭାବେ ପରିଗଣିତ ଗଣିଆ ବ୍ଲକ ଶିକ୍ଷା ସ୍ୱାସ୍ଥ୍ୟ ଗମନାଗମନ ଏଠାରେ ବିପର୍ଯ୍ୟସ୍ତ। ବିଦ୍ୟାଳୟରେ ଶିକ୍ଷକ ନଥିବା ବେଳେ ମେଡିକାଲରେ ଡାକ୍ତର ନାହାନ୍ତି। ଗାଁକୁ ପକ୍କା ସଡ଼କ ନଥିବା ବେଳେ ବିଶୁଦ୍ଧ ପାଣି ଟୋପେ ପାଇଁ ତହଲବିକଳ ହେଉଛନ୍ତି ଗ୍ରାମବାସୀ। ଏଭଳି ଅନୁନ୍ନତ ବ୍ଲକ ଏବେ ମୂରବୀ ବିହିନ ହୋଇପଡ଼ିଥିବା ଦେଖିବାକୁ ମିଳିଛି। ବିଡ଼ିଓଙ୍କ ଭୂମିକା ଏହି ବ୍ଲକରେ ଗୁରୁତ୍ୱପୂର୍ଣ୍ଣ ଥିବା ବେଳେ ଗତ ୨ ବର୍ଷରେ ୪ ଜଣ ବିଡ଼ିଓଙ୍କ ବଦଳି ଉନ୍ନୟନ ମୂଳକ କାର୍ଯ୍ୟରେ ବାଧା ସୃଷ୍ଟି କରୁଛି। ୨୦୨୩ ଜାନୁୟାରୀ ମାସ ୧ ତାରିଖରେ ବିଡିଓ ସିରିୟାଲ ଶୁଭ୍ର ପଟେଲଙ୍କ ବଦଳି ପରେ ଦାୟିତ୍ୱ ଗ୍ରହଣ କରିଥିଲେ ଅତିରିକ୍ତ ବିଡିଓ ରତନଲାଳ ଲୋହରା। ୨୦୨୩ ଫେବୃୟାରୀ ୧୩ ତାରିଖରେ ନୂତନ ବିଡ଼ିଓ ଖଗେଶ୍ୱର ପାତ୍ର ଦାୟିତ୍ୱ ନେଇଥିଲେ। ତାଙ୍କର ବଦଳି ହେବାରୁ ୨୦୨୩ ଅଗଷ୍ଟ ୧୫ରୁ ପୁଣି ଥରେ ଅତିରିକ୍ତ ବିଡିଓ ଶ୍ରୀଯୁକ୍ତ ଲୋହରାଙ୍କୁ ଦାୟିତ୍ୱ ପ୍ରଦାନ କରାଯାଇଥିଲା। ୨୦୨୩ ଅକ୍ଟୋବର ୨୬ ତାରିଖରେ ନୂତନ ବିଡ଼ିଓ ଭାବେ ଡମ୍ବରୁଧର ମଲ୍ଲିକ ଯୋଗ ଦେଇଥିଲେ। ୪ ମାସ ପରେ ତଥା ୨୦୨୪ ମସିହା ଫେବୃୟାରୀ ୨୭ ତାରିଖରେ ତାଙ୍କର ମଧ୍ୟ ବଦଳି ହୋଇଯାଇଥିଲା। ଫଳରେ ପୁଣିଥରେ ଅତିରିକ୍ତ ବିଡିଓ ଶ୍ରୀଯୁକ୍ତ ଲୋହରାଙ୍କୁ ଦାୟିତ୍ୱ ପ୍ରଦାନ କରାଯାଇଥିଲା। ୨୦୨୪ ମାର୍ଚ୍ଚ ୬ ତାରିଖରେ ନୂତନ ବିଡ଼ିଓ ଭାବେ ଡ. ବେବିତା ମଞ୍ଜରୀ ନାୟକ ଯୋଗ ଦେଇଥିଲେ। ୯ ମାସ ପରେ ସେ ଗଣିଆ ବ୍ଲକର ସମସ୍ତ କାର୍ଯ୍ୟ ସୂଚାରୁ ରୂପେ ସମ୍ପାଦନ କରିଥିଲେ। ୨୦୨୪ ଡିସେମ୍ବର ୨୧ ତାରିଖରେ ତାଙ୍କର ବଦଳି ହୋଇଥିବା ବେଳେ ତହସିଲଦାର ପ୍ରତିବାଳା ରଣାଙ୍କୁ ଭାରପ୍ରାପ୍ତ ଦାୟିତ୍ୱ ପ୍ରଦାନ କରାଯାଇଥିଲା। ୨୦୨୫ ମାର୍ଚ୍ଚ ୫ ତାରିଖରେ ନୂତନ ବିଡ଼ିଓ ଭାବେ ସାଗର କୁମାର ନନ୍ଦ ଯୋଗ ଦେଇଥିଲେ। ସେ ମାତ୍ର ୪ ମାସ ରହିବା ପରେ ଗତ ୧୯ ତାରିଖରେ ତାଙ୍କର ଜଗତସିଂହପୁର ବାଲିକୁଦା ବଦଳି ହୋଇଛି। ଉପରୋକ୍ତ ତଥ୍ୟ ଅନୁସାରେ କିଏ ୪ ମାସ ତ ଆଉ କିଏ ୯ ମାସରୁ ଅଧିକ ସମୟ ତିଷ୍ଠି ପାରୁ ନାହାନ୍ତି। ଯାହା ଫଳରେ ଗଣିଆ ବ୍ଲକ ଅବସ୍ଥା ଦିନକୁ ଦିନ ଶୋଚନୀୟ ହୋଇପଡୁଛି। ୮ଟି ପଞ୍ଚାୟତରେ ଅନେକ ଉନ୍ନୟନ ମୂଳକ କାର୍ଯ୍ୟ ଠପ୍ ହୋଇଯାଇଥିବା ବେଳେ ବ୍ଲକ ସମ୍ମୁଖରେ ଟେଣ୍ଟବାନ୍ଧି ଧାରଣା ବୃଦ୍ଧି ପାଇଛି। ଗଣିଆ ବ୍ଲକର ୮ଟି ପଞ୍ଚାୟତ ଉନ୍ନତୀ ପାଇଁ କୋଟି କୋଟି ଟଙ୍କା ମଞ୍ଜୁର ହୋଇଥିଲେ ମଧ୍ୟ କାମ ନହୋଇ ପଡ଼ି ରହିଛି। ବିଡିଓଙ୍କ ଏଭଳି ବଦଳି ପଛରେ ରାଜନୈତିକ ଅଭିସନ୍ଧି ନା ବ୍ୟକ୍ତିଗତ କାରଣ ତାହା ଜଣାପଡ଼ିନାହିଁ। ରାଜ୍ୟ ସରକାର ଏଥିପ୍ରତି ଦୃଷ୍ଟି ଦେଇ ଜଣେ ସ୍ଥାୟୀ ବିଡ଼ିଓ ନିଯୁକ୍ତି କରିବାକୁ ସାଧାରଣରେ ଦାବି ହେଉଛି।

## ଆବର୍ଜନା ମୁକ୍ତ ସହର ଗଠନ ପାଇଁ ସ୍ୱଚ୍ଛତା ଅଭିଯାନ

ଓଡ଼ଗାଁ, ୨୨।୭ (ସମିସ): ନୟାଗଡ଼ ଜିଲ୍ଲା ଓଡ଼ଗାଁ ବିଜ୍ଞାପିତ ଅଞ୍ଚଳ ପରିଷଦରେ ରାଜ୍ୟ ଗୃହ ଓ ନଗର ଉନ୍ନୟନ ବିଭାଗ ନିର୍ଦ୍ଦେଶ କ୍ରମେ 'ସଫାଇ ଅପନାଓ ବେମାରୀ ହଟାଓ' ଏକ ସ୍ୱଚ୍ଛତା କାର୍ଯ୍ୟକ୍ରମ ଶନିବାର ଆରମ୍ଭ ହୋଇଛି। ବିଭାଗୀୟ ନିର୍ଦ୍ଦେଶ କ୍ରମେ ସମ୍ପୁର୍ଣ୍ଣ ସହରକୁ ଆବର୍ଜନା ମୁକ୍ତ କରିବା ପାଇଁ ଓଡ଼ଗାଁ ଏନ୍‌ଏସି ଦ୍ୱାରା ଏକ ସ୍ୱଚ୍ଛତା କାର୍ଯ୍ୟକ୍ରମ ଆରମ୍ଭ କରାଯାଇଛି। ଓଡଗାଁ ସହରକୁ ଆବର୍ଜନା ମୁକ୍ତ କରିବା ପାଇଁ ଶନିବାର ସମସ୍ତ ସଫେଇ କର୍ମଚାରୀ ଓ କାର୍ଯ୍ୟାଳୟର ଅଧିକାରୀମାନେ ଭିନ୍ନ ଭିନ୍ନ ପଦକ୍ଷେପ ମାନ ଗ୍ରହଣ କରିଛନ୍ତି। ଓଡ଼ଗାଁ ବିଜ୍ଞାପିତ ଅଞ୍ଚଳ ମଧ୍ୟରେ ଥିବା ୧୫ ଗୋଟି ୱାର୍ଡ ମଧ୍ୟରୁ ଦିନକୁ ଗୋଟିଏ ଦୁଇଟି ୱାର୍ଡକୁ ଚିହ୍ନଟ କରି ତାହାକୁ ସମ୍ପୂର୍ଣ୍ଣ ଭାବେ ସ୍ୱଚ୍ଛ କରାଯାଉଅଛି। ଉକ୍ତ ୱାର୍ଡରେ ଥିବା ସର୍ବସାଧାରଣ ଅନୁଷ୍ଠାନ, ଡାକ୍ତରଖାନା, ମନ୍ଦିର, ଶୌଚାଳୟ, ପରିବା ବଜାର, ହୋଟେଲ, ଜଳଖିଆ ଦୋକାନ ଓ ପୋଖରୀ ଇତ୍ୟାଦି ପ୍ରତ୍ୟେକ କ୍ଷେତ୍ରକୁ ସ୍ୱଚ୍ଛତା ରଖିବା ପାଇଁ ଆବଶ୍ୟକୀୟ ପଦକ୍ଷେପ ଗ୍ରହଣ କରାଯାଉଛି। ସଚ୍ଛତା କାର୍ଯ୍ୟ ସହିତ ଉକ୍ତ ୱାର୍ଡରେ ଜନ ସଚେତନ କାର୍ଯ୍ୟକ୍ରମ ଗ୍ରହଣ କରାଯାଉଛି। ୱାର୍ଡର ରହିଥିବା ପ୍ରତ୍ୟେକ ପରିବାରର ନାଗରିକ ଏଥିରେ ସାମିଲ ହୋଇ ନିଜ ଘରୁ ୱାଡକୁ ସ୍ୱଚ୍ଛତା ରଖିବା ପାଇଁ ପ୍ରୟାସ ଆରମ୍ଭ କରିବା ସହିତ ଦୃଷ୍ଟି ଆଢୁଆଳରେ ରହିଯାଉଥିବା ଆବର୍ଜନା ସ୍ଥାନ ସମ୍ପର୍କରେ କାର୍ଯ୍ୟନିର୍ବାହୀ ଅଧିକାରୀ ନିହାର ରଞ୍ଜନ ବେହେରାଙ୍କ ଦୃଷ୍ଟି ଆକର୍ଷଣ ପାଇଁ ଅନୁରୋଧ କରାଯାଇଛି। ପ୍ରତ୍ୟେକ ୱାର୍ଡର ପଥପ୍ରାନ୍ତ ଆଲୋକ, ପାନୀୟଜଳ ବିତରଣ ବ୍ୟବସ୍ଥା ସଠିକ୍ ଭାବେ ପରିଚାଳିତ ହେଉଛି କି ନାହିଁ, ତାହାର ତଦନ୍ତ ତଦନ୍ତ କରାଯାଉଛି। ସମଗ୍ର ସହରକୁ ଆଗାମୀ ୧୦ ଦିନ ମଧ୍ୟରେ ଆବର୍ଜନା ମୁକ୍ତ କରାଯାଇ ଏକ ସୁନ୍ଦର ସ୍ୱାସ୍ଥ୍ୟକର ପରି ପରିବେଶ ସୃଷ୍ଟି କରିବା ପାଇଁ ସମସ୍ତ କର୍ମଚାରୀ ପ୍ରଚେଷ୍ଟା ଆରମ୍ଭ କରିଛନ୍ତି। ୩୦ ତାରିଖରେ ସ୍ଥାନୀୟ ଗଣ୍ୟମାନ୍ୟ ବ୍ୟକ୍ତି ବିଶେଷଙ୍କ ଉପସ୍ଥିତିରେ ସଫେଇ କର୍ମଚାରୀଙ୍କୁ ଉତ୍ସାହିତ କରିବା ପାଇଁ ଏକ ସ୍ୱତନ୍ତ୍ର ବୈଠକର ଆୟୋଜନ କରାଯିବ। ଏଥିସହିତ ସ୍ୱଚ୍ଛତା ଅଭିଯାନ ଉପଲକ୍ଷେ ଛାତ୍ରଛାତ୍ରୀଙ୍କ ମଧ୍ୟରେ ହୋଇଥିବା ବିଭିନ୍ନ ପ୍ରତିଯୋଗିତାରେ କୃତିତ୍ୱ ଅର୍ଜନ କରିଥିବା ଛାତ୍ରଛାତ୍ରୀଙ୍କୁ ଏହି ଉତ୍ସବରେ ପୁରସ୍କୃତ କରାଯିବ।

## ସତ୍‌ସଙ୍ଗ ଓ ପ୍ରବଚନ କାର୍ଯ୍ୟକ୍ରମ

ଗଣିଆ, ୨୨।୭ (ସମିସ): ଗଣିଆ ରଘୁନାଥ ଜୀଉ ମନ୍ଦିର ପରିସରରେ ଠାକୁର ଶ୍ରୀ ଶ୍ରୀ କେଶବ ଚନ୍ଦ୍ରଙ୍କ ଦ୍ୱାରା ପ୍ରତିଷ୍ଠିତ ବିଶ୍ୱଭାତୃତ୍ୱ ଦିବ୍ୟାବା ପରିଷଦ ଅଚ୍ୟୁତ ଗୁପ୍ତବ୍ରହ୍ମ ସଂଘ କ୍ଷିତିଜ୍ୟୋତି ଆଶ୍ରମ ମାହାଙ୍ଗା କଟକଙ୍କ ଦଶପଲ୍ଲା ସ୍ୱତନ୍ତ୍ର ଶାଖା ଆନୁକୂଲ୍ୟରେ ଏକ ସତସଙ୍ଗ ମହୋତ୍ସବ ଓ ପ୍ରବଚନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ସକାଳୁ ପ୍ରଭାତ ଫେରି, ସୂର୍ଯ୍ୟପୂଜା, ପାଦୁକା ସ୍ନାନ, ପାଦୁକା ମଣ୍ଡପ ପୂଜା, ଆହୁତି ହେବା ସହିତ ସନ୍ଧ୍ୟାରେ ପ୍ରବଚନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ସକାଳୁ ଗଣିଆର ପ୍ରତ୍ୟକ ଗ୍ରାମ ପରିକ୍ରମା କରି ମନ୍ଦିର ପରିସରରେ ପହଞ୍ଚିବା ପରେ ପୂଜାର୍ଚ୍ଚନା ରୀତିନୀତି କାର୍ଯ୍ୟ ଆରମ୍ଭ ହୋଇଥିଲା। ପୂଜା ମଣ୍ଡପରେ କେଶବ ମହାରାଜାଙ୍କ ପାଦୁକା ପୂଜା ଅନୁଷ୍ଠିତ ହୋଇଥିଲା। ଗୁରୁ ସେବା ହିଁ ପ୍ରକୃତ ସେବା ବୋଲି ଆୟୋଜକମାନେ ମତବ୍ୟକ୍ତ କରିଥିଲେ। ଏହି କାର୍ଯ୍ୟକ୍ରମରେ ଢେଙ୍କାନାଳର ପ୍ରବଚକ ଭକ୍ତ ବିନୋଦ ବିପିନ ବିହାରୀ ସାମଲ ଯୋଗଦେଇ ପ୍ରବଚନ ଦେଇଥିଲେ। ଏହି କାର୍ଯ୍ୟକ୍ରମକୁ ସଞ୍ଜୟ ବାବା ପରିଚାଳନା କରିଥିବାବେଳେ ପ୍ରବଚନ ଶୁଣିବାକୁ ପ୍ରବଳ ଜନସମାଗମ ହୋଇଥିଲା।

**■ ମୃତ ଲୋକଙ୍କ ନାଁରେ ଋଣ ଉଠାଣ ଘଟଣା**

## କୋମଣ୍ଡ ପୂର୍ବତନ ସମ୍ପାଦକଙ୍କୁ ଜେଲଦଣ୍ଡ

ନୟାଗଡ଼/ଓଡ଼ଗାଁ, ୨୨।୭ (ସମିସ): ନୟାଗଡ଼ ଜିଲ୍ଲା କୋମଣ୍ଡ ସେବା ସମବାୟ ସମିତିରେ ଅନିୟମିତତା ଘଟଣାରେ ଭିଜିଲାନ୍ସ ବିଭାଗ ଦ୍ୱାରା ହୋଇଥିବା ମାମଲାରେ ପୂର୍ବତନ ସମ୍ପାଦକ ପ୍ରଫୁଲ କୁମାର ମିଶ୍ରଙ୍କୁ ୪ ବର୍ଷ ଜେଲ ଦଣ୍ଡ ସହ ଜରିମାନା ଆଦେଶ ହୋଇଛି। କୋମଣ୍ଡ ପ୍ରାଥମିକ କୃଷିଋଣ ସମବାୟ ସମିତିରେ ୧୫ ବର୍ଷ ପୂର୍ବେ ମୃତ ଲୋକଙ୍କ ନାଁରେ ଋଣ ଉଠାଣ ଘଟଣାର ଅଭିଯୁକ୍ତ ତତ୍କାଳୀନ ସମବାୟ ସମିତି ସମ୍ପାଦକ ପ୍ରଫୁଲ୍ଲ କୁମାର ମିଶ୍ର ସ୍ୱତନ୍ତ୍ର ବିଚାରପତି ଭିଜିଲାନ୍ସ ଭୁବନେଶ୍ୱରଙ୍କ ଦ୍ୱାରା ଦୋଷୀ ସାବ୍ୟସ୍ତ କରାଯାଇ, ଜରିମାନା ସହିତ ୪ ବର୍ଷ ପାଇଁ ସଶ୍ରମ କାରାଦଣ୍ଡରେ ଦଣ୍ଡିତ ହୋଇଛନ୍ତି। ତାଙ୍କୁ ମଙ୍ଗଳବାର ଜେଲ୍ ହାଜତକୁ ପଠାଇ ଦିଆଯାଇଛି। ଘଟଣା ଅନୁଯାୟୀ ୨୦୧୦ ମସିହାରେ ପ୍ରଫୁଲ୍ଲ କୁମାର ମିଶ୍ର କୋମଣ୍ଡ ପ୍ରାଥମିକ କୃଷିଋଣ ସମବାୟ ସମିତିର ସମ୍ପାଦକ ଥିବା ବେଳେ କୋମଣ୍ଡ ଅନ୍ତର୍ଗତ ଉଦୟପୁର ଗାଁର ମୃତ ଆନନ୍ଦ ପ୍ରଧାନଙ୍କ ନାମରେ ୨୫ ହଜାର ଟଙ୍କାର ଋଣ ଉଠାଣ ହୋଇଥିଲା। ଘଟଣା ସମ୍ପର୍କରେ ଅଭିଯୋଗ ହେବା ପରେ ଆର୍ଥିକ ଅନିୟମିତତାର ତଦନ୍ତ ଭାର ଭିଜିଲାନ୍ସ ବିଭାଗ ଭୁବନେଶ୍ୱର ନେଇଥିଲେ। କୃଷି ଋଣର ଅପବ୍ୟବହାର ପାଇଁ ଓଡ଼ିଶା ଭିଜିଲାନ୍ସରେ ମାମଲା ରୁଜୁ ହୋଇଥିଲା। ବର୍ତ୍ତମାନ ଭିଜିଲାନ୍ସ କୋର୍ଟଙ୍କ ନିର୍ଦ୍ଦେଶ ଅନୁସାରେ ଦୋଷୀ ପ୍ରଫୁଲ୍ଲ କୁମାର ମିଶ୍ରଙ୍କ ପେନସନ ବନ୍ଦ କରିବା ପାଇଁ ପ୍ରାଧିକୃତ ଅଧିକାରୀଙ୍କୁ ଅବଗତ କରାଯିବ ବୋଲି କୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ଘଟଣା ସମ୍ପର୍କରେ ଅନୁସନ୍ଧାନ ବେଳେ ଓଡ଼ଗାଁ କେନ୍ଦ୍ର ସମବାୟ ବ୍ୟାଙ୍କ ତତ୍କାଳୀନ କ୍ୟାସିୟର ସ୍ୱର୍ଗତ ଜଗନ୍ନାଥ ଚୌଧୁରୀଙ୍କୁ ଉକ୍ତ ଘଟଣାରେ ମଧ୍ୟ ନିଲମ୍ବନ କରାଯାଇଥିଲା। ଡି. ଘଡ଼େଇ ପୂର୍ବତନ ଭିଜିଲାନ୍ସ ଇନ୍ସପେକ୍ଟର ଭୁବନେଶ୍ୱର, ଏ/ପି ରାଉରକେଲା ଡିଭିଜନ ଇନ୍ସପେକ୍ଟର ମାମଲାର ତଦନ୍ତ ଦାୟିତ୍ୱ ଗ୍ରହଣ କରିଥିବା ବେଳେ ଭିଜିଲାନ୍ସ ତରଫରୁ ପବ୍ଲିକ ପ୍ରସକ୍ୟୁଟର ବିଶ୍ୱରଞ୍ଜନ ରାଉତ, ଶୈଳଜା କୁମାର ପ୍ରଧାନ ମାମଲା ପରିଚାଳନା କରିଥିଲେ।

## ଯୌନ ନିର୍ଯାତନା ପ୍ରତିରୋଧ ଓ ନିରାକରଣ ପ୍ରଶିକ୍ଷଣ ଶିବିର



ନୟାଗଡ଼, ୨୨।୭ (ସମିସ): ଜିଲ୍ଲାପାଳଙ୍କ ସଭାବନା ଗୃହରେ ଜିଲ୍ଲାପାଳ ଅକ୍ଷୟ ସୁନିଲ ଅଗ୍ରୱାଲ ଅଧକ୍ଷତାରେ କାର୍ଯ୍ୟ କ୍ଷେତ୍ରରେ ମହିଳାଙ୍କର ଯୌନ ନିର୍ଯାତନାର ପ୍ରତିରୋଧ, ନିରାକରଣ ଏବଂ ରିଡ୍ରେସାଲ ଆକ୍ଟ ୨୦୧୩ ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଅତିରିକ୍ତ ଜିଲ୍ଲାପାଳ ରୋଜିନା ଦାସ, ଡିଏଲ୍‌ଏସ୍‌ଏ ସେକ୍ରେଟାରୀ ଅଞ୍ଜଳି ମାଛଖଣ୍ଡ, ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ଲଗ୍ନଜିତ ରାଉତ, ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ ପୁଷ୍ପା ପାତ୍ର, ଗଣିଆ ଉନ୍ନୟନ କମିଟିର ସମ୍ପାଦିକା ଉଷାରଣୀ ପଟ୍ଟନାୟକ ରିର୍ସୋସ ପର୍ସନ ଭାବେ ଯୋଗ ଦେଇଥିଲେ। କାର୍ଯ୍ୟକ୍ରମ ପ୍ରାରମ୍ଭରେ ଅତିଥିଙ୍କ ଦ୍ୱାରା ପ୍ରଦୀପ ପ୍ରଜ୍ୱଳନ କରାଯାଇଥିଲା। ପରେ ଅତିଥିଙ୍କୁ ପୁଷ୍ପଗୁଚ୍ଛ ଦେଇ ସମ୍ବର୍ଦ୍ଧନା କରାଯାଇଥିଲା। ପ୍ରଥମେ ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ ସ୍ୱାଗତ ଭାଷଣ ରଖିଥିଲେ। ଏହା ପରେ ଗଣିଆ ଉନ୍ନୟନ କମିଟିର ସମ୍ପାଦିକା ମହିଳାଙ୍କୁ ନିର୍ଭିକ ଭାବେ ପ୍ରତିବାଦ କରିବାକୁ ଆହ୍ୱାନ କରିଥିଲେ। ସେ ଏସିସି ଓ ଆଇସିସି ଗଠନ ଓ ଭୂମିକା ଉପରେ ଗୁରୁତ୍ୱ ଦେଇ ଆଲୋକପାତ କରିଥିଲେ। ଏହାପରେ ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ କାର୍ଯ୍ୟକ୍ଷେତ୍ରରେ ଆଭ୍ୟନ୍ତରୀଣ କମିଟି ଗଠନ କରିବା ସହ ଅନ୍ୟାୟ ବିରୋଧରେ ସ୍ୱର ଉତ୍ତୋଳନ କରାଯିବା ଦରକାର ବୋଲି ପ୍ରକାଶ କରିଥିଲେ। ଜିଲ୍ଲାପାଳ କହିଲେ ଯେ, ଅନ୍ୟାୟ ବିରୁଦ୍ଧରେ ଦୃଢ଼ ପଦକ୍ଷେପ ନିଆଯିବ। ଏହା ନିସଙ୍କୋଚରେ ପ୍ରତିବାଦ କରିବା ଦରକାର। ପରିବାର ସଚେତନ ରହିବା ଦରକାର। ଝିଅକୁ ଯେପରି ବାପା ମାଆ ତାଗିଦ୍ କରିଥାନ୍ତି ସେହିପରି ପୁଅକୁ ଯଦି କରାଯାଆନ୍ତା ତେବେ ସବୁ ପରିବାରରେ ସଂସ୍କାର ଆସନ୍ତା। ଡିଏଲ୍‌ଏସ୍‌ଏ ତରଫରୁ ପକ୍‌ସୋ ଆକ୍ଟ ଉପରେ ଏକ ଛୋଟ ଭିଡିଓ ପ୍ରଦର୍ଶିତ ହୋଇଥିଲା। ଏହି ପ୍ରଶିକ୍ଷଣ କାର୍ଯ୍ୟକ୍ରମରେ ଡେପୁଟୀ କଲେକ୍ଟର ତପତି ରାଜ୍, ତରୁଣ କୁମାର ମହାପାତ୍ର, ଜିଲ୍ଲା ଶିକ୍ଷା ଅଧିକାରୀ ଚିତ୍ତରଞ୍ଜନ ପାଣ୍ଡେ, ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଜ୍ୟୋତ୍ସ୍ନାମୟୀ ଆଚାର୍ଯ୍ୟ, ବିଭିନ୍ନ ବିଭାଗୀୟ ଅଧିକାରୀ, ଡିଏଲ୍‌ଏସ୍‌ଏର କର୍ମଚାରୀ ଉପସ୍ଥିତ ଥିଲେ। ଶେଷରେ ପ୍ରୋଗ୍ରାମ ଅଫିସର ଧନ୍ୟବାଦ ପ୍ରଦାନ କରିଥିଲେ ଏବଂ ସଭା ସାଙ୍ଗ କରାଯାଇଥିଲା।

## ଜିଲ୍ଲାରେ ଭୁଶୁଡ଼ି ଗଲାଣି ସାମ୍ବିଧାନିକ ବ୍ୟବସ୍ଥା

ନୟାଗଡ଼, ୨୨।୭ (ସମିସ):

ନୟାଗଡ଼ ଜିଲ୍ଲାରେ ଅଣନିର୍ବାଚିତ ବିଜେପି ନେତା ବି ନିଜକୁ ମନ୍ତ୍ରୀ ଭାବିଲେଣି। ବିଭାଗୀୟ ଅଧିକାରୀମାନେ ମଧ୍ୟ ତାଙ୍କୁ ଏନେଇ ସୁଯୋଗ ଦେଲେଣି। ଯାହାର ଆଜି ଜ୍ୱଳନ୍ତ ଉଦାହରଣ ଦେଖିବାକୁ ମିଳିଛି ଜିଲ୍ଲା ମୁଖ୍ୟ କୃଷି ଅଧିକାରୀଙ୍କ କାର୍ଯ୍ୟାଳୟରେ। ନୟାଗଡ଼ ଗସ୍ତରେ ଆସି ବିଜେପି ରାଜ୍ୟ କୃଷକ ମୋର୍ଚ୍ଚା ସଭାପତି ମହେଶ୍ୱର ସାହୁ

- **ବିଜେପି ନେତା କଲେଣି ସମୀକ୍ଷା**

ଏବଂ ଜିଲ୍ଲା କୃଷକ ମୋର୍ଚ୍ଚା ସଭାପତି ଶ୍ରୀନିବାସ ପ୍ରଧାନ ଏବଂ ଅନ୍ୟାନ ବିଜେପି ନେତା କୃଷି ବିଭାଗ କାର୍ଯ୍ୟାଳୟକୁ ଜିଲ୍ଲା ମୁଖ୍ୟ କୃଷି ଅଧିକାରୀ ଗୌରୀଶଙ୍କର ମିଶ୍ରଙ୍କ ସହ ସାର ସମ୍ପର୍କରେ ଆଲୋଚନା କରିଥିବା ଦେଖାଯାଇଛି। ଚଳିତ ବର୍ଷ ଖରିଫ୍ ଧାନ ଚାଷ ପାଇଁ ୮ ହଜାର ମେଟ୍ରିକ୍ ଟନ୍ ୟୁରିଆ ସାର ଆବଶ୍ୟକ ଥିଲା ବେଳେ ବର୍ତ୍ତମାନ ସୁଦ୍ଧା ୫ ହଜାର ୪୮୦ ମେଟ୍ରିକ୍ ଟନ୍ ସାର ଆସିଛି। ଡିଏପି ସାର ୨ ହଜାର ମେଟ୍ରିକ୍ ଟନ୍ ଆବଶ୍ୟକ ଥିବା ବେଳେ ୨ ହଜାର ୪୪ ମେଟ୍ରିକ୍ ଟନ୍ ସାର ଆସିଛି। ଏନ୍‌ପିକେ ସାର ୨ ହଜାର ମେଟ୍ରିକ୍ ଟନ୍ ଆବଶ୍ୟକ ଥିବା ବେଳେ ୧୬ ଶହ ୧୪ ମେଟ୍ରିକ୍ ଟନ୍ ସାର ଆସିଛି। ପଟାସ ସାର ୫ ଶହ ମେଟ୍ରିକ୍ ଟନ୍ ଆବଶ୍ୟକ ଥିବା ବେଳେ ୪୮୦ ମେଟ୍ରିକ୍ ଟନ୍ ଆସିଛି। ସୁପର ସାର ୬ ହଜାର ୫ ଶହ ମେଟ୍ରିକ୍ ଟନ୍ ଆବଶ୍ୟକ ଥିବା ବେଳେ ୯ ହଜାର ୩୩୯ ମେଟ୍ରିକ ଟନ୍ ଆସିଛି। ଆଗକୁ ଯୁଦ୍ଧକାଳୀନ ଭିତ୍ତିରେ ସାରର ଆମଦାନୀ କରାଯାଇ ଚାଷୀଙ୍କ ଆବଶ୍ୟକତାକୁ ପୂରଣ କରିବା ପାଇଁ ବିଜେପି କୃଷକ ମୋର୍ଚ୍ଚା ରାଜ୍ୟ ସଭାପତି ଶ୍ରୀ ସାହୁ ପରାମର୍ଶ ଦେଇଛନ୍ତି। ନୟାଗଡ଼ ଜିଲ୍ଲାରେ ୧୪୫ ସେବା ସମବାୟ ସମିତି ଓ ୩୧୯ ୬ ଜଣ ସ୍ୱୀକୃତି ପ୍ରାପ୍ତ ଡିଲରଙ୍କ ଜରିଆରେ ଚାଷୀ ମାନଙ୍କୁ ସାର ବଣ୍ଟନ କରିବା ପାଇଁ ଜିଲ୍ଲା ପ୍ରଶାସନ ବ୍ୟାପକ ବ୍ୟବସ୍ଥା କରିଛନ୍ତି। ଏହି ଆଲୋଚନା ସମୟରେ ବରିଷ୍ଠ ବିଜେପି ନେତା ସନ୍ତୋଷ କୁମାର ପ୍ରଧାନ, ରାଜ୍ୟ କାର୍ଯ୍ୟକରିଣୀ ସଦସ୍ୟ ବସନ୍ତ କୁମାର ପଟ୍ଟନାୟକ, ସଞ୍ଜୟ କୁମାର ନାୟକ, ଜିଲ୍ଲା ବିଜେପି ସାଧାରଣ ସମ୍ପାଦକ ରଞ୍ଜନ କୁମାର ପଣ୍ଡା, କୃଷକ ମୋର୍ଚ୍ଚା ରାଜ୍ୟ ସଂଯୋଜକ ଅଜୟ କୁମାର ସାମନ୍ତରାୟ, ରାଜ୍ୟ କାର୍ଯ୍ୟକରିଣୀ ସଦସ୍ୟ ଶିବ ପ୍ରସାଦ ମିଶ୍ର ସାମିଲ ଥିଲେ। ବିଜେପି ନେତାମାନେ ଜିଲ୍ଲା ମୁଖ୍ୟ କୃଷି ଅଧିକାରୀଙ୍କ ସହ ଆଲୋଚନା ପରେ ବିଭାଗ ପକ୍ଷରୁ ଚାଲିଥିବା ଏକ ତାଲିମ କାର୍ଯ୍ୟକ୍ରମରେ ଯୋଗ ଦେଇ ସମୀକ୍ଷା କରିଥିବା ଦେଖାଯାଇଛି। ବିଜେପି ନେତା ତଥା ଅଣ ସାମ୍ବିଧାନିକ ପଦବୀରେ ରହିଥିବା ନେତାଙ୍କୁ କେଉଁ ଭଳି ଭାବେ ସରକାରୀ କାର୍ଯ୍ୟରେ ସାମିଲ ହେବାକୁ ଜିଲ୍ଲା ମୁଖ୍ୟ କୃଷି ଅଧିକାରୀ ଅନୁମତି ଦେଲେ ବୋଲି ବିଜେଡି ପ୍ରଶ୍ନ ଉଠାଇଛି। ବିଜୁ ଜନତା ଦଳର ଅନେକ ବରିଷ୍ଠ ନେତା ଏହାକୁ ବିରୋଧ କରିଛନ୍ତି।



# ଧାନକାର୍ଡ ପଞ୍ଜୀକରଣ ନିୟମକୁ ଚାଷୀ ସଙ୍ଗଠନ ଗୁଡ଼ିକର ବିରୋଧ






ଭେଡେନ,୨୨ା୭ (ସମିସ):

ଭେଡେନ ବ୍ଲକ୍ କୃଷକ ସଙ୍ଗଠନ ସରକାରଙ୍କ ଧାନକାର୍ଡ ପଞ୍ଜୀକରଣ ନୂତନ ନୀତିକୁ ବିରୋଧ କରି ଭେଡେନ କାର୍ଯ୍ୟନିର୍ବାହୀ ତହସିଲଦାର କର୍ଣ୍ଣ ସୁନାଙ୍କ ଜରିଆରେ ମଙ୍ଗଳବାର ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ପ୍ରଦାନ କରିଛନ୍ତି। କୃଷକ ସଙ୍ଗଠନର ସଦସ୍ୟ ଭେଡେନ ତହସିଲ କାର୍ଯ୍ୟାଳୟ ସମ୍ମୁଖରେ ପ୍ରଥମେ ଏକତ୍ରିତ ହୋଇଥିଲେ। ବିଜେପିର ଡବଲ ଇଞ୍ଜିନ ସରକାରଙ୍କ ନୂତନ ଧାନ ପଞ୍ଜୀକରଣ ନୀତି ଚାଷୀ ବିରୋଧୀ ବୋଲି ଅଞ୍ଚଳର ଚାଷୀ ଏକସ୍ୱର ହେଇ ମତ ପ୍ରକାଶ କରିଥିଲେ।

ରାଜ୍ୟ ସରକାର ଚଳିତ ଖରିଫ ଋତୁ ଧାନ ବିକ୍ରି କରିବାକୁ ୧୮ ଜୁଲାଇରୁ ୨୦ଅଗଷ୍ଟ ମଧ୍ୟରେ ଚାଷୀଙ୍କୁ ଆବଶ୍ୟକ କାଗଜପତ୍ର ଦେଇ ପଞ୍ଜୀକରଣ ପାଇଁ ନିର୍ଦ୍ଦେଶନାମା ଜାରି କିଛନ୍ତି। ପୂର୍ବରୁ ରେକର୍ଡ ଥିବା ଚାଷୀ ପୂର୍ବବର୍ଷ ପରି ହିଁ ପୁଣି କାଗଜ ଦେଖାଇ ପଞ୍ଜୀକରଣ କରିପାରିବେ। ମାତ୍ର ରେକର୍ଡଧାରୀଙ୍କ ମୃତ୍ୟୁ ହୋଇଥିଲେ, ଚାଷୀଙ୍କୁ ଜମି ରାଜସ୍ୱ ନିରୀକ୍ଷକଙ୍କ ପାଖରୁ ବଂଶାବଳୀ ସଂଗ୍ରହ କରିବାକୁ ହେବ। ବଂଶାବଳୀରେ ଥିବା ବଂଶାନୁକ୍ରମିକ ସମସ୍ତ ସତ୍ୱଧାରୀଙ୍କ ଲିଖିତ ନିରଙ୍କୁଶ ସହମତି ହେଲା ପରେ ଧାନକାର୍ଡ ମିଳିପାରିବ। ତେବେ ଗୋଟିଏ ମାସ ଅବଧି ମଧ୍ୟରେ ଚାଷୀ ଚାଷ କରିବେ ନା ସତ୍ୱଧାରୀଙ୍କ ସହମତି ସଂଗ୍ରହ କରିବେ ବୋଲି ପ୍ରଶ୍ନ କରିଛନ୍ତି। ସେପଟେ ସହମତି ନହେଲେ ଧାନବିକ୍ରି ପାଇଁ ପଞ୍ଜୀକରଣ ହୋଇପାରିବ ନାହିଁ। ରାଜ୍ୟରେ ଅଧିକାଂଶ ଚାଷୀଙ୍କ ଯୌଥ ଜମିପଟ୍ଟା ଥିବାରୁ ନୂତନ ନିୟମରେ ସେମାନେ ଆପେ ଧାନବିକ୍ରିରୁ ବଞ୍ଚିତ ହେବେ। ଫଳରେ ଅଭାବୀ ବିକ୍ରିର ସମ୍ମୁଖୀନ ହେବା ସହ ହତାଶ ହୋଇ ଶେଷରେ ଚାଷ କାର୍ଯ୍ୟ ଛାଡିବେ। ଯାହାର କୁପ୍ରଭାପ ଅର୍ଥନୀତି ଉପରେ ପଡ଼ିବା ସହ ଖାଦ୍ୟାଭାବ ହେବ। ଅଞ୍ଚଳର ୮୦/୯୦ ପ୍ରତିଶତ ଚାଷୀ ଧାନ ବିକ୍ରିରୁ ବଞ୍ଚିତ ହେବେ। ତେଣୁ ପୁରୁଣା ପଦ୍ଧତିରେ ଧାନକାର୍ଡ ପଞ୍ଜୀକରଣ ହେଉ ବୋଲି ଚାଷୀ ଦାବିପତ୍ରରେ ଉଲ୍ଲେଖ କରିଛନ୍ତି। ସରକାରଙ୍କ ନୂତନ ନୀତି ଚାଷୀ ମାରଣ ନୀତି ବୋଲି ଅଭିହିତ କରିବା ସହ ଅଞ୍ଚଳର ଚାଷୀ ଏହାକୁ ତୁରନ୍ତ ବନ୍ଦ କରିବାକୁ ଦାବି କରିଛନ୍ତି। ଦାବିପତ୍ର ପ୍ରଦାନ ବେଳେ ଭେଡେନ ବ୍ଲକ୍ କୃଷକ ସଙ୍ଗଠନର ଉପ୍ରନ ଭୋଇ, ନରେନ୍ଦ୍ର ଭୋଇ, ସୁଦାମ ପାତ୍ର, ଚୁଡାମଣି ଛନ୍ଦ, ବିଜୟ ଲହରିଆ, ସନ୍ତୋଷ ପଧାନଙ୍କ ସମେତ ଶତାଧିକ ଚାଷୀ ଉପସ୍ଥିତ ଥିଲେ।

**ବିଜେପୁର:** ସେହିପରି ବିଜେପୁରରେ ମଧ୍ୟ ବର୍ତ୍ତମାନ ଧାନ ବିକ୍ରି ପଞ୍ଜୀକରଣକୁ ନେଇ ହୋଇଥିବା ନୂତନ ନିୟମ ଫଳରେ କୃଷକଙ୍କ ମଧ୍ୟରେ ଅସନ୍ତୋଷ ଦାନା ବାନ୍ଧୁଛି। ଏହି କୃଷକ ମାରଣ ନୀତି ବିରୋଧରେ ବରଗଡ଼ ଜିଲ୍ଲା ବିଜେପୁର ବ୍ଲକ୍ କୃଷକ ସଂଗଠନ ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ତହସିଲଦାରଙ୍କ ଜରିଆରେ ମଙ୍ଗଳବାର ଦାବିପତ୍ର ପ୍ରଦାନ କରାଯାଇଛି। ନୂତନ ନିୟମ କାର୍ଯ୍ୟକାରୀ ହେଲେ କୃଷି ଅର୍ଥନୀତି ଏବଂ କୃଷକ ସମାଜ ଉପରେ ଗଭୀର ପ୍ରଭାବ ପଡିବା ସହ କଳାବଜାରୀ ବଢ଼ିବ। ଚାଷୀ ସରକାରୀ ସଂସ୍ଥାକୁ ଧାନବିକ୍ରି କରି ନପାରି ଦଲାଲ ମାନଙ୍କୁ ଶସ୍ତାରେ ଧାନ ବିକ୍ରି କରିବାକୁ ବାଧ ହେବେ। ଏନେଇ ବିଜେପୁର କୃଷକ ସଂଗଠନ ସଭାପତି ସୁବାସ ପଧାନଙ୍କ ନେତୃତ୍ୱରେ ଏକ ପ୍ରତିନିଧି ମଣ୍ଡଳୀ ବିଜେପୁର ତହସିଲଦାର ମୁକ୍ତେଶ୍ୱର ପାଣିଗ୍ରାହୀଙ୍କ କାର୍ଯ୍ୟାଳୟରେ ସାକ୍ଷାତକରି ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ପ୍ରଦାନ କରିଛନ୍ତି। ତତ୍ ସାଙ୍ଗକୁ ଏହାର ଏକକ ନକଲ କୃଷି ମନ୍ତ୍ରୀ, ଯୋଗାଣ ମନ୍ତ୍ରୀ, ସମବାୟ ମନ୍ତ୍ରୀ ଏବଂ ବରଗଡ଼ ଜିଲ୍ଲାପାଳଙ୍କୁ ପ୍ରଦାନ କରାଯାଇଛି ବୋଲି ସଂଗଠନର ସମ୍ପାଦକ ସାମନ୍ତ ସାହୁ ଜଣାଇଛନ୍ତି। ଦାବିପତ୍ରରେ ଅରକ୍ଷିତ ସାହୁ, ଲକ୍ଷପତି ନାଗ, କ୍ଷୀରୋଦ୍ର ପଧାନ, ଶିବ ସାହୁ, ଶେଷଦେବ ପଧାନ, ବିନୋଦ ଚୌଧୁରୀ, ସୁନିଲ ମହାପାତ୍ରଙ୍କ ସମେତ ବହୁ ସଂଖ୍ୟାରେ ଚାଷୀଙ୍କ ଦସ୍ତଖତ ଲିପିବଦ୍ଧ ରହିଛି।

# ବିକାଶ ଆବାସିକ ବିଦ୍ୟାଳୟରେ ଇନ୍‌ଭେଷ୍ଟିଚର୍ ସମାରୋହ




ବରଗଡ,୨୨ା୭ (ସମିସ): ବରାହଗୁଡା ସ୍ଥିତ କ୍ରିଷ୍ଣା ବିକାଶ ଗ୍ରୁପ୍ ଅଧୀନ ବିକାଶ ଆବାସିକ ବିଦ୍ୟାଳୟରେ ୨୦୨୫-୨୬ ଶିକ୍ଷାବର୍ଷ ନିମନ୍ତେ ଇନ୍‌ଭେଷ୍ଟିଚର୍ ସମାରୋହ ଅନୁଷ୍ଠିତ ହୋଇଯାଇଛି। ସମାରୋହରେ ବିଦ୍ୟାଳୟର ସମସ୍ତ ଛାତ୍ରଛାତ୍ରୀ ତଥା ଶିକ୍ଷକ ଶିକ୍ଷୟିତ୍ରୀଙ୍କୁ ୪ଟି ସଦନରେ ଯଥା ଫ୍ଲେମିଂଗୋଜ୍, ଫାଲକନ୍, ଆଲ୍‌ବାଟ୍ରସ୍ ଓ ନାଇହକ୍‌ସ୍‌ରେ ବିଭକ୍ତ କରାଯାଇଥିଲା। ନର୍ସରୀରୁ ଦଶମ ଶ୍ରେଣୀ ପର୍ଯ୍ୟନ୍ତ ସମସ୍ତ ଛାତ୍ରଛାତ୍ରୀଙ୍କୁ ୪ଟି ସଦନରେ ବିଭାଜିତ କରି ସେମାନଙ୍କ ମଧ୍ୟରୁ ଯୋଗ୍ୟ ଛାତ୍ରଛାତ୍ରୀଙ୍କୁ ବିଭିନ୍ନ ପଦବୀରେ ଅଧିଷ୍ଠିତ କରାଯାଇଥିଲା। ବିଦ୍ୟାଳୟର ହେଡ୍ ବଏ ହେଡ୍ ଗାର୍ଲ (ସିନିୟର୍ ସେକେଣ୍ଡାରୀ), ହେଡ୍ ବଏ ହେଡ୍ ଗାର୍ଲ (ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ), ଡେପୁଟି ହେଡ୍ ବଏ ହେଡ୍ ଗାର୍ଲ, ଚାରୋଟି ସଦନର କ୍ୟାପ୍‌ଟେନ୍ ତଥା ଅନ୍ୟାନ୍ୟ କ୍ଲବ୍ କ୍ୟାପ୍‌ଟେନ୍‌ଙ୍କୁ ବିଭିନ୍ନ ପଦବୀ ଭାର ପ୍ରଦାନ କରାଯାଇଥିଲା। ଏଥିସହିତ ବିଦ୍ୟାଳୟର ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀଙ୍କୁ ସମାନ ଭାବେ ୪ଟି ସଦନର ଦାୟିତ୍ୱ ପ୍ରଦାନ କରାଯାଇଥିଲା। କ୍ରିଷ୍ଣା ବିକାଶ ଗ୍ରୁପ୍‌ର ଚେୟାରମ୍ୟାନ ଡି ମୁରଲି କ୍ରିଷ୍ଣା ସମସ୍ତ ନବନିଯୁକ୍ତ ଛାତ୍ରଛାତ୍ରୀ ତଥା ଶିକ୍ଷକ ଶିକ୍ଷୟିତ୍ରୀଙ୍କୁ ଶପଥ ପାଠ କରାଇଥିଲେ। କାର୍ଯ୍ୟକ୍ରମରେ କ୍ରିଷ୍ଣା ବିକାଶ ଗ୍ରୁପ୍‌ର ଡାଇରେକ୍ଟର ଡ.ସମରେନ୍ଦ୍ର ନାଥ ପଣ୍ଡା, ବିକାଶ ଆବାସିକ ବିଦ୍ୟାଳୟର କାର୍ଯ୍ୟକାରୀ ଅଧ୍ୟକ୍ଷ ଶିଶିର ପ୍ରସାଦ ରାଉଳ, ସିନିୟର୍ ସେକେଣ୍ଡାରୀ ଅଧ୍ୟକ୍ଷ ଚିତରଞ୍ଜନ ପତି, ବିକାଶ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଅଧ୍ୟକ୍ଷ ନାରାୟଣ ରଥ, ଆବାସିକ ବିଦ୍ୟାଳୟର ଉପାଧ୍ୟକ୍ଷ ପ୍ରଦୀପ ସାହୁ (ସିବିଏସଇ ଆଫେଆର୍), ଉପାଧ୍ୟକ୍ଷ ଡ.ମନୋଜ ତ୍ରିପାଠୀ(ଏକାଡେମୀ) ଏବଂ ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ଉପସ୍ଥିତ ଥିଲେ।

# ଆଇନା ବୁକ୍‌ରେ ରେକର୍ଡ କଲେ ସ୍ମୃତି



ବରଗଡ଼,୨୨ା୭ (ସମିସ): ବରଗଡ଼ ବ୍ଲକ୍‌ର ଧାଙ୍ଗେର ଗାଁର ସ୍ମୃତି ସାଲୋମ ଭୋସାଗର (୪ ବର୍ଷ ୯ ମାସ) ଭାରତୀୟ ରେକର୍ଡ୍ସ ଆଇନା ବୁକରେ '୨ ମିନିଟରେ ୧୦୦ ଟି ପ୍ରଶ୍ନର ତ୍ୱରିତ ଉତ୍ତରଦାତା' ସମ୍ମାନ ପାଇଛନ୍ତି। ସ୍ମୃତିଙ୍କର ଏହି ଅଦ୍ଭୁତ ସଫଳତା ପଛରେ ତାଙ୍କର ଦୃଢ଼ ସମର୍ପଣ, ମାତା ରଞ୍ଜନା ପାଇକଙ୍କ ଅକ୍ଳାନ୍ତ ପରିଶ୍ରମ ଓ ପିତା ପ୍ରେମାନନ୍ଦ ଭୋସାଗରଙ୍କ ଅତୁଟ ସହଯୋଗ ରହିଛି। ଏହି ରେକର୍ଡ ପାଇଁ ବରଗଡ଼ର ଜିଲ୍ଲାପାଳ ଆଦିତ୍ୟ ଗୋୟଲ ତାଙ୍କୁ ଉତ୍ସାହ କରିବା ପାଇଁ ନିଜ ହାତରେ ପୁରସ୍କାର ପ୍ରଦାନ କରିଛନ୍ତି। ଏହାସହ ତାଙ୍କ ଉଜ୍ଜ୍ୱଳ ଭବିଷ୍ୟତ ପାଇଁ ଆଶୀର୍ବାଦ କରିଥିଲେ। ଭବିଷ୍ୟତରେ କଣ ହେବାକୁ ଇଚ୍ଛୁକ ବୋଲି ଜିଲ୍ଲାପାଳଙ୍କ ପ୍ରଶ୍ନରେ ସ୍ମୃତି ବୈଜ୍ଞାନିକ ହେବାର ଲକ୍ଷ୍ୟ ଅଛି ବୋଲି ଉତ୍ତର ଦେଇଥିଲେ।

# ଆଚିଭର୍ସ ହେଲ୍ପିଂ ଫାଉନଡେସନ ପକ୍ଷରୁ ଚାରା ରୋପଣ




ବରଗଡ଼,୨୨ା୭ (ସମିସ): ବରଗଡ଼ ଆଚିଭର୍ସ ହେଲଫିଂ ଫାଉନଡେସନ ତରଫରୁ ଖୁଣ୍ଟପାଲି ଗଙ୍ଗାଧର ମେହେର ସରକାରୀ ଉଚ୍ଚ ବିଦ୍ୟାଳୟ ପରିସରରେ ବନ ମହୋତ୍ସବ ଅବସରରେ 'ମାଁ ପାଇଁ ଗଛଟିଏ' କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟର ପ୍ରଧାନଶିକ୍ଷକ ରଶ୍ମି ରଞ୍ଜନ ରାଉତ ଏଥିରେ ସଭାପତିତ୍ୱ କରିଥିଲେ। ମୁଖ୍ୟ ଅତିଥି ଭାବେ ବିଡିଓ ବେରସିୟୁସ ଡୁଙ୍ଗ ଡୁଙ୍ଗ ଯୋଗ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ସହକାରୀ ଉଦ୍ୟାନ କୃଷି ନିର୍ଦ୍ଦେଶକ ଗୋବିନ୍ଦ ଚନ୍ଦ୍ର ପଣ୍ଡା, ସହକାରୀ କୃଷି ଅଧିକାରୀ ଇପ୍ସିତା ପଣ୍ଡା, ରାଜ୍ୟ ସରକାରଙ୍କଠୁ ପ୍ରକୃତି ବନ୍ଧୁ ପୁରସ୍କାର ପ୍ରାପ୍ତ ତଥା ଫାଉନଡେସନର ସଭାପତି ଦିବାକର ମାଝୀ, ବାପୁଜୀ ସ୍ୱତନ୍ତ୍ର ବିଦ୍ୟାଳୟ ଅଧୀନ ମାନସିକ ଦିବ୍ୟାଙ୍ଗ ବିଦ୍ୟାଳୟର ପୂର୍ବତନ ପ୍ରଧାନଶିକ୍ଷକ ମେଘନାଦ ସାହୁ ପ୍ରମୁଖ ମଞ୍ଚାସୀନ ଥିଲେ। ଦଶମ ଶ୍ରେଣୀ ଛାତ୍ରୀ ଯମୁନା ରଣାଙ୍କ ଜନ୍ମଦିନ ଥିବାରୁ ଅତିଥିମାନେ ତାଙ୍କୁ ଉପଢୌକନ ସହ ଫୁଲ ଗଛ ଦେଇ ସମ୍ମାନିତ କରିଥିଲେ। ଶେଷରେ ଫାଉନଡେସନ ତରଫରୁ ଦିବାକର ମାଝୀ ସମସ୍ତଙ୍କୁ ଧନ୍ୟବାଦ ଦେଇଥିଲେ। ଏହାପରେ ବିଦ୍ୟାଳୟ ପରିସରରେ ଚାରାରୋପଣ କରାଯାଇଥିଲା।

# ବୁଣାକାରଙ୍କ ପାଇଁ ସ୍ଥାୟୀ କମ୍ପ୍ଲେକ୍ସ ଦାବି କଲେ ସାଂସଦ

ପଦ୍ମପୁର,୨୨ା୭ (ସମିସ): ଓଡ଼ିଶାର ସମ୍ବଲପୁରୀ ବସ୍ତ୍ର ଦେଶ ବିଦେଶରେ ପ୍ରସିଦ୍ଧି ଲାଭ କରିଛି। ସମ୍ବଲପୁରୀ ବସ୍ତ୍ର ଓ ହସ୍ତତନ୍ତକୁ ବଜାୟ ରଖିବା ପାଇଁ ବୁଣାକାର ମାନଙ୍କ ଲାଗି ବିଭିନ୍ନ ସୁବିଧା ସୁଯୋଗ କରାଯିବାର ଆବଶ୍ୟକତା ରହିଛି। ଏନେଇ କେନ୍ଦ୍ର ହସ୍ତତନ୍ତ୍ର ଓ ବୟନଶିଳ୍ପ ମନ୍ତ୍ରୀ ଗିରିରାଜ ସିଂଙ୍କ ସହ ବରଗଡ଼ ସାଂସଦ ପ୍ରଦୀପ ପୁରୋହିତ ଆଲୋଚନା କରିଛନ୍ତି। ପଦ୍ମପୁର ଠାରେ ଏକ ସ୍ଥାୟୀ ମାର୍କେଟ କମ୍ପ୍ଲେକ୍ସ ନିର୍ମାଣ ପାଇଁ ସେ ଦାବି କରିଛନ୍ତି। ସମ୍ବଲପୁରୀ ବସ୍ତ୍ରର ପ୍ରଚାର ଓ ପ୍ରସାର ପାଇଁ ବିଭିନ୍ନ କାର୍ଯ୍ୟକ୍ରମ ହାତକୁ ନେବା ପାଇଁ ସେ କେନ୍ଦ୍ରମନ୍ତ୍ରୀଙ୍କ ସହ ଆଲୋଚନା କରିଥିଲେ। ପୂର୍ବରୁ ପଦ୍ମପୁର ସ୍ଥିତ ମହୁଲପାଲି ବୁଣାକାର କେନ୍ଦ୍ରକୁ ନିକଟସ୍ଥ ସୋନପୁର, ସମ୍ବଲପୁର, ବରଗଡ଼ ପରି ଅନ୍ୟ ଜିଲ୍ଲାର ବୁଣାକାର ମାନେ ବ୍ୟବସାୟ କରିବା ପାଇଁ ସପ୍ତାହକୁ ଥରେ ଆସୁଥିଲେ। କିନ୍ତୁ ପରବର୍ତ୍ତୀ ସମୟରେ ସେହି କେନ୍ଦ୍ର ବର୍ତ୍ତମାନ ବନ୍ଦ ହେବା ଅବସ୍ଥାରେ ରହିଛି। ତେଣୁ ବୁଣାକାର ଓ ବ୍ୟବସାୟୀଙ୍କ ସ୍ଥାୟୀ ବ୍ୟବସ୍ଥା କରାଯିବା ନେଇ ବରଗଡ଼ ସାଂସଦ କେନ୍ଦ୍ର ହସ୍ତତନ୍ତ୍ର ଓ ବୟନ ଶିଳ୍ପ ମନ୍ତ୍ରୀ ଗିରିରାଜ ସିଂଙ୍କ ବିଶେଷ ଆଲୋଚନା କରିଛନ୍ତି।



# ଦିଲ୍ଲୀ ବୁକ୍ ଅଫ୍ ରେକର୍ଡ୍ସରେ ସ୍ଥାନ ପାଇଲେ ସନ୍ତୋଷ

ବରଗଡ଼,୨୨ା୭ (ସମିସ): ଦିଲ୍ଲୀ ବୁକ୍ ଅଫ ରେକର୍ଡ୍ସରେ ଅନ୍ତର୍ଜାତୀୟ ମାଷ୍ଟର କ୍ରୀଡାବିତ୍ ଡ.ସନ୍ତୋଷ ପଧାନ ସ୍ଥାନ ପାଇଛନ୍ତି। ସେ ବିଭିନ୍ନ ଜାତୀୟ ଓ ଅନ୍ତର୍ଜାତୀୟ ସ୍ତରରେ ମାଷ୍ଟର ଆଥଲେଟିକ୍ସ ଖେଳ ପ୍ରତିଯୋଗିତାରେ ଅଂଶଗ୍ରହଣ କରି ଦେଶ, ରାଜ୍ୟ ତଥା ନିଜ ଜିଲ୍ଲା ପାଇଁ ଶହେରୁ ଅଧିକ ପଦକ ହାସଲ କରିଛନ୍ତି। ମଙ୍ଗଳବାର ଦେଶର ରାଜଧାନୀ ନୂଆଦିଲ୍ଲୀ ଠାରେ ଡିବିଆର୍ କାର୍ଯ୍ୟାଳୟର ସିଇଓଙ୍କ ଦ୍ୱାରା ଅନ୍ତର୍ଜାତୀୟ ମାଷ୍ଟର କ୍ରୀଡାବିତ୍ ଡ.ସନ୍ତୋଷଙ୍କୁ ଦିଲ୍ଲୀ ବୁକ ଅଫ ରେକର୍ଡ୍ସରେ ଏକ ଡିବିଆର ମେଡାଲ ପ୍ରମାଣପତ୍ର ସହିତ ଟ୍ରଫି ପ୍ରଦାନ କରାଯାଇଛି। ପୂର୍ବରୁ ସନ୍ତୋଷ ନିଜର ବ୍ୟକ୍ତିଗତ ଇଭେଣ୍ଟରୁ ଶ୍ରୀଲଙ୍କା, ବାଂଲାଦେଶ, ନେପାଳ, ଭୁଟାନ୍, ମାଲେସିଆ, ଥାଇଲାଣ୍ଡ, ସିଙ୍ଗାପୁର, ସରବକ ପ୍ରଭୃତି ଦେଶ ଗୁଡିକରେ ଉଭୟ ମାଷ୍ଟର ଗେମ୍ ଏବଂ ମାଷ୍ଟର ଆଥଲେଟିକ୍ସ ଚାମ୍ପିଅନ୍ ପ୍ରତିଯୋଗିତାରେ ୩୫ରୁ ଊର୍ଦ୍ଧ୍ୱ ପଦକ ହାସଲ କରି ବିରଳ ରେକର୍ଡ ସୃଷ୍ଟି କରିଥିଲେ। ଏଥିପାଇଁ ତାଙ୍କୁ ଇଣ୍ଡିଆ ବୁକ ଅଫ ରେକର୍ଡ୍ସରେ ରାଷ୍ଟ୍ର ପ୍ରେରଣା ଆୱାର୍ଡ, ବଙ୍ଗ ଗୌରବ ସମ୍ମାନ, ନେତାଜୀ ସୁଭାଷ ଚନ୍ଦ୍ର ବୋଷ ଆଇକନ ଆୱାର୍ଡ, ଇଣ୍ଟରନ୍ୟାସନାଲ ଆଚିଭର୍ସ ଆୱାର୍ଡ, ଓଡ଼ିଶା ଗୌରବ ସମ୍ମାନ ପ୍ରଭୃତିରେ ସମ୍ମାନିତ କରାଯାଇଛି।



# ଭାରତ ବିକାଶ ପରିଷଦର ପ୍ରତିଷ୍ଠା ଦିବସ

ପଦ୍ମପୁର,୨୨ା୭ (ସମିସ): ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରରେ ପଦ୍ମପୁର ଶାଖା ଭାରତ ବିକାଶ ପରିଷଦର ପ୍ରତିଷ୍ଠା ଦିବସ ପାଳିତ ହୋଇଛି। ଏହି ଅବସରରେ ଗତ ଦଶମ ଓ ଦ୍ୱାଦଶ ଶ୍ରେଣୀରେ ପଦ୍ମପୁରରେ ସର୍ବୋଚ୍ଚ ନମ୍ବର ରଖିଥିବା ୪ ଜଣ ଛାତ୍ରଛାତ୍ରୀଙ୍କୁ ସମ୍ମାନିତ କରାଯାଇଥିଲା। ଛାତ୍ରଛାତ୍ରୀଙ୍କ ମଧ୍ୟରେ 'ଭାରତ କୋ ଜାନୋ' ପ୍ରତିଯୋଗିତାରେ କୃତୀ ଅର୍ଜନ କରିଥିବା ୫ ଜଣ ଛାତ୍ରଛାତ୍ରୀଙ୍କୁ ମଧ୍ୟ ପୁରସ୍କୃତ କରାଯାଇଥିଲା। ପ୍ରାଥମିକ ବିଦ୍ୟାଳୟର ଅବସରପ୍ରାପ୍ତ ଶିକ୍ଷକ ସତ୍ୟ ତୁରିଆ ଓ ଅବସରପ୍ରାପ୍ତ ଅଧ୍ୟାପକ ଡ.ବାଞ୍ଛାନିଧି ପଣ୍ଡାଙ୍କୁ ଶିକ୍ଷା କ୍ଷେତ୍ରରେ ଅତୁଳନୀୟ ଅବଦାନ ପାଇଁ ସମ୍ମାନିତ କରାଯାଇଥିଲା। ସଭାରେ ଭାରତ ବିକାଶ ପରିଷଦର କ୍ଷେତ୍ରୀୟ ସମ୍ପାଦକ ପୂର୍ଣ୍ଣଚନ୍ଦ୍ର ଖୁଣ୍ଟିଆ ମୁଖ୍ୟ ଅତିଥି, ମହିଳା ସହଭାଗିତାର ସଭ୍ୟା ସୁପ୍ରୀତି ରଥ ତଥା ପଶ୍ଚିମ ପ୍ରାନ୍ତ ସଂଗଠନ ସମ୍ପାଦକ ଦୁର୍ଗାପ୍ରସାଦ ଶର୍ମା ସମ୍ମାନିତ ଅତିଥି ରୂପେ ଯୋଗ ଦେଇଥିଲେ। ଶାଖା ସମ୍ପାଦକ ଡ.ମନୋଜ ପ୍ରଧାନ ସ୍ୱାଗତ ଭାଷଣ ଦେଇଥିବା ବେଳେ ମନୋଜ ପଣ୍ଡା ଧନ୍ୟବାଦ ଦେଇଥିଲେ। ଗୋବିନ୍ଦ ଅଗ୍ରୱାଲଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାକୁ ଅଧ୍ୟାପକ ଦିବ୍ୟ କିଶୋର ପଣ୍ଡା ଓ ପ୍ରଧାନ ଶିକ୍ଷକ ଦ୍ୱାଦଶ ପ୍ରଧାନ ସଂଯୋଜନା କରିଥିଲେ। ସଭାରେ ପରିଷଦର ୫୦ ଜଣ ସଭ୍ୟ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମ ଆରମ୍ଭ ପୂର୍ବରୁ ବିଦ୍ୟାମନ୍ଦିର ପରିସରରେ ୧୦ଟି ଚାରାରୋପଣ କରାଯାଇଥିଲା।




# ମହିଳା ଡିଗ୍ରୀ ମହାବିଦ୍ୟାଳୟରେ ବନ ମହୋତ୍ସବ

ପଦ୍ମପୁର,୨୨ା୭ (ସମିସ): ମହିଳା ଡିଗ୍ରୀ ମହାବିଦ୍ୟାଳୟ ପରିସରରେ ଯୁବ ରେଡକ୍ରସ ଓ ରେଡରିବନ କ୍ଲବ୍ ଆନୁକୂଲ୍ୟରେ ବନ ମହୋତ୍ସବ ପାଳିତ ହୋଇଯାଇଛି। ଅଧ୍ୟକ୍ଷା କଳ୍ପନାରାଣୀ ନାଥ ଏଥିରେ ସଭାପତିତ୍ୱ କରି ବୃକ୍ଷରୋପଣର ଯଥାର୍ଥତା ବିଷୟରେ କହିଥିଲେ। କାର୍ଯ୍ୟକ୍ରମରେ ପରିବେଶବିତ୍ ମୀନକେତନ ସାହୁ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ଓମ ପ୍ରକାଶ ଅଗ୍ରୱାଲ ଅଶୋକ, ବଉଳ, ଅଁଳା, ପିଜୁଳି, ଦେବଦାରୁ ଇତ୍ୟାଦି ଚାରାଗୁଡିକୁ ଯୋଗାଇ ଦେଇଥିଲେ। ରେଡକ୍ରସ କାଉନସିଲର ସଂଗୀତା ଗୌନ୍ତିଆ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ସମସ୍ତ ଅଧ୍ୟାପକ, ଅଧ୍ୟାପିକା ଓ କର୍ମଚାରୀଙ୍କ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ। ଶେଷରେ ରେଡକ୍ରସ କାଉନସିଲର କାଦମ୍ବିନୀ ପାଣିଗ୍ରାହୀ ଧନ୍ୟବାଦ ଅର୍ପଣ କରିଥିଲେ।




# ମହାବିଦ୍ୟାଳୟରେ ପୋଶ ଆଇନ୍ ଉପରେ କର୍ମଶାଳା




ବରଗଡ଼,୨୨ା୭ (ସମିସ): ପାର୍ବତୀ ଗିରି ମହିଳା ମହାବିଦ୍ୟାଳୟରେ ଆଇସିସି (ଆଭ୍ୟନ୍ତରୀଣ ଅଭିଯୋଗ କମିଟି) ପକ୍ଷରୁ ଛାତ୍ରୀ ଓ କର୍ମଚାରୀଙ୍କ ସୁରକ୍ଷା ଆଧାରିତ ପୋଶ ଆଇନ ଉପରେ ସଚେତନତା କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ଅଧ୍ୟକ୍ଷା ରଞ୍ଜିତା ନାୟକ ନାରୀମାନଙ୍କ ସୁରକ୍ଷା ଉପରେ ଗୁରୁତ୍ୱ ଦେବା ସହ ଉଚ୍ଚାରଣ ତଥା ଆଚରଣରେ ଶାଳୀନତାର ମହତ୍ତ୍ୱ ଉପରେ ମତାମତ ଦେଇଥିଲେ। ଆଇସିସି ସଦସ୍ୟା ଅଧ୍ୟାପିକା ମୌସୁମୀ ଲିଜା ନାୟକ ଛାତ୍ରୀ ଓ ମହିଳା କର୍ମଚାରୀଙ୍କ ପ୍ରତି ସମ୍ବେଦନଶୀଳ ବ୍ୟବହାର ଉପରେ କହିଥିଲେ। ଅନ୍ୟ ସଦସ୍ୟା ଅଧ୍ୟାପିକା ଗାୟତ୍ରୀ ମିଶ୍ର ନାରୀ ନିର୍ଯାତନାର ବିଭସ୍ୱରୂପ ଓ ବର୍ତ୍ତମାନର ଅଶାନ୍ତ କ୍ୟାମ୍ପସ ଉପରେ ଆଲୋକପାତ କରିଥିଲେ। ପ୍ରାଧ୍ୟାପିକା ମଧୁସ୍ମିତା ନନ୍ଦ ସମାଜରେ ନାରୀ ମାନଙ୍କ ପ୍ରତି ପୁରୁଷଙ୍କ ଦୃଷ୍ଟିକୋଣ ବଦଳିବା ଉଚିତ୍ ବୋଲି ମତ ଦେବା ସହ ପୋଷ ଆଇନର ବିଭିନ୍ନ ଦିଗ ଉପରେ ପ୍ରାକ୍ ସୂଚନା ଦେଇଥିଲେ। ଡ.ପୁଷ୍ପାଞ୍ଜଳି ପ୍ରଧାନ କର୍ମଶାଳାର ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ। ମହାବିଦ୍ୟାଳୟର କର୍ମଚାରୀ ଓ ଛାତ୍ରୀ ଯୌନ ଉତ୍ପୀଡନ ବିରୋଧରେ ଶପଥ ପାଠ କରିଥିଲେ। ଅଧ୍ୟାପକ ବିଶ୍ୱଜିତ୍ ସାହୁ କାର୍ଯ୍ୟକ୍ରମର ଆୟୋଜନ ଓ ପରିଚାଳନା କରିଥିଲେ।

# ଜିଲ୍ଲାସ୍ତରୀୟ ସମବାୟ ମହୋତ୍ସବ

## ୨୨ଟି ବହୁମୁଖୀ ଦୁଗ୍ଧ ସମବାୟ ସମିତି ଲୋକାର୍ପିତ

ବରଗଡ଼,୨୨ା୭ (ସମିସ):

ଅନ୍ତର୍ଜାତୀୟ ସମବାୟ ବର୍ଷ-୨୦୨୫ ପାଳନ ଅବସରରେ ବରଗଡ଼ ଜିଲ୍ଲା ସମବାୟ ବିଭାଗ ଓ ଓମଫେଡର ମିଳିତ ଉଦ୍ୟମରେ ଯଦୁମଣି ପ୍ରେକ୍ଷାଳୟ ଠାରେ ଜିଲ୍ଲାସ୍ତରୀୟ ସମବାୟ ମହୋତ୍ସବ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲାରେ କାର୍ଯ୍ୟରତ କୃଷି ସମବାୟ, ଦୁଗ୍ଧ ଉତ୍ପାଦକ ସମବାୟ, ବମତ୍ସ୍ୟ ସମବାୟ ତଥା ବୟନ ହସ୍ତଶିଳ୍ପର କିଭଳି ଅଧିକ ବ୍ୟାପକ ହୋଇପାରିବ ସେ ସମ୍ପର୍କରେ ନୂତନ ଯୋଜନା ପ୍ରଣୟନ କରାଯାଇଛି। ବରଗଡ଼ ବିଧାୟକ ଅଶ୍ୱିନୀ ଷଡଙ୍ଗୀ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ଆଗାମୀ ଦିନରେ ଜିଲ୍ଲାରେ ଦୁଗ୍ଧ ଉତ୍ପାଦନକୁ ଦ୍ୱିଗୁଣିତ କରିବା ଓ ଗ୍ରାମାଞ୍ଚଳର ଅର୍ଥନୀତିକୁ ଆହୁରି ସୁଦୃଢ଼ କରିବା ପାଇଁ ସମସ୍ତେ ସଂକଳ୍ପ ନେବାପାଇଁ ଅନୁରୋଧ କରିଥିଲେ। ଜିଲ୍ଲାପାଳ ଆଦିତ୍ୟ ଗୋୟଲ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଦୁଗ୍ଧସଂଘର ସାଧାରଣ ପରିଚାଳକ ଡ.ସରୋଜ ସାହୁ ସଂପ୍ରତି ସରକାରଙ୍କ ମୁଖ୍ୟମନ୍ତ୍ରୀ କାମଧେନୁ ଯୋଜନା ଅନ୍ତର୍ଗତ ଘାସ ଚାଷ, ଗୋପାଳନ ଯୋଜନା, ଗୋ ବୀମା, ଦୁଗ୍ଧହ୍ରାସ ସମୟର ପ୍ରୋତ୍ସାହନ ରାଶି, ମାଇ ବାଛୁରୀ ପାଳନ ଯୋଜନା ଉପରେ ଆଲୋକପାତ କରିଥିଲେ। ଏଥିସହିତ ଗାଈର ବର୍ଜ୍ୟବସ୍ତୁରୁ କିଭଳି ଅର୍ଥ ଆମଦାନୀ କରାଯାଇପାରିବ, ଯଥା ଗାଈର ଗୋବରକୁ ନେଇ ବାୟୋ ଗ୍ୟାସ, ଜିଆ ଖତ ଆଦିର ପ୍ରସ୍ତୁତି ଉପରେ ଆଲୋଚନା କରିଥିଲେ। ଆଗାମୀ ଦିନରେ ବରଗଡ଼ ଜିଲ୍ଲାରେ ଆଉ ଏକ ଶ୍ୱେତ ବିପ୍ଳବ ସୃଷ୍ଟି କରିବାକୁ ଆହ୍ୱାନ ଦେଇଥିଲେ।



ସେହିପରି ଅନ୍ୟ ଅତିଥିମାନଙ୍କ ମଧ୍ୟରେ ବରଗଡ଼ ସମବାୟ ସମିତି ସମୂହ ଉପ ନିବନ୍ଧକ ଯୁଗଳ କିଶୋର ଦାଶ, ଜିଲ୍ଲା ପ୍ରାଣୀଧନ ଅଧିକାରୀ ବିରୁପାକ୍ଷ ନାୟକ, ବରଗଡ଼ ଏସଡିସିସି ବ୍ୟାଙ୍କ ସଭାପତି ନରେନ୍ଦ୍ର ପ୍ରଧାନ ପ୍ରମୁଖ ଗୋପାଳନ ଯୋଜନା ଆନୁକୂଲ୍ୟରେ ବାହାର ରାଜ୍ୟରୁ ଗାଈ କିଣିବା ପାଇଁ କ୍ରେତା ବିକ୍ରେତାମାନଙ୍କ ଏକ ସମ୍ମିଳନୀ କରିବା ନିମନ୍ତେ ପରାମର୍ଶ ଦେଇଥିଲେ। ଜିଲ୍ଲାରେ ଗୋପାଳନ ଏବଂ ଦୁଗ୍ଧ ଚାଷକୁ ପ୍ରୋତ୍ସାହିତ କରିବା ପାଇଁ ଜିଲ୍ଲାର ୧୦ ଜଣ ଚାଷୀଙ୍କୁ ମୁଖ୍ୟମନ୍ତ୍ରୀ କମଧେନୁ ଯୋଜନାର କାର୍ଯ୍ୟାଦେଶ ବଣ୍ଟନ କରିବା ସହ ସମୁଦାୟ ୨୨ଟି ବହୁମୁଖୀ ଦୁଗ୍ଧ ସମବାୟ ସମିତିକୁ ବିଧାୟକ ଶ୍ରୀ ଷଡଙ୍ଗୀଙ୍କ କରକମଳରେ ଶୁଭ ଲୋକାର୍ପଣ କରାଯାଇଛି। ସେଗୁଡିକ ହେଲା ବାସୁକି ସ୍ୱାଇଁ, ସୁନୀଲ ଖମାରୀ, ସନ୍ତୋଷ ଛତ୍ରିଆ, ଯଶୋବନ୍ତ ପଧାନ, ମାୟାଧର ସାହୁ, ନିଲାଞ୍ଚଳ ପଧାନ, ଅକ୍ଷୟ ପଧାନ, ସଞ୍ଜୟ ନାୟକ, କେଶବ ପ୍ରଧାନ, ବରୁଣ ପାଣ୍ଡେ, ଗୋବର୍ଦ୍ଧନ ସାହୁ, ସୀତାକାନ୍ତ ସାହୁ, ରମେଶ ଚନ୍ଦ୍ର ସାହୁ, ରୁପେନ ସାହୁ, ଶେଷଦେବ ପଧାନ, କେଶବ ପଧାନ, ସୁଶୀଲ ଭୁଏ, ରାଜନାରାୟଣ ସାହୁ, ଜଳଧର ପଧାନ, ଚିତ୍ରସେନ ସ୍ୱାଇଁ, ସୁରେଶ ବାନଛୋର। ଶେଷରେ ପଦ୍ମପୁର ଉପଖଣ୍ଡ ପ୍ରାଣୀ ଧନ ଅଧିକାରୀ ଡ.ଆଚାର୍ଯ୍ୟ ଚନ୍ଦ୍ରକାନ୍ତ ପଟ୍ଟଯୋଶୀ ଧନ୍ୟବାଦ ଅର୍ପଣ କରିଥିଲେ।

ସକାଳ THE SAKALA

## ବାଇକ୍ ଦୁର୍ଘଟଣାରେ ଜଣେ ମୃତ; ୨ ଗୁରୁତର

ଫିରିଙ୍ଗିଆ,୨୨।୭ (ସମିସ): ଖଜୁରୀପଡ଼ା ଥାନା ଦୂତିମେଣ୍ଢୀ ପଞ୍ଚାୟତ ସମ୍ବରଡେଗାରେ ସୋମବାର ଅପରାହ୍ନରେ ବାଇକ୍ ଦୁର୍ଘଟଣାରେ ଜଣକର ମୃତ୍ୟୁ ହୋଇଥିବା ବେଳେ ୨ ଜଣ ଗୁରୁତର ହୋଇଛନ୍ତି। ମୃତକ ହେଲେ ଦଶପଲ୍ଲା ଜରିପାଟଣା ଗାଁର ପ୍ରଭାତ କୁମାର ସାହୁ (୪୦)। ଆହତମାନେ ହେଲେ ଜ୍ୟୋତି ରଞ୍ଜନ ଘଡ଼େଇ ଓ ସିଦ୍ଧେଶ୍ୱର ସାହୁ। ଏକ ବୁଲେଟରେ ତିନି ଜଣ ଦଶପଲ୍ଲାରୁ ଫୁଲବାଣୀ ସିଦ୍ଧେଶ୍ୱରଙ୍କ ଶଶୁର ଘରକୁ ଯାଉଥିବାବେଳେ ସମ୍ବରଡେଗାରେ ଏକ ପଲସର୍ ବାଇକ୍ ଦ୍ରୁତ ଗତିରେ ଆସି ଓଭରଟେକ୍ କଲା ବେଳେ ଧକ୍କା ଦେବାରୁ ଦୁର୍ଘଟଣା ଘଟିଥିଲା। ଖବର ପାଇ ଘଟଣାସ୍ଥଳରେ ପୁଲିସ ଓ ଅଗ୍ନିଶମ ବାହିନୀ ପହଞ୍ଚି ଗୁରୁତର ଆହତଙ୍କୁ ପ୍ରଥମେ ଖଜୁରୀପଡ଼ା ଡାକ୍ତରଖାନା ଓ ପରେ ଫୁଲବାଣୀ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରଥିଲେ। ପ୍ରଭାତଙ୍କୁ ଡାକ୍ତର ମୃତ ଘୋଷଣା କରିଛନ୍ତି। ଅନ୍ୟ ଦୁଇ ଗୁରୁତର ଚିକିତ୍ସିତ ହେଉଛନ୍ତି। ଏ ନେଇ ଥାନାରେ ଏକ ମାମଲା ରୁଜୁ କରାଯାଇ ତଦନ୍ତ ଚାଲିଛି।

## ରୋଷେଇ ଘରୁ ନାଗସାପ ଉଦ୍ଧାର

ଚକାପାଦ,୨୨।୭ (ସମିସ): ଚକାପାଦ ବ୍ଲକ ଲାଇନ୍‌ପଡ଼ାରେ ଅଭିମନ୍ୟୁ ବେହେରାଙ୍କ ରୋଷେଇ ଘରୁ ଏକ ବିଷଧର ନାଗ ସାପ ଉଦ୍ଧାର ହୋଇଛି।



ସୋମବାର ରାତିରେ ଅଭିମନ୍ୟୁ ବେହେରାଙ୍କ ପତ୍ନୀ ରୋଷଇ ଘରକୁ ଯିବାବେଳେ ସାପ ଉପରେ ଗୋଡ଼ ପଡ଼ିଯାଇଥିଲା। ମାତ୍ର ସାପଟି ତାଙ୍କୁ କାମୁଡ଼ି ନଥିଲା। ଖବର ପାଇ ଶଙ୍କରାଖୋଲରୁ ସାପ ଧରାଳି ଅରୁଣ କୁମାର ମହାରଣା ଆସି ସାପଟିକୁ ଧରି ଜଙ୍ଗଲରେ ଛାଡ଼ି ଦେଇଥିଲେ।

## ୨ ବାଇକ୍ ମୁହାଁମୁହିଁ; ଜଣେ ମୃତ, ୩ ଗୁରୁତର

● ଆମ୍ବୁଲାନ୍ସ ଆସିବାରେ ବିଳମ୍ବରୁ ଉତ୍ତେଜନା

ରାଇକିଆ,୨୨।୭ (ସମିସ): ରାଇକିଆ ଆଦର୍ଶ ବିଦ୍ୟାଳୟ ନିକଟ ବୁଲାଣି ରାସ୍ତାରେ ଦୁଇ ବାଇକ୍ ମଧ୍ୟରେ ମୁହାମୁହିଁ ଧକ୍କା ହେବା ଫଳରେ ଘଟଣାସ୍ଥଳରେ ଜଣଙ୍କର ମୃତ୍ୟୁ ଘଟିଥିବା ବେଳେ ତିନି ଜଣ ଗୁରୁତର ଆହତ ହୋଇଛନ୍ତି। ମୃତକ ଜଣକ ଜିଡୁବାଡି ଗ୍ରାମର ରିକୁନ ପ୍ରଧାନ। ସେହି ଜିଡୁବାଡିର ପପୁନ ଦିଗାଲ ଏବଂ ଦାଡ଼ାକେତାର ବିକାଶ ପ୍ରଧାନ ଏବଂ ଡ଼ାମ୍ବାର ବାପି ପ୍ରଧାନ ଗୁରୁତର ଆହତ ହୋଇଛନ୍ତି। ଆହତଙ୍କୁ ଅଗ୍ନିଶମ ବିଭାଗ କର୍ମଚାରୀ ଏବଂ ପୁଲିସ ସହାୟତାରେ ରାଇକିଆ ସ୍ୱାସ୍ଥ୍ୟକେନ୍ଦ୍ରରେ ପ୍ରାଥମିକ ଚିକିତ୍ସା କରାଯାଇଥିଲା। ସେମାନଙ୍କ ଅବସ୍ଥା ଗୁରୁତର ଥିବାରୁ ଫୁଲବାଣୀ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର ପାଇଁ ଆମ୍ବୁଲାନ୍ସ ମିଳି ନଥିଲା। ଏ ନେଇ ସ୍ୱାସ୍ଥ୍ୟକେନ୍ଦ୍ର ପରିସରରେ କିଛି ସମୟ ପାଇଁ ଅସନ୍ତୋଷ ଏବଂ ଉତ୍ତେଜନା ପ୍ରକାଶ ପାଇଥିଲା। ବିଳମ୍ବରେ ଆମ୍ବୁଲାନ୍ସ ଆସିବା ପରେ ଫୁଲବାଣୀ ପଠାଯାଇଥିଲା।

## ଡ୍ରେନ୍ ଖୋଳିବା ବେଳେ କାଦୁଅରେ ଫସିଲା ଜେସିବି

ପାରଳାଖେମୁଣ୍ଡି,୨୨।୭ (ସମିସ): ଗଜପତି ଜିଲ୍ଲା ସଦରମହକୁମା ପାରଳାଖେମୁଣ୍ଡି ସହରର ଶଙ୍କୁରୀବନ୍ଧ ତଟରେ ଏକ ଡ୍ରେନ୍ ଖୋଳିବା ବେଳେ ଜେସିବି ମେସିନ୍ କାଦୁଅରେ ଫସି ଯାଇଛି। ଶଙ୍କୁରୀବନ୍ଧ ତଥା ପାରଳା ସହରର ମୁଖ୍ୟରାସ୍ତା ତଟରେ ଥିବା କ୍ରିଷ୍ଣା ସିନେମା ହଲ ଛକ ଠାରୁ ନାଳ କାମ ଆଜି ଠାରୁ ଆରମ୍ଭ ହୋଇଛି। ଏହା ଏକ ବଡ଼ନାଳ ହୋଇଥିବା ବେଳେ ଏହାର ମାଟି ଖନନ କରାଯାଉଥିଲା। ତେବେ କାଦୁଅ ଯୋଗୁ ଜେସିବିଟି ମାଟିରେ ଦବିଯାଇଥିଲା। କ୍ରେନ୍ ଆସି ଏହାକୁ ବାହାର କରିଥିବାବେଳେ କିଛି ସମୟ ପାଇଁ ଟ୍ରାଫିକ୍ ସମସ୍ୟା ହୋଇଥିଲା।



### ଅପହରଣ ଓ ଦୁଷ୍କର୍ମ ମାମଲା

# ଯୁବକଙ୍କୁ ୭ ବର୍ଷ ଜେଲ୍

ଫୁଲବାଣୀ,୨୨।୭ (ସମିସ)

ଜଣେ ନାବାଳିକାଙ୍କୁ ଅପହରଣ ଓ ପରେ ଦୁଷ୍କର୍ମ ମାମଲାର ରାୟ ସୋମବାର ପ୍ରକାଶ ପାଇଛି। ଫୁଲବାଣୀ ସ୍ୱତନ୍ତ୍ର ପୋକ୍‌ସୋ କୋର୍ଟ ବିଚାରପତି ମନୋରଞ୍ଜନ ଦାସ ମାମଲାର ବିଚାର କରି ଅଭିଯୁକ୍ତଙ୍କୁ ୭ ବର୍ଷ ସଶ୍ରମ କାରାଦଣ୍ଡାଦେଶ ଶୁଣାଇଛନ୍ତି। ଏଥିସହ୧୭ ହଜାର ଟଙ୍କା ଜରିମାନା ଏବଂ ଅନାଦେୟ ଅଧିକ ୯ ମାସ ଜେଲ ଭୋଗିବାକୁ ରାୟରେ ଉଲ୍ଲେଖ କରିଛନ୍ତି। ଅଭିଯୁକ୍ତ ଜଣକ ହେଲେ ଟିକାବାଲି ଥାନା ଅଞ୍ଚଳର ସନ୍ତୋଷ ଓରଫ ସୁରଜ ଓରଫ ବାବୁ ଦିଗାଲ।

୨୦୧୬ ଅଗଷ୍ଟ ୩୧ ରାତିରେ ଫୁଲବାଣୀ ଥାନା ଅଞ୍ଚଳର ଜଣେ ନାବାଳିକା କେଉଁଆଡ଼େ ନିଖୋଜ ହୋଇଯାଇଥିଲେ। ଘର ଲୋକେ ଖୋଜାଖୋଜି କରି ପାଇ ନ ଥିଲେ। ସନ୍ତୋଷ ତାଙ୍କୁ ଏକ ବାଇକରେ ସାଙ୍ଗ ଘରକୁ ନେଇ ସେଠାରେ ବଳାତ୍କାର କରିଥିଲା।

ଏହାପରେ ମୁଁ ବାହା ହୋଇଛି, ତୁ ଯା' ଆଉ କେଉଁଠି ବାହା ହୋଇଯିବୁ କହି ନାବାଳିକାଙ୍କୁ ମାର୍‌ପିଟ କରିଥିଲା। ୨ ତାରିଖ ସକାଳେ ନାବାଳିକା ଜଣକ ବାପାଙ୍କୁ ଫୋନ୍ କରି ମୋତେ ଗୋଟିଏ ପୁଅ ନେଇ ଆସିଛି, ୩୦ ହଜାର ଟଙ୍କା ମାଗୁଛି। ମୋ ପାଖରେ ଥିବା ୧୩ ହଜାର ଟଙ୍କା ନେଇ ସାରିଲାଣି। ସେ ବାହା ହୋଇଛି। ମୋତେ କହୁଛି, ତୁ ଆଉ କେଉଁଆଡ଼େ ବାହା ହୋଇଯିବୁ। ମୋତେ ମାରପିଟ କରୁଛି, ଆସି ନେଇ ଯାଅ ବୋଲି ଝିଅ କହିଥିଲା। ବାପା ନିଜ ସମ୍ପର୍କୀୟଙ୍କୁ ଧରି ଟିକାବାଲି ଥାନା ଟେଙ୍ଗେଡାପଥର ଛକରେ ପହଞ୍ଚିଥିଲେ। ସେଠାରେ ଝିଅ ପୁଅ ସହ ଥିବା ଦେଖି ଟିକାବାଲି ଥାନାକୁ ଫୋନ କରିଥିଲେ। ପୁଲିସ ପହଞ୍ଚି ନାବାଳିକାଙ୍କୁ ଥାନାକୁ ନେଇ ମାମଲା ଫୁଲବାଣୀ ଥାନାରେ ହେବ ବୋଲି କହିଥିଲା। ନାବାଳିକାଙ୍କ ମା' ଥାନାରେ ଏତଲା ଦେଇଥିଲେ। ଟାଉନ ଥାନା ପୁଲିସ ମାମଲା ରୁଜୁ କରି ସନ୍ତୋଷଙ୍କୁ ଗିରଫ କରିଥିଲା। ବିଚାରପତି ୧୨ ଜଣଙ୍କ ସାକ୍ଷ୍ୟ ପ୍ରମାଣ ଆଧାରରେ ଅଭିଯୁକ୍ତଙ୍କୁ ଉପରୋକ୍ତ ଦଣ୍ଡାଦେଶ ଶୁଣାଇବା ସହ ପୀଡ଼ିତାଙ୍କୁ କ୍ଷତିପୂରଣ ବାବଦରେ ଦେଢ଼ ଲକ୍ଷ ଟଙ୍କା ପ୍ରଦାନ କରିବାକୁ ଜିଲ୍ଲା ଆଇନସେବା ପ୍ରାଧିକରଣଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ସରକାରଙ୍କ ପକ୍ଷରୁ ସ୍ୱତନ୍ତ୍ର ପିପି ଅସୀମ ପ୍ରହରାଜ ମାମଲା ପରିଚାଳନା କରୁଥିଲେ।

## ପିଶାଚ ବାପାକୁ ୨୦ ବର୍ଷ ସଶ୍ରମ କାରାଦଣ୍ଡ

ପାରଳାଖେମୁଣ୍ଡି,୨୨।୭ (ସମିସ): ବହୁ ଚର୍ଚ୍ଚିତ ପଦ୍ମପୁର ଗ୍ରାମରେ ପିଶାଚ ବାପା ନିଜ ନାବାଳିକା ଝିଅକୁ ପାଶବିକ ଅତ୍ୟାଚାର କରିଥିବା ମାମଲାର ରାୟ ପ୍ରକାଶ ପାଇଛି। ପାରଳାଖେମୁଣ୍ଡି ଅତିରିକ୍ତ ଜିଲ୍ଲା ଦୌରାଜଜ୍ ମାମଲାର ଶୁଣାଣି କରି୨୦ ବର୍ଷ ସଶ୍ରମ କାରାଦଣ୍ଡ ସହ ଦଶ ହଜାର ଟଙ୍କା ଜରିମାନା ଦଣ୍ଡାଦେଶ ଦେଇଛନ୍ତି। ଏଥିସହ ମାରିଦେବାକୁ ଧମକ ଦେଇଥିବାରୁ ଅତିରିକ୍ତ ଏକ ବର୍ଷ ଓ ଜରିମାନା ଏବଂ ଅନାଦାୟ ହେଲେ ଅଧିକ ୬ ମାସ ସଜା ଶୁଣାଇଛନ୍ତି। ଆନ୍ଧ୍ରପ୍ରଦେଶ ପାର୍ବତୀପୁର ଥାନା ଅନ୍ତର୍ଗତ ବାତିଲି ନିକଟସ୍ଥ କାଠଗଡ଼ା ଗ୍ରାମର ତିରୁପତି ପ୍ରଧାନ। ଗଜପତି ଜିଲ୍ଲା ପାରଳାଖେମୁଣ୍ଡି ଥାନା ପଦ୍ମପୁର ଗ୍ରାମର ଜନୈକ ମହିଳାଙ୍କୁ ବିବାହ କରିଥିଲେ। ତାଙ୍କର ଗୋଟିଏ ପୁଅ ଏବଂ ଗୋଟିଏ ଝିଅ ଥିବାବେଳେ ସ୍ତ୍ରୀ ଓ ପିଲାଙ୍କୁ ଛାଡ଼ି ସେ ଅନ୍ୟଜଣେ ମହିଳାଙ୍କ ସହ ବାହାର ରାଜ୍ୟକୁ ଚାଲିଯାଇଥିଲେ। ଦୁଇ ସନ୍ତାନକୁ ନେଇ ସ୍ତ୍ରୀ ନିଜ ବାପଘର ପଦ୍ମପୁରକୁ ଆସି ରହୁଥିଲେ। ଦୀର୍ଘଦିନ ପରେ ତିରୁପତି ଫେରି ଶ୍ୱଶୁର ଘରେ ରହୁଥିବା ସ୍ତ୍ରୀ, ପୁଅ ଓ ଝିଅଙ୍କ ସହ ରହିଥିଲା। ସେଠାରେ ୧୨ ବର୍ଷୀୟା ଝିଅକୁ ଦୁଷ୍କର୍ମ କରିବା ସହ ମାରପିଟ୍ କରୁଥିବା ନେଇ ଅଭିଯୋଗ କରିଥିଲେ ସ୍ତ୍ରୀ। ଏନେଇ ପାରଳାଖେମୁଣ୍ଡି ଥାନାରେ ଏକ ମାମଲା ରୁଜୁ କରି ପୁଲିସ ଅଭିଯୁକ୍ତକୁ ଗିରଫ କରି କୋର୍ଟ ଚାଲାଣ କରିଥିଲା। ଏହାର ବିଚାରଣ କରି ପିଶାଚ ବାପାକୁ ୨୦ ବର୍ଷ ସଶ୍ରମ କାରାଦଣ୍ଡ ଓ ୧୦ ହଜାର ଟଙ୍କା ଜରିମାନା ଶୁଣାଇଛନ୍ତି ଅଦାଲତ। ଏଥିସହ ପୀଡ଼ିତାଙ୍କୁ ୪ ଲକ୍ଷ ଟଙ୍କା ଅନୁକମ୍ପା ରାଶି ଦେବାକୁ ମଧ ନିର୍ଦ୍ଦେଶ ଦେଇଛନ୍ତି ଅତିରିକ୍ତ ଜିଲ୍ଲା ଦୌରାଜଜ୍। ଜିଲ୍ଲା ଆରକ୍ଷୀ ଅଧିକ୍ଷକ ଯତିନ୍ଦ୍ର କୁମାର ପଣ୍ଡାଙ୍କ ତତ୍ତ୍ୱାବଧାନରେ ତଦନ୍ତ ଅଧିକାରୀ ଲକ୍ଷ୍ମଣ ବେସରା ମାମଲାର ତଦନ୍ତ କରିଥିଲେ। ଭାରତୀୟ ନ୍ୟାୟ ସଂହିତା ଦଫା ଅନୁସାରେ ଦୋଷୀ ସାବ୍ୟସ୍ତ ହୋଇଛି ଅଭିଯୁକ୍ତ।

## ତଗାପାଙ୍ଗା ଗ୍ରାମ୍ୟ ଜଙ୍ଗଲରେ ଗୋଲମରିଚ ଚାଷ

ଦାରିଙ୍ଗବାଡି,୨୨।୭ (ସମିସ): ବାଲିଗୁଡା ଆଇଟିଡିଏ ପକ୍ଷରୁ ଦାରିଙ୍ଗବାଡ଼ି ବ୍ଲକ ଗ୍ରୀନବାଡ଼ି ପଞ୍ଚାୟତ ତଗାପାଙ୍ଗା ଗ୍ରାମ୍ୟ ଜଙ୍ଗଲରେ ୨୨୦ ଏକର ଶାଳ ଜଙ୍ଗଲରେ ଗୋଲ ମରିଚ ଚାଷ କରାଯାଇଛି। ୨୨୦ ଏକର ଜମିରେ ୧ ଲକ୍ଷ ୧୦ ହଜାର ଗୋଲ ମରିଚ ଗଛ ଲଗାଯିବ ପାଇଁ ମଙ୍ଗଳବାର ଦିନ ଏହାର ଶୁଭାରମ୍ଭ ହୋଇଛି। ଶୁଭାରମ୍ଭ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ପ୍ରକଳ୍ପ ପ୍ରଶାସକ କୃପାସିନ୍ଧୁ ବେହେରା ଯୋଗ ଦେଇ ଗୋଲ ମରିଚ ଲଗାଇଥିଲେ। ୩ ବର୍ଷ ପର୍ଯ୍ୟନ୍ତ ଏହାର ରକ୍ଷଣାବେକ୍ଷଣ ଆଇଟିଡିଏ ଓ ଗ୍ରାମବାସୀଙ୍କ ପକ୍ଷରୁ



କରାଯିବ। ଦାରିଙ୍ଗବାଡି ଅଞ୍ଚଳରେ ସମୁଦାୟ ୫୦୦ ଏକର ଜମିରେ ଗୋଲମରିଚ ଚାଷ କରାଯିବାକୁ ଲକ୍ଷ୍ୟ ରଖା ଯାଇଥିବା ପ୍ରକଳ୍ପ ପ୍ରଶାସକ କହିଛନ୍ତି। ଶୁଭାରମ୍ଭ କାର୍ଯ୍ୟକ୍ରମରେ ଆଇଟିଡିଏର ପ୍ରକଳ୍ପ ପରିଚାଳକ ସମୀରନ ନାୟକ, କୃଷି ବିଶେଷଜ୍ଞ ରାଜେଶ ପ୍ରଧାନ, ବ୍ଲକ ଜୀବିକା ବିଶେଷଜ୍ଞ ରହିମଉଦ ନାୟକ, ଦେବାଶିଷ ନାୟକ, ଏସ. ସୁନିଲ ସୁବୁଦ୍ଧି, ବନପାଳ ସରୋଜ ମଙ୍ଗରାଜ, ଗୋଲ ମରିଚ ରୋପଣ କମିଟି ସଭାପତି କ୍ରିଷ୍ଟଦାସ ପ୍ରଧାନ ଓ ସମ୍ପାଦକ ଏଲିଅ ପ୍ରଧାନ ଉପସ୍ଥିତ ଥିଲେ।

## ହାତୀ ଆତଙ୍କ; ମାସେ ହେଲା ଜଳୁନି ଷ୍ଟ୍ରିଟ୍ ଲାଇଟ୍

ଜି.ଉଦୟଗିରି,୨୨।୭ (ସମିସ): ଜି.ଉଦୟଗିରିରେ ଲାଗି ରହିଛି ହାତୀ ଭୟ। ଭୟରେ ଲୋକେ ସନ୍ଧ୍ୟା ହେଲେ ଘରୁ ବାହାରୁନଥିବା ବେଳେ ନିଦ ହଜେଇ ଦେଇଛି ହାତୀ। ବିଶେଷ କରି ଜି.ଉଦୟଗିରି କଳିଙ୍ଗା ରାସ୍ତାରେ ଚଳପ୍ରଚଳ ଅଧିକ ରହୁଥିବା ବେଳେ ନିକଟରେ ବିଭିନ୍ନ ସ୍ଥାନରେ ହାତୀ ଚଲା ପଥ ସତର୍କ ସୂଚନା ଫଳକ ଲଗାଯାଇଛି। ସହର ଉପକଣ୍ଠ ପଦାସାହିରେ ବାରମ୍ବାର ହାତୀ ଉପଦ୍ରବ କରୁଥିବାବେଳେ ମାସେ ହେଲେ ଷ୍ଟ୍ରିଟ୍ ଲାଇଟ୍ ଜଳୁନଥିବା କହିଛନ୍ତି ସାହିବାସିନ୍ଦା। ରବିବାର ରାତିରେ ହାତୀ ପଦାସାହି ପ୍ରଦୀପ ନାୟକଙ୍କ ତିନି ବଖରା ଘର ଭାଙ୍ଗିବା ସହିତ ଆସବାବପତ୍ର ନଷ୍ଟ କରିଥିଲା। ଘରେ ଥିବା ପାଞ୍ଚ ଜଣ ଦୌଡ଼ି ଜୀବନ ରକ୍ଷା କରିଥିଲେ। କିନ୍ତୁ ପଦାସାହିରେ ଷ୍ଟ୍ରିଟ୍ ଲାଇଟ୍ ନଥିବାରୁ ଅସନ୍ତୋଷ ପ୍ରକାଶ କରିଛନ୍ତି ସାହି ଲୋକ। ଲୋକେ ହାତୀ ଭୟରେ ଆତଙ୍କିତ ଥିବା ବେଳେ ବିଦ୍ୟୁତ ସମସ୍ୟା ଯୋଗୁ ନାହିଁନଥିବା ହଇରାଣ ହେଉଛନ୍ତି। ମରାମତି କରିବାକୁ ପଦାସାହିର ବିବେକାନନ୍ଦ ପ୍ରଧାନ, ପ୍ରକାଶ ପ୍ରଧାନ, ଦୀପକ ପ୍ରଧାନ, ଯୋଗେନ୍ଦ୍ର ସାହୁ ଓ ଅଶୋକ ପ୍ରଧାନ ଦାବି କରିଛନ୍ତି।

## କତିଙ୍ଗିଆ ଆଶ୍ରମ ବିଦ୍ୟାଳୟରେ ଚାରା ରୋପଣ



ଜି.ଉଦୟଗିରି,୨୨।୭ (ସମିସ): ଜି.ଉଦୟଗିରି ବନାଞ୍ଚଳ କତିଙ୍ଗିଆ ଆଶ୍ରମ ବିଦ୍ୟାଳୟରେ ୭୬ତମ ବନ ମହୋତ୍ସବ ଓ ମା' ପାଇଁ ଗଛଟିଏ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ପ୍ରଧାନ ଶିକ୍ଷୟିତ୍ରୀ ଶୋଭାମଣି ନାୟକଙ୍କ ନେତୃତରେ ସମସ୍ତ ଶିକ୍ଷକ/ଶିକ୍ଷୟିତ୍ରୀ, ପରିଚାଳନା କମିଟିର ସମସ୍ତ କର୍ମକର୍ତ୍ତା ଓ ଛାତ୍ରଛାତ୍ରୀ ମିଳିତ ଭାବେ ବିଦ୍ୟାଳୟ ପରିସରରେ ବିଭିନ୍ନ ପ୍ରକାର ଚାରାରୋପଣ କରିଥିଲେ। ଶିକ୍ଷକ ଶ୍ରୀରାମ ପ୍ରଧାନ ଛାତ୍ରଛାତ୍ରୀଙ୍କୁ ବିଭିନ୍ନ ଜାତିର ବୃକ୍ଷ ସହ ପରିଚିତ କରାଇଥିଲେ। ଶିକ୍ଷକ ଦୁଷ୍ମନ୍ତ କୁମାର ବେହେରା ପ୍ରତି ପିଲାଙ୍କୁ ଏକ ବର୍ଷରେ କିମ୍ବା ନିଜ ଜନ୍ମଦିନରେ ଖୋଲା ଜାଗାରେ ଗୋଟିଏ ଚାରା ରୋପଣ କରି ଯତ୍ନ ନେବାକୁ ପରାମର୍ଶ ଦେଇଥିଲେ।

## ବ୍ଲକସ୍ତରୀୟ ସିଆର୍‌ପି ସଂଘର ଦାବିପତ୍ର



ଫିରିଙ୍ଗିଆ,୨୨।୭ (ସମିସ): ଫିରିଙ୍ଗିଆ ବ୍ଲକସ୍ତରୀୟ ସିଆରପି ସଂଘ ତରଫରୁ ଚାରି ଦଫା ସମ୍ବଳିତ ଦାବିପତ୍ର ଗୋଷ୍ଠୀ ଉନ୍ନୟନ ଅଧିକାରୀ ଅନୁପ ଅଭିଷେକ ବେହେରା ଏବଂ ଓଡ଼ିଶା ଜୀବିକା ମିଶନ ବ୍ଲକ ପ୍ରକଳ୍ପ ମ୍ୟାନେଜର ସଂଗ୍ରାମ କେଶରୀ ସାହୁଙ୍କୁ ପ୍ରଦାନ କରାଯାଇଛି। ସୂଚନା ଅନୁସାରେ, ବ୍ଲକ ଅଧୀନରେ ଥିବା ୨୪ ପଞ୍ଚାୟତରେ ୧୫୯ ଜଣ ସିଆର୍‌ପି କାର୍ଯ୍ୟରତ ଥିବାବେଳେ ଦୀର୍ଘଦିନ ଧରି ସେମାନେ ସ୍ୱଳ୍ପ ଦରମାରେ କାର୍ଯ୍ୟ କରୁଛନ୍ତି। ବେତନ ବୃଦ୍ଧି ପାଇଁ ବହୁବାର ସେମାନେ ସରକାରଙ୍କ ପାଖରେ ଗୁହାରି କରି ଆସୁଛନ୍ତି। ମଙ୍ଗଳବାର ସଂଘ ସଭାନେତ୍ରୀ ମଧୁସ୍ମିତା ନାଏକ ଓ ସମ୍ପାଦକ ରେଣୁକା ମିଶ୍ରଙ୍କ ନେତୃତ୍ୱରେ ଶତାଧିକ ସିଆରପି ପ୍ରଥମେ ସ୍ଥାନୀୟ ବିଡ଼ିଓ ଏବଂ ପରେ ଜୀବିକା ମିଶନ ମ୍ୟାନେଜରଙ୍କୁ ଏକ ଲିଖିତ ଦାବି ପତ୍ର ଦେଇଥିଲେ। ସେମାନଙ୍କୁ ଦିଆଯାଉଥିବା ଇନ୍‌ସେନ୍‌ଟିଭ ବନ୍ଦ କରି ମାସିକ ୧୦ହଜାର ଟଙ୍କା ଦିଆଯିବା, ଅନଲାଇନ କାର୍ଯ୍ୟ ପାଇଁ ଲାପଟପ ଯୋଗାଇ ଦେବା, ପରିଚୟ ପ୍ରଦାନ ସହ ଆକାଉଣ୍ଟ ଜରିଆରେ ମାସିକ ବେତନ ଦିଆଯିବା ଓ ସମସ୍ତ ସିଆର୍‌ପିଙ୍କୁ ସାମାଜିକ ସୁରକ୍ଷା ଯୋଗାଇଦେବା ପ୍ରଭୃତି ଦାବି କରାଯାଇଛି।

## ଆହତ ପେଚା ଉଦ୍ଧାର

ଫୁଲବାଣୀ,୨୨।୭ (ସମିସ): ସ୍ଥାନୀୟ ମାଷ୍ଟରପଡା ଶନି ମନ୍ଦିର ନିକଟରୁ ଏକ ଆହତ ପେଚାକୁ ଉଦ୍ଧାର କରିଛି ବନବିଭାଗ। ଚିକିତ୍ସାପରେ ପକ୍ଷୀଟିକୁ ଜଙ୍ଗଲକୁ ଛାଡି ଦିଆଯାଇଛି।



ଆହତ ଅବସ୍ଥାରେ ଶନି ମନ୍ଦିର ପାଖରେ ପଡିରହିଥିବା ପେଚାକୁ ଦେଖି ସ୍ଥାନୀୟ ବାସିନ୍ଦା ପ୍ରତାପ ରାଉତଙ୍କ ଫୁଲବାଣୀ ଫରେଷ୍ଟର ସରୋଜ ମିଶ୍ରଙ୍କୁ ସୂଚନା ଦେଇଥିଲେ। ଘଟଣା ସ୍ଥଳରେ ଫରେଷ୍ଟର ପହଞ୍ଚି ପକ୍ଷୀଟିକୁ ଉଦ୍ଧାର କରି ଥିଲେ। ପେଚାର ଥଣ୍ଟରେ ଆଘାତ ଲାଗିଥିଲା। ପଶୁ ଚିକିତ୍ସାଳୟରେ ଚିକିତ୍ସା କରିବା ପରେ ତାକୁ ଛାଡି ଦିଆ ଯାଇଥିବା କହିଛନ୍ତି ଫରେଷ୍ଟର ଶ୍ରୀ ମିଶ୍ର।

## ଦୁର୍ଘଟଣାଗ୍ରସ୍ତଙ୍କୁ ମେଡିକାଲ ନେଲେ ବିଏସ୍‌ଏଫ୍ ଯବାନ

ଫିରିଙ୍ଗିଆ,୨୨।୭ (ସମିସ): ମାନବିକତା ଦେଖାଇଲେ ବିଏସଏଫ ଯବାନ। ବାଇକ୍ ଦୁର୍ଘଟଣାରେ ରକ୍ତ ଜୁଡୁବୁଡୁ ହୋଇ ରାସ୍ତା କଡ଼ରେ ପଡ଼ି ଛଟପଟ ହେଉଥିବା ଜଣେ ଯୁବକଙ୍କୁ ସ୍ୱାସ୍ଥ୍ୟ କେନ୍ଦ୍ରକୁ ଆଣି ଚିକିତ୍ସା କରାଇଛନ୍ତି।



ସୂଚନା ଅନୁସାରେ ମଙ୍ଗଳବାର ଅପରାହ୍ନରେ କନ୍ଧମାଳ ଜିଲ୍ଲା ଫିରିଙ୍ଗିଆ ବ୍ଲକ ଫିରିଙ୍ଗିଆ ଠାରୁ କଟାପାଙ୍ଗା ଯାଇଥିବା ମୁଖ୍ୟା ରାସ୍ତାର ୧୩୬ ବାଟାଲିୟନ ବିଏସଏଫ୍ କ୍ୟାମ୍ପ ପାଖରେ ଜଣେ ବ୍ୟକ୍ତି ଭାରସାମ୍ୟ ହରାଇ ବାଇକ୍‌ରୁ ପଡ଼ିଯାଇଥିଲେ। ଖବର ପାଇ ବିଏସଏଫ କ୍ୟାମ୍ପର କିଛି ଯବାନ କ୍ୟାମ୍ପରେ ଥିବା ଆମ୍ବୁଲାନ୍ସରେ ଆହତ ବ୍ୟକ୍ତିଙ୍କୁ ପ୍ରଥମେ ଫିରିଙ୍ଗିଆ ସ୍ୱାସ୍ଥ୍ୟକେନ୍ଦ୍ରକୁ ଆଣିଥିଲେ। ଆହତଙ୍କ ଅବସ୍ଥା ଗୁରୁତର ହେବାରୁ ଫୁଲବାଣୀ ଜିଲ୍ଲା ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଛି। ଦୁର୍ଘଟଣାରେ ଆହତ ହୋଇଥିବା ବ୍ୟକ୍ତି ଜଣକ ଫୁଲବାଣୀ ବ୍ଲକ କାଡ୍ରାପଡା ଗାଁର ସିଦ୍ଧାନ୍ତ ରଣା ବୋଲି ଜଣାପଡିଛି। ସେ କୌଣସି କାମରେ ବାନ୍ଦାଡଣି ଗାଁକୁ ଯାଇ ନିଜ ଘରକୁ ଫେରୁଥିବାବଳେ ଦୁର୍ଘଟଣାର ସମ୍ମୁଖୀନ ହୋଇଥିଲେ।

## ପୋଖରୀରୁ ମୃତଦେହ ଉଦ୍ଧାର

ଦାରିଙ୍ଗବାଡ଼ି,୨୨।୭ (ସମିସ): ଦାରିଙ୍ଗବାଡ଼ି ଥାନା ସିମନବାଡ଼ି ବନ୍ଦ ସାହି ପୋଖରୀରୁ ଜଣେ ବ୍ୟକ୍ତିଙ୍କ ମୃତଦେହ ଉଦ୍ଧାର ହୋଇଛି। ମୃତ ବ୍ୟକ୍ତି ଜଣକ ଦାରିଙ୍ଗବାଡି ଥାନା ସିମନବାଡି ପଞ୍ଚାୟତ ଦଡିବାଡ଼ି ଗ୍ରାମର ଯଶୋବନ୍ତ ନାୟକ (୫୦)। ସୋମବାର ସେ ବନ୍ଧକୁ ଗାଧୋଇ ଯାଇ ସନ୍ଧ୍ୟା ପର୍ଯ୍ୟନ୍ତ ଫେରି ନଥିଲେ। ପୋଖରୀ ହୁଡ଼ାରେ ଚପଲ ଓ ପୋଷାକ ରହିଥିବାରୁ ସେ ବୁଡ଼ି ଯାଇଥିବା ସନ୍ଦେହ କରି ଲୋକେ ଅଗ୍ନିଶମ ବିଭାଗକୁ ଜଣାଇଥିଲେ। ସନ୍ଧ୍ୟାରେ ଅଗ୍ନିଶମ କର୍ମଚାରୀ ପହଞ୍ଚି ପୋଖରୀରେ ଖୋଜାଖୋଜି କରିଥିଲେ ମଧ ପାଣି ଅଧିକ ଥିବାରୁ ତାଙ୍କ ସନ୍ଧାନ ମିଳିନଥିଲା। ମଙ୍ଗଳବାର ସକାଳେ ମୃତଦେହ ଭାସୁଥିବା ଦେଖି ଲୋକେ ପୁଲିସ ଓ ଅଗ୍ନିଶମ ବିଭାଗକୁ ଜଣାଇଥିଲେ। ଏସଏସ ଜୟନ୍ତ ସେଠୀ ପହଞ୍ଚି ଅଗ୍ନିଶମ କର୍ମଚାରୀଙ୍କ ସହଯୋଗରେ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଥିଲେ। ଏକ ଅପମୃତ୍ୟୁ ମାମଲା ରୁଜୁ କରି ପୁଲିସ ତଦନ୍ତ କରୁଛି।

## ଗ୍ରାମୀଣ ନ୍ୟାୟାଳୟ ନୂତନ କୋଠା ଉଦ୍‌ଘାଟିତ



କାଶୀନଗର,୨୨।୭ (ସମିସ): ଗଜପତି ଜିଲ୍ଲା କାଶୀନଗର ତହସିଲ ନିକଟସ୍ଥ ବି.ଲକ୍ଷ୍ମୀପୁର ଗ୍ରାମ ନିକଟରେ ନୂତନ ଗ୍ରାମୀଣ ନ୍ୟାୟାଳୟ କୋଠା ଆଭାସୀ ମଧ୍ୟମରେ ଉଦ୍‌ଘାଟିତ ହୋଇଛି। ଓଡ଼ିଶା ହାଇକୋର୍ଟ ବିଚାରପତି ହରିଶ୍ ଟାଣ୍ଡୋନ ଆଭାସୀ ମାଧ୍ୟମରେ ଏହି କୋଠା ଉଦଘାଟନ କରିଥିଲେ। ଏହି କାର୍ଯ୍ୟକ୍ରମରେ ଗଜପତି ଜିଲ୍ଲା ଦୌରାଜଜ ଏସ.କେ ମିଶ୍ର, ଜେଏମଏଫସି ମୋନାଲି ବେହେରା, ଜିଲ୍ଲା ଓକିଲ ସଂଘ ସଭାପତି ଜିତେନ୍ଦ୍ର କୁମାର ପଟ୍ଟନାୟକ, ସମ୍ପାଦକ ଏମ.ପୃଥ୍ୱୀ ରାଜ, ସରକାରୀ ଓକିଲ ଏସ ଶ୍ରୀ ରାମୁଲୁ, ଆର୍. ଜନାର୍ଦ୍ଦନା, ଆର୍. ଶ୍ରୀନିବାସ ରାଓ, କେ ଲକ୍ଷ୍ମୀ ପ୍ରସାଦ, ସୁଧୀର କୁମାର ପଣ୍ଡା ଓ ବହୁ ଓକିଲ ଉପସ୍ଥିତ ହୋଇଥିଲେ। ଏହି ଗ୍ରାମୀଣ ନ୍ୟାୟାଳୟ କାଶୀନଗର ସହରରୁ ୬କିମି ଦୂରରେ ସ୍ଥାପିତ ହୋଇଛି।

## ଅଜଣା ରୋଗରେ ପୀଡ଼ିତ ମୋହିନୀ; ଚିକିତ୍ସାରେ ଅର୍ଥ ବାଧକ

ପାରଳାଖେମୁଣ୍ଡି,୨୨।୭ (ସମିସ)

ଅଜଣା ରୋଗରେ ଆକ୍ରାନ୍ତ ହୋଇ ବିଛଣାରେ ପଡ଼ିଛି ଝିଅ। ମା' ଆଖିରୁ ଶୁଖୁନି ଲୁହ। ବାପା ବି ଝିଅର ଅବସ୍ଥା ଦେଖି ଏକଦମ୍ ଅବାକ୍। ଏପଟେ ଯନ୍ତ୍ରଣା ଦିନକୁ ଦିନ ଖାଇଚାଲିଛି ଝିଅକୁ। ସାତଦୀପ, ଆଠ କଳସକୁ ସାକ୍ଷୀ ରଖି ଯାହାର ହାତ ଧରି ସାତ ଜନ୍ମ ପାଇଁ ଜୀବନ ସାଥୀ କରିଥିଲା ସେ ମଧ ବୋଝ ଭାବି ଆଣି ବାପଘରେ ଛାଡ଼ିଦେଇଗଲା। ଏବେ ବିଛଣାରେ ପଡ଼ି ମୃତ୍ୟୁ ସହ ସଂଗ୍ରାମ କରୁଛନ୍ତି ମହିଳା। ଆୟୁଷ୍ମାନ କାର୍ଡ ନଥିବାରୁ ଚିକିତ୍ସା ହୋଇପାରୁନଥିବାବେଳେ କାର୍ଡ ଯୋଗାଇ ଦେଲେ ଚିକିତ୍ସା ହୋଇପାରନ୍ତା ବୋଲି କହିଛନ୍ତି ବାପା ଓ ମା'।

ଯୁବତୀ ଜଣକ ହେଲେ ଗଜପତି ଜିଲ୍ଲା ସଦରମହକୁମା ପାରଳାଖେମୁଣ୍ଡି ୧୪ ନଂ ୱାର୍ଡ ସଞ୍ଜୟ ଗାନ୍ଧୀ କଲୋନୀର ମୋହିନୀ ହୋତା। ମୋହିନୀ ଭଲ ପାଇ ବାହା ହୋଇଥିବାବେଳେ ବିବାହ ପରେ ଦେଖାଦେଲା ଅଜଣା ରୋଗ। ବୋଝ ଭାବି ସ୍ୱାମୀ ଆଉ ପାଖରେ ନରଖି ଆଣି



### ଆୟୁଷ୍ମାନ କାର୍ଡ ଯୋଗାଇ ଦେବାକୁ ଦାବି

ବୃଦ୍ଧ ବାପା-ମା'ଙ୍କ ପାଖରେ ଛାଡ଼ିଦେଇଗଲେ। ପରିଣତ ବୟସରେ ଏକମାତ୍ର ଝିଅ ସାହା ହେବ ବୋଲି ବାପା-ମା' ଭାବିଥିବାବେଳେ ଏବେ ସେମାନଙ୍କୁ ମୁଣ୍ଡାଇବାକୁ ପଡୁଛି ଝିଅର ବୋଝ। ମା' ପର ଘରେ କାମ କରୁଥିବା ବେଳେ ବାପା ହୋଟେଲ୍‌ରେ କାମ କରି ଯାହା ଆଣନ୍ତି ପରିବାର ଚଳୁଛି। ଏହି ଉପାର୍ଜନରେ ଓଳିଏ ଖାଇଲେ ଓଳିଏ ଉପବାସ ରହିଥାନ୍ତି। ଏପଟେ ମୋହିନୀଙ୍କ ଚିକିତ୍ସା ପାଇଁ ଅର୍ଥ ବାଧକ ସାଜିଛି। ମୋହିନୀଙ୍କ ଆୟୁଷ୍ମାନ ସ୍ୱାସ୍ଥ୍ୟକାର୍ଡ ମଧ ନାହିଁ। ଏବେ ସରକାରଙ୍କ ସହାୟତା ଅପେକ୍ଷାରେ ପରିବାର। ସରକାର ସହାୟତା ଯୋଗାଇ ଦେଲେ ଝିଅ ସୁସ୍ଥ ହେବ ବୋଲି ବାପା ମା ଆଶା ପୋଷଣ କରିଛନ୍ତି। ମୋହିନୀଙ୍କୁ ଆୟୁଷ୍ମାନ କାର୍ଡ ସହ ସରକାରୀ ସହାୟତା ଯୋଗାଇ ଦେବାକୁ ବାପା, ମା' ଓ ଗ୍ରାମବାସୀ ଦାବି କରିଛନ୍ତି।

## ନୂଆପଦର ମଣ୍ଡଳ ପୂର୍ଣ୍ଣାଙ୍ଗ କମିଟି ଗଠନ ପାଇଁ ପ୍ରସ୍ତୁତି ବୈଠକ

ଫିରିଙ୍ଗିଆ,୨୨।୭ (ସମିସ): ଫିରିଙ୍ଗିଆ ବ୍ଲକ ବିଜେପି ନୂଆପଦର ମଣ୍ଡଳ ତରଫରୁ କେଳାପଡା ପଞ୍ଚାୟତର ସଭାଗୃହରେ ମଣ୍ଡଳ କମିଟିକୁ ପୂର୍ଣ୍ଣାଙ୍ଗ କମିଟି ଗଠନ ନିମନ୍ତେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଥିଲା। ମଣ୍ଡଳ ସଭାପତି ଦେବେଶ୍ୱର ଦୀପଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ବିଜେପି ଜିଲ୍ଲା ସଭାପତି ପଣ୍ଡିତ ବିଶିମାଝୀ ମୁଖ୍ୟଅତିଥି, ସାଂସଦ ପ୍ରତିନିଧି ଗୋଲକ ବିହାରୀ କହଁର, ବିଧାୟକ ପ୍ରତିନିଧି ପ୍ରଶାନ୍ତ କମ୍ପ, ପୂର୍ବତନ ମଣ୍ଡଳ ସଭାପତି ଗୋପୀନାଥ କହଁରଙ୍କ ସହ ଅଞ୍ଚଳର ବହୁ ବିଜେପି ନେତା ଓ କର୍ମୀ ଉପସ୍ଥିତ ଥିଲେ। ଏହି ଅବସରରେ କେଳାପଡ଼ା ପଞ୍ଚାୟତର ବଇରୀକୁମ୍ପାସ୍ଥିତ ରାଜେନ୍ଦ୍ର ଉଚ୍ଚ ବିଦ୍ୟାଳୟ ପରିସରରେ ମା' ପାଇଁ ଗଛଟିଏ




କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏଥିରେ ଜିଲ୍ଲା ସଭାପତିଙ୍କ ସହ ଉପସ୍ଥିତ ସମସ୍ତ ନେତା ଓ କର୍ମୀଙ୍କ ସହ ଶିକ୍ଷକ/ଶିକ୍ଷୟିତ୍ରୀ, ଛାତ୍ରଛାତ୍ରୀ ଚାରାରୋପଣ କରିଥିଲେ।



# ବର୍ଷା ହେଲେ ପେଭର୍‌ବ୍ଲକ୍ ଉପରେ ପାଣି

ଭୁବନେଶ୍ୱର, ୨୨।୭ (ସମିସ)



ରାଜଧାନୀରେ ବିଭିନ୍ନ ଗଳିକନ୍ଦିର ରାସ୍ତାରେ ବିଛାଯାଇଛି ପେଭରବ୍ଲକ। କେବଳ ସୌନ୍ଦର୍ଯ୍ୟ ବୃଦ୍ଧି ନୁହେଁ ବରଂ ବର୍ଷାଜଳ ସଂରକ୍ଷଣ କରାଯିବା ମଧ୍ୟ ଏହାର ଉଦ୍ଦେଶ୍ୟ ରହିଥିଲା। ହେଲେ ଏହା ବର୍ଷା ଦିନରେ ଲୋକଙ୍କ ପାଇଁ ସମସ୍ୟା ସୃଷ୍ଟି କରୁଥିବା ଦେଖିବାକୁ ମିଳିଛି। କାରଣ

**■ ବାଟବଣା ବର୍ଷାଜଳ ସଂରକ୍ଷଣ ଲକ୍ଷ୍ୟ**

ପେଭରବ୍ଲକ ବିଛାଯାଇଥିବା ସ୍ଥାନରେ ବର୍ଷାଜଳ ଜମି ରହୁଛି। ଫଳରେ ସ୍ଥାନୀୟ ଲୋକଙ୍କ ଯାତାୟତ କରିବାରେ ସମସ୍ୟା ସୃଷ୍ଟି କରୁଥିବା ଅଭିଯୋଗ ହୋଇଛି। ଏଭଳି ରାସ୍ତା ଦେଖିବାକୁ ମିଳିଛି ପାତ୍ରପଡ଼ାସ୍ଥିତ ଭଗବାନପୁରର ରାସ୍ତାରେ।

ଭୁବନେଶ୍ୱର ମହାନଗର ନିଗମ ଅଧୀନସ୍ଥ ପାତ୍ରପଡ଼ାରେ ରହିଛି ଏହି ପେଭରବ୍ଲକ ରାସ୍ତା। ଏଠାରେ ପ୍ରାୟ ଗଳି କନ୍ଦି ରାସ୍ତାଗୁଡ଼ିକରେ ପେଭରବ୍ଲକ ବିଛାଯାଇଛି। ଯାହାକି ରାସ୍ତାର ସୌନ୍ଦର୍ଯ୍ୟ ବୃଦ୍ଧି କରିବା ସହ ବର୍ଷା ସମୟରେ ଯାତାୟତ କରିବାରେ ମଧ୍ୟ ସୁବିଧା ହେବ। ଏଭଳି ଲକ୍ଷ୍ୟ ରଖି ନିର୍ମାଣ କରାଯାଇଥିବା ଏହି ରାସ୍ତା ଏବେ ଲୋକମାନଙ୍କ ମୁଖ୍ୟ ସମସ୍ୟା ପାଲଟିଛି। କାରଣ ରାସ୍ତା ଉପରେ ଠିକ୍ ଭାବେ ପେଭରବ୍ଲକ ପକାଯାଇନଥିବାରୁ ଏଭଳି ସ୍ଥିତି ଉପୁଜୁଥିବା ଅଞ୍ଚଳବାସୀ କହିଛନ୍ତି। ରାସ୍ତାର ଉଭୟ ପାର୍ଶ୍ୱରେ ରହିଥିବା ଘର ଗୁଡ଼ିକର ଗେଟ୍ ସମ୍ମୁଖରେ ପାଣି ଜମିରହୁଛି। ଲଗାଣ ବର୍ଷାରେ ଆଣ୍ଠୁଏ ଉଚ୍ଚର ପାଣି ଜମୁଥିବା ବେଳେ ପ୍ରାୟ ୪ରୁ ୫ଦିନ ଯାଏ ବି ପାଣି ଶୁଖୁନି। ଫଳରେ ସେଠାରେ ଅଭଳିଆ ଆବର୍ଜନା ପଡ଼ି ତାହା ପଚି ଦୁର୍ଗନ୍ଧ ସାଙ୍ଗକୁ ମଶାଙ୍କ ପ୍ରାଦୁର୍ଭାବ ବଢୁଥିବା ସ୍ଥାନୀୟ ଲୋକେ କହିଛନ୍ତି। ପରିସ୍ଥିତି ଏଭଳି ହେଉଛି ଯେ, ପିଲାମାନେ ଘରୁ ସ୍କୁଲକୁ ବାହାରିବା ବେଳେ ଏହି ପାଣିରେ ଗୋଡ଼ ବୁଡାଇବାକୁ ବାଧ୍ୟ ହୋଇ ସଂକ୍ରମଣର ଶିକାର ହେଉଛନ୍ତି। ତେବେ ସ୍ଥାନୀୟ ଲୋକଙ୍କ କହିବା ଅନୁସାରେ, ଏହି କାର୍ଯ୍ୟ ଠିକ୍ ଭାବେ କରାଯାଇ ନଥିବା ସହ ଆବଶ୍ୟକୀୟ ରକ୍ଷଣାବେକ୍ଷଣ ବି ହେଉନାହିଁ। ଏହି ରାସ୍ତା ଓସାରିଆ ହୋଇଥିବାରୁ ଯାତାୟତ କରିବା ସହ ପିଲାମାନେ ରାସ୍ତାକଡ଼ରେ ଖେଳକୁଦ କରନ୍ତି। ହେଲେ ବର୍ଷା ଆରମ୍ଭରୁ ଘରୁ ବାହାରିବାକୁ ନାକେଦମ୍ ହେବାକୁ ପଡୁଛି। କେଉଁଠି ନିମ୍ନମାନର କାମ ଯୋଗୁଁ ଦୁଇ ଇଞ୍ଚ ତଳକୁ ଦବି ଯାଇଛି ତ ଆଉ କେଉଁଠି ବାଲି ପ୍ୟାକିଂ ଭଲରେ କରାଯାଇନଥିବାରୁ ତାହା ଉଠି ଯାଉଛି। ୱାଟର ଲଗିଂ ବା ପାଣି ଜମିଥିବା ସମସ୍ୟା ଦୂର କରିବା ଲକ୍ଷ୍ୟରେ ତିଆରି ହୋଇଥିବା ଏହି ରାସ୍ତା ଏବେ ଲୋକଙ୍କ ସମସ୍ୟାର କାରଣ ପାଲଟିଛି। କାରଣ ପେଭର ବ୍ଲକ ପକାଯିବା ପୂର୍ବରୁ ପ୍ରଥମେ ବାଲି ପକାଯାଇଥାଏ, ଯାହାଦ୍ୱାରା ପାଣିକୁ ବାଲି ଶୋଷି ନେଇଥାଏ ଏବଂ ଉକ୍ତ ସ୍ଥାନରେ ପାଣି ଜମି ରହି ନଥାଏ। ୨/୩ଇଞ୍ଚିର କଂକ୍ରିଟ ଦିଆଯାଇ ତାହାକୁ ଶକ୍ତ କରାଯାଇଥାଏ। ଫଳରେ ବର୍ଷା ପାଣି କିମ୍ବା ମୂଷା ଏହାକୁ ନଷ୍ଟ କରିପାରିବେ ନାହିଁ। ହେଲେ ଏଠାରେ ନିମ୍ନମାନର କାମ ଏବଂ ରାସ୍ତାର ସମତଳ ଠିକ୍ ଭାବେ ହୋଇଥିବାରୁ ଯେଉଁ ସ୍ଥାନରେ ଦବିଛି ସେଠାରେ ପାଣି ଜମି ରହୁଛି ଏବଂ ସେହି ପାଣିକୁ ମଧ୍ୟ ତଳକୁ ଯାଉନି। ତେଣୁ ଏହାର ସମାଧାନ ତୁରନ୍ତ କରାଯିବା ଉଚିତ୍ ବୋଲି ସ୍ଥାନୀୟ ଲୋକେ ଦାବୀ କରିଛନ୍ତି। ଏନେଇ ୱାର୍ଡର କର୍ପୋରେଟରଙ୍କ ସହ ଯୋଗାଯୋଗ ହୋଇପାରି ନାହିଁ।

## ମହାନ୍ ଗୁଣର ଅଧିକାରିଣୀ ଥିଲେ ରମାଦେବୀ



ଭୁବନେଶ୍ୱର, ୨୨।୭ (ସମିସ): ମା' ରମାଦେବୀ ଶ୍ରଦ୍ଧା, ସେବା, ତ୍ୟାଗ, କରୁଣା ଭଳି ମହାନ ଗୁଣର ଅଧିକାରିଣୀ ଥିଲେ। ଏହି ଗୁଣଗୁଡ଼ିକ ତାଙ୍କ ଶୃଙ୍ଖଳିତ ଓ ପ୍ରେରଣାଦାୟକ ଜୀବନକୁ ରୂପ ଦେଇଥିଲା। ମହାତ୍ମା ଗାନ୍ଧୀ ମଧ୍ୟ ତାଙ୍କ କାର୍ଯ୍ୟଶୈଳୀରେ ବେଶ୍ ଅନୁପ୍ରାଣିତ ହୋଇଥିଲେ। ବର୍ତ୍ତମାନ ସେ ଧରାପୃଷ୍ଠରେ ନାହାନ୍ତି ହେଲେ ତାଙ୍କ ଆଦର୍ଶ ଓ ଦର୍ଶନ ଚିରକାଳ ପାଇଁ ଲିପିବଦ୍ଧ ହୋଇରହିଛି। ମଙ୍ଗଳବାର ରମାଦେବୀ ମହିଳା ବିଶ୍ୱବିଦ୍ୟାଳୟ ପକ୍ଷରୁ ଏହାର ପ୍ରେକ୍ଷାଳୟରେ ଅନୁଷ୍ଠିତ ମା' ରମାଦେବୀଙ୍କ ୪୦ତମ ପୁଣ୍ୟତିଥି ପାଳନ ଉତ୍ସବରେ ଯୋଗ ଦେଇ ଅତିଥିମାନେ ଏହା ମତବ୍ୟକ୍ତ କରିଛନ୍ତି। ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଲେଖିକା ବନଜ ଦେବୀ ଯୋଗ ଦେଇ ମା' ରମାଦେବୀଙ୍କ ସହିତ ଥିବା ତାଙ୍କର ବ୍ୟକ୍ତିଗତ ସମ୍ପର୍କ ବିଷୟରେ ବର୍ଣ୍ଣନା କରିଥିଲେ। ଅନ୍ୟାନ୍ୟ ଅତିଥି ଭାବେ ବୈଜ୍ଞାନିକ ତଥା ଲେଖକ ଚିତ୍ତରଞ୍ଜନ ମିଶ୍ର, ବିଶ୍ୱବିଦ୍ୟାଳୟର ଭାରପ୍ରାପ୍ତ କୁଳପତି ପ୍ରଫେସର ଚଣ୍ଡୀଚରଣ ରଥ, ମା' ରମାଦେବୀ ଚେୟାର ପ୍ରଫେସର ସୁଚେତା ପ୍ରିୟବାଦିନୀ ଯୋଗ ଦେଇ ମା' ରମାଦେବୀ ଅସୀମ ସାହସ, ସ୍ୱାଧୀନତା ଆନ୍ଦୋଳନରେ ତାଙ୍କ ଭୂମିକା ଆଦି ଉପରେ ବିସ୍ତୃତ ଆଲୋଚନା କରିଥିଲେ। ପ୍ରାରମ୍ଭରେ କଣ୍ଠଶିଳ୍ପୀ ଅନିନ୍ଦିତା ଦାସ ସଙ୍ଗୀତ ପରିବେଷଣ କରିଥିଲେ। ଓଡ଼ିଆ ବିଭାଗର ମୁଖ୍ୟ ସଂଘମିତ୍ରା ଭଞ୍ଜ ମଞ୍ଚ ପରିଚାଳନା କରିଥିଲା ବେଳେ କୁଳସଚିବ ମନସ୍ୱିନୀ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

## ଜ୍ୟୋତି କଳା ପରିଷଦର ଦ୍ୱାଦଶ ବାର୍ଷିକ ଉତ୍ସବ



ଭୁବନେଶ୍ୱର, ୨୨।୭ (ସମିସ): ଜ୍ୟୋତି କଳା ପରିଷଦ ତରଫରୁ ଜୟଦେବ ଭବନ ଠାରେ ଦ୍ୱାଦଶ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏହି ଭବ୍ୟ ସମାରୋହରେ ଜ୍ୟୋତି କଳା ପରିଷଦର କଳାକାରମାନେ ନୃତ୍ୟ ପରିବେଷଣ କରିଛନ୍ତି। ଏଥିରେ ଓଡ଼ିଶୀ, ସମ୍ବଲପୁରୀ, ଗୋଟିପୁଅ ଓ ପାଇକ ନୃତ୍ୟ ପ୍ରଦର୍ଶନ ହୋଇଥିଲା। ପ୍ରାୟ ୬୦ରୁ ଅଧିକ କଳାକାରଙ୍କୁ ମହୋତ୍ସବର ମୁଖ୍ୟ ଅତିଥି ତଥା ସଂସ୍କୃତି ବିଭାଗ ସ୍ୱତନ୍ତ୍ର ସଚିବ ଦେବ ପ୍ରସାଦ ଦାସ ସମ୍ବର୍ଦ୍ଧିତ କରିଥିଲେ। ମହୋତ୍ସବରେ ପ୍ରାକ୍ତନ ସୂଚନା ଓ ଲୋକ ସମ୍ପର୍କ ବିଭାଗର ନିର୍ଦ୍ଦେଶକ ସରୋଜ କୁମାର ସାମଲ ଯୋଗଦେଇଥିଲେ। ମହୋତ୍ସବରେ ଓଡ଼ିଶାର କଳା ଓ ସଂସ୍କୃତି ଉପରେ ବିଭିନ୍ନ କାର୍ଯ୍ୟକ୍ରମମାନ ଅନୁଷ୍ଠିତ ହୋଇଥିଲା। ଜ୍ୟୋତି କଳା ପରିଷଦର ସମ୍ପାଦିକା ଜ୍ୟୋତିରେଖା ମହାନ୍ତି, ସଭାପତି ସ୍ମୃତିରେଖା ସାମଲ, ଉପଦେଷ୍ଟା ଆନନ୍ଦ କୁମାର ସାମଲଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଆୟୋଜିତ ଏହି କାର୍ଯ୍ୟକ୍ରମ ଆଗାମୀ ଦିନରେ ସାରା ଓଡ଼ିଶାକୁ ପ୍ରସାରିତ କରିବ ବୋଲି କର୍ମ କର୍ତ୍ତାମାନେ ଗଣମାଧ୍ୟମକୁ ସୂଚନା ଦେଇଥିଲେ।

**୩୬ତମ ଡ୍ୟାସ୍‌ବୋର୍ଡ ସମୀକ୍ଷା**

## ସହରାଞ୍ଚଳ ଭିତ୍ତିଭୂମି ସୁଦୃଢ଼ ଉପରେ ଗୁରୁତ୍ୱ

ଭୁବନେଶ୍ୱର, ୨୨।୭ (ସମିସ)



ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗର ପ୍ରମୁଖ ଶାସନସଚିବ ଉଷା ପାଢ଼ୀଙ୍କ ଅଧ୍ୟକ୍ଷତାରେ ମଙ୍ଗଳବାର ବିଭାଗର ୩୬ତମ ଡ୍ୟାସ୍ ବୋର୍ଡ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି। ବିଭାଗର କନ୍‌ଫରେନ୍ସ ହଲ୍ ପରିସରରେ ଅନୁଷ୍ଠିତ ବୈଠକରେ ସହରାଞ୍ଚଳ ଭିତ୍ତିଭୂମି ବିକାଶ ନେଇ ଆରମ୍ଭ କରାଯାଇଥିବା କାର୍ଯ୍ୟଗୁଡ଼ିକର ସମୀକ୍ଷା ସହ ବିଶେଷ କରି ୧୧୫ର ସ୍ୱାୟତ୍ତ ଶାସନ ସଂସ୍ଥାରେ ଓଡ଼ିଶା ସହରାଞ୍ଚଳ ଭିତ୍ତିଭୂମି ଉନ୍ନୟନ ପାଣ୍ଠି ଅଧୀନରେ ଚାଲିଥିବା ଷ୍ଟ୍ରିଟ୍ ଲାଇଟିଂ କାର୍ଯ୍ୟର ସମୀକ୍ଷା କରାଯାଇଥିଲା। ନିର୍ଦ୍ଧାରିତ ସମୟ ମଧ୍ୟରେ କାର୍ଯ୍ୟ ସାରିବା ନିମନ୍ତେ ନିୟମିତ ବ୍ୟବଧାନରେ ସମୀକ୍ଷା, ଆବଶ୍ୟକ ସହଯୋଗ ଯୋଗାଇଦେବା ଉପରେ ଶ୍ରୀମତୀ ପାଢ଼ୀ ଗୁରୁତ୍ୱାରୋପ କରିଥିଲେ। ଭିତ୍ତିଭୂମି ଉନ୍ନୟନ କାର୍ଯ୍ୟ ସହରାଞ୍ଚଳରେ ବସବାସ କରୁଥିବା ଲୋକଙ୍କ ଜୀବନଧାରଣମାନରେ ଉନ୍ନତି ଆଣିବାରେ ସହାୟକ ହେବା ସହ ନିରନ୍ତର ସହରାଞ୍ଚଳ ବିକାଶ ଦିଗରେ ଅଗ୍ରସର ହୋଇପାରିବ ବୋଲି କହିଥିଲେ। ତୃଣମୂଳସ୍ତରରୁ ଆସୁଥିବା ବିଭିନ୍ନ ମତାମତ ସମ୍ପର୍କରେ ମଧ୍ୟ ବୈଠକରେ ଆଲୋଚନା ହୋଇଥିଲା। ଏଥିରେ ବିଭାଗର ଅନ୍ୟ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ।

## 'ଯାଦବଙ୍କ ଶିକ୍ଷାର ବିକାଶ ପାଇଁ ସରକାର ପଦକ୍ଷେପ ନିଅନ୍ତୁ'

ଭୁବନେଶ୍ୱର, ୨୨।୭ (ସମିସ): ରାଜ୍ୟରେ ଯାଦବ ବା ଗୋପାଳଙ୍କ ବିକାଶକୁ ସରକାର ପ୍ରାଥମିକତା ଦିଅନ୍ତୁ। ସେମାନେ ଶିକ୍ଷିତ ହେଲେ ହିଁ ବିକାଶ ଆସିବ। ସେମାନଙ୍କ ଶିକ୍ଷା ପାଇଁ ସରକାର ବ୍ୟବସ୍ଥା କରନ୍ତୁ ବୋଲି ଆଜି ଅଲ୍ ଇଣ୍ଡିଆ ଯାଦବ ମହାସଭାର ଓଡ଼ିଶା ୟୁନିଟ୍ ପକ୍ଷରୁ ଆୟୋଜିତ ବୈଠକରେ କର୍ମକର୍ତ୍ତା ମାନେ ଦାବି କରିଛନ୍ତି। ଓଡ଼ିଶାରେ ଯାଦବଙ୍କ ସଂଖ୍ୟା ମୋଟ୍ ଜନସଂଖ୍ୟାର ୨୦ ପ୍ରତିଶତ ହୋଇଥିବା ବେଳେ ସେମାନଙ୍କ ବିକାଶ ପାଇଁ ଯେଉଁ ପଦକ୍ଷେପ ନିଆଯିବା କଥା ତାହା ହୋଇନାହିଁ। ଅଧିକାଂଶ ଯାଦବ ଏବେ ବି ନିଜ କୌଳିକ ବୃତ୍ତିକୁ ଆଣାଇଥିବା ବେଳେ ସେମାନଙ୍କ ଶିକ୍ଷା ପାଇଁ ସରକାର ପଦକ୍ଷେପ ନିଅନ୍ତୁ ବୋଲି ବୈଠକରେ ଆଲୋଚନା ହୋଇଥିଲା। ସବ୍ୟସାଚୀ ମହଲା ସଭାପତି ଭାବେ ନିର୍ବାଚିତ ହୋଇଥିବା ବେଳେ ରଶ୍ମିରାଣୀ ବେହେରା ମହିଳା ସଭାନେତ୍ରୀ, ବରିଷ୍ଠ ଯାଦବ ନେତା ସଞ୍ଜିବ ମାରିକ ଓଡ଼ିଶା ୟୁନିଟ୍‌ର ଉପଦେଷ୍ଟା, ଜାତୀୟ ସାଧାରଣ ସମ୍ପାଦକ ନବକିଶୋର ବେହେରା, ବରିଷ୍ଠ କର୍ମକର୍ତ୍ତା ମାନସ ଦାସ, ବରିଷ୍ଠ ନେତା ପ୍ରତାପ ବେହେରା ପ୍ରମୁଖ ଦାୟିତ୍ୱ ଗ୍ରହଣ କରିଥିଲେ।

## ସଚେତନ ଅବସ୍ଥାରେ ଅତ୍ୟାଧୁନିକ ନ୍ୟୁରୋସର୍ଜରୀ ସଫଳ



ଭୁବନେଶ୍ୱର, ୨୨।୭ (ସମିସ): ପୂର୍ବ ଭାରତରେ ପ୍ରଥମ ଥର ପାଇଁ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ମେଡିକାଲ୍ ସାଇନ୍‌ସେସ୍ ଆଣ୍ଡ ସମ୍ ହସ୍ପିଟାଲର ଡାକ୍ତରୀ ଟିମ୍ ସଫଳତାର ସହ ଏକ ଅତ୍ୟାଧୁନିକ ତଥା ଜଟିଳ ନ୍ୟୁରୋସର୍ଜରୀ ସମ୍ପାଦିତ କରିଛନ୍ତି। ରୋଗୀକୁ ସଚେତନ ଅବସ୍ଥାରେ ରଖି କର୍ଟିକାଲ୍ ଓ ସବ୍‌କର୍ଟିକାଲ୍ ବ୍ରେନ୍ ମ୍ୟାପିଂ ପଦ୍ଧତିରେ ମସ୍ତିଷ୍କର ଜଟିଳ ସ୍ଥାନରେ ଥିବା ବ୍ରେନ୍ ଟ୍ୟୁମରକୁ ଚିହ୍ନଟ କରି ଅସ୍ତ୍ରୋପଚାର କରିବାରେ ଏହି ନ୍ୟୁରୋସର୍ଜନ ସଫଳ ହୋଇଛନ୍ତି। ମଙ୍ଗଳବାର ସମ୍ ହସ୍ପିଟାଲ୍‌ରେ ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ ଏହି ଅସ୍ତ୍ରୋପଚାର ସମ୍ପର୍କରେ ସୂଚନା ଦେଇ ନ୍ୟୁରୋସର୍ଜରୀ ବିଭାଗର ଆସୋସିଏଟ ପ୍ରଫେସର ଡ. ଶ୍ରୀକାନ୍ତ କୁମାର ସ୍ୱାଇଁ ଏ ନେଇ ସୂଚନା ଦେଇଛନ୍ତି। ଟିମ୍‌ରେ ନ୍ୟୁରୋଲଜି ବିଭାଗର ଆସୋସିଏଟ ପ୍ରଫେସର ଡ. ଶ୍ରୀମନ୍ତ ପଟ୍ଟନାୟକ, ନ୍ୟୁରୋ ଆନେସ୍‌ଥେସିଷ୍ଟ ଡ. ଦେବୀ ପ୍ରସାଦ ମହାପାତ୍ର ଗୁରୁତ୍ୱପୂର୍ଣ୍ଣ ଭୂମିକା ତୁଲାଇଥିଲେ। ଏହି ସାମ୍ବାଦିକ ସମ୍ମିଳନୀରେ ବିଶିଷ୍ଟ ନ୍ୟୁରୋସର୍ଜନ ତଥା ସୋଆର ପ୍ରମୁଖ ଉପଦେଷ୍ଟା (ସ୍ୱାସ୍ଥ୍ୟ ବିଜ୍ଞାନ) ପ୍ରଫେସର ଡ. ଅଶୋକ କୁମାର ମହାପାତ୍ର, ସମ୍ ହସ୍ପିଟାଲ୍‌ର ମେଡିକାଲ୍ ସୁପରିଟେଣ୍ଡେଣ୍ଟ ପ୍ରଫେସର ଡ. ପୁଷ୍ପରାଜ ସାମନ୍ତସିଂହାର, ନ୍ୟୁରୋସର୍ଜରୀ ବିଭାଗର ମୁଖ୍ୟ ପ୍ରଫେସର ଡାକ୍ତର ସୌଭାଗ୍ୟ ପାଣିଗ୍ରାହୀ, ନ୍ୟୁରୋଲଜି ବିଭାଗର ଆସୋସିଏଟ୍ ପ୍ରଫେସର ଡ. ଶ୍ରୀମନ୍ତ ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ଥିଲେ।

## ଏଥର ୭ ଦିନ ହେବ ନୂଆସାହି ଗଣେଶ ମହୋତ୍ସବ

ଭୁବନେଶ୍ୱର, ୨୨।୭ (ସମିସ): ନୂଆପଲ୍ଲୀ ଅଞ୍ଚଳର ନୂଆସାହିର ଶ୍ରୀ ଶ୍ରୀ ଆଖଣ୍ଡଳମଣୀ ସେବା ସଂସଦ ପ୍ରାଙ୍ଗଣରେ ଚଳିତ ବର୍ଷ ନୂଆସାହି ଶ୍ରୀ ଗଣେଶ ମହୋତ୍ସବ ପାଇଁ ପ୍ରଥମ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ସଭାପତି ହିମାଂଶୁ ପ୍ରଧାନଙ୍କ ଅଧ୍ୟକ୍ଷତା କରିଥିଲେ। ବିଗତ ବର୍ଷ ୫୬ଫୁଟ ଉଚ୍ଚତା ବିଶିଷ୍ଟ ଗଣେଶ ପ୍ରତିମା ମଣ୍ଡପରେ ପୂଜା ପାଇଥିଲା। ମହୋତ୍ସବ ସମୟରେ ପ୍ରବଳ ଜନସମାଗମ ପାଇଁ ନୂଆସାହି ଅଞ୍ଚଳ ଜନସାଧାରଣ ବିଭିନ୍ନ ପ୍ରକାର ଅସୁବିଧାର ସମ୍ମୁଖୀନ ହେଉଥିବା କାରଣରୁ ଚଳିତ ବର୍ଷ ମହୋତ୍ସବକୁ ୧୧ ଦିନ ପରିବର୍ତ୍ତେ ୭ ଦିନ କରିବାର ନିଷ୍ପତ୍ତି ନିଆଯାଇଛି। ବୈଠକରେ ଅନୁଷ୍ଠାନର ସମ୍ପାଦକ ସାଗର ବଳବନ୍ତରାୟଙ୍କ ସମେତ ମିଳନ ପାଇକରାୟ, ପ୍ରଶାନ୍ତ ବଡ଼ଜେନା, ସୁପ୍ରଭାତ ପ୍ରଧାନ, ସୁମନ୍ତ ସାମନ୍ତରାୟ ଓ ଅନ୍ୟମାନେ ଉପସ୍ଥିତ ଥିଲେ। ଅନୁଷ୍ଠାନର ଗଣମାଧ୍ୟମ ସଂଯୋଜକ ଦେବବ୍ରତ ମହାନ୍ତି ଧନ୍ୟବାଦ ଦେଇଥିଲେ।

## ସ୍ୱାଭିମାନ ପକ୍ଷରୁ 'ପ୍ରେରଣା ସମ୍ମାନ ଉତ୍ସବ'

ଭୁବନେଶ୍ୱର, ୨୨।୭ (ସମିସ): ସ୍ୱାଭିମାନ ପକ୍ଷରୁ 'ପ୍ରେରଣା ସମ୍ମାନ ଉତ୍ସବ-୨୦୨୫' ମଙ୍ଗଳବାର ଜୟଦେବ ଭବନରେ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ଅତିଥି ଭାବେ ଭିନ୍ନକ୍ଷମ ସଶକ୍ତୀକରଣ ବିଭାଗର ଡେପୁଟୀ ସେକ୍ରେଟାରୀ ସନ୍ୟାସୀ ବେହେରା, ୭୫ ପ୍ରତିଶତରୁ ଅଧିକ ନମ୍ବର ରଖିଥିବା ଦିବ୍ୟାଙ୍ଗ ଛାତ୍ରଛାତ୍ରୀଙ୍କୁ ଏହି ସମ୍ମାନ ପ୍ରଦାନ କରାଯାଇଥିଲା। ସେହିପରି ୯୦ ପ୍ରତିଶତରୁ ଅଧିକ ନମ୍ବର ରଖିଥିବା ଛାତ୍ରଛାତ୍ରୀମାନଙ୍କୁ ଛାତ୍ର ବୃତ୍ତି ପ୍ରଦାନ କରାଯାଇଥିଲା। ଏଥିସହିତ ପାରା ଅଲମ୍ପିଆନ ପୁଜାସ୍ୱିନୀ ସ୍ୱାଇଁଙ୍କ ହ୍ୱିଲ୍ ଚେୟାର ପ୍ରଦାନ କରାଯାଇଥିଲା। ଅନ୍ୟାନ୍ୟ ଅତିଥି ଭାବେ ଉଦ୍ୟୋଗୀ ତାନିଆ ସାରତୋଭା, ଦୀପ୍ତି ମହାନ୍ତି, ମିନୁ ପଣ୍ଡା, ଅନ୍ନପୂର୍ଣ୍ଣା ଦେବୀ, କାର୍ଟୁନିଷ୍ଟ କମଳାକାନ୍ତ ରଥ, ଯନ୍ତ୍ରୀ ଦେବାଶିଷ ପଟ୍ଟନାୟକ, ଅବସରପ୍ରାପ୍ତ ନୌ ସେନା ଅଧିକାରୀ ଅଜୟ ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ରହିଥିଲେ। କାର୍ଯ୍ୟକ୍ରମରେ ଅବସରପ୍ରାପ୍ତ ପ୍ରଶାସନିକ ଅଧିକାରୀ ଆରତୀ ଆହୁଜା, ବ୍ରତତି ହରିଚନ୍ଦନ, ଅନୁଷ୍ଠାନର ପ୍ରତିଷ୍ଠାତା ଶ୍ରୁତି ମହାପାତ୍ର ଯୋଗ ଦେଇ କାର୍ଯ୍ୟକ୍ରମର ଉଦ୍‌ଘାଟନ କରିବା ସହିତ ଅନୁଷ୍ଠାନ ଏହି ପ୍ରୟାସର ପ୍ରଶଂସା କରିଥିଲେ। କାର୍ଯ୍ୟକ୍ରମରେ ରାଜ୍ୟରେ ଦଶମ ପରୀକ୍ଷାରେ ଏକ ପ୍ରଦର୍ଶନୀ ସମେତ ମ୍ୟାଜିକ ସୋ', ଚଳଚ୍ଚିତ୍ର ପ୍ରଦର୍ଶନ ଆଦି ଅନୁଷ୍ଠିତ ହୋଇଥିଲା। କାର୍ଯ୍ୟକ୍ରମ ପ୍ରାରମ୍ଭରେ ଦିବ୍ୟାଙ୍ଗ କଣ୍ଠଶିଳ୍ପୀ ଆଶା ବାହାଦୁର ସଙ୍ଗୀତ ପରିବେଷଣ କରିଥିଲେ। ଶୁଭୋଜିତ ପଣ୍ଡା ମଞ୍ଚ ପରିଚାଳନା କରିବା ସହ ଶେଷରେ ଧନ୍ୟବାଦ ଅର୍ପଣ କରିଥିଲେ।



## ଆଦିବାସୀ ଉନ୍ନୟନ ନିଗମ କାର୍ଯ୍ୟକର୍ତ୍ତା ସମ୍ମିଳନୀ

ଭୁବନେଶ୍ୱର, ୨୨।୭ (ସମିସ): ଆଦିବାସୀ ଉନ୍ନୟନ ନିଗମ କର୍ମଚାରୀ ସଂଘର ପ୍ରଥମ କାର୍ଯ୍ୟକର୍ତ୍ତା ସମ୍ମିଳନୀ ସ୍ଥାନୀୟ ଏକ ହୋଟେଲରେ ଅନୁଷ୍ଠିତ ହୋଇଯାଇଛି। ସଂଘର ସଭାପତି କନିଷ୍କ ବୋଧିସତ୍ୱଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ସମ୍ମିଳନୀରେ ସଂଘର ସମ୍ପାଦକ ଶୈଳେଶ କୁମାର ସାହୁ ବାର୍ଷିକ ବିବରଣୀ ପାଠ କରିଥିଲେ ଏବଂ ଉପସଭାପତି ଚନ୍ଦନ କୁମାର ଗୁପ୍ତା କର୍ମଚାରୀମାନଙ୍କ ବିଭିନ୍ନ ସମସ୍ୟା ସମ୍ପର୍କରେ ଅବଗତ କରାଇଥିଲେ।

## ଶାନ୍ତିସ୍ତୂପଠାରେ ଚାରୁକଳା ମହାବିଦ୍ୟାଳୟର ସ୍ୱାଗତିକା ଉତ୍ସବ




ଭୁବନେଶ୍ୱର, ୨୨।୭ (ସମିସ): ଶାନ୍ତିସ୍ତୂପ ପାଦଦେଶରେ ଅବସ୍ଥିତ ଧଉଳି ଚାରୁକଳା ମହାବିଦ୍ୟାଳୟରେ ଆୟୋଜିତ ହୋଇଯାଇଛି ସ୍ୱାଗତିକା ଉତ୍ସବ। କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ମହାବିଦ୍ୟାଳୟର ସଦସ୍ୟା କମଳିନୀ ରଥ ଓ ରଣପୁର ବ୍ଲକ ରିସୋର୍ସ ଟିଚର ସନ୍ତୋଷ କୁମାର ମହାପାତ୍ର କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। କଠିନ ପରିଶ୍ରମ ଓ ସାଧନା ଛାତ୍ରଛାତ୍ରୀମାନଙ୍କୁ ଲକ୍ଷ୍ୟସ୍ଥଳରେ ପହଞ୍ଚାଇଥାଏ ବୋଲି ମୁଖ୍ୟ ଅତିଥି ମତପ୍ରକାଶ କରିଥିଲେ। ଅତିଥିମାନେ ଅନୁଷ୍ଠାନର ସୃଜନଶୀଳ ଦିଗ ଓ ଅଗ୍ରଗତି ସମ୍ପର୍କରେ ବକ୍ତବ୍ୟ ରଖିଥିଲେ। ଅଧ୍ୟକ୍ଷ ଡ. ପଞ୍ଚାନନ ସାମଲ ଅତିଥି ପରିଚୟ ପ୍ରଦାନ ପୂର୍ବକ ସ୍ୱାଗତ ଭାଷଣ ଦେଇଥିଲେ। ଉତ୍ସବ ଅବସରରେ ମହାବିଦ୍ୟାଳୟର ଛାତ୍ରଛାତ୍ରୀମାନଙ୍କ ଦ୍ୱାରା ନବାଗତ ଛାତ୍ରଛାତ୍ରୀଙ୍କୁ ସ୍ୱାଗତ କରିବା ସହିତ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ମହାବିଦ୍ୟାଳୟର ୩ୟ ବର୍ଷର ଛାତ୍ର ଓ ଛାତ୍ରୀଙ୍କ ଦ୍ୱାରା କାର୍ଯ୍ୟକ୍ରମ ପରିଚାଳିତ ହୋଇଥିଲା। ଏହି ଅବସରରେ ଉପାଧ୍ୟକ୍ଷ ଚନ୍ଦନ କୁମାର ସାମଲ, ଅଧ୍ୟାପକ ରାମଶଙ୍କର ସାହୁ, ୟାନିତା ପ୍ରିୟଦର୍ଶିନୀ, ଭୂପତିଭୂଷଣ ପଣ୍ଡା, ସୁବାସ ମୁଦୁଲି, ଲକ୍ଷ୍ମୀଧର ସ୍ୱାଇଁ ଓ ସୋଫିୟା ଜସ୍ମିନ ପ୍ରମୁଖ ଛାତ୍ର ଛାତ୍ରୀମାନଙ୍କୁ କଳାର ବିଭିନ୍ନ ଦିଗ ସମ୍ପର୍କରେ ସୂଚନା ପ୍ରଦାନ କରିଥିଲେ।

# ବର୍ଷା ହେଲେ ବେହାଲ ସୁନ୍ଦରପଦା ରାସ୍ତା

ଭୁବନେଶ୍ୱର, ୨୨।୭ (ସମିସ)

ମାଟି କାଦୁଅରେ ପରିପୂର୍ଣ୍ଣ ରାସ୍ତା। ବର୍ଷା ହେଲେ ସେହି ବାଟରେ ଯିବା କାଠିକର ପାଠ। ରାସ୍ତା ମଝିରେ ବଡ ବଡ ଖାଲରେ ପାଣି ଜମି ଆହୁରି ବିପଦ ସଙ୍କୁଳ ଅବସ୍ଥା ହୋଇଯାଇଛି। ଦିନେ କି ଦୁଇ ଦିନ ନୁହଁ ବରଂ ୫ ବର୍ଷ ଧରି ସେହି ରାସ୍ତାର ଦୃଶ୍ୟ ବଦଳୁନି ବୋଲି ସ୍ଥାନୀୟ ଲୋକଙ୍କ ଅଭିଯୋଗ।

**■ କାଦୁଅରେ ଖସୁଛି ଗୋଡ଼; ହନ୍ତସନ୍ତ ଅଞ୍ଚଳବାସୀ**
**■ ପାଞ୍ଚବର୍ଷ ହେଲା ବଦଳୁନି ରାସ୍ତାର ଚିତ୍ର**



ଏପରି ପରିସ୍ଥିତି ଭୁବନେଶ୍ୱର ଏୟାରପୋର୍ଟରୁ ମାତ୍ର ୬ କିଲୋମିଟର ଦୂର ସୁନ୍ଦରପଦାଠାରୁ ହରେକୃଷ୍ଣ ଭିଲ୍ଲା ରାସ୍ତାରେ ଦେଖିବାକୁ ମିଳିଛି। ଯେଉଁଠି ସ୍ଥାନୀୟ ଲୋକ ଘରୁ ଗୋଡ କାଢ଼ିବା ମଧ୍ୟ କଷ୍ଟକର ହୋଇପଡୁଛି। ଖାଲ ଖମାରେ ପରିପୂର୍ଣ୍ଣ ମାଟି ରାସ୍ତାରେ ବର୍ଷା ହୋଇଗଲେ ତା ଅବସ୍ଥା ନକହିବା ଭଲ। ଗାଡି ତ ଦୂରର କଥା ସେହି ବାଟରେ ସାଇକଲ ଚାଳକଟିଏ ମଧ୍ୟ ଯିବା ଆସିବା କରିବାକୁ ଭୟ କରୁଛନ୍ତି। ବର୍ତ୍ତମାନ ସମୟରେ ନିୟମିତ ବର୍ଷା ହେଉଥିବାରୁ ସେହି ଅଞ୍ଚଳରେ ରହୁଥିବା ଲୋକ ବାହାରକୁ ବାହାରିବାରେ ବିରକ୍ତି ପ୍ରକାଶ କରୁଛନ୍ତି।

ଏ ନେଇ ସେହି ଅଞ୍ଚଳରେ ରହୁଥିବା ରୁଷି ପଟ୍ଟନାୟକ କୁହନ୍ତି, ଅନେକଥର ଏହି ରାସ୍ତାର ସମସ୍ୟା ବିଷୟରେ ଅବଗତ କରାଇବା ପାଇଁ ଅଞ୍ଚଳବାସୀ ମିଳିତ ଭାବରେ ବିଡିଓଙ୍କ ଠାରୁ ଆରମ୍ଭକରି ଜିଲ୍ଲାପାଳ ପର୍ଯ୍ୟନ୍ତ ସମସ୍ତଙ୍କୁ ଲିଖିତ ଭାବରେ ଅଭିଯୋଗ କରି ସାରିଲେଣି ହେଲେ ଦୀର୍ଘ ତିନି ବର୍ଷ ହେଲା ସମାନ ସମସ୍ୟା ଭୋଗିବାକୁ ପଡୁଛି। ଯାହାକୁ ପଚାରିଲେ ରାସ୍ତା କାମ ହବ କହିକି ଚୁପ ରହି ଯାଉଛନ୍ତି ତ ଆଉ କେତେବେଳେ ପଇସା ଅନୁମୋଦନ ହୋଇଛି କାମ ହବ କହିକି ଭୁଲି ଯାଉଛନ୍ତି। ଗତ ବର୍ଷ ସେହି ରାସ୍ତା କାମ ପାଇଁ ୧୪ ଲକ୍ଷ ଅନୁମୋଦନ ହୋଇଥିବା ଏକ ବୋର୍ଡ ଲଗାଯାଇଥିଲା, ହେଲେ କିଛି ଦିନ ପରେ ତାହା କାଢି ନିଆଗଲା ବୋଲି ସେ କହିଥିଲେ। ସେହିପରି ସେଠାରେ ରହୁଥିବା ଅନ୍ୟ ଜଣେ ଅଞ୍ଚଳବାସୀ କୁହନ୍ତି, ଆଖପାଖରେ ସ୍କୁଲ ଏବଂ କଲେଜ ପଢୁଥିବା ଛୁଆମାନେ ଯିବା ଆସିବାରେ ନାହିଁ ନଥିବା ସମସ୍ୟା ଭୋଗୁଛନ୍ତି। ସ୍କୁଲ ଗାଡି ମଧ୍ୟ ଏ ରାସ୍ତାରେ ଆସୁ ନାହାନ୍ତି ଦୂରରୁ ପିଲାଙ୍କୁ ଛାଡି ଚାଲିଯାଉଛି। ରାତି ସମୟରେ ଆସିଲେ ବଡ ବଡ ଖାଲ ଜଣା ପଡୁ ନାହିଁ ସେଥିରେ ବର୍ଷା ଆହୁରି ଦାଉ ସାଜୁଛି କହିଲେ ଭୁଲ ହେବନି। ଏହି ସମସ୍ୟା କେବେ ଦୂର ହେବ ବୋଲି ସେ ଅସନ୍ତୋଷ ପ୍ରକାଶ କରିଛନ୍ତି।

# ୨ଟି ମନ୍ଦିରରୁ ଚୋରି ଅଭିଯୋଗ



ହିନ୍ଦୋଳ, ୨୨।୭ (ସମିସ): ଢେଙ୍କାନାଳ ଜିଲ୍ଲା ହିନ୍ଦୋଳ ସଦରମହକୁମାରେ ଦୀର୍ଘଦିନ ବ୍ୟବଧାନ ପରେ ଚୋରମାନେ ମାତିଛନ୍ତି। ହିନ୍ଦୋଳ ଜଗନ୍ନାଥ ମନ୍ଦିରରୁ ପୂଜକ କୌଣସି କାମରେ ବାହାରକୁ ଯାଇଥିବା ବେଳେ କୌଣସି ଦୁର୍ବୃତ୍ତ ଲକ୍ଷ୍ମୀ ମନ୍ଦିରରୁ ମୂର୍ତ୍ତିଚୋରି କରିଥିବା ନେଇ ଉପଜିଲ୍ଲାପାଳ ଓ ହିନ୍ଦୋଳ ଥାନାରେ ଅଭିଯୋଗ ହୋଇଛି। ସେହିପରି ୱାର୍ଡ ନଂ ୩ସ୍ଥିତ ତାରିଣୀ ମନ୍ଦିରରୁ ଚୋରି ହୋଇଥିବା ବେଳେ ୱାର୍ଡ ନଂ୮ର ଅଙ୍ଗନବାଡି କେନ୍ଦ୍ରର ତାଲା ଭଙ୍ଗା ହୋଇଥିବା ହିନ୍ଦୋଳ ଥାନାରେ ଅଭିଯୋଗ ହୋଇଛି ଏବଂ ଏହାର ତଦନ୍ତ ଚାଲିଛି। ଖୁବଶୀଘ୍ର ଦୁର୍ବୃତ୍ତମାନେ ଧରାପଡ଼ିବେ ବୋଲି ଜଣାପଡ଼ିଛି। ଦୀର୍ଘଦିନର ନୀରବତା ପରେ ହିନ୍ଦୋଳରେ ମାରାତ୍ମକ ନିଶାଦ୍ରବ୍ୟ ଗଞ୍ଜେଇ, ବ୍ରାଉନସୁଗାର, ମଦ ଇତ୍ୟାଦି ସେବନ କରୁଥିବା ଅଭ୍ୟାସଗତ ଅସାମାଜିକ ଦୁର୍ବୃତ୍ତଙ୍କ କାମ ବୋଲି ବୁଦ୍ଧିଜୀବୀ ଓ ଜନସାଧାରଣରେ ଆଲୋଚନା ହୋଇଛି। ହିନ୍ଦୋଳ ଉପଖଣ୍ଡର ଆରକ୍ଷୀ ଉପଅଧିକ୍ଷକ ସତ୍ୟକୁମାର ନନ୍ଦଙ୍କ ଦୃଢ ନେତୃତ୍ୱରେ ଥାନା ଅଧିକାରିଣୀ ଚାରୁଲତା ବେହେରା ଅଞ୍ଚଳରେ ଶାନ୍ତିଶୃଙ୍ଖଳା ସୁରୁଖୁରୁରେ ପରିଚାଳନା କରୁଥିବା ବେଳେ ଆଗକୁ ଦୃଢ ପଦକ୍ଷେପ ନେବେ ବୋଲି ଜନସାଧାରଣ ଆଶାବ୍ୟକ୍ତ କରିଛନ୍ତି।

# ଅବହେଳିତ ଅବସ୍ଥାରେ ହିନ୍ଦୋଳର ବିଭିନ୍ନ ପର୍ଯ୍ୟଟନସ୍ଥଳୀ

ଖଜୁରିଆକଟା, ୨୨।୭ (ସମିସ)

ଓଡ଼ିଶା ପର୍ଯ୍ୟଟନ ମାନଚିତ୍ରରେ ଢେଙ୍କାନାଳ ଜିଲ୍ଲା ସତନ୍ତ୍ର ସ୍ଥାନ ବଜାୟ ରଖିଥିବା ବେଳେ ଜିଲ୍ଲାରେ ସତନ୍ତ୍ର ସ୍ଥାନ ରହିଛି ହିନ୍ଦୋଳ ନିର୍ବାଚନମଣ୍ଡଳୀର ନନ୍ଦିନିଆ, ସାପୁଆ ଡ୍ୟାମ, ଏକତାଲି ପ୍ରୋଜେକ୍ଟ, ଐତିହାସିକ ଭୀମଖନ୍ଦା, ରଙ୍କେଇ ପୀଠ, ବନଦୁର୍ଗା ପୀଠ ଇତ୍ୟାଦି ଦର୍ଶନୀୟ ସ୍ଥାନ। ସେହିପରି 'ନନ୍ଦିନିଆ'ରେ ଥିବା ମନଲୋଭା ପ୍ରାକୃତିକ ଶୋଭାରାଶି ସମସ୍ତଙ୍କୁ ଆକର୍ଷିତ କରେ। ବନପାହାଡ଼ ଘେରା ସବୁଜିମା ପରିବେଶ ସାଙ୍ଗକୁ ବୋହିଯାଉଥିବା ଝରଣାର ପାଣି ଏବଂ ଏନ୍‌ଏସିସ୍ଥିତ ରଙ୍କେଇ ମନ୍ଦିର, ପୌରାଣିକ ଭୀମଖନ୍ଦା ଓ କଂସରାସ୍ଥିତ ବନଦୁର୍ଗା ପୀଠର ନୈସର୍ଗିକ ପ୍ରାକୃତିକ ପରିବେଶ ବିମୋହିତ କରି ଟାଣିଆଣେ ପର୍ଯ୍ୟଟକଙ୍କୁ। ହିନ୍ଦୋଳ ଉପଖଣ୍ଡର ପ୍ରସିଦ୍ଧ ନନ୍ଦିନିଆ ଜଳପ୍ରପାତକୁ ଦେଖିବା ପାଇଁ ବର୍ଷର ବାରମାସ ପର୍ଯ୍ୟଟକଙ୍କ ସୁଅ ଛୁଟୁଥିବା ବେଳେ ନନ୍ଦିନିଆ ଜଳପ୍ରପାତ ଯିବା ପାଇଁ ଗୋଟିଏ ପକ୍କା ସଡ଼କ ନିର୍ମାଣ ହୋଇପାରିନି, ଏବେ ମଧ୍ୟ ସରକାରୀ ଦୃଷ୍ଟି ଆଢୁଆଳରେ ପଡ଼ିରହିଛି ନନ୍ଦିନିଆ ଜଳପ୍ରପାତ। ଜଳପ୍ରପାତ ପାଖକୁ ବିଜୁଳି ସଂଯୋଗ ମଧ୍ୟ ହୋଇନଥିବା




ଦେଖିବାକୁ ମିଳିଛି। ଏହାର ଆକର୍ଷଣ ବର୍ଷ ତମାମ ବଣଭୋଜି କରିବା ପାଇଁ ପର୍ଯ୍ୟଟକଙ୍କୁ ଟାଣିଆଣୁଛି। ଢେଙ୍କାନାଳ ସଦର ମହକୁମାରୁ ପୁରୁଣା କଟକ ସମ୍ବଲପୁର ଭାପୁରୁ ଦେଇ ୩୬କିମି ଗଲାପରେ ପଡ଼ିବ ହିନ୍ଦୋଳ ଟାଉନ। ସେଇଠାରୁ ୪କିମି ଗଲା ପରେ ପଡ଼ିବ ନନ୍ଦିନିଆ ଜଳପ୍ରପାତ। ନୟାଗଡ଼ ଅଞ୍ଚଳରୁ ଆସୁଥିବା ପର୍ଯ୍ୟଟକଙ୍କୁ ଆସିବାକୁ ହେଲେ ୮୫ କିଲୋମିଟର ହିନ୍ଦୋଳ ଟାଉନ ଦେଇ ନନ୍ଦିନିଆ ଯିବାକୁ ପଡୁଥିବା ବେଳେ ନରସିଂହପୁରରୁ ୨୪ କିଲୋମିଟର। ଅନୁଗୁଳରୁ ମଇଧାରପୁର ଦେଇ ୩୦ କିଲୋମିଟର ଯିବାପରେ ହିନ୍ଦୋଳ ଟାଉନ ଦେଇ ପର୍ଯ୍ୟଟକମାନେ ନନ୍ଦିନିଆ ଆସିପାରିବେ। ପ୍ରାକୃତିକ ପରିବେଶରେ ଭରପୁର ଏହି ଜଳପ୍ରପାତର ଶୋଭାରାଶି ବେଶ ମନୋରମ। ଚାରିପଟେ ଜଙ୍ଗଲ ଓ ମଝିରେ ପାହାଡ଼ ସଦୃଶ ଉପରୁ ପାଣି ପଡୁଥିବା ଏକ ଜଳପ୍ରପାତ ନିକଟରେ ରହିଛି ବହୁ ଐତିହାସିକ ପୁରାତନ ଗୁମ୍ଫା। ଏଠିକାର ନୈସର୍ଗିକ ଶୋଭା ଓ ପରିବେଶ ମଧ୍ୟରେ ବଣଭୋଜି ସାଙ୍ଗକୁ ଏବଂ ବର୍ଷ ତମାମ ପର୍ଯ୍ୟଟକ ଆସୁଥିଲେ ମଧ୍ୟ ନୂଆବର୍ଷରେ ବହୁ ପର୍ଯ୍ୟଟକଙ୍କ ସମାଗମ ହୁଏ ଏଠାରେ। ଶୀତଋତୁ ଓ ନୂଆବର୍ଷରେ ଏଠି ବଣଭୋଜି କରିବାର ମଜା ନେବା ବେଶ ନିଆରା। ସେଇଥିପାଇଁ ଜିଲ୍ଲା ତଥା ବାହାରୁ ବହୁ ପର୍ଯ୍ୟଟକ ଏଠାକୁ ଆସୁଥିବା ଦେଖିବାକୁ ମିଳୁଛି। ସେହିପରି ହିନ୍ଦୋଳ ଉପଖଣ୍ଡର ସାପୁଆ ଡ୍ୟାମ, କାରନ୍ଦା ଲଦାଗଡ଼ ପର୍ଯ୍ୟଟନସ୍ଥଳୀର ମାନ୍ୟତା ପାଇଥିବା ବେଳେ ନନ୍ଦିନିଆକୁ ପର୍ଯ୍ୟଟନ ସ୍ଥଳୀର ମାନ୍ୟତା ଦେବାପାଇଁ ଅଞ୍ଚଳବାସୀଙ୍କ ପକ୍ଷରୁ ବାରମ୍ବାର ଅଭିଯୋଗ ହୋଇଆସୁଛି। ଦିନ ପରେ ଦିନ ଗଡ଼ିଯାଉଛି ହେଲେ ସରକାରଙ୍କ ଦୃଷ୍ଟି ପଡୁନି ବୋଲି ଅଭିଯୋଗ ହେଉଛି। ନନ୍ଦିନିଆ ସମେତ ବନଦୁର୍ଗା, ରଙ୍କେଇ ପୀଠ, ଭୀମଖନ୍ଦାକୁ ପର୍ଯ୍ୟଟନସ୍ଥଳୀର ମାନ୍ୟତା ଦେବାପାଇଁ ହିନ୍ଦୋଳ ଉପଖଣ୍ଡର ବିଭିନ୍ନ ମହଲରୁ ଜନସାଧାରଣ ଦାବି କରିଛନ୍ତି।

# ପିସିସି ସଭାପତି ଓ ରାହୁଲ ଗାନ୍ଧୀଙ୍କ କୁଶପୁତ୍ତଳିକା ଦାହ



ଢେଙ୍କାନାଳ, ୨୨।୭ (ସମିସ): ଫକୀରମୋହନ କଲେଜର ଛାତ୍ରୀ ଆତ୍ମହୁତି ଘଟଣାକୁ ନେଇ ନାରୀ ସୁରକ୍ଷା ପ୍ରସଙ୍ଗ ଉଠାଇ ରାଜ୍ୟ କଂଗ୍ରେସ ସଭାପତି ଭକ୍ତ ଦାସ ରାଜ୍ୟ ସରକାରଙ୍କୁ ଦାୟୀ କରିବା ସହ ରାଜରାସ୍ତାକୁ ଓହ୍ଲାଇଥିଲେ। ନୈତିକତା ଆଧାରରେ ମୁଖ୍ୟମନ୍ତ୍ରୀ ଓ ଉଚ୍ଚଶିକ୍ଷାମନ୍ତ୍ରୀଙ୍କ ଇସ୍ତଫା ଦାବି କରିଥିଲେ। ତାଙ୍କ ଦ୍ୱାରା ନିଯୁକ୍ତି ପ୍ରାପ୍ତ ଛାତ୍ର କଂଗ୍ରେସର ସଭାପତି ଉଦିତ ପ୍ରଧାନ ରାଜରାସ୍ତାକୁ ଓହ୍ଲାଇବା ସହ ମୁଖ୍ୟମନ୍ତ୍ରୀ ଓ ଉଚ୍ଚଶିକ୍ଷା ମନ୍ତ୍ରୀଙ୍କ କୁଶପୁତ୍ତଳିକା ଦାହ କରିଥିଲେ। ଯିଏ କି ଜନୈକ ଯୁବତୀଙ୍କୁ ହୋଟେଲକୁ ନେଇ ନିଶା ଦେଇ ଦୁଷ୍କର୍ମ କରି ଏବେ ଗିରଫ ହୋଇ ଜେଲରେ ଅଛନ୍ତି। ଯାହାକି କଂଗ୍ରେସର ଅସଲ ରୂପ ପଦାରେ ପଡ଼ିଛି। ଅତୀତରେ କଂଗ୍ରେସ ଦ୍ୱାରା ଛବିରାଣୀ ଦୁଷ୍କର୍ମ ଓ ହତ୍ୟାକାଣ୍ଡ, ଅଞ୍ଜନା ମିଶ୍ର ଦୁଷ୍କର୍ମ ଓ କଂଗ୍ରେସ କର୍ମୀ ନଇନା ସାହାଣୀଙ୍କ ଦୁଷ୍କର୍ମ ଓ ହତ୍ୟାକାଣ୍ଡ ବିଷୟରେ ଓଡ଼ିଶାବାସୀ ଅବଗତ। ଏହି ପରିପ୍ରେକ୍ଷୀରେ ଆଜି ଢେଙ୍କାନାଳ ଜିଲ୍ଲା ଯୁବମୋର୍ଚ୍ଚା ସଭାପତି ମହାଦୀପ ଯଶୋବନ୍ତ ମହିମାଙ୍କ ନେତୃତ୍ୱରେ ସ୍ଥାନୀୟ ଭାରତମାତା ପ୍ରତିମୂର୍ତ୍ତୀ ନିକଟରେ କଂଗ୍ରେସ ବିରୋଧରେ ବିକ୍ଷୋଭ ପ୍ରଦର୍ଶନ କରିବା ସହ ପିସିସି ସଭାପତି ଭକ୍ତଦାସଙ୍କ ଇସ୍ତଫା ଦାବିକରି ଭକ୍ତଦାସ ଓ ପ୍ରତ୍ୟେକ ଘଟଣାରେ ଦିଲ୍ଲୀରୁ ଟୁଇଟ କରୁଥିବା କଂଗ୍ରେସର ରାଷ୍ଟ୍ରୀୟ ନେତା ରାହୁଲଗାନ୍ଧୀଙ୍କ କୁଶପୁତ୍ତଳିକା ଦାହ କରିଥିଲେ।

# ଲାଉଲଇ ଅଞ୍ଚଳରେ ବ୍ୟାପକ ଦେଶୀମଦ କାରବାର ବୃଦ୍ଧି



ଗଁଦିଆ, ୨୨।୭ (ସମିସ): ଢେଙ୍କାନାଳ ଜିଲ୍ଲା ଗଁଦିଆ ବ୍ଲକ ଅଧୀନ ଲାଉଲଇ ଅଞ୍ଚଳରେ ଦିନକୁ ଦିନ ଦେଶୀ ଚୋରାମଦର କାରବାର ବୃଦ୍ଧି ପାଇବାରେ ଲାଗିଛି ବୋଲି ଅଭିଯୋଗ ହେଉଛି। ସ୍ଥାନୀୟ ମନ୍ଦାର, ଗୋଡିବାରି, ଭୁବନ ଓ ଚନ୍ଦାର ଅଞ୍ଚଳରୁ ଏହି ଚୋରାମଦ ନିୟମିତ ଆସୁଥିବା ବେଳେ ଲାଉଲଇ, ଖଙ୍କିରା, ନବଲାଉଲଇ, ଘୋରାଘୋରି ଓ ବେଣାଝରର ଗ୍ରାମରେ ଖୁଲାମଖୋଲା ବିକ୍ରି ହେଉଛି। ଆଜି ସକାଳେ ଗଁଦିଆ ଅବକାରୀ ତରଫରୁ ଏକ ରେଡ୍ କରାଯାଇ ଦୁଇଜଣଙ୍କୁ ଧରିନିଆଯାଇଛି। ମୁଖ୍ୟ ଆସାମୀଙ୍କୁ ନ ଧରି ଯାହିତାହିଙ୍କୁ ଧରି ଅବକାରୀ ତରଫରୁ କର୍ତ୍ତବ୍ୟ ସମ୍ପାଦନ କରାଯାଉଥିବା ବେଳେ ମୁଖ୍ୟ ମଦ ବେପାରୀ ଖୁଲମଖୋଲା ବିଭାଗୀୟଙ୍କୁ ହାତରେ ରଖି ବେପାର ଚଳାଉଛନ୍ତି ବୋଲି ଅଭିଯୋଗ ହେଉଛି। ଅବକାରୀ ବିଭାଗ ଆସିବା ପୂର୍ବରୁ ସେମାନଙ୍କୁ ଖବର ମିଳିଯାଉଥିବାରୁ ସେମାନେ ଖସିଯାଉଛନ୍ତି। ଦିନକୁ ଦିନ ବେକାରୀ ସମସ୍ୟା ସହ ମଦ ଜଡ଼ିତ ହୋଇଥିବାରୁ ଅକାରଣରେ ବହୁ ଧନଜୀବନ ନଷ୍ଟ ହେବାକୁ ବସିଲାଣି। ତେଣୁ ଏଦିଗରେ ବିହିତ ପଦକ୍ଷେପ ଗ୍ରହଣ କରିବା ପାଇଁ ଜିଲ୍ଲା ମୁଖ୍ୟ ଅବକାରୀ ଅଧିକାରୀଙ୍କୁ ସ୍ଥାନୀୟ ବୁଦ୍ଧିଜୀବୀ ମହଲରୁ ଅନୁରୋଧ କରାଯାଉଅଛି।

# ପୋଖରୀରେ ବୁଡ଼ି ଜଣଙ୍କର ମୃତ୍ୟୁ

ଖଜୁରିଆକଟା, ୨୨।୭ (ସମିସ): ଢେଙ୍କାନାଳ ଜିଲ୍ଲାର ରାସୋଳ ଥାନା ନବକିଶୋରପୁର ପଞ୍ଚାୟତ ଅନ୍ତର୍ଗତ ଖଇରାବାହାଲୀ ଗ୍ରାମରେ ଏକ ଅଭାବନୀୟ ଘଟଣା ଘଟିଛି। ସୂଚନା ମୁତାବକ ଖଇରାବାହାଲୀ ଗୋକୁଳା ନାଏକ (୫୦) ନାମକ ଏକ ବ୍ୟକ୍ତି ବିଲରେ କାମ ସାରି ଗ୍ରାମ ପୋଖରୀକୁ ଗାଧୋଇବାକୁ ଯାଇଥିଲେ। ସେ ଫେରିବା ବିଳମ୍ବ ହେବାରୁ ପରିବାରଲୋକେ ତାଙ୍କୁ ଖୋଜାଖୋଜି କରିବା ପରେ ପୋଖରୀରେ ତାଙ୍କର ମୃତଦେହ ଭାସୁଥିବା ଦେଖିଥିଲେ। ଏନେଇ ରାସୋଳ ଦମକଳ ବାହିନୀକୁ ଖବର ଦେବାରୁ ସେଠାରେ ପହଞ୍ଚି ହିନ୍ଦୋଳ ଉପଖଣ୍ଡ ମେଡିକାଲକୁ ନେଇଥିବା ଜଣାପଡ଼ିଛି। ଖବର ପାଇ ରସୋଳ ପୁଲିସ ଶବ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇବାସହ ତଦନ୍ତ ଜାରି ରଖିଛି। ଶବ ବ୍ୟବଚ୍ଛେଦ ପରେ ମୃତ୍ୟୁର କାରଣ ଜଣାପଡ଼ିବ ବୋଲି ସୂତ୍ରରୁ ପ୍ରକାଶ।

# ଅବସରପ୍ରାପ୍ତ ପ୍ରଧାନଶିକ୍ଷୟିତ୍ରୀଙ୍କ ପରଲୋକ

ପରଜଙ୍ଗ/କାମାକ୍ଷାନଗର, ୨୨।୭ (ସମିସ): ପରଜଙ୍ଗ ବ୍ଲକ ଗେହ୍ଲେଇକାଟେଣି ଗ୍ରାମର ଅବସରପ୍ରାପ୍ତ ପ୍ରଧାନଶିକ୍ଷୟିତ୍ରୀ ଚିତ୍ରମଣି ବିଶ୍ୱାଳ ବୟସ(୭୫) ଙ୍କ ଦେହାନ୍ତ ହୋଇଯାଇଛି। କିଛି ଦିନ ଧରି ସ୍ୱାସ୍ଥ୍ୟ ଜନିତ ସମସ୍ୟା ଯୋଗୁଁ ଭୁବନେଶ୍ୱରର ଏକ ଘରୋଇ ହସ୍ପିଟାଲରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଛି। ସେ



ମହାପାଟ ଉଚ୍ଚପ୍ରାଥମିକ ବିଦ୍ୟାଳୟର ପ୍ରଧାନଶିକ୍ଷୟିତ୍ରୀ ଭାବେ କାର୍ଯ୍ୟକରି ଅବସର ନେଇଥିବା ବେଳେ ଜଣେ ଧର୍ମପରାୟଣ ଓ ପରୋପକାରୀ ମହିଳା ଭାବେ ପରିଚିତ ଥିଲେ। ଅନ୍ତିମ ଶଯ୍ୟା ନିକଟରେ ସପରିବାର ଓ ଆତ୍ମୀୟସ୍ୱଜନ ଉପସ୍ଥିତ ଥିଲେ। ରୀତିନୀତି ଅନୁସାରେ ଗ୍ରାମ ଶ୍ମଶାନରେ ତାଙ୍କର ଶେଷକୃତ୍ୟ ସମ୍ପର୍ଣ୍ଣ ହୋଇଛି। ଖବର ପାଇ ପୂର୍ବତନ ମନ୍ତ୍ରୀ ଡା. ନୃସିଂହ ଚରଣ ସାହୁ, ପୂର୍ବତନ ସାଂସଦ ମହେଶ ସାହୁ, ପରଜଙ୍ଗ ବିଧାୟକ ବିଭୁତିଭୁଷଣ ପ୍ରଧାନ, ଜିଲ୍ଲା ପରିଷଦ ସଭ୍ୟ ନିରାକାର ପ୍ରଧାନ, ଭାଜପା ଜିଲ୍ଲା ସଭାପତି ରାହାସ ବିହାରୀ ବେହେରା, ଯୁବ ସମାଜ ସେବୀ ଅସିତ୍ ରାୟଚୌଧୁରି, ପର୍ଜଙ୍ଗ ବ୍ଲକ ଅଧକ୍ଷା ଓ କଙ୍କଡ଼ାହାଡ଼ ବ୍ଲକ ଅଧକ୍ଷା ଏବଂ ଅଞ୍ଚଳବାସୀ ଗଭୀର ଶୋକପ୍ରକାଶ କରିଛନ୍ତି।

# ଷଣ୍ଢ ଚାଲାଣ ବେଳେ ଗାଡ଼ି ଜବତ; ଚାଳକ ଫେରାର



ଗଁଦିଆ, ୨୨।୭ (ସମିସ): ବେଆଇନ ଭାବେ ଷଣ୍ଢ ଚାଲାଣ କରୁଥିବା ଏକ ଗାଡ଼ି ଜବତ ହୋଇଛି। ସକାଳେ ୮ଟି ଷଣ୍ଢକୁ ବେଆଇନ ଭାବରେ ଏକ ଗାଡି (ଓଡି୦୫ଏଜେଡ ୬୦୬୫)ରେ ଦେଓଗାଁ ଆଡୁ ଜଙ୍ଗଲ ରାସ୍ତା ଦେଇ ଟାଙ୍ଗୀ ଆଡ଼କୁ ଯାଉଥିବା ବେଳେ ଖବରପାଇ ଢେଙ୍କାନାଳ ଓ ଦେଓଗାଁ ବଜରଙ୍ଗ ବାହିନୀ ଉକ୍ତ ପିଛା କରି ଉକ୍ତ ଗାଡ଼ିକୁ ଚଟିଘର ନିକଟରେ ଅଟକାଇ ଥିଲେ। ଉକ୍ତ ଗାଡ଼ି ସହିତ ସେଥିରେ ଥିବା ଷଣ୍ଢମାନଙ୍କୁ ଧରୀ ଗଁଦିଆ ଥାନାରେ ଜିମା ଦେବା ସହିତ ଲିଖିତ ଅଭିଯୋଗ କରିଥିଲେ। ଘଟଣା ସ୍ଥଳରୁ ଡ୍ରାଇଭର ଫେରାର ହୋଇଯାଇଛି। ଉକ୍ତ ଗାଡ଼ିକୁ ଗଁଦିଆ ପୁଲିସ ଜବତ କରିବା ସହିତ ଷଣ୍ଢ ଗୁଡ଼ିକୁ ଛାଡି ଦେଇଥିଲେ।

# ଅର୍ଥନୀତି ବିଭାଗରେ ବିଦାୟ ସମ୍ବର୍ଦ୍ଧନା ସଭା



ଖଜୁରିଆକଟା, ୨୨।୭ (ସମିସ): ହିନ୍ଦୋଳ ଉପଖଣ୍ଡ ଖଜୁରିଆକଟାସ୍ଥିତ ହିନ୍ଦୋଳ ମହାବିଦ୍ୟାଳୟ ଅର୍ଥନୀତି ବିଭାଗରେ ଯୁକ୍ତତିନି ଶେଷ ବର୍ଷ ଛାତ୍ରଛାତ୍ରୀଙ୍କୁ ୧ମ ଓ ୨ୟ ବର୍ଷ ଛାତ୍ରଛାତ୍ରୀ ବିଦାୟ ସମ୍ବର୍ଦ୍ଧନା ଜଣାଇଛନ୍ତି। ଏହି ଉପଲକ୍ଷେ ଅନୁଷ୍ଠିତ ସମ୍ବର୍ଦ୍ଧନା ସଭାରେ ବିଭାଗୀୟ ମୁଖ୍ୟ ହରମୋହନ ସାହୁ ସଭାପତିତ୍ୱ କରି ପ୍ରାରମ୍ଭିକ ସୂଚନା ଦେବା ସଙ୍ଗେ ସଙ୍ଗେ ଛାତ୍ରଛାତ୍ରୀଙ୍କର ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଥିଲେ। ମହାବିଦ୍ୟାଳୟ ଅଧକ୍ଷ ପ୍ରଦୀପ କୁମାର ଧଳ ମୁଖ୍ୟଅତିଥି ରୂପେ ଯୋଗଦେଇ ତାଙ୍କ ବକ୍ତବ୍ୟ ମାଧ୍ୟମରେ ପରସ୍ପର ମଧ୍ୟରେ ସହନଶୀଳତା ଓ ମାତୃଜାତିର ସମ୍ମାନକୁ ଅକ୍ଷୁର୍ଣ୍ଣ ରଖିବା ଆମ ସମସ୍ତଙ୍କର ନୈତିକ କର୍ତ୍ତବ୍ୟ ବୋଲି ମାର୍ଗଦର୍ଶନ ଦେଇଥିଲେ। ଇତିହାସ ବିଭାଗର ମୁଖ୍ୟ ବିମଳ ପ୍ରଧାନ, ରାଜନୀତି ବିଜ୍ଞାନ ବିଭାଗର ମୁଖ୍ୟ ନିର୍ମଳ ଚନ୍ଦ୍ର ପାଣିଗ୍ରାହୀ, ଓଡିଆ ଭାଷା ସାହିତ୍ୟ ବିଭାଗର ଅଧ୍ୟାପକ ମୁରଲୀ କିଶୋର ଜେନାମଣି ଓ କାର୍ଯ୍ୟାଳୟ କର୍ମଚାରୀ ମଙ୍ଗରାଜ ପ୍ରଧାନ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଛାତ୍ରଛାତ୍ରୀଙ୍କର ଶୃଙ୍ଖଳିତ ଜୀବନ ଧାରା ଉପରେ ଗୁରୁତ୍ୱ ଆରୋପ କରିଥିଲେ। ଛାତ୍ରଛାତ୍ରୀଙ୍କ ମଧ୍ୟରୁ ସ୍ନେହାଶିଷ ପଟ୍ଟନାୟକ, ପବିତ୍ର ମୋହନ ଦେହୁରୀ, ସାଗରିକା ସାହୁ ଓ କିସାନ ସେଠୀ ପ୍ରମୁଖ ବିଗତ ଦିନମାନଙ୍କରେ ଘଟିଥିବା ଅଭୁଲା ସ୍ମୃତିକୁ ସାଉଁଟିଥିଲେ। ଶେଷରେ ଅର୍ଥନୀତି ବିଭାଗର ଅନ୍ୟତମ ଅଧ୍ୟାପିକା ତଥା କାର୍ଯ୍ୟକ୍ରମର ସଂଯୋଜିକା ଶିଖା ଶିଅଳ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

# ଚାଲାଣ ବେଳେ ଗୋରୁ ବୋଝେଇ ଟ୍ରକ୍ ଜବତ



ପରଜଙ୍ଗ, ୨୨।୭ (ସମିସ): ଢେଙ୍କାନାଳ ଜିଲ୍ଲା ପରଜଙ୍ଗ ଥାନା ଅଧୀନ ବିରାଶାଳ ମନ୍ଦିର ନିକଟରୁ ଏକ ଗୋରୁ ବୋଝେଇ ଟ୍ରକକୁ ପୁଲିସ ଜବତ କରିବା ସହିତ ସେଥିମଧ୍ୟରୁ ୧୮ଟି ଗୋରୁକୁ ଉଦ୍ଧାର କରିଛି। ପର୍ଜଙ୍ଗ ବ୍ଲକ ଏବଂ କଙ୍କଡାହାଡ଼ ବ୍ଲକରେ ଗୋମାଫିଆମାନେ ବିଭିନ୍ନ ସ୍ଥାନରେ ଗୋଚାଲାଣ କରୁଥିବା ବେଳେ ପୁଲିସ ଏହାର ସୁରାକ ପାଇ ଗୋରୁ ବୋଝେଇ ଗାଡ଼ି ଜବତ କରୁଥିବା ବେଳେ ମାଫିଆମାନେ ଚତୁରତାର ସହ ଖସି ପଳାଇବାରେ ସକ୍ଷମ ହୋଇଥାନ୍ତି। ଏପରି ଏକ ଦୃଶ୍ୟ ଦେଖିବାକୁ ମିଳିଛି ଢେଙ୍କାନାଳ ଜିଲ୍ଲା କଙ୍କଡାହାଡ଼ ଥାନା ଅଞ୍ଚଳରେ। ମାଫିଆମାନେ ଭୋରୁ ଜେଏଚ ୦୫ ଏକେ ୩୦୩୧ ନଂ ବିଶିଷ୍ଟ ଟ୍ରକ୍‌ରେ ୧୮ଟି ଗୋରୁ ଚାଲାଣ କରିବାକୁ କେଉଁଝର ଅଞ୍ଚଳ ଦେଇ ଝାଡ଼ଖଣ୍ଡକୁ ଗୋଚାଲାଣ କରିବାକୁ ଯୋଜନା କରିଥିବା ବେଳେ ପୁଲିସ ଏମାନଙ୍କ ଯୋଜନାକୁ ପଣ୍ଡ କରିଦେଇଛି। ଯୋଜନା କରୁଥିବା ଉଦ୍ୟମକୁ ପୁଲିସ ପଣ୍ଡ କରିଦେଇଛି। କଙ୍କଡାହାଡ ଥାନା ଆଇଆଇସି କଳ୍ପନା ବେହେରା ଓ ପୁଲିସ ବାହିନୀ ଟିମ ମାଫିଆଙ୍କ ଗାଡିକୁ ପିଛା କରୁଥିବା ଜାଣିପାରି ବିରାଶାଳ ମନ୍ଦିର ନିକଟରେ ଟ୍ରକ୍ ଛାଡ଼ିଦେଇ ମାଫିଆମାନେ ଚମ୍ପଟ ମାରିଥିବା ଜଣାପଡ଼ିଛି। ଉଦ୍ଧାର ଗୋରୁ ମଧ୍ୟରୁ ଅଣନିଶ୍ୱାସୀ ହୋଇ ୨ଟି ମୃତ୍ୟୁବରଣ କରିଥିବାର ଜଣାପଡ଼ିଛି। ଅନ୍ୟ ସମସ୍ତ ଗୋରୁ ଚିକିତ୍ସିତ ଅବସ୍ଥାରେ ରହିଥିବାର ଜଣାପଡ଼ିଛି। ମାଫିଆମାନେ

# ଗଣେଶ ପୂଜା ପାଇଁ ମାଟି ଅନୁକୂଳ

ଢେଙ୍କାନାଳ, ୨୨।୭ (ସମିସ): କାଙ୍କଡ଼ପାଳ ନୂଆସାହି ବଜରଙ୍ଗ କ୍ଲବର ଗଣେଶ ପୂଜା ନିମନ୍ତେ ଅଦ୍ୟ ନୀତିକାନ୍ତିରେ ପୂଜାର୍ଚ୍ଚନା କରାଯାଇ ମାଟି ଅନୁକୂଳ କରାଯାଇଛି। ପୂଜକ ଜଗା ନନା ଓ କ୍ଲବର ସମସ୍ତ ସଦସ୍ୟଙ୍କ ଦ୍ୱାରା କୋଟପାଳ ଘାଟରୁ ମାଟି ଅଣାଯାଇ ଗ୍ରାମ ପରିକ୍ରମା ସହିତ ପୂଜା ଘରେ ରଖାଯାଇଥିଲା। ସଦସ୍ୟ ମନୋଜ କୁମାର ସାହୁ, ବିକ୍ରମ ପରିଡ଼ା, ବୁବୁ ସାମଲ, ସିଲୁ, ମନୁଆ, ବାପି, ହାଲୁଆ, ଚନ୍ଦନ, ଲିପୁ, ତପୁ, ମନୋଜ, ମିଳନ, ପ୍ରତାପ, ଜାୟୁଲ, ଶଙ୍କର, କଲିଷ୍ଟୋ, ଜଗା, ରାଜା, ଅଜୁ, ସିପୁନା ପ୍ରମୁଖ ଏହି କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ।



# ରାସ୍ତା ପାର୍ଶ୍ୱରେ ବିପଦ ସଙ୍କୁଳ ବିଦ୍ୟୁତ୍ ଟ୍ରାନ୍ସଫର୍ମର

ପରଜଙ୍ଗ, ୨୨।୭ (ସମିସ)

ଢେଙ୍କାନାଳ ଜିଲ୍ଲା ପରଜଙ୍ଗ ବଜାରରୁ ଡିହଡୋଳ ଗ୍ରାମଦେଇ ବାରିହାପୁର ଦିଗକୁ ରହିଥିବା ପୂର୍ତ୍ତ ବିଭାଗ ରାସ୍ତାକୁ ଲାଗି ବିପଦ ସଙ୍କୁଳ ଅବସ୍ଥାରେ ୨ଟି ବିଦ୍ୟୁତ୍ ଟ୍ରାନ୍ସଫର୍ମର ରହିଛି। ସମସ୍ତଙ୍କ ଆଖି ପଲକରେ ଜ୍ୱଳନ୍ତ ପ୍ରମାଣ ହୋଇ ରହିଛି ଏହି ଟ୍ରାନ୍ସଫର୍ମର। ଏହା ଡିହଡୋଳ-

**● ସମସ୍ୟା ସମାଧାନ ପାଇଁ ଦାବି**

ବାରିହାପୁର ଦିଗକୁ ଯିବା ରାସ୍ତାରେ ପୂର୍ତ୍ତବିଭାଗ ରାସ୍ତାକୁ ଲାଗି ଷ୍ଟେଜ ଉପରେ ବସିଛି ୨ଟି ଟ୍ରାନ୍ସଫର୍ମର। ଏହାର ରକ୍ଷଣାବେକ୍ଷଣ ଅଭାବ ସାଙ୍ଗକୁ ଚତୁଃପାର୍ଶ୍ୱ ସୁରକ୍ଷା ତଥା ତାରବାଡ଼ା ନଥିବାରୁ ମୁକୁଳା ଅବସ୍ଥାରେ ରହିଥିବା ଦୃଶ୍ୟ



ଦେଖିବାକୁ ମିଳିଛି। ଏତଦ୍ ବ୍ୟତୀତ ବସିଥିବା ଟ୍ରାନ୍ସଫର୍ମର ମଧ୍ୟରୁ ଗୋଟିଏର ଷ୍ଟେଜ ଭାଙ୍ଗି ଭୁଶୁଡ଼ିବା ଅବସ୍ଥାକୁ ଗଲାଣି। ଯାହାଫଳରେ କୌଣସି ମୁହୂର୍ତ୍ତରେ ତଳକୁ ଗଳିପଡ଼ିବା ଆଶଙ୍କା ରହିଛି। ଏହାରି କଡ଼ରେ ପଥଚାରୀଙ୍କ ଠାରୁ ଆରମ୍ଭ କରି ଯାନବାହାନ ଚାଳକ ମାନଙ୍କ ପ୍ରତି ବିପଦର ଆଶଙ୍କା ରହିଛି। ଟ୍ରାନ୍ସଫର୍ମର ନିକଟରେ ଡିହଡୋଳ ଗ୍ରାମର କେତେକ ପରିବାର ବସବାସ କରି ରହୁଥିବା ବେଳେ ପରିବାରର ଲୋକମାନଙ୍କ ଠାରୁ ଆରମ୍ଭ କରି ଗୃହପାଳିତ ଗୋରୁ ଗାଈମାନେ ଚଳପ୍ରଚଳ କରୁଥିବା ଦୃଶ୍ୟ ଦେଖିବାକୁ ମିଳିଥାଏ। ଯାହାଫଳରେ ଏମାନଙ୍କ ପାଇଁ କୌଣସି ମୁହୂର୍ତ୍ତରେ ଅଘଟଣକୁ ଏଡ଼ାଇ ଦିଆଯାଇ ନପାରେ। ବିଭାଗୀୟ ଅଧିକାରୀଙ୍କ ଖାମଖିଆଲ ଯୋଗୁଁ ଜନଯାତ୍ରୀଙ୍କ ପାଇଁ କାଳ ହୋଇପାରେ। କିପରି ଏପରି ଗୁରୁତ୍ୱପୂର୍ଣ୍ଣ ସମସ୍ୟାକୁ ଦେଖି ନଦେଖିବା ଭଳି ବିଭାଗୀୟ ଅଧିକାରୀ ନୀରବଦ୍ରଷ୍ଟା ସାଜିଛନ୍ତି ତାହା ବୁଦ୍ଧିଜୀବୀ ମହଲରେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ବିଭାଗୀୟ ଅଧିକାରୀ ତୁରନ୍ତ ସମସ୍ୟା ପ୍ରତି ଗୁରୁତ୍ୱ ଦେଇ ସମାଧାନ କରିବାକୁ ସାଧାରଣରେ ଦାବି ହେଉଛି।

# ଦିବ୍ୟାଙ୍ଗମାନଙ୍କୁ ଉପକରଣ ବଣ୍ଟନ



ଗଁଦିଆ, ୨୨।୭ (ସମିସ): ଗନ୍ଦିଆ ବ୍ଲକର ଲାଉଲଇସ୍ଥିତ 'ପ୍ରିୟ' ସ୍ୱେଚ୍ଛାସେବୀ ସଂଗଠନର ପରିସରରେ ନେସନାଲ ଟ୍ରଷ୍ଟ ନୂଆ ଦିଲ୍ଲୀ, ଆଲିମ୍ କୋ ଭୁବନେଶ୍ୱର ଓ 'ପ୍ରିୟ' ଅନୁଷ୍ଠାନର ମିଳିତ ଆନୁକୂଲ୍ୟରେ ୪୫ ଜଣ ଦିବ୍ୟାଙ୍ଗମାନଙ୍କୁ ଇଲେକ୍ଟ୍ରି ବ୍ୟାଟେରୀ ସାଇକଲ, ଟ୍ରାଇ ସାଇକଲ, ୱିଲ୍ ଚେୟାର, ଶ୍ରବଣ ଯନ୍ତ୍ର, ଆଶା ବାଡି ବଣ୍ଟନ କରାଯାଇଛି। ଏଥିରେ ଅତିରିକ୍ତ ଜିଲ୍ଲାପାଳ ରମେଶ ଚନ୍ଦ୍ର ସେଠୀ, ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ନରେଶ ଚନ୍ଦ୍ର ସ୍ୱାଇଁ, ଆଲିମ୍ କୋର ମନୋରଞ୍ଜନ ଓଝା ଓ 'ପ୍ରିୟ' ଅନୁଷ୍ଠାନର ନିର୍ଦ୍ଦେଶକ ଟଙ୍କଧର ବାରିକ ଉପସ୍ଥିତ ରହି ବଣ୍ଟନ କରିଥିଲେ। ଏହାକୁ ପ୍ରିୟର ସମସ୍ତ କର୍ମକର୍ତ୍ତା ଇଲନ ପ୍ରଭା ସେନାପତି, ଅନ୍ନପୂର୍ଣ୍ଣା ଧଳ, ସୋନାଲି ଧଳ, ସୌଭାଗ୍ୟ ଲକ୍ଷ୍ମୀ ତରାଇ, ସ୍ୱାଗତିକା ରାଉତ, ବର୍ଷା ରାଣୀ ପ୍ରଧାନ, ଲକ୍ଷ୍ମୀପ୍ରିୟା ନାୟକ, ସାହିଲ୍ ଆଫ୍ରିଡ, ସତ୍ୟପ୍ରକାଶ ନାୟକ, ବୈକୁଣ୍ଠ ନାଥ ପାତ୍ର, ରବୀନ୍ଦ୍ର କୁମାର ସାମଲ, ପର୍ଶୁରାମ ଦାସ, ପ୍ରକାଶ ସାମଲ ଉପସ୍ଥିତ ରହି କାର୍ଯ୍ୟକ୍ରମଟିକୁ ସୁପରିଚାଳନା କରିଥିଲେ।

# ଲର୍କି ଶିଶୁ ବିଦ୍ୟାମନ୍ଦିରେ ଚାରାରୋପଣ



ତୁରେକେଲା,୨୨।୭(ସମିସ): ବଲାଙ୍ଗିର ଜିଲ୍ଲା ତୁରେକେଲା ବ୍ଲକ୍ ଲର୍କି ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ପରିସରରେ ସବୁଜ ବନାନୀର ବୃକ୍ଷରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଏହି ଅବସରରେ ବିଦ୍ୟାଳୟର ଚତୁପାଶ୍ୱର୍ରେ ବିଭିନ୍ନ ପ୍ରକାର ବୃକ୍ଷ ରୋପଣ କରାଯାଇଥିଲା । କାର୍ଯ୍ୟକ୍ରମରେ ପରିଚାଳନା କମିଟିର ସଭାପତି ବିରଞ୍ଚି ପୁଟେଲ, ସଂପାଦକ ସୁନୀଲ କୁମାର ପାତ୍ର ବିଦ୍ୟାଳୟର ପ୍ରଧାନ ଆଚାର୍ଯ୍ୟ ସ୍ରୋତ ସ୍ୱିନୀ ହୋତା ଆଚାର୍ଯ୍ୟ ପ୍ରତିନିଧି କୌସ୍ତୁଭ ବାଗ ଓ ସମସ୍ତ ଗୁରୁଜୀ, ଗୁରୁମା, ଶିଶୁ ଭାଇ, ଭଉଣୀ ଉପସ୍ଥିତ ଥିଲେ ।

# ଦୁର୍ଘଟଣାରେ ବାଇକ୍ ଚାଳକ ଗୁରୁତର



କଣ୍ଟାବାଞ୍ଜି,୨୨।୭(ସମିସ): ମଙ୍ଗଳବାର ଭାରଶାମ୍ୟ ହରାଇ ବାଇକ ଚାଳକ ଦୁର୍ଘଟଣାଗ୍ରସ୍ତ ହୋଇଛନ୍ତି । ଖବର ଅନୁସାରେ ମୁରିବାହାଲ ଥାନା ଅନ୍ତର୍ଗତ ଚଳକି ଗାଁର ଜଗବନ୍ଧୁ ମାଝି ନାମକ ଜଣେ ବ୍ୟକ୍ତି ବାଇକରେ ଯାଉଥିବା ସମୟରେ ତାଙ୍କ ବାଇକ ଭାରଶ୍ୟମ ହରାଇ ଦୁର୍ଘଟଣାଗ୍ରସ୍ତ ହୋଇଛନ୍ତି । ସ୍ଥାନୀୟ ଲୋକେ ଉଦ୍ଧାର କରି ଚିକିତ୍ସା ପାଇଁ କଣ୍ଟାବାଞ୍ଜି ଡାକ୍ତରଖାନରେ ତାଙ୍କ ପ୍ରାଥମିକ ଚିକିତ୍ସା ପରେ ସ୍ୱାସ୍ଥ୍ୟ ଅବସ୍ଥା ଅଧିକ ଗୁରୁତର ହେବା ପରେ ତାଙ୍କୁ ବଲାଙ୍ଗିର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ସ୍ଥାନାନ୍ତର କରାଯାଇଛି ।

# ଜନତା ସରକାରୀ ଉଚ୍ଚ ବିଦ୍ୟାଳୟରେ ବନ ମହୋତ୍ସବ




ବଣାଇଁ,୨୨।୭(ସମିସ): ବଣାଇଁ ବ୍ଲକ୍ ରୁଗୁଡ଼ା ଜନତା ସରକାରୀ ଉଚ୍ଚ ବିଦ୍ୟାଳୟରେ ୭୬ତମ ବନ ମହୋତ୍ସବ ପାଳିତ ହୋଇଯାଇଛି । ବିଦ୍ୟାଳୟର ପ୍ରଧାନ ଶିକ୍ଷକ ମୂରଲୀଧର ବାଙ୍କ ଙ୍କ ଅଧକ୍ଷତାରେ ଅନୁଷ୍ଠିତ ଉତ୍ସବରେ ବଣାଇଁ ବନଖଣ୍ଡ ଅଧିକାରୀ ଲଳିତ କୁମାର ପାତ୍ର ମୁଖ୍ୟଅତିଥି ଭାବେ ଯୋଗଦେଇଥିଲେ । ସମ୍ମାନିତ ଅତିଥି ଭାବେ ଅବସରପ୍ରାପ୍ତ ବିଇଓ ଝସକେତନ ସାହୁ, କୁଳିପୋଷ ରେଞ୍ଜ ଅଧିକାରୀ ସୁଚିସ୍ମିତା ଦାସ, ବଣାଇଁ ରେଞ୍ଜ ଅଧିକାରୀ ଦେବାଶିଷ ନାୟକ ଯୋଗଦେଇଥିଲେ । ବଣାଇଁ ବନ ବିଭାଗର ଜୀବ ବିଜ୍ଞାନୀ ସଞ୍ଜୟ ପରିଡ଼ା "ମୋ ବନ ମୋ ଜୀବନ" କାର୍ଯ୍ୟକ୍ରମ ମାଧ୍ୟମରେ ଜଙ୍ଗଲ ତଥା ହାତୀମାନଙ୍କୁ ସୁରକ୍ଷା ଓ ନିରାପତ୍ତା ସମ୍ବନ୍ଧରେ ଭିଡିଓ ଚଳଚ୍ଚିତ୍ର ମାଧ୍ୟମରେ ଛାତ୍ରଛାତ୍ରୀଙ୍କୁ ସଚେତନ କରାଇଥିଲେ । ଛାତ୍ରଛାତ୍ରୀମାନଙ୍କ ମଧ୍ୟରେ ହାତୀ ସୁରକ୍ଷା ସମ୍ବନ୍ଧରେ ଏକ କୁଇଜ୍ ପ୍ରତିଯୋଗିତା ଆୟୋଜିତ ହୋଇଥିଲା । ମୁଖ୍ୟଅତିଥି ତଥା ଅନ୍ୟତମ ଅତିଥି, ଛାତ୍ରଛାତ୍ରୀମାନେ ବିଦ୍ୟାଳୟ ପରିସରରେ ଚାରାରୋପଣ କରିଥିଲେ । ଦ୍ୱିତୀୟ ପର୍ଯ୍ୟାୟରେ ବିଦ୍ୟାଳୟର ହିନ୍ଦୀ ଶିକ୍ଷକ ମୁକେଶ କୁମାର ମାଝୀଙ୍କ ରଚନା ତଥା ନିର୍ଦ୍ଦେଶନାରେ ଛାତ୍ରଛାତ୍ରୀମାନଙ୍କ ଦ୍ୱାରା "ମୋ ବନ ମୋ ଜୀବନ" ନାମକ ନାଟକ ପରିବେଷଣ କରାଯାଇଥିଲା । ଏହାପରେ ବିଭିନ୍ନ ପ୍ରତିଯୋଗିତାର କୃତି ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରାଯାଇଥିଲା । ଏହି କାର୍ଯ୍ୟକ୍ରମକୁ ବିଦ୍ୟାଳୟର ଇକୋ କ୍ଲବ୍ ଦାୟିତ୍ୱରେ ଥିବା ଶିକ୍ଷକ ମୂରଲୀଧର ସାହୁ ପରିଚାଳନା କରିଥିବା ବେଳେ ବିଦ୍ୟାଳୟର ସହକାରୀ ଶିକ୍ଷକ ତନୁଜ କୁମାର ପ୍ରଧାନ, ରୂପକ ରାଜହଂସ, ପିତବାସ ସାହୁ, ଅଜୟ କୁମାର ସ୍ୱାଇଁ, ଲିଙ୍ଗରାଜ ପାତ୍ର, ବସନ୍ତ ପ୍ରଧାନ ଏବଂ ଶିକ୍ଷୟିତ୍ରୀ ହସ୍ମିତା ପାତ୍ର, ସୀମା ପ୍ରଧାନ, ମାମିନୀ ସାହୁ, ଦ୍ରୌପଦୀ ସାହୁ, ଦମୟନ୍ତୀ କୈବର୍ତ୍ତ, ଦ୍ରୌପଦୀ ସାହୁ, ହେମାଙ୍ଗିନୀ ବହଳୀ, ଏବଂ ଜୁନିଅର ରେଡ଼କ୍ରସ୍ ତଥା ସ୍କାଉଟ୍ ଗାଇଡ୍ ବିଭାଗର ଛାତ୍ରଛାତ୍ରୀ ଏବଂ ମହୁଲଡିହା ବନପାଳ ସ୍ନେହମୟୀ ନାଏକ ସହଯୋଗ କରିଥିଲେ ।

# ହରିଶଙ୍କର ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଚାରାରୋପଣ



ଖପ୍ରାଖୋଲ,୨୨।୭(ସମିସ): ବଲାଙ୍ଗିର ଜିଲ୍ଲା ଅନ୍ତର୍ଗତ ଖପ୍ରାଖୋଲ ସ୍ଥାନୀୟ ହରିଶଙ୍କର ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ପରିସରରେ ଯୁବ ରେଡ୍‌କ୍ରସ ତରଫରୁ ବ୍ୟକ୍ତି ଟିଏ ଗଛ ଟିଏ କାର୍ଯ୍ୟକ୍ରମ ବିଦ୍ୟାଳୟର ଅଧକ୍ଷ ବଳଭଦ୍ର ଦାଶଙ୍କ ଅଧକ୍ଷତାରେ ସୋମବାର ଅନୁଷ୍ଠିତ ହୋଇଥିଲା । କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ବଲାଙ୍ଗିର ଜିଲ୍ଲାପାଳ ଗୌରବ ଶିବାଜୀ ଇସଲ୍‌ୱାର୍, ସମ୍ମାନିତ ଅତିଥି ରୂପେ ବଲାଙ୍ଗିର ଜିଲ୍ଲା ମୁଖ୍ୟ ଉନ୍ନୟନ ଅଧିକାରୀ ପ୍ରଭାତ କୁମାର ମହାପାତ୍ର, ପାଟଣାଗଡ ଉପଜିଲ୍ଲାପାଳ ସୁନୀଲ କୁମାର ମେହେର ଯୋଗଦେଇ ପରିବେଶ ସୁରକ୍ଷା ପାଇଁ ବୃକ୍ଷ ରୋପଣ ଆବଶ୍ୟକ ବୋଲି କହିଥିଲେ । ଏହି ଅବସରରେ ଅତିଥିମାନେ ବିଦ୍ୟାଳୟ ପରିସରରେ ଚାରା ରୋପଣ କରିଥିବା ବେଳେ ଛାତ୍ରୀ ଛାତ୍ରଙ୍କୁ ଚାରା ବଣ୍ଟନ କରିଥିଲେ ।ହରିଶ ବେହେରା,ମୀନା ସାହୁ,ମଧୁସ୍ମିତା ସାହୁ, ପ୍ରମୁଖ ଅଧାପିକା ଅଧାପକ, ଛାତ୍ରୀଛାତ୍ର ଉପସ୍ଥିତ ଥିଲେ ।

## କମୁନି ଖଇର କାଠ ଚାଲାଣ

# ପୁଣି କାଠ ବୋଝେଇ ପିକଅପ୍ ଜବତ

- ଯେତେ ଧରିଲେ ସେତେ ହେଉଛି ଚାଲାଣ
- ପୁଣି ସକ୍ରିୟ ମାଫିଆ



ବଲାଙ୍ଗିର,୨୨।୭(ସମିସ):

ବଲାଙ୍ଗିର ବନ ବିଭାଗ ଲାଇନ୍ ମୁଣ୍ଡ ବ୍ୟଥାର କାରଣ ସାଜିଛି ବେଆଇନ ଖଇର କାଠ ଚାଲାଣ । ଯେତେ ଚଢ଼ାଉ କଲେ ସେତେ ଗଭୀର ପର୍ଯ୍ୟନ୍ତ ଲମ୍ବିଛି ଖଇର କାଠ ଚାଲାଣ ରେ ଚେର । କିଛି ଦିନର ନିରବତା ପରେ ପୁଣି ଖଇର କଥା ମାଫିଆ ସକ୍ରିୟ ହୋଇଥିବା ବେଳେ ବନ ବିଭାଗ ପକ୍ଷରୁ ମଧ ଚଢ଼ଉ ଆରମ୍ଭ ହୋଇଛି । ସୋମବାର ରାତି ରେ ବନ୍ ବିଭାଗ ପକ୍ଷରୁ ଚଢାଉ କରି ଖଇର କାଠ ଭର୍ତ୍ତି ଗାଡ଼ି ଜବତ କରିଛି । ଏହି ଘଟଣାରେ ବନ ବିଭାଗ ଦୁଇ ଜଣଙ୍କୁ ଅଟକ ରଖିଥିବା ବେଳେ ଏବେବି ମୁଖ୍ୟ କାର୍ପଟଦାର ଫେରାର ରହିଥିବା ଜଣାପଡିଛି । ବନ ବିଭାଗ ଜାଣିଶୁଣି ସଂପୃକ୍ତ ଚାଲାଣକାରୀଙ୍କୁ ଗିରଫ କରିପାରୁନଥିବାରୁ ଏହାର ସୁଯୋଗ ନେଇ ଚାଲାଣ ବୃଦ୍ଧି ପାଇଥିବା ଚର୍ଚ୍ଚା ହେଉଛି ।ବଲାଙ୍ଗିର ଜିଲ୍ଲାରେ ଏବେ ଖଇର ଚାଲାଣ ବନ ବିଭାଗ ପାଇଁ ବଡ ସମସ୍ୟା ସାଜିଛି । ଗୋଟିଏ ପଟେ ପ୍ରତିଦିନ ଶହ ଶହ କୁଇଣ୍ଟାଲ ଖଇର ଗଛ କାଟୁଥିବା ବେଳେ କିଛି ଦିନର ନିରବତା ପରେ ପୁଣି ସକ୍ରିୟ ହୋଇଅଛନ୍ତି କାଠ ମାଫିଆ । ସୋମବାର ପୁଣି ବନ ବିଭାଗ ପକ୍ଷରୁ ଚଢାଉ କରି ଖଇର କାଠ ଜବତ ହୋଇଛି । ସୋମବାର ରାତି ରେ ବନ ବିଭାଗ ସଦର ଥାନା ନିକଟରେ ଚଢଉ କରି ଏକ ପିକଅପ ଗାଡ଼ି ଜବତ କରିଛି । ଉକ୍ତ ଗାଡିରୁ ୬୨ ଖଣ୍ଡ ଖଇର ଗଣ୍ଡି ଜବତ ହୋଇଥିବା ଜଣାପଡିଛି । ଏହି ଘଟଣା ରେ ବନ ବିଭାଗ ଦୁଇ ଜଣକୁ ଅଟକ ରଖିଥିବା ଜଣାପଡିଛି । ଏହା ପୂର୍ବରୁ ମଧ୍ୟ ଏକ ମିନିଟ୍ରକ ରେ ଖଇର କାଠ ଚାଲାଣ ହେଉଥିବା ବେଳେ ବନ ବିଭାଗ ଚଢ଼ଉ କରି ବିପୁଳ ପରିମାଣର କାଠ ଜବତ ହୋଇଥିଲା । ଏହି ଘଟଣା ରେ ମଧ ଜଣେ ଗିରଫ ହୋଇଥିବା ବେଳେ ଏହି ଦୁଇ ଚାଲାଣ ଘଟଣାର ମୁଖ୍ୟ କାର୍ପଟଦାରକୁ ବନବିଭାଗ ଗିରଫ କରିବାରେ ବିଫଳ ହୋଇଛି । ଯଦିଓ ସଂପୃକ୍ତ ବ୍ୟକ୍ତିଙ୍କ ନାମ ଗିରଫ ହୋଇଥିବା ଅଭିଯୁକ୍ତମାନେ ବନ ବିଭାଗକୁ ଜଣାଇଛନ୍ତି ତଥାପି ସଂପୃକ୍ତ ବ୍ୟକ୍ତି ଗିରଫ ନହେବା ସମସ୍ତଙ୍କୁ ଚକିତ କରିଛି । ସୂଚନା ଯୋଗ୍ୟ ଯେ, ଗତ କିଛି ବର୍ଷ ହେଲା ବଲାଙ୍ଗିର ଜିଲ୍ଲାରୁ ରାଜ୍ୟ ତଥା ରାଜ୍ୟ ବାହାରକୁ ଖଇର କାଠ ଚାଲାଣ ହେଉଥିବା ନେଇ ଅଭିଯୋଗ ହୋଇଆସୁଛି । ଏହି କାରବାରରେ ଜିଲ୍ଲା ତଥା ଜିଲ୍ଲା ବାହାରର କିଛି ବ୍ୟକ୍ତିଙ୍କ ବଡ ନେଟୱର୍କ କାମ କରୁଥିବା ମଧ ଜଣାପଡ଼ିଛି । ତେବେ ଏହି ବେଆଇନ ଚାଲାଣ ଏବେ ବନ ବିଭାଗ ପାଇଁ ମୁଣ୍ଡ ବ୍ୟଥାର କାରଣ ପାଲଟିଥିବା ବେଳେ ଏହାକୁ ରୋକିବା ପାଇଁ ବନ ବିଭାଗ ପକ୍ଷରୁ ଅଭିଯାନ ଆରମ୍ଭ ହୋଇଛି । ଗତ ମାସକ ଭିତରେ ପୂର୍ବରୁ ବନ ବିଭାଗ ପ୍ରାୟ ୧୨ ରୁ ୧୫ ଟି ସ୍ଥାନରେ ଚଢ଼ଉ କରିଥିଲା । ପ୍ରାୟ ୨୦ ଟନ୍ ଖଇର କାଠ ଜବତ କରିବା ସହ ବେଆଇନ ଚାଲାଣ କରୁଥିବା ଗାଡିକୁ ଜବତ କରିଥିବା ଜଣାପଡ଼ିଛି । ବିଭାଗୀୟ ସୂଚନା ଅନୁସାରେ କିଛି ମାସ ତଳେ ସଇଁନ୍ତଲା ରେଞ୍ଜ ଝିମାନପାଲି ଗାଁ ନିକଟରେ ବନ ବିଭାଗ ଚଢ଼ଉ କରି ଅଟୋରୁ ୪୧୮ କେଜି ଖଇର କାଠ ଜବତ କରିଥିବା ବେଳେ ଲାଠୋର ରେଞ୍ଜ ଧଉରାଖମନ ଗାଁ ନିକଟରେ ଏକ ପିକଅପ୍‌ରୁ ୨୨କୁଇଣ୍ଟାଲ ଖଇର କାଠ ବନ ବିଭାଗ ଜବତ କରିଛି । ସେହିପରି ଆଉ ଏକ ଚଢ଼ଉ କରି ପିକଅପ୍ ଗାଡ଼ିରୁ ୨୩କୁଇଣ୍ଟାଲ ଖଇର କାଠ ଜବତ ହୋଇଥିବା ବେଳେ ଉକ୍ତ ଗାଡ଼ିରେ ନକଲି ନମ୍ବର ପ୍ଲେଟ ଲଗାଇ ଚାଲାଣ କରାଯାଉଥିବା ଜଣାପଡ଼ିଥିଲା । ଜୁନ ୩ ତାରିଖରେ ପାଟଣାଗଡ଼ ରେଞ୍ଜରୁ ୧୦ ଟନ,୨ତାରିଖରେ ମୁରିବାହାଲ ରେଞ୍ଜରୁ ୭ କୁଇଣ୍ଟାଲ,ମେ ୨୭ ତାରିଖରେ ଲୋଇସିଂହା ରେଞ୍ଜ ଭରସୁଜାରୁ ୫କୁଇଣ୍ଟାଲ, ମେ ୨୦ ତାରିଖରେ ସଇଁନ୍ତଲା ରେଞ୍ଜ ଖଲିକାନୀ ଗାଁ ନିକଟରୁ ୨କୁଇଣ୍ଟାଲ, ମେ ୨୧ ତାରିଖରେ ସଇଁନ୍ତଲା ରେଞ୍ଜ ମନୁମୁଣ୍ଡା ଠାରୁ ୨୨୭ କେଜି, ମେ ୫ ତାରିଖରେ ପାଟଣାଗଡ଼ ରେଞ୍ଜ ପିତାମହୁଲ ଗାଁ ନିକଟରୁ ୮କୁଇଣ୍ଟାଲ ଖଇର କାଠ ଜବତ କରିଥିଲା । ଗତ ପ୍ରାୟ ମାସକ ପୂର୍ବରୁ ବନ ବିଭାଗ ପ୍ରାୟ ୧୯ ଟନ୍ ୫୬କୁଇଣ୍ଟାଲ ଖଇର କାଠ ଜବତ କରିଥିଲା ।କିଛି ମାମଲାରେ ଚାଲାଣକାରୀଙ୍କୁ ବନ ବିଭାଗ ଗିରଫ କରିଥିବା ବେଳେ ଏହି କାରବାର ଚଳାଇଥିବା ଅସଲି ମାଫିଆକୁ କିନ୍ତୁ ଏପର୍ଯ୍ୟନ୍ତ ବନ ବିଭାଗ ଧରିବାରେ ବିଫଳ ହୋଇଛି । ଏହି କାରବାର ପଛରେ ବଲାଙ୍ଗିର ଜିଲ୍ଲା ପାଟଣାଗଡ଼ ଓ ବରଗଡ଼ ଜିଲ୍ଲାର ଦୁଇ ଜଣ ଅଣଓଡିଆ ମାଫିଆ ଏହି ନେଟୱର୍କ ଚଳାଉଥିବା ଅଭିଯୋଗ ହୋଇଛି । ଅନେକ ସମୟରେ ଧରାପଡୁଥିବା ଗାଡି ଗୁଡିକ ତାଙ୍କର ହୋଇଥିବା ବେଳେ ନକଲି ନମ୍ବର ପ୍ଲେଟ ଯୋଗୁଁ ସେମାନେ ବର୍ତ୍ତିଯାଉଥିବା ଜଣାପଡ଼ିଛି । ତେବେ ବଲାଙ୍ଗିର ଜିଲ୍ଲାର ପାଟଣାଗଡ଼, ସଇଁନ୍ତଲା, ମୁରିବାହାଲ, ଲୋଇସିଂହା, ବଙ୍ଗୋମୁଣ୍ଡା ରେଞ୍ଜରେ ଥିବା ଜଙ୍ଗଲରୁ ଖଇର କାଠ ଚାଲାଣ ହେଉଥିବା ଜଣାପଡ଼ିଛି । ଗତ କିଛି ବର୍ଷ ହେଲା ଏହା ଜାରି ରହିଥିବା ବେଳେ ଗତ ପ୍ରାୟ ବର୍ଷେ ସମୟ ବନ ବିଭାଗ ଏହି ବେଆଇନ ଚାଲାଣକୁ ଗୁରୁତ୍ୱ ଦେଇନଥିଲା । କିନ୍ତୁ ବଲାଙ୍ଗିର ଡିଏଫଓ ଭାବେ ଅଜିତ ବିଶି ଯୋଗଦେବା ପରେ ଖଇର କାଠ ଚାଲାଣକୁ ସ୍ୱତନ୍ତ୍ର ଭାବେ ଗୁରୁତ୍ୱ ଦେବା ସହ ଚାଲାଣ ଉପରେ ଚଢ଼ଉ କରିବା ପାଇଁ ରେଞ୍ଜରମାନଙ୍କୁ ନିର୍ଦ୍ଦେଶ ଦେଇଥିବା ଜଣାପଡ଼ିଛି । କିନ୍ତୁ ଏହି କାରବାରକୁ ରୋକିବାକୁ ହେଲେ ଏହାର ମାଷ୍ଟର ମାଇଣ୍ଡକୁ ଗିରଫ କରିବାକୁ ଦାବି ହୋଇଛି । ଏନେଇ ଡିଏଫଓ ଅଜିତ ବିଶିଙ୍କୁ ପଚାରିବାରୁ ମାଷ୍ଟର ମାଇଣ୍ଡମାନଙ୍କ ବିଷୟରେ ସୂଚନା ଅଛି କିନ୍ତୁ ସିଧାସଳଖ ଭାବେ ତାଙ୍କ ନାମ ସଂପୃକ୍ତିକୁ ନେଇ କୌଣସି ପ୍ରମାଣ ଅଭାବ ଥିବାରୁ ତାଙ୍କ ନାମରେ ମାମଲା ରୁଜୁ ହୋଇପାରୁନାହିଁ । ଆଗକୁ ଯଦି ତାଙ୍କ ନାମରେ କିଛି ବି ପ୍ରମାଣ ଆସେ ତେବେ ନିଶ୍ଚିତ ସେମାନଙ୍କୁ ତଦନ୍ତ ପରିସର ଭୁକ୍ତ କରାଯିବ ବୋଲି ଶ୍ରୀ ବିଶି କହିଛନ୍ତି ।

# ମନ୍ଦିର ଉନ୍ନୟନ ପ୍ରକଳ୍ପ ନେଇ ବିଧାୟକଙ୍କ ସମୀକ୍ଷା



ବଲାଙ୍ଗିର,୨୨।୭(ସମିସ):ନବୀନ ସରକାର ଅମଳରେ ଆସିଥିବା ବିଭିନ୍ନ ମନ୍ଦିରଉନ୍ନୟନ ପ୍ରକଳ୍ପ କାମ ଆରମ୍ଭ ହୋଇପାରୁନାହିଁ।ତେଣୁ ଏହି ପ୍ରକଳ୍ପ କାମକୁ ଆରମ୍ଭ କରିବା ତଥା ତ୍ୱରାନ୍ୱିତ କରିବାକୁ ମଙ୍ଗଳବାର ବଲାଙ୍ଗିର ବିଧାୟକ କଳିକେଶନାରାୟଣ ସିଂଦେଓ ବିଭିନ୍ନ ବିଭାଗକୁ ନେଇ ସମୀକ୍ଷା କରିଛନ୍ତି । ମୁଖ୍ୟତଃ ସମଲେଶ୍ୱରୀମନ୍ଦିର ଉନ୍ନୟନକାମ ଆରମ୍ଭ ହେଉନଥିବାରୁ ତୁରନ୍ତ ସମସ୍ୟାର ସମାଧାନ କରି କାମ ଆରମ୍ଭ କରିବାକୁ ବିଧାୟକ ପ୍ରଶାସନକୁ ନିର୍ଦ୍ଦେଶ କରିଛନ୍ତି । ପାଟଣେଶ୍ୱରୀମନ୍ଦିର,ଗୋପାଳଜୀମନ୍ଦିରର ଉନ୍ନୟନକାମକୁ ତ୍ୱରାନିତ୍ୱ କରାଯାଇ ସାରିବାକୁ ବିଭାଗୀୟ ଅଧିକାରୀ ଓ ଠିକାସଂସ୍ଥାକୁ ବିଧାୟକ ନିର୍ଦ୍ଦେଶ କରିଛନ୍ତି । ଏହା ସହିତ ବଲାଙ୍ଗିର ସହରରେ ପର୍ଯ୍ୟଟନର ବିକାଶ କରିବାକୁ ପଦକ୍ଷେପ ନେବାକୁ ଜିଲ୍ଲାପ୍ରଶାସନକୁ ପରାମର୍ଶ ତଥା ପ୍ରସ୍ତାବ ଦେଇଛନ୍ତି । ସେଥିରେ ବଲାଙ୍ଗିର ସହରରେ ଥିବା ରାଜୁଡା ଅମଳର ସମଲେଶ୍ୱରୀ,ପାଟଣେଶ୍ୱରୀ,ଗୋପାଳଜୀମନ୍ଦିର ସହିତ କରଙ୍ଗାକଟାବନ୍ଧ ଓ ରାଣୀବନ୍ଧକୁ ନେଇ ଏକ ଟୁରିଜମସର୍କିଟ ପାଇଁ ରାଜ୍ୟସରକାରଙ୍କୁ ପ୍ରସ୍ତାବ ପଠାଇବାକୁ ପ୍ରଶାସନକୁ ନିର୍ଦ୍ଦେଶ କରିଛନ୍ତି । ଗତ ମାସରେ ବିଧାୟକ ତାଙ୍କର ନିର୍ବାଚନମଣ୍ଡଳି ଉନ୍ନୟନ ସମୀକ୍ଷା ବୈଠକରେ ସମସ୍ତମନ୍ଦିରର ଜମିଗୁଡିକର ମାପକରି ରିପୋର୍ଟ ଦେବାକୁ ରାଜସ୍ୱବିଭାଗକୁ ନିର୍ଦ୍ଦେଶ କରିଥିଲେ । ସେହିକ୍ରମରେ ସମଲେଶ୍ୱରୀମନ୍ଦିର ଓ ପାଟଣେଶ୍ୱରୀମନ୍ଦିରର ମାପଚୁପ ହୋଇଯାଇଥିବା ରାଜସ୍ୱବିଭାଗ ରିପୋର୍ଟ ଦେଇଥିଲା । ସମଲେଶ୍ୱରୀମନ୍ଦିରର ବିକାଶ ପାଇଁ ୩ କୋଟି ଟଙ୍କା ଆସିଥିବାରୁ ଏଠାରେ ଥିବା ଷ୍ଟଲଗୁଡିକୁ ହଟାଯାଇ ମନ୍ଦିରବେଢାକୁ ପ୍ରସସ୍ତ କରାଯିବାକୁ ସମଲେଶ୍ୱରୀ ପୂଜାକମିଟି ପ୍ରସ୍ତାବ ଦେଇଥିଲେ ।ଏହି କମିଟିର କାହ୍ନା ଶତପଥି,ବିକାଶ ସା,ସାମ୍ବାଦିକ ନୂତନ ମିଶ୍ର ପ୍ରମୁଖ ସମଲେଶ୍ୱରୀମନ୍ଦିରର ଉନ୍ନୟନ ନେଇ ବିଧାୟକ ତଥା ପ୍ରଶାସନିକ ଅଧିକାରୀମାନଙ୍କ ଆଗରେ ପ୍ରସ୍ତାବ ରଖିଥିଲେ । ଏହି ପ୍ରସ୍ତାବରେ ସମଲେଶ୍ୱରୀମନ୍ଦିର ଦୁଇପଟେ ଥିବା ଷ୍ଟାଲଗୁଡିକୁ ଭଙ୍ଗାଯାଇ ସେଠାରେ ଥିବା ଦୋକାନୀଙ୍କୁ ଗୋପାଳଜୀମନ୍ଦିର ଜମିରେ ଥିବା ଅସୁରକ୍ଷିତ ବିଲଡିଂ ସ୍ଥାନରେ ଷ୍ଟଲ ନିର୍ମାଣ କରାଯାଇ ଥଇଥାନ କରାଯାଉ । ଠିକ ସେହିପରି ସମଲେଶ୍ୱରୀମନ୍ଦିରର ପୂଜକଙ୍କ ପାଇଁ ନବନିର୍ମିତ ଗୃହକୁ ପୂଜକଙ୍କୁ ସ୍ଥାନାନ୍ତରିତ କରାଯାଇ ଏଠାରେ ଥିବା ଘରକୁ ଭଙ୍ଗାଯାଇ ମନ୍ଦିର ବେଢାକୁ ବଡ କରାଯାଉ ବୋଲି ଯୁବକମାନେ ପ୍ରସ୍ତାବ ଦେଇଥିଲେ । ଠିକ ସେହିପରି ଲକ୍ଷ୍ମୀନାରାୟଣମନ୍ଦିର ଜମିର ତୁରନ୍ତ ମାପଚୁପ କରାଯାଇ ଉନ୍ନୟନ କାମ ଆରମ୍ଭ କରାଯିବାକୁ ବିଧାୟକ ନିର୍ଦ୍ଦେଶ ଦେଇଥିଲେ । ଆଜିର ବୈଠକରେ ବିଧାୟକ କଳିକେଶ ନାରାୟଣ ସିଂଦେଓଙ୍କ ସହିତ ପୌରାଧକ୍ଷା ଲିକା ସାହୁ,ପିଡି ଡୁଡା ତରଣୀ ସୁନା,ଉପଜିଲ୍ଲାପାଳ ଆଲୋକ ପଟେଲ,ପୌରନିର୍ବାହୀଅଧିକାରୀ ସନ୍ତୋଷକୁମାର ବେହେରା,ପୂର୍ତ୍ତବିଭାଗର ଅଧିକ୍ଷଣଯନ୍ତ୍ରୀ ଇଂ.ଆସୁତୋଷ ଜେନା,ଏସଡିଓ ଇଂ.ବେହେରା,କନିଷ୍ଠଯନ୍ତ୍ରୀ ଇଂ.ଲିପନ ନାଏକ,ଜନସ୍ୱାସ୍ଥ୍ୟ ବିଭାଗର ଅଧିକ୍ଷଣଯନ୍ତ୍ରୀ ଇଂ.ଇନ୍ଦ୍ରଜିତ ସାହୁ,ରାଜସ୍ୱବିଭାଗର ସୁପରଭାଇଜର ସଂଦୀପ ନନ୍ଦ ପ୍ରମୁଖଙ୍କ ସମେତ ଅଧିକାରୀଗଣ ଯୋଗଦେଇଥିଲେ ।

# ଗ୍ୟାସ ସିଲିଣ୍ଡର ଫାଟି; ୩ ଗୁରୁତର

ବଲାଙ୍ଗିର,୨୨।୭(ସମିସ):ବଲାଙ୍ଗିର ସହରରେ ଗ୍ୟାସ ସିଲିଣ୍ଡର ଫାଟି ତିନି ଜଣ ଗୁରୁତର ହେବା ଭଳି ଘଟଣା ସମ୍ନଙ୍କୁ ଆସିଛି । ରୋଷେଇ କରୁଥିବା ବେଳେ ଏହି ଗ୍ୟାସ ସିଲିଣ୍ଡର ଫାଟିଥିବା ଜଣାପଡିଛି । ସୂଚନା ଅନୁସାରେ ମଙ୍ଗଳବାର ମଧ୍ୟାହ୍ନରେ ବଲାଙ୍ଗିର ଚନ୍ଦ୍ରଶେଖର ନଗର ପଡ଼ାରେ ରହୁଥିବା ନିଳ ମୁଣ୍ଡାଙ୍କ ଘରେ ରୋଷେଇ କରୁଥିବା ସମୟରେ ଗ୍ୟାସ୍ ସିଲିଣ୍ଡର ଫାଟିଥିବା





ଖବର ସାମ୍ନାକୁ ଆସିଥିଲା ଏହି ଘଟଣାରେ ୩ ଜଣ ଗୁରୁତର ହୋଇଥିଲେ । ୩ ଗୁରୁତର ହେଲେ ନୀଳ ମୁଣ୍ଡା, ଧ୍ରୁବ ମୁଣ୍ଡା, ବାଦଲ ମୁଣ୍ଡା ବୋଲି ଜଣାପଡିଛି । ଘରେ ଭାତ ରାନ୍ଧୁଥିବା ବେଳେ ଗ୍ୟାସ୍ ସିଲିଣ୍ଡର ହଠାତ୍ ଫାଟିଥିଲା । ଫଳରେ ପରିବାର ସଂପୃକ୍ତ ୩ଜଣ ଗୁରୁତର ହୋଇଥିବା ବେଳେ ଖବର ପାଇଁ ଘଟଣାସ୍ଥଳରେ ବଲାଙ୍ଗିର ଟାଉନ ପୁଲିସ ପହଞ୍ଚି ଗୁରୁତରଙ୍କୁ ଉଦ୍ଧାର କରିଥିଲା । ସମସ୍ତ ଗୁରୁତର ଆହତମାନଙ୍କୁ ବଲାଙ୍ଗିର ଭୀମ ଭୋଇ ମେଡିକାଲ କଲେଜ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିବା ଜଣାପଡିଛି । ତେବେ ଅସାବଧାନତାରୁ ଏହିଭଳି ଘଟଣା ଘଟିଥିବା ସୂଚନା ମିଳିଛି ।

## ଶ୍ୟାଜୀ ରାଇସ ମିଲରେ ଶ୍ରମିକ ଗୁରୁତର ଘଟଣା

# ମିଲ୍‌ରେ ଶ୍ରମିକଙ୍କୁ ଦିଆଯାଉନି ସୁରକ୍ଷା କିଟ୍

କଣ୍ଟାବାଞ୍ଜି,୨୨।୭(ସମିସ): ଶ୍ରମିକଙ୍କୁ ସୁରକ୍ଷା ଦେବାକୁ ସରକାରୀ,ବେସରକାରୀ ଅନୁଷ୍ଠାନ ଗୁଡିକୁ ସରକାର ନିର୍ଦ୍ଦେଶ ଦେଉଥିବା ବେଳେ ସରକାରୀ ନିୟମ ଉଲ୍ଲଙ୍ଘନ କରି ଶ୍ରମିକଙ୍କୁ ସୁରକ୍ଷା ଦିଆଯାଉନାହିଁ । ଯାହାଫଳ ରେ ଶ୍ରମିକମାନେ ଅନେକ ସମୟରେ ଦୁର୍ଘଟଣାଗ୍ରସ୍ତ ହେଉଛନ୍ତି । ଏହିପରି ଘଟଣା ସାମ୍ନାକୁ ଆସିଛି ବଲାଙ୍ଗିର ଜିଲ୍ଲା କଣ୍ଟାବାଞ୍ଜି ଶ୍ୟାମଜୀ ରାଇସ ମିଲରେ । ରାଜ୍ୟ ରାଜପଥ ୪୨ କଡରେ ଉଡିଙ୍ଗ ଗାଁରେ ନିକଟରେ କଣ୍ଟାବାଞ୍ଜି ସହର ଜଣେ ବ୍ୟବସାୟୀ ବହୁ ବର୍ଷ ହେବ ଶ୍ୟାଜଜୀ ରାଇସ ମିଲ ସ୍ଥାପନ କରିଛନ୍ତି । ସୂଚନା ଅନୁସାରରେ ସୋମବାର ପାଟଣାଗଡ ଅଞ୍ଚଳର କୁନା ରାଉତ ନାମକ ଶ୍ରମିକ ଜଣକ ମିଲରେ କାମ କରୁଥିବା ବେଳେ ମିଲର ଚିମିନୀ ଉପରକୁ ଚଢିଥିବା ବେଳେ ଉପରୁ ତଳେ ଖସି ପଡିଥିଲା । ଗୁରୁତର ଅବସ୍ଥାରେ ମିଲ କର୍ମଚାରୀମାନେ ତାଙ୍କ ଉଦ୍ଧାର କରି ଚିକିତ୍ସା ପାଣି କଣ୍ଟାବାଞ୍ଜି ଡାକ୍ତରଖାନକୁ ଆଣିଥିବା ବେଳେ ଶ୍ରମିକଙ୍କ ଅଣ୍ଟା ରେ ଗଭୀର ଆଘାତ ଲାଗିଛି । ଶ୍ରମିକ କୁନା ରାଉତ ଦିର୍ଘ ବର୍ଷ ହେଲା ସେ ଶ୍ୟାମଜୀ ରାଇସମିଲରେ କାମ କରି ଆସୁଛନ୍ତି । ପ୍ରାଥମିକ ଚିକିତ୍ସା ପରେ ଡାକ୍ତର ଉଚ୍ଚ ଚିକିତ୍ସା ପାଇଁ ପରାମର୍ଶ ଦେଇଛନ୍ତି । ଅନ୍ୟପକ୍ଷରେ ଶ୍ୟାମଜୀ ରାଇସ ମିଲରେ ଏହା କିଛି ନୂଆ ଘଟଣା ନୁହେଁ ପୂର୍ବରୁ ମଧ୍ୟ ଅନେକ ଶ୍ରମିକ ଦୁର୍ଘଟଣା ଗ୍ରସ୍ତ ହୋଇ ସାରିଛନ୍ତି । ବାରମ୍ବାର ଏହି ମିଲ ମାଲିକଙ୍କ ନାରେ ଅନେକ ଅଭିଯୋଗ ହୋଇ ଆସୁଥିବା ବେଳେ ଜିଲ୍ଲା ପ୍ରଶାସନ କୌଣସ ପଦକ୍ଷେପ ନେଉନଥିବା ଅଭିଯୋଗ ହେଉଛି । ସରକାରୀ ନିୟମ ଅନୁଯାଏ କୌଣସି ରାଇସମିଲରେ ଉପରକୁ ଯଦି କେଉଁ ଶ୍ରମିକ ଚଢୁଛି ସୁରକ୍ଷା କିଟ ପରିଧାନ କରି ଶ୍ରମିକ ଯିବା କଥା । ହେଲେ ଶ୍ୟାମଜୀ ରାଇସ ମିଲ ମାଲିକ କାମ କରୁଥିବା କୌଣସି ଶ୍ରମିକଙ୍କୁ ସୁରକ୍ଷା କିଟ ପ୍ରଦାନ କରୁନାହାଁନ୍ତି । ଯାହାଫଳରେ ଗୋଟିଏ ପରେ ଗୋଟିଏ ଶ୍ୟାମଜୀ ରାଇସ ମିଲ ଶ୍ରମିକ ଦୁର୍ଘଟଣାଗ୍ରସ୍ତ ହେଉଛନ୍ତି । ଜିଲ୍ଲା ପ୍ରଶାସନ ତୁରନ୍ତ କଡା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ବୁଦ୍ଧିଜୀବୀ ମହଲ ଦାବୀ ହେଉଛି ।

## ଧାନ ବୋଝେଇ ଦୁଇ ଟ୍ରକ୍ ଅଟକ ଘଟଣା

# ଡ୍ରାଇଭର ଓ ମିଲ୍ ମାଲିକ ସମେତ ୭ଜଣଙ୍କ ନାଁରେ ମାମଲା



ଦେଓଗାଁ,୨୨।୭(ସମିସ):ବଲାଙ୍ଗିର ଜିଲ୍ଲା ଦେଓଗାଁ ଥାନା ଅନ୍ତର୍ଗତ ଭୂତିଆରବାହାଲ ନିକଟରେ ପୁଲିସ ସୋମବାର ଡ୍ରଙ୍କ ଏଣ୍ଡ ଡ୍ରାଇଭ ଚେକିଂ ସମୟରେ ୨ଟି ଧାନବୋଝେଇ ଟ୍ରକ୍‌କୁ ଜବତ କରିଥିଲା । ଡ୍ରାଇଭର ଦୁଇଜଣ ମଦ ପିଇଥିବା ଜାଣି ପୁଲିସ ପରୀକ୍ଷାକରି ମାମଲାରୁଜୁ କରିଥିଲା । ଏହି ଘଟଣାରେ ମଙ୍ଗଳବାର ଉଭୟ ଯୋଗାଣ ବିଭାଗ ଓ ପୁଲିସର ତଦନ୍ତ ପରେ ଟ୍ରକ୍ ଡ୍ରାଇଭର ଛତିଶଗଡ ବସନା ଗ୍ରାମର ବ୍ୟାସଦେବ ବାଗ ଓ ରାୟପୁର ଶ୍ୟାମନଗରପଡାର ଗାଡିରାମ ଯାଦବକୁ ଗିରଫ କରିବାସହ ମହାସମୁନ୍ଦର ସାବିତ୍ରୀ ରାଇସମିଲର ମାଲିକ,କଳାହାଣ୍ଡି ଜିଲ୍ଲା ଉତାପଡାର ମାଁ ମାଣିକେଶ୍ୱରୀ ରାଇସମିଲ ମାଲିକ ସମେତ ଛତିଶଗଡର ଧାନ ବେପାରୀ ଜିତୁ ଶର୍ମା ନାମରେ ଦେଓଗାଁ ଥାନାରେ ମାମଲା ରୁଜୁ ହୋଇଥିବା ପୋଲିସ ଡିଏସପି ସମର୍ଥ କେ.ବେହେରା ସୂଚନା ଦେଇଛନ୍ତି । ଉଭୟ ଟ୍ରକରେ ୧୩୫୦ ବସ୍ତା (ପ୍ରାୟ ୬ଶହ କୁଇଣ୍ଟାଲ) ଧାନ ଥିବା ଅତିରିକ୍ତ ଯୋଗାଣ ଅଧିକାରୀ ଶରତ କୁମାର ରାଉତ ପ୍ରାଥମିକ ତଦନ୍ତପରେ ସୂଚନା ଦେବାସହ ଏହା ବେଆଇନ ଭାବେ ଚାଲାଣ ହେଉଥିବା ସୂଚନା ଦେଇଛନ୍ତି । ବେଆଇନ ଧାନ ଚାଲାଣ ଦିଗରେ ଅତିଶିଘ୍ର ସମସ୍ତ ଅଭିଯୁକ୍ତଙ୍କୁ ଗିରଫ କରାଯିବ ବୋଲି ପୁଲିସ ସୂଚନା ଦେଇଛି । ଅନ୍ୟପଟେ ଯୋଗାଣ ବିଭାଗର ଅଧିକାରୀ ତଦନ୍ତରେ ପୁଲିସକୁ ଠିକ ରୂପେ ସହଯୋଗ କରୁନଥିବା ପୋଲିସ କହିବାପରେ ଉଭୟ ବିଭାଗ ମଧ୍ୟରେ ଠିକ ତାଲମେଲ ରହୁନଥିବା ପଦାରେ ପଡିଛି। ଏଣୁ ଜିଲ୍ଲାପାଳ ଏକ ସ୍ୱତନ୍ତ ଟିମ ଗଠନ କରି କାର୍ଯ୍ୟାନୁଷ୍ଠାନ ନେବାକୁ ଚାଷୀମହଲରେ ଦାବୀ ହେଉଛି । ଓଡିଶାର ଉପମୁଖ୍ୟମନ୍ତ୍ରୀ ତଥା କୃଷିମନ୍ତ୍ରୀ କନକ ବର୍ଦ୍ଧନ ସିଂ ଦେଓ ଗତ ମାସ ୧୭ ତାରିଖରେ ବଲାଙ୍ଗିର ଠାରେ ମୁଖ୍ୟମନ୍ତ୍ରୀଙ୍କ ସଭାରେ ବେଆଇନ ଧାନ ଚୋରାଚାଲାଣ ଦିଗରେ କଡାକାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି କହିଥିଲେ । ଏ ଦିଗରେ ବଲାଙ୍ଗିର ଜିଲ୍ଲାପାଳ ଦୃଷ୍ଟି ଦେଇ ଆବଶ୍ୟକ ପଦକ୍ଷେପ ନେବାକୁ ସାଧାରଣରେ ଦାବି ହେଉଛି ।

# ଯୌନ ଉତ୍ପୀଡ଼ନ ବିରୋଧୀ ସଚେତନତା

ବେଲପଡା,୨୨।୭(ସମିସ):ବଲାଙ୍ଗିର ଜିଲ୍ଲା ବେଲପଡା ପଞ୍ଚାୟତ ସମିତି କଲେଜରେ ଯୌନ ଉତ୍ପୀଡନ ବିରୋଧି ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । କଲେଜ ଅଧକ୍ଷସୁରେଶ ଚନ୍ଦ୍ର ମେହେରଙ୍କ ସଭାପତିତ୍ୱ ରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମହିଳା କର୍ମଚାରୀ ଓ ଛାତ୍ରୀମାନଙ୍କୁ କିପରି ଭାବେ ନିଜ କୁ ସୁରକ୍ଷିତ ଭାବେ ରଖି ଏକ ଶୈକ୍ଷିକ ବାତାବରଣ ଭିତରେ ଆଗକୁ ଅଗ୍ରସର ହେବେ ସେନେଇ ଉପସ୍ଥିତ ସଭାରେ ବରିଷ୍ଠ ଅଧାପିକା ଲିଳିମା ପଣ୍ଡା, ଗାୟତ୍ରୀ ମିଶ୍ର,ସୁମିତ୍ରା ନିଆଲ ସଂଯୋଜକ ମନୋଜ କୁମାର ମହାକୁଡ଼ ପ୍ରମୁଖ ନିଜ ସୁଚିନ୍ତିତ ମତାମତ ଦେଇଥିଲେ । କାର୍ଯ୍ୟକ୍ରମକୁ ଅଧାପିକ ସୁଦାମ ଚରଣ ମହାପାତ୍ର ପରିଚାଳନା କରିଥିବା ବେଳେ ଅଧାପକ ଅମିତ କୁମାର ବାବୁ ଧନ୍ୟବାଦ ଅର୍ପଣ କରିଥିଲେ । ଏଥିରେ ୩୦୦ରୁ ଊର୍ଦ୍ଧ୍ୱ ଛାତ୍ରୀଙ୍କ ସହ ସମସ୍ତ କର୍ମଚାରୀ ଉପସ୍ଥିତ ଥିଲେ ।

## ବଙ୍ଗୋମୁଣ୍ଡା ବ୍ଲକ୍ କାର୍ଯ୍ୟାଳୟ ଘେରିଲା କଂଗ୍ରେସ

# ଦାଦନପ୍ରବଣ ବ୍ଲକ୍‌ରେ ଚାଲିଛି ବ୍ୟାପକ ଦୁର୍ନୀତି

କଣ୍ଟାବାଞ୍ଜି/ବଙ୍ଗୋମୁଣ୍ଡା,୨୨।୭(ସମିସ):



ବଲାଙ୍ଗିର ଜିଲ୍ଲା ବଙ୍ଗୋମୁଣ୍ଡା ବ୍ଲକ୍‌କୁ ସରକାର ଦାଦନ ପ୍ରବଣ ବ୍ଲକ୍ ଭାବରେ ଘୋଷଣା କରିଛନ୍ତି । ଏହି ବ୍ଲକ୍ ଶ୍ରମିକମାନେ ଭିଟାମାଟିରେ ରୋଜଗାର ନ ପାଇଁ ରାଜ୍ୟ ବାହାରକୁ ଦାଦନ ଖଟି ଯାଉଥିବା ବେଳେ ଶ୍ରମିକଙ୍କୁ ଗାଁ ରଖି ରୋଜଗାର ଦେବା ବ୍ୟବସ୍ଥା କରୁଥିବା ମନରେଗା ଯୋଜନା ରେ ବ୍ୟାପକ ଅନିୟମିତତା ହେବା ସହ ଏହା ଭିଜିଲାନ୍ସ ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ଦାବୀ କରିଛି କଂଗ୍ରେସ ଦଳ । ମଙ୍ଗଳବାର କଣ୍ଟାବାଞ୍ଜି ନିର୍ବାଚନ ମଣ୍ଡଳିର ପୂର୍ବତନ ବିଧାୟକ ତଥା କଂଗ୍ରେସ ପିସିସି ଉପସଭାପତି ସନ୍ତୋଷ ସିଂ ସାଲୁଜାଙ୍କ ନେତୃତ୍ୱରେ ଶହ ଶହ କଂଗ୍ରେସ କର୍ମୀ ଶୋଭାଯାତ୍ରା ମାଧ୍ୟମରେ ବଙ୍ଗୋମୁଣ୍ଡା ବ୍ଲକ୍ କାର୍ଯ୍ୟାଳୟକୁ ପହଞ୍ଚିଥିଲେ ସେଠାରେ ବିକ୍ଷୋଭ ସଭା କରି ବିଡ଼ିଓଙ୍କ ଅନୁପସ୍ଥିତରେ ବ୍ଲକ୍ କର୍ମଚାରୀଙ୍କ ଜରିଆ ରେ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ପ୍ରଦାନ କରିଥିଲେ । ବଙ୍ଗୋମୁଣ୍ଡା ବ୍ଲକ୍‌ର ବିଭିନ୍ନରେ ପଞ୍ଚାୟତରେ ମନରେଗାରେ ଅନିୟମିତତା ହୋଇଥିବା ବେଳେ ଏହାର ତଦନ୍ତ କରାଯାଉ ଏବଂ ବଙ୍ଗୋମୁଣ୍ଡା ପଞ୍ଚାୟତ ସମିତିରର ସମସ୍ତ ଅନୁଦାନରେ ୪୦%ପ୍ରତିଶତ ପିସି ନେଇ ସମସ୍ତ ଦୁର୍ନୀତି ହେଉଛି ଦାବିପତ୍ର ଉଲ୍ଲେଖ କରିଛି । ଜିଲ୍ଲାର ସର୍ବାଧିକ ଦୁର୍ନୀତି ହେଉଛି ବଙ୍ଗୋମୁଣ୍ଡା ବ୍ଲକ୍‌ରେ ଗତ ବର୍ଷ ବଙ୍ଗୋମୁଣ୍ଡା ବ୍ଲକ୍‌ରେ ୭୦ କୋଟି ୧୬ ଲକ୍ଷ ଟଙ୍କା ଖର୍ଚ୍ଚ ହୋଇଛି ।ଏହି ତିନି ମାସରେ ୧୬ କୋଟି ୮୦ ଲକ୍ଷ ଟଙ୍କା ମନରେଗା ଯୋଜନାରେ ଖର୍ଚ୍ଚ କରାଯାଇଛି । ମନରେଗା ଯୋଜନରେ ପଞ୍ଚାୟତମାନଙ୍କୁ କାମ ନ କରି ପଞ୍ଚାୟତ ଓ ବ୍ଲକ୍ ପକ୍ଷରୁ ଫାଇଲ ଖୋଲି ଡିଏସି ଜରିଆରେ ଟଙ୍କା ଉଠାଇ ଯାଇଛି ମନରେଗାରେ ପଞ୍ଚାୟତ ବି ଦୁର୍ନୀତି କରିଛି ବ୍ଲକ୍ ବି ଦୁର୍ନୀତି କରିଛି । ବଙ୍ଗୋମୁଣ୍ଡା ବ୍ଲକ୍‌ରେ ଚାଲିଥିବା ଦୁର୍ନୀତିକୁ ୪୦% ପ୍ରତିଶତ ପିସି ନେଇ ଘଣ୍ଟ ଘୋଡାଇଛନ୍ତି । ବଙ୍ଗୋମୁଣ୍ଡା ବ୍ଲକ୍ ବିଡ଼ିଓ ଓ ଅନ୍ୟ ଅଫିସରମାନେ ଏହି ଦୁର୍ନୀତିର ପର୍ଦ୍ଦାଫାସ କରିବା ପାଇଁ ବଙ୍ଗୋମୁଣ୍ଡା ବ୍ଲକ୍ ଘେରାଉ କରାଯାଇଛି । ଘେରାଉରେ ବଙ୍ଗୋମୁଣ୍ଡା ବ୍ଲକ୍ କଂଗ୍ରେସ ସଭାପତି ଗୁରୁ ଚରଣ ବେହେରା,ଜିଲ୍ଲା ପରିଷଦ କୌଶିକ ମେହେର, ଓମପ୍ରକାଶ କୁମାର, ଉପାଧକ୍ଷ କେଶବ ନାରାୟଣ ଜୈନ, କଂଗ୍ରେସ ନେତା କୁନା ଖାନ ସହ ଶତାଧିକ କଂଗ୍ରେସ କର୍ମୀ ଯୋଗ ଦେଇଥିଲେ । ଆଇନ ଶୃଙ୍ଖଳାକୁ ନଜରରେ ରଖି ବ୍ୟାପକ ପୁଲିସ ଫୋର୍ସ ମୃତୟନ ହୋଇଥିଲେ ।

● ମୁଣ୍ଡିପଦର ନିକଟରୁ ୨ ଜଣଙ୍କୁ ଅପହରଣ ଘଟଣା

## ଜେଜେବିରେ ନାବାଳକ ହାଜର, ୨ କୋର୍ଟ ଚାଲାଣ



**ଶଗଡା,୨୨।୭(ସମିସ):** ବାଉଁଶୁଣୀ ଥାନା ମୁଣ୍ଡିପଦର ନିକଟରୁ ଦୁଇ ଜଣଙ୍କୁ ଅପହରଣ ଘଟଣାରେ ଜଣେ ନାବାଳକ ସମେତ ୩ ଜଣଙ୍କୁ ଧରିଛି ବାଉଁଶୁଣୀ ପୁଲିସ। ଦୁଇ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରିଥିବା ବେଳେ ନାବାଳକଙ୍କୁ ଜୁଭେନାଇଲ୍ ଜଷ୍ଟିସ୍ ବୋର୍ଡ (ଜେଜେବି)ରେ ହାଜର କରିଛି।

ଅଭିଯୁକ୍ତମାନେ ହେଲେ ମନମୁଣ୍ଡା ଥାନା ସାହୁପଡା ଗ୍ରାମର ପୀତବାସ କାମିଲା (୨୧) ଓ ରେଙ୍ଗାଲୀ ଗ୍ରାମର କର୍ମବୀର ମେହେର (୨୪)। ମିଳିଥିବା ସୂଚନାନୁଯାୟୀ, ଶନିବାର ବିଳମ୍ବିତ ରାତିରେ ବଘିଆପଡା ଗ୍ରାମର ମାନସ ସାହୁ ଦନ୍ତାପାଲି ଗ୍ୟାରେଜରୁ ଟ୍ରାକ୍ଟର କାମ ସାରି ବାଇକ ଯୋଗେ ଓ ଡ୍ରାଇଭର ଟ୍ରାକ୍ଟର ଧରି ଘରକୁ ଫେରୁଥିଲେ। ଉକ୍ତ ସମୟରେ ମୁଣ୍ଡିପଦର ଗ୍ରାମ ନିକଟରେ ୩ ଜଣ ବ୍ୟକ୍ତି ଉଭୟ ମାନସ ଓ ଟ୍ରାକ୍ଟର ଡ୍ରାଇଭରଙ୍କୁ ଅପହରଣ କରିବା ସହ ଲକ୍ଷାଧିକ ଟଙ୍କା ଦାବି କରିଥିଲେ।

ଏନେଇ ଅଭିଯୋଗ ପାଇବା ପରେ ବାଉଁଶୁଣୀ ପୁଲିସ ମନମୁଣ୍ଡା ଥାନା ମନୁପାଲି ନିକଟରୁ ଉଭୟଙ୍କୁ ଉଦ୍ଧାର କରି ୩ ଅପହରଣକାରୀଙ୍କୁ ଗିରଫ କରିଥିଲା। ଅପହରଣକାରୀଙ୍କ ନିକଟରୁ ଗୋଟିଏ ଟ୍ରାକ୍ଟର, ଦୁଇଟି ବାଇକ, ତିନିଟି ମୋବାଇଲ୍, ମନିପର୍ସ ଓ ଦୁଇଟି ଲାଠି ଜବତ କରାଯାଇଥିବା ବାଉଁଶୁଣି ଆଇଆଇସି ସାରଦା ପ୍ରସନ୍ନ ଦାଶ ସୂଚନା ଦେଇଛନ୍ତି। ପୀତବାସ ନାମରେ ମନମୁଣ୍ଡା ଓ ବୌଦ୍ଧ ଥାନାରେ ପୂର୍ବରୁ ମାମଲା ଥିବା ଜଣାପଡିଛି।

ଆନ୍ତର୍ଜାତୀୟ ବିଶ୍ୱବିଦ୍ୟାଳୟ ପ୍ରତିଯୋଗିତା

## ଭାରତୀୟ ଟାଏକ୍ୱୋଣ୍ଡୋ ଦଳ ସହ ଏହେଶାସଙ୍କ ଜର୍ମାନ ଗସ୍ତ

**ବୀରମହାରାଜପୁର,୨୨।୭(ସମିସ)**

ଜର୍ମାନୀରେ ଅନୁଷ୍ଠିତ ହେଉଥିବା ବିଶ୍ୱବିଦ୍ୟାଳୟ ପ୍ରତିଯୋଗିତାରେ ଭାଗନେବାକୁ ଚୟନ ହୋଇଥିବା ଭାରତୀୟ ଟାଏକ୍ୱୋଣ୍ଡୋ ଦଳରେ ସମ୍ବଲପୁର ବିଶ୍ୱବିଦ୍ୟାଳୟର ତଥା ପଶ୍ଚିମ ଓଡିଶାର ଏକମାତ୍ର ଖେଳାଳୀ ଭାବରେ ବୀରମହାରାଜପୁରର ଏହେସାସ ହୋତା ମନୋନୀତ ହୋଇଛନ୍ତି। ସେ ଭାରତୀୟ ଟାଏକ୍ୱୋଣ୍ଡୋ ଦଳ ସହ ଜର୍ମାନ ଗସ୍ତ କରିଛନ୍ତି। ଅଲମ୍ପିକ୍ ଗେମ୍ ସମକକ୍ଷ ରହିଥିବା ଏହି ପ୍ରତିଯୋଗିତା ବହୁତ ଟପ୍ ହୋଇଥିବାବେଳେ ଏହେସାସ ଏହି ପ୍ରତିଯୋଗିତା ପାଇଁ ସମ୍ପୁର୍ଣ୍ଣ ପ୍ରସ୍ତୁତ ଥିବା ଜଣାଯାଇଛି। ଜର୍ମାନ ଗସ୍ତ ପୂର୍ବରୁ ଅମୃତସରଠାରେ ଭାରତୀୟ ଟାଏକ୍ୱୋଣ୍ଡୋ ଖେଳାଳୀମାନଙ୍କୁ ଦୀର୍ଘ ଏକମାସ ଧରି ଉନ୍ନତ ମାନର ତାଲିମ ପ୍ରଦାନ କରାଯାଇଥିଲା। ପୂର୍ବରୁ ଅନେକ ଥର ଆନ୍ତର୍ଜାତୀୟ ପ୍ରତିଯୋଗିତାରେ ଅଂଶଗ୍ରହଣ କରି ସେ ସଫଳତା ପାଇଥିଲେ ହେଁ ଅଲିମ୍ପିକ ସହ ସମକକ୍ଷ ଥିବା ଏଭଳି ଏକ ପ୍ରତିଯୋଗିତାରେ ଭାଗନେବା ପାଇଁ ସେ ଦୀର୍ଘ ୧୭ ବର୍ଷ ହେଲା ପ୍ରଚେଷ୍ଟା ଜାରି ରଖିଥିଲେ। ଏଣୁ ଏଭଳି ପ୍ରତିଯୋଗିତାରେ ଅଂଶଗ୍ରହଣ କରିବା ତାଙ୍କ ପାଇଁ ସୌଭାଗ୍ୟବୋଲି କହିବା ସହ ଏ ମାଟିପାଇଁ କିପରି ଗୌରବ ସାଉଁଟିବେ ତାହା ତାଙ୍କର ପ୍ରାଥମିକତା ରହିବ ବୋଲି ଏହେସାସ ପ୍ରକାଶ କରିଛନ୍ତି। ଏହେସାସଙ୍କୁ ସମ୍ବଲପୁର ବିଶ୍ୱ ବିଦ୍ୟାଳୟର କୁଳପତି ପ୍ରଫେସର ବିଦ୍ୟୁଭୂଷଣ ମିଶ୍ର, ରେଜିଷ୍ଟାର ନୃପରାଜ ସାହୁ ସ୍ପୋର୍ଟ ଡାଇରେକ୍ଟର ଅଭିନାଶ କର, ସ୍ପୋର୍ଟ କାଉନସିଲ ସେକ୍ରେଟାରୀ ଡ. ଦେବେନ୍ଦ୍ର ମହାଲିକ, ସିଡିସି ଅଧ୍ୟକ୍ଷ ଡ. ସଂଯୁକ୍ତା ଦାଶ, କୋଚ ରାମ କୁମାର ସାହୁ, ବରଗଡ ଇମ୍ପାରିଆଲ କଲେଜର ମ୍ୟାନେଜିଂ ଡାଇରେକ୍ଟର ଦୀପକ ଗୋଏଲ, ଅଧ୍ୟକ୍ଷ ଦୁର୍ଗେଶ ଶତପଥି, ରାଜ୍ୟ ଟାଏକ୍ୱୋଣ୍ଡୋ ସଂଘ ସଂପାଦକ ମନମୋହନ ଭଂଜ, ଜିଲ୍ଲା କ୍ରୀଡା ଅଧିକାରୀ ଚିତ୍ତ ରଂଜନ ମିଶ୍ର, ବୀରମହାରାଜପୁର ବ୍ଲକ୍ ଉପାଧ୍ୟକ୍ଷ ନାରାୟଣ ଲୁହା, ସୁବର୍ଣ୍ଣପୁର ଜିଲ୍ଲା ଟାଏକ୍ୱୋଣ୍ଡୋ ସଂଘ ସଭାପତି ରବୀନ୍ଦ୍ର ହୋତା ଏବଂ ଜିଲ୍ଲା ଟାଏକ୍ୱୋଣ୍ଡୋ ସଂଘର ଆଇନ ପରାମର୍ଶ ଦାତା ଶେଷଦେବ ବାରିକ ପ୍ରମୁଖ ଶୁଭେଚ୍ଛା ଜଣାଇଛନ୍ତି।



## ଶଗଡ଼ା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ବନ ମହୋତ୍ସବ

**ମନମୁଣ୍ଡା,୨୨।୭(ସମିସ):** ମଙ୍ଗଳବାର ଶଗଡା ସିଦ୍ଧେଶ୍ୱର ବାବା ଆଞ୍ଚଳିକ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ବନ ମହୋତ୍ସବ ଅନୁଷ୍ଠିତ ହୋଇଛି। ଏଥିରେ ବିଦ୍ୟାଳୟର କର୍ମଚାରୀ ଓ ଛାତ୍ରଛାତ୍ରୀଙ୍କ ସହିତ ସତ୍ୟସାଇ ସେବା ସମିତି ବୌଦ୍ଧ ଶାଖାର କର୍ମକର୍ତ୍ତାମାନେ ସାହାଯ୍ୟ କରିଥିଲେ। ଏହି ଅବସରରେ ବିଦ୍ୟାଳୟ ପରିସରରେ ତିନିଶହ ଚାରାରୋପଣ କରାଯାଇଥିଲା। ଏନେଇ ଅନୁଷ୍ଠିତ ବୈଠକରେ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଅଧ୍ୟକ୍ଷା ସୁମିତ୍ରା ଭଟ୍ଟାଚାର୍ଯ୍ୟ ସଭାପତିତ୍ୱ କରିଥିଲେ। ସତ୍ୟସାଇ ସେବା ସମିତି ବୌଦ୍ଧ ଶାଖାର ସଂଯୋଜକ ଡା. ପ୍ରିୟବର୍ତ୍ତ ବେହେରା ମୁଖ୍ୟଅତିଥି ରୂପେ ଯୋଗଦେଇଥିଲେ। ବିଦ୍ୟାଳୟ ଏନ୍‌ଏନ୍‌ଏସ୍ ପ୍ରୋଗ୍ରାମ ଅଫିସର ଶେଷଦେବ ପର୍ଡିଆ ଅତିଥି ପରିଚୟ ପ୍ରଦାନ କରିଥିବାବେଳେ ସଂସ୍କୃତ ଅଧ୍ୟାପକ ବିଭିଷଣ ବସ୍ତିଆ ଧନ୍ୟବାଦ ଅର୍ପଣ କରିଥିଲେ। ଏହି କାର୍ଯ୍ୟକ୍ରମରେ ବିଦ୍ୟାଳୟର କର୍ମକର୍ତ୍ତା ସାହାଯ୍ୟ କରିଥିଲେ।




### ଟ୍ରେନ୍ ଲାଇନ୍‌ରେ ଯୁବକଙ୍କ ବିପଦପୂର୍ଣ୍ଣ ଷ୍ଟଣ୍ଟ; ଭିଡିଓ ଭାଇରାଲ

**ଶଗଡ଼ା,୨୨।୭(ସମିସ):** ବଲାଙ୍ଗୀର ଖୋର୍ଦ୍ଧା ନୂତନ ଭାବରେ ନିର୍ମିତ ରେଳ ଲାଇନରେ ଜଣେ ଯୁବକ ବିପଦପୂର୍ଣ୍ଣ ଭାବରେ ଷ୍ଟଣ୍ଟ କରୁଥିବା ଭିଡିଓ ଆଜି ସୋସିଆଲ ମିଡିଆରେ ଭାଇରାଲ ହେବାରେ ଲାଗିଛି। ସୂଚନା ଅନୁସାରେ ବଲାଙ୍ଗୀର ଖୋର୍ଦ୍ଧା ରେଳ ଲାଇନର ବୌଦ୍ଧ ଜିଲ୍ଲା ବାଉଁଶୁଣି ନିକଟରେ ଥିବା ଟ୍ରେନ୍ ଟ୍ରାକରେ ଜଣେ ଯୁବକ ନିଜ ଜୀବନକୁ ବାଜି ଲଗାଇ ଟ୍ରେନ୍ ଯାଉଥିବା ସମୟରେ ଶୋଇ ନିଜେ ଭିଡିଓ ସୁଟ୍ କରୁଥିବା ଭିଡିଓରେ ସ୍ପଷ୍ଟ ଜଣାପଡିଛି। ପୂର୍ବରୁ ଏଭଳି ଏକ ନାବାଳକ ଟ୍ରେନ୍ ଯାଉଥିବା ସମୟରେ ଟ୍ରାକ୍‌ରେ ଶୋଇଥିବା ଭିଡିଓ ଭାଇରଲ ହେବା ପରେ ରେଲୱେ ପୁଲିସ ପକ୍ଷରୁ ତଦନ୍ତ କରାଯିବା ସହ ନାବାଳକ ସହ ସହଯୋଗୀଙ୍କୁ ବଲାଙ୍ଗୀର ନେଇ ପଚରାଉଚରା କରିଥିଲା। ରେଲୱେ ପୁଲିସ ପକ୍ଷରୁ ଟ୍ରାକ୍ ନିକଟବର୍ତ୍ତୀ ଲୋକଙ୍କୁ ସଚେତନ କରାଯାଇଥିଲା। ସଚେତନ କଲା ପରେ ମଧ୍ୟ ଲୋକେ ସଚେତନ ହେଉନାହାନ୍ତି। ତେବେ ଉକ୍ତ ଯୁବକଙ୍କ ଟ୍ରେନ୍ ଟ୍ରାକ୍‌ରେ ବିପଦପୂର୍ଣ୍ଣ ଷ୍ଟଣ୍ଟ୍‌କୁ ନେଇ ସାଧାରଣରେ ତୀବ୍ର ଉଦ୍‌ବେଗ ପ୍ରକାଶ ପାଇଛି।



## ମରାମତି ହେଲା ଅଚଳ ନଳକୂଅ

**ଶଗଡା,୨୨।୭(ସମିସ):** ବୌଦ୍ଧ ଜିଲ୍ଲା କଣ୍ଟାମାଳ ବ୍ଲକ୍ ଯୋଗିନ୍ଦ୍ରପୁର ପଞ୍ଚାୟତ ବାନ୍ଧନ୍ ଝୁଲି ଗାଁ ମଝିରେ ଥିବା ନଳକୂପଟି ୧୫ ଦିନ ହେବ ଅଚଳ ହୋଇପଡିଥିଲା। ଏନେଇ ଅଚଳ ହୋଇପଡିଥିବାରୁ ପାଣି ପାଇଁ ବହୁତ ଅସୁବିଧାର ସମ୍ମୁଖିନ ହେଉଥିଲେ। ଅଚଳ ନଳକୂପକୁ ମରାମତି କରିବାକୁ ଗ୍ରାମବାସୀ ସ୍ଥାନୀୟ ଜନପ୍ରତିନିଧିଙ୍କ ଠାରୁ ଅଭିଯୋଗକୁ ନେଇ ଦୈନିକ ଖବରକାଗଜ 'ସକାଳ'ରେ ଖବର ପ୍ରକାଶିତ ହୋଇଥିଲା। ପ୍ରକାଶିତ 'ସକାଳ' ଖବରକାଗଜର ଖବରକୁ ନେଇ ବରଗଡ଼ ଜିଲ୍ଲାର ସ୍ୱେଚ୍ଛାସେବୀ ରମେଶ ମେହେର ଓ ବିନୋଜ କନ୍ଧେର, ସୁବର୍ଣ୍ଣପୁର ଜିଲ୍ଲାର ସର୍ଜନ ପାଣ୍ଡେ, ବୌଦ୍ଧ ଜିଲ୍ଲାର ମନଧର କର୍ମୀ, କେନ୍ଦୁଝର ଜିଲ୍ଲାର



'ସକାଳ' ପ୍ରଭାବ

'ସକାଳ' ଖବରକାଗଜରେ ଖବର ପ୍ରକାଶ ପରେ ମଙ୍ଗଳବାର ଅଚଳ ନଳକୂପ ମରାମତି ହୋଇଛି। ସୂଚନାନୁଯାୟୀ, ଗାଁରେ ୪୦ ପରିବାରର ୧୮୦ ଜଣ ଲୋକ ବସବାସ କରୁଥିବା ବେଳେ ଗାଁ ମଝିରେ ଥିବା ଏକମାତ୍ର ନଳକୂପ ଆରମ୍ଭ କରି ବିଭାଗୀୟ ଅଧିକାରୀଙ୍କ ନିକଟରେ ଅଭିଯୋଗ କଲେ ମଧ୍ୟ ଏହାର କୌଣସି ସମାଧାନ ହୋଇ ନଥିଲା। ବିଭାଗୀୟ ଅଧିକାରୀଙ୍କ ଖାମଖିଆଲି ମନୋଭାବ ଯୋଗୁଁ ୧୫ ଦିନ ହେବ ନଳକୂପ ମରାମତି ହୋଇ ପାରି ନଥିଲା। ଗ୍ରାମବାସୀଙ୍କ ବିକ୍ରମ କେଶରୀ ମହନ୍ତ ମୁଖ୍ୟମନ୍ତ୍ରୀ, ବିଭାଗୀୟ ଅଧିକାରୀ ତଥା ଜିଲ୍ଲାପାଳଙ୍କୁ ଟୁଇଟ କରି ଅଭିଯୋଗ କରିଥିଲେ। ଟୁଇଟ ପରେ ମଙ୍ଗଳବାର ଉକ୍ତ ନଳକୂପକୁ ମରାମତି କରାଯାଇଥିବା ଜଣାପଡ଼ିଛି।

## ସିଦ୍ଧାର୍ଥ ଡିଗ୍ରୀ କଲେଜରେ ନବଚିନ୍ତନ ଓ ଷ୍ଟାର୍ଟଅପ୍ କାର୍ଯ୍ୟକ୍ରମ

**ବିନିକା,୨୨।୭(ସମିସ):** ବିନିକା ସ୍ଥିତ ସିଦ୍ଧାର୍ଥ ଡିଗ୍ରୀ କଲେଜରେ ନବଚିନ୍ତନ ଓ ଷ୍ଟାର୍ଟଅପ୍ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହାକୁ କଲେଜ ଅଧ୍ୟକ୍ଷ ଡ. ଧୀରେନ୍ଦ୍ର କୁମାର ନାୟକ ଉଦ୍‌ଘାଟନ କରିଥିଲେ। ଅର୍ଥନୀତି ଅଧ୍ୟାପକ ବିଶ୍ୱନାଥ ମିଶ୍ର କାର୍ଯ୍ୟକ୍ରମର ରୂପରେଖ ଉପରେ ସୂଚନା ଦେଇଥିଲେ। ଛାତ୍ରଛାତ୍ରୀଙ୍କୁ ନେଇ ତର୍କ ଓ ରଚନା ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଶେଷରେ ଓଡ଼ିଆ ଅଧ୍ୟାପକ ଭଗବାନ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ। କାର୍ଯ୍ୟକ୍ରମରେ କଲେଜର ସମସ୍ତ ଅଧ୍ୟାପକ, ଅଧ୍ୟାପିକା, ଅଧ୍ୟୟନରତ ଛାତ୍ରଛାତ୍ରୀ ଉପସ୍ଥିତ ଥିଲେ।






## ମରାମତି ହେଲା ଟ୍ରାନ୍ସଫର୍ମର

**ଶଗଡା,୨୨।୭(ସମିସ):** ବୌଦ୍ଧ ଜିଲ୍ଲା ସଦର ବ୍ଲକ୍ ମନୁପାଲି ପଞ୍ଚାୟତ ଡିଗୀ ଗ୍ରାମର ଚାଷୀଙ୍କ ଉଠାଜଳସେଚନକୁ ଯାଇଥିବା ବିଦ୍ୟୁତ ଟ୍ରାନ୍ସଫର୍ମର ଏକ ମାସରୁ ଅଧିକ ହେଲା କୌଣସି କାରଣରୁ ଅଚଳ ହୋଇ ପଡିରହିଥିଲା। ଏନେଇ 'ସକାଳ' ଖବର କାଗଜରେ ଖବର ପ୍ରକାଶ ପରେ ମଙ୍ଗଳବାର ଉକ୍ତ ଟ୍ରାନ୍ସଫର୍ମରକୁ ବିଦ୍ୟୁତ ବିଭାଗ ପକ୍ଷରୁ ମରାମତି କରାଯାଇଥିବା ଜଣାପଡ଼ିଛି। ସୂଚନାନୁଯାୟୀ, ଉକ୍ତ ଟ୍ରାନ୍ସଫର୍ମରକୁ ସଜାଡିବା ପାଇଁ ଚାଷୀ ବାରମ୍ବାର କାର୍ଯ୍ୟାଳୟକୁ ଯାଇ ବିଦ୍ୟୁତ ବିଭାଗ ଯନ୍ତ୍ରୀ ଓ କର୍ମଚାରୀଙ୍କ ନିକଟରେ ଅଭିଯୋଗ କରି ଆସୁଥିଲେ। କିନ୍ତୁ ବିଭାଗୀୟ କର୍ମଚାରୀ ଏଦିଗରେ କୌଣସି ଗୁରୁତ୍ୱ ଦେଉ ନଥିଲେ। ଟ୍ରାନ୍ସଫର୍ମର ଅଚଳ ହେବା ଫଳରେ ମୋଟର ଚାଲି ପାରୁ ନାହିଁ। ଫଳରେ ପାଣି ଅଭାବରୁ ଅନେକ ଚାଷୀଙ୍କ ଶହ ଶହ ଏକର ଧାନ ଫସଲ ନଷ୍ଟ ହେବାକୁ ବସିଥିଲା। ଚାଷୀଙ୍କ ଅଭିଯୋଗକୁ ନେଇ ଗତ ୨୦ ତାରିଖରେ ଦୈନିକ ଖବରକାଗଜ 'ସକାଳ'ରେ ଖବର ପ୍ରକାଶିତ ହେବା ପରେ ପ୍ରକାଶିତ ଖବରକୁ ନେଇ ବରଗଡ଼ ଜିଲ୍ଲାର ସ୍ୱେଚ୍ଛାସେବୀ ରମେଶ ମେହେର ଓ ବିନୋଜ କନ୍ଧେର, ସୁବର୍ଣ୍ଣପୁର ଜିଲ୍ଲାର ସର୍ଜନ ପାଣ୍ଡେ, ବୌଦ୍ଧ ଜିଲ୍ଲାର ମନଧର କର୍ମୀ, କେନ୍ଦୁଝର ଜିଲ୍ଲାର ବିକ୍ରମ କେଶରୀ ମହନ୍ତ ମୁଖ୍ୟମନ୍ତ୍ରୀ, ବିଭାଗୀୟ ଅଧିକାରୀ ଓ ଜିଲ୍ଲାପାଳଙ୍କୁ ଟୁଇଟ କରି ଅଭିଯୋଗ କରିଥିଲେ। ଟୁଇଟ ପରେ ମଙ୍ଗଳବାର ଉକ୍ତ ଟ୍ରାନ୍ସଫର୍ମରକୁ ମରାମତି କରାଯିବା ପରେ ଚାଷୀ ଖୁସି ବ୍ୟକ୍ତ କରିବା ସହ 'ସକାଳ'କୁ ଧନ୍ୟବାଦ ଜଣାଇଛନ୍ତି।

ଆନ୍ତଃଜିଲ୍ଲା ସାହାଣି କପ୍ ଫୁଟ୍‌ବଲ୍ ଚାମ୍ପିଅନ୍‌ସିପ୍

## ଷଷ୍ଠ ଦିନରେ ସମ୍ବଲପୁର, କନ୍ଧମାଳ ବିଜୟୀ



**ବୌଦ୍ଧ,୨୨।୭(ସମିସ)**

ଓଡିଶା ଫୁଟବଲ ଆସୋସିଏସନ ଓ ରାଜ୍ୟ କ୍ରୀଡା ଯୁବ ବ୍ୟାପାର ବିଭାଗ ସହାୟତାରେ ବୌଦ୍ଧ ଜିଲ୍ଲା ଆଥଲେଟିକ ଆସୋସିଏସନ ଦ୍ୱାରା ଆୟୋଜିତ ବୌଦ୍ଧ ଜୋନ୍‌ସ୍ତରୀୟ ୬୪ତମ ଆନ୍ତଃ ଜିଲ୍ଲା ସାହାଣି କପ୍ ଫୁଟବଲ୍ ଟୁର୍ଣ୍ଣାମେଣ୍ଟ ମଙ୍ଗଳବାର ଷଷ୍ଠ ଦିନରେ ପହଞ୍ଚିଛି। ଷଷ୍ଠଦିନରେ ଗ୍ରୁପ "ବି'ର ପ୍ରଥମ ମ୍ୟାଚ ସମ୍ବଲପୁର ଓ ବଲାଙ୍ଗୀର ମଧ୍ୟରେ ଅନୁଷ୍ଠିତ ହୋଇଯାଇଛି। ପ୍ରଥମାର୍ଦ୍ଧରେ ଖେଳ ଆରମ୍ଭର ୪ ମିନିଟରେ ବଲାଙ୍ଗୀରର ସୁବ୍ରତ ପାତ୍ର ଗୋଟିଏ, ୬ ମିନିଟରେ ସମ୍ବଲପୁରର ସୁନୀଲ ମୁଣ୍ଡା ଗୋଟିଏ ଓ ୨୬ ମିନିଟରେ ସମ୍ବଲପୁରର ପ୍ରଶାନ୍ତ ଓରାମ ଗୋଟିଏ ଗୋଲ୍ ଦେଇ ୨-୧ ଗୋଲରେ ଆଗୁଆ ଥିଲେ। ଦ୍ୱିତୀୟାର୍ଦ୍ଧରେ ୬୬ ମିନିଟରେ ସମ୍ବଲପୁରର ଛବିଳ କିଷାନ ଗୋଟିଏ ଓ ୭୬ ମିନିଟରେ ବଲାଙ୍ଗୀରର ସୁବ୍ରତ ପାତ୍ର ଗୋଟିଏ ଗୋଲ୍ ଦେଇଥିଲେ। ଫଳରେ ସମ୍ବଲପୁର ଦଳ ୩-୨ ଗୋଲ୍‌ରେ ବିଜୟୀ ହୋଇଛି। ସମ୍ବଲପୁର ଦଳର ସୁମିତ ଓରାମଙ୍କୁ ମ୍ୟାନ ଅଫ ଦି ମ୍ୟାଚ ଭାବେ ପୁରସ୍କୃତ କରାଯାଇଥିଲା। ପ୍ରଥମ ମ୍ୟାଚରେ ମୁଖ୍ୟରେଫରୀ ଭାବେ ପ୍ରଶାନ୍ତ କୁମାର ବେହେରା ମ୍ୟାଚ ପରିଚାଳନା କରିଥିବା ବେଳେ ଲାଇନରେ ସଲିଳ କୁମାର ବେହେରା ଓ ଜିତେନ୍ଦ୍ରିୟ ଥନାପତି ସହାୟତା କରିଥିଲେ। ଚତୁର୍ଥ ରେଫରୀ ଭାବେ ମନୋଜ କୁମାର ନାଏକ ଦାୟିତ୍ୱ ତୁଲାଇଥିଲେ। ସେହିପରି ଦ୍ୱିତୀୟ ମ୍ୟାଚ କନ୍ଧମାଳ ଓ ନୂଆପଡା ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଏଥିରେ ୯-୦ ଗୋଲରେ କନ୍ଧମାଳ ବିଜୟୀ ହୋଇଛି। ପ୍ରଥମାର୍ଦ୍ଧରେ ଖେଳ ଆରମ୍ଭର ୧ ମିନିଟରେ କନ୍ଧମାଳର ଦିଲୁ ମଲ୍ଲିକ ଗୋଟିଏ, ଖେଳର ୧୧ ମିନିଟରେ, ୨୨ ମିନିଟରେ ଓ ୨୯ ମିନିଟରେ ଦେବାଶିଷ ଗୋଟିଏ ଲେଖାଏଁ ଗୋଲ୍, ୨୧ ମିନିଟରେ ଏସ.କେ ଫରେଦ ଗୋଟିଏ ଓ ଦ୍ୱିତୀୟାର୍ଦ୍ଧରେ ୫୯ ମିନିଟରେ ଆଉ ଗୋଟିଏ, ୩୭ ମିନିଟରେ ଗୋଲକିପର ସନ୍ତୋଷ ମଲ୍ଲିକ ଗୋଟିଏ, ଖେଳର ୪୫ ମିନିଟରେ ଏମ୍‌ଡି ଇମିଲାଜ ଗୋଟିଏ, ୮୭ ମିନିଟରେ ବେବେଶ୍ୱର ମଲ୍ଲିକ ୧ଟି ଗୋଲ୍ କରି ଦଳକୁ ବିଜୟୀ କରିଥିଲେ। ଦ୍ୱିତୀୟ ମ୍ୟାଚରେ ଅତିଥି ଭାବେ ରାଜ୍ୟ ବୟନିକା ସଭାପତି ପ୍ରକାଶ ଚନ୍ଦ୍ର ମେହେର, କନ୍ଧମାଳ ଜିଲ୍ଲା ଆଥଲେଟିକ ଆସୋସିଏସନର ସଂପାଦକ ଶିବ ତ୍ରିପାଠୀ, ସମ୍ବଲପୁର କ୍ରୀଡା ସଂସଦ ସମ୍ପାଦକ ସୁନୀଲ କୁମାର ସାହୁ, ଜିଲ୍ଲା ପ୍ରେସ୍‌କ୍ଲବ ସମ୍ପାଦକ ରଘୁନାଥ ଷଡ଼ଙ୍ଗୀ, ବରିଷ୍ଠ ବିଜେପି ନେତା ସୌମିତ୍ରୀ ନାୟକ, ବରିଷ୍ଠ କ୍ରୀଡ଼ାବିତ ଶ୍ୟାମ ସୁନ୍ଦର ମହାପାତ୍ର, କ୍ରୀଡାବିତ ଶମ୍ଭୁ ପ୍ରସାଦ ଅଗ୍ରୱାଲ ପ୍ରମୁଖ ଯୋଗଦେଇ ଖେଳାଳିଙ୍କ ସହ ପରିଚିତ ହେବା ସହ ଉତ୍ସାହିତ କରିଥିଲେ। ଦ୍ୱିତୀୟ ମ୍ୟାଚକୁ ମୁଖ୍ୟ ରେଫରୀ ଭାବେ ଦେବାଶିଷ ବାଗ ପରିଚାଳନା କରିଥିବାବେଳେ ଲାଇନରେ ସଞ୍ଜନ କୁଦେଇ ଓ ସୋମନାଥ ମୁର୍ମୁ ସହାୟତା କରିଥିଲେ। ସେହିପରି ଚତୁର୍ଥ ରେଫରୀ ଭାବେ ଧନେଶ୍ୱର ସର୍ଦ୍ଦାର ଦାୟିତ୍ୱ ତୁଲାଇଥିଲେ। ମ୍ୟାନ ଅଫ୍ ଦି ମ୍ୟାଚ ଭାବେ କନ୍ଧମାଳର ଦେବାଶିଷ ରାମମାରାଣ୍ଡିଙ୍କୁ ଟ୍ରଫି ପ୍ରଦାନ କରାଯାଇଥିଲା। ଉଭୟ ମ୍ୟାଚକୁ ମ୍ୟାଚ କମିଶନର ଭାବେ ଦୁର୍ଗାମାଧବ ନାୟକ ଖେଳ ପରିଚାଳନା କରିଥିଲେ। ଆସନ୍ତାକାଲି ଗ୍ରୁପ 'ଏ'ର ପ୍ରଥମ ମ୍ୟାଚ ନୟାଗଡ ଓ ବରଗଡ ମଧ୍ୟରେ ଏବଂ ଦ୍ୱିତୀୟ ମ୍ୟାଚ କଳାହାଣ୍ଡି ଓ ଦେବଗଡ ମଧ୍ୟରେ ଅନୁଷ୍ଠିତ ହେବ।




## ବିଷପିଇ ଯୁବକଙ୍କ ଆତ୍ମହତ୍ୟା

**ମନମୁଣ୍ଡା,୨୨।୭(ସମିସ):** ମନମୁଣ୍ଡା ଥାନା ଶଗଡ଼ାରେ ସୋମବାର ଅପରାହ୍ନରେ ଜଣେ ବିବାହିତ ଯୁବକ ବିଷ ପିଇ ଆତ୍ମହତ୍ୟା କରିଛନ୍ତି।

ମୃତକ ଜଣକ ଶଗଡ଼ା ଗ୍ରାମର ବାବୁ ସେନାପତିଙ୍କ ପୁଅ ପିଣ୍ଟୁ ସେନାପତି (୩୬) ବୋଲି ଜଣାପଡିଛି। ସେ ବିଷ ପିଇବା ପରେ ପରିବାର ଲୋକେ ତାକୁ ସୋନପୁର ଡାକ୍ତରଖାନାକୁ ନେଇଥିଲେ। କିନ୍ତୁ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ମଙ୍ଗଳବାର ଶବ ବ୍ୟବଚ୍ଛେଦ କରାଯାଇଛି। ମୃତକଙ୍କ ବାପା ଏନେଇ ଶଗଡ଼ା ଫାଣ୍ଡିରେ ଲିଖିତ ଭାବେ ଜଣାଇବା ପରେ ଫାଣ୍ଡିରେ ଏକ ଅପମୃତ୍ୟୁ ମାମଲା ରୁଜୁ କରାଯାଇ ପୁଲିସ ଏହାର ତଦନ୍ତ ଚଳାଇଛି। ଆତ୍ମହତ୍ୟାର କରଣ ସ୍ପଷ୍ଟ ହୋଇପାରି ନାହିଁ। ମୃତକଙ୍କ ୯ ବର୍ଷର ଗୋଟିଏ ଝିଅ ଓ ଅଢ଼େଇ ବର୍ଷ ବୟସର ଗୋଟିଏ ପୁଅ ରହିଛନ୍ତି। ଏହି ଘଟଣାରେ ମୃତକଙ୍କ ବାପା ଓ ପରିବାର ବର୍ଗ ଭାଙ୍ଗି ପଡିଥିବାବେଳେ ଗ୍ରାମରେ ଶୋକର ଛାୟା ଖେଳିଯାଇଛି।

## ଜନତା ଉଚ୍ଚ ବିଦ୍ୟାଳୟର ପ୍ରତିଷ୍ଠା ଉତ୍ସବ

**ଶଗଡା,୨୨।୭(ସମିସ):** ଜନତା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ପ୍ରତିଷ୍ଠା ଉତ୍ସବ ପାଳିତ ହୋଇଯାଇଛି। ଏହି ଉତ୍ସବରେ ମୁଖ୍ୟ ଅତିଥି ଭାବରେ କଣ୍ଟାମାଳ ବିଧାୟକ କହ୍ନେଇ ଚରଣ ଡାଙ୍ଗ, ସମ୍ମାନିତ ଅତିଥି ଭାବେ ଜିଲ୍ଲାପରିଷଦ ସଭ୍ୟା ସୁମିତ୍ରା ସାହୁ, ସ୍ଥାନୀୟ ସରପଞ୍ଚ ପ୍ରତୀମାରଣା, ପଞ୍ଚସଖା ଶିକ୍ଷା ସେତୁ ସଭାପତି ଦେବେନ୍ଦ୍ର ରଣା, କଣ୍ଟାମାଳ ଅତିରିକ୍ତ ଶିକ୍ଷା ଅଧିକାରୀ ନିଳମଣି ପଣ୍ଡା, ପୂର୍ବତନ ପ୍ରଧାନ ଶିକ୍ଷକ ଦେବରାଜ ସାହୁ, ପୂର୍ବତନ ଛାତ୍ର କରୁଣାକର ସାହୁ, ଅନନ୍ତ କ୍ଷେତୀ, ରକ୍ଷିରଣା, ମୋତିଲାଲ ରଣା, ଚଞ୍ଚଳରଣା ପ୍ରମୁଖ ଯୋଗଦେଇଥିଲେ। ସ୍କୁଲ ଅଧ୍ୟକ୍ଷ ଶୁକଦେବ ପଣ୍ଡା ସଭାପତିତ୍ୱ କରିଥିଲେ। ସ୍କୁଲର ପ୍ରତିଷ୍ଠାତା ସଭ୍ୟ ରଘୁନାଥ ରଣା, ଦୟାନିଧି ନାଗ, ସୋମନାଥ ରଣା, ଡିଙ୍ଗର ପ୍ରଧାନ ପ୍ରମୁଖଙ୍କର ସ୍ମୃତି ଚାରଣ କରାଯାଇ ସମ୍ବର୍ଦ୍ଧିତ କରାଯାଇଥିଲା। ସେହିପରି ସାମ୍ବାଦିକତା କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ସାମ୍ବାଦିକ ପ୍ରଭାତ ସାହୁଙ୍କୁ ମଧ୍ୟ ଉପଢ଼ୌକନ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା। ପ୍ରତିଷ୍ଠା ଦିବସରେ ଏକାଦଶ ଶ୍ରେଣୀର ଛାତ୍ରଛାତ୍ରୀମାନଙ୍କୁ ଫୁଲ ଚନ୍ଦନ ଦେଇ ସ୍ୱାଗତ କରାଯାଇଥିଲା। ମୁଖ୍ୟଅତିଥି ବିଧାୟକ ସ୍କୁଲର ସର୍ବାଙ୍ଗୀନ ଉନ୍ନତି ପାଇଁ ସାହାଯ୍ୟ କରିବାପାଇଁ ପ୍ରତିଶ୍ରୁତି ଦେଇଥିଲେ। ଛାତ୍ରଛାତ୍ରୀଙ୍କୁ ବଡ ମଣିଷ ହେବାପାଇଁ ଲକ୍ଷ୍ୟ ରଖିବା ବଦଳରେ ଭଲ ମଣିଷ ହେବାପାଇଁ ସତତ ଚେଷ୍ଟିତ ହେବା ପାଇଁ ପରାମର୍ଶ ଦେଇଥିଲେ। ପ୍ରତିଷ୍ଠା ଦିବସ ଉପଲକ୍ଷେ ଛାତ୍ରଛାତ୍ରୀମାନଙ୍କ ମଧ୍ୟରେ ପ୍ରତିଯୋଗିତା ଆୟୋଜନ କରାଯାଇ କୃତି ଛାତ୍ରଛାତ୍ରୀମାନଙ୍କୁ ପୁରସ୍କୃତ କରାଯାଇଥିଲା।

୨୫ ଜଣ ମେଧାବୀ ଛାତ୍ରଛାତ୍ରୀଙ୍କୁ ସମ୍ମାନିତ କରାଯାଇଥିଲା। ଶିକ୍ଷକ ସଂଜୟ ପ୍ରଧାନ ଓ ଦେବାଶିଷ ଅନାପତି ଏହାକୁ ପରିଚାଳନା କରିଥିଲେ। ଅନ୍ୟ ସମସ୍ତ ଶିକ୍ଷକ ସହଯୋଗ କରିଥିଲେ।



# ସେତୁ ସଂଲଗ୍ନ ରାସ୍ତାକୁ ବିପଦ

ବାରିକପୁର, ୨୨।୭ (ସମିସ)



ଭଣ୍ଡାରିପୋଖରୀ ବ୍ଲକ ପାଳଦା ବାଙ୍କଠାରୁ ପଡୋଶୀ ଯାଜପୁର ଜିଲ୍ଲାକୁ ସଂଯୋଗ କରୁଥିବା ପୂର୍ତ୍ତ ବିଭାଗ ରାସ୍ତାର ମଣୀନାଥପୁର ନିକଟରେ କିଛି ଅଂଶ ବିପଦସଙ୍କୁଳ ଅବସ୍ଥାରେ ରହିଛି। ବୈତରଣୀ ସେତୁଠାରୁ ବୈତରଣୀ ନଦୀବନ୍ଧ ଉପରେ ବିଭାଗ ପ୍ରାୟ ଦୁଇ ଶହ ମିଟର କଂକ୍ରିଟ ନିର୍ମାଣ କରିଛି। ଉକ୍ତ ସ୍ଥାନଟି ଗମନାଗମନ ଅନୁପଯୋଗୀ ହୋଇଥିବା ବେଳେ ଗତ ବର୍ଷ ଏଠାରେ ନବୀକରଣ କାର୍ଯ୍ୟ ହୋଇଥିଲା। ଏବେ ରାସ୍ତାର ଦୁଇ ପାର୍ଶ୍ୱରେ ଥିବା ମାଟି ବାଲି ଖସିଯିବାକୁ ବସିଲାଣି। ଏପରିକି କେତେକ ସ୍ଥାନରେ ମଧ୍ୟ ବର୍ଷା ଯୋଗୁଁ କଂକ୍ରିଟ ନିର୍ମାଣଠାରୁ ମାଟି ଧସି ଯାଇଥିବା ଦେଖାଯାଇଛି। ରାସ୍ତାକୁ ଲାଗି ବଡ଼ ବଡ଼ ଗର୍ତ୍ତ ସୃଷ୍ଟି ହୋଇଛି। ଭାରୀ ଯାନ ଚଳାଚଳ ବେଳେ ଏହା କଂକ୍ରିଟ ନିର୍ମାଣକୁ ନଷ୍ଟ କରିବ ଏଥିରେ ସନ୍ଦେହ ନାହିଁ। ତେଣୁ ରାସ୍ତା ଦୁଇ ପାର୍ଶ୍ୱରେ ପୁନଃ ମାଟି ମୋରମ ପକାଇବାକୁ ଦାବି ହୋଇଛି। ଅନୁରୂପ ଭାବେ ସାନ ମାଳଦା କୀର୍ତ୍ତନ ମଣ୍ଡପଠାରେ ମଧ୍ୟ ଦୀର୍ଘ ଦିନ ହେବ ରାସ୍ତା ସେହି ଭଳି ମାଟିକୁ ଛାଡି ଝୁଲି ରହିଛି। ଗ୍ରାମ୍ୟ ଜଳ ଯୋଗାଣ ବିଭାଗ ପକ୍ଷରୁ ଏଠାରେ ପକ୍କା ରାସ୍ତାକୁ ଲାଗି ପାଇପ ଲାଇନ ସଂଯୋଗ ହୋଇଥିବା ବେଳେ କଂକ୍ରିଟ ସୁରକ୍ଷା ମାଟିକୁ ସମ୍ପୂର୍ଣ୍ଣ କାଢି ଦିଆଯାଇଛି। ଏହାକୁ ଏଯାଏଁ ମରାମତି ପାଇଁ କେହି ଦୃଷ୍ଟି ଦେଉନାହାନ୍ତି।

# କେନାଲ ରାସ୍ତା ମରାମତି ପାଇଁ ଦାବି



ବାରିକପୁର, ୨୨।୭ (ସମିସ): ଭଣ୍ଡାରିପୋଖରୀ ବ୍ଲକ ସରସଦା ପଞ୍ଚାୟତ ପିରିପୁର ଗାଁକୁ ସଂଯୋଗ କରୁଥିବା କେନାଲ ରାସ୍ତାଟି ଦୀର୍ଘ ଦିନ ହେବ ଶୋଚନୀୟ ହୋଇ ପଡ଼ି ରହିଛି। ଜଳ ସମ୍ପଦ ବିଭାଗ ଅଧୀନରେ ଥିବା କେନାଲ ରାସ୍ତାଟି ଜାତୀୟ ରାଜପଥଠାରୁ ଗାଁକୁ ସଂଯୋଗ କରିଛି। ପ୍ରାୟ ୩/୪ ବର୍ଷ ପୂର୍ବେ ଗ୍ରାମ୍ୟ ଉନ୍ନୟନ ବିଭାଗ ପକ୍ଷରୁ ଏହି ରାସ୍ତାର ନବୀକରଣ କାର୍ଯ୍ୟ ହୋଇ ଏହାର ପିଚ୍ ନିର୍ମାଣ ହୋଇଥିଲା। ନିର୍ମାଣ ପରବର୍ତ୍ତୀ ସମୟରେ ରକ୍ଷଣାବେକ୍ଷଣ ଅଭାବରୁ ରାସ୍ତା ଏବେ ଜରାଜୀର୍ଣ୍ଣ ପାଲଟିଛି। ପଡିଥିବା ପିଚ ସହିତ ମେଟାଲ ଡଷ୍ଟ ମଧ୍ୟ ଉଠି ଗଲାଣି। ସମତଳ ଥିବା ରାସ୍ତା ଏବେ ଦୁଇ ପାର୍ଶ୍ୱକୁ ଦବି ଗଲାଣି। ରାତି ପାହିଲେ ଗ୍ରାମବାସୀ ମାନେ ଆଉ ସହଜରେ ରାସ୍ତା ଅତିକ୍ରମ କରି ରାଜପଥକୁ ଆସି ପାରୁନାହାନ୍ତି। ଏହି ରାସ୍ତାରେ ସାଇକଲ ଓ ମୋଟରସାଇକେଲ ରେ ଯିବା ଲୋକ ମାନଙ୍କ ପାଇଁ ଏକପ୍ରକାର କଷ୍ଟକର ହେଉଛି। ପରିସ୍ଥିତି ଏଭଳି ହୋଇଛି ଯେ ପ୍ରତ୍ୟେକ ଦିନ ରାସ୍ତାରେ କିଛି ନା କିଛି ଛୋଟ ମୋଟ ଦୁର୍ଘଟଣା ମାନ ଘଟି ପଥଚାରୀ ଆହତ ହେଉଛନ୍ତି। ଦରକାର ବେଳେ କୌଣସି ଗୁରୁତ୍ୱପୂର୍ଣ୍ଣ ଯାନ ଗାଁକୁ ଯିବା ମଧ୍ୟ କଷ୍ଟସାଧ ହେଉଛି। ବିକଳ୍ପ ଭାବେ କହରାପୋଖରୀ ସତସଙ୍ଗ ବିହାର ରାସ୍ତା ଦେଇ ଗ୍ରାମବାସୀ ଯାତାୟାତ କରୁଛନ୍ତି। ଏପଟେ ଉକ୍ତ କେନାଲ ରାସ୍ତାଟି ଗ୍ରାମ୍ୟ ଉନ୍ନୟନ ବିଭାଗ ହାତରେ ଥିବା ଯୋଗୁଁ ଏହା ଉପରେ ଜଳସମ୍ପଦ ବିଭାଗ ମରାମତି କାର୍ଯ୍ୟ କରୁନାହିଁ। ତେଣୁ ଗ୍ରାମବାସୀ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏହା ଉପରେ ବିଭାଗୀୟ ଅଧିକାରୀ ଦୃଷ୍ଟି ଦେବାକୁ ଦାବି ହୋଇଛି।

## ମାମୁଘର ଗାଁ ପୋଖରୀରେ ପଡ଼ି ବାଳକ ମୃତ

ତିହିଡ଼ି, ୨୨।୭ (ସମିସ): ତିହିଡ଼ି ଥାନା ଅଧୀନ ମହରମପୁର ପଞ୍ଚାୟତ ତରାଶୁଣୀ ଗ୍ରାମରେ ଜଣେ ୫ ବର୍ଷର ବାଳକ ପୋଖରୀରେ ପଡ଼ିଯାଇ ମୃତ୍ୟୁବରଣ କରିଛି। କାଶୀନାଥ ମଳିକଙ୍କ ଝିଅ ଇନ୍ଦୁମତି ମଳିକ ରାଣୀତାଲରେ ବିବାହ କରିଛନ୍ତି। ସେ ନିଜ ପୁଅକୁ ନେଇ ବାପଘର ତରାଶୁଣୀ ଗ୍ରାମକୁ ଆସିଥିଲେ। ଆଜି ଅପରାହ୍ନରେ ତାଙ୍କର ପୁଅ ପ୍ରିୟାଂଶୁ ସିଂ ଖେଳୁଥିବା ବେଳେ କୌଣସି କାରଣରୁ ନିକଟସ୍ଥ ତରାଶୁଣୀ ବିଦ୍ୟାଳୟ ସନ୍ନିକଟ ପୋଖରୀରେ ପଡ଼ିଯାଇଥିଲା। ପ୍ରିୟାଂଶୁକୁ ଉଦ୍ଧାର କରି ତିହିଡ଼ି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିବା ବେଳେ ଡାକ୍ତର ତାକୁ ମୃତ ବୋଲି ଘୋଷଣା କରିଛନ୍ତି।

## ଧର୍ମପ୍ରାଣା ସୁଧାଙ୍ଗନା ପତିଙ୍କ ପରଲୋକ



ଦୋବଲ, ୨୨।୭ (ସମିସ): ଦୋବଲ ପଞ୍ଚାୟତ ସୋଧ ଗ୍ରାମର ସମାଜସେବୀ ରମାକାନ୍ତ ପତିଙ୍କ ଧର୍ମ ପତ୍ନୀ ସୁଧାଙ୍ଗନା ପତି (୭୨)ଙ୍କ ମଙ୍ଗଳବାର ସକାଳେ ପରଲୋକ ଘଟିଛି। ସେ ଦୀର୍ଘ ଦିନ ହେବ ରୋଗଗ୍ରସ୍ତ ହୋଇ ଭୁବନେଶ୍ୱରଠାରେ ଚିକିତ୍ସିତ ହେଉଥିଲେ। ଆଜି ସେଠାରେ ତାଙ୍କର ପରଲୋକ ଘଟିଥିଲା। ତାଙ୍କ ମର ଶରୀରକୁ ନିଜ ପୈତୃକ ବାସଭବନ ସୋଧ ଅଣାଯାଇ ଗାଁ ଶ୍ମଶାନରେ ସତକାର କରାଯାଇଥିଲା। ଖବରପାଇ ପୂର୍ବତନ ବ୍ଲକ ଅଧ୍ୟକ୍ଷ ଅଶୋକ କୁମାର ନାୟକ, ଡା ସଞ୍ଜୟ କୁମାର ଦାସ, ସାଂସଦ ପ୍ରତିନିଧି ମନୋଜ ମଲ୍ଲିକ, ସରପଞ୍ଚ ଅଶୋକ ପଣ୍ଡା, ବିଜେଡି ବ୍ଲକ ସଭାପତି ପ୍ରତାପ ସାମଲ, ବ୍ଲକ ଉପାଧ୍ୟକ୍ଷ ଜଗବନ୍ଧୁ ପ୍ରଧାନ ପ୍ରମୁଖ ଶେଷ ଦର୍ଶନ କରିବା ସହିତ ଶୋକସନ୍ତପ୍ତ ପରିବାରବର୍ଗଙ୍କୁ ସମବେଦନା ଜଣାଇଥିଲେ।

● ଜିଲ୍ଲାପାଳଙ୍କ ନିକଟରେ ଅଭିଯୋଗ

## ବିନା ସ୍ୱୀକୃତିରେ ଚାଲୁଛି ଇଂରାଜୀ ମିଡିୟମ ସ୍କୁଲ

ବ୍ରହ୍ମବରଦା, ୨୨।୭ (ସମିସ): ବେସରକାରୀ ବିଦ୍ୟାଳୟ ପ୍ରତିଷ୍ଠା କରି ଶିକ୍ଷାଦାନ କରିବା ଏକ ସମାଜସେବା। ଏଥିପାଇଁ ବହୁଲୋକ ଟ୍ରଷ୍ଟ ପ୍ରତିଷ୍ଠା କରି ବିଦ୍ୟାଳୟ ପରିଚାଳନା କରୁଛନ୍ତି। ଜିଲ୍ଲାରେ ଶତାଧିକ ଘରୋଇ ବିଦ୍ୟାଳୟ ଥିବା ବେଳେ ଅନେକ ବିଦ୍ୟାଳୟଙ୍କର ରାଜ୍ୟ ସରକାର ଓ ଜିଲ୍ଲା ପ୍ରଶାସନର ଅନୁମତିପତ୍ର ନାହିଁ। ଅନେକ ବିଦ୍ୟାଳୟଙ୍କର ଆବଶ୍ୟକ ଭିତ୍ତିଭୂମି ନଥିବାରୁ ଜିଲ୍ଲା ପ୍ରଶାସନ ପକ୍ଷରୁ ଅନୁମତିପ୍ରାପ୍ତ ପତ୍ର ମିଳିପାରୁନାହିଁ। ସେହିପରି ଏକାଧିକ ଇଂରାଜୀ ମିଡିୟମ ସ୍କୁଲ ସିବିଏସଇ (ଆଫିଲେସନ) ସହବନ୍ଧିତ ବେଆଇନ ଭାବରେ ହାତେଇଥିବାର ଜିଲ୍ଲାପାଳଙ୍କ ପାଖରେ ଅଭିଯୋଗ ହୋଇଛି। ସିବିଏସଇ ସହବନ୍ଧିତ ଆଇନ ଅନୁସାରେ ଏକ ପରିବାର ନିୟନ୍ତ୍ରିତ ଟ୍ରଷ୍ଟ ଅଥବା ଗୋଟିଏ ପରିବାର ଏକାଧିକ ସଦସ୍ୟ ଥିବା କୌଣସି ଟ୍ରଷ୍ଟକୁ ସିବିଏସଇ ସହବନ୍ଧିତ (ଆଫିଲେସନ) ଦେଇପାରିବ ନାହିଁ। କିନ୍ତୁ ଜିଲ୍ଲାରେ ଚାଲୁଥିବା ଅଧିକାଂଶ ବିଦ୍ୟାଳୟ ଏକ ପରିବାର ଦ୍ୱାରା ପରିଚାଳିତ ଟ୍ରଷ୍ଟ ମାଧ୍ୟମରେ ଚାଲୁଛି। ସେହିପରି କେତେକରେ ବିଦ୍ୟାଳୟ ପରିଚାଳନ କମିଟି ଓ ପିତାମାତା ଶିକ୍ଷକ କମିଟି ସିବିଏସ୍ଇ ସହବନ୍ଧିତ ଆଇନ ଅନୁସାରେ ଗଠନ ହୋଇନାହିଁ। ଏହି ଦୁଇ କମିଟିରେ ଟ୍ରଷ୍ଟ ସଦସ୍ୟ ଥିବାରୁ ଟ୍ରଷ୍ଟ ପରିଚାଳିତ ବିଦ୍ୟାଳୟ ଗୋଟିଏ ପରିବାର ନିମନ୍ତ୍ରଣ ଥିବାର ଅଭିଯୋଗ ହୋଇଛି। ସିବିଏସଇ ସହବନ୍ଧିତ ଆଇନ ଅନୁସାରେ ପ୍ରତି ସହବନ୍ଧିତ ବିଦ୍ୟାଳୟର ଏକ ୱେବସାଇଟ ରହିବ ଓ ସେଥିରେ ବିଦ୍ୟାଳୟର ସମସ୍ତ ତଥ୍ୟ ରହିବ। ମାତ୍ର କେତେକ ଇଂରାଜୀ ମିଡିୟମ ସ୍କୁଲର ନିଜସ୍ୱ ୱେବସାଇଟ ନଥିବାର ଅଭିଯୋଗ ହୋଇଛି। ତେଣୁ ୱେବସାଇଟ ନଥିବାର ବିଦ୍ୟାଳୟର ସ୍ୱଚ୍ଛତା ଉପରେ ଅଭିଯୋଗକାରୀ ପ୍ରଶ୍ନ ଉଠାଇଛନ୍ତି। ଏହିପରି ଉକ୍ତ ବିଦ୍ୟାଳୟଗୁଡିକ ଅନେକ ନିୟମ ଉଲ୍ଲଙ୍ଘନ କରିଛନ୍ତି ବୋଲି ଜଣାପଡିଛି। ଏହି ବିଦ୍ୟାଳୟଗୁଡିକ ସିବିଏସଇ ସହବନ୍ଧିତ (ଆଫିଲେସନ) ଆଇନ-୨୦୧୮ ଉଲ୍ଲଙ୍ଘନ କରୁଥିବାରୁ ସମାଜସେବୀ ମଣ୍ଟୁ ଦାସ ଓ ବିଶ୍ୱଜିତ ମାଝୀ ଜିଲ୍ଲାପାଳଙ୍କ ଅଭିଯୋଗ ପ୍ରକୋଷ୍ଠରେ ଅଭିଯୋଗ କରିଛନ୍ତି। ତୁରନ୍ତ ଜିଲ୍ଲାପାଳ ଓ ଜିଲ୍ଲା ଶିକ୍ଷାଧିକାରୀ ପଦକ୍ଷେପ ଗ୍ରହଣ କରିବା ଉପଯୁକ୍ତ ପଦକ୍ଷେପ ଗ୍ରହଣ କରିବା ପାଇଁ ଅଭିଯୋଗକାରୀ ନିବେଦନ କରିଛନ୍ତି।

# ଆବାସ ଖଣ୍ଡେ ଲାଗି ମହିଳା ହିତାଧିକାରୀଙ୍କ ସଂଘର୍ଷ



ଅସୁରାଳି, ୨୨।୭ (ସମିସ): ଧାମନଗର ବ୍ଲକ ଅନ୍ତର୍ଗତ ଗୋବିନ୍ଦପୁର ପଞ୍ଚାୟତ ଗୋବିନ୍ଦପୁର ଗ୍ରାମର ଶାନ୍ତିଲତା ସେଠୀ, ସତ୍ୟଭାମା ସେଠୀ, ବାସନ୍ତୀ ସେଠୀଙ୍କ ପରିବାର ଅତ୍ୟନ୍ତ ଦୁଃଖ ଓ ଦାରିଦ୍ର୍ୟ ଭିତରେ ଦିନ ବିତାଉଛନ୍ତି। ସେମାନଙ୍କ ସ୍ୱାମୀମାନେ ଜଣେ ଜଣେ ଦିନ ମଜୁରିଆ ଭାବରେ ମଜୁରି ଲାଗି ପେଟ ପୋଷୁଛନ୍ତି। ପରଘରେ ବିଲବାଡିରେ ମଜୁରୀ ଖଟି ନିଜର ପରିବାର ଅଭାବ ଅନଟନ ଭିତରେ ପ୍ରତିପୋଷଣ କରୁଛନ୍ତି। ଓଳିଏ ଖାଇଲେ ଓଳିଏ ଉପବାସରେ ଦିନ କଟୁଚି। ଆର୍ଥିକ ସମ୍ବଳହୀନ ଏହି ଦରିଦ୍ର ପରିବାର ପ୍ରତି ପ୍ରଶାସନର ସାମାନ୍ୟତମ ଦୃଷ୍ଟି ନାହିଁ। ଆବାସ ଖଣ୍ଡିଏ ନଥିବାରୁ ଭଙ୍ଗା କୁଡିଆରେ ଜରି ପାଲ ଟାଣି ପରିବାର ରହୁଛନ୍ତି। ଝଡ଼ବାତ୍ୟା ସମୟରେ ଦୁଃଖ ଅସରନ୍ତି। ସ୍ଥାନୀୟ ନେତାଙ୍କଠୁ ଆରମ୍ଭ କରି ପ୍ରଶାସନିକ ଅଧିକାରୀଙ୍କଠାରେ ଅନେକ ନେହୁରା ହୋଇଥିଲେ ବି କେହି ସେମାନଙ୍କ ନାହାନ୍ତି। ପ୍ରତିଶ୍ରୁତି ଆଉ ପ୍ରତାରଣା ଭିତରେ ତାଙ୍କ ଦୁଃଖ ଚାପି ହୋଇଯାଇଛି। ସରକାରଙ୍କ ମାଳ ମାଳ ଯୋଜନା ଥିଲେ ବି ଏମାନଙ୍କ ଲାଗି ଏହା ସାତ ସପନ ପାଲଟିଛି। ସାଧାରଣ ଦିନ ମଜୁରିଆ ହେଇଥିବାରୁ ସେମାନଙ୍କର ସମ୍ବଳ କି ସାମର୍ଥ୍ୟ ନାହିଁ ନାହିଁ ପ୍ରଶାସନିକ ଅଧୁକାରୀଙ୍କୁ ଖୁସି କରି କାର୍ଯ୍ୟ ହାସଲ କରିବାକୁ। ସରକାରଙ୍କ ପାଖରେ ବାସଘର ପାଇଁ ଗୁହାରି କରୁଛନ୍ତି ଶାନ୍ତି, ବାସନ୍ତୀ ଆଉ ସତ୍ୟଭାମା। ଯଦି ପ୍ରଶାସନ ତାଙ୍କ ଦୁଃଖ ନ ବୁଝେ ତେବେ ସେ ପରିବାର ସହିତ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ସେମାନେ ଅନଶନରେ ବସିବେ ବୋଲି ପ୍ରକାଶ କରିଛନ୍ତି। ଏହି ପରିପ୍ରେକ୍ଷୀରେ ଗୋବିନ୍ଦପୁର ପିଇଓ ରାକେଶ ସେନାପତି କହିଛନ୍ତି, ଯାଞ୍ଚ ସରିଛି ଖୁବ୍ ଶୀଘ୍ର ଆବାସ ଯୋଗାଇ ଦିଆଯିବ।

# ବଡ଼ଚଣା ନିର୍ବାଚନମଣ୍ଡଳୀ ଉନ୍ନୟନ କମିଟି ବୈଠକ

ଯାଜପୁର, ୨୨।୭ (ସମିସ): ଆଜି ପୂର୍ବାହ୍ନରେ ଯାଜପୁର ଜିଲ୍ଲା ପରିଷଦ ସମ୍ମିଳନୀ କକ୍ଷରେ ବଡ଼ଚଣା ବିଧାନସଭା ନିର୍ବାଚନ ମଣ୍ଡଳୀ ଉନ୍ନୟନ କମିଟି ବୈଠକ ଅନୁଷ୍ଠିତ ହୋଇଯାଇଅଛି। ଏହି ବୈଠକରେ ଅଧ୍ୟକ୍ଷତା କରି ବଡ଼ଚଣା ବିଧାୟକ ଅମର କୁମାର ନାୟକ କହିଲେ ବଡ଼ଚଣା ବିଧାନସଭା ନିର୍ବାଚନ ମଣ୍ଡଳୀ ଅଞ୍ଚଳରେ ବିଭିନ୍ନ ବିଭାଗ ପକ୍ଷରୁ କାର୍ଯ୍ୟକାରୀ ହେଉଥିବା ବିଭିନ୍ନ ପ୍ରକଳ୍ପ କାର୍ଯ୍ୟ ତ୍ୱରାନ୍ୱିତ କରିବା ପାଇଁ ବିଭାଗୀୟ ଅଧିକାରୀଙ୍କୁ ପରାମର୍ଶ ଦେଇଥିଲେ। ଯେଉଁ ପ୍ରକଳ୍ପ କାର୍ଯ୍ୟ ସମ୍ପୂର୍ଣ୍ଣ କରିବାରେ ସମସ୍ୟା ରହୁଛି ଜିଲ୍ଲାପାଳ, ବରିଷ୍ଠ ଅଧିକାରୀ ଓ ବିଧାୟକଙ୍କୁ ଅବଗତ କରାଇଲେ ଯଥାଶୀଘ୍ର ଏହାର ସମାଧାନ ହୋଇପାରିବ। କୃଷ୍ଣଦାସପୁର ରତ୍ନଗିରି ରୋଡ କାର୍ଯ୍ୟ ତୁରନ୍ତ ସମ୍ପୂର୍ଣ୍ଣ କରିବାକୁ ପୂର୍ତ୍ତ ବିଭାଗ ଅଧିକାରୀଙ୍କୁ ପରାମର୍ଶ ଦେଇଥିଲେ। ବରୁଆଁ-ବାଲିଚନ୍ଦ୍ରପୁର ରାସ୍ତାରେ ଦୁର୍ଘଟଣା ଘଟୁଥିବାରୁ ଏହାର ମରାମତି ଦରକାର। ଗ୍ରାମ୍ୟ ଜଳ ଯୋଗାଣ ଓ ପରିମଳ ବିଭାଗର ମେଗା ପାନୀୟ ଜଳ ପ୍ରକଳ୍ପ ତୁରନ୍ତ ଶେଷ କରିବାକୁ ଅଧିକ୍ଷଣ ଯନ୍ତ୍ରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ସାଧାରଣ ହରିଜନ ଆଦିବାସୀ ଲୋକଙ୍କ ଉପରେ ଜୁଲମ ନକରିବାକୁ ଟିପିଏନ୍ଓଡିଏଲ ଅଧିକାରୀ ମାନଙ୍କୁ ପରାମର୍ଶ ଦେଇଥିଲେ। ଏନ୍ଏଚ୍ କଡ଼ରେ ପ୍ରାକୃତିକ ଡ୍ରେନ ଗୁଡିକ ଓ କାଡା କେନାଲ ପୋତି ହୋଇଯାଇଥିବାରୁ ତୁରନ୍ତ ଡ୍ରେନ ଗୁଡ଼ିକୁ ଖୋଲି ସଫା କରିବାକୁ ଡ୍ରେନେଜ୍ ଓ କାଡ଼ା ବିଭାଗୀୟ ଅଧିକାରୀଙ୍କୁ ପରାମର୍ଶ ଦେଇଥିଲେ। ଡୁବୁରୀ-ଚଣ୍ଡିଖୋଲ ଓ ଚଣ୍ଡିଖୋଲ-ପାରାଦୀପ ରାସ୍ତାକାମ ଶୀଘ୍ର ଶେଷ କରିବାକୁ ଏନ୍ଏଚଏଆଇ କର୍ତ୍ତୃପକ୍ଷଙ୍କୁ ପରାମର୍ଶ ଦେଇଥିଲେ। ବେଆଇନ ମାଙ୍କଡ଼ା ପଥର, ମହରମ ଓ ବାଲି ଚୋରି ଉପରେ ଚଢ଼ଉ କରି ଉପଯୁକ୍ତ ପଦକ୍ଷେପ ନେବାକୁ ଉପ ନିର୍ଦ୍ଦେଶକ ମାଇନର ମିନେରାଲଙ୍କୁ ନିର୍ଦ୍ଦେଶ ଦେଇଥିଲେ। ସିଜ୍ ହୋଇଥିବା ବାଲିର ଷ୍ଟାଟସ୍ ସମ୍ପର୍କରେ ପଚାରି ବୁଝିଥିଲେ। ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର, ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ର ଓ ସବ୍ ସେଣ୍ଟର୍ ଭିତ୍ତିଭୂମି କାର୍ଯ୍ୟ ଉପରେ ସମୀକ୍ଷା କରିଥିଲେ। ୨୨ଟି ସବ୍ ସେଣ୍ଟର୍ ଭଡ଼ାଘରେ ଚାଲୁ ଥିବାରୁ ଓ ମେଡିକାଲ ଷ୍ଟାଫ କ୍ୱାଟର ପାଇଁ ଡିପିଆର ପ୍ରସ୍ତୁତ କରିବାକୁ ସିଡିଏମ୍ଓଙ୍କୁ ପରାମର୍ଶ ଦେଇଥିଲେ। କୃଷି ସମ୍ପର୍କୀୟ ବିଭିନ୍ନ ଯୋଜନା ଗୁଡିକ କୃଷକ ଶିବିର ଓ ମାଇକ ଯୋଗେ ଚାଷୀଙ୍କୁ ସଚେତନ କରିବାକୁ ଜିଲ୍ଲା ମୁଖ୍ୟ କୃଷି ଅଧିକାରୀଙ୍କୁ ପରାମର୍ଶ ଦେଇଥିଲେ। ହିତାଧିକାରୀ ଚୟନ ଠିକ୍ ଭାବରେ କଲେ ଲୋକଙ୍କ ପାଖରେ ସୁଫଳ ପହଞ୍ଚିପରିବ। ଏହି ବୈଠକରେ ଉପସ୍ଥିତ ରହି ଜିଲ୍ଲାପାଳ ପି. ଅନ୍ୱେଷା ରେଡ୍ଡୀ ବଡ଼ଚଣା ନିର୍ବାଚନ ମଣ୍ଡଳୀରେ କାର୍ଯ୍ୟକାରୀ ହେଉଥିବା ବିଭିନ୍ନ ପ୍ରକଳ୍ପ ଓ ଜନ କଲ୍ୟାଣ ଯୋଜନାର ଅଗ୍ରଗତି ସମ୍ପର୍କରେ ବିଧାୟକଙ୍କୁ ଅବଗତ କରାଇଥିଲେ। ଜିଲ୍ଲାପାଳଙ୍କ ନିର୍ଦ୍ଦେଶରେ ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ଅଶୋକ କୁମାର ବେହୁରିଆ କାର୍ଯ୍ୟସୂଚୀ ଅନୁଯାୟୀ ବିଭିନ୍ନ ବିଭାଗ ସମ୍ପର୍କରେ ଆଲୋଚନା କରିଥିଲେ। ଏହି ବୈଠକରେ, କୃଷି, ସ୍ୱାସ୍ଥ୍ୟ, ଜଳସେଚନ, ମାଇନର ଇରିଗେସନ୍, ଉଠା ଜଳସେଚନ, ମିଶନ ଶକ୍ତି, ପ୍ରାଣୀ ଚିକିତ୍ସା, ଦକ୍ଷତା ବିକାଶ, ବିଦ୍ୟୁତ, ମତ୍ସ୍ୟ, ବୟନଶିଳ୍ପ, ହସ୍ତଶିଳ୍ପ, କ୍ରୀଡା, ଯୋଗାଣ, ପର୍ଯ୍ୟଟନ, ସଂସ୍କୃତି, ଜଙ୍ଗଲ, ଖଣି, ମାଇନର ମିନେରାଲ, ପରିବହନ, ନିର୍ମାଣ ଶ୍ରମିକ, ରାସ୍ତା ଓ କୋଠାବାଡ଼ି, ଗ୍ରାମ୍ୟ ଉନ୍ନୟନ ବିଭାଗରେ କାର୍ଯ୍ୟକାରୀ ହେଉଥିବା ପ୍ରକଳ୍ପ ସମ୍ପର୍କରେ ପୁଙ୍ଖାନୁପୁଙ୍ଖ ଆଲୋଚନା ହୋଇଥିଲା। ପ୍ରାରମ୍ଭରେ ଜିଲ୍ଲାପାଳ ସ୍ୱାଗତ ସୂଚନା ପ୍ରଦାନ କରିଥିଲେ। ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ଶ୍ରୀ ଶିତିକଣ୍ଠ କାନୁନଗୋ, ଉପ ନିର୍ଦ୍ଦେଶକ, ଯୋଜନା ଓ ପରିସଂଖ୍ୟାନ ସୁଶ୍ରୀ ଅର୍ଚ୍ଚିତା ଦାସ ଏବଂ ବିଭାଗୀୟ ଅଧିକାରୀମାନେ ଉପସ୍ଥିତ ରହି ଆଲୋଚନାରେ ଅଂଶଗ୍ରହଣ କରିଥିଲେ।




# ଜିଲ୍ଲାସ୍ତରୀୟ ପାଠଚକ୍ର ସମ୍ମିଳନୀ



ତିହିଡ଼ି, ୨୨।୭ (ସମିସ): ଶ୍ରୀମାଶ୍ରୀଅରବିନ୍ଦ ଦର୍ଶନର ବିଶିଷ୍ଟ ସାଧକ ସ୍ୱର୍ଗତ ଇନ୍ଦ୍ରମଣି ମହଲଙ୍କ ପୁଣ୍ୟତିଥି ଅବସରରେ ଏକ ଜିଲ୍ଲାସ୍ତରୀୟ ପାଠଚକ୍ର ସମ୍ମିଳନୀ ଦୋଳସାହିଠାରେ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲାର ବିଭିନ୍ନ ପ୍ରାନ୍ତରୁ ଶ୍ରୀଅରବିନ୍ଦଙ୍କ ଅନୁଗାମୀମାନେ ଅଂଶଗ୍ରହଣ କରିଥିଲେ। ଚେତନାର ଅଭିଯାତ୍ରାରେ ମୃତ୍ୟୁ ଏକ ପାବଚ୍ଛ ବୋଲି ବକ୍ତାମାନେ କହିବା ସହ ଖାଲି ଭଦ୍ରକ ନୁହେଁ ସମଗ୍ର ରାଜ୍ୟରେ ପାଠଚକ୍ର ଆନ୍ଦୋଳନକୁ ଗତି ପ୍ରଦାନ କରିବା କ୍ଷେତ୍ରରେ ଇନ୍ଦ୍ରମଣି ମହଲଙ୍କର ଅବଦାନ ଅବିସ୍ମରଣୀୟ ବୋଲି ମତପ୍ରକାଶ କରିଥିଲେ। ଜିଲ୍ଲା ସଂଗଠକ ପ୍ରଦୀପ ଜେନାଙ୍କ ସଂଯୋଜନା ତଥା ଦାମୋଦର ଜେନାଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ସଭାରେ ଡେପୁଟି ଜିଲାପାଳ କାର୍ତ୍ତିକ ନାଥ ମଣ୍ଡଳ, ଡ. ଗୋଲକ ବିହାରୀ ସାହୁ, ଇଂ ଅଭୟ ସୂତାର, ପ୍ରାକ୍ତନ ବ୍ଲକ ଅଧ୍ୟକ୍ଷା ବିଦ୍ୟୁତଲତା ନାୟକ, ନାରାୟଣ ଅଗସ୍ତୀ, ଗୀତାକୁମାର ପରିଡ଼ା, ଦୀନବନ୍ଧୁ ପତି, ପି. ହୃଷୀକେଶ ପ୍ରମୁଖ ବହୁ ମାତୃଭକ୍ତ ବକ୍ତବ୍ୟ ପ୍ରଦାନ କରିଥିଲେ। ମାତୃଭକ୍ତ ପ୍ରଶାନ୍ତ କୁମାର ମହଲ କୃତଜ୍ଞତା ଜଣାଇଥିଲେ। ଏହି ଅବସରରେ 'ଅବିସ୍ମରୀୟ ଇନ୍ଦ୍ରମଣି' ଶୀର୍ଷକ ଏକ ଶ୍ରଦ୍ଧାଞ୍ଜଳି ପୁସ୍ତକ ଲୋକାର୍ପିତ ହୋଇଥିଲା। କୀର୍ତ୍ତିମାଳା ବାରିକ ଓ ଅବନ୍ତୀ ପାଢ଼ୀ ପ୍ରାର୍ଥନା ଗାନ କରିଥିଲେ।

# ସଡ଼କ ସୁରକ୍ଷା ସଚେତନତା




ଭଦ୍ରକ, ୨୨।୭ (ସମିସ): ପୂର୍ବାହ୍ନ ୧୧ଟାରେ ଭଦ୍ରକ ବିଏମ୍. ବାଗୁରାଇ ହାଇସ୍କୁଲର ସମ୍ମିଳନୀ କକ୍ଷରେ ଜିଲ୍ଲାପାଳ ଦିଲୀପ ରାଉତରାଏଙ୍କ ଅଧ୍ୟକ୍ଷତାରେ ଏକ ସଡ଼କ ସୁରକ୍ଷା ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏହି ବୈଠକର ମୁଖ୍ୟ ଉଦ୍ଦେଶ୍ୟ ଥିଲା ସମସ୍ତ ଇଂରାଜୀ ମିଡିୟମ ସ୍କୁଲର ପ୍ରଧାନଶିକ୍ଷକ-ପ୍ରଧାନଶିକ୍ଷୟିତ୍ରୀଙ୍କୁ ସ୍କୁଲ ପରିସରରେ ସଡ଼କ ସୁରକ୍ଷା ନିୟମର କଠୋର ପାଳନ ବିଷୟରେ ସଚେତନ କରିବା, ନାବାଳକ ଗାଡି ଚାଳନାରେ ପ୍ରତିବନ୍ଧକ ଲଗାଇବା ଏବଂ ଅଭିଭାବକ-ଶିକ୍ଷକ ବୈଠକରେ ଛାତ୍ର ଏବଂ ଅଭିଭାବକ ଉଭୟଙ୍କୁ ସଚେତନ କରିବା। ଭଦ୍ରକ ଆରଟିଓ ରାମନିବାସ ସିର୍କା, ଜିଲ୍ଲା ଶିକ୍ଷାଧିକାରୀ ଜଗବନ୍ଧୁ ସାହୁ, ଆତିଶ ବେହେରା, ରୋଟାରିଆନ୍ ଅତିସ କୁମାର ବେହେରା ପ୍ରମୁଖ ଉପସ୍ଥିତ ଥିଲେ। ୭୦ରୁ ଅଧିକ ଇଂରାଜୀ ମିଡିୟକ ସ୍କୁଲର ପ୍ରଧାନ ଶିକ୍ଷକମାନଙ୍କୁ ସଚେତନ କରାଯାଇଥିଲା।

# ନିର୍ମଳଚନ୍ଦ୍ର ନାୟକଙ୍କ ପ୍ରଥମବାର୍ଷିକ ସ୍ମୃତିସଭା

ଭଦ୍ରକ, ୨୨।୭ (ସମିସ)

ଗୁରୁ-ଛାତ୍ରମାନଙ୍କ ଉତ୍ତମ ସହଯୋଗରେ ଆଜିର ସମାଜ ଗଠନ ହୋଇପାରିବ ଏବଂ ଅଜ୍ଞାନୀ ଅନ୍ଧକାରକୁ ଗୁରୁମାନେ ହିଁ ଦୂର କରିଦେଇପାରେ ବୋଲି ବକ୍ତାମାନେ ସ୍ୱକୀୟ ମତ ପ୍ରକାଶ କରିଥିଲେ। ଏହି ଅବସରରେ ସ୍ଥାନୀୟ ଭାଗବତ କଲ୍ୟାଣ ମଣ୍ଡପରେ ଆୟୋଜିତ ସ୍ୱର୍ଗତ ନିର୍ମଳ ଚନ୍ଦ୍ର ନାୟକଙ୍କ ପ୍ରଥମ ଶ୍ରାଦ୍ଧବାର୍ଷିକୀରେ ସ୍ମୃତି କମିଟିର ସଭାପତି ଶାନ୍ତନୁ କୁମାର ରାଉତ ଅଧ୍ୟକ୍ଷତା କରିଥିଲେ। ମଞ୍ଚାସୀନ ଅତିଥିମାନଙ୍କ ମଧ୍ୟରେ ଥିଲେ ସ୍ମୃତି କମିଟି ସମ୍ପାଦକ ତଥା ତ୍ୟାଗଭୂମିର ସଭାପତି ଅଜୟକୁମାର ନାୟକ, ମୁଖ୍ୟ ଅତିଥି ବେଦ ପୀୟୂଷର ସମ୍ପାଦକ ପଣ୍ଡିତ ବୀରେନ୍ଦ୍ର କୁମାର ପଣ୍ଡା, ମୁଖ୍ୟବକ୍ତା ଅବସରପ୍ରାପ୍ତ ଅଧ୍ୟକ୍ଷ, ଡ. ପ୍ରମୋଦ ନାୟକ ଓ ସମ୍ବର୍ଦ୍ଧିତ ପ୍ରତିଭା ପ୍ରଜ୍ଞାଦୀପ୍ତ ସଦାଶିବ ନାୟକ। ପ୍ରାରମ୍ଭରେ ସ୍ମୃତି କମିଟିର ଅନ୍ୟତମ ସଭ୍ୟ ସୁଧାକର ରାଉତ ଅତିଥିମାନଙ୍କୁ ମଞ୍ଚ ଆମନ୍ତ୍ରଣ କରିବା ପରେ ଅତିଥିମାନେ ସ୍ୱର୍ଗତ ନିର୍ମଳଚନ୍ଦ୍ର ନାୟକଙ୍କ ଫଟୋ ଚିତ୍ରରେ ମାଲ୍ୟାର୍ପଣ କରିବା ସହିତ ଧୂପ ଦୀପ ପ୍ରଜ୍ଜ୍ୱଳନ କରିଥିଲେ। ଏହି ଅବସରରେ ଭଦ୍ରକ ସତ୍ୟ ସାଇ ବିଦ୍ୟା ବିହାରର ଛାତ୍ରମାନେ ପବିତ୍ର ବେଦ ଆବୃତି କରିବା ପରେ ସ୍ମୃତି କମିଟିର ବରିଷ୍ଠ ସଭ୍ୟ ହରମୋହନଙ୍କୁ ସ୍ୱାଗତ ସମ୍ଭାଷଣ ଉପସ୍ଥାପନ କରିଥିଲେ ଓ ଶ୍ରୀ ବାବୁଲାଲ ଦାସ ଅତିଥି ପରିଚୟ ପ୍ରଦାନ କରିଥିଲେ। ସମ୍ପାଦକ ଅଜୟ ନାୟକ ସମ୍ପାଦକୀୟ ଉପସ୍ଥାପନ କରିବା ପରେ ସଦାଶିବ ନାୟକଙ୍କୁ ନିର୍ମଳ ନାୟକ ସ୍ମୃତି ସମ୍ମାନରେ ସମ୍ବର୍ଦ୍ଧିତ କରାଯାଇଥିଲା। ଅମୀୟ ବଳ ସ୍ମୃତିଚାରଣ କରିଥିଲେ। ସଭାପତିଙ୍କ ଅନୁରୋଧକ୍ରମେ ପ୍ରଥମେ ମୁଖ୍ୟବକ୍ତା ଡ. ପ୍ରମୋଦ ନାୟକ ସୁନ୍ଦର ବକ୍ତବ୍ୟ ଉପସ୍ଥାପନ କରିବା ପରେ ବକ୍ତବ୍ୟ ପ୍ରଦାନ କରିଥିଲେ ଲୋକପ୍ରିୟ ମୁଖ୍ୟଅତିଥି ବେଦବିତ୍ ପଣ୍ଡିତ ବୀରେନ୍ଦ୍ର କୁମାର ପଣ୍ଡା। ଶେଷରେ ସଭାପତିଙ୍କର ଅଭିଭାଷଣ ପରେ ଧନ୍ୟବାଦ ପ୍ରଦାନ କରିଥିଲେ ଦେବ ଜ୍ୟୋତି ନାୟକ। ଏହି କାର୍ଯ୍ୟକ୍ରମରେ ଆଦିତ୍ୟ ନାୟକ, ଜୀବନଜ୍ୟୋତି ନାୟକ, ଡ. ଗୋଲକ ଚନ୍ଦ୍ର ସାହୁ, ଡ. ମନୀନ୍ଦ୍ର ମହାନ୍ତି, ଗୀତାରାଣୀ ଆଇଚ, ଶଶଧର ନାୟକ, ମଦନମୋହନ ନାୟକ, ଗୟାଧର ପଣ୍ଡା, ସନ୍ତୋଷ ରାଉତ, ଆଶିଷ ନାୟକ, ବୈଲୋଚନ ବେହୁରିଆ ଆଦି ସଭ୍ୟମାନେ ଗୌରାଙ୍ଗ ବାରିକ ସହଯୋଗ କରିଥିଲେ।




# 'ଦୈତାରୀ ବେହେରା ସରଳ ଓ ଧର୍ମପ୍ରାଣ ଥିଲେ'




ବାସୁଦେବପୁର, ୨୨।୭ (ସମିସ): ବାସୁଦେବପୁର ପୌରପାଳିକାର ପ୍ରବୋଧପୁରର ବିଶିଷ୍ଟ ସମାଜସେବୀ ତଥା ଶିଳ୍ପପତି ଦୈତାରୀ ବେହେରାଙ୍କ ଏକଦଶାହରେ ସ୍ମୃତିଚାରଣ ସଭା ଅନୁଷ୍ଠିତ ହୋଇ ଯାଇଛି। ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ବିଜ୍ଞାନ ଓ ପ୍ରଯୁକ୍ତିବିଦ୍ୟା ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର ଯୋଗଦେଇ ଦୈତାରୀ ସ୍ମରଣିକାକୁ ଉନ୍ମୋଚନ କରିଥିଲେ। ସମ୍ମାନିତ ଅତିଥି ଭାବେ ବାସୁଦେବପୁର ବିଧାୟକ ଅଶୋକ କୁମାର ଦାସ, ଜିଲ୍ଲାପାଳ ଦିଲୀପ ରାଉତରାଏ, ପୌରପାଳିକା ଅଧ୍ୟକ୍ଷ ନିବେଦିତା ବେହେରା, ଶିଳ୍ପପତି ଶୁଭେନ୍ଦୁ ବେହେରା, ଅସିତ କୁମାର ଦାଶ, ଉଦୟ ନାରାୟଣ ମଲ୍ଲିକ, ପ୍ରାକ୍ତନ ଅଧ୍ୟକ୍ଷ ଭାଗିରଥି ପଲାଇ ଯୋଗ ଦେଇଥିଲେ। ବାସୁଦେବପୁର ଅଞ୍ଚଳର ବିଶିଷ୍ଟ ଶିଳ୍ପପତି ତଥା ସମାଜସେବୀ ସ୍ୱର୍ଗତ ଦୈତାରୀ ବେହେରା ଜଣେ ଅମାୟିକ ବ୍ୟକ୍ତି ଭାବେ ବେଶ ପରିଚିତ। ସେ ବହୁ ଅନୁଷ୍ଠାନ ସହିତ ଜଡ଼ିତ ହୋଇ ନିଜକୁ ସମାଜ ସେବାରେ ନିୟୋଜିତ କରିଛନ୍ତି। ତାଙ୍କର ସେବା ଓ ସରଳତା ଅମର କରି ରଖିବ ବୋଲି ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର କହିଥିଲେ। ଶିକ୍ଷାବିତ ଦୁଃଶାସନ ରାଉତ, ରାଷ୍ଟ୍ରପତି ପୁରସ୍କାର ପ୍ରାପ୍ତ ପଣ୍ଡିତ ଦୟାନିଧି ଦାଶ, ଶିଳ୍ପପତି ମହେଶ ଚନ୍ଦ୍ର ଦାସ ଯୋଗଦେଇ ସ୍ମୃତିଚାରଣ କରିଥିଲେ। ବାସୁଦେବପୁର ପୂର୍ବତନ ବିଧାୟକ ବିଷ୍ଣୁବ୍ରତ ରାଉତରାୟ ଯୋଗଦେଇ ଦୈତାରୀ ବେହେରାଙ୍କ ସେବା ଓ ସରଳ ବ୍ୟକ୍ତିତ୍ୱ ପାଇଁ ସମସ୍ତଙ୍କର ଆପଣାର ମଣିଷ ଥିଲେ। ତାଙ୍କର ସରଳତା, ସମାଜସେବା ଓ ଶିକ୍ଷାର ବିକାଶ ସମସ୍ତଙ୍କ ସ୍ମୃତିରେ ଅମର ହୋଇ ରହିବେ ବୋଲି କହିଥିଲେ।






ସୌମ୍ୟାଶ୍ରୀଙ୍କ ସ୍ମୃତିରେ ଭୋଗରାଇ ସୁଲତାନପୁର ପଞ୍ଚାୟତ ବାଇତପୁରସ୍ଥିତ ଖେଳ ପଡ଼ିଆଠାରେ ଆୟୋଜିତ ରାଜ୍ୟସ୍ତରୀୟ ଶ୍ରଦ୍ଧାଞ୍ଜଳି ସଭାରେ ଉପସ୍ଥିତ ବିଜେଡି ନେତୃବୃନ୍ଦ ଓ କର୍ମୀ

# ଧାନ ବିକ୍ରି ପଞ୍ଜୀକରଣରେ କଟକଣା

**ବଢୁଛି ଚାଷୀଙ୍କ ଅସନ୍ତୋଷ**

ଖଇରା,୨୨।୭ (ସମିସ)

ଚଳିତବର୍ଷ ସରକାରୀ ସ୍ତରରେ ଖରିଫ ଧାନବିକ୍ରି ପାଇଁ ପଞ୍ଜୀକରଣ କରିବାକୁ ସରକାରଙ୍କ ତରଫରୁ ବିଭିନ୍ନ ସେବା ସମବାୟ ସମିତି, ଲ୍ୟାମ୍ପ୍ସ ଓ ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀଙ୍କୁ ଚିଠି କରାଯାଇଛି। ହେଲେ ଅନଲାଇନ ପଞ୍ଜୀକରଣରେ କଟକଣାକୁ ନେଇ ଖଇରା ବ୍ଲକର ୩୭ ପଞ୍ଚାୟତ ଚାଷୀଙ୍କ ମଧ୍ୟରେ ଅସନ୍ତୋଷ କୁହୁଳୁଛି। ସରକାର ଏହି କଟକଣାକୁ ନ ଉଠାଇଲେ କିମ୍ବା ନିୟମକୁ ସରଳ ନ କଲେ ଚାଷୀମାନେ ଆନ୍ଦୋଳନକୁ ଓହ୍ଲାଇବେ ବୋଲି ୧୪ ସେବା ସମବାୟ ସମିତି ଅଧୀନରେ ଚାଷୀମାନେ ଅଭିଯୋଗ କରିଛନ୍ତି। ଚଳିତ ୨୦୨୫-୨୬ ଖରିଫ ଋତୁ ପାଇଁ ଜମି ମାଲିକଙ୍କୁ ଧାନବିକ୍ରି ପାଇଁ ମୁଖ୍ୟତଃ ଅନୁମତି ଦିଆଯାଇଥିବା ବେଳେ ମୃତ ଜମି ମାଲିକଙ୍କ କ୍ଷେତ୍ରରେ ଉତ୍ତରାଧିକାରୀ ପ୍ରମାଣପତ୍ର ମାଧ୍ୟମରେ ମାଲିକଙ୍କ ଉତ୍ତରାଧିକାରୀମାନେ ପଞ୍ଜୀକରଣ କରିପାରିବାର ବ୍ୟବସ୍ଥା କରାଯାଇଛି। ହେଲେ ଉତ୍ତରାଧିକାରୀ ପ୍ରମାଣପତ୍ର ବାହାରକରିବା ପ୍ରକ୍ରିୟା ସମୟସାପେକ୍ଷ ହୋଇଥିବା ଏବଂ ବହୁ ଉତ୍ତରାଧିକାରୀ ରାଜ୍ୟ ଓ ଦେଶ ବାହାରେ ରହୁଥିବାରୁ ପରିବାରରେ ରହୁଥିବା ଉତ୍ତରାଧିକାରୀଙ୍କୁ ଅନ୍ୟ ସମ୍ପର୍କୀୟସେମାନଙ୍କ ସମ୍ମତି ପତ୍ର ଲିଖିତ ଭାବେ ଦେବା କଷ୍ଟକର କଥା। ଏଭଳି ପରିସ୍ଥିତିରେ ଚଳିତ ବର୍ଷ ବହୁ ଚାଷୀ ଅନଲାଇନ ପଞ୍ଜୀକରଣରୁ ବଞ୍ଚିତ ହେବା ଏକପ୍ରକାର ନିଶ୍ଚିତ ହୋଇ ଯାଇଛି। ସେହିଭଳି ପଞ୍ଜୀକରଣ ଫର୍ମ ନେଇ ସମିତିକୁ ଆସୁଥିବା ବ୍ୟକ୍ତି ପ୍ରକ୍ରିୟା ଶେଷ ପର୍ଯ୍ୟନ୍ତ ଅପେକ୍ଷା କରି ପ୍ରାପ୍ତିସ୍ୱୀକାର ପତ୍ର ପାଇବା ପର୍ଯ୍ୟନ୍ତ ଅପେକ୍ଷା କରିବାକୁ ପଡିବ। ଏଣୁ ଏତେ ସଂଖ୍ୟକ ଚାଷୀଙ୍କ ପଞ୍ଜୀକରଣ ପାଇଁ କେତେ ଦିନ ସମୟ ଲାଗିବ ତାହା ସହଜରେ ଅନୁମେୟ। ହେଲେ ଚଳିତ ବର୍ଷ ଧାର୍ଯ୍ୟ ସମୟସୀମା ଜୁଲାଇ ୧୯ ତାରିଖରୁ ଫେବୃଆରୀ ୨୦ତାରିଖ ରଖାଯାଇଛି। ପୂର୍ବରୁ ସମିତି କର୍ମଚାରୀ ମାନେ ଦିନରେ ସମୟ ଅଭାବରୁ ରାତିରେ ବସି ଚାଷୀଙ୍କ ପାଖରୁ ଓଟିପି ନେଇ କୌଣସୀ ପ୍ରକାରେ ଏହି ପ୍ରକ୍ରିୟା ଶେଷ କରିଥାନ୍ତି। ହେଲେ ଏଥର ଏଭଳି କଟକଣା ସମିତି ସମ୍ପାଦକଙ୍କୁ ଚିନ୍ତାରେ ପକାଇଲାଣି। ସରକାର ଗତଥର ଅଧିକ ୮ଶହ ଟଙ୍କା ବୋନସର ସୁବିଧା ଦେଇ ଏଥର ଏଥିରୁ କିଭଳି ରକ୍ଷା ପାଇବେ ସେଥିପାଇଁ ଏହି କଟକଣା କରାଯାଇଛି ବୋଲି ନଟାପଡା ଗ୍ରାମର ଚାଷୀ ନିତ୍ୟାନନ୍ଦ ମହାନ୍ତି କହିଛନ୍ତି। ସେହିଭଳି ଅନଲାଇନ ବ୍ୟବସ୍ଥାକୁ ସରଳୀକରଣ କରାଯିବା ପରିବର୍ତ୍ତେ ଆହୁରୀ ଜଟିଳ କରାଯିବା ଚାଷୀଙ୍କ ପ୍ରତି ଉପହାସ ବୋଲି କଣ୍ଟିଗଡିଆ ଗ୍ରାମର ଚାଷୀ ଅଜୟ ଓଝା କହିଛନ୍ତି। ସରକାର ଚାଷୀଙ୍କ ଉପରେ ଅଯଥା ବୋଝ ନ ଲଦି ସେମାନଙ୍କ ହିତକୁ ଦୃଷ୍ଟିରେ ରଖି ନିୟମ କରାଯିବା ଆବଶ୍ୟକ। ଅବଶ୍ୟ ଯୋଗାଣ ମନ୍ତ୍ରୀ କୋହଳ କରିବା ଉପରେ ସୂଚନା ଦେଇଥିବାରୁ ଚାଷୀମାନଙ୍କୁ ହଇରାଣ ହେବାକୁ ପଡିବ ନାହିଁ ବୋଲି ଚକ ଗ୍ରାମର ଚାଷୀ ପ୍ରଫୁଲ୍ଲ କୁମାର ସାହୁ କହିଛନ୍ତି।

# ବାବା ନିଖିରେଶ୍ୱର ଶୈବପୀଠରେ ଶତାଧିକ କାଉଡ଼ିଆଙ୍କ ଜଳାଭିଷେକ



କାଳିପଦା, ୨୨।୭ (ସମିସ): ବାଲିଆପାଳ ବ୍ଲକର ସର୍ବପୁରାତନ ନିଖିରା ଗ୍ରାମରେ ଅବସ୍ଥିତ ସ୍ୱୟମ୍ଭୁ ବାବା ନିଖିରେଶ୍ୱର ଶୈବପୀଠରେ ଶ୍ରାବଣ ମାସର ଦ୍ୱିତୀୟ ସୋମବାର ଅବସରରେ ଶହ ଶହ ମାନସିକ ଧାରୀ ଶ୍ରଦ୍ଧାଳୁ ମହାଦେବଙ୍କ ନିକଟରେ ଜଳଲାଗି କରିଛନ୍ତି । ପୁଣ୍ୟ ଅର୍ଜନ ପାଇଁ ବଡ଼ି ଭୋରରୁ ବହୁ ଶ୍ରଦ୍ଧାଳୁ ମହିଳା, ପୁରୁଷ, କୁନି ଭକ୍ତ ପୂଣ୍ୟତୋୟା ସୁବର୍ଣ୍ଣରେଖା ନଦୀ ଠାରେ ପହଞ୍ଚିଥିଲେ। ସେଠାରେ ପୂଜାର୍ଚ୍ଚନା କରି ସୁବର୍ଣ୍ଣରେଖା ନଦୀରୁ ପାଣି ଭାର ଉଠାଇ ବାବା ନିଖିରେଶ୍ୱରଙ୍କ ନାମ ନେଇ ମନ୍ଦିର ନିକଟରେ ପହଞ୍ଚି ମନ୍ଦିରର ଚାରିପଟେ ପରିକ୍ରମା କରିଥିଲେ। ଏହା ପରେ ସମସ୍ତେ ଶାନ୍ତି ଶୃଙ୍ଖଳାର ସହ ଧାଡ଼ିରେ ଯାଇ ମନ୍ଦିର ଭିତରକୁ ପ୍ରବେଶ କରି ବାବାଙ୍କ ନିକଟରେ ଜଳାଭିଷେକ କରିଥିଲେ। ଜୟବାବା ନିଖିରେଶ୍ୱର ଓ ହର ହର ମହାଦେବ ଧ୍ୱନିରେ ସମଗ୍ର ମନ୍ଦିର ପରିସର ପ୍ରକମ୍ପିତ ହୋଇ ଉଠିଥିଲା। ବାବା ନିଖିରେଶ୍ୱରଙ୍କୁ ଯିଏ ବି ଜଳଲାଗି କରିବେ ତାଙ୍କ ମନସ୍କାମନା ପୂରଣ ହୁଏ ବୋଲି ଶ୍ରଦ୍ଧାଳୁ କାଉଡ଼ି ଭକ୍ତ କହିଛନ୍ତି। ବାବା ନିଖିରେଶ୍ୱର ମନ୍ଦିର କମିଟି ପକ୍ଷରୁ ଜଳାଭିଷେକ କାର୍ଯ୍ୟକ୍ରମ ପାଇଁ ସମସ୍ତ ବ୍ୟବସ୍ଥା ଗ୍ରହଣ କରାଯାଇଥିଲା।

## ପୋଖରୀରେ ପଡ଼ି ବୃଦ୍ଧ ମୃତ

ଜଳେଶ୍ୱର ବ୍ଲକ, ୨୨।୭ (ସମିସ) : ସକାଳେ ପୋଖରୀକୁ ଶୌଚ ହେବାକୁ ଯାଇ ପୋଖରୀରେ ପଡ଼ି ବୃଦ୍ଧଙ୍କ ମୃତ୍ୟୁ ଘଟିଛି। ରାଇବଣିଆ ଥାନା ଅନ୍ତର୍ଗତ କାଳିକ ଗ୍ରାମ ପଞ୍ଚାୟତର ତେନ୍ତୁଳା ଗ୍ରାମର ୮୦ ବର୍ଷୀୟ ବୃଦ୍ଧ ଜଗନ୍ନାଥ ବିନ୍ଧାଣି ରବିବାର ସକାଳେ ଗାଁ ପାଖ ପୋଖରୀ ନିକଟକୁ ଝାଡ଼ା ପାଇଁ ଯାଇ ଆଉ ଘରକୁ ଫେରି ନ ଥିଲେ। ଘରକୁ ନ ଫେରିବାରୁ ପରିବାର ଲୋକେ ଖୋଜାଖୋଜି କରି ପାଇ ନ ଥିଲେ। ଦିନ ୧୧ ଟା ସମୟରେ ବିଲରେ କାମ କରୁଥିବା ଲୋକେ ପୋଖରୀ ଆଡ଼ିକୁ ମୁଢ଼ି ଖାଇବା ପାଇଁ ଆସି ଦେଖିଲେ ଆଡ଼ି ପାଖରେ ବୃଦ୍ଧର ଗୋଡ଼ ପାଣି ଉପରକୁ ଦେଖା ଯାଉଛି। ସଙ୍ଗେ ସଙ୍ଗେ ବୃଦ୍ଧକୁ ଉଦ୍ଧାର କରିବା ସହ ପରିବାର ଲୋକେ ଜଳେଶ୍ୱର ଜିକେ ଭଟ୍ଟର ହସପିଟାଲ ନେଇ ଯାଇଥିଲେ। ଡାକ୍ତର ସେଠାରେ ତାଙ୍କୁ ମୃତ ଘୋଷଣା କରିବା ପରେ ଶବ ବ୍ୟବଚ୍ଛେଦ ହୋଇଥିଲା। ପୁଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରିଛି।

## ସମୁଦ୍ରରେ ଭାସିଗଲେ ପର୍ଯ୍ୟଟକ, ମୃତଦେହ ଉଦ୍ଧାର

ଚନ୍ଦନେଶ୍ୱର,୨୨।୭ (ସମିସ): ଦୀଘା ସମୁଦ୍ରରେ ଭାସି ଗଲେ ପର୍ଯ୍ୟଟକ। ଗାଧୋଇବା ପାଇଁ ଯାଇଥିବା ବେଳେ ଭାସି ଯାଇଥିବା ସୂଚନା। ସ୍ଥାନୀୟ ପୋଲିସ କର୍ମଚାରୀ ଓ ଅଗ୍ନିଶମ ବିଭାଗ ଖୋଜା ଖୋଜି ଜାରି ରଖିଛି। ଗତକାଲି ଅପରାହ୍ଣରେ ସମୁଦ୍ରର ଉଚ୍ଚ ଲହରୀ ଦେଖି ପର୍ଯ୍ୟଟକ ମାନେ ମଜା ନେଉଥିବା ବେଳେ କିଛି ପର୍ଯ୍ୟଟକ ଗାଧୋଇବା ପାଇଁ ସମୁଦ୍ରକୁ ଓହ୍ଲାଇ ଥିଲେ। ସମୁଦ୍ରର ଉଚ୍ଚ ଲହରୀରେ ଭାସି ଯାଇଛନ୍ତି ଜଣେ ଯୁବକ। ଯୁବକ ଜଣକ ହେଲେ ପଶ୍ଚିମବଙ୍ଗ ତାରକେଶ୍ୱର ଅଞ୍ଚଳର ସପନ ମଲ୍ଲିକ (୩୯)। ସେ ଏକ ଘରୋଇ ସଂସ୍ଥାର କର୍ମଚାରୀ। ଦୁଇ ଦିନ ପୂର୍ବରୁ ସେ ଦୀଘା ମୋହନା ଥାନା ଅନ୍ତର୍ଗତ ଉତ୍ତର ଖଦାଳ ଗୋବ୍ରା ଠକ୍ଷରେ ତାଙ୍କ ସମ୍ପର୍କୀୟଙ୍କ ଘରକୁ କୌଣସି ଏକ କାର୍ଯ୍ୟ ପାଇଁ ଆସିଥିଲେ। ତେବେ ସମୁଦ୍ରରେ ଏଭଳି ଘଟଣା ପରଠାରୁ, ଦୀଘା ମୋହନା ଉପକୂଳ ପୋଲିସ ଷ୍ଟେସନର ଉଦ୍ଧାରକାରୀ ଦଳ ନିଖୋଜ ଯୁବକଙ୍କୁ ଖୋଜିବା ପାଇଁ ସମୁଦ୍ରରେ ଖୋଜାଖୋଜି ଜାରି ରଖିଥିଲେ ମାତ୍ର ଆଜି ମଙ୍ଗଳବାର ଚାରିଟାରେ ଦିଘା ଜଗନ୍ନାଥ ଘାଟ ଠାରେ ପୁଲିସ ମୃତ ଦେହକୁ ଉଦ୍ଧାର କରିଥିବା ଜଣାପଡିଛି।

## ସ୍ୱର୍ଣ୍ଣଚୂଡ଼ କଲେଜରୁ ନାଗ ଉଦ୍ଧାର

ନୀଳଗିରି, ୨୨।୭ (ସମିସ): ମିତ୍ରପୁରସ୍ଥିତ ସ୍ୱର୍ଣ୍ଣଚୂଡ ମହାବିଦ୍ୟାଳୟରୁ ଏକ ୫ଫୁଟ ଲମ୍ବର ନାଗ ସାପ ଉଦ୍ଧାର କରାଯାଇଛି। ସାପଟିକୁ ଉକ୍ତ କଲେଜର ଅଧ୍ୟାପକ ମାନେ କଲେଜ ସମ୍ମୁଖରେ ଦେଖିବାକୁ ପାଇଥିଲେ ଏବଂ ସାପଟି କଲେଜ ସମ୍ମୁଖରୁ ଯାଇ କଡରେ ଥିବା କିଛି ପଟା ତଳେ ପଶିଯାଇଥିଲା। ଏହା ଦେଖି କଲେଜ ଅଧ୍ୟାପକ ମାନେ ସାପଟି ପଢୁଥିବା ପିଲା ମାନଙ୍କ ପାଇଁ ବିପଦ ସାଜି ପାରେ ଭାବି ସ୍ନେକ୍ ହେଲ୍ପଲାଇନକୁ ଖବର ଦେଇଥିଲେ। ସ୍ନେକ୍ ହେଲ୍ପଲାଇନ ସଦସ୍ୟ ହରେକୃଷ୍ଣ ରାଉତ ଘଟଣା ସ୍ଥଳରେ ପହଞ୍ଚି ସାପଟିକୁ ସୁରକ୍ଷିତ ଭାବେ ଉଦ୍ଧାର କରି ନିକଟସ୍ଥ ଜଙ୍ଗଲରେ ଛାଡିଦେଇଛନ୍ତି।



## ସାମୁହିକ ବାତଜ୍ୱର ଔଷଧ ସେବନ ସଚେତନତା କର୍ମଶାଳା



ବାଲିଆପାଳ, ୨୨।୭ (ସମିସ): ସାମୁହିକ ବାତଜ୍ୱର ଔଷଧ ସେବନ ସଚେତନତା କର୍ମଶାଳା ଆଜି ବାଲିଆପାଳ ବ୍ଲକ ଅନ୍ତର୍ଗତ ଲକ୍ଷ୍ମୀପ୍ରିୟା ମହିଳା ମହାବିଦ୍ୟାଳୟ ଏବଂ ଲକ୍ଷ୍ମୀପ୍ରିୟା ମହିଳା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଅନୁଷ୍ଠିତ ହୋଇଯାଇଛି। ଏହି ସଚେତନତା କର୍ମଶାଳାରେ ବିଦ୍ୟାଳୟର ଅଧ୍ୟକ୍ଷା ସୁଦିପ୍ତା ବିଶ୍ୱାଳ ଅଧ୍ୟକ୍ଷତା କରିଥିଲେ। ବାତଜ୍ୱର ବା ଫାଇଲେରିଆ ରୋଗର କୀଟାଣୁ (ବ୍ରୋଜିଆ ମାଲାଇ) ବାଲିଆପାଳ ବ୍ଲକ ବେତଗଡିଆ ଗ୍ରାମ ପଞ୍ଚାୟତର ନାରାୟଣପୁର ଏବଂ ମଧୁପୁରା ପଞ୍ଚାୟତର ପଞ୍ଚୁରୁଖି ଗ୍ରାମରେ ଦେଖାଯାଇଛି। ଯାହାକି ଭାରତ ବର୍ଷର ଅନ୍ୟ କୌଣସି ସ୍ଥାନରେ ମାଇକ୍ରୋ ଫାଇଲେରିଆର ଏହି କୀଟାଣୁ ଦେଖାଯାନ୍ତି ନାହିଁ। ସେଥିପାଇଁ କେନ୍ଦ୍ର ସରକାରଙ୍କ ନିର୍ଦ୍ଦେଶରେ ରାଜ୍ୟ ସରକାରଙ୍କ ସହଯୋଗରେ ଜିଲ୍ଲା ସ୍ୱାସ୍ଥ୍ୟ ବିଭାଗ ଏବଂ ବାଲିଆପାଳ ବ୍ଲକ ସ୍ୱାସ୍ଥ୍ୟ ବିଭାଗର ମିଳିତ ପ୍ରଚେଷ୍ଟାରେ ବାଲିଆପାଳ ବ୍ଲକର ସମସ୍ତ ୨୮ଟି ପଞ୍ଚାୟତର ସମସ୍ତ ଦୁଇ ବର୍ଷରୁ ଉର୍ଦ୍ଧର ବୟସ୍କ ମାନଙ୍କୁ ଆସନ୍ତା ଅଗଷ୍ଟ ମାସ ୧୦ତାରିଖରୁ ୧୯ତାରିଖ ପର୍ଯ୍ୟନ୍ତ ବାତଜ୍ୱର ବା ଫାଇଲେରିଆ ରୋଗର ଔଷଧ ସେବନ କରିବା ପାଇଁ ଜନସାଧାରଣଙ୍କୁ ସଚେତନ କରାଯାଉଅଛି। ଏହି ପରିପ୍ରେକ୍ଷୀରେ ଆଜି ବାଲିଆପାଳ ବ୍ଲକର ଏକମାତ୍ର ମହିଳା ମହାବିଦ୍ୟାଳୟ ଓ ମହିଳା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଏକ ସଚେତନତା କର୍ମଶାଳା ଅନୁଷ୍ଠିତ ହୋଇଥିଲା। ଏହି କର୍ମଶାଳାରେ ବାଲିଆପାଳ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ସୁପରଭାଇଜର ରମାନାଥ କର ଏବଂ ସୋସିଆଲ ମୋବିଲାଇଜର ପ୍ରତାପ କୁମାର ପାତ୍ର ଯୋଗଦେଇ ରୋଗର ଭୟାବହତା, ରୋଗର ଲକ୍ଷଣ, ରୋଗ ବ୍ୟାପିବାର ମାଧ୍ୟମ ଏବଂ ଏହି ରୋଗକୁ ରୋକିବାର ଉପାୟ ସମ୍ପର୍କରେ ଉପସ୍ଥିତ ୩୦୦ଶହରୁ ଅଧିକ ଛାତ୍ରୀ ତଥା ଅଧ୍ୟାପକ, ଅଧ୍ୟାପିକା ଏବଂ କର୍ମଚାରୀ ମାନଙ୍କୁ ସଚେତନ କରାଇଥିଲେ। କର୍ମଶାଳା ପ୍ରାରମ୍ଭରେ ଅଧ୍ୟାପକ ରମେଶ ଚନ୍ଦ୍ର ପଣ୍ଡା ପ୍ରାରମ୍ଭିକ ସୂଚନା ପ୍ରଦାନ କରିଥିଲେ। କର୍ମଶାଳା ଶେଷରେ ଅଧ୍ୟାପକ ରାଜେନ୍ଦ୍ର ବାରିକ ଧନ୍ୟବାଦ ଦେଇଥିଲେ।

## ଛାତ୍ର କଂଗ୍ରେସ ପକ୍ଷରୁ ସହଦେବଖୁଣ୍ଟା ଥାନାରେ ଏତଲା



ବାଲେଶ୍ୱର,୨୨।୭ (ସମିସ): ବିଜେପି ଯୁବମୋର୍ଚ୍ଚା ସଭାପତି ଅଭିଲାଶ ପଣ୍ଡା ଏକ ସାମ୍ବାଦିକ ସମ୍ମିଳନୀରେ କଂଗ୍ରେସ ଦଳକୁ ବଳାତ୍କାରୀ ଦଳ ଏବଂ କଂଗ୍ରେସର ନେତା ରାହୁଲ ଗାନ୍ଧୀଙ୍କୁ ଦେଶଦ୍ରୋହୀ ମନ୍ତବ୍ୟକୁ ବିରୋଧ କରି ଛାତ୍ର କଂଗ୍ରେସ ଓ କଂଗ୍ରେସ ପକ୍ଷରୁ ସହଦେବଖୁଣ୍ଟା ଥାନାରେ ଅଭିଲାଶ ପଣ୍ଡାଙ୍କ ନାମରେ ଆଜି ଏତଲା ଦିଆଯାଇଛି। ଏହି ସମୟରେ ଛାତ୍ର କଂଗ୍ରେସ ରାଜ୍ୟ ଉପ ସଭାପତି ଗୌତମ ସାହୁ, କଂଗ୍ରେସ ଯୁବ ନେତା ସରୋଜ କୁମାର ଲେଙ୍କା, ଜିଲ୍ଲା ସଧାରଣ ସମ୍ପାଦକ ଦେବଦତ୍ତ ଦାସ, କଂଗ୍ରେସ ଯୁବ ନେତା ସ୍ମାରକ ଦାସ, ଶ୍ରୀକାନ୍ତ ବୁଗୁଡାଇ, ଯୁବ କଂଗ୍ରେସ ସଦର ସଭାପତି ଜୀବନ ମହାପାତ୍ର, ଛାତ୍ର ନେତା ଆଲୋକ ମାଝୀ, ରାଧାକାନ୍ତ ସାହୁ ଓ ଜଗନ୍ନାଥ ମହାପାତ୍ର ଉପସ୍ଥିତ ରହି ସହଦେବଖୁଣ୍ଟା ଥାନା ଅଧିକାରୀଙ୍କୁ ଲିଖିତ ଏତଲା ପ୍ରଦାନ କରିଛନ୍ତି।

## ବସ୍ତା ବ୍ଲକ ପରିସରରେ ଗୋମାଂସ, ଉତ୍ତେଜନା

ରାଜଘାଟ, ୨୨।୭ (ସମିସ): କଟା ଗୋମାଂସ ବସ୍ତା ବ୍ଲକ ପରିସରରେ ପଡି ଥିବାରୁ ଉତ୍ତେଜନା ପ୍ରକାଶ ପାଇଛି। ମଙ୍ଗଳବାର ବସ୍ତା ବ୍ଲକର ଗ୍ରାମ ପଞ୍ଚାୟତ ଅଧିକାରୀ ,ବ୍ଲକ ମତ୍ସ୍ୟ ସମ୍ପ୍ରସାରଣ ଅଧିକାରୀ, ମିଶନ ଶକ୍ତି ସମେତ ବିଭିନ୍ନ ଅଫିସ ଥିବା ଏହାର ବାରଣ୍ଡାରେ ଏଭଳି ଗୋମାଂସ ପକାଇ ଉତ୍ତେଜନା ସୃଷ୍ଟି ପାଇଁ ଉଦ୍ୟମ ହୋଇଛି। ଏଭଳି ମାଂସ ଖଣ୍ଡ ଦୀର୍ଘ ସମୟ ଧରି ପଡି ଥିଲେ ହେଁ ତାହାକୁ ଉଠାଇ ବାହାରକୁ ଫିଙ୍ଗା ଯାଇନଥିଲା। ବ୍ଲକ ପାଖରେ ଭିନ୍ନ ସମ୍ପ୍ରଦାୟର ଗାଁ ଥିବାରୁ ଉତ୍ତେଜନା ସୃଷ୍ଟି ଉଦ୍ୟମ ହୋଇଛି ବୋଲି ସରପଂଚ ରାଧାକୃଷ୍ଣ ବେହେରା, ବିପିନ ବିଶ୍ୱାଳ, ସୂର୍ଯ୍ୟ ନାରାୟଣ ସାହୁ, ମିହିର ରଞ୍ଜନ ବେହେରା, ଦେବାଶିଷ କବି ପ୍ରମୁଖ ଅଭିଯୋଗ କରିଛନ୍ତି।

## କଲେଜ ଅଧ୍ୟକ୍ଷଙ୍କ ବାଇକ ଡିକି ଭାଙ୍ଗି ଟଙ୍କା ଲୁଟ୍

ସୋର,୨୨।୭ (ସମିସ) : ସୋର ଥାନା ୧୬ ନମ୍ବର ଜାତୀୟ ରାଜପଥ ଚଡକମରା ଛକ ନିକଟରୁ ତଳନଗର କଲେଜ ଅଧ୍ୟକ୍ଷଙ୍କ ବାଇକ ଡିକି ଭାଙ୍ଗି ଦୁର୍ବୃର୍ତ୍ତ ମାନେ ୨ଲକ୍ଷ ୪୫ ହଜାର ଟଙ୍କା ଲୁଟିନେଇଥିବା ଜଣାପଡିଛି। ଏନେଇ ସୋର ଥାନାରେ ଅଭିଯୋଗ ହେବା ପରେ ପୁଲିସ ଘଟଣାର ତଦନ୍ତ ଆରମ୍ଭ କରିଛି। ଅଭିଯୋଗ ଅନୁସାରେ ଆଜି ମଧ୍ୟାହ୍ନରେ ତଳନଗର କଲେଜର ଅଧକ୍ଷ ଓ ଜଣେ ଅଧ୍ୟାପକ ଜାମୁଝାଡ଼ି ଷ୍ଟେଟବ୍ୟାଙ୍କରୁ ୨ ଲକ୍ଷ ୪୫ ହଜାର ଟଙ୍କା ଉଠାଣ କରି କଲେଜ ଅଭିମୁଖେ ଫେରୁଥିଲେ। ଏହି ସମୟରେ ଅଧିକ ଖରା କାରଣରୁ ଚଡକମରା ଛକ ନିକଟରେ ବାଇକଟିକୁ ରଖି ଗଛ ମୂଳେ ଛିଡା ହୋଇଥିବା ବେଳେ ଦୁଇଜଣ ଦୁର୍ବୃତ୍ତ ଏକ ବାଇକରେ ଆସି ଅଧକ୍ଷଙ୍କ ବାଇକ ଡିକି ଭାଙ୍ଗି ଉକ୍ତ ଟଙ୍କା ସମେତ ଚେକ ବୁକ ଓ ଷ୍ଟାମ୍ପ ଥିବା ବ୍ୟାଗ ନେଇ ଫେରାର ହୋଇଯାଇଥିଲେ। ଏନେଇ ଅଧକ୍ଷ ସୋର ଥାନାରେ ଅଭିଯୋଗ କରିବା ପରେ ପୁଲିସ ଘଟଣାର ତଦନ୍ତ ଆରମ୍ଭ କରିଛି।

## କଂଗ୍ରେସ ନେତାଙ୍କ କୁଶପୁତ୍ତଳିକା ଦାହ

ନୀଳଗିରି, ୨୨।୭(ସମିସ): ଦୁଷ୍କର୍ମ ଅଭିଯୋଗରେ ଛାତ୍ର କଂଗ୍ରେସ ରାଜ୍ୟ ସଭାପତି ଉଦିତ ପ୍ରଧାନ ଗିରଫ ହୋଇଛନ୍ତି। ଏହି ପ୍ରତିବାଦରେ ଆଜି ଭାରତୀୟ ଜନତା ଯୁବମୋର୍ଚ୍ଚା ନୀଳଗିରି ତରଫରୁ କଂଗ୍ରେସର ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀ, ରାଜ୍ୟ କଂଗ୍ରେସ ସଭାପତି ଭକ୍ତ ଚରଣ ଦାସ ଓ ରାଜ୍ୟ ଛାତ୍ର କଂଗ୍ରେସ ସଭାପତି ଉଦିତ ପ୍ରଧାନଙ୍କ କୁଶପୁତ୍ତଳିକାକୁ ଦୁର୍ଗା ମଣ୍ଡପଠାରେ ଦାହ କରାଯାଇଅଛି । ଏହି ସମୟରେ ଜିଲ୍ଲା ଯୁବ ମୋର୍ଚ୍ଚା ଉପସଭାପତି ଦେବାଶିଷ ଆଚାର୍ଯ୍ୟ, ନୀଳଗିରି ନଗର ସଭାପତି ସୂର୍ଯ୍ୟକାନ୍ତ ବିଶ୍ୱାଳ, ବିଜେପି ଜିଲ୍ଲା ସମ୍ପାଦକ ସମର ଶଙ୍କର କାନୁନଗୋ, ଶୁଭ୍ରାଂଶୁ ନନ୍ଦ, ଗୋପୀବଲ୍ଲଭ ରାଉତ, ମହାପାତ୍ର, ଆନନ୍ଦ ମିଶ୍ର, ଚନ୍ଦ୍ରଶେଖର ମହାଳିକ, ପରେଶ ପରିଡା, ଜୟନ୍ତ ପାତ୍ର, ଅଜିତ, ମିଣ୍ଟୁ, ଦିବ୍ୟଯୋତି, ଶ୍ରୀଜିତ, ଆଲୋକ ପ୍ରମୁଖ ଉପସ୍ଥିତ ଥିଲେ।

## ପୋଲକୁ ଧକ୍କା ଦେଲା ଟ୍ରକ୍



ରାଜଘାଟ, ୨୨।୭ (ସମିସ): ବସ୍ତା ଥାନା ୧୬ ନମ୍ବର ଜାତୀୟ ରାଜପଥର ରାଜଘାଟ ନିକଟରେ ଏକ ପୋଲକୁ ଧକ୍କା ଦେଇ ଟ୍ରକଟିଏ ଦୁର୍ଘଟଣାଗ୍ରସ୍ତ ହୋଇଛି। ଆନ୍ଧ୍ରପ୍ରଦେଶରୁ ମାଛ ଭର୍ତ୍ତି କରି ପଶ୍ଚିମବଙ୍ଗ ମୁହାଁ ଯାଉଥିବା ଟ୍ରକ ଭାରସାମ୍ୟ ହରାଇ ସୁବର୍ଣ୍ଣରେଖା ନଦୀର ରାଜଘାଟ ନିକଟ ପୋଲକୁ ଧକ୍କା ଦେଇଥିଲା। ଘଟଣା ସ୍ଥଳରେ ଚାଳକ ଓ ଖଲାସୀ ଅଳ୍ପକେ ବର୍ତ୍ତିଯାଇଥିବା ବେଳେ ଟ୍ରକଟିର ଖଲାସି ପାଶ୍ୱର୍ଟି ସମ୍ପୂର୍ଣ୍ଣ ରୂପେ ଭାଙ୍ଗିରୁଜି ଚୁରମାର୍ ହୋଇଯାଇଥିଲା। ଖବର ପାଇ ଜାତୀୟ ରାଜପଥ ପହରା ପୁଲିସ ପହଞ୍ଚି ଅମର୍ଦ୍ଦାରୋଡ ଫାଣ୍ଡି ଅଧିକାରୀଙ୍କୁ ଘଟଣା ସମ୍ପର୍କରେ ଅବଗତ କରାଇଥିଲେ। ଫାଣ୍ଡି ଅଧିକାରୀ ବିଜୟ କୁମାର ବାରିକ ପହଞ୍ଚି ଘଟଣାର ଅଧିକ ତଦନ୍ତ ଜାରିରଖିଛନ୍ତି।

## ବିଦ୍ୟାଳୟରେ ୧୨ ଜଣ ଛାତ୍ରୀ ହେଲେ ସଂଜ୍ଞାହୀନ



ରୂପସା/ରାଜଘାଟ, ୨୨।୭ (ସମିସ): ସଦର ବ୍ଲକ ରୂପସାସ୍ଥିତ କସିପଦା ହାଇସ୍କୁଲ ରେ ୧୨ ଜଣ ଛାତ୍ରୀ ହେଲେ ସଂଜ୍ଞାହୀନ। ସେମାନଙ୍କୁ ସ୍ଥାନୀୟ ମେଡ଼ିକାଲରେ ଭର୍ତ୍ତି କରାଯାଇଛି। ପ୍ରବଳ ଗରମ ଓ ଗୁଳୁଗୁଳି ଯୋଗୁଁ ଅଂଶୁଘାତ ହୋଇଥିବା ଆଶଙ୍କା କରାଯାଉଛି। ରୂପସାସ୍ଥିତ କସିପଦା ପଞ୍ଚାୟତ ହାଇସ୍କୁଲରେ ଆଜି ମଧ୍ୟାହ୍ନ ସମୟରେ ୧୦ମ ଶ୍ରେଣୀର ୧୨ ଜଣ ଛାତ୍ରୀ ହଠାତ୍ ସଂଜ୍ଞାହୀନ ହୋଇ ପଡ଼ିଥିଲେ। ସ୍କୁଲର ଶିକ୍ଷକ ଏବଂ ପରିଚାଳନା କମିଟି ସଦସ୍ୟ ମାନେ ସମସ୍ତ ପିଲାଙ୍କୁ ରୂପସା ଡାକ୍ତରଖାନା ଭର୍ତ୍ତି କରିଥିଲେ। ଦଶମ ଶ୍ରେଣୀ କ୍ଲାସ ରୁ ବିଦ୍ୟାଳୟ ର ଉପର ମହଲାରେ ହୋଇଥିବା ବେଳେ ୯୦ରୁ ଅଧିକ ଛାତ୍ରଛାତ୍ରୀ ରହିଛନ୍ତି। ଆଜି ପ୍ରବଳ ଗରମ ଏବଂ ଗୁଳୁଗୁଳି ଯୋଗୁଁ କ୍ଲାସରୁମ ଭେଣ୍ଟିଲେସର ସମସ୍ୟା କାରଣରୁ ଅଂଶୁଘାତ ହୋଇଥିବା ଅନୁମାନ କରା ଯାଉଛି। ବର୍ତ୍ତମାନ ସମସ୍ତ ଛାତ୍ରୀ ସୁସ୍ଥ ହୋଇ ଘରକୁ ଫେରିଥିବା ସିଆରସିସି ଜୟଶ୍ରୀ ପ୍ରମାଣିକ ସୂଚନା ଦେଇଛନ୍ତି।

# ରାଜ୍ୟ ରାଜପଥରେ ଗାତ ଖୋଳାକୁ ନେଇ ଅସନ୍ତୋଷ

**ଥାନାରେ ଏତଲା ଦେଲା ପୂର୍ତ୍ତ ବିଭାଗ**



ଚନ୍ଦନେଶ୍ୱର,୨୨।୭ (ସମିସ)

ବାଲେଶ୍ୱର ଜିଲ୍ଲା ଭୋଗରାଇ ବ୍ଲକର ୫୭ ନଂ ରାଜ୍ୟ ରାଜପଥର ଚନ୍ଦନେଶ୍ୱର ଠାରୁ ବାଡ଼ସରିସା, ଥାନା ଛକଠାରୁ ମାନକୁଣ୍ଡା ଏପରି ଭୋଗରାଇ ହାଟ ଠାରୁ ଭୂଷଣ୍ଡେଶ୍ୱର ମନ୍ଦିର ପର୍ଯ୍ୟନ୍ତ ଭୂତଳ ବିଦ୍ୟୁତ ତାର ସଂଯୋଗ ପାଇଁ ବିଦ୍ୟୁତ ବିଭାଗର ଠିକା ସଂସ୍ଥା ଦ୍ୱାରା ଦୀର୍ଘଦିନ ଧରି ବିଦ୍ୟୁତ ତାର ସଂଯୋଗ ଆଳରେ ମୁଖ୍ୟ ରାସ୍ତାରେ ଗାତ ଖୋଳା ଚାଲିଛି। ଗୋଟିଏ ବର୍ଷ ପୂର୍ବରୁ କୋଟି କୋଟି ଟଙ୍କା ବ୍ୟୟରେ ନିର୍ମିତ ହୋଇଥିବା ଚନ୍ଦନେଶ୍ୱର, ସାହାବାଜିପୁର ରାସ୍ତାକୁ ଖୋଳି ପକାଇବା ଘଟଣାକୁ କେନ୍ଦ୍ରକରି କମର୍ଦ୍ଦା ପୂର୍ତ୍ତ ବିଭାଗର କନିଷ୍ଠ ଯନ୍ତ୍ରୀ ଅନିଲ କୁମାର ଦାସ ବିଦ୍ୟୁତ ବିଭାଗର ଠିକା ସଂସ୍ଥା ଉପରେ ଭୋଗରାଇ ଥାନା ଏବଂ ତାଳସାରୀ ସାମୁଦ୍ରିକ ଥାନାରେ ଏକ ଲିଖିତ ଅଭିଯୋଗ ଦାଖଲ କରିଥିବା ପ୍ରକାଶ କରିଛନ୍ତି । ଏ ବିଷୟରେ ବିଦ୍ୟୁତ ବିଭାଗର ଜଳେଶ୍ୱର କାର୍ଯ୍ୟନିର୍ବାହୀ ଅଧିକାରୀ ରଶ୍ମି ରଞ୍ଜନ ରାଉତଙ୍କୁ ପଚାରିବାରୁ ତାଙ୍କ ପାଖରେ କୌଣସି ତଥ୍ୟ ନ ଥିବା ପ୍ରକାଶ କରିଛନ୍ତି । ଠିକା ସଂସ୍ଥା ଖାମଖିଆଲି ଭାବେ ରାସ୍ତା ଖୋଳିବା କାର୍ଯ୍ୟକୁ ସାଧାରଣ ଲୋକେ ନାପସନ୍ଦ କରିଛନ୍ତି।

# ଛାତ୍ରଛାତ୍ରୀଙ୍କୁ କ୍ରାଇମବ୍ରାଞ୍ଚର ମାରାଥନ୍ ଜେରା

ବାଲେଶ୍ୱର,୨୨।୭(ସମିସ): ଫକୀରମୋହନ ସ୍ୱୟଂଶାସିତ ମହାବିଦ୍ୟାଳୟର ଛାତ୍ରୀ ସୌମ୍ୟାଶ୍ରୀ ବିଶିଙ୍କ ଆତ୍ମଦାହ ଘଟଣାରେ କ୍ରାଇମବ୍ରାଞ୍ଚ ଟିମ୍ ତଦନ୍ତ ଜାରି ରଖିଛି। ଏହି ଟିମ ଏକାଧିକ ଛାତ୍ରଛାତ୍ରୀଙ୍କୁ ପଚରାଉଚରା କରୁଥିବା ବେଳେ ସେମାନଙ୍କ ମୋବାଇଲକୁ ଜବତ କରିଥିବାବେଳେ ବାହାରକୁ ନ ଯିବା ପାଇଁ କଡା ନିର୍ଦ୍ଦେଶ ମଧ ଦେଇଛି। ବିଶେଷ କରି ଅଧ୍ୟକ୍ଷଙ୍କ ବିରୋଧରେ ପ୍ରଦର୍ଶନ ପାଇଁ ଘଟଣାଦିନ ଏକତ୍ରିତ ହୋଇଥିବା ବେଳେ ହଠାତ କ'ଣ ପାଇଁ ସୌମ୍ୟାଶ୍ରୀ ନିଜ ଦେହରେ ନିଆଁ ଲଗାଇ ଆତ୍ମହତ୍ୟା କଲେ ତାହାକୁ ନେଇ ଏବେ କ୍ରାଇମବ୍ରାଂଚ ସମସ୍ତଙ୍କୁ ପଚାରିଛି। ଏପରିକି କ୍ରାଇମବ୍ରାଞ୍ଚ ଜଣେ ଛାତ୍ରଙ୍କୁ ଦୀର୍ଘ ସମୟ ଧରି ରଖି ପଚରାଉଚରା କରିବା ପରେ ତାଙ୍କୁ ଛାଡଛି। କ୍ରାଇମବ୍ରାଞ୍ଚ ଟିମ୍ ଆଜିକୁ ମିଶାଇ ମୋଟ ୬ଦିନ ହେବ ଏହି ଘଟଣାର ତଦନ୍ତ କରୁଛି। ବିଶେଷକରି ପେଟ୍ରୋଲକୁ ନେଇ ବିଭିନ୍ନ ପ୍ରକାର ପ୍ରଶ୍ନ ପଚାରୁଥିବା ବେଳେ ଯାହା ଉପରେ ସନ୍ଦେହ ହେଉଛି ତାର ମୋବାଇଲ ସିଜ କରିବା ସହ ବାହାରକୁ ନଯିବାକୁ କଡା ନିର୍ଦ୍ଦେଶ ମଧ ଦେଉଛି। ହେଲେ ଯେତେବେଳେ ତଦନ୍ତ ପାଇଁ ଡକରା ହେବ ତୁରନ୍ତ ଆସି ହାଜର ହେବାକୁ ନିର୍ଦ୍ଦେଶ ମଧ ଦିଆଯାଉଛି। ଗତକାଲି ୫ଜଣଙ୍କୁ ଡକାଇ ଝାଲବୁହା ପଚରାଉଚରା କରିଥିବା ବେଳେ ଆଜି ମଧ ସମାନ ଅବସ୍ଥା। କିଛି ଛାତ୍ରଛାତ୍ରୀଙ୍କୁ ତଦନ୍ତ ପରିସରକୁ ନେଇ ବିଭିନ୍ନ ପ୍ରକାର ପ୍ରଶ୍ନ ପଚରାଯାଇଛି। କ୍ରାଇମବ୍ରାଂଚରେ ତଦନ୍ତ ପରିସରଭୁକ୍ତ ହୋଇଥିବା ଜଣେ ଆଇଟିଆଇ ଛାତ୍ର ଉବେଶ କୁମାର ତରେଇ କହିଛନ୍ତି ଯେ, କ୍ରାଇମବ୍ରାଞ୍ଚ ଟିମ୍ ମୋ ମୋବାଇଲ ନେଇଛନ୍ତି ଏବଂ ତଦନ୍ତ ପରେ ଫେରାଇବେ ବୋଲି କହିଛନ୍ତି। ସେ ଦିନର ଘଟଣା ସମ୍ପର୍କରେ ପଚାରିଥିଲେ। ଏପରିକି ତଦନ୍ତରେ ସହଯୋଗ କଲେ ଝିଅଟି ନ୍ୟାୟ ପାଇବ ବୋଲି କ୍ରାଇମବ୍ରାଞ୍ଚ ପକ୍ଷରୁ ତାଙ୍କୁ କୁହାଯାଇଥିଲା। ବରିଷ୍ଠ ଆଇନଜିବୀ ଗୁରୁପ୍ରସାଦ ବେହେରା କହିଛନ୍ତି ଯେ, ଏହି ଘଟଣା ପଛରେ ନିଶ୍ଚିତ ଭାବେ କୌଣସି ଷଡଯନ୍ତ୍ର ରହିଛି। ଆତ୍ମଦାହର ପାରିପାର୍ଶ୍ୱିକ ପରିସ୍ଥିତିକୁ ଅନୁଧ୍ୟାନ କଲେ ଆତ୍ମହତ୍ୟା ଉଦ୍ୟମ କେବଳ ସେହି ନୁହେଁ ବରଂ ପଛରେ ଆଉ କିଛି ଜଣ ଥିବା ଭଳି ଲାଗୁଛି। କ୍ରାଇମବ୍ରାଂଚ ଏହାକୁ ନିରପେକ୍ଷ ଭାବେ ତଦନ୍ତ କଲେ ସତ୍ୟାସତ୍ୟ ସାମନାକୁ ଆସିବ।

# ପ୍ଲାଷ୍ଟିକ ବୋତଲରେ ପେଟ୍ରୋଲ ନେବାକୁ ନେଇ ବଚସା

ବାଲେଶ୍ୱର,୨୨।୭(ସମିସ): ଫକୀରମୋହନ ସ୍ୱୟଂଶାସିତ ମହାବିଦ୍ୟାଳୟର ଛାତ୍ରୀ ମୃତ୍ୟୁ ଘଟଣା ପରେ ସରକାରଙ୍କ ନିଦ ଭାଙ୍ଗିଛି। କଲେଜ ପରିସରକୁ ପେଟ୍ରୋଲ କିପରି ଏବଂ କେଉଁ ପରିସ୍ଥିତିରେ ଗଲା ତାହାର ଖୋଳତାଡ କ୍ରାଇମବ୍ରାଂଚ କରୁଥିବା ବେଳେ ଏବେ ସମସ୍ତ ପେଟ୍ରୋଲ ପମ୍ପରେ କୌଣସି ପ୍ଲାଷ୍ଟିକ ବୋତଲରେ ପେଟ୍ରୋଲ ଦେଉ ନାହାନ୍ତି। ଏହି ଘଟଣାକୁ ନେଇ ଆଜି ଟାଉନଥାନା ଅଂଚଳରେ ଥିବା କାଦ୍ରାବାଦ ପେଟ୍ରୋଲ ଟାଙ୍କିରେ ଏକ ରୋଚକ ଘଟଣା ଦେଖିବାକୁ ମିଳିଛି। ଆଜି ଅପରାହ୍ଣରେ ଜଣେ ଗ୍ରାହକ ତାଙ୍କର କୌଣସି କାର୍ଯ୍ୟରେ ପେଟ୍ରୋଲର ଆବଶ୍ୟକତା ଥିବା ହେତୁ ନିକଟସ୍ଥ କାଦ୍ରାବାଦ ପେଟ୍ରୋଲ ଟାଙ୍କିକୁ ପେଟ୍ରୋଲ ଆଣିବା ପାଇଁ ଯାଇଥିଲେ। ହେଲେ ସେଠାରେ ପେଟ୍ରୋଲ ପମ୍ପ କର୍ମଚାରୀ ତାଙ୍କ ବୋତଲରେ ପେଟ୍ରୋଲ ଦେଇନଥିଲେ। ଫଳରେ ଉଭୟଙ୍କ ମଧ୍ୟରେ ବଚସା ହୋଇଥିଲା। ଏହାକୁ ନେଇ ଯୁକ୍ତତର୍କ ବଢ଼ିବା ପରେ ପେଟ୍ରୋଲ ପମ୍ପ କର୍ମଚାରୀଙ୍କ ପକ୍ଷରୁ ଟାଉନ ପୁଲିସକୁ ଖବର ଦେଇଥିଲେ। ପୁଲିସ ଘଟଣା ସ୍ଥଳକୁ ଆସି ଘଟଣା ସମ୍ପର୍କର ଜାଣିବା ପରେ ଉଭୟଙ୍କୁ ଥାନାକୁ ନେଇଯାଇଥିଲେ। ହେଲେ ସେଠାରେ ପଚରାଉଚରା କରିବା ପରେ ଛାଡିଦେଇଥିଲେ ବୋଲି ଜଣାଯାଇଛି।

# ଜିଲ୍ଲା ରକ୍ତଦାତା ସଂଘ ସାଂଗଠନିକ ସମ୍ପାଦକ ସିମନ ଦାସ ମହାପାତ୍ର

ବାଲେଶ୍ୱର,୨୨।୭(ସମିସ): ଜିଲ୍ଲା ରକ୍ତଦାତା ସଂଘର ବାର୍ଷିକ ଉତ୍ସବରେ ନୂତନ ସାଙ୍ଗଠନିକ ପଦ ଚୟନରେ ସମାଜସେବୀ ତଥା ଯୁବନେତା ସିମନ ଦାସ ମହାପାତ୍ରଙ୍କୁ ସାଙ୍ଗଠନିକ ସମ୍ପାଦକ ଭାବେ ଚୟନ କରାଯାଇଛି।



ଯିଏକି ରକ୍ତଦାନ ଶିବିର ଆୟୋଜନ କରିବାରେ ଜିଲ୍ଲାରେ ସର୍ବଦା ଆଗରେ ରୁହନ୍ତି। କୋଭିଡ୍ ହେଉ କି ବାହାନଗା ରେଳ ଦୁର୍ଘଟଣା ସବୁଥିରେ ସେ ଆଗରେ ରହିଛନ୍ତି। ଏହାସହ ତାଙ୍କୁ ବାର୍ଷିକ ଉତ୍ସବରେ ୨୦୨୪-୨୫ ବର୍ଷ ପାଇଁ ସ୍ୱତନ୍ତ୍ର ପୁରସ୍କାରରେ ଜିଲ୍ଲା ରକ୍ତଦାତା ସଙ୍ଘ ତରଫରୁ ପୁରସ୍କୃତ କରାଯାଇଛି। ଚୟନ ପ୍ରକ୍ରିୟାରେ ପୁଣି ଜିଲ୍ଲା ରକ୍ତଦାତା ସଂଘର ସଭାପତି ଭାବେ କମଲ ଚକ୍ରବର୍ତ୍ତୀ ସମ୍ପାଦକ ଭାବେ ହୃଷିକେଶ ସାହୁ ପୁଣି ଚୟନ ହୋଇଥିବ ବେଳେ ନୂତନ କାର୍ଯ୍ୟକର୍ତ୍ତା ମଧ୍ୟ ଚୟନ ହୋଇଛନ୍ତି। ଏହି କାର୍ଯ୍ୟକ୍ରମରେ ଆମ ଓଡ଼ିଶା ମୁଖ୍ୟ ସୌମ୍ୟରଞ୍ଜନ ପଟ୍ଟନାୟକ, ସାଂସଦ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ, ରେମୁଣା ବିଧାୟକ ଗୋବିନ୍ଦ ଚନ୍ଦ୍ର ଦାସ, ଜଳେଶ୍ୱର ବିଧାୟକ ଅଶ୍ୱିନୀ ପାତ୍ର, ବସ୍ତା ବିଧାୟିକା ସୁବାସିନୀ ଜେନା, ଭୋଗରାଇ ବିଧାୟକ ଗୌତମବୁଦ୍ଧ ଦାସ, ନୀଳଗିରି ବିଧାୟକ ସନ୍ତୋଷ ଖଟୁଆ, ଜିଲ୍ଲା ରକ୍ତଭଣ୍ଡାର ମୁଖ୍ୟ ଡାକ୍ତର ବସନ୍ତ କୁମାର ଉପାଧ୍ୟାୟ ଅତିଥି ଭାବେ ଯୋଗ ଦେଇଥିଲେ।

## ଫକୀରମୋହନ ସ୍ୱୟଂଶାସିତ ମହାବିଦ୍ୟାଳୟ

# ସ୍ୱାଭାବିକ ହେଉଛି କଲେଜ ପରିସର, ବଦଳୁଛି ମାହୋଲ

ବାଲେଶ୍ୱର,୨୨।୭(ସମିସ)








ଚଳିତ ମାସ ୧୨ ତାରିଖ ଶନିବାର ଦିନ ଫକୀରମୋହନ ସ୍ୱୟଂଶାସିତ ମହାବିଦ୍ୟାଳୟ ପରିସରରେ ଘଟିଥିବା ଘଟଣା ସବୁକିଛି ବଦଳାଇ ଦେଇଛି। ସମସ୍ତଙ୍କ ମନର ସ୍ଥିତିକୁ ଦୋହଲାଇ ଦେଇଛି। ସମସ୍ତେ ଏବେବି ଚିନ୍ତାରେ ରହିଛନ୍ତି। ଘଟଣାକୁ ପାଖରୁ ଦେଖିଥିବା ଛାତ୍ରଛାତ୍ରୀ ଏବଂ କର୍ମଚାରୀ ଏବେ ବି ଭୟଭୀତ ରହିଛନ୍ତି। ମାନସିକ ଚିନ୍ତା ସହ ମନରୁ ଘଟଣାର ଚିତ୍ର ବାହାରି ପାରିନାହିଁ। ଏମିତି ପରିସ୍ଥିତି ଏଡାଇବା ପାଇଁ କଲେଜରେ ଆଇସିସିର ବୈଠକଠୁ ଆରମ୍ଭ କରି କର୍ମଶାଳା ଆୟୋଜିତ ହେଉଛି। କଲେଜ ପରିସରରେ ହେଲ୍ପ ଲାଇନ୍ ନମ୍ବରଠୁ ଆରମ୍ଭ କରି ଆଇସିସି ସଦସ୍ୟ ସଦସ୍ୟାଙ୍କ ନାମ ବ୍ୟାନର୍‌ରେ ବାହାରେ ପ୍ରଦର୍ଶିତ କରାଯାଇଥିବା ଦେଖିବାକୁ ମିଳିଛି। ଆଜି ଫକୀରମୋହନ କଲେଜ ପରିସରରେ 'ଶିକ୍ଷାନୁଷ୍ଠାନରେ ଛାତ୍ରୀ ଓ ମହିଳା କର୍ମଚାରୀଙ୍କ ସୁରକ୍ଷା ପାଇଁ ହେଲପ୍ ଲାଇନ୍ ନମ୍ବର ୧୮୧' ଲେଖାଥିବା ଏକ ବ୍ୟାନର୍ କାନ୍ଥରେ ମରାଯାଇଥିବା ଦେଖିବାକୁ ମିଳିଥିଲା। ଯାହାଦ୍ୱାରା ଛାତ୍ରୀମାନେ ଏହି ଘଟଣା ପରେ ସାହସର ସହ ପୁଣି କଲେଜ ଆସି ପାଠପଢ଼ା ଆରମ୍ଭ କରିଛନ୍ତି। କିଛି ଦିନରେ ବ୍ୟବଧାନ ପରେ ଆଜି ଫକୀରମୋହନ ସ୍ୱୟଂଶାସିତ ମହାବିଦ୍ୟାଳୟରେ ଯୁକ୍ତ ଦୁଇଠୁ ଆରମ୍ଭ କରି ଯୁକ୍ତ ତିନି ଏବଂ ପିଜି ପିଲାମାନଙ୍କୁ ଦେଖିବାକୁ ମିଳିଥିଲା। ପୂର୍ବପରି ପାଠପଢ଼ା ସହ କଲେଜରେ ଗହଳି ବଢୁଛି। ଧୀରେ ଧୀରେ ପିଲାମାନେ କଲେଜ ଆସିବା ଆରମ୍ଭ କରିଲେଣି। କଲେଜରେ ବିଭିନ୍ନ ସଚେତନତା କର୍ମଶାଳା କରାଯାଇ ଛାତ୍ରଛାତ୍ରୀଙ୍କୁ ବୁଝାଯାଉଛି। ଯାହାଦ୍ୱାରା ଧୀରେ ଧୀରେ ବଦଳୁଛି କଲେଜର ମାହୋଲ। ଚଳିତ ମାସ ୧୨ ତାରିଖ ଶନିବାର ଦିନ ଛାତ୍ରୀ ସୌମ୍ୟାଶ୍ରୀ କଲେଜ ଅଧ୍ୟକ୍ଷଙ୍କ କାର୍ଯ୍ୟାଳୟ ସମ୍ମୁଖରେ ନିଜକୁ ନିଆଁ ଲଗାଇ ଆତ୍ମାହୁତି ଦେଇଥିଲେ। ପରେ ତାଙ୍କର ମୃତ୍ୟୁ ହୋଇଥିଲା। ଏହି ଘଟଣା ପରେ କଲେଜରେ ପାଠପଢ଼ା ବନ୍ଦ ଥିଲା। ପରେ ଓଡ଼ିଶା ବନ୍ଦ, ବିକ୍ଷୋଭ ଆଦି ପି ପ୍ରାୟ ସପ୍ତାହ କାଳ ପାଠପଢ଼ା ଠପ୍ ହୋଇଥିଲା। ପରୀକ୍ଷା, ନାମଲେଖା ଓ ପାଠପଢ଼ା ବନ୍ଦ ରହିଥିଲା। ଏବେ ସ୍ଥିତି ସୁଧୁରୁଛି। କାରଣ ଛାତ୍ରୀ ମୃତ୍ୟୁ ଘଟଣାକୁ ସପ୍ତାହେରୁ ଅଧିକ ଦିନ ବିତିଲାଣି। ଏହି ଘଟଣା ପାଇଁ ଛାତ୍ରଛାତ୍ରୀ, ଅଧ୍ୟାପକ ଅଧ୍ୟାପିକା କର୍ମଚାରୀଙ୍କ ମାନସିକ ସ୍ଥିତି ଦୋହଲାଇ ଦେଇଛି। ସଭିଏଁ ଭୟଭୀତ ରହିଛନ୍ତି। ଏହି କିଛି ଦିନ ହେବ ସ୍ୱାଭାବିକ ହେଉଛି କଲେଜ। ଛାତ୍ରଛାତ୍ରୀ କଲେଜ ଆସୁଥିବା ଦେଖିବାକୁ ମିଳିଛି। ଏଥିସହିତ ପିଲାମାନଙ୍କ ମନୋବଳ ବଢ଼ାଇବା ପାଇଁ କଲେଜ ପରିସରରେ ଆଇସିସି କମିଟିର ଆଣ୍ଟି ରାଗିଙ୍ଗ୍ କମିଟି ସଦସ୍ୟମାନଙ୍କ ନାମ ଓ ଫୋନ୍ ନମ୍ବର ଲଗାଯାଇଛି। ଏଥିସହ ସହ ସ୍ୱତନ୍ତ୍ର ଭାବେ ଛାତ୍ରୀ ଓ ମହିଳା କର୍ମଚାରୀଙ୍କ ସୁରକ୍ଷା ପାଇଁ ହେଲପ୍ ଲାଇନ୍ ନମ୍ବର କାନ୍ଥରେ ଲଗାଯାଇଛି। ନିୟମିତ ପାଠପଢ଼ା ସହ ସଚେତନତା କାର୍ଯ୍ୟକ୍ରମ କରାଯାଉଛି। ବିଭିନ୍ନ ସମସ୍ୟାର ସମାଧାନ ବାବଦରେ ଛାତ୍ରଛାତ୍ରୀଙ୍କୁ ଅବଗତ କରାଯାଉଛି। ଅନ୍ୟପଟେ ଘଟଣାର ତଦନ୍ତ ମଧ ସରିନାହିଁ। କାରଣ ଏବେବି କ୍ରାଇମବ୍ରାଞ୍ଚ ପକ୍ଷରୁ ତଦନ୍ତ ଜାରି ରହିଛି। ପିଲାମାନଙ୍କୁ ଡକାଯାଇ ପଚରାଉଚରା କରୁଛି କ୍ରାଇମବ୍ରାଞ୍ଚ୍। କଲେଜ ପରିସରରେ ଏବେ ବି ପୁଲିସ କର୍ମଚାରୀ ମୁତୟନ ରହିଛନ୍ତି। ସେଥିପାଇଁ କିଛି ଶ୍ରେଣୀ ଗୃହରେ ପାଠପଢ଼ା ବନ୍ଦ ରହିଛି। ଏହାରି ଭିତରେ ପିଲାମାନେ କଲେଜକୁ ଆସି ପାଠ ପଢିବା ଦିଗରେ ଗୁରୁତ୍ୱ ଦେଉଥିବା ଦେଖିବାକୁ ମିଳିଛି।

**କାନ୍ଥରେ ଲାଗିଲା ଶିକ୍ଷାନୁଷ୍ଠାନରେ ଛାତ୍ରୀ ଓ ମହିଳା କର୍ମଚାରୀଙ୍କ ସୁରକ୍ଷା ପାଇଁ ହେଲପ୍ ଲାଇନ୍ ନମ୍ବର**

# ଏଫ୍ଏମ୍‌ୟୁରେ 'ଲିଙ୍ଗଗତ ପ୍ରଭେଦ' ସମ୍ପର୍କିତ ସଚେତନତା କାର୍ଯ୍ୟକ୍ରମ




ବାଲେଶ୍ୱର,୨୨।୭(ସମିସ): ଫକୀରମୋହନ ବିଶ୍ୱବିଦ୍ୟାଳୟର ଆଭ୍ୟନ୍ତରୀଣ ଅଭିଯୋଗ କମିଟି (ଆଇସିସି) ପକ୍ଷରୁ 'ଲିଙ୍ଗଗତ ପ୍ରଭେଦ' ସମ୍ପର୍କିତ କର୍ମଶାଳା ଆୟୋଜିତ ହୋଇଯାଇଛି। କୁଳପତି ପ୍ରଫେସର ସନ୍ତୋଷ କୁମାର ତ୍ରିପାଠୀଙ୍କ ଅଧ୍ୟକ୍ଷତାରେ କାର୍ଯ୍ୟକ୍ରମଟି ଉଦଘାଟିତ ହୋଇଯାଇଛି। 'ପୋଶ ଆଇନ ୨୦୧୩ ଓ ୟୁଜିସି ଆଇନ ୨୦୧୫' କୁ ମୁଖ୍ୟ ପ୍ରସଙ୍ଗ ନେଇ ଏହି କର୍ମଶାଳାରେ ବିଶ୍ୱବିଦ୍ୟାଳୟର ଆଇନ ବିଭାଗର ଡିନ୍ ପ୍ରଫେସର ବିନୟ କୁମାର ଦାସ ଯୋଗଦେଇ 'ପୋଶ ଆଇନ-୨୦୧୩' ସଂପର୍କରେ ବିଶ୍ଳେଷଣ କରି ଏକ ସଚେତନଶୀଳ ଉପସ୍ଥାପନା ପ୍ରଦାନ କରିଥିଲେ। ଏହି ଅବସରରେ କୁଳପତି ପ୍ରଫେସର ସନ୍ତୋଷ କୁମାର ତ୍ରିପାଠୀ ନିଜ ମୂଲ୍ୟବାନ ଉଦବୋଧନରେ ଏହି ସଚେତନତାର ଆବଶ୍ୟକତା, ଏହାର ସଠିକ ଉପଯୋଗ, ସମସ୍ତଙ୍କ ସାମୁହିକ ସହଯୋଗ ତଥା ଅନ୍ୟାନ୍ୟ ଗୁରୁତ୍ୱପୂର୍ଣ୍ଣ ଦିଗ ଉପରେ ଆଲୋକପାତ କରିଥିଲେ। ଏଥିସହ ସଂପ୍ରତି ଓଡ଼ିଶା ସରକାରଙ୍କ ଦ୍ୱାରା ପ୍ରସ୍ତୁତ "ଶକ୍ତିଶ୍ରୀ' କାର୍ଯ୍ୟକ୍ରମର ସଫଳ ରୂପାୟନ ନେଇ ଆଶାବ୍ୟକ୍ତ କରିଥିବା ସମୟରେ ଏହାର ଉତ୍ତମ କାର୍ଯ୍ୟବିଧାନ ହେବା ଦ୍ୱାରା ସମସ୍ତ ମହିଳା କର୍ମଚାରୀ ଓ ଛାତ୍ରୀମାନଙ୍କ ପାଇଁ ଏକ ଉଚିତ ପଦକ୍ଷେପ ଭାବେ ସାବ୍ୟସ୍ତ ହୋଇପାରିବା ନେଇ ଆଶାପୋଷଣ କରିଥିଲେ। ଏହି କାର୍ଯ୍ୟକ୍ରମରେ ସ୍ନାତକୋତ୍ତର ପରିଷଦର ଅଧ୍ୟକ୍ଷ ପ୍ରଫେସର ଭାସ୍କର ବେହେରା ଓ କୁଳସଚିବ କୁକୁମୀନା ଦାସ ଉପସ୍ଥିତ ହୋଇ ସେମାନଙ୍କ ଅଭିଭାଷଣ ମାଧ୍ୟମରେ "କାର୍ଯ୍ୟସ୍ଥଳରେ ମହିଳାଙ୍କ ବିରୁଦ୍ଧରେ ଯୌନ ଉତ୍ପୀଡନ (ନିବାରଣ, ନିଷେଧ ଏବଂ ପୁନର୍ବିଚାର) ଆଇନ", ୨୦୧୩ (ପୋଶ ଆଇନ), ୟୁଜିସି ଆଇନ-୨୦୧୫ ( ଛାତ୍ରୀ, ମହିଳା ଶିକ୍ଷୟତ୍ରୀ ଓ କର୍ମଚାରୀଙ୍କ ପାଇଁ), କାର୍ଯ୍ୟସ୍ଥଳୀରେ ପାରସ୍ପରିକ ବ୍ୟବହାର, ଲିଙ୍ଗ ଉତ୍ପୀଡନ ପ୍ରତିଷେଧ ଓ ଶିକ୍ଷାନୁଷ୍ଠାନରେ ଲିଙ୍ଗଗତ ସମତାର ଆବଶ୍ୟକତା ଇତ୍ୟାଦି ବିଷୟଗୁଡ଼ିକ ଉପରେ ଗୁରୁତ୍ୱାରୋପ କରିଥିଲେ। ଏଥିସହ ସମସ୍ତ ନିୟମାବଳୀକୁ ନେଇ ଏକ ସାମୂହିକ ଶପଥପାଠ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ବିଶ୍ୱବିଦ୍ୟାଳୟ ଆଇସିସିର ସଂଯୋଜକ ପ୍ରଫେସର ଗୀତାଞ୍ଜଳି ପଣ୍ଡା, ୟୁଜିସି ଆଇନ-୨୦୧୫ ଓ ଫକୀରମୋହନ ବିଶ୍ୱବିଦ୍ୟାଳୟରେ ଏହାର କାର୍ଯ୍ୟକାରିତା ସଂପର୍କରେ ସବିଶେଷ ସୂଚିତ କରିଥିଲେ। ଏହି କାର୍ଯ୍ୟକ୍ରମରେ ବିଶ୍ୱବିଦ୍ୟାଳୟର ବିଭିନ୍ନ ଶ୍ରେଣୀର ସଦସ୍ୟମାନେ ଅଂଶଗ୍ରହଣ କରିଥିଲେ ଓ ଛାତ୍ରଛାତ୍ରୀମାନେ ଏହାର ମୂଳପ୍ରସଙ୍ଗ ସଂପର୍କରେ ନିଜର ମତାମତ ପ୍ରକାଶ କରିବା ସହ ବିଶେଷଜ୍ଞଙ୍କ ସହ ପ୍ରଶ୍ନୋତ୍ତର କାର୍ଯ୍ୟକ୍ରମର କରାଯାଇଥିଲା। କାର୍ଯ୍ୟକ୍ରମକୁ ଆଇସିସିର ସଦସ୍ୟ ଅଧ୍ୟାପିକା ଶୁଭଶ୍ରୀ ମହାଲିକ ସଂଚାଳନ କରିଥିଲେ। ଶେଷରେ ଆଇସିସିର ସଦସ୍ୟ ପ୍ରଫେସର ଜ୍ୟୋତି ଶଂକର ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ।



# କେରଳର ପୂର୍ବତନ ମୁଖ୍ୟମନ୍ତ୍ରୀଙ୍କ ବିୟୋଗରେ ସିପିଏମ୍‌ର ଶ୍ରଦ୍ଧାଞ୍ଜଳି

ବାଲେଶ୍ୱର,୨୨।୭(ସମିସ): ସ୍ୱାଧୀନତା ସଂଗ୍ରାମୀ ତଥା କେରଳର ପୂର୍ବତନ ମୁଖ୍ୟମନ୍ତ୍ରୀ ଭି ଏସ ଅଚ୍ୟୁତାନନ୍ଦଙ୍କ ମୃତ୍ୟୁରେ ସିପିଆଇଏମ ପକ୍ଷରୁ ବାଲେଶ୍ୱର ଜିଲ୍ଲା କମିଟି କାର୍ଯ୍ୟାଳୟରେ ଏକ ଶୋକସଭା ଅନୁଷ୍ଠିତ ହୋଇଯାଇଛି। ସାଥୀ ଭି ଏସ ଜଣେ ନିଷ୍ଠାପର ଓ ସ୍ୱାର୍ଥ ତ୍ୟାଗୀର ଏକ ପ୍ରତିବାଦୀ ଜନ ଦରଦୀ କମ୍ୟୁନିଷ୍ଟ ନେତା ଥିଲେ। ତାଙ୍କ ସମୟର ସମସ୍ତ ପାର୍ଟି ନେତୃତ୍ୱ ଆଜି ଆଉ ନାହାଁନ୍ତି। ସିପିଆଇଏମ ଗଠନ କରିବାରେ ସାଥୀ ଭି ଏସ ଥିଲେ ଜଣେ ଅଗ୍ରଣୀ ନେତା। କେରଳରେ ସେ ମୁଖ୍ୟମନ୍ତ୍ରୀ ଥିବା ସମୟରେ ଅନେକ ପଦକ୍ଷେପ କେରଳକୁ ଏକ ବିକଶିତ ରାଜ୍ୟରେ ପରିଣତ କରିଥିଲେ। ବିଧାନସଭାରେ ବିରୋଧୀ ଦଳ ନେତା ଥିବା ବେଳେ ତାଙ୍କର ସ୍ୱର ଥିଲା ଅତ୍ୟନ୍ତ ସାଣିତ ଓ କଠୋର। ଏଥିପାଇଁ ତାଙ୍କୁ ଅଗ୍ନିଗର୍ଭ ବିରୋଧୀ ନେତା ଆଖ୍ୟା ଦେବା ସହ ଗଣବାଦୀ ନେତା କହିବା ଏବଂ ଏକ ଶୃଙ୍ଖଳିତ ସଙ୍ଗଠକ ବୋଲି ମଧ ଆଖ୍ୟା ଦିଆଯାଇଛି। ଦେଶର ଏଭଳି ପରିସ୍ଥିତି ସମୟରେ ସାଥୀ ଭି.ଏସଙ୍କ ମୃତ୍ୟୁ ଦେଶପାଇଁ ଓ ପାର୍ଟି ପାଇଁ ଏକ ବଡ଼ କ୍ଷତି ହୋଇଛି ବୋଲି ଶୋକ ସଭାରେ ବିଭିନ୍ନ ବକ୍ତାମାନେ ମତବ୍ୟକ୍ତ କରିବା ସହ ଗଭୀର ଶୋକ ପ୍ରକାଶ କରିଛନ୍ତି। ପ୍ରେମ ରଞ୍ଜନ ପାତ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ଶୋକସଭାରେ ଜିଲ୍ଲା ସମ୍ପାଦକ ଶିଶିର ହୁଇ, ରାଜ୍ୟ କମିଟି ସଭ୍ୟ ନିର୍ମଳ ନାୟକ, ସୀତାଂଶୁ ସେନାପତି, ଜିଲ୍ଲା କମିଟି ସଭ୍ୟ ରାଜ କିଶୋର ଲେଙ୍କା, ଶ୍ୟାମ ଜେନା, ଛାତ୍ର ନେତା ଅଭିଳାଷ ମଲ୍ଲିକ ଏବଂ ଷ୍ଟାଲିନ ବେହେରା ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ ପାର୍ଟି କାର୍ଯ୍ୟାଳୟରେ ଲାଗିଥିବା ଲାଲ ଝଣ୍ଡାକୁ ଅର୍ଦ୍ଧନମିତ କରାଯାଇଥିଲା।




**● ଜିଲ୍ଲା ଆଇନସେବା ପ୍ରାଧିକରଣ ହସ୍ତକ୍ଷେପ**

# ମିଳିଲା ମୃତ୍ୟୁକାଳୀନ ସହାୟତା ରାଶି



ବାଲେଶ୍ୱର,୨୨।୭(ସମିସ): ଜିଲ୍ଲା ଆଇନସେବା ପ୍ରାଧିକରଣର ହସ୍ତକ୍ଷେପ ପରେ ହିତାଧିକାରୀଙ୍କୁ ମିଳିଲା ମୃତ୍ୟୁକାଳୀନ ସହାୟତା ରାଶି। ପ୍ରକାଶ ଥାଉକି, ବାହାନଗା ବ୍ଲକ୍ ଅଧୀନସ୍ଥ ବିଷ୍ଣୁପୁର ଗ୍ରାମର ଧ୍ରୁବ ଚରଣ ମାଝୀ ତାଙ୍କର ପୁତ୍ର ରାଜେନ୍ଦ୍ର ମାଝୀଙ୍କ ମୃତ୍ୟୁ ପରେ ଜିଲ୍ଲା ଶ୍ରମ କାର୍ଯ୍ୟାଳୟରେ ନିର୍ମାଣ ଶ୍ରମିକଙ୍କ ମୃତ୍ୟୁକାଳୀନ ସହାୟତା ରାଶି ପାଇବା ପାଇଁ ଗତବର୍ଷ ଡ଼ିସେମ୍ବର ୧୫ ତାରିଖ ଅନ୍‌ଲାଇନ୍ ଯୋଗେ ଆବେଦନ କରିଥିଲେ। ଏହାପରେ ସହାୟତା ରାଶି ନ ଆସିବାରୁ ସେ ଜିଲ୍ଲା ଆଇନସେବା ପ୍ରାଧିକରଣର ଦ୍ୱାରସ୍ଥ ହୋଇଥିଲେ। ଜିଲ୍ଲା ଆଇନସେବା ପ୍ରାଧିକରଣ ତରଫରୁ ପତ୍ର ମାଧ୍ୟମରେ ଜିଲ୍ଲା ଶ୍ରମ ଅଧିକାରୀଙ୍କୁ ସରକାରଙ୍କ ଯୋଜନା ଅନୁଯାୟୀ ତୁରନ୍ତ ମୃତ୍ୟୁକାଳୀନ ସହାୟତା ରାଶି ପ୍ରଦାନ ପାଇଁ ନିର୍ଦ୍ଦେଶ ପ୍ରଦାନ କରାଯାଇଥିଲା। ଏହାପରେ ଚଳିତ ମାସ ଧ୍ରୁବ ଚରଣ ମାଝୀଙ୍କୁ ଜିଲ୍ଲା ଶ୍ରମ କାର୍ଯ୍ୟାଳୟ ତରଫରୁ ଏହି ସହାୟତା ରାଶି ପ୍ରଦାନ କରାଯାଇଛି। ଯେକୌଣସି ଯୋଗ୍ୟ ହିତାଧିକାରୀ ସରକାରୀ ଯୋଜନାରୁ ବଞ୍ଚିତ ହେଲେ ଜିଲ୍ଲା ଆଇନସେବା ପ୍ରାଧିକରଣର ଦୃଷ୍ଟିଗୋଚର କରାଇବା ପାଇଁ ଜିଲ୍ଲା ଆଇନସେବା ପ୍ରାଧିକରଣ ତରଫରୁ ଅନୁରୋଧ କରାଯାଇଅଛି।

# ନୀଳରକ୍ତ କଙ୍କଡ଼ା ପାଇଁ ମତ୍ସ୍ୟଜୀବୀ ନିୟୋଜିତ ସଂରକ୍ଷଣ କର୍ମଶାଳା

ବାଲେଶ୍ୱର,୨୨।୭ (ସମିସ): ବଳରାମଗଡି ମୁହାଣରେ ବିକାଶ ସାଥୀ, ୱାଇଲ୍ଡ ଲାଇଫ ଟ୍ରଷ୍ଟ ଅଫ୍ ଇଣ୍ଡିଆ ଓ ଫୋଣ୍ଡସନ ସେଗ୍ରେଙ୍କ ମିଳିତ ଉଦ୍ୟମରେ ନୀଳରକ୍ତ କଙ୍କଡ଼ା ପାଇଁ ମତ୍ସ୍ୟଜୀବୀ ନିୟୋଜିତ ସଂରକ୍ଷଣ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ଥିଲା ମତ୍ସ୍ୟଜୀବୀ ଓ ସମୁଦ୍ର ଅଞ୍ଚଳର ଅନ୍ୟାନ୍ୟ ଜନସମୁଦାୟଙ୍କ ମଧ୍ୟରେ ନୀଳରକ୍ତ କଙ୍କଡା ଓ ସାମୁଦ୍ରିକ ଜୈବ ବିବିଧତା ବିଷୟରେ ସଚେତନତା ବୃଦ୍ଧି କରିବା। ଏହି କାର୍ଯ୍ୟଶାଳାରେ ମତ୍ସ୍ୟ ବିଭାଗ, ମେରିନ୍ ଫିସିଂ ଟ୍ରଲର ଓ ଫିସରମ୍ୟାନ୍ ଅସୋସିଏସନ୍, ଜଙ୍ଗଲ ବିଭାଗ, ନିର୍ବାଚିତ ପ୍ରତିନିଧିମାନେ ଓ ସାମୁଦ୍ରିକ ପୁଲିସ ପ୍ରତିନିଧିମାନେ ସମିଳିତ ଭାବେ ଅଂଶଗ୍ରହଣ କରିଥିଲେ। ବିକାଶ ସାଥୀର ଡ଼. ବିଶ୍ୱଜୀତ ପଣ୍ଡା ହୋର୍ସସୁ କ୍ରାବ୍‌ର ଜାତିଗତ ବୈଶିଷ୍ଟ୍ୟ ଓ ଏହାଙ୍କର ସଂରକ୍ଷଣ ଆବଶ୍ୟକତା ବିଷୟରେ ଅଲୋକପାତ କରିଥିଲେ। ବଳରାମଗଡିର ସହଯୋଗୀ ମତ୍ସ୍ୟ ଅଧିକାରୀ ଓ.ପି. ରଣା ମତ୍ସ୍ୟଜୀବୀଙ୍କ ପାଇଁ ଉପଲବ୍ଧ ଯୋଜନା ଓ ନୀତିଗୁଡ଼ିକ ବିଷୟରେ ଉପସ୍ଥାପନା ଦେଇଥିଲେ। ବନ ବିଭାଗ ଅଧିକାରୀ ଝାନ୍ସିରାଣୀ ଭୁୟା ଓ ସ୍ଥିତପ୍ରଜ୍ଞା ପ୍ରଧାନ ସଂରକ୍ଷଣ ସମସ୍ୟା ବିଷୟକୁ ଉଠାଇଥିଲେ। ସାମୁଦ୍ରିକ ପୋଲିସ ଥାନାଧିକାରୀ ସୁରେନ୍ଦ୍ରନାଥ ପାଲ ଅବୈଧ ବନ୍ୟଜନ୍ତୁ ବ୍ୟବସାୟ ଓ ଉଦ୍ଧାର କାର୍ଯ୍ୟପାଳନ ବିଷୟରେ ଆଲୋଚନା କରିଥିଲେ। ଫିସରମ୍ୟାନ୍ ଅସୋସିଏସନ୍‌ର ଅଧ୍ୟକ୍ଷ ବଦଳ ବେହେରା ସମ୍ବେଦନଶୀଳ ଭାବେ ସମୁଦାୟକୁ ସଚେତନ କରିବା ଆବଶ୍ୟକତା ଉପରେ ଜୋର ଦେଇଥିଲେ। ଅନ୍ୟାନ୍ୟ ପ୍ରତିନିଧିମାନେ ମଧ ଏହି କାର୍ଯ୍ୟକ୍ରମକୁ ସ୍ୱାଗତ କରିଥିଲେ। ଶେଷରେ ସମ୍ବିତ ପାତ୍ର ସଭା ପରିଚାଳନା କରିବା ସହ ଧନ୍ୟବାଦ ଅର୍ପଣ କରିଥିଲେ।

## ପୁଲିସର ନିଷ୍କ୍ରିୟତା ବିରୋଧରେ ବାଲେଶ୍ୱର ଓକିଲ ସଂଘର ସାମ୍ବାଦିକ ସମ୍ମିଳନୀ

# ଦାବି ପୂରଣ ନହେଲେ ୩୦ରୁ ଥାନା ଆଗରେ ଧାରଣା

ବାଲେଶ୍ୱର, ୨୨।୭(ସମିସ):



ଗତ ଜୁନ ମାସ ୬ରେ ଜଣେ ମହିଳା ଆଇଏଏସ ପ୍ରୋବେନଶନର ଏବଂ ଓକିଲଙ୍କ ମଧ୍ୟରେ ବିବାଦ ଆରମ୍ଭ ହୋଇଥିଲା। ପରେ ୧୧ତାରିଖରେ ବାର ଆସୋସିଏସନର ବରିଷ୍ଠ ଓକିଲ ପୁରୁଷୋତ୍ତମ ଦାସଙ୍କୁ ସହଦେବଖୁଂଟା ଥାନାରେ ଥାନା ଅଧିକାରୀଙ୍କ ଚାମ୍ବର ମଧ୍ୟରେ ଉକ୍ତ ଆଇଏଏସ ପ୍ରବେଶନର, ବରିଷ୍ଠ ପୁଲିସ ଅଧିକାରୀ, ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ, ମଣ୍ଡଳ ଆରକ୍ଷୀ ଅଧୀକ୍ଷକ ଏବଂ ଥାନା ଅଧିକାରୀଙ୍କ ସମ୍ମୁଖରେ ତାଙ୍କୁ ମରଣାନ୍ତକ ଆକ୍ରମଣ କରିଥିଲେ। ଏହି ଆକ୍ରମଣ ପ୍ରତିବାଦରେ ଓକିଲ ଶ୍ରୀ ଦାସ ଥାନାରେ ଲିଖିତ ଅଭିଯୋଗ କରିଥିଲେ ସୁଦ୍ଧା ଆଜି ପର୍ଯ୍ୟନ୍ତ ତାଙ୍କ ଅଭିଯୋଗକୁ ପଞ୍ଜୀକରଣ କରାଯାଇ ନାହିଁ ବୋଲି ବାର ଆସୋସିଏସନ ପକ୍ଷରୁ ୨ନମ୍ବର ବାର୍ ହଲ ମଧ୍ୟରେ ଅନୁଷ୍ଠିତ ଏକ ସାମ୍ବାଦିକ ସମ୍ମିଳନୀରେ ଆସୋସିଏସନର ସମ୍ପାଦକ ସମ୍ବିତ ନନ୍ଦୀ ସୂଚନା ଦେଇଛନ୍ତି।

ତାଙ୍କ କହିବା ଅନୁସାରେ, ଏହି ଘଟଣାକୁ ଏକ ମାସ ୧୧ଦିନ ଅତିକ୍ରାନ୍ତ ହୋଇଥିଲେ ସୁଦ୍ଧା ଓକିଲଙ୍କ ପକ୍ଷରୁ ଦିଆଯାଇଥିବା ଅଭିଯୋଗକୁ ପୁଲିସ ପଞ୍ଜୀକରଣ କରୁନାହିଁ। ଏହାର ପ୍ରତିବାଦରେ ସେମାନେ ଚଳିତ ମାସ ୧୦ତାରିଖରେ ଏକ ଶୋଭାଯାତ୍ରାରେ ଯାଇ ଜିଲ୍ଲା ଆରକ୍ଷୀ ଅଧୀକ୍ଷକଙ୍କୁ ଏକ ସ୍ମାରକପତ୍ର ପ୍ରଦାନ କରିଥିଲେ। ଏହାପୂର୍ବରୁ ଓକିଲଙ୍କ ପକ୍ଷରୁ ଜୁନ ମାସ୨୩ ତାରିଖରେ ପୂର୍ବାଞ୍ଚଳ ଡିଆଇଜିଙ୍କୁ ମଧ୍ୟ ଦାବିପତ୍ର ପ୍ରଦାନ କରାଯାଇଥିଲା। ବିଶେଷ କରି ମହିଳା ଆଇଏଏସ ଅଧିକାରୀ ବିନା କାରଣରେ ଶ୍ରୀ ଦାସଙ୍କ ଗଳାଚିପି ମାରିଦେବାକୁ ଉଦ୍ୟମ କରୁଥିବା ବେଳେ ସହଦେବଖୁଂଟା ଥାନା ଅଧିକାରୀ ଏ ସମ୍ପର୍କରେ ମାମଲା ରୁଜୁ ନ କରିବା ଏକ ଦୁର୍ଭାଗ୍ୟଜନକ ବିଷୟ। ଯାହାକି ସୁପ୍ରିମକୋର୍ଟ ତଥା ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶକୁ ଖୋଲା ଖୋଲି ଭାବେ ଅବମାନନା କରାଯାଇଛି। ଯାହା କେବଳ ଆଇନଜୀବୀ ନୁହଁନ୍ତି ଜିଲ୍ଲାବାସୀଙ୍କ ମନରେ ଗଭୀର ଅସନ୍ତୋଷ ବୃଦ୍ଧି ପାଇଛି। ଏଥିରୁ ସ୍ପଷ୍ଟ ହେଉଛି ପୁଲିସ କାହାରି ଚାପରେ ଏହି ମାମଲା ରୁଜୁ କରୁନଥିବା ବେଳେ ପୁଲିସ ଗୋଟିଏ ପ୍ରକାର ନିଷ୍କ୍ରିୟ ପାଲଟିଛି। ଏଣୁ ସହଦେବଖୁଂଟା ଥାନା ଏକ ଆଦର୍ଶ ଥାନା ହୋଇଥିବା ବେଳେ ଯଦି ଏଭଳି ଅବସ୍ଥା ତାହା ହେଲେ ଅନ୍ୟ ଥାନା ଗୁଡିକରେ ଲୋକେ କିପରି ଭାବେ ନ୍ୟାୟ ପାଉଛନ୍ତି ବୋଲି ଆଇନଜୀବୀମାନେ ପ୍ରଶ୍ନ କରିଛନ୍ତି। ସାରା ଜିଲ୍ଲାରେ ଆଇନ ଶୃଙ୍ଖଳା ବ୍ୟବସ୍ଥା ନାହିଁ କହିଲେ ଅତ୍ୟୁକ୍ତି ହେବ ନାହିଁ। ଜନସାଧାରଣ ଏକ ପ୍ରକାର ପ୍ରଶାସନ ଉପରୁ ବିଶ୍ୱାସ ହରାଇଛନ୍ତି। ଏଣୁ ଓକିଲଙ୍କ ପକ୍ଷରୁ ଦିଆଯାଇଥିବା ଅଭିଯୋଗକୁ ତୁରନ୍ତ ମାମଲା ରୁଜୁ କରାଯାଉ । ଯଦି ଆସନ୍ତା ୭ଦିନ ମଧ୍ୟରେ ଏହି ଦାବି ପୂରଣ ନ ହୁଏ ତେବେ ସମସ୍ତ ଓକିଲମାନେ ଆସନ୍ତା ୩୦ତାରିଖ ଠାରୁ ସହଦେବଖୁଣ୍ଟା ଥାନା ସମ୍ମୁଖରେ ଅନିର୍ଦ୍ଦିଷ୍ଟ କାଳ ପାଇଁ ଧାରଣାରେ ବସିବେ ବୋଲି ଚେତାବନୀ ଦେଇଛନ୍ତି। ଯଦି କୌଣସି କାର୍ଯ୍ୟାନୁଷ୍ଠାନ ନିଆନଯାଏ ତେବେ ଆଗାମୀଦିନରେ ବାଲେଶ୍ୱର ବନ୍ଦ ଡାକରା ଦିଆଯିବ ବୋଲି କୁହାଯାଇଛି। ଏହି ସାମ୍ବାଦିକ ସମ୍ମିଳନୀରେ ଅନ୍ୟମାନଙ୍କ ମଧ୍ୟରେ ବାର୍ ଆସୋସିଏସନର ସଭାପତି କେଶବ କୁମାର ଆଚାର୍ଯ୍ୟ, ଉପସଭାପତି ରଂଜିତ କୁମାର ପଣ୍ଡା, ସହ ସମ୍ପାଦକ ସୌରୀଶଙ୍କର ପରିଡା, ପିନାକୀ ଧୀର, କୋଷାଧ୍ୟକ୍ଷ ନିଶାନ୍ତ ପଟ୍ଟନାୟକ, ସହସମ୍ପାଦକ ବରେନ୍ଦ୍ର ସେଠୀଙ୍କ ସମେତ କାର୍ଯ୍ୟକାରୀ କମିଟିର ପ୍ରତାପ ଚନ୍ଦ୍ର ଦାସ, ଲମ୍ବୋଦର ନାୟକ, ସନ୍ତୋଷ ସାହାଣୀ, ସଞ୍ଜୟ କୁମାର ଚୌଧୁରୀ, କିଶୋର ବଲ୍ଲଭ ଦାସ, ପ୍ରଭାତ କୁମାର ଦାସ, ବାସନ୍ତୀ ସାହୁ, ଧୀରେନ କୁମାର ମିଶ୍ର, ପ୍ରଭାତ ଖଣ୍ଡେଲୱାଲ, ହେମଲତା ମହାପାତ୍ର, ଜ୍ଞାନରଞ୍ଜନ ପାଣିଙ୍କ ସମେତ ପୂର୍ବତନ ସଭାପତି ରଘୁନାଥ ପ୍ରଧାନ, ମନୋଜ ନାୟକ, ପୂର୍ବତନ ସମ୍ପାଦକ ଦୀପକ ଦାଶ, ପୂର୍ବତନ ସହ ସମ୍ପାଦକ ଜୀତେନ୍ଦ୍ର ଉପାଧ୍ୟାୟ, ସଭ୍ୟ ଶଶାଙ୍କ ଶେଖର ପଣ୍ଡା, ମହମ୍ମଦ ଇସଲାମ ପ୍ରମୁଖ ଉପସ୍ଥିତ ଥିଲେ।

## ଚାନ୍ଦଗଡ଼ରେ ଯୁବତୀଙ୍କୁ ଗଣଦୁଷ୍କର୍ମ ଅଭିଯୋଗ

# ପୀଡ଼ିତାଙ୍କ ପରିବାରକୁ ଭେଟିଲେ ବିଜେପି ପ୍ରତିନିଧି ଦଳ





ଜଗତସିଂହପୁର,୨୨।୭ (ସମିସ)

ଜଗତସିଂହପୁର ସଦର ଥାନା ଅନ୍ତର୍ଗତ ଚାନ୍ଦଗଡ଼ ମଜୁରାଇ ଗ୍ରାମରେ ଗତକାଲି ରାତିରେ ଘଟିଥିବା ଗଣଦୁଷ୍କର୍ମ ମାମଲାର ପୀଡ଼ିତା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଚିକିତ୍ସିତ ହେଉଥିବାବେଳେ ଜିଲ୍ଲା ବିଜେପି ସଭାପତି ପ୍ରତାପ ମିଶ୍ରଙ୍କ ନେତୃତ୍ୱରେ ଏକ ପ୍ରତିନିଧି ଦଳ ଆଜି ଚିକିତ୍ସାଳୟରେ ପହଞ୍ଚି ପୀଡିତାଙ୍କ ସ୍ୱାସ୍ଥ୍ୟାବସ୍ଥା ଓ ଉତ୍ତମ ଚିକିତ୍ସା ସମ୍ପର୍କରେ ସିଡିଏମଓ ଓ ଅନ୍ୟ ଡାକ୍ତରଙ୍କ ସହିତ ଆଲୋଚନା କରିଥିଲେ। ପରେ ଏସ୍‌ପିଙ୍କୁ ଭେଟି ଅଭିଯୁକ୍ତଙ୍କ ଗିରଫଦାରି ଓ ଅନ୍ୟାନ୍ୟ ପ୍ରସଙ୍ଗରେ ଆଲୋଚନା କରିଥିଲେ। ସେହିପରି ପୀଡିତାଙ୍କ ପରିବାର ସଦସ୍ୟଙ୍କୁ ଭେଟି ବିଜେପି ଟିମ ସାନ୍ତ୍ୱନା ଦେଇଥିଲେ।

ଏହି ଟିମରେ ପ୍ରାକ୍ତନ ଜିଲ୍ଲା ସଭାପତି ସତ୍ୟବ୍ରତ ମହାପାତ୍ର, ତିର୍ତ୍ତୋଲ ନେତା ରାଜକିଶୋର ବେହେରା, ଜିଲ୍ଲା ବିଜେପି ଉପସଭାପତି ସୌଭାଗ୍ୟ ମହାନ୍ତି, କଳ୍ପନା ମହାନ୍ତି ସର୍ଜନା ସିଂହ, ବିଜେପି ମିଡ଼ିଆ ସେଲ ଅଧ୍ୟକ୍ଷ ଗଣେଶ ପ୍ରସାଦ ମହାନ୍ତି, ପୌର ଉପାଧ୍ୟକ୍ଷ ରାଜେନ୍ଦ୍ର ବିଶୋଇ, ବରିଷ୍ଠ ବିଜେପି ନେତା ବିଜୟ ଦାଶ, କାଉନସିଲର ସବିତା ପ୍ରଧାନ, ଲକ୍ଷ୍ମୀପ୍ରିୟା ଷଡ଼ଙ୍ଗୀ, ସମୀର ନାୟକ, ଶିଶିର ପାତ୍ର, ଚିତ୍ତରଞ୍ଜନ ପଣ୍ଡା, ସରପଞ୍ଚ ବସନ୍ତ ମହାନ୍ତି, ରାଜନାରାୟଣ ସାହୁ, ପ୍ରଜ୍ଞା ପ୍ରଣବ ଆଚାର୍ଯ୍ୟ, ନିହାର କାନ୍ତ ପତି, ମନୋଜ ବାରିକ, କାହ୍ନା ଷଡ଼ଙ୍ଗୀ ପ୍ରମୁଖ ସାମିଲ ଥିଲେ।

## ଦୃଷ୍ଟାନ୍ତମୂଳକ ଦଣ୍ଡ ଦାବିକଲେ ବିଧାୟକ

**ଜଗତସିଂହପୁର:** ଜଗତସିଂହପୁର ସଦରର ଚାନ୍ଦଗଡ଼ରେ ଯୁବତୀଙ୍କୁ ଗଣଦୁଷ୍କର୍ମ ଘଟଣାରେ ଅଭିଯୁକ୍ତଙ୍କୁ ଦୃଷ୍ଟାନ୍ତମୂଳକ ଦଣ୍ଡ ଦିଆଯିବାକୁ ଜଗତସିଂହପୁର ବିଧାୟକ ଅମରେନ୍ଦ୍ର ଦାସ ଦାବି କରିଛନ୍ତି। ପୀଡ଼ିତାଙ୍କୁ ଆବଶ୍ୟକ ଚିକିତ୍ସା ଯୋଗାଇ ଦେବାକୁ ମେଡିକାଲ କର୍ତ୍ତୃପକ୍ଷଙ୍କ ସହ ଆଲୋଚନା କରିଥିଲେ ଓ ପରିବାରବର୍ଗଙ୍କୁ ଶାନ୍ତ୍ୱନା ଦେଇଥିଲେ।

## କଂଗ୍ରେସର ପୀଡ଼ିତାଙ୍କୁ ନ୍ୟାୟ ପ୍ରଦାନ ଦାବି

**ଜଗତସିଂହପୁର:** ଜଗତସିଂହପୁର ସଦର ଥାନା ଅନ୍ତର୍ଗତ ଚାନ୍ଦଗଡ଼ରେ ଗତକାଲି ରାତିରେ ଜଣେ ଯୁବତୀଙ୍କୁ ଗଣଦୁଷ୍କର୍ମ ହୋଇଛି। ପୀଡ଼ିତାଙ୍କୁ ଉପଯୁକ୍ତ ନ୍ୟାୟ ପ୍ରଦାନ ସହିତ ଅଭିଯୁକ୍ତଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ପାଇଁ ଦାବି କରିଛି କଂଗ୍ରେସ।

ଆଜି ଜିଲ୍ଲା କଂଗ୍ରେସ ସଭାପତି ନଟବର ବାରିକଙ୍କ ନେତୃତ୍ୱରେ ପୂର୍ବତନ ବିଧାୟକ ଲଲାଟେନ୍ଦୁ ମହାପାତ୍ର, ବରିଷ୍ଠ ନାରୀନେତ୍ରୀ ପ୍ରତୀମା ମଲ୍ଲିକ, ମହନୀ ରାଉତ, ମାନସ ରଥ, ଅଭୟ ମହାନ୍ତି ଓ କୃଷ୍ଣଚନ୍ଦ୍ର ପ୍ରଧାନ ପ୍ରମୁଖ ଏସ୍‌ପି ଭବାନୀ ଶଙ୍କର ଉଦଗାତାଙ୍କୁ ଭେଟି ଏ ପ୍ରସଙ୍ଗରେ ଆଲୋଚନା କରିଥିଲେ। ସେହିପରି ପୀଡ଼ିତାଙ୍କ ପରିବାର ଓ ଚିକିତ୍ସାଳୟ କର୍ତ୍ତୃପକ୍ଷଙ୍କ ସହିତ ମଧ୍ୟ କଂଗ୍ରେସ ପ୍ରତିନିଧି ଦଳ ସମସ୍ତ ବିଷୟରେ ଆଲୋଚନା କରିଛନ୍ତି।

## ବୋଲବମ ଭକ୍ତଙ୍କ ପାଇଁ କ୍ରିକେଟ୍ କ୍ଲବ୍‌ର ଟିଫିନ୍ ସେବା



ଜଗତସିଂହପୁର,୨୨।୭ (ସମିସ) ଜଗତସିଂହପୁର ଜିଲ୍ଲାର ବାଲିକୁଦା ବ୍ଲକ୍ ଅନ୍ତର୍ଗତ ରାହାଣ ପଞ୍ଚାୟତ କୋସିଦା ଗ୍ରାମର ପୁରାତନ ଶୈବପୀଠ ଶ୍ରୀଶ୍ରୀ ନୀଳକଣ୍ଠେଶ୍ୱର ମନ୍ଦିରରେ ଶ୍ରାବଣ ମାସ ଦ୍ୱିତୀୟ ସୋମବାର ଦିନ ଶହ ଶହ ବୋଲବମ ଭକ୍ତ ପାଣି ଢ଼ାଳି ଶ୍ରଦ୍ଧା ସୁମନ ଅର୍ପଣ କରିଥିଲେ। ପ୍ରଶାସନ ପକ୍ଷରୁ ଭକ୍ତଙ୍କ ସୁରକ୍ଷା ପାଇଁ ସମସ୍ତ ବ୍ୟବସ୍ଥା ମଧ୍ୟ କରାଯାଇଥିଲା। ତେବେ ରାତିରେ ବରଗୁଡ଼ିପଡ଼ା ନୀଳକଣ୍ଠେଶ୍ୱର କ୍ରିକେଟ କ୍ଲବ୍ ପକ୍ଷରୁ ବୋଲବମ୍ ଭକ୍ତଙ୍କ ପାଇଁ ଚା' ଓ ଟିଫିନ୍ ବ୍ୟବସ୍ଥା କରାଯାଇଥିଲା। କ୍ଲବର ସଭାପତି ସଞ୍ଜୀବ ସାହୁଙ୍କ ତତ୍ତ୍ୱାବଧାନରେ କାର୍ଯ୍ୟକ୍ରମ ପ୍ରସ୍ତୁତ କରାଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ କ୍ଲବର ସଦସ୍ୟ ହେମନ୍ତ ଦାସ, ବସନ୍ତ ବାରିକ, ଦୀପକ ଦାସ, ମାନସ ଦାସ, ସ୍ମୃତିରଞ୍ଜନ ସାହୁ, ସୁଦର୍ଶନ ସାହୁ, ବିଜୟ ବେହେରା ଓ ବସନ୍ତ ପରିଡ଼ା ପ୍ରମୁଖ ଉପସ୍ଥିତ ରହି ସହଯୋଗ କରିଥିଲେ। ଏହି କାର୍ଯ୍ୟକ୍ରମ ୧୦ ବର୍ଷ ଧରି ଜାରି ରହିଛି। ଆଗକୁ ଏହା ଜାରି ରହିବ ବୋଲି କ୍ଲବ୍ ପକ୍ଷରୁ ସୂଚନା ଦିଆଯାଇଛି।

## ମା' ରମାଦେବୀ ଚୌଧୁରୀଙ୍କ ଶ୍ରାଦ୍ଧ ଦିବସ ପାଳିତ



ଜଗତସିଂହପୁର,୨୨।୭ (ସମିସ): ଆଜି ଜଗତସିଂହପୁର ଜିଲ୍ଲା ପ୍ରଶାସନ ଓ ପୌର ପରିଷଦର ମିଳିତ ଆନୁକୂଲ୍ୟରେ ମା ରମାଦେବୀ ଚୌଧୁରୀଙ୍କ ଶ୍ରାଦ୍ଧ ଦିବସ ପାଳିତ ହୋଇଯାଇଛି। ଏ ଅବସରରେ ପୌର ପରିଷଦ କାର୍ଯ୍ୟାଳୟ ପରିସରରେ ଥିବା ତାଙ୍କ ପ୍ରତିମୂର୍ତ୍ତିରେ ଅତିରିକ୍ତ ଜିଲ୍ଲାପାଳ ଜ୍ୟୋତି ଶଙ୍କର ରାୟ ପୁଷ୍ପମାଲ୍ୟ ପ୍ରଦାନ ପୂର୍ବକ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ସେହିପରି ପୌର ପରିଷଦ ଅଧ୍ୟକ୍ଷା ଅର୍ଚ୍ଚନା ସିଂହ, ଉପାଧ୍ୟକ୍ଷ ରାଜେନ୍ଦ୍ର ବିଶୋଇ, ପୌର ନିର୍ବାହୀ ଅଧିକାରୀ ସୀମା ଜେନା, ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ପ୍ରତିଚୀ ତନୟା ମହାନ୍ତି, ୯ ନମ୍ବର ୱାର୍ଡ ପାରିଷଦ ଜଗଦା ନନ୍ଦ ପଢ଼ିହାରି, ପୌର ପରିଷଦର କର୍ମକର୍ତ୍ତା ପ୍ରମୁଖ ପୁଷ୍ପମାଲ୍ୟ ଦେଇ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ।

## ନଦୀକୁ ଡେଇଁ ଯୁବକ ନିଖୋଜ



ନାଉଗାଁ, ୨୨।୭ (ସମିସ): ନାଉଗାଁ ଥାନା ଅନ୍ତର୍ଗତ ନାଉଗାଁ ଗ୍ରାମରେ ଏକ ଅଭାବନୀୟ ଘଟଣା ଦେଖିବାକୁ ମିଳିଛି। ଉକ୍ତ ଗ୍ରାମର ଦେବାଶିଷ ପରିଜାଙ୍କ ପୁଅ ରାଜା ସ୍ଥାନୀୟ କଣିପଡ଼ାସ୍ଥ ସରକାରୀ ବହୁବୃତ୍ତି ଶିକ୍ଷାନୁଷ୍ଠାନରେ ଅଧ୍ୟୟନ କରୁଥିଲେ। ଆଜି ସକାଳୁ ସେ ସ୍କୁଟି ନେଇ ବିଦ୍ୟାଳୟକୁ ନ ଯାଇ ଗାରୋଇ ନିକଟରେ ଦେବୀନଦୀରେ ଥିବା ଏକ ପଥର ବୁରୁଜ ନିକଟର ନଦୀପଠାରେ ସ୍କୁଟି ଓ ଚପଲ ରଖି ନଦୀକୁ ଡେଇଁ ପଡ଼ିଥିଲେ। ସ୍ଥାନୀୟ ଲୋକ ଦେଖି ନାଉଗାଁ ଥାନାକୁ ଖବର ଦେବାପରେ ନାଉଗାଁ ପୁଲିସ ଘଟଣାସ୍ଥଳରେ ପହଁଚି ସ୍କୁଟି ନମ୍ବରକୁ ଆଧାର କରି ଯୁବକଙ୍କ ଘର ଲୋକଙ୍କୁ ଖବର ଦେବା ସହିତ ନାଉଗାଁ ଅଗ୍ନିଶମ କର୍ମଚାରୀଙ୍କ ସହାୟତାରେ ନଦୀରେ ଖୋଜାଖୋଜି କରିଥିଲେ। ଏବେ ନଦୀରେ ବନ୍ୟାଜଳ ପ୍ରବାହିତ ହେଉଥିବାରୁ ପ୍ରଖର ସୁଅରେ ଯୁବକ ଜଣଙ୍କ ତଳକୁ ଭାସିଯାଇଥିବା ଅନୁମାନ କରାଯାଉଛି।

## ତାଳଦଣ୍ଡା କେନାଲରୁ ଛଡ଼ାଗଲା ପ୍ରଥମ ପାଣି

ତିର୍ତ୍ତୋଲ,୨୨।୭ (ସମିସ): ଚଳିତ ଖରିଫ ଫସଲ ନିମନ୍ତେ ଚାଷୀଙ୍କ ଆବଶ୍ୟକତା ଅନୁଯାୟୀ ତାଳଦଣ୍ଡା କେନାଲରୁ ୧୨ ନମ୍ବର କେନାଲକୁ ପ୍ରଥମ ପାଣି ଛଡ଼ାଯାଇଥିବା ସୂଚନା ମିଳିଛି। ଏହାଦ୍ୱାରା ୧୨ ନମ୍ବର କେନାଲ ଅନ୍ତର୍ଗତ ୧୫ଟି ଶାଖା କେନାଲକୁ ପାଣି ଯିବାର ବ୍ୟବସ୍ଥା କରାଯାଇଛି। ଏହାଫଳରେ ତିର୍ତ୍ତୋଲ, କୁଜଙ୍ଗ ଓ ଏରସମା ବ୍ଲକ୍‌ର ୫୫ଟି ପଞ୍ଚାୟତରେ ଥିବା ପ୍ରାୟ ୧୨ ହଜାର ହେକ୍ଟର ଚାଷଜମିକୁ ଜଳସେଚିତ ହୋଇପାରିବ ବୋଲି ଜଣାପଡିଛି। ଏ ଉପଲକ୍ଷେ ଜଇପୁର ନୂଆପଡାଠାରେ ପ୍ରଥମ ପାଣି ଛଡାଯିବା କାର୍ଯ୍ୟକ୍ରମରେ ମଣିଜଙ୍ଗା ଜଳସେଚନ ବିଭାଗର ଅତିରିକ୍ତ ନିର୍ବାହୀ ଯନ୍ତ୍ରୀ ପ୍ରତ୍ୟୁଷ କୁମାର ଦଳାଇ, ସହକାରୀ ଯନ୍ତ୍ରୀ ତପନ ସ୍ୱାଇଁ ଓ ଅନ୍ୟ ସରକାରୀ କର୍ମଚାରୀ ତଥା ବିଭିନ୍ନ ପାଣି ପଞ୍ଚାୟତର କାର୍ଯ୍ୟକର୍ତ୍ତା ଉପସ୍ଥିତ ଥିଲେ। ଏହି କାର୍ଯ୍ୟକ୍ରମକୁ ଗୋବିନ୍ଦପୁର ପାଣି ପଞ୍ଚାୟତର ସଭାପତି ରଶ୍ମିରଞ୍ଜନ ପରିଜା ଓ ସମ୍ପାଦକ କୈଳାସ ଚନ୍ଦ୍ର ମହାନ୍ତି ପରିଚାଳନା କରିଥିଲେ।

## ପରିବେଶ ସୁରକ୍ଷା ବାର୍ତ୍ତାଦେଲେ କୈଳାସ ମହାରଣା

ପାରାଦୀପ,୨୨।୭ (ସମିସ): ବନ୍ଦର ସହରରେ ହୋଟେଲ ଓ ଚଳଚ୍ଚିତ୍ର ଶିଳ୍ପରେ ପ୍ରତିଷ୍ଠିତ ଡକ୍ଟର କୈଳାସ ଚନ୍ଦ୍ର ମହାରଣା ତାଙ୍କ ଜନ୍ମ ଦିନରେ ପରିବେଶ ସୁରକ୍ଷା ବାର୍ତ୍ତା ଦେଇଛନ୍ତି। ୭୨ ବର୍ଷ ବୟସରେ ସେ ସୁସ୍ଥ ଅଛନ୍ତି ଓ ସମାଜ ସେବାରେ ନିଜକୁ ନିୟୋଜିତ କରୁଛନ୍ତି। କିନ୍ତୁ ପରିବେଶ ପ୍ରଦୂଷଣଜନିତ ପ୍ରଭାବ ମଣିଷର ଦୀର୍ଘ ନିରାମୟ ଜୀବନ ପାଇଁ ପ୍ରତିବନ୍ଧକ ହୋଇ ଠିଆ ହୋଇଛି। ଏଭଳି ସ୍ଥିତିରେ ପରିବେଶ ସୁରକ୍ଷା ପାଇଁ ପର୍ଯ୍ୟାପ୍ତ ବୃକ୍ଷରୋପଣ ଓ ପାରିପାର୍ଶ୍ୱିକ ପରିବେଶର ପରିଚ୍ଛନ୍ନତା ନିହାତି ପ୍ରୟୋଜନ ବୋଲି କହିଛନ୍ତି। ସମସ୍ତେ ବୃକ୍ଷରୋପଣ କାର୍ଯ୍ୟରେ ନିୟୋଜିତ ହେବାକୁ ଆହ୍ୱାନ ଦେଇଥିଲେ। ଏ ନେଇ ଆୟୋଜିତ ଏକ ଉତ୍ସବରେ ପୂର୍ବତନ ସାଂସଦ ଡାକ୍ତର କୁଳମଣି ସାମଲ ଉପସ୍ଥିତି ରହି ସ୍ୱାସ୍ଥ୍ୟ ସୁରକ୍ଷା ପାଇଁ ଯତ୍ନବାନ ହୋଇ ଦୀର୍ଘ ଜୀବନ ବିତାଇବା ପାଇଁ ପରାମର୍ଶ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ପାରାଦୀପ ଲାଫିଙ୍ଗ କ୍ଲବ, ରୋଟାରୀ କ୍ଲବ ଓ ସୁଇମିଂ କ୍ଲବ କର୍ମକର୍ତ୍ତା ଯୋଗ ଦେଇଥିଲେ।

# ଖୋଲା ତେଲ ବିକ୍ରି ନ କରିବାକୁ ପେଟ୍ରୋଲ ପମ୍ପ ମାଲିକଙ୍କୁ ପରାମର୍ଶ




ଏରସମା,୨୨।୭ (ସମିସ): ସୌମ୍ୟାଶ୍ରୀଙ୍କ ମୃତ୍ୟୁ ପରେ ରାଜ୍ୟ ସରକାର ପେଟ୍ରୋଲ ପମ୍ପରେ ଖୋଲାରେ ତେଲ ବିକ୍ରୟ ଉପରେ କଟକଣା ଜାରି କରିଛନ୍ତି। ଏହି ପରିପ୍ରେକ୍ଷୀରେ ଏରସମା ଥାନା ଅଞ୍ଚଳରେ ଥିବା ପେଟ୍ରୋଲ ପମ୍ପ ମାଲିକଙ୍କୁ ନେଇ ଏରସମା ଥାନାର ଭରାପ୍ରାପ୍ତ ଅଧିକାରୀ ପ୍ରେମଜିତ ଦାସ ଏକ ସଚେତନତା କର୍ମଶାଳାର ଆୟୋଜନ କରିଥିଲେ। ଏଥିରେ ଏରସମା ଅଞ୍ଚଳରେ ଥିବା ୩ଟି ପେଟ୍ରୋଲ ପମ୍ପର ମାଲିକ ଯୋଗ ଦେଇଥିଲେ। ଆଗକୁ ପେଟ୍ରୋଲ ପମ୍ପ ମାଲିକମାନେ ସେମାନଙ୍କ ଗ୍ରାହକଙ୍କୁ ଖୋଲା ପେଟ୍ରୋଲ ନ ନେବାକୁ ସଚେତନ କରିବା ସହ ପେଟ୍ରୋଲ ପମ୍ପରେ ସଚେତନତା ବ୍ୟାନର ଲଗାଇବେ ବୋଲି ପ୍ରତିଶ୍ରୁତି ଦେଇଥିଲେ।

## ୫ ଦିନ ବଢ଼ିଲା ଅରୂପା ବାଣିଜ୍ୟ ମେଳା



ପାରାଦୀପ, ୨୨।୭ (ସମିସ): ପାରାଦୀପ ସମୁଦ୍ର ବେଳାଭୂମିରେ ବିଜୁ ମଇଦାନରେ ଅରୂପା ପକ୍ଷରୁ ଚାଲିଥିବା ବାଣିଜ୍ୟ ମେଳାକୁ ଆଉ ୫ ଦିନ ବଢାଇ ଦିଆଯାଇଛି। ୨୨ ତାରିଖରେ ଶେଷ ହେବାକୁ ଥିବା ଏହି ମେଳା ଆସନ୍ତା ୨୭ ତାରିଖ ରବିବାର ଦିନ ଉଦଯାପିତ ହେବ ବୋଲି ଅରୂପା ପକ୍ଷରୁ ସୂଚନା ଦିଆଯାଇଛି। ତେବେ ଭଲ ଜନସମାଗମ ହେବା ସହିତ ବହୁଦିନ ପରେ ବନ୍ଦର ସହରରେ ଏଭଳି ମେଳା ପଡ଼ିଥିବାରୁ ଲୋକେ ଉତ୍ସାହିତ ଅଛନ୍ତି। ଫଳରେ ଏହାକୁ ବଢାଇ ଦିଆଯାଇଥିବା କୁହାଯାଇଛି। ଆଜି ଉଦଯାପିତ ହେବା ନେଇ ପୂର୍ବ ପ୍ରଚାରିତ ପାଇଁ ବହୁ ଲୋକଙ୍କ ସମାଗମ ଦେଖିବାକୁ ମିଳିଥିଲା। ଓଡିଶା ସରକାରଙ୍କ ସାଂସ୍କୃତିକ ବିଭାଗ ପକ୍ଷରୁ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜିତ ହେବା ସହ ବ୍ୟବସାୟୀ ଆଶାଜନକ ବ୍ୟବସାୟ କରୁଥିବା ଜଣାପଡିଛି। ସବୁଦିନ ଭଳି ମୀନା ବଜାର ଷ୍ଟଲ ସହିତ ସମ୍ବଲପୁରୀ ବସ୍ତ୍ର ଷ୍ଟଲ, ମହିଳାଙ୍କ ହାତ ତିଆରି ଘରୋଇ ସାମଗ୍ରୀ ଓ ହସ୍ତତନ୍ତ ଷ୍ଟଲରେ ଭିଡ ଜମୁଛି। ଆଜି ସନ୍ଧ୍ୟାରେ ବନ୍ଦର ସହର ସମେତ ଆଖପାଖ ଅଞ୍ଚଳର ବହୁ ଲୋକଙ୍କ ସମାଗମ ହୋଇଥିଲା।

## ୨୬ ଆଇପିଏସ୍ ପ୍ରଶିକ୍ଷାର୍ଥୀଙ୍କ ପାରାଦୀପ ବନ୍ଦର ପରିଦର୍ଶନ



ପାରାଦୀପ, ୨୨।୭ (ସମିସ): ଭାରତୀୟ ପୁଲିସ ସେବା (ଆଇପିଏସ) ପ୍ରଶିକ୍ଷାର୍ଥୀଙ୍କ ଏକ ୨୬ ଜଣିଆ ଦଳ ସୋମବାର ପାରାଦୀପ ବନ୍ଦରକୁ ଦୁଇଦିନିଆ ଗସ୍ତରେ ଆସି ପହଞ୍ଚିଛନ୍ତି। ଏହି ଗସ୍ତ ସମୟରେ ସେମାନେ ଓଡ଼ିଶା ସାମୁଦ୍ରିକ ସୁରକ୍ଷା ବ୍ୟବସ୍ଥା ଓ ପାରାଦୀପ ବନ୍ଦର ପରିଚାଳନା ସମ୍ପର୍କରେ ଅବଗତ ହେବେ। ଏ ଅବସରରେ ପ୍ରଥମ ସୋମବାର ଦିନ ଏହି ଆଇପିଏସ ପ୍ରଶିକ୍ଷାର୍ଥୀ ପାରାଦୀପସ୍ଥ ଭାରତୀୟ ତଟରକ୍ଷୀ ମୁଖ୍ୟ କାର୍ଯ୍ୟାଳୟରେ ପହଞ୍ଚି ସାମୁଦ୍ରିକ ସୁରକ୍ଷା ଓ ତଟରକ୍ଷୀ ବାହିନୀର କାର୍ଯ୍ୟ ବିଷୟରେ ଅବଗତ ହୋଇଥିଲେ। ଏହାପରେ ସେମାନେ ପାରାଦୀପ ବନ୍ଦର ପ୍ରାଧିକରଣ ପ୍ରଶାସନିକ ଭବନରେ ପହଞ୍ଚିବା ପରେ ବନ୍ଦର ଅଧ୍ୟକ୍ଷ ପି.ଏଲ. ହରନାଦ ସେମାନଙ୍କୁ ସ୍ୱାଗତ କରି ବନ୍ଦର ପରିଚାଳନା ସମ୍ପର୍କରେ ଅବଗତ କରାଇଥିଲେ।

## ଜଙ୍ଗଲ କାଟିବାକୁ ବିରୋଧ

# ଜେଏସ୍‌ଡବ୍ଲୁ ଫାଟକ ଆଗରେ ମହିଳାଙ୍କ ଧାରଣା



ପାରାଦୀପ, ୨୨।୭ (ସମିସ): ଗୋବିନ୍ଦପୁର ଗ୍ରାମ୍ୟ ଜଙ୍ଗଲ କାଟକୁ ନେଇ ଉତ୍ତେଜନା ପ୍ରକାଶ ପାଇଛି। ମା' ତେନ୍ତୁଳାଇ ଜଙ୍ଗଲ କମିଟି ପକ୍ଷରୁ ଗାଇସୂଆ ଜେଏସଡବ୍ଲ୍ୟୁ କମ୍ପାନୀ ଫାଟକ ନିକଟରେ ଧାରଣା ଦେଇଛନ୍ତି ଶହ ଶହ ମହିଳା। ଦିନ ୧୦ଟାରୁ ସନ୍ଧ୍ୟା ପର୍ଯ୍ୟନ୍ତ କମ୍ପାନୀ ଫାଟକ ନିକଟରେ ଧାରଣା ଦେଇଥିଲେ ମଧ୍ୟ କୌଣସି କମ୍ପାନୀ କର୍ତ୍ତୃପକ୍ଷ ସେମାନଙ୍କ ନିକଟକୁ ଆସି ନ ଥିବା ଅଭିଯୋଗ କରିଛନ୍ତି ମହିଳା। ତେବେ ସେମାନଙ୍କ କହିବା କଥା ଆମ ବାପା ଅଜା ଅମଳରୁ ଆମେ ଜଙ୍ଗଲରୁ ଜାଳେଣି କାଠ ସଂଗ୍ରହ କରି ପରିବାର ପ୍ରତିପୋଷଣ କରିଆସୁଛୁ। ଆଜି ଏହି ଜଙ୍ଗଲ ଜମିକୁ କମ୍ପାନୀ କର୍ତ୍ତୃପକ୍ଷ ମନଇଚ୍ଛା କାଟୁଛନ୍ତି। ଆମକୁ ସେଠାକୁ ଯିବାକୁ ଦେଉନାହାନ୍ତି। ଫାଟକରେ ତାଲା ପକାଇ ସେପଟେ ଗଛ କଟୁଛନ୍ତୁ। ଆମେ କିଭଳି ଖାଦ୍ୟ ପଦାର୍ଥ ତିଆରି କରିବୁ ବୋଲି ପ୍ରଶ୍ନ କରିଛନ୍ତି। ଆଜି ମହିଳାମାନେ ସକାଳୁ ଧାରଣାରେ ବସି ରହିଥିଲେ ମଧ୍ୟ ମହିଳାଙ୍କ ପ୍ରତି କମ୍ପାନୀ କର୍ତ୍ତୃପକ୍ଷ କୌଣସି ସମ୍ବେଦନଶୀଳ ଦେଖାଇ ନ ଥିବା ସେମାନେ ଅଭିଯୋଗ କରିଛନ୍ତି। ସେପଟେ ପୁଲିସ ଛାଉଣୀରେ ଚାଲିଛି ଜଙ୍ଗଲ କଟା। ଏପଟେ କମ୍ପାନୀ ଗେଟ୍ ନିକଟରେ ଧାରଣାରେ ଶହ ଶହ ମହିଳା ଫାଟକରେ ହୋଇଛନ୍ତି ଏକାଠି। ବର୍ତ୍ତମାନର ବିଜେପି ସରକାର ହେଉଛନ୍ତି ଅଦାନୀ ଅମ୍ବାନୀ ଓ ଆରବପତିଙ୍କ କମ୍ପାନୀକୁ ଅନୁକମ୍ପା ଦେଖାଉଛନ୍ତି। ଗରିବଙ୍କୁ ଅଣଦେଖା କରିବା ସହିତ ମହିଳାଙ୍କୁ ସମ୍ମାନ ଦେଉ ନ ଥିବା ସେମାନେ ଅଭିଯୋଗ କରିଛନ୍ତି। ଦିନ ତମାମ ଫାଟକ ଆଗରେ ଧାରଣାରେ ବସି ରହିଥିଲେ ମଧ୍ୟ ଆହା ପଦେ କିମ୍ବା ସାନ୍ତ୍ୱନା ଦେବାକୁ କେହି ବି ଆସି ନ ଥିଲେ। ଜାଣିଶୁଣି ମହିଳାଙ୍କୁ ଏକ ପ୍ରକାର ନିର୍ଯାତନା ଦିଆଯାଉଥିବା ସେମାନେ ଅଭିଯୋଗ କରିଛନ୍ତି। ଏଭଳି ଅନ୍ୟାୟକୁ ବିରୋଧ କରାଯିବ। ଅଞ୍ଚଳର ଶହ ଶହ ମହିଳା ରାଜରାସ୍ତାକୁ ଓହ୍ଲାଇବୁ। କମ୍ପାନୀର ମହିଳାଙ୍କ ପ୍ରତି ଏଭଳି ଅମାନୁଷିକ କାର୍ଯ୍ୟକୁ ବିରୋଧୀ କରି ଧାରଣା ଦେବାକୁ ବାଧ ହେବୁ। ଆସନ୍ତାକାଲିଠାରୁ ଏଭଳି ଧାରଣା ଜାରି ରହିବ ବୋଲି ମହିଳାମାନେ ଚେତାବନୀ ଦେଇଛନ୍ତି।

## ବାଳିକା ବିଦ୍ୟାଳୟରେ ରମାଦେବୀଙ୍କ ଶ୍ରାଦ୍ଧବାର୍ଷିକୀ ପାଳିତ




ଜଗତସିଂହପୁର,୨୨।୭ (ସମିସ): ଜଗତସିଂହପୁରର ରମାଦେବୀ ପାଠାଗାର ଓ ଜିଲ୍ଲା ସର୍ବୋଦୟ ମଣ୍ଡଳର ମିଳିତ ସହଯୋଗରେ ମହିୟସୀ ନାରୀ ତଥା ସଂଗ୍ରାମୀ ମା' ରମାଦେବୀଙ୍କ ୪୦ତମ ଶ୍ରାଦ୍ଧବାର୍ଷିକୀ ସ୍ଥାନୀୟ ସରକାରୀ ବାଳିକା ଉଚ୍ଚବିଦ୍ୟାଳୟ ସଭାଗୃହରେ ପାଳନ କରାଯାଇଛି। ବୃନ୍ଦାବନ ଚନ୍ଦ୍ର ମହାବିଦ୍ୟାଳୟର ପୂର୍ବତନ ଅଧ୍ୟକ୍ଷ ତଥା ଜିଲ୍ଲା ସର୍ବୋଦୟ ମଣ୍ଡଳର ସଭାପତି ରମାରଞ୍ଜନ ସ୍ୱାଇଁ ସଭାପତିତ୍ୱ କରିଥିବାବେଳେ ମୁଖ୍ୟଅତିଥି ଭାବେ ରାଜ୍ୟ ପୁରସ୍କାରପ୍ରାପ୍ତ ଶିକ୍ଷକ ସୁରେଶ ରାଉତ ଓ ମୁଖ୍ୟବକ୍ତା ଭାବେ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷକ ମିହିର ପାଲ ଯୋଗଦେଇ ମା' ରମାଦେବୀଙ୍କ ଜୀବନ ଦର୍ଶନ ଉପରେ ଆଲୋକପାତ କରିଥିଲେ। ସ୍ୱାଧୀନତା ସଂଗ୍ରାମରେ ରମାଦେବୀଙ୍କ ଯୋଗଦାନ ଓ ତାଙ୍କ ଜୀବନ ଆଦର୍ଶରେ ଆଜିର ଝିଅମାନେ ଅନୁପ୍ରାଣିତ ହୋଇ ସମାଜର କୁସଂସ୍କାର ଓ କଳୁଷିତ କାର୍ଯ୍ୟକୁ ଶୃଙ୍ଖଳାର ସହିତ ଦୃଢ ପ୍ରତିବାଦ କଲେ ଜୀବନର ସାର୍ଥକତା ଉପଲବ୍ଧ ହୋଇପାରିବ ବୋଲି ମତବ୍ୟକ୍ତ କରିଥିଲେ। ରମାଦେବୀ ପାଠାଗାରର ସମ୍ପାଦିକା ତଥା ଜିଲ୍ଲା ସର୍ବୋଦୟ ମଣ୍ଡଳର ସମ୍ପାଦିକା ବିଜୟଲକ୍ଷ୍ମୀ ମହାପାତ୍ର ଅତିଥି ପରିଚୟ ପ୍ରଦାନ କରିବା ସହିତ କାର୍ଯ୍ୟକ୍ରମ ସମ୍ପର୍କରେ ସୂଚନା ପ୍ରଦାନ କରିଥିଲେ। ସମ୍ମାନିତ ଅତିଥି ଭାବେ ସାମାଜିକ କର୍ମୀ ଗୋବିନ୍ଦ ଓଝା, ରାଜ୍ୟ ଅଭିଭାବକ ମହାସଂଘ ଉପସଭାପତି ପୂର୍ଣ୍ଣଚନ୍ଦ୍ର ମହାପାତ୍ର ଓ ସାମାଜିକ କର୍ମୀ ବିଜନ କୁମାର ମହାପାତ୍ର ପ୍ରମୁଖ ଯୋଗଦେଇ ରମାଦେବୀଙ୍କ ବହୁମୁଖୀ ପ୍ରତିଭା ସମ୍ପର୍କରେ ଆଲୋଚନା କରିଥିଲେ। ବିଦ୍ୟାଳୟର ସମସ୍ତ ଶିକ୍ଷୟିତ୍ରୀ ଓ କର୍ମଚାରୀ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ବରିଷ୍ଠ ଶିକ୍ଷୟିତ୍ରୀ ସୁପ୍ରିୟା ପ୍ରିୟଦର୍ଶିନୀ ଧନ୍ୟବାଦ ପ୍ରଦାନ କରିଥିଲେ।

## ଅନ୍‌ଲାଇନ ଆପ୍ ମାଧ୍ୟମରେ ଗ୍ରାମାଞ୍ଚଳର ଯୁବପିଢ଼ି

# ଠକାମୀର ଶିକାର ହେବା ଆଶଙ୍କା; କାର୍ଯ୍ୟାନୁଷ୍ଠାନ ଦାବି

ବାଲିକୁଦା,୨୨।୭ (ସମିସ)

ବାଲିକୁଦା ବ୍ଲକର ବିଭିନ୍ନ ଗ୍ରାମର ଯୁବପିଢି ମଧ୍ୟରେ ଏବେ ଅନଲାଇନ ଆପରେ ଅର୍ଥ ବିନିଯୋଗ କରି ଅଧିକ ଅର୍ଥ ଉପାର୍ଜନ କରିବାର ଲାଳସା ବୃଦ୍ଧି ପାଇବାରେ ଲାଗିଛି। ଆଗାମୀ ଦିନରେ ଭୟଙ୍କର ଠକାମୀର ଶିକାର ହେବା ଆଶଙ୍କା ବ୍ୟକ୍ତ କରିଛନ୍ତି ବୁଦ୍ଧିଜୀବୀ। ପ୍ରଶାସନ ପକ୍ଷରୁ ଉକ୍ତ ଆପର ସଠିକ ଯାଞ୍ଚ କରିବା ସହ ଏହାର ସତ୍ୟାସତ୍ୟ ସମ୍ପର୍କରେ ବିଜ୍ଞାପନ ଜରିଆରେ ସଚେତନ କରାଇବାକୁ ନିବେଦନ କରିଛନ୍ତି ବୁଦ୍ଧିଜୀବୀ। ନଚେତ୍ ଚିଟ୍‌ଫଣ୍ଡ ଠକେଇ ଭଳି ଅନେକ ସାଧାରଣ ନିରୀହ ଗରିବ ପରିବାର ଅଧିକ ଅର୍ଥ ଉପାର୍ଜନ ଲୋଭରେ ଏହାର ଶିକାର ହୋଇ କଷ୍ଟ ଉପାର୍ଜିତ ଅର୍ଥକୁ ହରାଇବାର ଆଶଙ୍କା ପ୍ରକାଶ ପାଇଛି।

ସୂଚନା ମୁତାବକ, ପ୍ରାୟ ୧୦ ମାସ ତଳେ ଲଞ୍ଚ ହୋଇଥିବା ଉକ୍ତ ଆପକୁ ପ୍ରଥମେ ଡାଉନଲୋଡ଼ କରାଇବା ପାଇଁ ବୁଝାଉଛନ୍ତି ଏଜେଣ୍ଟ। ପରେ ଏହାର ସଦସ୍ୟତା ଗ୍ରହଣ କରିବା ଲାଗି ସର୍ବନିମ୍ନ ଅର୍ଥ ୨୧୦୦ ଟଙ୍କା ରହିଥିବାବେଳେ ଏଥିପାଇଁ ଆପଣଙ୍କ ଆକାଉଣ୍ଟରୁ ଏହା ପ୍ରଦାନ କରିବାକୁ ପଡିବ। ପରବର୍ତ୍ତୀ ସମୟରେ ଦୈନିକ ଏଥିଲାଗି ଜଣେ ସଦସ୍ୟକୁ ୫ଟି ଟାସ୍କ ଅର୍ଥାଥ ଉକ୍ତ ଆପରେ ଆସୁଥିବା ବିଜ୍ଞାପନକୁ ଫାଇଭ ଷ୍ଟାର ରେଟିଂ ଦେବାକୁ ହେବ। ଏଭଳି ଦୈନଦିନ କରିବା ଦ୍ୱାରା ଆପଣଙ୍କୁ ଗୋଟିଏ ବିଜ୍ଞାପନରୁ ୧୫ ଅର୍ଥାଥ ୫ଟିରୁ ୭୫ ଟଙ୍କା ମିଳିଯିବ। ଫଳରେ ସଦସ୍ୟ ଜଣଙ୍କ ପ୍ରଥମ ମାସରେ ନିବେଶ କରିଥିବା ଅର୍ଥ ଫେରି ପାଇବ। ଯଦି ରେଟିଂ ପ୍ରଦାନ ନ କରେ ତେବେ ଅର୍ଥ ଆସିବ ନାହିଁ। ସଦସ୍ୟ ଜଣଙ୍କ ତାଙ୍କ ଆଇଡି ଜରିଆରେ ଅନ୍ୟ ୧୨ ଜଣଙ୍କୁ ସଦସ୍ୟତା ପ୍ରଦାନ କରିବ, ତେବେ ତାକୁ ମାସକୁ ୧୦ ହଜାର ଦରମା ସମେତ ପ୍ରତ୍ୟକ ସଦସ୍ୟ ପିଛା କିଛି ଅର୍ଥ ଆସିବ। ସେହିପରି ଦ୍ୱିତୀୟ ସୋପାନରେ ଅଧିକ ଅର୍ଥ ଉପାର୍ଜନ ପାଇଁ ସଦସ୍ୟ ପିଛା ୫୫୦୦, ୧୬୫୦୦, ୪୯୦୦୦, ୧୩୫୦୦୦, ୩୫୫୦୦୦, ୯୦୦୦୦୦, ୧୮୦୦୦୦୦, ୩୬୦୦୦୦୦ ରହିଛି। ଯେଉଁଥିରେ ପ୍ରତ୍ୟେକ ଦିନ ୧୦, ୧୫, ୩୦, ୫୦, ୮୦, ୧୦୦, ୧୬୦, ୨୦୦ ବିଜ୍ଞାପନକୁ ଫାଇଭ ଷ୍ଟାର ରେଟିଂ ଦେବାକୁ ପଡିବ। ଫଳରେ ଜଣେ ସଦସ୍ୟ ଦୈନିକ ୨୦୦, ୬୨୫, ୧୮୩୦, ୫୧୦୦, ୧୩୭୬୦, ୩୬୦୦୦, ୭୩୬୦୦, ୧୪୭୦୦୦ ହଜାର ପର୍ଯ୍ୟନ୍ତ ଆୟ କରିବା ସହ ଆଗାମୀ ଦିନରେ ଲକ୍ଷପତିରୁ କୋଟି ପତି ହୋଇପାରିବେ ବୋଲି ଲୋଭନୀୟ ଅଫର ଦିଆଯାଇଛି। ଏପରିକି ନିଜ ଅଧୀନରେ ସଦସ୍ୟତା କରାଉଥିବା ବ୍ୟକ୍ତି ଏତେ ଟଙ୍କା ଆୟ କଲେଣି ବୋଲି ଦେଖାଉଥିବାରୁ ଏହି ଆପ ପ୍ରତି ଆକର୍ଷିତ ହେଉଛନ୍ତି ଗ୍ରାମର ବିଶେଷ ଭାବେ ମହିଳା। ତେବେ ଏହି ଆପ୍‌ର ସତ୍ୟାସତ୍ୟ ଯାଞ୍ଚ କରି ସାଧାରଣ ଜନତାଙ୍କୁ ଏହାର ସଠିକ ତଥ୍ୟ ପ୍ରଦାନ ନ କଲେ, ଆଗାମୀ ଦିନରେ କୋଟି କୋଟି ଟଙ୍କା ଠକେଇ ହେବା ଆଶଙ୍କା ପ୍ରକାଶ ପାଇଛି।



# ସିଟି କଟକ

### ବିପର୍ଯ୍ୟସ୍ତ ଅବସ୍ଥାରେ ରମାଦେବୀ ମହିଳା ଶିଶୁ ଉଦ୍ୟାନ

# ରାତି ହେଲେ ଜମୁଛି ମଦ୍ୟପଙ୍କ ଆସର







**କଟକ, ୨୨।୭ (ସମିସ)**

କଟକ ମହାନଗର ନିଗମ ଅଧୀନ ପୁରୀଘାଟ ବୁରୁଜ ଟିଂ ରୋଡ ପାର୍ଶ୍ୱରେ ଥିବା ରମାଦେବୀ ମହିଳା ଶିଶୁ ଉଦ୍ୟାନ ବିପର୍ଯ୍ୟସ୍ତ ଅବସ୍ଥାରେ ପହଞ୍ଚିଲାଣି। ଉଦ୍ୟାନ ପରିସର ଅଳିଆରେ ଭର୍ତ୍ତି, ଖେଳ ଉପକରଣ ଗାଏବ ହୋଇଗଲାଣି, ଲୁହାଗ୍ରୀଲ ବି ଚୋରି ହୋଇଗଲାଣି। ସଞ୍ଜ ବୁଡିବା ପରେ ଉଦ୍ୟାନ ପରିସରରେ ମଦ୍ୟପଙ୍କ ଆସର ଜମୁଛି। ୧୯୯୬ ଅଗଷ୍ଟ ୩୧ରେ ଏହି ପୁରାତନ ଉଦ୍ୟାନଟିକୁ ଦିବଂଗତ ବିଧାୟକ ସମୀର ଦେ ଉଦ୍‌ଘାଟନ କରିଥିଲେ। ହେଲେ ପରିତାପର ବିଷୟ ଉଦଘାଟନର ୨୯ ବର୍ଷ ପରେ ପାର୍କଟି ଏବେ ଜରାଜୀର୍ଣ୍ଣ ଅବସ୍ଥାରେ ପଡ଼ିରହିଛି।

ସ୍ଥାନୀୟ ଲୋକଙ୍କ କହିବା ମୁତାବକ, ପାର୍କ ନିକଟରେ ଦୁଇଟି ବିଦେଶୀ ମଦ ଦୋକାନ ଥିବାରୁ ପାଖ ବସ୍ତିର କିଛି ଅସାମାଜିକ ଯୁବକ ପ୍ରତିଦିନ ସେଠାରେ ନିଶାସେବନ କରୁଛନ୍ତି। ପ୍ରତିବାଦ କଲେ ଜୀବନରୁ ମାରିଦେବାକୁ ଧମକ ମଧ୍ୟ ଦେଉଛନ୍ତି। ପାର୍କ ଭିତରେ ଥିବା ସବୁ ବିଦ୍ୟୁତ ଆଲୋକ ଖରାପ ହୋଇଯାଇଥିବା ବେଳେ ଶିଶୁମାନଙ୍କ ପାଇଁ ଥିବା ଖେଳ ସାମଗ୍ରୀ ମଧ ଭାଙ୍ଗିରୁଜି ଗଲାଣି। ଦର୍ଶକଙ୍କ ମନୋରଞ୍ଜନ ପାଇଁ ପାର୍କ ଭିତରେ ଥିବା ଜଳ ଫୁଆରର ମଟର ପୋଡ଼ିଯାଇଥିବାରୁ ତାହା ମଧ କାର୍ଯ୍ୟକାରୀ ହୋଇପାରୁ ନାହିଁ। ପାର୍କ ସୁରକ୍ଷା ପାଇଁ ରହୁଥିବା ରାତ୍ର ଜଗୁଆଳୀଙ୍କ ପାଇଁ ଗୃହଟିଏ ନ ଥିବା ବେଳେ ଯେଉଁ ଛୋଟ ଗୃହଟିଏ ଅଛି ତାହା ଷ୍ଟୋର ରୁମ ଭାବେ ବ୍ୟବହାର ହେଉଥିବା ଜଣାପଡ଼ିଛି। ପାର୍କଟି ଏଭଳି ଦୂରାବସ୍ଥା ପାଇଁ ସକାଳେ ପାର୍କକୁ ଆସୁଥିବା ବରିଷ୍ଠ ନାଗରିକମାନେ ବହୁ ହଇରାଣ ହେଉଛନ୍ତି। ପାର୍କଟି ନିୟମିତ ସଫେଇ ହେଉ ନ ଥିବାରୁ ଚାରିଆଡେ କୁଢ଼କୁଢ଼ ଅଳିଆ ଆବର୍ଜନା ଦେଖିବାକୁ ମିଳିଥାଏ। ଏଥି ସହ ନିଶାସେବନ କରୁଥିବା ଲୋକମାନେ ପାର୍କରେ ଏଣେତେଣେ ମଦ ବୋତଲ, ପ୍ଲାଷ୍ଟିକ ଗ୍ଲାସ ଓ ପଲିଥିନ ପକାଇ ପାର୍କର ପରିବେଶକୁ ଆହୁରି ନଷ୍ଟ କରୁଥିବା ସ୍ଥାନୀୟ ଅଞ୍ଚଳବାସୀ ଅଭିଯୋଗ କରିଛନ୍ତି। ସ୍ଥାନୀୟ ଥାନାରେ ଅଭିଯୋଗ କଲେ ମଧ ପୁଲିସ କୌଣସି କାର୍ଯ୍ୟାନୁଷ୍ଠାନ ନେଉ ନ ଥିବାରୁ ଗତ ମାସକ ମଧ୍ୟରେ ପାର୍କରେ ଥିବା ଶିଶୁମାନଙ୍କ ଖେଳଣା ସାମଗ୍ରୀ ସହ ପାର୍କର ମୂଲ୍ୟବାନ ଗ୍ରୀଲ ଓ ଚେୟାର ଗୁଡ଼ିକ ତାଡ଼ି କେହି ଦୁର୍ବୃତ୍ତ

- ଚୋରି ହୋଇଗଲାଣି ଖେଳ ସାମଗ୍ରୀ ଓ ଲୁହାଗ୍ରୀଲ୍
- ରାତିରେ ପୁଲିସ ପାଟ୍ରୋଲିଂ କରିବାକୁ ଦାବି

ନେଇ ଯାଇଥିବା ଜଣାପଡ଼ିଛି। ପାର୍କ ଦାୟିତ୍ୱରେ ଥିବା କର୍ମଚାରୀ ମାନେ ଏ ସମ୍ପର୍କରେ ସୁପରଭାଇଜରଙ୍କୁ ଜଣାଇଲେ, ଆଗକୁ ରାସ୍ତା ଚଉଡା ହେବ ପାର୍କ ଭଙ୍ଗାଯିବ ତେଣୁ ଚୁପ ହୋଇ ରୁହ ବୋଲି କହୁଥିବା ଜଣାପଡ଼ିଛି। ଏହି ରାସ୍ତା ଦେଇ ସିଏମସିର ଅନେକ ବରିଷ୍ଠ ଅଧିକାରୀ ଯାଉଥିବା ବେଳେ ପାର୍କଟିର ଦୂରବସ୍ଥା ସମ୍ପର୍କରେ ସମସ୍ତେ ଆଖିବୁଜି ଦେଇଥିବା ସ୍ଥାନୀୟ ଅଞ୍ଚଳବାସୀ ଅଭିଯୋଗ କରିଛନ୍ତି। ସିଏମସିର ମେୟର ଓ କମିଶନର ତୁରନ୍ତ ହସ୍ତକ୍ଷେପ କରି ପାର୍କର ପୁନରୁଦ୍ଧାର କରିବା ସହ ପାର୍କରେ ରାତ୍ରି ଜଗୁଆଳି ନିଯୁକ୍ତ କରିବା ସହ ପାର୍କରେ ଶିଶୁ ମାନଙ୍କର ଖେଳଣା ଓ ବୟୋଜ୍ୟେଷ୍ଠ ନାଗରିକଙ୍କ ବ୍ୟାୟମ ପାଇଁ ଉପକରଣ ବସାଇବାକୁ ସ୍ଥାନୀୟ ଅଞ୍ଚଳର ସଚେତନ ନାଗରିକଙ୍କ ମହଲରେ ଦାବି ହେଉଛି।

## ଶ୍ରମିକ ହତ୍ୟା ଘଟଣା: ୪ ହତ୍ୟାକାରୀ ଗିରଫ



**କଟକ, ୨୨।୭ (ସମିସ):** ସାଆନ୍ତସାହିର ରବୀନ୍ଦ୍ର କୁମାର ସାହୁ(୪୭)ଙ୍କୁ ପିଟିପିଟି ମାରିଦେବା ଘଟଣାରେ ପୁରୀଘାଟ ଥାନା ପୁଲିସ ଆଜି ଫେରାର୍ ଥିବା ୪ଜଣ ହତ୍ୟାକାରୀଙ୍କୁ ଗିରଫ କରିଛି। ଅଭିଯୁକ୍ତମାନେ ହେଲେ ବାଦାମବାଡ଼ି ଅଞ୍ଚଳର ପପୁ ପ୍ରଧାନ(୨୮), ଚାଉଳିଆଗଞ୍ଜ ଅଞ୍ଚଳର ଦୀପୁ ଦାସ(୨୯), ମର୍କତନଗର ଅଞ୍ଚଳର ଗୋପି ଦାସ(୨୦) ଏବଂ ସୁନିଲ ବେହେରା(୨୬)। ଏମାନେ ହତ୍ୟା ଘଟାଇ ଫେରାର୍ ହୋଇ ଯାଇଥିଲେ। ପୁଲିସ ଆଜି ସହରର ବିଭିନ୍ନ ସ୍ଥାନରେ ଚଢ଼ଉ କରି ଏମାନଙ୍କୁ ଗିରଫ କରିଛି। ଗତକାଲି ରାତିରେ ମୁଖ୍ୟ ଅଭିଯୁକ୍ତ ସୁରଜ ପ୍ରଧାନ(୨୮)କୁ ପୁଲିସ ଗିରଫ କରିଥିଲା। ସମସ୍ତ ଅଭିଯୁକ୍ତଙ୍କୁ ଆଜି କୋର୍ଟ ଚାଲାଣ କରାଯିବା ପରେ ଚୌଦ୍ୱାର ଜେଲ୍‌କୁ ପଠାଇ ଦିଆଯାଇଛି।

ପୁଲିସ ସୂଚନା ଅନୁସାରେ, ସାଆନ୍ତ ସାହିର ରବୀନ୍ଦ୍ର ଶ୍ରମିକ ଭାବେ କାର୍ଯ୍ୟ କରନ୍ତି। ହରିପୁର ଅଞ୍ଚଳର ଶଙ୍କର ପ୍ରଧାନଙ୍କ ସହିତ ତାଙ୍କର ଉତ୍ତମ ସମ୍ପର୍କ ଥିଲା। ଉଭୟ ପ୍ରାୟ ସମୟ ଏକାଠି ମଦ୍ୟପାନ କରିଥାଆନ୍ତି। କିଛି ଦିନ ତଳେ ଶଙ୍କରଙ୍କ ସ୍ୱାସ୍ଥ୍ୟଗତ ସମସ୍ୟା ଦେଖାଦେଇଥିଲା। ଏଥିପାଇଁ ଡାକ୍ତର ତାଙ୍କୁ ମଦ ପିଇବାକୁ ବାରଣ କରିଥିଲେ। ମାତ୍ର ରବୀନ୍ଦ୍ର ତାଙ୍କୁ ପ୍ରତ୍ୟେକ ଦିନ ଡାକି ନେଉଥିଲେ। ଏହାକୁ ନେଇ ଶଙ୍କରଙ୍କ ପୁଅ ବିରକ୍ତ ହେବା ସହିତ ରବୀନ୍ଦ୍ରଙ୍କୁ ବାରଣ କରୁଥିଲେ। ହେଲେ ସମସ୍ୟାର କୌଣସି ସମାଧାନ ହେଉ ନ ଥିଲା। ପୂର୍ବଭଳି ଗତ ରବିବାର ଅପରାହ୍ନରେ ଦୁହେଁ ଏକାଠି ମଦ ପିଇବାକୁ ଯାଇଥିଲେ। ଏହି ଘଟଣା ପରେ ଶଙ୍କରର ପୁଅ ତଥା ମୁଖ୍ୟ ଅଭିଯୁକ୍ତ ସୁରଜ ଏବଂ ତାର ୪ଜଣ ସାଙ୍ଗ ଏହି ହତ୍ୟାକାଣ୍ଡ ଘଟାଇଥିବା ପୁଲିସ ସୂଚନା ଦେଇଛି।

## କ୍ରିମିନାଲ୍ କୋର୍ଟସ୍ ବାର୍ ଆସୋସିଏସନ୍‌ର ସମ୍ବର୍ଦ୍ଧନା ଉତ୍ସବ



**କଟକ, ୨୨।୭ (ସମିସ):** ହାଇକୋର୍ଟ ବାର ଆସୋସିଏସନ୍ ଆନୁକୂଲ୍ୟରେ ବିଡ଼ାନାସୀ ଷ୍ଟାଡିୟମଠାରେ ସ୍ୱର୍ଗତ ବରିଷ୍ଠ ଆଇନଜୀବୀ ପ୍ରବୀର ପାଲିତ ସ୍ମାରକୀ ଫୁଟବଲ୍ ଟୁର୍ଣ୍ଣାମେଣ୍ଟ ଅନୁଷ୍ଠିତ ହୋଇଯାଇଛି। ଉକ୍ତ ପ୍ରତିଯୋଗିତାରେ ମୋଟ ୮ଟି ଦଳ ଅଂଶଗ୍ରହଣ କରିଥିବାବେଳେ ଫାଇନାଲରେ କଟକ କ୍ରିମିନାଲ୍ କୋର୍ଟସ୍ ବାର ଆସୋସିଏସନ୍ ୫-୦ ଗୋଲରେ କ୍ୟାଟ୍ ବାର ଆସୋସିଏସନ୍‌କୁ ପରାସ୍ତ କରି ଚାମ୍ପିଅନ୍ ହୋଇଥିଲା। ଆଜି କ୍ରିମିନାଲ୍ କୋର୍ଟସ୍ ବାର ଆସୋସିଏସନ୍ ସମ୍ମିଳନୀ କକ୍ଷରେ ଚାମ୍ପିଅନ୍ ଟିମ୍‌ର ଅଧିନାୟକ ଅଂଶୁମାନ ରାୟଙ୍କ ସମେତ ସମସ୍ତ ଖେଳାଳିଙ୍କୁ ଆସୋସିଏସନ୍ ତରଫରୁ ସମ୍ମାନିତ କରାଯାଇଥିଲା। ଉକ୍ତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ବାରବାଟୀ-କଟକର ବିଧାୟିକା ଙ୍ଗ ସୋଫିଆ ଫିର୍ଦୋଶ, ରାଜ୍ୟ ଲ' କମିଶନର୍ ସଦସ୍ୟ ବରିଷ୍ଠ ଆଇନଜୀବୀ ସୌରଚନ୍ଦ୍ର ମହାପାତ୍ର ବରେଣ୍ୟ ଅତିଥିଭାବେ ଯୋଗଦେଇ ଖେଳାଳିଙ୍କୁ ଉତ୍ତରୀୟ ଓ ପୁଷ୍ପଗୁଚ୍ଛ ପ୍ରଦାନ କରି ସମ୍ବର୍ଦ୍ଧିତ କରିଥିଲେ। ସଂଘର ସଭାପତି ପ୍ରଶାନ୍ତ ସାହୁଙ୍କ ଅଧକ୍ଷତାରେ ଅନୁଷ୍ଠିତ ଉକ୍ତ କାର୍ଯ୍ୟକ୍ରମରେ ସମ୍ପାଦକ ପୁନିଲ ସ୍ୱାଇଁ ସମସ୍ତଙ୍କୁ ସ୍ୱାଗତ କରିଥିଲେ। ଶିଶିର ସମାଦାର, ସମରେନ୍ଦ୍ର ମହାନ୍ତି, ସୁଚରିତା ଲେଙ୍କା, ନେପାଳ ପ୍ରକାଶ ସାମନ୍ତ, ବିଜୟଲକ୍ଷ୍ମୀ ମହାପାତ୍ର, ରାଜେନ୍ଦ୍ର ଦାସ, ସଞ୍ଜୟ ବେହେରା, ଜ୍ୟୋତିରଞ୍ଜନ ପରିଜା, ବଳରାମ ପଣ୍ଡା, ବିଜୟ ସାହୁ, ସର୍ବଶ୍ରୀ ବେହେରା ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ପୂର୍ବତନ ସଭାପତି ଅକ୍ଷୟ ନାୟକ, ଧ୍ରୁବଚରଣ ରାଉତ, ପୂର୍ବତନ ସମ୍ପାଦକ ସୁବାସଚନ୍ଦ୍ର ମହାନ୍ତି, ସଞ୍ଜୟ ପଣ୍ଡାଙ୍କ ସମେତ ଦେବାଶିଷ ପାଣିଗ୍ରାହୀ, ରଞ୍ଜନ ନାୟକ, ଶୈଳବାଳା ଜେନା ପ୍ରମୁଖ ଉପସ୍ଥିତ ଥିଲେ। ଶିଶିର ରଞ୍ଜନ ବିଶ୍ୱାଳ ଧନ୍ୟବାଦ ଦେଇଥିଲେ।

## କାୟାକଳ୍ପର ପ୍ରଶ୍ନୋତ୍ତର କାର୍ଯ୍ୟକ୍ରମ



**କଟକ, ୨୨।୭ (ସମସ):** କଟକ ଜାତୀୟ କବି ବୀରକିଶୋର ସରକାରୀ ମହାବିଦ୍ୟାଳୟରେ କାୟାକଳ୍ପ ପକ୍ଷରୁ ପ୍ରଶ୍ନୋତ୍ତର କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମକୁ ମହାବିଦ୍ୟାଳୟର ଅଧକ୍ଷା ପ୍ରଫେସର ଡକ୍ଟର ଅନୁଜା ମହାପାତ୍ର ଉଦଘାଟନ କରିଥିଲେ। ସମାଜସେବୀ ଚୌଧୁରୀ ପ୍ରଭାତ କେଶରୀ ମିଶ୍ର, ବୈଷୟିକ ଶିକ୍ଷାବିତ ତ୍ରିଲୋଚନ ରାୟ ଅତିଥି ଭାବରେ ଯୋଗଦେଇଥିଲେ। ତ୍ରିଲୋଚନ ଦାଶ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଜ୍ୟୋତିର୍ମୟୀ ନାୟକ ସ୍କୋରର ଥିଲେ। ଏଇ ଅବସରରେ ଅଧକ୍ଷାଙ୍କୁ ସମ୍ବର୍ଦ୍ଧନା କରାଯାଇଥିଲା। ଲିପସା ରାୟ ଶ୍ରେଷ୍ଠ ପ୍ରତିଯୋଗୀ ହୋଇଥିଲେ।

## ସିଏମ୍‌ସିରେ ସ୍ଥାୟୀ କମିସନର ନିଯୁକ୍ତି ପାଇଁ ମୁଖ୍ୟମନ୍ତ୍ରୀଙ୍କୁ ବିଧାୟିକାଙ୍କ ଚିଠି

**କଟକ, ୨୨।୭ (ସମିସ):** କଟକ ମହାନଗର ନିଗମରେ ସ୍ଥାୟୀ କମିସନର ନିଯୁକ୍ତ କରାଯାଇପାରି ନଥିବାରୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ଏକ ଚିଠି ଲେଖି ଦାବି ଜଣାଇଛନ୍ତି ବାରବାଟୀ-କଟକ ବିଧାୟିକା ସୋଫିଆ ଫିର୍ଦ୍ଦୋଷ। ଗତ ଜୁଲାଇ ୧ତାରିଖରୁ କଟକ ମହାନଗର ନିଗମ ଭଳି ଏକ ଗୁରୁତ୍ୱପୂର୍ଣ୍ଣ ସ୍ଥାନରେ ସ୍ଥାୟୀ କମିସନର ନିଯୁକ୍ତି ଦିଆଯାଇନପାରିବା ନେଇ ସୋଫିଆ ଅସନ୍ତୋଷ ପ୍ରକାଶ କରିଛନ୍ତି। ଏପରିକି ହାଇକୋର୍ଟ ମଧ ପୂର୍ବରୁ ସିଏମସିର ସ୍ଥାୟୀ କମିସନର ନିଯୁକ୍ତି ହୋଇ ନପାରିବା ନେଇ ଉଦବେଗ ପ୍ରକାଶ କରିଥିଲେ। ଜଣେ ଦକ୍ଷ ଅଧିକାରୀଙ୍କୁ ଏହି ଗୁରୁତ୍ୱପୂର୍ଣ୍ଣ ପଦରେ ନିଯୁକ୍ତି ଦେବା ଉପରେ ଅଦାଲତ ଗୁରୁତ୍ୱାରୋପ କରିଥିଲେ। ଆଜି ସୁଦ୍ଧା ସିଏମସିରେ ନିୟମିତ କମିସନର ନିଯୁକ୍ତି ଦିଆଯାଇପାରିନାହିଁ। କଟକରେ କୋଟି କୋଟି ଟଙ୍କା ବ୍ୟୟରେ ଅନେକ ପ୍ରକଳ୍ପ ନିର୍ମାଣ କାର୍ଯ୍ୟ ଚାଲୁରହିଥିବା ବେଳେ ଶୀଘ୍ର କମିସନର ନିଯୁକ୍ତି ପାଇଁ ଦାବି ଜଣାଇଛନ୍ତି ସୋଫିଆ।

## ଅନିୟମିତ ବର୍ଷା; ପଛଉଛି ଖରିଫ ଧାନ ଚାଷ

**କଟକ, ୨୨।୭ (ସମିସ):** ବର୍ଷା ଭରସାରେ ଚାଷୀ ରହିଥିବା ବେଳେ ଖରିଫ ଧାନ ଚାଷ ପଛେଇଯାଇଥିବା ଜଣାପଡ଼ିଛି। ବର୍ଷା ଅଭାବରୁ ଜଳସେଚିତ ଚାଷ ଜମିରେ ଚାଷ ସମ୍ଭବ ହୋଇପାରୁନି। ଅନ୍ୟପଟରେ କେନାଲ ସଫେଇ କାର୍ଯ୍ୟ ଏ ପର୍ଯ୍ୟନ୍ତ ଶେଷ ହୋଇପାରିନଥିବାରୁ ମୁଖ୍ୟ ଓ ଶାଖା କେନାଲରେ ପାଣି ମଧ ଛଡାଯାଇନାହିଁ। ଚଳିତ ବର୍ଷ ଜୁନ ମାସରେ ବର୍ଷା ଅଧିକ ହେବା କାରଣରୁ ତଳି ଘେରା ପ୍ରସ୍ତୁତି ବିଳମ୍ବ ହୋଇଥିଲା। ଏବେ ବର୍ଷା ଅଭାବରୁ ତଳି ଘେରା ଶୁଖି ଗଲାଣି ଓ ଧାନ ତଳି ରୁଆ ଆରମ୍ଭ ହୋଇପାରୁନି। ଖରିଫ ଋତୁରେ ରାଜ୍ୟର କୃଷିପ୍ରଧାନ କଟକ ଜିଲ୍ଲାରେ ସ୍ୱାଭାବିକ ଠାରୁ କମ ବୃଷ୍ଟିପାତ ପାଇଁ ଚାଷ କାର୍ଯ୍ୟ ଗଭୀର ଭାବେ ପ୍ରଭାବିତ ହୋଇଥିଲା। ଜିଲ୍ଲାରେ ଚଳିତ ବର୍ଷ ମୋଟ ୧ଲକ୍ଷ ୩୫ହଜାର ହେକ୍ଟର ଜମିରେ ଖରିଫ ଧାନ ଚାଷ ପାଇଁ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଛି। ଅନ୍ୟପଟରେ ଆଗରୁ ଖରିଫ ଋତୁରେ ବୁଣା ପଦ୍ଧତିରେ ଧାନ ଚାଷ ପ୍ରାୟ ୭୦ହଜାର ହେକ୍ଟର ଜମିରେ ହେଉଥିଲା। ଏବେ ଏହା ଧିରେ ଧିରେ ହ୍ରାସ ପାଇ ୩୦ରୁ୪୦ହଜାର ହେକ୍ଟରରେ ସୀମିତ ରହିଛି। ଅବଶିଷ୍ଟ ଜମିରେ ରୁଆ ପଦ୍ଧତିରେ ଚାଷ ହେଉଛି। ଜୁଲାଇ ତୃତୀୟ ସପ୍ତାହ ହୋଇଥିବା ବେଳେ ଏବେ ବି ଜିଲ୍ଲାରେ ୪୦ପ୍ରତିଶତ ଜମିରେ ଧାନ ଚାଷ କାର୍ଯ୍ୟ ହୋଇପାରିନାହିଁ। ଜିଲ୍ଲାର ପ୍ରାୟ ୪୦ହଜାର ହେକ୍ଟର ଜମିକୁ ତାଳଦଣ୍ଡା କେନାଲ ଜରିଆରେ ଜଳସେଚନ କରାଯାଇଥାଏ; ହେଲେ କେନାଲ କାମ ଚାଲୁଥିବାରୁ ଏପର୍ଯ୍ୟନ୍ତ ପାଣି ଯୋଗାଇ ଦିଆଯାଇନାହିଁ।

**୧ ଲକ୍ଷ ୩୫ ହଜାର ହେକ୍ଟର ଜମିରେ ହେବ ଧାନ ଚାଷ**

### କର୍ମକ୍ଷେତ୍ରରେ ମା' ରମାଦେବୀଙ୍କ ଶ୍ରାଦ୍ଧୋତ୍ସବ

## ନାରୀ ସୁରକ୍ଷା କ୍ଷେତ୍ରରେ ରମାଦେବୀଙ୍କ ଆଦର୍ଶ ଅନୁକରଣୀୟ



କଟକ, ୨୨।୭ (ସମିସ): ବିଶିଷ୍ଟ ସ୍ୱାଧୀନତା ସଂଗ୍ରାମୀ ତଥା ସର୍ବୋଦୟ ନେତ୍ରୀ ମା' ରମାଦେବୀଙ୍କ ୪୦ତମ ଶ୍ରାଦ୍ଧ ଦିବସ ଅବସରରେ ଆଜି କଟକ ଗୁଣନିଧି ଭବନ ପରିସରରେ ରମାଦେବୀ ଚୌଧୁରୀ ସ୍ମାରକ ଟ୍ରଷ୍ଟ ପକ୍ଷରୁ ସଭାନେତ୍ରୀ ପ୍ରଫେସର ସୀତା ସାହୁଙ୍କ ଅଧକ୍ଷତାରେ ସ୍ମୃତିସଭା ଆୟୋଜିତ ହୋଇଯାଇଛି। ସଭାରେ ମୁଖ୍ୟଅତିଥି ଭାବରେ ବିଶିଷ୍ଟ ଶିକ୍ଷାବିତ୍ ଅନୁସୟା ମିଶ୍ର, ମୁଖ୍ୟବକ୍ତା ଭାବରେ ସାହିତ୍ୟିକା ସରୋଜିନୀ ମିଶ୍ର ଓ ସମ୍ମାନିତ ଅତିଥି ଭାବରେ ଉତ୍କଳ ସର୍ବୋଦୟ ମଣ୍ଡଳର ସଭାପତି ମିହିର ପ୍ରତାପ ଦାସ ତାଙ୍କର ଲୋକନୀତି ଆଧାରିତ ଜୀବନ ଧାରାକୁ ଆଜିର ଓଡ଼ିଶାର ନାରୀ ସମସ୍ୟା ଓ ଅସୁରକ୍ଷା ପରିପ୍ରେକ୍ଷୀରେ କାର୍ଯ୍ୟ ଜରୁରୀ ବୋଲି କହିଥିଲେ। ମା' ରମାଦେବୀଙ୍କ ଜୀବନ ଓ ନୈତିକ ଦୃଷ୍ଟିକୋଣ ଅନୁପ୍ରେରଣା ବୋଲି ଏହି ସଭାରେ ବିଦ୍ୟୁତ୍ କୁମାରୀ ଲାଲା, ଶାନ୍ତିଲତା ସେଠୀ, ସନ୍ଧ୍ୟା ମହାପାତ୍ର, ଲକ୍ଷ୍ମୀ ମିଶ୍ର, ଅନ୍ତର୍ଯ୍ୟାମୀ ବରାଳ, ଅନୀମା ରାୟ, ବାଳକୃଷ୍ଣ ବେହେରା, ପୁଷ୍ପଲତା ବାରିକ, ପ୍ରଣୟ ଦାସ ପ୍ରମୁଖ ବକ୍ତବ୍ୟ ଦେଇଥିଲେ। ସଭା ପ୍ରାରମ୍ଭରେ ସମ୍ପାଦିକା ଅନ୍ନପୂର୍ଣ୍ଣା ସାହୁ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ ଓ ଟ୍ରଷ୍ଟର ଉପସଭାନେତ୍ରୀ ନମିତା ପଣ୍ଡା ସଭା ପରିଚାଳନା କରିଥିଲେ। ମା' ରମାଦେବୀ ଶିଶୁ ମନ୍ଦିରର ପିଲାମାନେ ସର୍ବ ଧର୍ମ ପ୍ରାର୍ଥନା ଗାନ କରିଥିଲେ ଓ ଡାକ୍ତର ବିଶ୍ୱଜିତ୍ ଧନ୍ୟବାଦ ଦେଇଥିଲେ।

## ଦଶାହରେ ଶ୍ରୀକାନ୍ତଙ୍କୁ 'ଅର୍ଘ୍ୟ ପୁଷ୍ପାଞ୍ଜଳି'



**କଟକ, ୨୨।୭ (ସମିସ):** ଓଡ଼ିଶାର ସୁନାମଧନ୍ୟ କଣ୍ଠଶିଳ୍ପୀ ଶ୍ରୀକାନ୍ତ ଦାସଙ୍କ ଦଶାହ ସଂଧ୍ୟାରେ ଶ୍ରୀରାମଚନ୍ଦ୍ର ଭବନଠାରେ ତାଙ୍କର ଅମର ଆତ୍ମା ପ୍ରତି ଶ୍ରଦ୍ଧାଞ୍ଜଳି ଜଣାଇ ଏକ ସ୍ମୃତି ଉତ୍ସବ 'ଅର୍ଘ୍ୟ ପୁଷ୍ପାଞ୍ଜଳି' ଆୟୋଜିତ ହୋଇଯାଇଛି। ଏହି ଉତ୍ସବରେ ତାଙ୍କ ସହିତ ବିତାଇଥିବା ଅଭୂଲା ମୂହୁର୍ତ୍ତକୁ ମନେପକାଇ ସ୍ମୃତିଚାରଣ କରିଥିଲେ ଓଡ଼ିଶାର ବିଭିନ୍ନ କଣ୍ଠଶିଳ୍ପୀ, ଚିତ୍ରଶିଳ୍ପୀ, କବି, ଲେଖକ, ଗୀତିକାର ଓ ସଙ୍ଗୀତ ନିର୍ଦ୍ଦେଶକମାନେ। ହେଲେ ଓଡ଼ିଶାର ଏହି ସୁନାମଧନ୍ୟ କଣ୍ଠଶିଳ୍ପୀଙ୍କ ଦେହାନ୍ତରେ ନା ରାଜ୍ୟ ସରକାର ନା ସଂସ୍କୃତି ବିଭାଗ ପକ୍ଷରୁ କୌଣସି ଶ୍ରଦ୍ଧାଞ୍ଜଳି ଜ୍ଞାପନ କରାଗଲା। ବିଭାଗୀୟ ମନ୍ତ୍ରୀ ଟ୍ୱିଟ୍ ଟିଏ ମଧ କଲେ ନାହିଁ। ଯାହା ସଙ୍ଗୀତପ୍ରେମୀଙ୍କ ମଧ୍ୟରେ ତୀବ୍ର ପ୍ରତିକ୍ରିୟା ସୃଷ୍ଟି କରିଛି। କୈଳାସଚନ୍ଦ୍ର ଶତପଥୀଙ୍କ ସଂଯୋଜନାରେ ଆୟୋଜିତ ଏହି ସ୍ମୃତିସଭାରେ ଶୀର୍ଷାନନ୍ଦ ଦାସ କାନୁନଗୋ, ଦେବାଶିଷ ମହାପାତ୍ର, ବିବୁ ଦାସ, ଓଁ ପ୍ରକାଶ ମହାନ୍ତି, ଗୌର ପଟ୍ଟନାୟକ, ସୁବ୍ରତ ରାଉତରାୟ, ଗୀତା ଖୁଣ୍ଟିଆ, ତୃପ୍ତି ଦାସ, ମୋହିତ ଚକ୍ରବର୍ତ୍ତୀ, ସତ୍ୟ ଦାସ, ଶରତ ନାୟକ, ରାଜା ଅର୍ଦ୍ଧେନ୍ଦୁ ଶେଖର ମହାନ୍ତି, ବିଜୁ ସ୍ୱାଇଁ, ସନ୍ଧ୍ୟା ମିତ୍ର, ରାଜକିଶୋର ଦାସ, ରବିନାରାୟଣ ରଥ, ବାପୁ ଲେଙ୍କା, ପ୍ରଫୁଲ୍ଲ ବେହେରା ଓ ଖୋକନ କୁମାର ପ୍ରମୁଖ ଯୋଗ ଦେଇଥିଲେ। ଶେଖର ଘୋଷ, ଅରୁଣ ମନ୍ତ୍ରୀ, ରବିଶଙ୍କର ପ୍ରଧାନ, ଦୀପକ ସାମନ୍ତରାୟ, ପ୍ରଣବ ଅଖଣ୍ଡ, ରଘୁ ସାହୁ, ଜ୍ଞାନୀ ଦେବାଶିଷ ମିଶ୍ର, ଜ୍ୟୋତିରଞ୍ଜନ ଲେଙ୍କା, ବିଜୟ ସାହୁ, ନିରଞ୍ଜନ ସାହୁ, ସରୋଜକାନ୍ତ ସାମଲ ପ୍ରମୁଖ ଉପସ୍ଥିତ ଥିଲେ। ସତ୍ୟ ଦାସ ସମସ୍ତଙ୍କୁ ଧନ୍ୟବାଦ ଦେଇଥିଲେ।

**ବରିଷ୍ଠ କଣ୍ଠଶିଳ୍ପୀଙ୍କୁ ଭୁଲିଗଲେ ରାଜ୍ୟ ସରକାର ଓ ସଂସ୍କୃତି ବିଭାଗ**

### ସରକାରୀ କର୍ମଚାରୀ କହି ବିଛାଇଥିଲା ପ୍ରେମଜାଲ

## ଭରତପୁର ବସ୍ତିରୁ ବନ୍ଧାହେଲା ପ୍ରେମିକ

**କଟକ, ୨୨।୭ (ସମିସ)**

ବିବାହର ପ୍ରତିଶ୍ରୁତି ଦେଇ ଦୁର୍ଷ୍କର୍ମ ଓ ଠକେଇ ଅଭିଯୋଗରେ ଚାଉଳିଆଗଞ୍ଜ ଥାନା ପୁଲିସ ଆଜି ଜଣେ ଯୁବକକୁ ଗିରଫ କରିଛି। ଅଭିଯୁକ୍ତ ଜଣକ ହେଉଛି ଭୁବନେଶ୍ୱର ଭରତପୁର ଅଞ୍ଚଳରେ ରହୁଥିବା କେନ୍ଦ୍ରାପଡ଼ା ମହାକାଳପଡ଼ା ଅଞ୍ଚଳର ସଞ୍ଜିତ ବିଶ୍ୱାସ(୩୨)। କୋର୍ଟ ଚାଲାଣ ପରେ ତାକୁ ଜେଲ ପଠାଇ ଦିଆଯାଇଛି।

ପୁଲିସ ସୂଚନା ଅନୁସାରେ, ଚାଉଳିଆଗଞ୍ଜ ଅଞ୍ଚଳରେ ମହାକାଳପଡ଼ା ଗାଁର ଜଣେ ଯୁବତୀ ନିଜ ମାଆଙ୍କ ସହ ରହୁଛନ୍ତି। ଯୁବତୀ ଜଣକ କଟକର ଏକ ଘରୋଇ ସଂସ୍ଥାରେ ଚାକିରି କରୁଛନ୍ତି। କିଛି ମାସ ପୂର୍ବେ ସମ୍ପୃକ୍ତ ଯୁବତୀ ବିବାହ ପାଇଁ ଏକ ଅନ୍‌ଲାଇନ ଆପ୍ଲିକେସନ୍‌ରେ ଆକାଉଣ୍ଟ ଖୋଲିଥିଲେ। ଉକ୍ତ ଆପ୍ଲିକେସନ୍ ମାଧ୍ୟମରେ ତାଙ୍କର ସଞ୍ଜିତ ସହିତ ପରିଚୟ ହୋଇଥିଲା। ସଞ୍ଜିତ ସରକାରୀ ଚାକିରି କରୁଥିବା ନେଇ ନିଜ ପ୍ରୋଫାଇଲରେ ଉଲ୍ଲେଖ କରିଥିଲା। ଉଭୟ ଗୋଟିଏ ଜିଲ୍ଲାର ହୋଇଥିବାରୁ ବିବାହ କଥା ଆଗକୁ ବଢ଼ିଥିଲା। ଫୋନ ନମ୍ବର ଦିଆନିଆ ପରେ ଦୁହିଁଙ୍କ ଭିତରେ କଥାବାର୍ତ୍ତା ଆରମ୍ଭ ହୋଇଥିଲା। ସଞ୍ଜିତ୍ ଭୁବନେଶ୍ୱରରେ ଏକ ସରକାରୀ ବିଭାଗରେ ସ୍ଥାୟୀ ଡ୍ରାଇଭର ଥିବା ଜଣାଇଥିଲା। କିଛି ଦିନ ପରେ ଦୁହିଁଙ୍କ ଭିତରେ ଘନିଷ୍ଠତା ବଢ଼ିବା ସହ ପ୍ରେମ ସମ୍ପର୍କ ସ୍ଥାପନ ହୋଇଥିଲା। ସଞ୍ଜିତ ସମୟ ବାହାର କରି କଟକ ଆସି ଯୁବତୀଙ୍କୁ ଦେଖା କରୁଥିଲା। ସେ ବିବାହ କରିବ ବୋଲି ପ୍ରତିଶ୍ରୁତି ଦେଇଥିବାରୁ ଯୁବତୀ ତା' କଥାକୁ ବିଶ୍ୱାସ କରିନେଇଥିଲେ। ଏହି ସୁଯୋଗରେ ସଞ୍ଜିତ ଯୁବତୀଙ୍କ ସହ ବହୁବାର ଶାରୀରିକ ସମ୍ପର୍କ ରଖିଥିଲା। କିଛି ଦିନ ତଳେ ସଞ୍ଜିତ ହଠାତ ଯୁବତୀଙ୍କୁ ଫୋନ କରି ଜଣାଇଥିଲା ଯେ ମୋ ଘରେ ଭିଜିଲାନ୍ସ ଚଢଉ କରିଛି। ଭିଜିଲାନ୍ସ ଗିରଫ କଲେ ମୋ ଚାକିରି ଚାଲିଯିବ। ଭିଜିଲାନ୍ସ ଅଧିକାରୀଙ୍କୁ କିଛି ଟଙ୍କା ଦେଲେ ମାମଲା ରଫାଦଫା ହୋଇଯିବ ବୋଲି ସେ କହିଥିଲା। ଏହି କଥାରେ ବିଶ୍ୱାସ କରି ଯୁବତୀ ଜଣକ ବିବାହ ପାଇଁ କିଣି ରଖିଥିବା ସମସ୍ତ ସୁନା ଅଳଙ୍କାର ଓ କିଛି ସଞ୍ଚିତ ଅର୍ଥ ସଞ୍ଜିତକୁ ଦେଇ ଦେଇଥିଲେ। ଏହାପରଠୁ ସଞ୍ଜିତ ଧିରେ ଧିରେ ଯୁବତୀଙ୍କ ସହ ମିଳାମିଶା କମ କରିବାକୁ ଲାଗିଥିଲା। ପୂର୍ବଭଳି ଆଉ ଫୋନ୍ କଲ କିମ୍ବା ଦେଖାସାକ୍ଷାତ କରିନଥିଲା। ଯୁବତୀ ବିବାହ କଥା ଉଠାଇବାରୁ ସେ ଆଉ ଧରାଛୁଆଁ ଦେଇ ନ ଥିଲା। ପରେ ସେ ବିବାହ କରିବ ନାହିଁ ବୋଲି ରୋକ୍‌ଠୋକ୍ ମନା କରି ଫେରାର ହୋଇଯାଇଥିଲା। ଏଭଳି ସ୍ଥିତିରେ ପୀଡିତା ଗତ ଜୁନ୍ ମାସରେ ଚାଉଳିଆଗଞ୍ଜ ଥାନାରେ ଏତଲା ଦେଇଥିଲେ। ଅଭିଯୋଗ ଆଧାରରେ ପୁଲିସ ମାମଲା ରୁଜୁ କରି ତଦନ୍ତ ଜାରି ରଖିଥିଲା। ତେବେ ସଞ୍ଜିତ ଫୋନ ନମ୍ବର ବନ୍ଦ କରି ରାଜ୍ୟ ବାହାରେ ଥିବାରୁ ପୁଲିସ ତାକୁ ଠାବ କରିପାରିନଥିଲା। ବିଭିନ୍ନ ସମୟରେ ସେ ମହାରାଷ୍ଟ୍ର ଓ କର୍ଣ୍ଣାଟକ ରାଜ୍ୟରେ ରହୁଥିଲା। ଆଜି ସୂଚନା ମିଳିଥିଲା ଯେ ସଞ୍ଜିତ୍ ଭୁବନେଶ୍ୱର ଫେରିଛି। ପୁଲିସ ତୁରନ୍ତ ଭରତପୁର ଜଗନ୍ନାଥ ବସ୍ତି ଅଞ୍ଚଳରେ ଚଢଉ କରି ତାକୁ ଗିରଫ କରିଥିଲା। ତେବେ ସେ କୌଣସି ସରକାରୀ ଚାକିରି କରିନାହିଁ। ଜଣେ ସରକାରୀ ଅଧିକାରୀଙ୍କ ଘରୋଇ ଗାଡି ଚଳାଉଥିବା ତଦନ୍ତରୁ ଜଣାପଡ଼ିଛି।



# କମୁଛି ପ୍ରବେଶ ଜଳ, ହୀରାକୁଦ ଜଳସ୍ତର ୬୧୦.୪୧

ସମ୍ବଲପୁର, ୨୨ା୭ (ସମିସ): ହୀରାକୁଦ ଜଳଭଣ୍ଡାରରେ କମୁଛି ପ୍ରବେଶ ଜଳ। ଆଜି ଜଳସ୍ତର ୬୧୦.୪୧ ଫୁଟ୍‌ରେ ପହଞ୍ଚିଥିବାବେଳେ ୪ଟି ଗେଟ୍ ଦେଇ ବନ୍ୟାଜଳ ନିଷ୍କାସନ ହେଉଛି। ଗତ ୬ ତାରିଖ ଜଳଭଣ୍ଡାରରୁ ଚଳିତବର୍ଷର ପ୍ରଥମ ବନ୍ୟାଜଳ ନିଷ୍କାସନ ଆରମ୍ଭ ହୋଇ ଜାରି ରହିଛି। ଉଲ୍ଲେଖଯୋଗ୍ୟ ଯେ, ହୀରାକୁଦ ନଦୀବନ୍ଧର କର୍ଭରୁଲ୍ ଅନୁଯାୟୀ ଜୁଲାଇ ୩୧ ତାରିଖ ସୁଦ୍ଧା ଜଳସ୍ତର ୬୦୫ ଫୁଟ୍ ରହିବା ଆବଶ୍ୟକ। ମଙ୍ଗଳବାର ସନ୍ଧ୍ୟା ୬ଟା ସମୟରେ ହୀରାକୁଦ ଜଳଭଣ୍ଡାରର ଜଳସ୍ତର ୬୧୦.୪୧ ଫୁଟ ରହିଛି। ନଦୀବନ୍ଧର ବାମପଟର ୩ଟି ଓ ଡାହାଣ ପଟର ଗୋଟିଏ ମୋଟ ୪ଟି ସ୍ଲୁଇସ ଗେଟ୍ ଖୋଲାଯାଇ ବନ୍ୟାଜଳ ନିଷ୍କାସନ କରାଯାଉଛି। ଜଳଭଣ୍ଡାରକୁ ସେକେଣ୍ଡ ପ୍ରତି ୭୪,୬୨୯ ଘନଫୁଟ ଜଳ ପ୍ରବେଶ କରୁଥିବାବେଳେ ପାୱାର ଚେନାଲ, ଶିଳ୍ପାନୁଷ୍ଠାନ, କେନାଲ ଆଦି ଦେଇ ୯୮,୭୦୪ କ୍ୟୁସେକ୍ ଜଳ ନିଷ୍କାସିତ ହେଉଛି। ସ୍ପିଲୱେ ଦେଇ ୫୯୬୦୦ ଘନଫୁଟ, ପାୱାର ଚେନାଲ ଦେଇ ୩୫୦୪୮ ଘନଫୁଟ, ଶିଳ୍ପାନୁଷ୍ଠାନ ସକାଶେ ୨୩୪ ଘନଫୁଟ, କେନାଲ ପାଇଁ ୩୮୨୨ ଘନଫୁଟ ଜଳ ନିଷ୍କାସିତ ହେଉଛି। ଗତ ୨୪ ଘଣ୍ଟାରେ ଉପରମୁଣ୍ଡରେ ୫.୨୦ ମିମି ଏବଂ ତଳମୁଣ୍ଡରେ ୦.୧୯ ମିମି ବର୍ଷା ହୋଇଥିବା ଜଣାପଡ଼ିଛି। ଅନ୍ୟପକ୍ଷରେ ତଳମୁଣ୍ଡରେ ବେଲଗାଁଠାରେ ୨୧୦୦୦ କ୍ୟୁସେକ୍ ଜଳ ପ୍ରବାହିତ ହେଉଥିବାବେଳେ ପଥର୍ଲାଠାରେ ୨୬୦୪୧ କ୍ୟୁସେକ୍, ଖଇରମାଲଠାରେ ୧,୩୦,୦୦୦ କ୍ୟୁସେକ୍, ବାରମୁଲଠାରେ ୧,୨୦,୦୦୦ କ୍ୟୁସେକ୍ ଏବଂ ମୁଣ୍ଡଲୀଠାରେ ୧,୮୭,୧୮୫ କ୍ୟୁସେକ୍ ଜଳ ପ୍ରବାହିତ ହେଉଥିବା ହୀରାକୁଦ ମୁଖ୍ୟ ନଦୀବନ୍ଧ ସୂତ୍ରରୁ ପ୍ରକାଶ।

# ୨୭ରେ ସମ୍ବଲପୁରରେ ଜିଲ୍ଲାସ୍ତରୀୟ ଲୋକ ଅଦାଲତ

ସମ୍ବଲପୁର, ୨୨ା୭ (ସମିସ) : ଆସନ୍ତା ୨୭ ତାରିଖ ରବିବାର ସମ୍ବଲପୁର ଅଦାଲତ ପରିସରରେ ଜିଲ୍ଲାସ୍ତରୀୟ ଲୋକ ଅଦାଲତ ଆୟୋଜିତ ହେବ। ଏଥିରେ ବିଭିନ୍ନ ବିଚାରାଧିନ ମାମଲାର ସମାଧାନ କରାଯାଇପାରିବ।

ଲୋକ ଅଦାଲତଙ୍କ ରାୟ ବୈଧ, ଚୂଡ଼ାନ୍ତ ଓ ଅମଳଯୋଗ୍ୟ। ବହୁଦିନ ଧରି ପଡ଼ି ରହିଥିବା ମାମଲାର ସମାଧାନ ପାଇଁ କୌଣସି ଖର୍ଚ୍ଚ ଓ ସମୟ ଅପଚୟରୁ ନିସ୍ତାର ପାଇବାକୁ ଏହା ଏକ ସୁଯୋଗ। ସବିଶେଷ ବିବରଣୀ ପାଇଁ ଜିଲ୍ଲା ଆଇନସେବା ପ୍ରାଧିକରଣ କାର୍ଯ୍ୟାଳୟ ସହ ଯୋଗାଯୋଗ କରିବାକୁ ପ୍ରାଧିକରଣ ସଚିବ ସୂଚନା ଦେଇଛନ୍ତି।

## ରାଜସ୍ୱ ବିଭାଗର ଅଜବ ନୀତି

# ଦୁଇ ଘଣ୍ଟା ଖୋଲିବ ରେକର୍ଡ ରୁମ୍

ସମ୍ବଲପୁର, ୨୨ା୭ (ସମିସ) : ସମ୍ବଲପୁର ଜିଲ୍ଲା ତହସିଲ କାର୍ଯ୍ୟାଳୟରେ ଅଜବ ନୀତି ଆରମ୍ଭ ହୋଇଛି। ସଦର ତହସିଲଦାରଙ୍କ ସ୍ୱାକ୍ଷରରେ ରହିଥିବା ସର୍ବସାଧାରଣ ନୋଟିସ ଅନୁଯାୟୀ, ସିଙ୍ଗଲ ୱିଣ୍ଡୋ ସର୍ଭିସ ରେକର୍ଡ ରୁମ୍ କାର୍ଯ୍ୟ ଦିବସ ଗୁଡ଼ିକରେ ପୂର୍ବାହ୍ଣ ସାଢ଼େ ୧୦ଟାରୁ ସାଢ଼େ ୧୨ଟା ପର୍ଯ୍ୟନ୍ତ ଖୋଲା ରହିବ। ଅଦାଲତରେ ଜମିବାଡ଼ି ସମ୍ବନ୍ଧୀୟ ତଥ୍ୟ ତଥା ଜମି ବିକ୍ରୟ, ମାଲିକାନା ବଦଳ ବା ଉତ୍ତରାଧିକାରୀଙ୍କୁ ହସ୍ତାନ୍ତରଣ ଆଦି ସମସ୍ତ କାର୍ଯ୍ୟ ସକାଶେ ରେକର୍ଡ ରୁମ୍‌ରୁ ତଥ୍ୟ ଆବଶ୍ୟକ ପଡ଼ିଥାଏ। ଏପରିସ୍ଥଳେ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟ ବାଧାପ୍ରାପ୍ତ ହେବାସହ ଦୂରଦୂରାନ୍ତରୁ ଆସୁଥିବା ଲୋକେ ହଇରାଣ ହେବେ। ସେମାନଙ୍କ କାର୍ଯ୍ୟ ମଧ୍ୟ ବିଳମ୍ବିତ ହେବା ଆଶଙ୍କା ରହିଛି। ଏହାକୁ ନେଇ ସାଧାରଣରେ ତୀବ୍ର







ପ୍ରତିକ୍ରିୟା ପ୍ରକାଶ ପାଇଛି। ଉଲ୍ଲେଖଯୋଗ୍ୟ ଯେ, ଗତମାସ ୨୫ ତାରିଖରେ ସଦର ତହସିଲଦାରଙ୍କ ଦସ୍ତଖତରେ ରେକର୍ଡ ରୁମ୍ ସମ୍ମୁଖରେ ଏକ ସର୍ବସାଧାରଣ ନୋଟିସ ଲଗାଯାଇଛି। ଏଥିରେ ଲେଖାଯାଇଛି ଯେ, ତହସିଲ ରେକର୍ଡ ରୁମ୍‌ର ତ୍ୱରିତ୍ ସେବା ଯୋଗାଇଦେବା ନିମନ୍ତେ ରେକର୍ଡ ରୁମ୍‌ର ସିଙ୍ଗଲ୍ ୱିଣ୍ଡୋ ସର୍ଭିସ୍ ସମସ୍ତ କାର୍ଯ୍ୟଦିବସର ଦିବା ୧୦:୩୦ରୁ ୧୨:୩୦ ପର୍ଯ୍ୟନ୍ତ ଖୋଲା ରହିବ। ଏହି ସମୟରେ ଉପସ୍ଥିତ ରହି ରେକର୍ଡ ରୁମ୍‌ର ସେବା ନେଇପାରିବେ।

ସମସ୍ତ ସରକାରୀ କାର୍ଯ୍ୟାଳୟ ପୂର୍ବାହ୍ଣ ୧୦ଟାରୁ ଅପରାହ୍ଣ ୫ଟା ଯାଏ ଖୋଲା ରହୁଥିବାବେଳେ ସଦର ତହସିଲର ସିଙ୍ଗଲ ୱିଣ୍ଡୋ ରେକର୍ଡ ରୁମ୍ କାହିଁକି ସବୁ ସମୟରେ ଖୋଲା ନରହି କେବଳ ୨ ଘଣ୍ଟା ଖୋଲା ରହିବ ବୋଲି ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ସମ୍ବଲପୁର ସଦର ତହସିଲ ଅନ୍ତର୍ଗତ ଏକ ବିଶାଳ ସମ୍ବଲପୁର ସହରାଞ୍ଚଳ ସହିତ ଆଖପାଖର ଗ୍ରାମାଞ୍ଚଳ ଥିବାବେଳେ କାହିଁକି ଏଭଳି ସ୍ୱତନ୍ତ୍ର ନିୟମ କରାଯାଉଛି ତାହା ଅଧିକାରୀ ଜାଣିଥିବେ ବୋଲି କୁହାଯାଉଛି। ଏନେଇ ସଦର ତହସିଲଦାର ଅଭିଜିତ ମହନ୍ତଙ୍କୁ ଯୋଗାଯୋଗ କରାଯାଇ ପାରିନାହିଁ।

# ନୂତନ କରି ପ୍ରସ୍ତୁତ ହେବ ସମ୍ବଲପୁର ସିଡିପି

**ସମ୍ବଲପୁର, ୨୨ା୭ (ସମିସ) :** ଆସନ୍ତା ୨୦୪୭ ମସିହାକୁ ଦୃଷ୍ଟିରେ ରଖି ସମ୍ବଲପୁର ସହର ସକାଶେ ଏକ ନୂତନ ସମନ୍ୱିତ ବିକାଶ ଯୋଜନା (ସିଡିପି) ପ୍ରସ୍ତୁତ କରାଯିବାକୁ ନିଷ୍ପତ୍ତି ନିଆଯାଇଛି। ମଙ୍ଗଳବାର ସମ୍ବଲପୁର ମହାନଗର ନିଗମ ଆୟୁକ୍ତ ତଥା ସମ୍ବଲପୁର ଉନ୍ନୟନ ପ୍ରାଧିକରଣ (ଏସ୍‌ଡିଏ) ଉପାଧ୍ୟକ୍ଷ ବେଦଭୂଷଣଙ୍କ ଅଧ୍ୟକ୍ଷତାରେ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ସମ୍ବଲପୁର ସହରକୁ ସୁନ୍ଦର ଭାବରେ ଗଢ଼ି ତୋଳିବାକୁ ସମ୍ମାନିତ ବିକାଶ ଯୋଜନା (ସିଡିପି) ସମ୍ବନ୍ଧରେ ବିସ୍ତୃତ ଆଲୋଚନା ହୋଇଥିଲା। ଆଗାମୀ ୧୫ ଦିନ ପର୍ଯ୍ୟନ୍ତ ସମ୍ବଲପୁର ସହରର ଜନସଂଖ୍ୟା, ସାମାଜିକ, ଅର୍ଥନୈତିକ, ଗୃହ ଓ ତା'ସହିତ ଜଡ଼ିତ ବ୍ୟବସ୍ଥା, ବନ୍ଧ ପୋଖରୀ, ଉଦ୍ୟାନ ଓ ଅନ୍ୟାନ୍ୟ ବିଷୟରେ ସର୍ବେକ୍ଷଣ କରାଯିବ। ଏଥିରେ ସମ୍ବଲପୁର ସହରବାସୀଙ୍କୁ ସହମତି ଓ ସହଯୋଗ କରିବାକୁ ଅନୁରୋଧ କରାଯାଇଛି। ବୈଠକରେ ମହାନଗର ନିଗମ ଆୟୁକ୍ତ ବେଦଭୂଷଣଙ୍କ ସହ ଅତିରିକ୍ତ ଆୟୁକ୍ତ ସୁଶୀଲ କେରକେଟା, ସମ୍ବଲପୁର ଉନ୍ନୟନ ପ୍ରାଧୀକରଣ ସଚିବ ଅଜୟ ତିୱାରୀ, ପ୍ଲାନିଂ ମେମ୍ବର ଶୁଭଲକ୍ଷ୍ମୀ ଖମାରି, ଏସ୍‌ପିଏ ନୂଆଦିଲ୍ଲୀରୁ ଆସିଥିବା ପ୍ରଫେସର ଡଃ ଅଶୋକ କୁମାର, ଡାଃ ବିଶ୍ୱାସ, ପାପିଆ ବନ୍ଦୋପାଧ୍ୟାୟ ରାଉତ, ମହମ୍ମଦ ଲୋକମାନ ଖାନ, ପ୍ରଗତି ଚୌହାନ ଏବଂ ବୁର୍ଲା ଭିସୁଟ୍‌ର ଆସିଷ୍ଟାଣ୍ଟ ପ୍ରଫେସର ଶାଶ୍ୱତ ଶେଖର ଷଡ଼ଙ୍ଗୀ ଓ ବିଶ୍ୱବିଦ୍ୟାଳୟର ଆର୍କିଟେକ୍ଟ ପଢୁଥିବା ୩୪ ଜଣ ଛାତ୍ରଛାତ୍ରୀ ଉପସ୍ଥିତ ଥିଲେ।

# ଭିସୁଟ୍‌ରେ 'ମୋ ସାହିତ୍ୟରେ ମୋ ସ୍ୱପ୍ନର ଓଡ଼ିଶା'



**ସମ୍ବଲପୁର, ୨୨ା୭ (ସମିସ) :** ଓଡ଼ିଆ ସାହିତ୍ୟର ଗଭୀରତା, ଏହାର ଆତ୍ମା ଓ ସାଂସ୍କୃତିକ ମୂଲ୍ୟ ବିଷୟରେ ତାଙ୍କର ଦୃଢ଼ ଦୃଷ୍ଟିକୋଣ ଓ ଅନୁଭୂତି ସହ ବିସ୍ତୃତ ଭାବେ ଉପସ୍ଥାପନା କରିଛନ୍ତି ଓଡ଼ିଆ ଭାଷା ପ୍ରବକ୍ତା, ସାହିତ୍ୟିକ ତଥା ଗବେଷକ ପଦ୍ମଶ୍ରୀ ଡଃ ଅନ୍ତର୍ଯାମୀ ମିଶ୍ର । 'ମୋ ସାହିତ୍ୟରେ ମୋ ସ୍ୱପ୍ନର ଓଡ଼ିଶା' - କେବଳ ଏକ ଅଭିବ୍ୟକ୍ତି ନୁହେଁ, ଏହା ଥିଲା ଓଡ଼ିଶାର ଭବିଷ୍ୟତ ଉପରେ ତାଙ୍କର ଦୃଷ୍ଟିକୋଣ, ଯାହା ଭାଷା ଓ ସାହିତ୍ୟ ମାଧ୍ୟମରେ ଗଢ଼ିଉଠିଥିବା ଏକ ଓଡ଼ିଶା ରୂପରେ ପ୍ରକାଶିତ ହୋଇଥିଲା। ତାଙ୍କ ଶବ୍ଦରେ ଓଡ଼ିଆ ସାହିତ୍ୟ ହେଉଛି ଏକ ଅଦୃଶ୍ୟ ଶକ୍ତି ଯାହା ଜନ୍ମେ ଜନ୍ମେ ଜନତାଙ୍କ ଭିତରେ ଅନୁପ୍ରେରଣା ଦେଇଥାଏ। ବୁର୍ଲାସ୍ଥିତ ବୀର ସୁରେନ୍ଦ୍ର ସାଏ ପ୍ରଯୁକ୍ତି ବିଶ୍ୱବିଦ୍ୟାଳୟ (ଭିସୁଟ୍)ର ଦ' ଲିଟେରାରୀ ସୋସାଇଟି ଦ୍ୱାରା 'ମୋ ସାହିତ୍ୟରେ, ମୋ ସ୍ୱପ୍ନର ଓଡ଼ିଶା' ଆୟୋଜିତ ହୋଇଯାଇଛି। ଏଥିରେ ଡଃ ମିଶ୍ର ମୁଖ୍ୟବକ୍ତା ଭାବେ ଯୋଗ ଦେଇଥିଲେ। ଭିସୁଟ୍‌ର ଦ' ଲିଟେରାରୀ ସୋସାଇଟି ପକ୍ଷରୁ ପଦ୍ମଶ୍ରୀ ଡଃ ଅନ୍ତର୍ଯାମୀ ମିଶ୍ରଙ୍କୁ "ଲିଟେରାରୀ ଲରିଏଟ୍ ଅଫ୍ ଓଡ଼ିଶା" ସମ୍ମାନ ପ୍ରଦାନ କରାଯାଇଥିଲା, ଯାହାକି ଏହି ବିଶ୍ୱବିଦ୍ୟାଳୟର ସାହିତ୍ୟ ଗତିବିଧିର ଏକ ମାଇଲଷ୍ଟୋନ୍ ଭାବେ ଉଭା ହୋଇଛି।

ସିଡିସିଇ ଡିନ୍ ପଫେସର ଡଃ ଗଣେଶ୍ୱର ନାଥ ସ୍ୱାଗତ ସଂଭାଷଣରେ ଏହି ସମାରୋହର ଗୁରୁତ୍ୱ ବିଷୟରେ କହିଥିଲେ। ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ଡଃ ଦୀପକ କୁମାର ସାହୁ ତାଙ୍କ ଅଭିଭାଷଣରେ ଡଃ ମିଶ୍ରଙ୍କ ସାହିତ୍ୟ ଓ ଭାଷା ପ୍ରତି ଅନୁପମ ଅବଦାନ ପ୍ରତି ବିଶେଷ ଶ୍ରଦ୍ଧା ଓ କୃତଜ୍ଞତା ଜଣାଇଥିଲେ। କୁଳସଚିବ ପ୍ରଦୀପ କୁମାର ତାଙ୍କ ଓଡ଼ିଆ ସାହିତ୍ୟ ଓ ପରମ୍ପରାକୁ ଦୃଷ୍ଟି ଦେଇ କାର୍ଯ୍ୟକ୍ରମରେ ଗରିମାମୟ ଉପସ୍ଥାପନା କରିଥିଲେ। ଫାକଲ୍‌ଟି ଆଡ୍‌ଭାଇଜର୍ ଡଃ ଦେବସ୍ମିତା ମିଶ୍ର କାର୍ଯ୍ୟକ୍ରମର ସଂଯୋଜନା କରିଥିଲେ। ବିଭିନ୍ନ ବିଭାଗର ପ୍ରଫେସର, ଅଧ୍ୟାପକ ଅଧ୍ୟାପିକା, ଗବେଷକ ତଥା ଛାତ୍ରଛାତ୍ରୀମାନେ ଉପସ୍ଥିତ ଥିଲେ। ଦ' ଲିଟେରାରୀ ସୋସାଇଟିର ଏହି ପ୍ରୟାସ ଓଡ଼ିଆ ସାହିତ୍ୟ ପ୍ରତି ଏକ ନୂଆ ଚେତନା ଓ ଉତ୍ସାହ ସୃଷ୍ଟି କରିଛି, ଯାହା ଓଡ଼ିଶାର ଶିକ୍ଷାନୁଷ୍ଠାନ ଗୁଡ଼ିକରେ ସାହିତ୍ୟ ସଙ୍ଗଠନ ଓ ସଂସ୍କୃତିକ ଚେତନା ବୃଦ୍ଧିରେ ଏକ ମାନଦଣ୍ଡ ହିସାବରେ ପ୍ରତିଷ୍ଠିତ ହେବ।



ବରିଷ୍ଠ ସାମ୍ବାଦିକ ନବୀନ ଦାଶଙ୍କ ଆଶୁ ଆରୋଗ୍ୟ କାମନା କରି ମା' ସମଲେଶ୍ୱରୀ ନିକଟରେ ଦୀପଦାନ ଅବସରରେ ଉପସ୍ଥିତ ସାମ୍ବାଦିକ

# କର୍ମକ୍ଷେତ୍ରରେ ଯୌନ ନିର୍ଯାତନା ସମ୍ବନ୍ଧୀୟ କର୍ମଶାଳା

ସମ୍ବଲପୁର,୨୨ା୭ (ସମିସ): ସ୍ଥାନୀୟ ନେତାଜୀ ସୁଭାଷ ଚନ୍ଦ୍ର ବୋଷ ମହାବିଦ୍ୟାଳୟ ପରିସରରେ କର୍ମକ୍ଷେତ୍ରରେ ମହିଳାମାନଙ୍କ ଉପରେ ହେଉଥିବା ନିର୍ଯାତନା ଉପରେ ଏକ କର୍ମଶାଳା ସୋମବାର ଅନୁଷ୍ଠିତ ହୋଇଯାଇଛି। ମହାବିଦ୍ୟାଳୟର ଅଧ୍ୟକ୍ଷ ଡ.ପ୍ରଦୀପ କୁମାର ହରପାଲଙ୍କ ସଭାପତିତ୍ୱରେ ଅନୁଷ୍ଠିତ କର୍ମଶାଳାରେ ବିଷୟ ବିଶେଷଜ୍ଞ ଭାବେ ଆଇନଜୀବୀ ତଥା ଜିଲ୍ଲା ଜୁଭେନାଇଲ ବୋର୍ଡ ସଦସ୍ୟା ବାଣୀ ମହାପାତ୍ର ଏବଂ ଡ. ପିଏମ୍‌ଆଇଏଏସ୍‌ଇର ପ୍ରାକ୍ତନ ଅଧ୍ୟକ୍ଷା ପ୍ରଫେସର ନିରୁପମା ବଡ଼ପଣ୍ଡା ଯୋଗ ଦେଇଥିଲେ। ଅଧ୍ୟାପିକା ଡ. ଶ୍ରଦ୍ଧାମୟୀ ପୁରୋହିତଙ୍କ ସଂଯୋଜନାରେ ଆୟୋଜିତ କାର୍ଯ୍ୟକ୍ରମରେ ପ୍ରଶାସନିକ ଅଧିକାରୀ ତଥା ସ୍ନାତକୋତ୍ତର ଇତିହାସ ବିଭାଗ ମୁଖ୍ୟ ଡ. ଦୁର୍ଲ୍ଲଭ କୁମାର ସା ଅନୁଷ୍ଠାନ ପରିସରରେ ଶୃଙ୍ଖଳା ବଜାୟ ରଖିବାକୁ ସମସ୍ତଙ୍କ ସହଯୋଗ କାମନା କରିବାସହ ମହିଳା ମାନଙ୍କ ସୁରକ୍ଷା ପାଇଁ ରହିଥିବା ବିଭିନ୍ନ ଆଇନ ବିଷୟରେ ଉଲ୍ଲେଖ କରିଥିଲେ। ଅଧ୍ୟାପିକା ରୋଜାଲି ସେଠ ଆଭ୍ୟନ୍ତରୀଣ ଅଭିଯୋଗ କମିଟି (ଆଇସିସି)ର ସଦସ୍ୟା ଭାବେ ଏହାର କାର୍ଯ୍ୟପ୍ରଣାଳୀ ଉପରେ ଆଲୋକପାତ କରିଥିଲେ। କାର୍ଯ୍ୟକ୍ରମ ପରିଚାଳନାରେ ଅଧ୍ୟାପକ ଅଧ୍ୟାପିକା ଡ. ଶ୍ୟାମ ଭୋଇ, ଡ. ରଘୁମଣି ନାଏକ, ସନ୍ତୋଷ ରଞ୍ଜନ ବେହେରା, ସୁରେଶ ଏକ୍କା ପ୍ରମୁଖ ସହଯୋଗ କରିଥିଲେ। ରଶ୍ମୀତା ରାଉତରାୟ ଧନ୍ୟବାଦ ଅର୍ପଣ କରିଥିଲେ।

# କାର୍ଯ୍ୟକ୍ଷେତ୍ରରେ ଯୌନ ନିର୍ଯାତନାକୁ ନେଇ ପ୍ରଶାସନିକ ବୈଠକ

**ସମ୍ବଲପୁର,୨୨ା୭ (ସମିସ):** କାର୍ଯ୍ୟସ୍ଥଳରେ ନାରୀମାନଙ୍କ ପ୍ରତି ଯୌନ ନିର୍ଯାତନାରୁ ସୁରକ୍ଷା, ନିଷେଧ ଓ ପ୍ରତିକାର ପାଇଁ ଘୋଷିତ ପିଓଏସ୍‌ଏଚ୍ ଆଇନ ୨୦୧୩ ଅନୁଯାୟୀ ପୁଲିସ ଏବଂ ଜିଲ୍ଲା ମାଜିଷ୍ଟ୍ରେଟଙ୍କ ଏକ ସମନ୍ୱୟ ବୈଠକ ଜିଲ୍ଲାପାଳ ସିଦ୍ଧେଶ୍ୱର ବଳିରାମ ବୋନ୍ଦରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ସମସ୍ତ ଶିକ୍ଷାନୁଷ୍ଠାନ କର୍ତ୍ତୃପକ୍ଷ, ବିଡିଓ, ତହସିଲଦାର, ପୁଲିସ ଅଧିକାରୀମାନେ ଯୋଗ ଦେଇଥିଲେ। ବୈଠକରେ ଆରକ୍ଷୀ ଅଧିକ୍ଷକ ମୁକେଶ କୁମାର ଭାମୁ, ସମ୍ବଲପୁର ମହାନଗର ନିଗମ ଆୟୁକ୍ତ ବେଦଭୂଷଣ, ଅତିରିକ୍ତ ଜିଲ୍ଲାପାଳ (ସାଧାରଣ) ଅଶୋକ କୁମାର ଭୋଇ, ସଦର ଉପଜିଲ୍ଲାପାଳ ଡା. ପୁଷ୍ପାଞ୍ଜଳି ପଣ୍ଡାଙ୍କ ସହ ଭିସୁଟ୍ କୁଳପତି ପ୍ରଫେସର ଦୀପକ କୁମାର ସାହୁ, ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟ ଭାରପ୍ରାପ୍ତ କୁଳପତି ପ୍ରଫେସର ସୁଶାନ୍ତ କୁମାର ଦାସ, ସମ୍ବଲପୁର ମହାବିଦ୍ୟାଳୟ କୁଳପତି ପ୍ରଫେସର ବିଧୁଭୂଷଣ ମିଶ୍ର ତଥା ସମସ୍ତ ବିଭାଗୀୟ ଅଧିକାରୀମାନେ ଉପସ୍ଥିତ ଥିଲେ। ଜିଲ୍ଲା ପ୍ରଶାସନ ଓ ପୁଲିସ ବିଭାଗ ପକ୍ଷରୁ ମହିଳାଙ୍କ ସୁରକ୍ଷା ନିମିତ୍ତ ପିଓଏସ୍‌ଏଚ୍ ଆଇନ ଅନୁଯାୟୀ ୧୦ ଜଣ କିମ୍ବା ତା'ଠାରୁ ଅଧିକ ସଦସ୍ୟ ବିଶିଷ୍ଟ ଆଭ୍ୟନ୍ତରୀଣ ଅଭିଯୋଗ କମିଟି (ଆଇସିସି) ଗଠନ କରାଯିବା, ସଦସ୍ୟମାନଙ୍କ ପାଇଁ ସମ୍ବେଦନଶୀଳତା ଓ କ୍ଷମତା ବୃଦ୍ଧି ଶିକ୍ଷାଦାନ ଦିଆଯିବା, ସମୟ ସୀମା ମଧ୍ୟରେ ଅନୁସନ୍ଧାନ ଓ ପ୍ରତିକାର (ରିଡ୍ରେସାଲ୍) ପ୍ରକ୍ରିୟା ନିମିତ୍ତ ନିୟମ, ବାର୍ଷିକ ରିପୋର୍ଟିଂ ଓ ପ୍ରତିପାଦନରେ ସ୍ୱଚ୍ଛତା ରଖିବା କିପରି ରହିବ, ତାଲୁକ, ବ୍ଲକ୍, ତହସିଲ ଓ ସ୍ଥାନୀୟ ନଗର ନିଗମ / ପ୍ରଶାସନ ମଧ୍ୟରେ ଜିଲ୍ଲାସ୍ତରୀୟ ଏଲ୍‌ସିସି ଗଠନ କରାଯିବା ଆଦି ବିଷୟରେ ଆଲୋଚନା କରାଯାଇଥିଲା।

ଜିଲ୍ଲାପାଳ ଶ୍ରୀ ବୋନ୍ଦର ସ୍ପଷ୍ଟ କରିଥିଲେ ଯେ ଏପରି ସମ୍ବେଦନଶୀଳ ମାମଲାରେ ଦୃଶ୍ୟମାନ ଓ ସମୟୋପଯୁକ୍ତ କାର୍ଯ୍ୟାନୁଷ୍ଠାନ ଅତ୍ୟାବଶ୍ୟକ। ଆଭ୍ୟନ୍ତରୀଣ ଅଭିଯୋଗ କମିଟି ବ୍ୟବସ୍ଥାକୁ ଅଧିକ ସକ୍ଷମ କରିବା ପାଇଁ ସେ ନିର୍ଦ୍ଦେଶ ଦେଇଥିଲେ। ଏହାସହିତ ନିର୍ଦ୍ଧାରିତ ସମୟ ମଧ୍ୟରେ ଅନୁଧ୍ୟାନ କରିବା ପାଇଁ ସମସ୍ତ କାର୍ଯ୍ୟାଳୟ ଓ ସଂସ୍ଥାନରେ ସିସିଟିଭି ବ୍ୟବସ୍ଥା ସଚଳ ରହିବା ଦରକାର ବୋଲି ସେ ଉଲ୍ଲେଖ କରିଥିଲେ। ସମସ୍ତ ଗଭର୍ଣ୍ଣିଂ କମିଟି ବୈଠକ ନିୟମିତ ଭାବରେ କରାଯିବ ଓ ଏହି କମିଟିଗୁଡ଼ିକ ସୁଦୃଢ଼ ଭାବରେ କାର୍ଯ୍ୟ କରିବା ପାଇଁ ପୁଲିସ ଏସଡିପିଓ ମାନଙ୍କୁ ସଦସ୍ୟ ଭାବେ ଅନ୍ତର୍ଭୁକ୍ତ କରାଯିବା ଆବଶ୍ୟକ ବୋଲି ସେ ପ୍ରସ୍ତାବ ରଖିଥିଲେ। ଏହାସହିତ ଜିଲ୍ଲାପାଳ ସହାୟତା ଟୋଲ୍-ଫ୍ରି ନମ୍ବର ବିଷୟରେ ସଚେତନତା ବୃଦ୍ଧି କରିବା ପାଇଁ ମଧ୍ୟ ନିର୍ଦ୍ଦେଶ ଦେଇଥିଲେ।

## ● ୨୬ରେ ସମ୍ବଲପୁରରେ 'ମାଇ ମ୍ୟୁଜିକ୍, ମାଇ ରାଇଟ୍ସ' କର୍ମଶାଳା

# ସମ୍ବର୍ଦ୍ଧିତ ହେବେ 'ରଙ୍ଗବତୀ' ରଚୟିତା ପଦ୍ମଶ୍ରୀ ମିତ୍ରଭାନୁ ଗୌନ୍ତିଆ

**ସମ୍ବଲପୁର, ୨୨ା୭ (ସମିସ):** ଇଣ୍ଡିଆନ ପାରଫର୍ମିଙ୍ଗ ରାଇଟ୍ ସୋସାଇଟି ଲିମିଟେଡ (ଆଇପିଆର୍‌ଏସ୍) ସମ୍ବଲପୁରକୁ ଆଣୁଛି 'ମାଇ ମ୍ୟୁଜିକ୍ ମାଇ ରାଇଟ୍ସ'। ଆସନ୍ତା ୨୬ ତାରିଖ ସମ୍ବଲପୁର କଳା ପରିଷଦଠାରେ କପିରାଇଟ୍ ଓ ରୟାଲ୍‌ଟି ସଚେତନତା କର୍ମଶାଳା ଆୟୋଜିତ ହେବ। ଏଥିରେ ପ୍ରସିଦ୍ଧ ସମ୍ବଲପୁରୀ ଗୀତ ରଙ୍ଗବତୀର ରଚୟିତା ପଦ୍ମଶ୍ରୀ ମିତ୍ରଭାନୁ ଗୌନ୍ତିଆଙ୍କୁ ସମ୍ବର୍ଦ୍ଧିତ କରାଯିବ। ଉଲ୍ଲେଖଯୋଗ୍ୟ ଯେ, ସମ୍ବଲପୁର ଜିଲ୍ଲା କୁଚିଣ୍ଡା ଉପଖଣ୍ଡ ବିଲୁଙ୍ଗ ଗାଁର ଜଣେ ସ୍କୁଲ ଶିକ୍ଷକ ପଦ୍ମଶ୍ରୀ ଗୌନ୍ତିଆ। ତାଙ୍କ ପ୍ରସିଦ୍ଧି ପରେ ଗାଁର ନାମକୁ ନାମକୁ ରଙ୍ଗବତୀ ବିଲୁଙ୍ଗ ଭାବେ ପୁନଃନାମକରଣ କରାଯାଇଛି।

ଏହି କାର୍ଯ୍ୟକ୍ରମ ୧୯୭୯ ମସିହାରେ ରଙ୍ଗବତୀ ଗୀତକୁ ରେକର୍ଡ କରିଥିବା କଲିକତାର ଇନ୍‌ରେକୋ (ଦ ଇଣ୍ଡିଆନ ରେକର୍ଡ ମାନୁଫେକ୍‌ଚରିଂ କମ୍ପାନୀ ଲିମିଟେଡ) ସହଭାଗିତାରେ ଆୟୋଜିତ ହେବ। ୧୯୬୩ ମସିହାରେ ସମ୍ବଲପୁରରେ ଆକାଶବାଣୀ ଆରମ୍ଭ ହେବାସହ ପଦ୍ମଶ୍ରୀ ଗୌନ୍ତିଆ ବ୍ୟକ୍ତିଗତ ଭାବେ କେବଳ ସମ୍ବଲପୁରୀରେ ଲେଖିବା ପାଇଁ ଶପଥ ନେଲେ। ସ୍ୱଭାବକବି ଗଙ୍ଗାଧର ମେହେରଙ୍କ 'ଉଚ୍ଚ ହେବାପାଇଁ କର ଯେବେ ଆଶା, ଉଚ୍ଚ କର ଆଗେ ନିଜ ମାତୃଭାଷା' ଦ୍ୱାରା ଉତ୍ସାହିତ ହୋଇ ସେ ୧୦୦୦ରୁ ଅଧିକ ଗୀତ, କବିତା, କାବ୍ୟ ଆଦି ରଚନା କରିଛନ୍ତି। ଇନ୍‌ରେକୋ ଦ୍ୱାରା ୧୯୭୯ ମସିହାରେ ରଙ୍ଗବତୀ ଗୀତର ରିଲିଜ୍ ଭାରତୀୟ ଲୋକ ସଂଗୀତରେ ଏକ ମାଇଲଖୁଣ୍ଟ। ପ୍ରଥମେ ଏହା ୧୯୭୮ରେ ଆକାଶବାଣୀ ସମ୍ବଲପୁର ଦ୍ୱାରା ପ୍ରସାରିତ ହୋଇ ତତ୍କାଳ ଏକ ସାଂସତକୃତିକ ଆନ୍ଦୋଳନ ସୃଷ୍ଟି କଲା। ଏହା କେବଳ ବିବାହ, ଉତ୍ସବରେ ବାଜିଲା ତାହା ନୁହେଁ, ତେଲୁଗୁ ସିନେମା ଶ୍ରୀ ରାମ (୨୦୦୨), ବଲିଉଡ ସିନେମା କୋନ୍ କିତ୍‌ନା ପାନି ମେ (୨୦୧୫) ସହିତ ୨୦୦୭ରେ ସାଧାରଣତନ୍ତ୍ର ଦିବସରେ ପ୍ରଦର୍ଶିତ ହେଲା। ରେଡିଓ ମସ୍କୋ, ବିବିସି ଲଣ୍ଡନ, ଦକ୍ଷିଣ କୋରିଆରେ ୱାର୍ଲଡ ୱାଟର ଫୋରମ୍ ଏବଂ ଭୁବନେଶ୍ୱରରେ ୨୦୧୭ରେ କଣ୍ଠଶିଳ୍ପୀ ଶଙ୍କର ମହାଦେବନ ଏସିଆନ୍ ଆଥ୍‌ଲେଟିକ୍ ଚମ୍ପିଆନ୍‌ସିପ୍‌ରେ ଲାଇଭ୍ ପରିବେଷଣ କରିଥିଲେ। ସମ୍ବଲପୁରୀ ଗୀତ 'ରଙ୍ଗବତୀ'ର ପ୍ରସିଦ୍ଧି ସତ୍ତ୍ୱେ ଏହାର ପ୍ରସ୍ତୁତକର୍ତ୍ତା ବ୍ୟବସାୟିକ ତଥା ଅଧିକାର ପାଇନାହାନ୍ତି। ଏହି କର୍ମଶାଳା ଏଭଳି ପ୍ରସିଦ୍ଧି ଏବଂ ଅଧିକାର ସୁରକ୍ଷା ମଧ୍ୟରେ ବ୍ୟବଧାନର ପ୍ରତିକାର କରିବା ପାଇଁ କରାଯାଉଛି। ଆଇପିଆର୍‌ଏସ୍‌ର ସିଇଓ ରାକେଶ ନିଗମ କହିଛନ୍ତି, ପ୍ରସ୍ତୁତକର୍ତ୍ତା ସେମାନଙ୍କ ଅଧିକାର ସକାଶେ ଆଇନଗତ ଲଢ଼େଇ ନୁହେଁ ବରଂ ପ୍ରାରମ୍ଭରୁ ସେମାନଙ୍କୁ ସୁରକ୍ଷିତ କରିବା ଆବଶ୍ୟକ। ଲୋକସଙ୍ଗୀତକୁ କେବଳ ମନେରଖିବା ନୁହେଁ ବରଂ ଏହାକୁ ସମ୍ମାନ, ସୁରକ୍ଷା ଏବଂ ପୁରସ୍କୃତ କରିବା ଉଚିତ।

# ବୈଦିକ ଇଣ୍ଟରନ୍ୟାସନାଲ ସ୍କୁଲର ଛାତ୍ରସଭା ପରିଷଦ ଗଠନ ସମ୍ପୂର୍ଣ୍ଣ

**ସମ୍ବଲପୁର, ୨୨ା୭ (ସମିସ) :** ବୈଦିକ ଇଣ୍ଟରନେସନାଲ ସ୍କୁଲ, ସମ୍ବଲପୁରରେ ୨୦୨୫-୨୦୨୬ ଶିକ୍ଷାବର୍ଷ ପାଇଁ ଛାତ୍ର କାଉନସିଲ୍ ଗଠନ କରାଗଲା, ଯେଉଁଠାରେ ଦୃଢ଼ ସଂକଳ୍ପ, ଦାୟିତ୍ୱ ଓ ଦୃଢ଼ ସହଭାଗିତାର ଏକ ସଫଳ ପରିଚାଳନା ଭାବେ ଅନୁଷ୍ଠିତ ହେଲା। ଏହା ଶିକ୍ଷାନୁଷ୍ଠାନର ଭବିଷ୍ୟତ ନେତୃତ୍ୱ କୌଶଳ ଗଢିବା ଲକ୍ଷ୍ୟରେ ଏକ ମହତ୍ତ୍ୱପୂର୍ଣ୍ଣ ପଦକ୍ଷେପ। ଏହି ନିର୍ବାଚନ ପ୍ରକ୍ରିୟା ୧୫ ଦିନ ପୂର୍ବରୁ ଘୋଷଣା କରାଯାଇଥିଲା ଓ ଏହା ୧୯ ଜୁଲାଇରେ ଶେଷ ହେଲା। ଅଷ୍ଟମରୁ ଦ୍ୱାଦଶ ଶ୍ରେଣୀ ପର୍ଯ୍ୟନ୍ତ ପ୍ରାୟ ୧୫୦୦ ଛାତ୍ରଛାତ୍ରୀ ଭୋଟ ଦେଲେ। ନିର୍ବାଚନ ଫର୍ମ ପୂରଣ ହେଲା, ଭୋଟିଂ ଓ ଜୁଲାଇ ୨୦ ରେ ପ୍ରତ୍ୟେକ ପଦ ପାଇଁ ଫଳାଫଳ ପ୍ରକାଶ ସମେତ ସମସ୍ତ ପ୍ରକ୍ରିୟା ଠିକ୍ ଭାବରେ ପରିଚାଳିତ ହେଲା। ଏଠାରେ ସମସ୍ତ ଶିକ୍ଷକ ମାନେ କାର୍ଯ୍ୟ ଠିକ୍ ଭାବରେ ତୁଲାଇଥିଲେ। ଏହି ଉଦ୍ୟମ ଛାତ୍ରଛାତ୍ରୀଙ୍କ ନେତୃତ୍ୱ କ୍ଷମତା ଉଦବୋଧନ କରିବା ସହିତ ଦଳବଦ୍ଧ, ଦାୟିତ୍ୱବୋଧ ଓ ଶାସନ ଦକ୍ଷତାକୁ ସଂପୂର୍ଣ୍ଣ ଭାବରେ ପ୍ରେରଣା ଦିଏ। ଏହା ଛାତ୍ରଛାତ୍ରୀ ମାନଙ୍କୁ ପ୍ରକୃତ ଜୀବନର ଲକ୍ଷ୍ୟ ସାଧନ କରିବାକୁ ପ୍ରୋତ୍ସାହନ ଦିଏ। ୨୧ ଜୁଲାଇରେ ଇନଭେଷ୍ଟିୟର ଉତ୍ସବ ଆୟୋଜିତ ହେଲା, ଯେଉଁଠାରେ ନିର୍ବାଚିତ କାଉନସିଲ୍ ସଭ୍ୟ ତାଙ୍କ ଦାୟିତ୍ୱ ଗ୍ରହଣ କଲେ। ଏହି ଅବସରରେ ପ୍ରିୟଙ୍କା ପାରମିତା ନାୟକ ହେଡ୍‌ଗାର୍ଲ ଓ ପ୍ରତୀକ ସାହୁ ହେଡ୍ ବୟ ଭାବେ ଶପଥ ନେଲେ। ଉତ୍ସବରେ ବୈଦିକ ଇଣ୍ଟରନେସନାଲ ସ୍କୁଲର ଚେୟାରମେନ ଆନନ୍ଦ ଅଗ୍ରୱାଲ ଉପସ୍ଥିତ ରହି ଶୁଭେଚ୍ଛା ଜଣାଇଥିଲେ। ସେ ପ୍ରତ୍ୟେକ ନିର୍ବାଚିତ କାଉନସିଲ୍ ସଭ୍ୟ ମାନଙ୍କୁ ଅଭିନନ୍ଦନ ଜ୍ଞାପନ କରିଥିଲେ ଓ ଦେଖାଇଥିଲେ କିପରି ବୈଦିକ ଛାତ୍ରଛାତ୍ରୀ ଦିଲ୍ଲୀ ୟୁନିଭର୍ସିଟି ପରି ଉଚ୍ଚ ପ୍ରତିଷ୍ଠିତ ସଂସ୍ଥାନରେ ମଧ୍ୟ କାଉନସିଲ୍ ସଭ୍ୟ ହୋଇଛନ୍ତି। ସେ କହିଲେ ଯେ, ନେତୃତ୍ୱ କେବଳ ଏକ ଉପାଧି ନୁହେଁ ବରଂ ଏକ ଦାୟିତ୍ୱ ଅଟେ ଯାହାକୁ ପାଇବାକୁ ହୁଏ ସମର୍ପଣ, ଦୂରଦୃଷ୍ଟି ଓ ସେବାର ମାଧ୍ୟମ। ବୈଦିକ ଇଣ୍ଟରନେସନାଲ ସ୍କୁଲ ଓଡ଼ିଶା ଓ ଛତିଶଗଡ଼ର ମଧ୍ୟ ଶ୍ରେଷ୍ଠ ଶିକ୍ଷାନୁଷ୍ଠାନ ମଧ୍ୟରେ ସ୍ଥାନ ପାଇଛି।

# ଲୋକପାଇଲଟଙ୍କୁ ବିଶ୍ୱାସ କରି ହରାଇଲେ ୬ କୋଟି

ସମ୍ବଲପୁର,୨୨ା୭ (ସମିସ)

ଲୋକ ପାଇଲଟଙ୍କୁ ନିଜ ରେଳ ବିଭାଗର କର୍ମଚାରୀ ବିଶ୍ୱାସ କଲେ। କଥା ପଡ଼ି ଏକ ଆପରେ ଟଙ୍କା ନିବେଶ କଲେ। କିନ୍ତୁ ଶେଷରେ ଲୋକପାଇଲଟ ଆପ ବୁଡ଼ିଯାଇଥିବା କହିଥିଲେ। ଏପରିକି ପ୍ରାୟ ୬ କୋଟିରୁ ଅଧିକ ଟଙ୍କାର ଠକେଇ ହୋଇଥିବା ପୂର୍ବତଟ ରେଳ ସମ୍ବଲପୁର ମଣ୍ଡଳରୁ ଅଭିଯୋଗ ଆସିଛି। ଏଥିରେ ୨୦୦ ଜଣ ରେଳ କର୍ମଚାରୀ ଠକେଇର ଶିକାର ହୋଇଛନ୍ତି। ମାଲବାହୀ ଗାଡ଼ିରେ ଲୋକପାଇଲଟ ଥିବା ସିଆର ସାହୁଙ୍କ ଯୋଗୁଁ ଏପରି ହୋଇଥିବା ନେଇ ଡିଆରଏମ୍ ସୁଭାଷ ସିଂ ଚୌଧୁରୀଙ୍କୁ ଲିଖିତ ଅଭିଯୋଗ କରାଯାଇଛି। ଏହା ସହ ଉକ୍ତ ଲୋକପାଇଲଟ ବିରୋଧରେ ବିଚାର ବିଭାଗୀୟ ତଦନ୍ତ ପାଇଁ ଦାବି ହୋଇଛି।

● ୨୦୦ ରେଳକର୍ମଚାରୀ ଡିଆରଏମ୍‌ଙ୍କ ଦ୍ୱାରସ୍ଥ
● ଚାକିରିରୁ ନିଲମ୍ବନ ଦାବି

ସୂଚନାଯୋଗ୍ୟ ଯେ, ସିଆର ସାହ ସମସ୍ତଙ୍କୁ ଇଭୋକାର୍ଟ, ଇଭୋକ୍ୟାସ ଏବଂ ଡେଲଟା ନାମକ ଏକ ମୋବାଇଲ ଆପ ବିଷୟରେ ଜଣାଇଥିଲେ। ଏଥିରେ ନିବେଶ କଲେ ୩୦ ମାସ ଭିତରେ ୨ ଗୁଣା ଲାଭ ହେବ ବୋଲି କହିଥିଲେ। ସେ ଚନ୍ଦ୍ରଶେଖର ସାହୁ ନାମକ ଜଣେ ବ୍ୟକ୍ତିଙ୍କ ନାମ କହିଥିଲେ। ଯିଏ କି ଏହି ୩ଟି ଆପ ମାଧ୍ୟମରେ ନିବେଶକଙ୍କୁ ପ୍ରଲୋଭିତ କରୁଥିଲେ। ତାଙ୍କ ଅମାପ ସମ୍ପତ୍ତି ଥିବା ସମସ୍ତଙ୍କ ମନରେ ବିଶ୍ୱାସ ଜନ୍ମାଇଥିଲେ। ଏବଂ ନିଜେ ଏହାର ଗ୍ୟାରେଣ୍ଟି ନେଇଥିଲେ। ଏହାପରେ ସମସ୍ତେ ନିଜର ଜମାପୁଞ୍ଜି ଏହି ଆପ ମାଧ୍ୟମରେ ନିବେଶ କରିଥିଲେ। କିଛିଦିନ ପରେ ଉଭୟ ସିଆର ଓ ଚନ୍ଦ୍ରଶେଖର ସାହୁ ଆସି ସେହି ନିବେଶ କମ୍ପାନୀ ବୁଡ଼ିଯାଇଥିବା ସମସ୍ତଙ୍କ ଆଗରେ କହିଥିଲେ। ଏହାପରେ ଏହି ଘଟଣା ଉପରେ ପ୍ରାଥମିକ ଯାଞ୍ଚ କରାଯାଇଥିଲା। ଯେଉଥିରେ ମୋଟ ୬ କୋଟି ଟଙ୍କା ଠକେଇ ହୋଇଥିଲା। ଏଥିରେ ୧.୫ କୋଟି ଟଙ୍କା ଲୋକ ପାଇଲଟ ଶ୍ରୀ ସାହୁ ନିଜେ କମିସନ ପାଇଥିଲେ। ଏହି ବିଷୟରେ ସମସ୍ତେ ଡିଆରଏମଙ୍କ ପାଖରେ ଅଭିଯୋଗ କରିଥିଲେ। ତାଙ୍କୁ ଚାକିରୀରୁ ନିଲମ୍ବନ କରିବା ପାଇଁ ମଧ୍ୟ ଦାବି କରାଯାଇଛି। ଏହି ଘଟଣା ଆଇପିସି ଧାରା ୪୨୦, ୪୦୬, ୧୨୦ବି ଏବଂ ଆକ୍ଟ ୧୯୭୮ ଓ ୧୯୮୮ର ଉଲ୍ଲଙ୍ଘନ କରିଛି। ଏହାର ସିବିଆଇ ଯାଞ୍ଚ କରିବା ସହିତ ଉକ୍ତ ଲୋକପାଇଲଟଙ୍କର ସମସ୍ତ ବ୍ୟାଙ୍କ ଖାତା ଫ୍ରିଜ କରିବାକୁ କହିଛନ୍ତି।

# ନାବାଳିକା ଦୁଷ୍କର୍ମକାରୀକୁ ୧୫ ବର୍ଷ ଜେଲ

**ସମ୍ବଲପୁର, ୨୨ା୭ (ସମିସ):** ୨୦୧୮ ମସିହାର ଏକ ନାବାଳିକା ଦୁଷ୍କର୍ମ ଅଭିଯୋଗର ବିଚାର କରି ସମ୍ବଲପୁର ଅତିରିକ୍ତ ଜିଲ୍ଲା ଜଜ୍ ତଥା ସ୍ୱତନ୍ତ୍ର ପୋକ୍‌ସୋ ଅଦାଲତ ବିଚାରପତି ଅଭିଲାଷ ସେନାପତି ଅଭିଯୁକ୍ତ ଟେକଚାନ୍ଦ ରୋହିଦାସକୁ ୧୫ ବର୍ଷ ସଶ୍ରମ କାରାଦଣ୍ଡ ଓ ୫୦ ହଜାର ଟଙ୍କା ଜୋରିମାନା ରାୟ ଶୁଣାଇଛନ୍ତି। ଜୋରିମାନା ଅନାଦେୟ ହେଲେ ଅଭିଯୁକ୍ତ ଅଧିକ ୧ ବର୍ଷ ଜେଲଦଣ୍ଡ ଭୋଗିବ।

ସୂଚନା ଅନୁଯାୟୀ, ଘଟଣାଟି ସମ୍ବଲପୁର ଜିଲ୍ଲା ମହୁଲପାଲି ଥାନା ଅଞ୍ଚଳରେ ଘଟିଥିଲା। ଗତ ୧୩-୯-୨୦୧୮ ଦିନ ସନ୍ଧ୍ୟାରେ ପିଡ଼ିତା ୭ ବର୍ଷ ବୟସ୍କା ତାଙ୍କ ଘର ପାଖରେ ଖେଳୁଥିବା ସମୟରେ ଅଭିଯୁକ୍ତ ଟେକଚାନ୍ଦ ରୋହିଦାସ ଗାଁରେ ହେଉଥିବା ଗଣେଶ ପୂଜା ଦେଖିବା ପାଇଁ ପିଡ଼ିତାଙ୍କୁ ସାଇକଲରେ ବସାଇ ନେଇଥିଲା। କିନ୍ତୁ ଗଣେଶ ପୂଜା ମଣ୍ଡପକୁ ନନେଇ ପାଖରେ ଥିବା ନଦୀ ଆଡ଼କୁ ନେଇ ସେଠାରେ ଜବରଦସ୍ତି ବଳାତ୍କାର କରିଥିଲା। ଏହି ସମୟରେ ଅଭିଯୋଗକାରୀର ଖୁଡ଼ି ନଦୀକୁ ଝାଡ଼ାଯାଇ ଫେରୁଥିବା ସମୟରେ ଘଟଣାଟି ଦେଖିଥିଲେ। ସେ ପିଡ଼ିତାକୁ ତା' କବଳରୁ ଉଦ୍ଧାର କରି ଘରକୁ ଆଣିଥିଲେ। ପିଡ଼ିତା ଘରେ ତାଙ୍କ ବାପା ମା'କୁ ଘଟଣା ବିଷୟରେ ଜଣାଇଥିଲା। ପରଦିନ ପିଡ଼ିତାର ବାପା ମହୁଲପାଲି ଥାନାରେ ଲିଖିତ ଅଭିଯୋଗ କରିଥିଲେ। ପୁଲିସ ଅଭିଯୁକ୍ତକୁ ଗିରଫ କରି କୋର୍ଟଚାଲାଣ କରିଥିଲେ। ଏହାପରେ ଥାନାଧିକାରୀ ଘଟଣାର ତଦନ୍ତ କରି ଅଭିଯୁକ୍ତ ବିରୋଧରେ ଚାର୍ଜସିଟ୍ ଦାଖଲ କରିଥିଲେ। ମଙ୍ଗଳବାର ଅତିରିକ୍ତ ଜିଲ୍ଲା ଜଜ୍ ଓ ପୋକ୍‌ସୋ ବିଚାରପତି ଅଭିଲାଷ ସେନାପତି ୧୭ ଜଣଙ୍କ ସାକ୍ଷ୍ୟପ୍ରମାଣ ଓ ତଥ୍ୟ ଆଧାରରେ ଶୁଣାଣି କରି ଅଭିଯୁକ୍ତ ଟେକଚାନ୍ଦ ରୋହିଦାସକୁ ଦୋଷୀ ସାବ୍ୟସ୍ତ କରି ୧୫ ବର୍ଷ ସଶ୍ରମ କାରାଦଣ୍ଡ ଓ ୫୦ ହଜାର ଟଙ୍କା ଜୋରିମାନା କରିଛନ୍ତି।

ଜୋରିମାନା ଅନାଦେୟ ହେଲେ ଆଉ ଏକ ବର୍ଷ ଅଧିକ ଜେଲଦଣ୍ଡ ଭୋଗିବ ବୋଲି ରାୟରେ ପ୍ରକାଶ କରିଛନ୍ତି। ଜିଲ୍ଲା ଆଇନସେବା ପ୍ରାଧିକରଣ ସଚିବଙ୍କୁ ପିଡ଼ିତାଙ୍କୁ ଅନୁକମ୍ପା ରାଶି ୭ ଲକ୍ଷ ଟଙ୍କା ଦେବାକୁ ନିର୍ଦ୍ଦେଶ ଦିଆଯାଇଛି। ଏହି ମାମଲାକୁ ସରକାରଙ୍କ ପକ୍ଷରୁ ସ୍ୱତନ୍ତ୍ର ପିପି ସନ୍ତୋଷ କୁମାର ପଣ୍ଡା ପରିଚାଳନା କରିଥିଲେ।

## ଜଳସମ୍ପଦ ବିଭାଗର ଠିକାଦାର ପ୍ରୀତି

# ଶୁଖିଲା ପଡ଼ିଛି କେନାଲ, ବିଲ ପାଲଟିଲାଣି ପଡ଼ିଆ

ଭଦ୍ରେଶ୍ୱର,୨୨।୭ (ସମିସ)



ଜଳ ସମ୍ପଦ ବିଭାଗର ଦୂରଦୃଷ୍ଟିର ଅଭାବ, ସର୍ବୋପରି ଠିକାଦାର ପ୍ରୀତି କାରଣରୁ ସମଗ୍ର ମାହାଙ୍ଗା ବ୍ଲକ ଅଞ୍ଚଳ ଦେଇ ପ୍ରବାହିତ କେନାଲଗୁଡିକ ଶୁଖିଲା ପଡିଥିବାର ଅଭିଯୋଗ ହୋଇଛି। କେନାଲ ଶୁଖିଲା ପଡିଥିବା କାରଣରୁ ଚାଷ ଜମିରେ ଚାଷ କାର୍ଯ୍ୟ ତ୍ୱରାନ୍ୱିତ ହୋଇପାରୁ ନ ଥିବାର ଚାଷୀ ମହଲରେ ଅଭିଯୋଗ ହୋଇଛି। ମାହାଙ୍ଗା ବ୍ଲକର ୩୭ଟି ଗ୍ରାମପଞ୍ଚାୟତର ଚାଷୀମାନେ ଜଳସେଚନ ନିମନ୍ତେ କେନ୍ଦୁପାଟଣା, ଧର୍ମାଗତପୁର, ନୃତାଙ୍ଗ, ବାଲିଚନ୍ଦ୍ରପୁର, ଛତା ଜଳ ସମ୍ପଦ ବିଭାଗ ଉପରେ ନିର୍ଭର କରିଥାନ୍ତି। ଗତ କିଛି ଦିନ ହେଲା ସ୍ଥାନୀୟ ଅଞ୍ଚଳରେ ମୌସୁମୀର ଲୁଚକାଳି ଖେଳ ଚାଷୀଙ୍କ ପାଇଁ କାଳ ପାଲଟିଛି। ଗତ କିଛି ଦିନ ହେଲା ସ୍ଥାନୀୟ ଅଞ୍ଚଳରେ ଆଶାନୁରୂପକ ଭାବେ ବର୍ଷା ହୋଇ ନାହିଁ। ବର୍ଷାର ପରିମାଣ କମି ଯାଇଥିବା କାରଣରୁ ଚାଷ କାର୍ଯ୍ୟ ତ୍ୱରାନ୍ୱିତ ହୋଇପାରୁ ନାହିଁ। ଏଠାରେ ସୂଚନା ଥାଉକି ଏହି ଅଞ୍ଚଳଟି କୃଷି ବହୁଳ ଅଟେ। ସ୍ଥାନୀୟ ଲୋକେ ମୁଖ୍ୟତଃ କୃଷି ଉପରେ ନିର୍ଭର କରିଥାନ୍ତି। ତେବେ ବର୍ଷା ଅଭାବରୁ ସ୍ଥାନୀୟ ଅଞ୍ଚଳର ଚାଷଜମି ଗୁଡିକ ଫାଟିବାକୁ ଆରମ୍ଭ କଲାଣି। ସ୍ଥାନୀୟ ଜଳ ସମ୍ପଦ ବିଭାଗ ତରଫରୁ ଜୁଲାଇ ମାସ ଶେଷ ହେବାକୁ ବସିଥିଲା ବେଳେ ଏ ପର୍ଯ୍ୟନ୍ତ କେନାଲରେ ପାଣି ଆସିପାରି ନାହିଁ। ମୁଖ୍ୟ କେନାଲରେ ନାମକୁ ମାତ୍ର ପାଣି ଛଡାଯାଇଥିଲା ବେଳେ ଶାଖା କେନାଲ ଗୁଡିକ ଶୁଖିଲା ପଡିଛି। ବାହାଘରବେଳେ ବାଇଗଣ ରୁଆ ନୀତିରେ ସ୍ଥାନୀୟ ଜଳ ସମ୍ପଦ ବିଭାଗ ତରଫରୁ ବିଭିନ୍ନ ସ୍ଥାନରେ କେନାଲ ସଫେଇ ମରାମତି ଓ ଗାର୍ଡୱାଲ ତଥା ଲାଇନିଂ କାମ ଚାଲୁ ରହିଛି। ଯାହା ଦ୍ୱାରା କି ଚଳିତ ବର୍ଷ ନିର୍ଦ୍ଧାରିତ ସମୟସୀମା ମଧ୍ୟରେ ଏହି କେନାଲ ଗୁଡିକରେ ପାଣି ଆସିବା ନେଇ ଆଶଙ୍କା ପ୍ରକାଶ ପାଇଛି। ଅପରପକ୍ଷରେ ସ୍ଥାନୀୟ ଲୋକ ପ୍ରତିନିଧି ଓ ବିଭାଗୀୟ ଯନ୍ତ୍ରୀଙ୍କ ଠିକାଦାର ପ୍ରୀତି ଯୋଗୁ ଏଭଳି ଦୁର୍ଦ୍ଦଶା ଚାଷୀମାନେ ଭୋଗିବାକୁ ଯାଉଛନ୍ତି। ସରକାରଙ୍କ ସମସ୍ତ ନୀତିନିୟମକୁ ଜଳ ସମ୍ପଦ ବିଭାଗ ତରଫରୁ ଖୁଲମଖୁଲା ଭାବେ ଉଲ୍ଲଙ୍ଘନ କରାଯାଉଛି। ବିନା ସୂଚନାଫଳକରେ ଜୁଲାଇ ମାସରେ କେନାଲ ସଫେଇ, ଗାର୍ଡୱାଲ ନିର୍ମାଣ କାର୍ଯ୍ୟ ଠିକାଦାରଙ୍କ ମର୍ଜିରେ ଅତ୍ୟନ୍ତ ମନ୍ଥର ଗତିରେ ଚାଲିଥିବାର ଚାଷୀ ମହଲରେ ଅଭିଯୋଗ ହୋଇଛି। କେନାଲ କାର୍ଯ୍ୟ ଚାଲିଥିବା କାରଣରୁ କେନାଲରେ ପାଣି ନ ଆସିବା ଯୋଗୁ ଚାଷ କାର୍ଯ୍ୟ ଗୁରୁତର ଭାବେ ବାଧାପ୍ରାପ୍ତ ହୋଇଛି। ଚାଷୀମାନେ ବିଲରେ ପକାଇଥିବା ଧାନ ତଳି ମରିବାକୁ ଆରମ୍ଭ କଲାଣି। ଚାଷ ତରତର ବଣିଜ ମଠ ନ୍ୟାୟରେ ନିର୍ଦ୍ଧାରିତ ସମୟସୀମା ମଧ୍ୟରେ ଚାଷ କାର୍ଯ୍ୟ ନ ହେଲେ ବିଷମ ସମସ୍ୟା ସୃଷ୍ଟି ହେବା ନେଇ ଆଶଙ୍କା ପ୍ରକାଶ ପାଇଛି। ତେବେ କେନାଲରେ ପାଣି ନ ଆସିଲେ ଚାଷୀ ତାର ବର୍ଷକର ଆହାର କିପରି ପାଇବ ସେଥିନେଇ ଚିନ୍ତାରେ ଭାଙ୍ଗିପଡିଛି। ସ୍ଥାନୀୟ ଅଞ୍ଚଳର ଶହ ଶହ ଏକର ଜମି ଜଳସେଚନ ଅଭାବରୁ ପଡିଆ ପଡିଥିଲା ବେଳେ କେନାଲ ଗୁଡିକ ଶ୍ରାବଣ ମାସରେ ମଧ୍ୟ ଶୁଖିଲା ପଡିଥିବାର ଦେଖିବାକୁ ମିଳିଛି। ତେବେ ରାଜ୍ୟ ମୁଖ୍ୟମନ୍ତ୍ରୀ ସର୍ବୋପରି ଜଳ ସମ୍ପଦ ବିଭାଗର ଉଚ୍ଚ ପଦସ୍ଥ ଅଧିକାରୀ, ସ୍ଥାନୀୟ ଅଞ୍ଚଳର କେନାଲ ଗୁଡିକରେ ତୁରନ୍ତ ପାଣି ଛାଡିବା ନିମନ୍ତେ ଚାଷୀ ମହଲରେ ଦୃଢ ଦାବି ହୋଇଛି। ନଚେତ ଆଗାମୀ ଦିନରେ ଚାଷୀମାନେ ଆନ୍ଦୋଳନାତ୍ମକ ପନ୍ଥା ଅବଲମ୍ବନ କରିବାକୁ ପଛାଇବେ ନାହିଁ ବୋଲି ଚରମ ଚେତାବନୀ ଦେଇଛନ୍ତି।

## ଫ୍ଲିପ୍‌କାର୍ଟ ଗୋଦାମରୁ ଚୋରି ଘଟଣାର ପର୍ଦ୍ଦାଫାସ୍

# ଅଭିଯୁକ୍ତ ଗିରଫ, ଦୁଇ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କା ଜବତ



କଣ୍ଠାପଡା,୨୨।୭ (ସମିସ): ଓଲଟପୁର ଥାନା ଅଡଶପୁରଠାରେ ଥିବା ଫ୍ଲିପ୍‌କାର୍ଟ ହବରେ ଚଳିତ ମାସ ୨୦ ତାରିଖ ବିଳମ୍ବିତ ରାତିରେ କେହି ଦୁର୍ବୃତ୍ତ ଅଫିସର ସ୍କାଏ ଲାଇଟ୍ ଭାଙ୍ଗି ଭିତରେ ପଶି ଅଫିସରେ ଥିବା ତିନିଦିନର କଲେକସନ୍ ଟଙ୍କା ୨,୦୯,୮୨୬ ଟଙ୍କା ଲକର ସହିତ ଚୋରି ହୋଇ ଯାଇଥିବା ନେଇ ସୁପରଭାଇଜର ଅଡଶପୁର ଗ୍ରାମର ଜୀବନଜ୍ୟୋତି ପାଇଟାଳ ଓଲଟପୁର ଥାନାରେ ୨୧ ତାରିଖରେ ଲିଖିତ ଅଭିଯୋଗ କରିଥିଲେ। ଅଭିଯୋଗକୁ ଭିତ୍ତି କରି ପୁଲିସ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇ ଗୋବିନ୍ଦପୁର ଥାନା ତଣ୍ଡିକଣା ଗ୍ରାମର ବାବାଜି ରାଉତଙ୍କ ପୁଅ ଅଜୟ କୁମାର ରାଉତଙ୍କୁ ଅଟକ ରଖି ପଚରାଉଚରା କରିବା ସମୟରେ ଅଜୟ ଏହି ଚୋରି କରିଥିବା ସ୍ୱୀକାର କରିଥିଲା। ଅଜୟର ବୟାନକୁ ଭିତ୍ତି କରି ବାବଜା ରୋଡ ପାଖରେ ଥିବା କେନାଲ ଭିତରୁ ଗୋଦରେଜ କମ୍ପାନୀର ଏକ ଭଙ୍ଗା ଲକର, ଲକର ଭାଙ୍ଗିବା ପାଇଁ ବ୍ୟବହାର କରିଥିବା ଏକ କାଠ ବେଣ୍ଟ ଥିବା ଲୁହା ହାତୁଡି ଓ ଏସବୁ ଘଟଣାରେ ଅଭିଯୁକ୍ତ ଅଜୟ ବ୍ୟବହାର କରିଥିବା ଗାଡ଼ି ଓ ନଗଦ ଟଙ୍କା ଜବତ କରିଥିଲା। ପରେ ଅଭିଯୁକ୍ତକୁ କୋର୍ଟ ଚାଲାଣ କରାଯାଇଥିବା ଆଜି ଅପରାହ୍ନରେ ଓଲଟପୁର ଥାନାରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ କଟକ ସଦର ଉପଖଣ୍ଡ ଆରକ୍ଷୀ ଅଧିକାରୀ କିରନ ହେମ୍ବ୍ରମ ସୂଚନା ଦେଇଛନ୍ତି ଏହି ସାମ୍ବାଦିକ ସମ୍ମିଳନୀରେ ଓଲଟପୁର ଆଇଆଇସି କାଦମ୍ବିନୀ ପରିଡା ଉପସ୍ଥିତ ଥିଲେ।

# ଉଚ୍ଛେଦ ହେଲା କନ୍ଦରପୁର ଜନଜାତି ବସ୍ତି



କନ୍ଦରପୁର,୨୨।୭ (ସମିସ): କଟକ ସଦର କଟକ ନୂଆଗାଁ ୫୫ ନମ୍ବର ଜାତୀୟ ରାଜପଥର ଉନ୍ନତିକରଣ କାର୍ଯ୍ୟ ତ୍ୱରାନ୍ୱିତ ହୋଇଥିବା ବେଳେ ଏହି ରାସ୍ତାର କନ୍ଦରପୁର ଠାରେ ଥିବା କଟକ ପାରାଦୀପ ରେଳପଥର ସିପି ୯ ଲେଭଲକ୍ରସିଂ ଉପରେ ଏକ ଓଭର ବ୍ରିଜ କାର୍ଯ୍ୟ ଆରମ୍ଭ ହୋଇଛି। ଏହି ପରିପ୍ରେକ୍ଷୀରେ ଏହାର ନିକଟରେ କମିଶନରେଟ କନ୍ଦରପୁର ଥାନା ତଥା କନ୍ଦରପୁର ପଞ୍ଚାୟତ ସିଦ୍ଧେଶ୍ୱରପୁର ୧୮ ନମ୍ବର ୱାର୍ଡରେ ରେଲୱେ ଜମିରେ ଦୀର୍ଘ ୫୦ ବର୍ଷରୁ ଉଦ୍ଧ୍ୱର୍ ସମୟ ହେବ ରହି ଆସିଥିବା ମୁଣ୍ଡାସାହି ବସ୍ତିକୁ ପୂର୍ବ ନିର୍ଧାରିତ ତାରିଖ ଅନୁଯାୟୀ ଆଜି ମଙ୍ଗଳବାର ଦିନ ଉଚ୍ଛେଦ କରାଯାଇଛି। ଅତୀତରେ ଦୁଇ ଥର ଉଚ୍ଛେଦ ପାଇଁ ପ୍ରଚେଷ୍ଟା ହୋଇଥିଲେ ସୁଧା ବିରୋଧ ଯୋଗୁ ଉଚ୍ଛେଦ ହୋଇ ପାରି ନ ଥିଲା ଏଣୁ ଆଜି ଏଥିରେ ୫୫ଟି ଘରକୁ ଉଚ୍ଛେଦ କରାଯାଇଥିବା ବେଳେ ହାଇକୋର୍ଟଙ୍କ ରହିତାଦେଶ ପାଇଁ ୩୨ଘର ବର୍ତ୍ତି ଯାଇଥିବା ଜଣାପଡିଛି। ଉକ୍ତ ଉଚ୍ଛେଦ କାର୍ଯ୍ୟକ୍ରମ ପାଇଁ ୨ ପ୍ଲାଟୁନ ପୁଲିସ ଫୋର୍ସ, ୧ ପ୍ଲାଟୁନ ମହିଳା ଫୋର୍ସଙ୍କ ସମେତ ଆରପିଏଫ ଓ ଜିଆରପି ଫୋର୍ସ ନିୟୋଜିତ ଥିବା ବେଳେ ୬ଟି ଜେସିବି ମେସିନ ନିୟୋଜିତ ଥିବା ଦେଖାଯାଇଛି। ମାଜିଷ୍ଟ୍ରେଟ ଦାୟିତ୍ୱରେ କଟକ ସଦର ଅତିରିକ୍ତ ତହସିଲଦାର ଶର୍ମିଷ୍ଠା ଦାସଙ୍କ ସମେତ ରେଲୱେର ଏଇଏନ-୧ ଆଦିତ୍ୟ ପାଢୀ, ଏଇଏନ -୨ ସନ୍ତୋଷ ସାହୁ, କନ୍ଦରପୁର ଥାନା ଅଧିକାରୀ ଆର୍ତ୍ତତ୍ରାଣ ସେଠୀଙ୍କ ସମେତ ବହୁ ପଦସ୍ଥ ଅଧିକାରୀ ଉଚ୍ଛେଦ ସ୍ଥଳରେ ଉପସ୍ଥିତ ଥିଲେ।

# ବୀରବର ଭୂୟାଁଙ୍କ ସ୍ମୃତିଚାରଣ ସଭା




ମାହାଙ୍ଗା,୨୨।୭ (ସମିସ): ମାହାଙ୍ଗା ବ୍ଲକ ଅର୍ନ୍ତଗତ ଡିହିଗୋପ ଠାରେ ସମାଜସେବୀ ତଥା ବର୍ଷିୟାନ କଂଗ୍ରେସ କର୍ମୀ ସ୍ୱର୍ଗତ ବୀରବର ଭୂୟାଁଙ୍କ ଏକାଦଶାହ ଉପଲକ୍ଷେ ଏକ ସ୍ମୃତିଚାରଣ ସଭା ଡ. ଏକାଦଶୀ ପ୍ରଧାନଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ଅତିଥିମାନେ ସ୍ୱର୍ଗତ ଭୂୟାଁଙ୍କ ଫଟୋଚିତ୍ରରେ ଶ୍ରଦ୍ଧାସୁମନ ଅର୍ପଣ କରି ୨ ମିନିଟ୍ ନିରବ ପ୍ରାର୍ଥନା କରିବା ସହ ସ୍ୱର୍ଗତ ଆତ୍ମାର ସଦ୍‌ଗତି କାମନା କରାଯାଇଥିଲା। ଏହି ସ୍ମୃତିସଭାରେ ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ଝରିସୁନ୍ଦର ମଳିକ, କବି ଗୌତମ ଚରଣ ଜେନା, ସମାଜସେବୀ ହରିବନ୍ଧୁ ରାଉତ, ଗୋପୀନାଥ ଧଳ, କବି ପ୍ରଫୁଲ୍ଲ ସିଂହ, ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ରଣଜିତ୍ ସାହୁ, ଅକ୍ଷୟ ଖଟୁଆ, ଡ. ଭାବଗ୍ରାହୀ ରାଉତ, ପୂର୍ବତନ ସରପଞ୍ଚ ଭାଗବତ ସେଠୀ, ସୁରେନ୍ଦ୍ର ଲେଙ୍କା, ଶିକ୍ଷାବିତ୍ ସୁରେନ୍ଦ୍ରନାଥ ଶତପଥୀ, ନାରାୟଣ ସିଂହ, ବିପ୍ରଚରଣ ବଳ ପ୍ରମୁଖ ସ୍ୱର୍ଗତ ବୀରବର ଭୂୟାଁଙ୍କ ବହୁମୁଖୀ ପ୍ରତିଭା ସଂପର୍କରେ ଆଲୋକପାତ କରିଥିଲେ। ସାମ୍ବାଦିକ ବିଜୟ କୁଅଁର ସ୍ୱରଚିତ କବିତା ପାଠ କରିଥିଲେ। କାର୍ଯ୍ୟକ୍ରମ ପରିଚାଳନାରେ ରାଜକିଶୋର ଭୂୟାଁ, ବ୍ରଜସୁନ୍ଦର ଭୂୟାଁ, ଶ୍ରୀନିବାସ ଭୂୟାଁ, ଶ୍ରୀନିବାସ ସେନାପତି, ପ୍ରଶାନ୍ତ ଭୂୟାଁ, ସୁମନ୍ତ ଭୂୟାଁ, ସୁଶାନ୍ତ ଭୂୟାଁ ସହଯୋଗ କରିଥିଲେ। ଏହି କାର୍ଯ୍ୟକ୍ରମରେ ସ୍ଥାନୀୟ ଅଞ୍ଚଳର ବହୁ ବୁଦ୍ଧିଜୀବୀ ଓ ଜନସାଧାରଣ ଯୋଗଦେଇଥିଲେ। ପୁତ୍ର ପ୍ରତାପ ଭୂୟାଁ ଧନ୍ୟବାଦ ଦେଇଥିଲେ।

# ରାହୁଲ ଗାନ୍ଧୀ ଓ ଭକ୍ତ ଦାସଙ୍କ କୁଶପୁତ୍ତଳିକା ଦାହ



ଆଠଗଡ,୨୨।୭ (ସମିସ): ବିଜେପି ଯୁବମୋର୍ଚ୍ଚା ପକ୍ଷରୁ ବିରୋଧୀ ଦଳର ନେତା ରାହୁଲ ଗାନ୍ଧୀ ଓ ଓଡିଶା ପ୍ରଦେଶ କଂଗ୍ରେସର ସଭାପତି ଭକ୍ତ ଦାସଙ୍କ ଇସ୍ତଫା ଦାବି କରି ଆଠଗଡ଼ ଚାନ୍ଦବାଲି ଛକ ଠାରେ ବିଜେପି ଯୁବମୋର୍ଚ୍ଚା କଟକ ଜିଲ୍ଲା ପକ୍ଷରୁ ରାହୁଲ ଗାନ୍ଧୀ ଓ ଭକ୍ତ ଦାସଙ୍କ କୁଶପୁତ୍ତଳିକା ଦାହ କରାଯାଇଛି। କଟକ ଜିଲ୍ଲା ବିଜେପି ଯୁବମୋର୍ଚ୍ଚା ସଭାପତି ନଳିନୀକାନ୍ତ ରାୟଙ୍କ ନେତୃତ୍ୱରେ ଯୁବମୋର୍ଚ୍ଚା କାର୍ଯ୍ୟକର୍ତ୍ତାମାନେ ଚାନ୍ଦବାଲି ଛକ ବିଜେପି କାର୍ଯ୍ୟାଳୟରୁ ବାହାରି ଆଠଗଡ ଉପଖଣ୍ଡ ଆରକ୍ଷୀ ଅଧିକାରୀଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଚାନ୍ଦବାଲି ଛକ ଠାରେ କଂଗ୍ରେସ ବିରୋଧୀ ନାରା ଦେବା ସହ କୁଶପୁତ୍ତଳିକା ଦାହ କରିଥିଲେ। କାର୍ଯ୍ୟକ୍ରମରେ ଜିଲ୍ଲା ଯୁବ ମୋର୍ଚ୍ଚା ଉପସଭାପତି ବିଭୂତି ଭୂଷଣ ବେହେରା, ଅନୀଲ ମହାନ୍ତି, ଆଠଗଡର ଯୁବନେତା ତଥା ଜିଲ୍ଲା କୋଷାଧ୍ୟକ୍ଷ ବଳରାମ ରାଉତ, ରାଜ୍ୟ ସଂଯୋଜକ ଅଶ୍ୱିନୀ ସାହୁ, ଅଭିରାମ ଓଝା, ବରୁଣ ନାଏକ, ଟିଲୁ ସାହୁ, ଯୁବନେତା ରଞ୍ଜନ ସେନାପତି, ନରେଶ ନାୟକ ପ୍ରମୁଖ ଯୋଗଦେଇଥିଲେ।

# ସାମ୍ବାଦିକଙ୍କୁ ଆକ୍ରମଣ ଘଟଣାରେ ୫ ଗିରଫ

ସାଲେପୁର,୨୨।୭ (ସମିସ): ରାଇସୁଙ୍ଗୁଡ଼ା ଅଞ୍ଚଳର ସାମ୍ବାଦିକ ପ୍ରଫୁଲ୍ଲ କୁମାର ସାହୁଙ୍କୁ ସଂଘବଦ୍ଧ ଆକ୍ରମଣ ଅଭିଯୋଗରେ ଆଜି ସାଲେପୁର ପୁଲିସ ୫ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିବା ଜଣାଯାଇଛି। ଗତ ୨୦ତାରିଖ ବିଳମ୍ବିତ ରାତ୍ରିରେ ପ୍ରଫୁଲ୍ଲ ସାହୁ କୁସମ୍ବୀ ବାଲିସାହି ଗ୍ରାମର ତାଙ୍କର ସଂପର୍କୀୟଙ୍କୁ ଔଷଧ ଦେଇ ଫେରୁଥିବାବେଳେ ଉକ୍ତ ଅଞ୍ଚଳର କିଛି ଯୁବକ ତାଙ୍କୁ ସଂଘବଦ୍ଧ ଭାବେ ଆକ୍ରମଣ କରିବା ସହିତ ତାଙ୍କ ନିକଟରୁ ସୁନା ଚେନ୍ ଓ ନଗଦ ଟଙ୍କା ଲୁଟି ନେଇଥିଲେ। ପ୍ରଫୁଲ୍ଲ ସାଲେପୁର ଥାନାରେ ଲିଖିତ ଅଭିଯୋଗ କରିଥିଲେ। ସାଲେପୁର ପୁଲିସ ଅଭିଯୋଗକୁ ଗ୍ରହଣ କରି ସାଲେପୁର ଥାନାରେ ଏକ ମାମଲା ରୁଜୁ କରିବା ସହ ଏହି ଆକ୍ରମଣ ଘଟଣାରେ ସଂପୃକ୍ତ ଥିବା କୁସମ୍ବୀ ଗ୍ରାମର ଅମିତ୍ କୁମାର ସ୍ୱାଇଁ, ଦେବ ପ୍ରସାଦ ସ୍ୱାଇଁ, ହେମନ୍ତ କୁମାର ସ୍ୱାଇଁ, ରାମଚନ୍ଦ୍ର ସେଠୀ, ମହେଶ୍ୱର ସ୍ୱାଇଁଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିବା ପୁଲିସ ସୂତ୍ରରୁ ସୂଚନା ମିଳିଛି।

# ବିଦ୍ୟୁତ୍ ଆଘାତରେ ଚାଷୀ ମୃତ

ନିଶ୍ଚିନ୍ତକୋଇଲି,୨୨।୭ (ସମିସ): ନିଶ୍ଚିନ୍ତକୋଇଲି ବ୍ଲକ ତଥା ସାଲେପୁର ଥାନା ଅଧିନସ୍ଥ ଜିଗ୍ନୀପୁର ଗ୍ରାମର ଚାଷୀ ଜ୍ୟୋତିରଞ୍ଜନ ସିଂ (୫୯) ମଙ୍ଗଳବାର ପୂର୍ବାହ୍ନରେ ବିଦ୍ୟୁତ୍ ସଂସ୍ପର୍ଶରେ ଆସି ମୃତ୍ୟୁବରଣ କରିଛନ୍ତି। ସ୍ୱର୍ଗତ ସିଂ ତାଙ୍କ ଘର ନିକଟରେ ଥିବା ଏକ ସଜନା ଗଛରୁ ଛୁଇଁ ପାରୁଥିବା ସମୟରେ ଏଲଟି ଲାଇନ ବିଦ୍ୟୁତ୍ ତାର ଗଛରେ ଲାଗି ଯାଇଥିବାରୁ ଏଭଳି ଘଟଣା ଘଟିଥିବା ସାଲେପୁର ଥାନାରେ ତାଙ୍କ ଭଣଜା ନାନ୍ଦୋଳ ଗ୍ରାମର ରମାକାନ୍ତ ବେହେରା ଅଭିଯୋଗ କରିଛନ୍ତି। ବିଦ୍ୟୁତ୍ ସ୍ପର୍ଶ ପରେ ଘଟଣାସ୍ଥଳରୁ ପରିବାର ଲୋକ ଉଦ୍ଧାର କରି ତାଙ୍କୁ ଚିକିତ୍ସା ନିମନ୍ତେ ନିଶ୍ଚିନ୍ତକୋଇଲି ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ନେଇଥିଲେ। ପ୍ରାଥମିକ ଚିକିତ୍ସା ପୂର୍ବରୁ ଡ଼ାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ମୃତ୍ୟୁଶଯ୍ୟା ନିକଟରେ ପତ୍ନୀ ସବିତା ସିଂ ଓ କନ୍ୟା ଲୋପାମୁଦ୍ରା ସିଂ ଉପସ୍ଥିତ ଥିଲେ। ସାଲେପୁର ପୁଲିସ ଶବକୁ ଜବତ କରି ବ୍ୟବଚ୍ଛେଦ ପାଇଁ କଟକ ବଡ଼ ମେଡ଼ିକାଲ ପଠାଇଛନ୍ତି। ତାଙ୍କର ମୃତ୍ୟୁରେ ଏହି ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି।

# ପ୍ରାକ୍ତନ ସରପଞ୍ଚଙ୍କ ପରଲୋକ



ନେମାଳ,୨୨।୭ (ସମିସ): ନିଶ୍ଚିନ୍ତକୋଇଲି ବ୍ଲକ ନେମାଳ ପଞ୍ଚାୟତର ବେଶ୍ ଜଣାଶୁଣା ବରିଷ୍ଠ ବିଜେଡି ସଂଗଠକ ତଥା ପ୍ରାକ୍ତନ ସରପଞ୍ଚ ଦିଲ୍ଲୀପ କୁମାର ସାହୁଙ୍କ ଆଜି ଅପରାହ୍ନରେ ହୃଦ୍‌ଘାତରେ ପରଲୋକ ହୋଇଛି। ମୃତ୍ୟୁ ବେଳକୁ ତାଙ୍କୁ ୬୧ ବର୍ଷ ବୟସ ହୋଇଥିଲା। ଦୀର୍ଘ ବର୍ଷ ଧରି ସମାଜସେବା ଓ ସାଂଗଠନିକ କାର୍ଯ୍ୟ କରି ବିଭିନ୍ନ ମହଲରେ ବେଶ୍ ପରିଚିତ ଥିଲେ। ସେ କିଛି ବର୍ଷ ଧରି ନେମାଳ ପଞ୍ଚାୟତ ବିଜେଡି କମିଟିର ସଭାପତି ଦାୟିତ୍ୱ ସୂଚାରୁ ରୂପେ ତୁଲାଇଥିଲେ। ତାଙ୍କ ବିୟୋଗ ଖବର ପ୍ରଚାରିତ ହେବା ପରେ ମହାନଦୀ-ଚିତ୍ରୋତ୍ପଳା ଓ ଲୁଣା-ଚିତ୍ରୋତ୍ପଳା ଦ୍ୱୀପାଞ୍ଚଳ ସମେତ ଆଖପାଖ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଥିଲା। ପ୍ରାକ୍ତନ ବିଧାୟକ ଚନ୍ଦ୍ରସାରଥି ବେହେରା, ରମେଶ ଚନ୍ଦ୍ର ସ୍ୱାଇଁ, ମଳୟ ଦେ, ସାହିତ୍ୟିକ ଡ. ଗୋବିନ୍ଦ ଭୂୟାଁ, ନାରାୟଣ ଦ୍ୱିବେଦୀ, ବିମଳ ଦାସ, ନେମାଳ ସରପଞ୍ଚଙ୍କ ପ୍ରତିନିଧି ଅମୀୟ ମହାନ୍ତି, ସାମ୍ବାଦିକ ବିନୟ ଦାସ, କ୍ଷମାନିଧି ପୂଝାରୀ, ଗୋବିନ୍ଦ ଦାସ, ହିମାଂଶୁ ଶେଖର ଦାସ ପ୍ରମୁଖ ସ୍ୱର୍ଗତ ସାହୁଙ୍କ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିବା ସହିତ ଶୋକସନ୍ତପ୍ତ ପରିବାରକୁ ସମବେଦନା ଜ୍ଞାପନ କରିଥିଲେ। ଚିତ୍ରୋତ୍ପଳା ଶ୍ମଶାନରେ ତାଙ୍କର ଅନ୍ତିମ ସଂସ୍କାର କରାଯାଇଥିଲା। ପୁତ୍ର ସୌମ୍ୟରଞ୍ଜନ ସାହୁ ମୁଖାଗ୍ନି ଦେଇଥିବା ବେଳେ ସମସ୍ତ ବନ୍ଧୁ ପରିବାର ଉପସ୍ଥିତ ଥିଲେ।

# ଅବସରପ୍ରାପ୍ତ ବନ କର୍ମଚାରୀଙ୍କ ପରଲୋକ



ନରସିଂହପୁର,୨୨।୭ (ସମିସ): ନରସିଂହପୁର ବ୍ଲକ ଅନ୍ତର୍ଗତ ବାଲିସାହି ଗ୍ରାମପଞ୍ଚାୟତ ଅଧୀନ ବାଲିସାହି ଗ୍ରାମର ଅବସରପ୍ରାପ୍ତ ବନ କର୍ମଚାରୀ କୃଷ୍ଣ ଚରଣ ପ୍ରଧାନ (୮୩)ଙ୍କର ମଙ୍ଗଳବାର ବିଳମ୍ବିତ ସନ୍ଧ୍ୟାରେ ପରଲୋକ ଘଟିଛି। ସେ ଦୀର୍ଘ ଦିନ ଧରି ଅସୁସ୍ଥ ହୋଇ ଘରେ ରହି ଚିକିତ୍ସିତ ହେଉଥିଲେ। ଶ୍ରୀ ପ୍ରଧାନଙ୍କ ବିୟୋଗରେ ସ୍ଥାନୀୟ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଥିବା ବେଳେ ଖବର ପାଇ ନରସିଂହପୁର ଅଞ୍ଚଳର ବହୁ ବିଶିଷ୍ଟ ବ୍ୟକ୍ତି ସ୍ୱର୍ଗତ କୃଷ୍ଣଚରଣ ପ୍ରଧାନଙ୍କର ବାସଭବନରେ ଅମର ଆତ୍ମାର ସଦଗତି କାମନା କରିବା ସହ ଶୋକସନ୍ତପ୍ତ ପରିବାର ବର୍ଗଙ୍କୁ ଭେଟି ସମବେଦନା ଜଣାଇଛନ୍ତି।

# ଶାଗୁଆନ କାଠ ସହ ଗାଡ଼ି ଜବତ



ଆଠଗଡ,୨୨।୭ (ସମିସ): ଆଠଗଡ଼ ବନଖଣ୍ଡ ସଦର ରେଞ୍ଜର କଟକିଆ ସାହି ସର୍ପେଶ୍ୱର ନିକଟରେ ବନବିଭାଗ ପକ୍ଷରୁ ଚଢଉ କରାଯାଇ ଗୋଟିଏ ପିକଅପ ଭ୍ୟାନ ସହିତ ଶାଗୁଆନ କାଠ ଜବତ କରାଯାଇଛି। ସର୍ପେଶ୍ୱର ନିକଟରେ ଏକ ବଗାୟତ କିସମର ସରକାରୀ ଜମିରେ ଲାଗିଥିବା ଶାଗୁଆନ ଗଛ କଟା ଯାଉଥିବା ଖବର ପାଇ ଆଠଗଡ଼ ସଦର ରେଞ୍ଜର ବନବିଭାଗ କର୍ମଚାରୀ ସେଠାରେ ଚଢ଼ଉ କରିଥଲେ। ବିଭାଗୀୟ କର୍ମଚାରୀଙ୍କୁ ଦେଖି ଦୁର୍ବୃତ୍ତମାନେ ଘଟଣାସ୍ଥଳରୁ ଖସି ଯାଇଥିବା ବେଳେ ଏକ ପିକଅପ ଭ୍ୟାନ ନଂ ଓଡି -୦୫- ବିଟି -୪୧୫୯ ରେ ବୋଝେଇ ହୋଇଥିବା ୫୦ ସିଫ୍ଟରୁ ଅଧିକ ଶାଗୁଆନ କାଠ ଜବତ କରାଯାଇଛି। ଏହାର ଆନୁମାନିକ ବଜାର ମୂଲ୍ୟ ଦେଢ଼ ଲକ୍ଷ ଟଙ୍କାରୁ ଅଧିକ ହେବ। ଏହି ଚଢଉରେ ଆଠଗଡ଼ ସଦର ଫରେଷ୍ଟର ଆଶିଷ ନାଏକ, ସୁଶୀଲ ଜେନା, ବନରକ୍ଷୀ ପ୍ରଶାନ୍ତ ବେହେରା, ଝୁନୁଲତା ବେହେରାଙ୍କ ସହିତ ଅନ୍ୟାନ୍ୟ ବିଭାଗୀୟ କର୍ମଚାରୀ ସାମିଲ ହୋଇଥିଲେ।

# ଗ୍ରୀଲ୍ ତାଲା ଭାଙ୍ଗି ଅଳଙ୍କାର ଲୁଟିନେଲେ ଦୁର୍ବୃତ୍ତ



**ଟେର ପାଉନି ପୁଲିସ**

ନିଶ୍ଚିନ୍ତକୋଇଲି,୨୨।୭ (ସମିସ): ନିଶ୍ଚିନ୍ତକୋଇଲି ଥାନା କେଣ୍ଟାଲୋ ଗ୍ରାମର ଅଶୋକ କୁମାର ନାୟକଙ୍କ ଘରର ମୁଖ୍ୟ ଦ୍ୱାର ଓ ଗ୍ରୀଲର ତାଲା ଭାଙ୍ଗି ଦୁର୍ବୃତ୍ତମାନେ ସୁନା ଅଳଙ୍କାର, ଆସବାବପତ୍ର ଓ ନଗଦ ଟଙ୍କା ଲୁଟି ନେଇଥିବା ଥାନାରେ ଅଭିଯୋଗ ହୋଇଛି। ପୁଲିସ ସାଇଣ୍ଟିଫିକ୍ ଦଳକୁ ନେଇ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିଥିଲେ ମଧ୍ୟ ଏ ପର୍ଯ୍ୟନ୍ତ ଚୋରର କୌଣସି ସନ୍ଧାନ ପାଇ ନ ଥିବା ଜଣାଯାଇଛି। ରବିବାର ରାତିରେ ଅଶୋକଙ୍କ ପରିବାର ସୁଦୂର ଗୋରଖନାଥ ପୀଠକୁ କାଉଡ଼ିଆଙ୍କ ସହିତ ଯାଇଥିଲା ବେଳେ ଘରେ କେହି ନ ଥିବାର ସୁଯୋଗ ନେଇ ଦୁର୍ବୃତ୍ତମାନେ ଏଭଳି କାଣ୍ଡ କରିଥିବା ଜଣାଯାଇଛି। ସେଦିନ ବିଳମ୍ବିତ ରାତିରେ ଘର ଭିତରେ ପଶି ଗଡ଼େରେଜ ଭାଙ୍ଗି ସେଥିରେ ଥିବା ୩-୪ଟି ସୁନାମୁଦି, ୧ଟି ମଙ୍ଗଳସୂତ୍ର, ୧ଟି ସୁନାଚେନ, ଗୋଟିଏ ମୋବାଇଲ, ଗୋଟିଏ ପ୍ରିଣ୍ଟର, ଗ୍ରାଇଣ୍ଡର, ଜେରକ୍ସ ମେସିନ୍ ସମେତ ନଗଦ ୧୧ ହଜାର ୯ ଶହ ଟଙ୍କା ଚୋରି କରି ନେଇଥିବା ଅଭିଯୋଗ ଫର୍ଦ୍ଦରେ ଦର୍ଶାଯାଇଛି। ଏ ସମ୍ପର୍କରେ ପୁଲିସ ଥାନାରେ ଏକ ମାମଲା ରୁଜୁ କରିଛି। ଏଠାରେ ସୂଚନାଥାଉ କି ନିକଟରେ ଏହି ପଞ୍ଚାୟତର ରାମଚନ୍ଦ୍ରପୁର ଗ୍ରାମର ବିଜୟ କୁମାର ସାହୁଙ୍କ ଘରର ଗ୍ରୀଲ ଓ କବାଟ ତାଡି ୧୫ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କାର ସ୍ୱର୍ଣ୍ଣ ଅଳଙ୍କାର ଲୁଟି ନେଇଥିଲେ ମଧ୍ୟ ଏ ପର୍ଯ୍ୟନ୍ତ ଚୋର ଧରାପଡ଼ି ନ ଥିଲା ବେଳେ ପୁଣି କେଣ୍ଟାଲୋ ଗ୍ରାମରୁ ଚୋରି ହୋଇଥିବା ଘଟଣାକୁ ନେଇ ସାଧାରଣରେ ଭୟର ବାତାବରଣ ସୃଷ୍ଟି ହୋଇଛି। ତେବେ ଗତ କିଛି ଦିନ ହେଲା ନିଶ୍ଚିନ୍ତକୋଇଲି ଥାନା ଅଞ୍ଚଳରେ ଘନ ଘନ ଚୋରି ବୃଦ୍ଧି ପାଉଥିବା କାରଣରୁ ଲୋକେ ନିଜର ଧନ ଜୀବନକୁ ସୁରକ୍ଷିତ ମଣୁ ନ ଥିବାର ଜଣାଯାଇଛି। ଏପରିସ୍ଥଳେ ଲୁଟେରାମାନେ ପୁଲିସକୁ ଖୁଲମଖୁଲା ଭାବେ ଚ୍ୟାଲେଞ୍ଜ ଦେଇ ଗୋଟିକ ପରେ ଗୋଟିଏ ଘରୁ ଲୁଟ କରି ଚାଲୁଥିଲା ବେଳେ ପୁଲିସ ନିରବଦ୍ରଷ୍ଟାକୁ ନେଇ ସାଧାରଣରେ ପ୍ରଶ୍ନ ଉଠିଛି।

# ୧୮ ମାସହେଲା ସରୁନି ଟାଙ୍ଗୀ ବାଇପାସ୍

**ଜିଲ୍ଲାପାଳଙ୍କ ଦ୍ୱାରସ୍ଥ ହେଲେ ବୁଦ୍ଧିଜୀବୀ**

ଟାଙ୍ଗୀ,୨୨।୭ (ସମିସ)



ଜନସାଧାରଣଙ୍କ ଗମନାଗମନ ସୁବିଧା ନିମନ୍ତେ ସରକାରଙ୍କ ବିଭିନ୍ନ ଯୋଜନାରେ ରାସ୍ତା ନିର୍ମାଣ କରାଯାଉଛି କିନ୍ତୁ ଅନେକ ସ୍ଥାନରେ ଏହାର ବ୍ୟତିକ୍ରମ ହେଉଥିବା ଦେଖିବାକୁ ମିଳିଛି। ଠିକାଦାର ଓ ବିଭାଗୀୟ ଅଧିକାରୀଙ୍କ ସଲାସୁତୁରାରେ ରାସ୍ତାକାମ ନିମ୍ନମାନର ହେବା ସହ କାର୍ଯ୍ୟ ସମ୍ପନ୍ନ ହେବାକୁ ବିଳମ୍ବିତ ହେଉଛି। ଯାହାଫଳରେ ଜନସାଧାରଣ ଗମନାଗମନରେ ଅସୁବିଧା ଭୋଗ କରୁଛନ୍ତି। ଏଭଳି ସମସ୍ୟା ଦେଖିବାକୁ ମିଳିଛି ଟାଙ୍ଗୀ ଚୌଦ୍ୱାର ବ୍ଲକ ମୁଖ୍ୟାଳୟ ଟାଙ୍ଗୀ ବାଇପାସ ରାସ୍ତା। ସୂଚନାଯୋଗ୍ୟ, ୨୦୨୪ ମସିହା ଜାନୁଆରୀ ମାସରେ ପୂର୍ବ ସରକାର ପୂର୍ତ୍ତ, ଖଣି ଓ ଇସ୍ପାତ ମନ୍ତ୍ରୀ ପ୍ରଫୁଲ୍ଲ କୁମାର ମଲ୍ଲିକ, ସ୍ଥାନୀୟ ବିଧାୟକ ପ୍ରଶାନ୍ତ ବେହେରା, ପଞ୍ଚାୟତ ସମିତି ଅଧ୍ୟକ୍ଷା ମିନାକ୍ଷୀ ଦାସ ପ୍ରମୁଖ ଯୋଗଦେଇ ଟାଙ୍ଗୀ ବାଇପାସ ରାସ୍ତାର ପ୍ରଶସ୍ତି ଓ ଉନ୍ନତିକରଣ ନିମନ୍ତେ ଶୁଭ ଶିଳାନ୍ୟାସ କରିଥିଲେ। ଶିଳାନ୍ୟାସର ୧୮ ମାସ ବିତିଯାଇଥିଲେ ମଧ୍ୟ ରାସ୍ତାର ପ୍ରଶସ୍ତୀକରଣ ନିମନ୍ତେ ଟାଙ୍ଗୀ ବଜାରର ଅନେକ ଦୋକାନ ଭଙ୍ଗା ଗଲା ପରେ ରାସ୍ତା ବଜେଟରେ ଥିବା ଡ୍ରେନ ନିର୍ମାଣ ଏ ପର୍ଯ୍ୟନ୍ତ ହୋଇପାରି ନାହିଁ। ରାସ୍ତାର ପାଶ୍ୱର୍ରେ ଥିବା ଦୋକାନୀ ନିଜ ଦୋକାନ ପାଇଁ ଆଗକୁ ଘର କରି ପାରୁ ନାହାନ୍ତି। ଏତଦବ୍ୟତୀତ ସମ୍ପୃକ୍ତ ଠିକାଦାର ବଜାର ମଝିରେ ରାସ୍ତାରେ ଡଷ୍ଟ ଗୁଣ୍ଡ ଅଧାପନ୍ତରିଆ ପକାଇ ଛାଡ଼ି ଦେଇଛନ୍ତି। ଯାହାଫଳରେ ରାସ୍ତା ଖାଲଖମା ହେବା ସହ ରାସ୍ତାରେ ପଡ଼ିଥିବା ମୁନିଆ ଗେଟିରେ ଜନସାଧାରଣ ଯିବା ଆସିବା ସମୟରେ ଖଣ୍ଡିଆ ଖାବରା ହେଉଛନ୍ତି। ଉକ୍ତ ସମସ୍ୟାର ସମାଧାନ ନିମନ୍ତେ କୋଟସାହି ପଞ୍ଚାୟତର ପୂର୍ବତନ ସରପଞ୍ଚ ଅମୂଲ୍ୟ ସାହୁଙ୍କ ସହ ପ୍ରମୋଦ ଷଡଙ୍ଗୀ, ଆଦିତ୍ୟ ଷଡଙ୍ଗୀ, ଶୈଳେନ୍ଦ୍ର ଷଡଙ୍ଗୀ, ବିଜୟ ସ୍ୱାଇଁ, ସନାତନ ବାରିକ, ସନ୍ତୋଷ ମହାରଣା ଓ ପ୍ରତିଭା ଷଡ଼ଙ୍ଗୀ ପ୍ରମୁଖ କଟକ ଜିଲ୍ଲାପାଳଙ୍କ ନିକଟରେ ସୋମବାର ଅଭିଯୋଗ କରିଥିବା ଜଣାପଡିଛି।

## ବେଣୀପୁର ସଶସ୍ତ୍ର ଡକାୟତି ଘଟଣା

# ଜବତ ଟଙ୍କା ଫେରାଉନାହାନ୍ତି ସବ୍‌ଇନ୍ସପେକ୍ଟର

**ଭଣ୍ଡାରିପୋଖରୀ, ୨୨।୭(ସମିସ)**

ଭଣ୍ଡାରିପୋଖରୀ ଥାନା ଅନ୍ତର୍ଗତ ନେରଡା (ବେଣୀପୁର) ନର୍ସିଂସ୍କୁଲ ନିକଟରେ ଥିବା ଅବସରପ୍ରାପ୍ତ ଶିକ୍ଷକ ଶରତ ଚନ୍ଦ୍ର ସାହୁଙ୍କ ଘରୁ ଗତ ୨୦୨୪ ଫେବ୍ରୁଆରୀ ୧୩ ତାରିଖ ସନ୍ଧ୍ୟାରେ ହୋଇଥିବା ସଶସ୍ତ୍ର ଡକାୟତି ହୋଇଥିଲା। ପରେ ଆନ୍ତଃଜିଲ୍ଲା ଡକାୟତଙ୍କଠାରୁ ଜବତ ହୋଇଥିବା ସମସ୍ତ ସୁନାଗହଣା ଓ ନଗଦ ୪୫ ହଜାର ଟଙ୍କା ମଧ୍ୟରୁ ୨୫ ହଜାର ଟଙ୍କା ତଦନ୍ତକାରୀ ଅଧିକାରୀ ସବ୍‌ଇନ୍ସପେକ୍ଟର ମହାପ୍ରସାଦ ନାୟକ ଫେରସ୍ତ ଦେଉନଥିବା ଜିଲ୍ଲାପାଳଙ୍କ ନିକଟରେ ଅଭିଯୋଗ ହୋଇଛି। ସନ୍ଧ୍ୟା ୭.୧୫ମି. ସମୟରେ ରାଜପଥରେ ଉପରେ ଧଳା ସ୍କର୍ପିଓରୁ ଓହ୍ଲାଇ ୬ଜଣ ମୁଖାପିନ୍ଧା ଡକାୟତ ହାତରେ ଅସ୍ତ୍ରଶସ୍ତ୍ର ଧରି ଚାଲିଚାଲି ଆସି କବାଟକୁ ଧକ୍କାମାରି ଘରଭିତରକୁ ପ୍ରବେଶ କରିଥିଲେ। ହିନ୍ଦୀ, ଓଡିଆ ଓ ଉର୍ଦ୍ଦୁରେ କଥା ହେଉଥିବା ଡକାୟତମାନେ ଖଣ୍ଡା ଓ କାତିରେ ପରିବାର ଲୋକଙ୍କୁ ଆକ୍ରମଣ କରିବା ସହ ମୋବାଇଲ ଛଡାଇନେଇ ଗୋଟିଏ କୋଠରୀରେ ବନ୍ଦରଖି ଜଗିରହିଥିଲେ। ଅନ୍ୟ ଡକାୟତମାନେ ୩ଟି ଆଲମିରା ଭାଙ୍ଗି ୨ଟି ରାଣୀହାର, ୨ଟି ଚିକ ହାର, ୬ଟି ଚେନ, ମୁଦି ୮ଟା, ମଙ୍ଗଳସୂତ୍ର ୨ଟା, ଚୁଡ ୨ ହଳ, କାନଫୁଲ ୬ ହଳ, ଶାଙ୍ଖି ୪ ହଳ ଆଦି ୯୦ ଗ୍ରାମ ୯୪୭ ମିଲିଗ୍ରାମ ସୁନାଅଳଙ୍କାର ଓ ନଗଦ ୪୫ହଜାର ଟଙ୍କା ଲୁଟ କରିଥିଲେ। ଶରତଙ୍କ ଘର ଉପର ତାଲାରେ ଭଡାରେ ରହୁଥିବା ଜନୈକ ମହିଳାଙ୍କ ଘରୁ ମଧ୍ୟ ଲୁଟ କରିଥିଲେ। ଶରତଙ୍କ ଅଭିଯୋଗ କ୍ରମେ ଥାନାରେ ୫୩/୨୪ନଂ ମାମଲା ଅଜଣା ଦୁର୍ବୃତ୍ତଙ୍କ ନାମରେ ରୁଜୁ ହୋଇଥିଲା। ପିପିଲି ପୁଲିସ ଦ୍ୱାରା ଗତ ୨୦୨୪ ଅପ୍ରେଲ ୧୪ ତାରିଖରେ କାବୁ ହୋଇଥିବା ଏହି ଡକାୟତଦଳ ନେରଡା ଡକାୟତିରେ ସମ୍ପୃକ୍ତ ଥିବା ଜେରାରୁ ଜଣାପଡ଼ିଥିଲା। ଏ ସମ୍ପର୍କରେ ସୂଚନା ପାଇ ଭଣ୍ଡାରିପୋଖରୀ ପୁଲିସ ଭଦ୍ରକ ଜେ.ଏମ.ଏଫ.ସି.ଙ୍କ ଜରିଆରେ ନିମାପଡ଼ା ଜେ.ଏମ.ଏଫ.ସି.ଙ୍କ ଠାରେ ରିମାଣ୍ଡ ଆବେଦନ ଗତ ୨୦୨୪ ମେ ୨୧ ତାରିଖରେ କରିଥିଲା। ଅନୁମତି ମିଳିବା ପରେ ସ୍ଥାନୀୟ ପୁଲିସ ଡକାୟତଙ୍କୁ ହେପାଜତକୁ ଆଣିଥିଲେ। ଅଭିଯୋଗକାରୀ ଶରତ ସାହୁ ଡକାୟତଙ୍କୁ ଚିହ୍ନଟ କରିଥିଲେ। ଡକାୟତମାନେ ହେଲ ପୁରୀ ଜିଲ୍ଲା ପିପିଲି ଥାନା ଭବାନୀପୁର ଗ୍ରାମର ହପିଜ ଖାଁ(୨୬), ସେହି ଥାନାର ନରସିଂପୁର ଗ୍ରାମର ରାହୁଲ ଶାହା ଓରଫ ରହେମାନ(୨୬), ଦାନଗହିରି ଗ୍ରାମର ଆଲାମ ଖାଁ ଓରଫ ଅଲ୍ଲୀ(୨୩) ଓ ଯାଜପୁର ଜିଲ୍ଲା ମଙ୍ଗଳପୁର ଥାନା ଅଞ୍ଚଳର ସୋଲାପାଟଣା ଗ୍ରାମର ଶୁଭ୍ରଜିତ ପରିଡ଼ା ଓରଫ ପିଣ୍ଟୁ(୩୮)। ସେମାନଙ୍କ ଠାରୁ ପିପିଲି ପୁଲିସ ଜବତ କରିଥିବା ବିପୁଳ ପରିମାଣର ସୁନା ଅଳଙ୍କାର, ନଗଦ ଟଙ୍କା ଓ ମାରଣାସ୍ତ୍ର ମଧ୍ୟରୁ ଶରତଙ୍କ ସାମଗ୍ରୀ ଥିଲା। ତଦନ୍ତକାରୀ ଅଧିକାରୀ ଶ୍ରୀ ନାୟକ ବହୁ ହଇରାଣ ହରକତ ପରେ ସମସ୍ତ ସୁନାଅଳଙ୍କାର ଫେରସ୍ତ ଦେଇଥିଲେ। ମାତ୍ର ଜବତ ୪୫ ହଜାର ଟଙ୍କା ଦେଇନଥିଲେ। ବାରମ୍ବାର ଦୌଡିବା ପରେ ଥାନାର ଜନୈକ ହୋମଗାର୍ଡଙ୍କ ଫୋନ ପେ ଯୋଗେ ୨୦ ହଜାର ଟଙ୍କା ଶରତଙ୍କୁ ଦେଇଥିଲେ। ମାତ୍ର ଅବଶିଷ୍ଟ ୨୫ ହଜାର ଟଙ୍କା ଦେଉନଥିବା ଜିଲ୍ଲାପାଳଙ୍କ ନିକଟରେ ଗୁହାରୀ କରିଥିଲେ। ଜିଲ୍ଲାପାଳ ଏ ସମ୍ପର୍କରେ ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଜିଲ୍ଲା ଅତିରିକ୍ତ ପୁଲିସ ଅଧିକ୍ଷକଙ୍କୁ ନିର୍ଦ୍ଦେଶ ଦେଇଥିବା ଜଣାଯାଇଛି।



# ସ୍ୱାଧୀନତା ସଂଗ୍ରାମୀ ମା' ରମାଦେବୀଙ୍କ ଶ୍ରାଦ୍ଧୋତ୍ସବ



**ଭଦ୍ରକ.୨୨।୭(ସମିସ):** ଭଦ୍ରକ ମହିଳା ମହାବିଦ୍ୟାଳୟ ସଭାଗୃହରେ ସ୍ୱାଧୀନତା ସଂଗ୍ରାମୀ ମହିୟସୀ ମହିଳା ମା' ରମାଦେବୀଙ୍କ ୪୦ତମ ଶ୍ରାଦ୍ଧୋତ୍ସବ ଭଦ୍ରକ ଜିଲ୍ଲା ସର୍ବୋଦୟ ମଣ୍ଡଳ ଓ ମହିଳା ମହାବିଦ୍ୟାଳୟର ମିଳିତ ସହଯୋଗରେ ଜିଲ୍ଲା ସର୍ବୋଦୟ ମଣ୍ଡଳ ସଭାପତି ଅମର କୁମାର ପାଣିଗ୍ରାହୀଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ହୋଇଯାଇଛି। ସଭାରେ ଭଦ୍ରକ ଜିଲ୍ଲାପାଳ ଦିଲୀପ ରାଉତରାଏ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ମୁଖ୍ୟବକ୍ତାଭାବେ ଅର୍ଥନୀତିଜ୍ଞ ତଥା ଫକୀର ମୋହନ ବିଶ୍ୱବିଦ୍ୟାଳୟର ପୂର୍ବତନ କୂଳପତି ଡ଼. କୁମରବର ଦାସ ଯୋଗ ଦେଇ ମା' ରମାଦେବୀଙ୍କ ମହନୀୟ ଆଦର୍ଶରେ ଅନୁପ୍ରାଣୀତ ହେବାକୁ ଛାତ୍ରୀଙ୍କୁ ଉଦବୋଧନ ଦେଇଥିଲେ। ଭଦ୍ରକ ପୌରଧକ୍ଷା ଗୁଲ୍‌ମକ୍କୀ ଦଲାୱାଜୀ ହବିବ୍ ସମ୍ମାନିତ ଅତିଥି ଭାବରେ ଯୋଗେଦଇ ସାମ୍ପ୍ରଦାୟିକତା ଊର୍ଦ୍ଧ୍ୱରେ ରହି ପ୍ରତ୍ୟେକ ବ୍ୟକ୍ତି ସମାଜର ସ୍ୱାଥରେ ନିଜକୁ ସାମିଲ କରିବାକୁ ଛାତ୍ରୀମାନଙ୍କୁ ବାର୍ତ୍ତା ପ୍ରଦାନ କରିଥେଠିଲ ଏବଂ ସାମ୍ପ୍ରତିକ ପରିସ୍ଥିତିର ନିଜର ଦୃଢ ମେନାବଳ ଓ ସାହାସିକତା ପ୍ରଦର୍ଶନ ପୂର୍ବକ ଆତ୍ମସୁରକ୍ଷା କରିବାକୁ ଛାତ୍ରୀମାନଙ୍କୁ ପରାମର୍ଶ ଦେଇଥେଠିଲ। ଅନ୍ୟତମ ଅତିଥିମାନଙ୍କ ମଧ୍ୟରେ ଭଦ୍ରକ ସ୍ୱୟଂଶାସିତ ମହାବିଦଦ୍ୟାଳୟର ପୂର୍ବତନ ଅଧ୍ୟକ୍ଷ ଡ଼. ରାମଚନ୍ଦ୍ର ପଣ୍ଡା, ରାଜ୍ୟ ସେର୍ବାଦୟ ମଣ୍ଡଳର ସଭାପତି ଓ ଓଡ଼ିଶା ଉଚ୍ଚନ୍ୟାୟାଳୟର ଅଧିବକ୍ତା ଭାବେର କାର୍ଯ୍ୟରତ ସମାଜ ସେବୀ କୈଳାଶ ଚନ୍ଦ୍ର ସାଉ, ଭଦ୍ରକ ଛପୁଲିଆ ଦିଶା ପବ୍ଲିକ ସ୍କୁଲର ପ୍ରାଣ ପ୍ରତିଷ୍ଠାତା ଗଦାଧର ପଣ୍ଡା, ମହିଳା ମହାବିଦ୍ୟାଳୟର ଅଧ୍ୟକ୍ଷ ଶିକ୍ଷାବିତ୍ ଡ଼. ଅଭୟ କୁମାର ଦାସ, ଅବସର ପ୍ରାପ୍ତ ଅଧ୍ୟକ୍ଷ କମଳାକାନ୍ତ ସ୍ୱାଇଁ, ରାଜ୍ୟ ସର୍ବୋଦୟ ମଣ୍ଡଳ ସମ୍ପାଦକ ରମାକାନ୍ତ ମଣ୍ଡଳ, ତ୍ୟାଗଭୂମି ମେହାତ୍ସବ ସମ୍ପାଦକ ଅଜୟ କୁମାର ନାୟକ, ସର୍ବୋଦୟ ମଣ୍ଡଳର ଉପସଭାପତି ନାରାୟଣ ଚନ୍ଦ୍ର ପାଢ଼ୀ, କୋଷାଧ୍ୟକ୍ଷ ଆଦିତ୍ୟ କୁମାର ନାୟକ, ଇନ୍ଦ୍ରମଣି ପଣ୍ଡା, ଶ୍ରୀହର୍ଷ ସ୍ୱାଇଁ, ମହିଳା ମୋର୍ଚ୍ଚା ସଭାପତି ଶାନ୍ତିଲତା ବାରିକ, ମହିଳା ମୋର୍ଚ୍ଚା ସମ୍ପାଦିକା ସଞ୍ଜୁକ୍ତା ଯାଦବ ପ୍ରମୁଖ ମା' ରମାଦେବୀଙ୍କ ଜୀବନୀ ଓ ସମାଜ ଉପେର ତାର ପ୍ରଭାବ ଶୀଷର୍କ ବିଷୟବସ୍ତୁ ଉପେର ଦୀକ୍ଷାନ୍ତ ଭାଷଣ ଦେଇଥେଠିଲ। ଅବସରପ୍ରାପ୍ତ ପ୍ରାଧାପକ ଅମେରନ୍ଦ୍ର ପଣ୍ଡା ଅତିଥି ପରିଚୟ ଓ ମହିଳା ମହାବିଦ୍ୟାଳୟର ଶିକ୍ଷା ବିଭାଗୀୟ ମୁଖ୍ୟ ପ୍ରାଧାପିକା ଡ଼. ଆଭାମୟୀ ମହାପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ।

# ଜରାଶ୍ରମ ପାଇଖାନାରୁ ଅନ୍ତେବାସୀଙ୍କ ଶବ ଉଦ୍ଧାର

**ଭଦ୍ରକ/ବାସୁଦେବପୁର, ୨୨।୭(ସମିସ):** ଭଦ୍ରକ ଜିଲ୍ଲା ବାସୁଦେବପୁର ବ୍ଲକ ଲକ୍ଷ୍ମୀଦାସପୁର ପଞ୍ଚାୟତ ଅଧିନ ଅପର୍ତିପୁର ଜରାଶ୍ରମର ପାଇଖାନାରୁ ଅନ୍ତେବାସୀ ସାଗର ଦାସଙ୍କ ଶବକୁ ନାୟକାଣୀଡିହି ପୁଲିସ ଉଦ୍ଧାର କରିଛି। ବୃଦ୍ଧ ସାଗର ଦାସ ବେକରେ ଗାମୁଛା ଲଗାଇ ପାଇଖାନା ତାଳଗଡ଼ାଣରେ ଆତ୍ମହତ୍ୟା କରିଛନ୍ତି। ଆତ୍ମହତ୍ୟାର କାରଣ ସଠିକ ଜଣାପଡ଼ି ନାହିଁ। ପୁଲିସ ତଦନ୍ତ କରିବା ପରେ ପ୍ରକୃତ ରହସ୍ୟ ପଦାକୁ ଆସିବ ବାସୁଦେବପୁର ବ୍ଲକର ବିଦେଇପୁର ଗଦି ଗ୍ରାମର ସାଗର ଦାସ (୫୯) ନାମକ ବୃଦ୍ଧ ୨୦୨୩ ମସିହାରୁ ଘର ପରିବାର ଛାଡି ଅପର୍ତ୍ତିପୁର ବୃଦ୍ଧାଶ୍ରମରେ ରହି ଆସୁଥିଲେ। ପାରିବାରିକ ଜୀବନରୁ ଦୂରେଇ ଆସି ଜରାଶ୍ରମରେ ଦିନ କାଟୁଥିଲେ। ପୁଅ ବୋହୂଙ୍କ ନିର୍ଯାତନା ହେଉ କି ନିଜେ ସାଗର ଦାସ ପରିବାର ସହିତ ନିଜକୁ ଖାପ ଖୁଆଇ ଚଳି ନପାରିବାରୁ ଘର ଛାଡି ଜରାଶ୍ରମକୁ ଆପଣେଇ ନେଇଥିଲେ। ବେଶ କିଛି ବର୍ଷ ହେଲା ଦିନ କାଟୁଥିଲେ। ମଝିରେ ମଝିରେ ଘରକୁ ଯାଇ ବୁଲି ଆସୁଥିଲେ। ତେବେ ମୁଣ୍ଡ ଝାଳ ତୁଣ୍ଡରେ ମାରି ଯେଉଁମାନଙ୍କୁ ବଡ ମଣିଷ କରିଥିଲେ ସେ ପୁଅ ବୋହୁ ସାତପର କରିଦେଲେ। ଶେଷରେ ଘର ଛାଡି ଉଡି ଆସିଲେ ଜରାଶ୍ରମକୁ। ଯେଉଁଠି ଶେଷ ଜୀବନ ଚାଲିଗଲା। ସାଗର ଦାସ ଗତକାଲି ପରିବାର ବଡ ପୁଅ ସହିତ ଫୋନ. ଯୋଗେ କଥା ହୋଇଥିଲେ। ରାତିରେ ଖାଇ ଅନ୍ତେବାସୀଙ୍କ ସହିତ ଶୋଇଥିଲେ। ବିଳମ୍ବିତ ରାତ୍ରିର ପାଇଖାନା ଘରେ ଗାମୁଛା ଲଗାଇ ଆତ୍ମହତ୍ୟା କରିଛନ୍ତି। ଶୋଇଥିବା ଖଟ ପାଖ ଅନ୍ତେବାସୀ ସାଗର ଅନୁପସ୍ଥିତ ଦେଖି ପାଇଖାନା ଘରେ ଡାକିଥିଲେ। ଡାକ ନ ଶୁଣିବାରୁ କବାଟ ଝିଞ୍ଜିରି ଖୋଲି ଦେଖିବା ବେଳକୁ ସାଗର ଦାସ ଆତ୍ମହତ୍ୟା କରିଛନ୍ତି। ଏହି ବୃଦ୍ଧାଶ୍ରମକୁ ନୂହାସ ନାମକ ସାମାଜିକ ସଙ୍ଗଠନ ପରିଚାଳନା କରୁଛନ୍ତି। ଜରାଶ୍ରମର କର୍ମଚାରୀ ଓ ଅନ୍ତେବାସୀ କହିଛନ୍ତି ଏଠି କିଛି ଆସୁବିଧା ନାହିଁ। ଘରୋଇ କାରଣରୁ ଆତ୍ମହତ୍ୟା କରିଥାଇ ପାରନ୍ତି ବୋଲି ଆଲୋଚନା ହେଉଥିବାର ଶୁଣିବାକୁ ମିଳୁଛି। ପୁଲିସ ଘଟଣାର ତଦନ୍ତ କଲେ ପ୍ରକୃତ କଥା ପଦାକୁ ଆସିବ।

# ରାଜେନ୍ଦ୍ରପୁର ବିଦ୍ୟାଳୟରୁ ଚୋରି

**ବାରିକପୁର, ୨୨।୭(ସମିସ):** ଭଣ୍ଡାରିପୋଖରୀ ବ୍ଲକ ନିର୍ଗୁଣ୍ଡି ପଞ୍ଚାୟତ ରାଜେନ୍ଦ୍ରପୁର ସରକାରୀ ବିଦ୍ୟାଳୟରୁ ଚୋରି ହୋଇଥିବା ଧାମନଗର ଥାନାରେ ଅଭିଯୋଗ ହୋଇଛି। ଏହା ପୂର୍ବରୁ ମଧ୍ୟ ଉକ୍ତ ବିଦ୍ୟାଳୟରୁ ଚୋରି ହୋଇଥିଲା। ଅନୁରୂପ ଭାବେ ଗତକାଲି ବିଳମ୍ବିତ ରାତିରେ କେହି ଦୁର୍ବୃତ୍ତ ବିଦ୍ୟାଳୟ ତାଲା ଭାଙ୍ଗି ଡ଼ାକବାଜି ଯନ୍ତ୍ର, ମଧ୍ୟାହ୍ନ ଭୋଜନ ଚାଉଳ ସହିତ ଅନ୍ୟାନ୍ୟ ସାମଗ୍ରୀ ଚୋରିକରି ନେଇଛି। ଏ ନେଇ ପ୍ରଧାନ ଶିକ୍ଷକ ପ୍ରଶାନ୍ତ ଜେନା ଓ ପରିଚାଳନା କମିଟି ସଭାପତି ସରୋଜ ଯେନା ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ପୁଲିସ ଘଟଣା ସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଥିଲେ ସୁଦ୍ଧା ଚୋରଙ୍କ ସମ୍ପର୍କରେ କୌଣସି ସୁରାକ ପାଇନାହିଁ। ସାଇଣ୍ଟିଫିକ ଟିମ ଓ ସନ୍ଧାନୀ କୁକୁର ପହଞ୍ଚି ତଦନ୍ତ କରିବାକୁ ଗ୍ରାମବାସୀ ଦାବି କରିଛନ୍ତି।



## ସ୍ଥାନାନ୍ତର ହେବ ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଓ ଚକବନ୍ଦୀ କମିଶନଙ୍କ ଅଦାଲତ

# କଚେରୀ ହତାର ଐତିହ୍ୟ ବଜାୟ ରଖିବାକୁ ଆଇନଜୀବୀଙ୍କ ଦାବି



**ଭଦ୍ରକ, ୨୨।୭(ସମିସ):** ଗତ ୧୯୦୫ ମସିହାରେ ସ୍ଥାପିତ ଭଦ୍ରକ କୋର୍ଟ ନଲାଙ୍ଗରେ ନବନିର୍ମିତ ପରିସରକୁ ସ୍ଥାନାନ୍ତର ହୋଇଯିବା ପରେ ପୁରୁଣା କୋର୍ଟ ପରିସର ଏକପ୍ରକାର ପରିତ୍ୟକ୍ତ ହୋଇଛି। ଏପଟେ ପୁରୁଣା କୋର୍ଟ ପରିସରରେ ଚାଲୁଥିବା ଉପ ଜିଲ୍ଲାପାଳ ତଥା ସବ୍ ଡିଭିଜନାଲ ମାଜିଷ୍ଟ୍ରେଟଙ୍କ କାର୍ଯ୍ୟାଳୟ, ଚକବନ୍ଦୀ ଅତିରିକ୍ତ କମିସନରଙ୍କ ଅଦାଲତକୁ ମଧ୍ୟ ଅନ୍ୟତ୍ର ସ୍ଥାନାନ୍ତର ଲାଗି ପ୍ରଶାସନିକ ଉଦ୍ୟମ ଆରମ୍ଭ ହୋଇଛି। ଏପରିସ୍ଥଳେ ପୁରୁଣା କୋର୍ଟ ପରିସର (କଚେରୀ ହତା)ର ଐତିହ୍ୟ ସତା ହରାଇବାର ଆଶଙ୍କା ସୃଷ୍ଟି ହୋଇଛି। ସୂଚନାଯୋଗ୍ୟ, ଉପ-ଜିଲ୍ଲାପାଳଙ୍କ କାର୍ଯ୍ୟାଳକୁ ଭଦ୍ରକ ଆର୍‌ଏମ୍‌ସି କ୍ୟାମ୍ପସ୍‌କୁ ଓ ଚକବନ୍ଦୀ କାର୍ଯ୍ୟାଳୟକୁ କୋରକୋରାକୁ ସ୍ଥାନାନ୍ତର ହେବାକୁ ଯୋଜନା ହୋଇଛି। ଏପରି ହେଲେ ପୁରାତନ ଐତିହ୍ୟର ସୁରକ୍ଷା ତଥା ଏହାକୁ ଉଜ୍ଜୀବିତ କରିବା ଲାଗି ଉଦ୍ୟମ ହେବା ଦରକାର ବୋଲି ଭଦ୍ରକ ଓକିଲ ସଂଘର ସଭାପତି ସନ୍ତୋଷ କୁମାର ଆଚାର୍ଯ୍ୟ, ଆଇନଜୀବୀ ସହିଲ ଅହମ୍ମଦ, ସୌରେଶ ମହାନ୍ତୀ, ଗୌରାଙ୍ଗ ନାୟକ, ତାହୋର ଅହମ୍ମଦ, ସନ୍ତୋଷ ମହାନ୍ତି, ସୂର୍ଯ୍ୟ ମିଶ୍ର, ଦୁର୍ଯ୍ୟୋଧନ ବେହେରା, ଚକ୍ରଧର ରାଉତ, କିଶୋର ବଳ, ଉପେନ୍ଦ୍ର ପାଢ଼ୀ, ସୁଧାଂଶୁ ଧଳ, ଗୋପାଳ ମୈକାପ, ସେକ ଅଲ୍ଲି ଅକତାର, ସଞ୍ଜୟ ଦାସ, ନାରାୟଣ ଚନ୍ଦ୍ର ସାହୁ, ବସନ୍ତ ମହାନ୍ତିଙ୍କ ସମେତ ବହୁ ଆଇନଜୀବୀ ଦାବି କରିଛନ୍ତି। ସ୍ଥାନାନ୍ତର ହେଲେ ଲୋକେ ଯାତାୟତରେ ଦୁର୍ଦ୍ଦଶା ଭୋଗିବା ନିଶ୍ଚିତ ବୋଲି ଅଭିଯୋଗ କରିଛନ୍ତି। ଏହିକ୍ରମରେ ଉକ୍ତ କୋର୍ଟ ପରିସରରେ ପୁରୁଣା ବଜାର ଥାନା ଲାଗି ଏକ ବିଚାର ବିଭାଗୀୟ କୋର୍ଟ (ଜେଏମଏଫସି) ସ୍ଥାପନ ଲାଗି ଦାବି ହୋଇଛି। ଏଥିସହିତ ଏକ ବିଦ୍ୟୁତ କୋର୍ଟ ଏବଂ ଭିଜିଲାନସ କୋର୍ଟ ସ୍ଥାପନ ଲାଗି ଦାବି କରାଯାଇଛି। ତେବେ ଉପ ଜିଲ୍ଲାପାଳଙ୍କ ଦପ୍ତର ଓ ଚକବନ୍ଦୀ ଅତିରିକ୍ତ କମିସନରଙ୍କ କାର୍ଯ୍ୟାଳୟ ଅନ୍ୟତ୍ର ସ୍ଥାନାନ୍ତର କରାଗଲେ ଜନ ଆନ୍ଦୋଳନ ହେବ ବୋଲି ଚେତାଇ ଦିଆଯାଇଛି। ଅନ୍ୟପକ୍ଷରେ ଏହି ସ୍ଥାନାନ୍ତର ନେଇ ଜିଲ୍ଲାପାଳ ଦିଲୀପ ରାଉତରାଏଙ୍କୁ ପଚାରିବାରୁ ରିନୋଭେସନ ଲାଗି ଏହି ପ୍ରୟାସ ହୋଇଥିବା କହିଛନ୍ତି।

# ସୂଚନା ଅଧିକାର କର୍ମୀଙ୍କୁ ସରପଞ୍ଚଙ୍କ ଧମକ

**ଭଦ୍ରକ, ୨୨।୭(ସମିସ):** ସୂଚନା ଅଧିକାର କର୍ମୀଙ୍କୁ ବିଜେପି ସରପଞ୍ଚଙ୍କ ହତ୍ୟା ଧମକ। ଆର୍‌ଟିଆଇ ମାଗିବାରୁ ହତ୍ୟା ଧମକ ଦେଇଛନ୍ତି ସରପଞ୍ଚ। ଏଭଳି ଏକ ଘଟଣା ଘଟିଛି ଖୋଦ ଉଚ୍ଚଶିକ୍ଷା ମନ୍ତ୍ରୀଙ୍କ ନିର୍ବାଚନମଣ୍ଡଳୀରେ। ଭଦ୍ରକ ବ୍ଲକ କଲେଇ ପଞ୍ଚାୟତରେ ସୂଚନା ଅଧିକାର କର୍ମୀ ପ୍ରମୋଦ ବେହେରା ଧାମନଗର ବ୍ଲକର କୌଣସି ଏକ କାର୍ଯ୍ୟ ସମ୍ପର୍କରେ ଆର୍‌ଟିଆଇରୁ କିଛି ତଥ୍ୟ ମାଗିଥିଲେ। ସେ ଦଳାଙ୍ଗ ପଞ୍ଚାୟତରେ ପୋଖରୀ ହୁଡାରେ ମୋ ପୋଖରୀ କାର୍ଯ୍ୟ ହେବା ନେଇ ସୂଚନା ମାଗିଥିଲେ। ଯେଉଁଥିରେ ଉତକ୍ଷିପ୍ତ ହୋଇ ଧାମନଗର ବ୍ଲକ ରାଧାବଲ୍ଲଭପୁର ପଞ୍ଚାୟତ ସରପଞ୍ଚ ପ୍ରୀତମ ଦାସ ଫୋନ ମାଧ୍ୟମରେ ବିଭିନ୍ନ ଗାଳିଗୁଲଜ କରିବା ସହିତ 'ତତେ ଜିଅନ୍ତା ଫାଡି ଦେବି' ବୋଲି ହତ୍ୟା ଧମକ ଦେଇଥିବା ଅଭିଯୋଗ ହୋଇଛି। ଏପରିକି ବିଜେପି ସମର୍ଥିତ ସରପଞ୍ଚଙ୍କ ହତ୍ୟା ଧମକର ଅଡିଓ ସୋସିଆଲ ମିଡ଼ିଆରେ ଭାଇରାଲ ହେବାରେ ଲାଗିଛି। ଘଟଣାକୁ ନେଇ ପ୍ରମୋଦ ବେହେରା ଧାମନଗର ଥାନାରେ ଲିଖିତ ଅଭିଯୋଗ କରିବା ପରେ ପୁଲିସ ଘଟଣାରେ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ ଆରମ୍ଭ କରିଛି।

# ବିଡ଼ି ପାଇଁ ପିଟିପିଟି ହତ୍ୟା ଘଟଣା; ୨ ଅଭିଯୁକ୍ତ ଗିରଫ



**ଭଦ୍ରକ, ୨୨।୭(ସମିସ):** ସାମାନ୍ୟ ବିଡି ପାଇଁ ହତ୍ୟା। ଏଭଳି ଅଭାନୀୟ ଘଟଣା ଦେଖିବାକୁ ମିଳିଛି ଭଦ୍ରକ ଜିଲ୍ଲା ସାବରଙ୍ଗ ଥାନା ଅଧିନ ଇଚ୍ଛାପୁରଠାରେ ଗୋଲକ ମଣ୍ଡଳ (୫୦) ହତ୍ୟାକାଣ୍ଡର ପରଦା ଉଠାଇ ସୂଚନା ଦେଇଛି ସାବରଙ୍ଗ ପୁଲିସ। ପୁଲିସ ସୂଚନାନୁଯାୟୀ, ସାମାନ୍ୟ ଗୋଟିଏ ବିଡି ମାଗିବାକୁ ନେଇ ହୋଇଥିଲା ମାରପିଟ। ମାରପିଟର ୧୨ ଦିନ ପରେ ଚାଲିଗଲା ଗୋଲକଙ୍କ ଜୀବନ। ଘଟଣା ଘଟିଛି ଭଦ୍ରକ ଜିଲ୍ଲା ସାବରଙ୍ଗ ଥାନା ଇଚ୍ଛାପୁର ଅଞ୍ଚଳର ଭବାନୀବିନ୍ଧା ଗ୍ରାମରେ। ଚଳିତ ମାସ ୯ ତାରିଖରେ ଇଚ୍ଛାପୁର ଛକ ନିକଟରେ ସାମାନ୍ୟ ବିଡିଟିଏ ପାଇଁ ବଚସାକୁ ନେଇ ଭବାନୀବିନ୍ଧା ଗ୍ରାମର ଗୋଲକ ମଣ୍ଡଳଙ୍କୁ ବ୍ରହ୍ମପୁର ଗ୍ରାମର ରୁଗା ଅରଖ ଓ ବାଘ ଅରଖ ପ୍ରବଳ ପିଟାପିଟି କରିଥିଲେ। ପରେ ଗୋଲକଙ୍କୁ ଭଦ୍ରକ ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ଗୋଲକଙ୍କ ଛାତିରେ ଯନ୍ତ୍ରଣା ଅନୁଭବ ହେଉଥିଲେ ମଧ୍ୟ ଭଦ୍ରକ ମେଡ଼ିକାଲରେ ଥିବା ଡାକ୍ତର କୌଣସି ପରୀକ୍ଷା ନିରୀକ୍ଷା ନ କରି କେବଳ ମେଡ଼ିସିନ ଇଞ୍ଜେକ୍ସନ ଦେଇ ବିଦା କରିଥିଲେ। ମାତ୍ର ଗତ ୨୦ ତାରିଖରେ ତାଙ୍କ ଛାତିରେ ପ୍ରବଳ ଯନ୍ତ୍ରଣା ହେବାରୁ ଭଦ୍ରକ ମେଡିକାଲରେ ପୁନର୍ବାର ଭର୍ତ୍ତି କଲା ପରେ ଛାତି ହାଡ଼ ଭାଙ୍ଗିଥିବା ଜଣାପଡ଼ିଥିଲା। ପରେ ଯନ୍ତ୍ରଣାରେ ଛଟପଟ ହୋଇ ଗୋଲକଙ୍କ ମୃତ୍ୟୁ ହୋଇଥିଲା ଏପେଇ ସାବରଙ୍ଗ ଥାନାରେ ଅଭିଯୋଗ କରିବା ପରେ ପୁଲିସ ସମ୍ପୃକ୍ତ ୨ଅଭିଯୁକ୍ତଙ୍କୁ ଗିରଫ କରିଛି। ଏନେଇ ସଦର ଏସଡିପିଓ ବିଚିତ୍ରାନନ୍ଦ ସେଠୀ ଓ ସାବରଙ୍ଗ ଆଇଆଇସି ଉମାକାନ୍ତ ନାୟକ ସୂଚନା ଦେଇଛନ୍ତି।

# ନାବାଳିକାର ଆତ୍ମହତ୍ୟା

**ବାସୁଦେବପୁର, ୨୨।୭(ସମିସ):** ବାସୁଦେବପୁର ପୌରପାଳିକାର ଷଣ୍ଢଗଡ଼ା ଗାଁର ଯୁକ୍ତ ଦୁଇରେ ପଢୁଥିବା ନାବାଳିକା ପ୍ରେମରେ ବିଫଳ ହୋଇ ଆତ୍ମହତ୍ୟା କରିଥିବା ଅଭିଯୋଗ ହୋଇଛି। ଷଣ୍ଢଗଡ଼ାର ନାବାଳିକା ଯୁବତୀ ଯୁକ୍ତ ଦୁଇ ୨ୟ ବର୍ଷର ଛାତ୍ରୀ ଓ ମନ୍ଦାରୀ କଲେଜ ଅଧ୍ୟୟନ କରୁଥିଲା। ଯୁବକଙ୍କ ସହିତ ପ୍ରେମ ସମ୍ପର୍କ ଗଢିଉଠିଛି। ପ୍ରେମ ସମ୍ପର୍କରେ ଅଦିନିଆ ଝଡ ସବୁ ଓଲଟପାଲଟ ହୋଇଗଲା। ନାବାଳିକା ଯୁବତୀ ଜଣକ ଘରେ ତା' ନିଜ ହାତକୁ କାଟିଛି। ପରେ ଘରେ ରଶି ଲଗାଇ ଆତ୍ମହତ୍ୟା କରିଛି। ପରିବାର ଲୋକ ସଞ୍ଜ୍ଞାହୀନ ଅବସ୍ଥାରେ ମେଡିକାଲରେ ଭର୍ତ୍ତି କରିଥିଲେ। ଡାକ୍ତର ମୃତ ଘୋଷଣା କରିଥିଲେ। ଘଟଣାର ବାସୁଦେବପୁର ପୁଲିସ ତଦନ୍ତ କରି ଏକ ସୁଇସାଇଡ ନୋଟ୍ ଜବତ କରିଛି ବୋଲି ବିଶେଷ ସୂତ୍ରରୁ ଜଣାଯାଇଛି। ପୁଲିସ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି।

# ବିପୁଳ ଚୋରାବାଲି ମହଜୁଦ; ଜବତ ପାଇଁ ଜିଲ୍ଲାପାଳଙ୍କୁ ଗୁହାରି



**ଭଣ୍ଡାରିପୋଖରୀ, ୨୨।୭(ସମିସ):** ଭଣ୍ଡାରିପୋଖରୀ ଥାନା ଅଞ୍ଚଳରେ ସବୁଠି ବିପୁଳ ଚୋରା ବାଲି ମହଜୁଦ କରି ରଖିଛନ୍ତି ବାଲିମାଫିଆ। ଖରାଦିନ ଅପେକ୍ଷା ବର୍ଷା ଦିନେ ବାଲିବେପାରରୁ ଅଧିକ ଲାଭ ମିଳେ। ଏହି ସୁଯୋଗକୁ ହାତଛଡା କରିନାହାନ୍ତି ବାଲିମାଫିଆ। ସର୍ବସାଧାରଣ ପଡ଼ିଆ, ବ୍ୟକ୍ତିଗତ ଜମି, ରାସ୍ତାପାର୍ଶ୍ୱ ଆଦି ସ୍ଥାନରେ ଚୋରାବାଲିର ସମ୍ଭାର। ଖରାଦିନେ ଟ୍ରାକ୍ଟର ବାଲି ଟ୍ରିପକୁ ହଜାରରୁ ୧୨ଶହ ନେଉଥିବା ବେଳେ ବାଲିମାଫିଆମାନେ ବର୍ଷାଦିନେ ୩ ହଜାର ପର୍ଯ୍ୟନ୍ତ ନେଉଛନ୍ତି। ଭଦ୍ରକର ତତ୍‌କାଳୀନ ଅତିରିକ୍ତ ଉପଜିଲ୍ଲାପାଳ ଶରତ ଚନ୍ଦ୍ର ବିଶ୍ୱାଳ ମୁଢାପଦା ଓ ମଣିନାଥପୁର ବାଲିକୁ ଜବତ କରିବା ସହ ନିଲାମ କରିଦେଇଥିଲେ। ତାହା ପରଠୁ ମହଜୁଦ ବାଲି ଉପରେ କୌଣସି କାର୍ଯ୍ୟାନୁଷ୍ଠାନ ହୋଇନାହିଁ। ସୁରେଶ ଚନ୍ଦ୍ର ସାମଲ, ଆଶିଷ ରଞ୍ଜନ ପତି, ପ୍ରଫୁଲ୍ଲ ସାହୁ, ପ୍ରଶାନ୍ତ କୁମାର ସାହୁ, ନବକିଶୋର ବିଶ୍ୱାଳ, ପ୍ରକାଶ କୁମାର ସାହୁ ପ୍ରମୁଖ ଗତ ସୋମବାର ଜିଲ୍ଲାପାଳଙ୍କ ଅଭିଯୋଗ ଶୁଣାଣି ପ୍ରକୋଷ୍ଠରେ ଏହି ଅଭିଯୋଗ ଆଗତ କରି କାର୍ଯ୍ୟାନୁଷ୍ଠାନ ଦାବି କରିଥିଲେ। ପୁରିପଡ଼ା ଗ୍ରାମର ଖାନା ନଂ ୨୮୧/୨୨୭ ଓ ପ୍ଲଟ ନଂ ୧୪୨ରେ ବିପୁଳ ପରିମାଣର ବାଲି ମହଜୁଦ ହୋଇଛି। ହଜୁଦ ସମସ୍ତ ବାଲି ଜବତ କରିବା ସହ ନିଲାମ ପାଇଁ ତୁରନ୍ତ ପଦକ୍ଷେପ ଗ୍ରହଣ କରିବାକୁ ଜିଲ୍ଲାପାଳ ଦିଲ୍ଲିପ ରାଉତରାୟ ତହସିଲଦାରଙ୍କୁ ନିର୍ଦ୍ଦେଶ ଦେଇଥିଲେ।

# ସାଳନ୍ଦୀ ଆଁରେ ଅମରସିଂପୁର ଗାଁ

**ବନ୍ତ/ଆଗରପଡ଼ା, ୨୨।୭(ସମିସ)**



## ରିଂ ବନ୍ଧ ନ ଥିବାରୁ ସଂକୁଚିତ ହେଉଛି ଗାଁ ପରିସୀମା

ବନ୍ତ ବ୍ଲକ ଅଧୀନ ଅମରସିଂପୁର ଗ୍ରାମ ସାଳନ୍ଦୀ ନଦୀରେ ଲୀନ ହେବ ବୋଲି ଗ୍ରାମବାସୀଙ୍କ ମନରେ ଆଶଙ୍କା ସୃଷ୍ଟି ହୋଇଛି। ଗ୍ରାମର ଲୋକସଂଖ୍ୟା ପାଖାପଖି ୪ଶହରୁ ଅଧିକ ହେବ। ଗାଁ ପାର୍ଶ୍ୱଦେଇ ସାଳନ୍ଦୀ ନଦୀ ପ୍ରବାହିତ। ନଦୀର ବାରମ୍ବାର ଗତିପଥ ପରିବର୍ତ୍ତନ ସହ ରିଂ ବନ୍ଧ ନଥିବାରୁ କ୍ରମଶଃ ଗାଁ ପରିସୀମା ସଙ୍କୁଚିତ ହେବାରେ ଲାଗିଛି। ଗାଁ ସାରା ଏହାରି ପ୍ରଭାବରେ ଅତଡ଼ା ଖସି ମାଟି ଗୁଡ଼ିକ ଧୋଇଗଲାଣି। ଯଦ୍ୱାରା ଲୋକମାନେ ନଦୀ ପାର୍ଶ୍ୱକୁ ଯିବା ଆଉ ସମ୍ଭବପର ହେଉନାହିଁ। ନଦୀରେ ସାମାନ୍ୟ ଜଳପତ୍ତନ ବୃଦ୍ଧି ପାଇଲେ ଗାଁ ମଧ୍ୟକୁ ବାରମ୍ବାର ନଦୀ ପାଣିପଶି ଘରଦ୍ୱାର ଭାଙ୍ଗିରୁଜି ଯିବାସହ ଫସଲହାନୀ ଘଟୁଛି। ନଦୀକୂଳରେ ଥିବା ଅମରସିଂପୁର ଗ୍ରାମର କିଛି ବାସିନ୍ଦାଙ୍କ ପାଳଗୁଡ଼ିକ ନଦୀ ମଧ୍ୟରେ ଲୀନ ହୋଇସାରିଲାଣି। ଏଥିସହିତ ଲୋକମାନଙ୍କ ବାସଗୃହ ଆଡ଼କୁ ନଦୀମାଡ଼ି ଆସିଲାଣି। ସାମାନ୍ୟ ବର୍ଷା ପାଣିରେ ନଦୀ ଜଳ ପତ୍ତନ ବୃଦ୍ଧି ପାଇଲେ ବନ୍ୟା ଆଶଙ୍କାରେ ଗ୍ରାମବାସୀଙ୍କ ନିଦ ହଜିଯାଉଛି। ନିର୍ଦ୍ଦିଷ୍ଟ କିଛି ଘାଟ ଆଉ ରହୁ ନଥିବାରୁ ଲୋକେ ନଦୀକୁ ଆଉଯାଇପାରୁ ନାହାଁନ୍ତି। ଯଦ୍ୱାରା ଏହି ଜଳ ଆଉ ଲୋକଙ୍କ କୌଣସି କିଛି କାର୍ଯ୍ୟରେ ଲାଗିପାରୁ ନାହିଁ। ତତ୍କାଳୀନ କେନ୍ଦ୍ର ଜଳସମ୍ପଦ ମନ୍ତ୍ରୀ ଅର୍ଜୁନ ସେଠୀଙ୍କୁ ଗାଁ ଲୋକମାନେ ସାକ୍ଷାତ୍ କରି ଏହି ସମସ୍ୟା ବିଷୟରେ ଅବଗତ କରିଥିଲେ। ସାଳନ୍ଦୀ ସଂସ୍କାର ଯୋଜନାରେ ରିଂବନ୍ଧ କରାଯିବ ବୋଲି ଶ୍ରୀ ସେଠୀ ପ୍ରତଶ୍ରୁତି ଦେଇଥିଲେ। ମାତ୍ର ସେବେଠାରୁ ସମସ୍ତଙ୍କ ନଜର ଆଢୁଆଳରେ ରହିଯାଇଛି ଉକ୍ତ ଗାଁ। ଅନୁରୂପ ଭାବେ ଶ୍ରୀରାମପୁର, ଗୋପିନାଥପୁର, କାଣ୍ଡବା, ସାହୁପଡ଼ା, ମାର୍କଣ୍ଡପୁର, ତାଜିପୁର, ମହାନ୍ତିପଡ଼ା, ହଳଦୀପହଣୀ, କାନପୁର ଆଦି ଗ୍ରାମ ମଧ୍ୟ ସାଳନ୍ଦୀରେ ଲୀନହେବାର ସମ୍ଭାବନା ସୃଷ୍ଟି ହୋଇଛି। ଏଥିପ୍ରତି ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷ ଦୃଷ୍ଟି ଦେବାକୁ ସ୍ଥାନୀୟ ଗ୍ରାମବାସୀ ଦାବି କରିଛନ୍ତି।